ଭାରତୀୟ ସଂବିଧାନରେ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ପାଇଁ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା ଅଛି । ଏହା ସତ୍ତ୍ୱେ ଆଦିବାସୀ ଭାଷା ଗୁଡିକୁ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସ୍ଥାନ ଦିଆଯାଇ ନାହିଁ ଏବଂ ଆଦିବାସୀ ପିଲାମାନଙ୍କୁ ଆଞ୍ଚଳିକ ପ୍ରମୁଖ ଭାଷା ଯଥା ହିନ୍ଦୀ ଓ ଓଡିଆରେ ପଢ଼ିବା ପାଇଁ ବାଧ୍ୟ କରାଯାଉଛି । ପାଠ୍ୟ ଭାଷାକୁ ବୁଝିବା ପାଇଁ ସେମାନଙ୍କୁ ଦୁଇରୁ ତିନି ବର୍ଷ ସମୟ ଲାଗିଯାଏ । ଭାଷାର ଏହି ପ୍ରତିବନ୍ଧକ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ବାଧ୍ୟକରେ । ପଞ୍ଚମ ଶ୍ରେଣୀ ବେଳକୁ ୫୦% ପିଲା ସ୍କୁଲ ଛାଡିଥାନ୍ତି ଏବଂ ଦଶମ ଶ୍ରେଣୀ ବେଳକୁ ୮୦% ପିଲା ସ୍କୁଲ ଛାଡି ସାରିଥାନ୍ତି । ସ୍କୁଲରେ ନାମ ଲେଖାଇବା ୧୦୦ ଜଣ ଆଦିବାସୀ ପିଲାଙ୍କ ଭିତରୁ ମାତ୍ର ୨୦ ଜଣ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥାନ୍ତି ଏବଂ ସେମାନଙ୍କ ମଧ୍ୟରୁ ମାତ୍ର ଆଠ ପ୍ରତିଶତ ପାସ୍ କରନ୍ତି । ପ୍ରମୁଖ ଭାଷା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ଯୋଗୁଁ ୯୨% ଛାତ୍ର କ୍ଷତିଗ୍ରସ୍ତ ହୋଇଥାନ୍ତି । ଯେଉଁ ଶିକ୍ଷା ପିଲାମାନଙ୍କର ମାତୃଭାଷାକୁ ବିକଶିତ କରାଇପାରେ ନାହିଁ ତାହା ବ୍ୟର୍ଥ । ଏହା ପିଲାର ମାତୃଭାଷା ଏବଂ ସଂସ୍କୃତି ଉପରେ ନାକାରାତ୍ମକ ପ୍ରଭାବ ପକାଇଥାଏ । ମାତୃଭାଷାରେ ଶିକ୍ଷା ଅନ୍ୟ ଯେ କୌଣସି ଭାଷା ମାଧ୍ୟମରେ ଶିକ୍ଷା ଅପେକ୍ଷା ଉତ୍ତମ । ଭାରତ ଭଳି ବହୁଭାଷୀ ରାଷ୍ଟ୍ରରେ ପିଲାମାନଙ୍କୁ ଆଞ୍ଚଳିକ, ଜାତୀୟ, ଆନ୍ତଜାତୀୟ ଯୋଗାଯୋଗ ପାଇଁ ଭାଷା ଶିଖିବା ଆବଶ୍ୟକ । ବହୁଭାଷୀ ଶିକ୍ଷା ବ୍ୟବସ୍ଥା ମାତୃଭାଷାର ଶକ୍ତ ମୂଳଦୁଆକୁ ଆଧାରକରି ବହୁଭାଷା ଶିକ୍ଷାର ଦକ୍ଷତା ବଢ଼ାଇଥାଏ । ବହୁଭାଷୀ ଶିକ୍ଷାକୁ ସାରା ବିଶ୍ୱରେ ମୂଲ୍ୟାୟନ କରାଯାଇ କୁହାଯାଇଛି ଯେ ଶ୍ରେଣୀ ଶିକ୍ଷା ସ୍ତରର ମାନ ବଢ଼ାଇବାରେ ଏହା ଖୁବ୍ ଫଳପ୍ରଦ।

ଭାରତର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆଦିବାସୀ ପିଲାଙ୍କ ଭାଷା ପ୍ରତିକୂଳ ସମସ୍ୟାକୁ ଆଧାର କରି ଆରମ୍ଭ କରାଯାଇଛି । ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ଆନ୍ଧ୍ରପ୍ରଦେଶରେ ୨୦୦୪ ମସିହାରେ ଆଠଟି ଆଦିବାସୀ ମାତୃଭାଷାକୁ ନେଇ ୨୪୫ଟି ସ୍କୁଲରେ ପ୍ରଚଳନ କରାଯାଇଛି ଏବଂ ଓଡିଶାରେ ୨୦୦୬ ମସିହାରେ ଦଶଟି ଆଦିବାସୀ ମାତୃଭାଷାକୁ ନେଇ ୧୬୫ ଟି ସ୍କୁଲରେ ପ୍ରଚଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାତୃଭାଷା (ପ୍ରଥମ ଭାଷା) କୁ ପାଠ୍ୟ ଖସଡାର ଭାଷା ଏବଂ ପ୍ରାରମ୍ଭିକ ସାକ୍ଷରତାର ମାଧ୍ୟମ ଭାବେ ପ୍ରଚଳନ କରାଯାଇଛି । ଅଧିକାଂଶ କ୍ଷେତ୍ରରେ ଏହି ଆଦିବାସୀ ଭାଷା ଗୁଡିକ ରାଜ୍ୟଭାଷାର ଲିପିରେ ଲେଖାଯାଇଛି । ରାଜ୍ୟର ପ୍ରମୁଖ ଭାଷା (ଦ୍ୱିତୀୟଭାଷା) ତେଲୁଗୁ କିମ୍ବା ଓଡିଆ କହିବାର ଦକ୍ଷତା ବଢ଼ାଇବା ପାଇଁ ଦ୍ୱିତୀୟ ବର୍ଷରୁ ଏବଂ ଲେଖିବା ଓ ପଢ଼ିବାର ଦକ୍ଷତା ବଢ଼ାଇବା ପାଇଁ ତୃତୀୟ ବର୍ଷରୁ ରଖାଯାଇଛି । ରାଜ୍ୟର ପ୍ରମୁଖ ଭାଷାକୁ ପାଠ୍ୟକ୍ରମ ଭାଷା ଭାବେ ଚତୁର୍ଥ ବର୍ଷରୁ ରଖାଯାଇଛି । ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅନୁସାରେ ପିଲାମାନେ ଷଷ୍ଠ ବର୍ଷରୁ ରାଜ୍ୟର ପ୍ରମୁଖ ଭାଷାକୁ ଦୈନନ୍ଦିନ ସ୍କୁଲ ପାଠ୍ୟକ୍ରମରେ ବ୍ୟବହାର କରିବେ । ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସହ ଜଡିତ ଶିକ୍ଷକମାନେ ପଢ଼ାଯାଉଥିବା ଆଦିବାସୀ ଭାଷାଭାଷୀ ଲୋକ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମ ସ୍କୁଲର ସାଧାରଣ ପାଠ୍ୟ ଖସଡାକୁ ଅନୁସରଣ କରିଥାଏ ଏବଂ ଆଦିବାସୀ ସମାଜରେ ସାମାଜିକ ଓ ସାଂସ୍କୃତିକ ଜ୍ଞାନକୁ ପାଠ୍ୟ ଖସଡାରେ ସ୍ଥାନ ଦେବାକୁ ଚେଷ୍ଟା କରିଥାଏ । କୁଇ ଏବଂ ସଉରା ଏହି ଦୁଇ ଆଦିବାସୀ ଭାଷାକୁ ଆଠଟି ସରକାରୀ ବହୁଭାଷୀ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗଖର ଚକ୍ଷଙ୍କଗ୍ଧ-୨ ଭାବରେ କାର୍ଯ୍ୟକ୍ରମ କରାଯାଇଛି, ବହୁଭାଷୀ ଶିକ୍ଷା ପ୍ଲସ୍ ବିଶେଷ ଭାବେ ସାଂସ୍କୃତିକ ଶିକ୍ଷଣ ପ୍ରକ୍ରିୟା (ଉଙ୍କକ୍ଷବ୍ଲଙ୍କକ୍ସବକ୍ଷ ଚରୟବଶକ୍ଟଶଚ), ସଂସ୍କୃତି ଏବଂ ଗୋଷ୍ଠୀ ଆଧାରିତ ପଦ୍ଧତିରେ ସମନ୍ୱିତ ଶ୍ରେଣୀ ଶିକ୍ଷା ଏବଂ ସାଂସ୍କୃତିକ ପରିଚୟ ବିକାଶ କରିବା ଉପରେ ଗୁରୁତ୍ୱ ଦେଇଥାଏ । ବହୁଭାଷୀ ଶିକ୍ଷା ଓ ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମର ମୂଲ୍ୟାୟନ ଦର୍ଶାଇଛି ଯେ ଏହାର ସାକାରାତ୍ମକ ପ୍ରଭାବ ପିଲାମାନଙ୍କ ଶ୍ରେଣୀ ପାଠପଢ଼ା, ସ୍କୁଲ ଉପସ୍ଥାନ, ସହଯୋଗ, ପିତାମାତାଙ୍କ ଆତ୍ମସନ୍ତୋଷ ଓ ଗୋଷ୍ଠୀ ସହଯୋଗ ଉପରେ ପଡିଛି । ଭାରତରେ ଆଦିବାସୀ ପିଲାମାନଙ୍କୁ ସଠିକ ମାନର ଶିକ୍ଷା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇ ଦିଆଯାଉଛି । ଦ୍ୱିତୀୟ ଓ ତୃତୀୟ ଭାଷାର ପ୍ରଚଳନ ବ୍ୟବସ୍ଥାକୁ ଯତ୍ନର ସହିତ ଅନୁଧ୍ୟାନ କରାଯିବା ଉଚିତ । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଓ ସଫଳ କରିବାକୁ ହେଲେ ଅନ୍ତତଃ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାତୃଭାଷା ମାଧ୍ୟମରେ ପାଠ ପଢ଼ାଯିବା ଉଚିତ୍ ।

SWARA, Vol-1, Issue-1

# Mother tongue in Multilingual Education discourse in india

# ଭାରତରେ ମାତୃଭାଷାର ପର୍ଯ୍ୟାଲୋଚନାରେ ବହୁଭାଷୀ ଶିକ୍ଷା

Prof. Minati Panda

ଯଦି ଆମେ ସମସ୍ତେ ଜାଣୁ ଯେ ଘରେ ବ୍ୟବହୃତ ଭାଷାରେ ପିଲାମାନେ ଚିନ୍ତା କରନ୍ତି, କଥା କୁହନ୍ତି ଏବଂ ନିଃସଙ୍କୋଚରେ ମନଭାବକୁ ବ୍ୟକ୍ତ କରିପାରନ୍ତି, ତେବେ ଆମେ ଏହାର ବ୍ୟବହାର ଉପରେ ସଦାବେଳେ ତର୍କ କରି ଏହା ସପକ୍ଷରେ ଯାଇ ପାରୁନା କାହିଁକି ? ପ୍ରାଥମିକ ପର୍ଯ୍ୟାୟ ପାଇଁ ପିଲାର ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ଜାଣିବି କାହିଁକି ଆମେ ଶିକ୍ଷାର ମାଧ୍ୟମକୁ ନେଇ ଆଲୋଚନା କରିଥାଉ ? ଆମ ଶିକ୍ଷାନୀତିର ନଥିପତ୍ରରେ ଏପରି ଗୋଟିଏ ଅତ୍ୟାବଶ୍ୟକ ବିଷୟକୁ କାହିଁକି ଘୋଡାଇ ରଖାଯାଇଛି ? ତ୍ରିଭାଷୀ ସୁତ୍ରକୁ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ଏବଂ ପିଲାର ମାତୃଭାଷା ପରିବର୍ତ୍ତେ ଆଞ୍ଚଳିକ ଭାଷା ଓ ଇଂରାଜୀ ଭାଷାର ପ୍ରସାରଣ ପାଇଁ କାହିଁକି ପ୍ରୟାସ କରାଯାଉଛି ? ଏହାର କାରଣ ରାଜନୀତି ଆଧାରରେ ଖୋଜାଯାଇ ପାରେ ଯେଉଁଠି ଭାରତର ଭାଷା, ଶିକ୍ଷା ଓ ଭାଷା ଅଧିକାରର ଆଲୋଚ୍ୟକୁ କାର୍ଯ୍ୟରେ ପରିଣତ କରାଯାଇ ଥାଏ।

ମାତୃଭାଷା ଶିକ୍ଷାର ପ୍ରଭାବଶାଳୀତା, ବୈଜ୍ଞାନିକ ପଦ୍ଧତିର ଆବେଦନ ସତ୍ତ୍ୱେ ଏବଂ ପିଲାମାନଙ୍କର ଶିଖିବା ଓ ସୃଜନଶୀଳତା ଉପରେ ଏହାର ସାକାରାତ୍ମକ ପ୍ରଭାବ ସତ୍ତ୍ୱେ, ଆମେ ଉଚ୍ଚଶିକ୍ଷା ପାଇଁ ଇଂରେଜୀକୁ ମାଧ୍ୟମ ଭାବେ ଗ୍ରହଣ କରିନେଇଛୁ ଏବଂ ସ୍କୁଲ ଶିକ୍ଷା ଭିତରେ ଅନେକ ସମୟ ବ୍ୟୟ କରି ଏହି ବିଦେଶୀ /ଅପରିଚିତ ଭାଷାକୁ ଶିଖିବାକୁ ପିଲାକୁ ବାଧ୍ୟ କରିଥାଉ । ଆମ ସମାଜର ଜଟିଳ ବହୁଭାଷିତା ସମସ୍ୟାର ଦ୍ୱାହିଦେଇ ଆମେ ଆଜିବି ଶିକ୍ଷାର ମାଧ୍ୟମ ସମସ୍ୟାକୁ ନେଇ ତର୍କ କରୁଛୁ ଏବଂ ଅଧୁନା ଭାରତୀୟ ସମାଜର ମିଥ୍ୟା ଉଚ୍ଚାକାଙ୍କ୍ଷା ପାଇଁ ଇଂରେଜୀ ସପକ୍ଷରେ ମତ ଦେଉ ଯାହା କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ,ଜାମ୍ମୁ ଓ କାଶ୍ମୀରର କେତେକ ରାଜନୈତ ନେତାଙ୍କ ପାଖରୁ ଶୁଣାଯାଇଥିଲା । ଆମେ ଭଲରେ ଜାଣୁ ଯେ ପିଲା ମାତୃଭାଷା କିମ୍ବା ପ୍ରଥମ ଭାଷା ମାଧ୍ୟମରେ ହିଁ ତାର ଧାରଣାକୁ ସ୍ୱଷ୍ଟ ଓ ଗଣିତକୁ ସହଜରେ ଅକ୍ତିଆର କରିଥାଏ କିନ୍ତୁ ଭାରତର ଅଧିକାଁଶ ସ୍କୁଲରେ ପିଲାଙ୍କୁ ନିଜ ଭାଷା ମାଧ୍ୟମରେ ଶିକ୍ଷା ଦେବାର ସୁଯୋଗ ଯୋଗାଇ ଦେବାରେ ଆମେ ବିଫଳ ହୋଇଛୁ।

ଦୁର୍ଭାଗ୍ୟବଶତଃ, ଆମ ଦେଶର ରାଜନୈତିକ ଘୋଷଣା ଗୁଡିକ ପିଲାମାନଙ୍କ ଅଧିକାରର ପର୍ଯ୍ୟାଲୋଚନା କିମ୍ବା ବିଦ୍ୱାନମାନଙ୍କ ମତାମତ ଉପରେ ପର୍ଯ୍ୟାବଶିତ ନୁହେଁ । ଯଦିଓ ଜାତୀୟ ପାଠ୍ୟ ଖସଡା (ଘଉର) ୨୦୦୫, ଟଘରଝଉଙ'ଝ ର ଶିକ୍ଷା ଉପରେ ତିଆରି ହୋଇଥିବା ବିବରଣୀ (୨୦୦୩), ମାନବ ଅଧିକାର ଭାଷାର ଦଲିଲ ଏବଂ ଘଚର ଦୃଢ଼ଭାବେ କୁହେ ଯେ ଯଦି ପିଲାମାନଙ୍କୁ ନିଜ ମାତୃଭାଷା ମାଧ୍ୟମରେ ପଢ଼ାଯାଏ ତେବେ ସେମାନେ ନିଃସଙ୍କଚୋ ଭାବରେ ଶ୍ରେଣୀ ପାଠ୍ୟ ଆଲୋଚନାରେ ଭାଗ ନେଇଥାନ୍ତି । ଅଧୁନା ପ୍ରସ୍ତୁତ ହୋଇଥିବା କଭକ୍ଟଙ୍ଗକ୍ଷରୟଶର ମକ୍ଟଙ୍କଙ୍କସକ୍ଟକ୍ସସକ୍ଟଭ ଙ୍କ ଇଂରାଜୀକୁ ଗଣତାନ୍ତ୍ରିକ କରିବା ପ୍ରକ୍ରୀୟା ଭିତରେ ପ୍ରଥମ ଶ୍ରେଣୀରୁ ପଢ଼ାଇବାର ସୁପାରିଶକୁ ସମାଲୋଚନା କରାଯାଇଛି ।

ଆମର କିଛି ରାଜନେତା ଏହି ସବୁ ପ୍ରସ୍ତାବକୁ ଖୁସି ମନରେ ଗ୍ରହଣ କରନ୍ତି କାହିଁକିନା ଏହା ଜନସାଧାରଣଙ୍କୁ ଆକର୍ଷିତ କରିଥାଏ । ଆମେ ଏହି ସମସ୍ୟା ଉପରେ ତର୍କ କରିବାର ମାନସିକ ସାମର୍ଥ୍ୟ ହରାଇଛୁ କାରଣ ଆମେ ବିଶେଷ ସୁବିଧା ପ୍ରାପ୍ତ ପିଲାଙ୍କୁ ନେଇ ବିଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସ୍ଥିର କରି ନେଇଛୁ – ବେସରକାରୀ ଇଂରାଜୀ ମାଧ୍ୟମ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏମିତି ଆହୁରି ଅନେକ, ସାଧାରଣ ସ୍କୁଲ ବ୍ୟବସ୍ଥା ପାଇଁ ହୋଇଥିବା ପ୍ରସ୍ତାବ ପ୍ରତିଟି ପିଲାଙ୍କୁ ନିଃଶୁଳ୍କ ଓ ବାଧ୍ୟତା ମୂଳକ ଶିକ୍ଷା ଅଧିକାର ୨୦୦୯ ହେଉଛି ଗୋଟିଏ ଉଦାହରଣ ଯେଉଁଠୁ ସ୍ୱଷ୍ଟ ହୋଇଯାଏ ପିଲାଙ୍କୁ ଉତ୍ତମ ମାନର ଶିକ୍ଷା ଦେବାର ଆମ ସପଥକୁ ରଖିବାରେ ଆମେ କେତେ ପରିମାଣରେ ଅନଚ୍ଛୁକ ।

ଜାତୀୟ ପାଠ୍ୟ ଖସଡା ୨୦୦୫ ଦ୍ୱାରା ପ୍ରକାଶିତ ତଥ୍ୟରେ ଦର୍ଶାଯାଇଛି ବହୁଭାଷୀତ ଆମର ସମ୍ପଦଏହା ବୋଝ ନୁହେଁ । ସାମାଜିକ ଓ ବ୍ୟକ୍ତିଗତ ବହୁଭାଷୀତାକୁ ଉପଲବ୍ଧି କରି ଜାତୀୟ ପାଠ୍ୟ ଖସଡା ୨୦୦୫ ଯେଉଁ ପଦକ୍ଷେପ ନେଇଥିଲା ତାହାକୁ ନିହାତି ଧନ୍ୟବାଦଦେବା କଥା । ୨୦୦୯ ମସିହାର ପିଲାମାନଙ୍କୁ ନିଃଶୁକ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ ପିଲାମାନଙ୍କୁ ବହୁଭାଷୀତା ଓ ପରିଚୟକୁ ସାବ୍ୟସ୍ତ କରିବାରୁ ପଛକୁ ହଟିଯାଇଛି । ଭାରତୀୟ ଭାଷାର ଶିକ୍ଷା ଉପରେ ଲିଖିତ ଦଲିଲ୍, ଜାତୀୟ ପାଠ୍ୟ ଖସଡା ୨୦୦୫ ଦର୍ଶାଇଛି ଯେ କିପରି ଶ୍ରେଣୀ କକ୍ଷରେ ପିଲାଙ୍କୁ ଏକାଧିକ ଭାଷା ଶିକ୍ଷା ଦିଆଯିବା ଫଳରେ ସେମାନେ ଭାଷାର ପ୍ରକୃତି ଓ ଗଠନକୁ ଉତ୍ତମ ରୂପେ ବୁଝି ପାରିଛନ୍ତି । ଓଡିଶାର ଗଜପତି ଜିଲ୍ଲାର ସଉରା ସ୍କୁଲର ଗଣିତ

ଶିକ୍ଷାକୁ ନେଇ ମୋ ଅଧ୍ୟୟନରୁ ଜଣାପଡିଛି ଯେ ଯେତେବେଳେ ପିଲାମାନଙ୍କୁ ଶ୍ରେଣୀ କକ୍ଷରେ ସଉରା ସଂଖ୍ୟା ଗଣନା ପଦ୍ଧତିକୁ ସାର୍ବଜନୀନ ସଂଖ୍ୟାଗଣନ ପଦ୍ଧତି ସହ ପଢ଼ାଯାଏ ତେବେ ପିଲାମାନେ ଏହି ପଦ୍ଧତିକୁ ଖୁବ୍ ସହଜରେ ବୁଝି ପାରିଥାନ୍ତି । ସଂଖ୍ୟାର ମୂଳ ସୂଚକ ସ୍ଥାନ ବିଷୟରେ ଉତ୍ତମ ରୂପେ ପଢ଼ାଇବାକୁ ହେଲେ କଥିତ ସଂଖ୍ୟା ଗଣନ ପଦ୍ଧତି (ସଉରା ସଂଖ୍ୟା ପଦ୍ଧତି) ଏବଂ ଲିଖିତ ସଂଖ୍ୟା ଗଣନ ପଦ୍ଧତିକୁ ତୁଳନା କରି ପଢ଼ାଯାଇ ପାରିବ । ସପ୍ତମ ଓ ଅଷ୍ଟମ ଶ୍ରେଣୀରୁ ଜଣାପଡିଛି ଯେ ଶ୍ରେଣୀ ଗୃହରେ ବିଭିନ୍ନ ସଉରା ଖେଳ ମାଧମରେ ଗଣିତର ବିଭିନ୍ନ ଧନ୍ଦା / ସୂତ୍ର ପଢ଼ାଇବା ଦ୍ୱାରା ପିଲାମାନେ ଗଣିତକୁ ସହଜରେ ବୁଝିବାରେ ସକ୍ଷମ ହୋଇଥାନ୍ତି । ଆମ ଅଧ୍ୟୟନରୁ ଜଣାଯାଇଛି ଯେ ଏହି ବୌଦ୍ଧିକ ବିକାଶ ଓ ଶିକ୍ଷାର ସୁବିଧା ସହ ଏହି ଶ୍ରେଣୀର ପିଲାମାନେ ବିଭିନ୍ନତା ଓ ବିବିଧତାକୁ ସହଜରେ ଗ୍ରହଣ କରିନିଅନ୍ତି । ଉଭୟ ପିଲା ଓ ଶିକ୍ଷକ ନିର୍ଭିକତାର ସହ କୁହନ୍ତି, ନିଜ ମତାମତକୁ ପରସ୍ପର ସହ ଆଲୋଚନା କରନ୍ତି ଏବଂ ଉଭୟ ମିଶି ଅଧିକ ଶୃଙ୍ଖଳ ଓ ବୈଜ୍ଞାନିକ ମତ ମୂଳକ ଶିକ୍ଷାର ପଦ୍ଧତିକୁ ଆବିଷ୍କାର କରନ୍ତି । ଏହି ଉପାୟରେ ପିଲାର ଜ୍ଞାନ ଓ ଶ୍ରେଣୀକକ୍ଷ ଶିକ୍ଷା ପ୍ରଣାଳୀ ଭିତରେ ସଂପର୍କ ବଢ଼ାଇ ଥାଏ ଯାହା ଫଳରେ ଉତ୍ତମ ବୁଝାମଣା, ସକ୍ରୀୟ ଅଂଶଗ୍ରହଣ ଓ ଜ୍ଞାନର ଉତ୍ତମ ବିକାଶ ହୋଇଥାଏ ।

ତେଣୁକରି ରାଜ୍ୟର ଶିକ୍ଷାନୀତି ଏପରି ଢ଼ାଞ୍ଚାରେ ତିଆରି ହେବା ଉଚିତ ଯେଉଁଥିରେ ପ୍ରତିଟି ପିଲାର ଭାଷା ଓ ସଂସ୍କୃତିକୁ ସ୍କୁଲ ଶିକ୍ଷା ପାଠ୍ୟକ୍ରମରେ ଆରମ୍ଭର କିଛି ବର୍ଷ ପାଇଁ ରଖାଯାଇ ପାରିବ ।

ବହୁଭାଷୀ ଶିକ୍ଷା ସିଦ୍ଧାନ୍ତକୁ ଆଧାର କରି ଗୋଟିଏ ନୂତନ ଶିକ୍ଷାଶାସ୍ତ୍ରର ପନ୍ଥା ଏବଂ ସମାଲୋଚନା ମୂଳକ ଶିକ୍ଷାଶାସ୍ତ୍ରର ବିକାଶ ଆବଶ୍ୟକ, ତେବେ ହିଁ ତାହା ଶ୍ରେଣୀ ଗୃହରେ ପିଲାମାନଙ୍କର ଭାଷା, ସଂସ୍କୃତି ଓ ବୈଶିଷ୍ଟ୍ୟକୁ ଅବହେଳା କରିବାର ସାମର୍ଥ ଉପରେ ଆଧିପତ୍ୟ ବିସ୍ତାର କରିପାରିବ । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଭିତରେ ବର୍ତ୍ତମାନ ଆଞ୍ଚଳିକ ଭାଷା, ଇଂରାଜୀ ଓ ହିନ୍ଦୀ ଭାଷାକୁ ଯୋଗ କରାଯିବା ଉଚିତ୍ ।

SWARA, Vol-1, Issue-1

## Why Mother-Tongue-Based Multilingual Education?
## ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାହିଁକି ?

Prof. Tove Skutnabb-Kangas

ସ୍କୁଲରେ ପ୍ରଥମ ୬ରୁ ୮ ବର୍ଷ ପିଲାଙ୍କୁ ମାତୃଭାଷା ମାଧମରେ ଶିକ୍ଷା ଦିଆଯିବା କାହିଁକି ଆବଶ୍ୟକ ? ସେମାନେ ତାଙ୍କ ମାତୃଭାଷା ତ ଜାଣନ୍ତି ?

ପିଲାମାନେ ଯେତେବେଳେ ସ୍କୁଲ ଆସନ୍ତି, ସେମାନେ ବାସ୍ତବରେ ସବୁ କିଛି ମୁହାଁ ମୁହିଁ ପରିବେଶରେ ସ୍ପଷ୍ଟ ଭାବରେ ନିଜ ମାତୃଭାଷାରେ କଥା କହିପାରନ୍ତି । ସେମାନେ କହୁଥିବା ବସ୍ତୁକୁ ଦେଖିପାରନ୍ତି ଓ ସ୍ପର୍ଶ ବି କରିପାରନ୍ତି । ଯଦି ସେମାନେ ବୁଝି ପାରନ୍ତିନି ତେବେ ସାଙ୍ଗେ ସାଙ୍ଗେ ଅନ୍ୟମାନଙ୍କ ମତାମତ ପାଇଥାନ୍ତି (ମୁଁ ସେଉ କଥା କହୁନାହିଁ, ମୁଁ ତୁମକୁ କଦଳୀ ଆଣିବାକୁ କହୁଛି ) । ସଠିକ ଉଚ୍ଚାରଣ ଓ ଦକ୍ଷତାର ସହ ଭାଷା କହିପାରନ୍ତି । ସେମାନେ ମୌଳିକ ବ୍ୟାକରଣ ଓ ଅନେକ ବ୍ୟବହାର୍ଯ୍ୟ ଶବ୍‌କଦଜାଣନ୍ତି । ନିଜର ମୌଳିକ ଆବଶ୍ୟକତାକୁ ସେମାନେ ମାତୃଭାଷା ମାଧମରେ ବ୍ୟକ୍ତ କରିପାରନ୍ତି; ସାମାଜିକ ସ୍ତରରେ ଭାବ ବିନିମୟ କରିବାର ମୌଳିକ ଦକ୍ଷତା ସେମାନଙ୍କର ରହିଛି । ସ୍କୁଲର ପ୍ରାଥମିକ ସ୍ତରର ଶିକ୍ଷା ପାଇଁ ଏତିକି ହିଁ ଯଥେଷ୍ଟ ଯେଉଁଠି ଶିକ୍ଷକ ପିଲା ଜାଣିଥିବା ବିଷୟରେ ହିଁ କହନ୍ତି । କିନ୍ତୁ ସ୍କୁଲ ପିଲାଙ୍କର ତା ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧିକ ଓ ଭାଷାତାତ୍ତ୍ୱିକ ଜଟିଳ ତତ୍ତ୍ୱର ଆବଶ୍ୟକତା ହୁଏ । ଜଟିଳ ବିଷୟ (ଯଥା ଭୁଗୋଳ, ଇତିହାସ) କିମ୍ବା ଅଜଣା ବିଷୟବସ୍ତୁ (ଯଥା ଗଣିତ, ବୈଜ୍ଞାନିକ ତଥା, ସାଧୁତା, ସଂବିଧାନ, ସ୍ୱଚ୍ଛତା, ଗଣତନ୍ତ୍ର) ଇତ୍ୟାଦିକୁ ବୁଝିବା ଓ କହିବା ଆବଶ୍ୟକ ହୁଏ । ବାସ୍ତବ କାର୍ଯ୍ୟ କରିବା କ୍ଷମତା ନଥାଇ କେବଳ ଭାଷା ଏବଂ ଜଟିଳ ବିଚାର ଦ୍ୱାରା ସେମାନେ ବିଭିନ୍ନ ସମସ୍ୟାର ସମାଧାନ କରିବା ଆବଶ୍ୟକ ହୁଏ (ଯଦିମୁଁ ପ୍ରଥମେ ଇ କରେ ତେବେ ଉ କିମ୍ବା ର ଘଟିପାରେ, ଯଦି ତା ପରେ ମୁଁ କ କୁ ଚୟନ କରେ ଢ ଘଟିପାରେ କିନ୍ତୁ ଣବି ଘଟିପାରେ ; ତେଣୁ ପ୍ରଥମେ ଈକିମ୍ବା ଉକରିବା ଉତ୍ତମ ।) ଏହି ବୈଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ସ୍କୁଲରେ ତୃତୀୟ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚ ମାଧମିକ ସ୍ତର ଏବଂ ପରବର୍ତ୍ତୀ ଜୀବନରେ ମଧ ରହିବା ଆବଶ୍ୟକ ଏବଂ ଏହା ଧୀରେ ଧୀରେ ବିକଶିତ ହୁଏ । ପିଲା ମାତୃଭାଷାରେ ଯାହା ଜାଣିଛି ତାକୁ ଆଧାର କରି ଏହି ଜଟିଳ ତଥ୍ୟକୁ ଧୀରେ ଧୀରେ ବିକଶିତ କରିବା

ଆବଶ୍ୟକ । ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ସାଧାରଣତଃ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ମାଧମରେ ହୋଇଥାଏ । ପିଲାର ସ୍କୁଲ ଆରମ୍ଭରୁ ଯଦି ମାତୃଭାଷାର ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତାକୁ ଅବହେଳା କରାଯାଏ ତେବେ ପିଲା କୌଣସି ଭାଷାରେ ଗଭୀର ବୌଦ୍ଧିକ ଚିନ୍ତା କରିବାର ଦକ୍ଷତା ହାସଲ କରିପାରେ ନାହିଁ।

ଯଦି ଶିକ୍ଷା ବ୍ୟବସ୍ଥାର ଭାଷା ଯାହା ସ୍ୱଦେଶୀ / ଆଦିବାସୀ / ଅଳ୍ପସଂଖ୍ୟକ/ (ଓଞ୍ଚଗ) ପିଲାଙ୍କ ପାଇଁ ଅଜଣା (ଯଥା ଓଡିଆ), ତେବେ ପିଲା ପ୍ରଥମ ୨ ରୁ ୩ ବର୍ଷ ଶ୍ରେଣୀ କକ୍ଷରେ ପାଠ ବିଷୟରେ କିଛି ନ ବୁଝି କେବଳ ବସି ରହେ । ପଢ଼ା ଯାଉଥିବା ବିଷୟ ବସ୍ତୁକୁ ନ ବୁଝି ଭାଷା ସାହାଯ୍ୟରେ ତାହାକୁ ଚିନ୍ତା କରିବାରେ ଅସମର୍ଥ ହୋଇ କେବଳ ଶିକ୍ଷକଙ୍କ କଥା ଗୁଡିକୁ ଦୋହରାଇ ଥାଏ । ଏହି କାରଣ ଯୋଗୁଁ ଅନେକ ଆଦିବାସୀ ପିଲା, ବିଶେଷ କିଛି ଓଡିଆ ନ ଶିଖି, ପଢ଼ିବା ଓ ଲେଖିବା ନଜାଣି, ନିଜ ମାତୃଭାଷାରେ ବିଶେଷ ବିକାଶ କରିନପାରି, ସ୍କୁଲ ଏବଂ ବିଷୟବସ୍ତୁ ଉପରେ କୌଣସି ଜ୍ଞାନ ନପାଇ ପ୍ରଥମ ପର୍ଯ୍ୟାୟରୁ ହିଁ ସ୍କୁଲ ଛାଡିଥାନ୍ତି । ପିଲାର ପ୍ରାଥମିକ ଶିକ୍ଷା ଯଦି ମାତୃଭାଷାରେ ହୁଏ ତେବେ ସେ ପାଠକୁ ବୁଝେ, ବିଷୟବସ୍ତୁ ଶିଖେ, ମାତୃଭାଷାରେ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତାର ଉନ୍ନତିକରେ ତେବେ ସେ ବୌଦ୍ଧିକ ଓ ଚିନ୍ତାଶୀଳ ବ୍ୟକ୍ତି ହୋଇ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହୋଇଥଏ।

ପିତାମାତା ଚାହାନ୍ତି ପିଲାମାନେ ମୁଖ୍ୟଭାଷା ଓ ଇଂରାଜୀ ଶିଖନ୍ତୁ । ଯଦି ପିଲାମାନେ ପ୍ରଥମ କିଛି ବର୍ଷ ମାତୃଭାଷା ମାଧମରେ ପଢ଼ିବେ ତେବେ ସେମାନେ ଅନ୍ୟାନ୍ୟ ମୁଖ୍ୟ ଆଞ୍ଚଳିକ ଭାଷା ଓ ଇଂରାଜୀ କିପରି ଶିଖିବେ ?

ସମସ୍ତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟ ଆଞ୍ଚଳିକ ଭାଷା ଯଥା ଓଡିଶା / ତେଲୁଗୁ ଦ୍ୱିତୀୟ ଭାଷା ଭାବେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରୁ ପଢ଼ାଯାଏ । ଶିକ୍ଷକ ପିଲାର ମାତୃଭାଷା ଓ ମୁଖ୍ୟ ଆଞ୍ଚଳିକ ଭାଷା ଜାଣିଥାଏ । ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ହାସଲ କରିବାରେ ଉଭୟ ମାତୃଭାଷା ସ ମୁଖ୍ୟ ଆଞ୍ଚଳିକ ଭାଷା (ଏବଂ ଅନ୍ୟାନ୍ୟ ଭାଷା ଯଥା ଇଂରାଜୀ ଓ ହିନ୍ଦୀ)ର ସହଯୋଗ ରହିଛି । ଲେଖିବା ଓ ପଢ଼ିବା କେବଳ ଜୀବନରେ ଥରେ ପିଲାଙ୍କୁ ଶିଖିବାକୁ ପଡିଥାଏ ଏବଂ ଜାଣିଥିବା ଭାଷାରେ ଏହା ଶିଖିବା ଅଧିକ ସହଜ ହୋଇଥାଏ । ଯେତେବେଳେ ପିଲା ମାତୃଭାଷାରେ ଶୁଣିବା, କହିବା, ଲେଖିବା ଓ ପଢ଼ିବା ଭିତରେ ଥିବା ସଂପର୍କକୁ ବୁଝିଯାଏ, ଏହାକୁ ସହଜରେ ଅନ୍ୟଭାଷାକୁ ପ୍ରସାରିତ କରିପାରେ । (ଯଦିଓ ଲିପି ଭିନ୍ନ ହୋଇଥାଏ ) । ପିଲା ଯେତେବେଳେ ଅନେକ ଗୁଡିଏ ଜଟିଳ ତଥ୍ୟକୁ ମାତୃଭାଷା ମାଧମରେ ଶିଖିଯାଏ, ତାପରେ ତାକୁ କେବଳ ଅନ୍ୟ ଭାଷାର ନୂଆ ନୂଆ ଶବ୍ଦ, ନୂଆ ନୂଆ ବିଷୟ ଶିଖିବା ଦରକାର ପଡିଥାଏ । ସେ ବିଭିନ୍ନ ବିଷୟରେ (ଗଣିତ) ତଥ୍ୟ ଓ ଧାରଣା ଗୁଡିକୁ ଜାଣିଥାଏ କେବଳ (ଅନ୍ୟଭାଷା) ଭାଷା ଦିଗଟି ହିଁ ତା ପାଇଁ ନୂଆ ଥାଏ । ପ୍ରତିଟି ଭାଷାର ଗୋଟିଏ ସାଧାରଣ ଦକ୍ଷତା ରହିଛି । ପିଲାଟି ଉତ୍ତମ ରୂପେ ଜାଣିଥିବା ତାର ମାତୃଭାଷାର ଦକ୍ଷତା ହାସଲ କରିଗଲେ, ଏହାକୁ ସହଜରେ ଅନ୍ୟଭାଷାକୁ ପ୍ରସାରିତ କରାଯାଇ ପାରିବ । ପିଲାଟି ମାତୃଭାଷା ଓ ଅନ୍ୟ ଭାଷା ଦ୍ୱିଭାଷୀ ସ୍ତରରେ (ଓଡିଆ / ତେଲୁଗୁ) ଉଚ୍ଚଭାଷା ଦକ୍ଷତା ହାସଲ କଲା ମାତ୍ରେ ସେ ଅନ୍ୟାନ୍ୟ ଭାଷାକୁ ଉତ୍ତମ ରୂପେ  ଶିଖି ପାରିବ । ଏମିତିକି ଇଁରାଜୀ ମଧ ଅଳ୍ପ ସମୟ ମଧରେ  ଉତ୍ତମ ରୁପେ ଶିଖିପାରିବ । ବିଭିନ୍ନ ଗବେଷଣାରୁ ଜଣାଯାଇଛି ଯେ ପିଲାଙ୍କୁ ମାତୃଭାଷା ମାଧମରେ ଶିକ୍ଷା ଦିଆଗଲେ ସେ ବିଷୟଗୁଡିକୁ ଭଲଭାବରେ ଶିଖିପାରିବା ସହିତ ଅନ୍ୟାନ୍ୟ ଭାଷାକୁ ମଧ ଉତ୍ତମ ରୁପେ ଶିଖିପାରିବ । ପାଠପଢ଼ାର ସଫଳତା ପାଇଁ ପିତାମାତାଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଅପେକ୍ଷା ପିଲା କେତେ ବର୍ଷ ମାତୃଭାଷା ମାଧମରେ ଶିକ୍ଷାଲାଭ କରିଛି ତାହା ଅଧିକ ଜରୁରୀ ହୋଇଥାଏ । ଏହାର ଅର୍ଥ ଏହି ଯେ ଗରିବ ପିଲାଙ୍କ ସ୍କୁଲ ଶିକ୍ଷାର ସଫଳତା ପାଇଁ ବହୁଭାଷୀ ଶିକ୍ଷା ସହାୟକ ହୋଇଥାଏ।

ପ୍ରଥମ ତିନିବର୍ଷ ମାତୃଭାଷା ମାଧମରେ ଏବଂ ପରେ ଓଡିଆ ଭାଷା ମାଧମରେ ପଢ଼ିବା କ'ଣ ଯଥେଷ୍ଟ ନୁହେଁ ?

ସମସ୍ତ ପାଠ୍ୟକ୍ରମକୁ ଓଡିଆ ଭାଷା ମାଧମରେ ପଢ଼ିବା ଅପେକ୍ଷା ତିନିବର୍ଷ ମାତୃଭାଷା ମାଧମରେ ପଢ଼ିବା ଉତ୍ତମ କିନ୍ତୁ ତନିବର୍ଷ ଯଥେଷ୍ଟ ନୁହେଁ । ମାତୃଭାଷା ଶିକ୍ଷାର ତିନିବର୍ଷ ପରେ ହିଁ ଶିକ୍ଷା ପାଇଁ ବୌଦ୍ଧିକ ସ୍ତରରେ ଭାଷା ଦକ୍ଷତା ବିକଶିତ ହୋଇଥାଏ।

ଛଅ ବର୍ଷ ମାତୃଭାଷା ମାଧ୍ୟମରେ ଶିକ୍ଷା ଯଥେଷ୍ଟ ନୁହେଁ ବରଂ ଆଠ ବର୍ଷ ମାତୃଭାଷା ମାଧ୍ୟମରେ ଶିକ୍ଷା ନିହାତି ଉତ୍ତମ ବ୍ୟବସ୍ଥା । ଇଥିଓପିଆ ଆଫ୍ରିକାର ଗୋଟିଏ ଗରିବ ଦେଶ ଯେଉଁଠି ୮ ବର୍ଷ ପର୍ଯ୍ୟନ୍ତ ମାତୃଭାଷା ମାଧ୍ୟମ ଶିକ୍ଷା ଓ ବହୁଭାଷୀ ଶିକ୍ଷା ନୀତି ରାଷ୍ଟ୍ରୀୟ ସ୍ତରରେ ଅନୁମୋଦିତ । କେତେକ ଜିଲ୍ଲା କେବଳ ୪ ରୁ ୬ ବର୍ଷ ମର୍ଯ୍ୟନ୍ତ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେବା ପାଇଁ ସ୍ଥିର କରିଛନ୍ତି । ଇଥିଓପିଆର ଜାତୀୟ ସ୍ତରରେ ତୁଳନା କରି ଦେଖାଯାଇଛି ଯେ ଯେଉଁ ପିଲାମାନେ ନିଜ ମାତୃଭାଷା ମାଧ୍ୟମରେ ୮ ବର୍ଷ ପଢ଼ିଛନ୍ତି ଏବଂ ଆମ୍‌ହେରିକ୍ (ଇଥିଓପିଆର ମୁଖ୍ୟ ଭାଷା) ଏବଂ ଇଂରେଜୀକୁ ସ୍କୁଲ ବିଷୟ ଭାବେ ପଢ଼ିଛନ୍ତି ସେମାନେ ବିଜ୍ଞାନ, ଗଣିତ ଏବଂ ଇଂରାଜୀରେ ଅଧିକ ଭଲ କରିଛନ୍ତି । ୬ ବର୍ଷ ମାତୃଭାଷାରେ ପଢ଼ିଥିବା ପିଲାମାନଙ୍କର ଫଳ ଏତେ ଭଲ ନୁହେଁ ଏବଂ ଯେଉଁମାନେ ୪ର୍ଥ ଶ୍ରେଣୀ ପରେ ଇଂରାଜୀରେ ପଢ଼ିଛନ୍ତି ସେମାନଙ୍କର ଫଳ, ଏପରିକି ଇଂରେଜୀ ଦକ୍ଷତା ମଧ୍ୟ ସବୁଠୁ କମ୍ ।

**ପିତାମାତା ଇଂରାଜୀ ମାଧ୍ୟମ ସ୍କୁଲ ଚାହାଁନ୍ତି । ଏହାର ସମ୍ଭାବ୍ୟ ଫଳାଫଳ କ'ଣ ?**

ଭାରତରେ ହୋଇଥିବା ଅନେକ ଅଧ୍ୟୟନରୁ ଜଣାଯାଏ ଯେ ମାତୃଭାଷା ମାଧ୍ୟମରେ ପଢ଼ିଥିବା ପିଲା କିମ୍ବା ରାଜ୍ୟର ପ୍ରମୁଖ ଭାଷାକୁ ମାଧ୍ୟମ କରି ସରକାରୀ ସ୍କୁଲରେ ପଢ଼ିଥିବା ପିଲାଙ୍କ ତୁଳନାରେ ବେସରକାରୀ ଇଂରାଜୀ ମାଧ୍ୟମରେ ପଢ଼ିଥିବା ପିଲାମାନଙ୍କର ପ୍ରାଥମିକ ସ୍ତରର ଇଂରେଜୀ ଜ୍ଞାନ ଖୁବ୍ ଭଲ । କିନ୍ତୁ ଅଷ୍ଟମ ଶ୍ରେଣୀ ବେଳକୁ ଇଂରେଜୀ ମାଧ୍ୟମ ସ୍କୁଲ ପିଲାମାନଙ୍କର ବିଭିନ୍ନ ବିଷୟରେ ଧ୍ୟାନ ସରକାରୀ ସ୍କୁଲ ପିଲାଙ୍କ ଠାରୁ କମ୍ ଥାଏ ଏବଂ ସେମାନଙ୍କର ଇଂରାଜୀ ଜ୍ଞାନ ବି ବିଶେଷ ଭଲ ନଥାଏ । ଏହା ସହିତ ସେମାନେ ନିଜ ମାତୃଭାଷାକୁ ଲେଖି, ପଢ଼ି ଜାଣନ୍ତି ନାହିଁ ଏବଂ ସେମାନେଙ୍କର ଶବ୍ଦ ଜ୍ଞାନ କ'ଣ ଶିଖିଲେ ତାହା ବ୍ୟକ୍ତ କରିପାରନ୍ତି ନାହିଁ । ସେମାନେ ଭାରତୀୟ ଭାଷା ଓ ସ୍କୁଲର ବିଷୟ ଉପରେ ଜ୍ଞାନ ହାସଲ କରିବାରେ ଦୁର୍ବଳ ହୋଇଥାନ୍ତି କେବଳ ଭଲ ଇଂରେଜୀ କହିବା ଦକ୍ଷତା ହାସଲ କରିଥାନ୍ତି ତାହା କିନ୍ତୁ ଉଚ୍ଚ କୋଟିର ହୋଇନଥାଏ । ଏହାର କାରଣ ହେଉଛି ଶିକ୍ଷକ ମାନଙ୍କର ଇଂରେଜୀରେ ଭଲ ଦକ୍ଷତା ନଥାଏ ଏବଂ ପିଲାମାନେ ନିଜ ମାତୃଭାଷାରେ କିମ୍ବା ଇଂରାଜୀ ଭାଷାର ଉଚ୍ଚତର ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷାଦକ୍ଷତା ହାସଲ କରିବାରେ ଅସମର୍ଥ ହୋଇଥାନ୍ତି ।

ଭାରତୀୟ ପରିସ୍ଥିତିରେ ବହୁଭାଷୀ ଶିକ୍ଷା ଯେଉଁଠାରେ ପ୍ରଥମ ୬ ରୁ ୮ ବର୍ଷ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯିବା ସହ ଓଡିଆକୁ ଦ୍ୱିତୀୟ ଭାଷା ଏବଂ ଇଂରାଜୀକୁ ତୃତୀୟ ଭାଷା ଏବଂ ସମ୍ଭବତଃ ଅନ୍ୟାନ୍ୟ ଭାଷା ମଧ୍ୟ ପାଠ୍ୟ କ୍ରମରେ ସ୍ଥାନ ଦେବା ସହ ଆଞ୍ଚଳିକ ଏବଂ ସ୍ୱଦେଶ ଜ୍ଞାନକୁ ଆଧାର କରି ପାଠ୍ୟ ଉପକରଣ ପ୍ରସ୍ତୁତ କରାଯିବା ଏକ ଉତ୍ତମ ପଦକ୍ଷେପ ।

**SWARA, Vol-1, Issue-5**

## Multilingual Education in India: How does it work?
## ଭାରତରେ ବହୁଭାଷୀ ଶିକ୍ଷା: ଏହା କିପରି କାର୍ଯ୍ୟ କରେ ?

Prof. Ajit Mohanty

ବହୁଭାଷୀ ଶିକ୍ଷା ମାତୃଭାଷାରୁ ହିଁ ଆରମ୍ଭ ହୋଇଥାଏ । କିନ୍ତୁ ବହୁଭାଷୀ ଶିକ୍ଷାର ଅର୍ଥ ମାତୃଭାଷାରେ ଶିକ୍ଷା ନୁହେଁ । ପ୍ରକୃତରେ ଏହାର ଅର୍ଥ ବିଭିନ୍ନ ଭାଷାରେ ଦକ୍ଷତା ହାସଲ ସହ ଉଚ୍ଚମାନର ଶିକ୍ଷା ଯୋଗାଇଦେବା । ମାତୃଭାଷାରେ ଦକ୍ଷତା ହାସଲ ଯୋଗୁଁ ବହୁଭାଷା ଓ ବହୁବର୍ଗୀୟ ବିଷୟରେ ଦକ୍ଷତା ସମ୍ଭବ ହୋଇଥାଏ । ଦୁଃଭାଗ୍ୟବଶତଃ ବିଭିନ୍ନ ବହୁଭାଷୀ ଶିକ୍ଷା ବ୍ୟବସ୍ଥା କେବଳ ମାତୃଭାଷା ସାଙ୍ଗେ ଜଡିତ । ଏହି ପ୍ରକାର ସମ୍ପର୍କ ଦୃଷ୍ଟିଆକର୍ଷଣ କରେ କାରଣ ମାତୃଭାଷା ସଦାବେଳେ ବ୍ୟକ୍ତିର ଭାବପ୍ରବଣତାକୁ ଉଜ୍ଜୀବିତ କରିଥାଏ , ସେ ଯାହା ହେଉ ବହୁଭାଷୀ ଶିକ୍ଷା ଛାତ୍ରମାନଙ୍କୁ ମାତୃଭାଷାରୁ ଉର୍ଦ୍ଧକୁ ନେଇଯାଏ, ଏହା ମାତୃଭାଷାର ବିକାଶରେ ସାହାଯ୍ୟ କରେ ଯାହାର ମୂଳଦୁଆ ଉପରେ ସଫଳ ପ୍ରାଥମିକ ଶିକ୍ଷା, ସ୍ୱଷ୍ଟ ଧାରଣାର ବିକାଶ କରାଯାଇ ପରେ ଏବଂ ସବୁଠୁ ଜରୁରୀ ହେଉଛି ନିଜ ମାତୃଭାଷାକୁ ବଳିଦାନ ନ ଦେଇ ପିଲା ଅନ୍ୟ ଭାଷାକୁ ଉତ୍ତମ ରୂପେ ଶିଖିବାରେ ସାମର୍ଥ ହୋଇଥାଏ । ଏହା ମଧ୍ୟ ସତ୍ୟ ଯେ ମାତୃଭାଷା ମାଧ୍ୟମରେ ଶିକ୍ଷା ନିହାତି ଆବଶ୍ୟକ କାରଣ ପିଲା ସ୍କୁଲ ଗଲାବେଳକୁ ମାତୃଭାଷାରେ ତାର ଜ୍ଞାନ ସଠିକ ଭାବେ ବିକଶିତ ହୋଇଯାଇଥାଏ ଯାହା ମାଧ୍ୟମରେ ତା ଆଖିପାଖି ପୃଥିବୀକୁ ସେ ଠିକ୍ ଭାବରେ ବୁଝିପାରିଥାଏ ଯାହାକୁ ଆଧାର କରି ସେ ଉଚ୍ଚତର ଧାରଣା ଓ ଶିଖିବା ପଦ୍ଧତିକୁ ବିକଶିତ କରାଇବା ସହଜ ହୋଇଥାଏ । କିନ୍ତୁ

ବହୁଭାଷୀ ଶିକ୍ଷା ଭିତରେ ମାତୃଭାଷାର ବିକାଶ ହିଁ ଶେଷ ନୁହେଁ ଏହାର ଦୁଇଟି ଦିଗ ରହିଛି । ମାତୃଭାଷା ମାଧ୍ୟମରେ ଉଚ୍ଚମାନର ଶିକ୍ଷା ସମ୍ଭବ ହୋଇଥାଏ ଏବଂ ଭାଷାକୁ ଗୋଟିଏ ପ୍ରଭାବଶାଳୀ ମାଧ୍ୟମ ଭାବେ ଗ୍ରହଣ କରି ଉଚ୍ଚମାନର ଧାରଣା ସୃଷ୍ଟି, ସୃଜନଶୀଳତା, ଜଟିଳ ଚିନ୍ତାଧାରାର ବିକାଶ, ବହୁଭାଷାରେ ଦକ୍ଷତା ହାସଲ କରିବାରେ ଏହା ସାହାଯ୍ୟ କରିଥାଏ ।

ସଦାବେଳେ ଯୁକ୍ତି ଦର୍ଶାଇ ଦିଆଯାଇ ଥାଏ ଯେ ନିଜ ମାତୃଭାଷାକୁ ବ୍ୟବହାର କରିବାରେ ପିଲା ଖୁବ୍ ଦକ୍ଷ ଥାଏ ଏବଂ ସେମାନେ ଖୁବ୍ ଶୀଘ୍ର ବହୁଭାଷା ଶିଖିବାରେ ସମର୍ଥ (ପ୍ରକୃତରେ ବହୁତ ପିଲା ଅନେକ ଭାଷା ଜାଣନ୍ତି ଏବଂ ବହୁଭାଷାର ବ୍ୟବହାର ମଧ୍ୟ କରିଥାନ୍ତି ) । ତେଣୁ ମାତୃଭାଷାର ପ୍ରଚଳନ ପାଇଁ ଦୃଢ଼ ଭାବରେ ଯୁକ୍ତି କରିବାର ଆବଶ୍ୟକତା କ'ଣ ? ଏହି ଆବଶ୍ୟକତା ସେତେବେଳେ ଉଠିଥାଏ ଯେତେବେଳେ ଭାଷା ଗୋଟିଏ ମାଧ୍ୟମ ଓ ଏହା ବିକାଶ ଆବଶ୍ୟକ ହୋଇଥାଏ । ଏହି ମାଧ୍ୟମକୁ ଆହୁରି ଉଚ୍ଚମାନର କରାଯାଇ ପାରିବ ଯାହା ଫଳରେ ଏହା ପ୍ରଭାବଶାଳୀ ହୋଇ ପାରିବ । ପିଲାମାନେ ଯୋଗାଯୋଗ କରିବା ପାଇଁ ନିଜକୁ ବ୍ୟକ୍ତ କରିବା ପାଇଁ ଖୁବ୍ ସଫଳତାର ସହ ନିଜ ମାତୃଭାଷାର ପ୍ରୟୋଗ କରନ୍ତି । ପିଲାଙ୍କ ମାତୃଭାଷା (ଭାଷା ଦକ୍ଷତା) ଗୋଟିଏ ବାହାନ ସ୍ୱରୂପ ଯାହା ମାଧ୍ୟମରେ ସେମାନେ ପର୍ଯ୍ୟାପ୍ତ ସାମାଜିକ -ବ୍ୟକ୍ତିଗତ ଯୋଗାଯୋଗ କରିଥାନ୍ତି ଯାହା ସ୍କୁଲ ଶିକ୍ଷା ପାଇଁ ଆବଶ୍ୟକ । ଯଦିଓ ସାମାଜିକ ଯୋଗାଯୋଗ ପାଇଁ ସକ୍ଷମ ହିଁ ଯଥେଷ୍ଟ ନୁହେଁ । ସ୍କୁଲରେ ପିଲାମାନେ ଭାଷାର ବ୍ୟବହାର କରନ୍ତି ପାଠ୍ୟ ସମସ୍ୟାର ସମାଧାନ ପାଇଁ, ଚିନ୍ତା କରିବା ପାଇଁ, ପରିପ୍ରକାଶ ପାଇଁ, ବୌଦ୍ଧିକ ପରିପ୍ରକାଶ ପାଇଁ ଏବଂ ଚିନ୍ତାଧାରାର ବିକାଶ ପାଇଁ । ପିଲାମାନେ ନିଜକୁ ପ୍ରକାଶ କରିବା ଏବଂ ଯାହା ଶୁଣିଲେ ତାହାକୁ ତାହାର ପ୍ରଶଂସା କରିବା ଯଥେଷ୍ଟ ନୁହେଁ; ସେମାନେ ଯାହା କହିଲେ ଓ ଶୁଣିଲେ ତାହାକୁ ସ୍ପଷ୍ଟ କରିବା ଓ ଆବଶ୍ୟକ ବେଳେ ଆଶିଂକ ପରିବର୍ତ୍ତନ କରିବା ଆବଶ୍ୟକ । ଯେତେବେଳେ ପିଲାମାନେ ଦୈନନ୍ଦିନ ଜୀବନରୁ ଜ୍ଞାନ ଆହରଣ ପାଇଁ ନୂତନ ଶିକ୍ଷା ବ୍ୟବସ୍ଥା ଭିତରକୁ ପ୍ରବେଶ କରନ୍ତି ଯେମିତି ଉଚ୍ଚ ଗାଣିତିକ ସୂତ୍ର ଆଡକୁ ସେତେବେଳେ ସେମାନଙ୍କୁ ନିଜ ଚିନ୍ତା ଧାରାର ପରିପ୍ରକାଶ କରିବାରେ ଭାଷାର ଆବଶ୍ୟକ ହୋଇଥାଏ । ଅନ୍ୟ ଅର୍ଥରେ ପିଲାଙ୍କ ଭାଷା ତାଙ୍କ ସାମାଜିକ ସ୍ତରରେ ଭାବ ବିନିମୟ କରିବାର ମୌଳିକ ଦକ୍ଷତାରୁ ଉର୍ଦ୍ଧ୍ୱକୁ ଯାଇ ଭାଷାର ଚିନ୍ତାଶୀଳ ବ୍ୟବହାର ଗଭୀର ଓ ବୌଦ୍ଧିକ ସ୍ତରର ଚିନ୍ତା ସ୍ତରରେ ପହଞ୍ଚିବା ଆବଶ୍ୟକ । ସାମାଜିକ ଯୋଗାଯୋଗ ପାଇଁ ଭାଷାର ବ୍ୟବହାର ଅର୍ଥାତ୍ ସାମାଜିକ ସ୍ତରରେ ଭାବବିନିମୟ କରିବାର ମୌଳିକ ଦକ୍ଷତା ସ୍ତରରୁ ସେମାନଙ୍କ ଭାଷାକୁ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ସ୍ତରକୁ ବିକଶିତ କରିବା ଉଚିତ । ଜଣେ ଅନୁଭବ କରିବା ଦରକାର ଯେ ସାମାଜିକ ସ୍ତରରେ ଭାବ ବିନିମୟ କରିବାର ମୌଳିକ ଦକ୍ଷତା ଏବଂ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ଦୁଇ ଭିନ୍ନ ଭିନ୍ନ ଦକ୍ଷତା ନୁହେଁ । କୌଣସି ପ୍ରତିଫଳନ ବିନା ଈଓଊଝ ର ବୃଦ୍ଧି ହୋଇନପାରେ । ପିଲାମାନେ ନିଜେ ନିଜ କଥାକୁ ନିରକ୍ଷଣ କରନ୍ତି ଏବଂ ଭାଷା ବିକାଶର ପ୍ରାଥମିକ ପର୍ଯ୍ୟାୟରେ ନିଜକୁ ନିଜେ ସଂଶୋଧନ କରନ୍ତି । ନିଜ ଭାବନାକୁ ବ୍ୟକ୍ତ କରିବାରେ ଭାଷାର ବ୍ୟବହାର ସହିତ ଭାବନାର ମାଧ୍ୟମ ଭାବେ ଭାଷା ବିଷୟରେ ଚିନ୍ତା କରିବା ଜଡିତ ହୋଇଛି । ତେଣୁ ଭାଷା ବିଜ୍ଞାନ ଏବଂ ସଂସ୍କୃତି-ବିଷୟକ ଭାଷା ଜ୍ଞାନ ବିକାଶ ଆଂଶିକ ଭାବେ ସମାନ । ତଥାପି ସଂସ୍କୃତି ବିଷୟକ ଭାଷା ଜ୍ଞାନ ପ୍ରତିଫଳନ ଏବଂ ଚିନ୍ତାଧାରାକୁ ନିୟନ୍ତ୍ରଣ, ବ୍ୟବହାର କରିବାରେ ଭାଷାର ମାଧ୍ୟମକୁ ଉଦ୍ଦେଶ୍ୟମୂଳକ ଭାବେ ବ୍ୟବହାର କରିବାକୁ ସଚେତନ ଭାବେ କେନ୍ଦ୍ରୀଭୂତ କରାଯାଇଛି । ସମସ୍ୟା ସମାଧାନ ଓ ଚିନ୍ତାଶକ୍ତିକୁ ସଂଗଠିତ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଭାଷାର ବ୍ୟବହାର ବିକାଶ ସାଧାରଣ ସାମାଜିକ ଭାବ ବିନିମୟ ପରେ ହିଁ ହୋଇଥିଲା । ସାମାଜିକ ଭାବବିନିମୟ ରୂପେ ଭାଷାର ପ୍ରାଥମିକ ବ୍ୟବହାର ସମୟରେ ପିଲାମାନେ ବୟଜ୍ୟେଷ୍ଠଙ୍କ ଠାରୁ ସାହାଯ୍ୟ ପାଆନ୍ତି ତାହାକୁ ସରଳୀକରଣ କରିବାରେ, ଅନୁମାନ ଓ ନିର୍ଦ୍ଦେଶ କରିବାରେ, ତତ୍କ୍ଷଣାତ୍ ପରିସ୍ଥିତିରେ ଭାଷାର ବ୍ୟବହାରକୁ ସଂକ୍ଷିପ୍ତ କରିବାରେ । ମାଆ ସରଳ ଲିଖିତ ଭାଷାର ବ୍ୟବହାର ସହିତ ଇଙ୍ଗିତ ଏବଂ ନିର୍ଦ୍ଦେଶ ମାଧ୍ୟମରେ ତତ୍କାଳୀନ ଘଟଣାକୁ କହିଥାନ୍ତି ଏବଂ ପିଲା ବିଶେଷ ଅସୁବିଧା ଅନୁଭବ ନକରି ତାହା ବୁଝି ପାରନ୍ତି ଓ କହିପାରନ୍ତି । ସେମାନଙ୍କ ଭାଷାର ସ୍ତର ସରଳ ଏବଂ ସେମାନେ କ'ଣ ଶୁଣିଲେ ତାହାକୁ ବୁଝିବା ବା ସେହି ବିଷୟରେ ଚିନ୍ତା କରିବା ଆବଶ୍ୟକ ହୋଇନଥାଏ । କିନ୍ତୁ ଧିରେ ଧିରେ ସେମାନେ ଯେତେବେଳେ ବଡ ହୁଅନ୍ତି ଭାଷାର ବ୍ୟବହାର ଜଟିଳ ଓ ସୂକ୍ଷ୍ମ ହୋଇଥାଏ, କଥାର ତତ୍କ୍ଷଣାତ୍ ସ୍ଥିତି ଭିତରେ ସୀମିତ ରହିବା ଜରୁରୀ ହୋଇପାରେ ନାହିଁ ।

କଥିତ ଭାଷା ବି ଜଟିଳ, ସୂକ୍ଷ୍ମ ଏବଂ ବୌଦ୍ଧିକ ସ୍ତରରେ ହୋଇଥାଏ । ଭାରତୀୟ କଥିତ ପରମ୍ପରା ଏହି ଜଟିଳ ତଥ୍ୟ ଓ ସହଜରେ ଅନୁଭବ କରି ହେଉନଥିବା ଚିନ୍ତାଚେତନା ଏବଂ ସୃଜନଶୀଳତାରେ ପରିପୁଷ୍ଟ । ତେଣୁ, ସାମାଜିକ ସ୍ତରରେ ଭାବ ବିନିମୟ କରିବାର ମୌଳିକ ଦକ୍ଷତା ଏବଂ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ମଧ୍ୟରେ ପ୍ରଭେଦଭାଷାର କଥିତ ଓ ଲିଖିତ ବ୍ୟବହାରର ଉର୍ଦ୍ଧ୍ୱକୁ ଯାଇଥାଏ, ଲିଖିତ ସାହିତ୍ୟର ଭାଷା ଭଳି କଥିତ । ଧାରଣା ମଧ୍ୟ ଜଟିଳ ଓ କଷ୍ଟକର ହୋଇଥାଏ । ଭାଷାର

ବିକାଶ ପର୍ଯ୍ୟାୟକୁ ନେଇ ସେମାନେ ପରସ୍ପର ଠାରୁ ଭିନ୍ନ ହୋଇଥାନ୍ତି । ଭାବ ବିନିମୟ କରିବା ମୌଳିକ ଭାଷା ଦକ୍ଷତା ହାସଲ କରିବା ପାଇଁ ପିଲାଙ୍କୁ ବିଶେଷ କଷ୍ଟ କରିବାକୁ ପଡିନଥାଏ । ନିଜ ଆତ୍ମୀୟ ଓ ବୟଜ୍ୟେଷ୍ଠଙ୍କ ସହ ବିଭିନ୍ନ ସାଂସ୍କୃତିକ ପରମ୍ପରା ଭିତର ଜଡିତ ରହି ସେମାନେ ସାଧାରଣ ଭାବ ବିନିମୟ ଦକ୍ଷତାକୁ ସ୍ୱତଃସ୍ଫୂର୍ତ ଭାବରେ ଏବଂ ଶୀଘ୍ର ବିକାଶ କରାଇପାରିଥାନ୍ତି । ପାଞ୍ଚବର୍ଷ ବେଳକୁ ଏହି ଭାବବିନିମୟର ମୌଳିକ ଦକ୍ଷତା ଉତ୍ତମ ରୂପେ ବିକଶିତ ହୋଇଯାଇଥାଏ ଯାହା ଗୋଟିଏ ପିଲାର ଭାବବିନିମୟ ପାଇଁ ଯଥେଷ୍ଟ ହୋଇଥାଏ । ଭାବ ପ୍ରକାଶର ମାଧ୍ୟମ ଭାବେ ସେମାନେ ଭାଷାର ଦକ୍ଷତାକୁ ଖୁବ୍ ଶୀଘ୍ର ହାସଲ କରିନେଇଥାନ୍ତି । କିନ୍ତୁ ଜଟିଳ ଓ ସୁକ୍ଷ୍ମ ଚିନ୍ତାଧାରାର ପରିପ୍ରକାଶ, ସମସ୍ୟାର ସମାଧାନ ଏବଂ ବିଚାରଶୀଳତା ଏହି ଦିଗକୁ ପ୍ରକାଶ କରିବା ମାଧ୍ୟମ ଭାବେ ଭାଷାର ବ୍ୟବହାର ଓ ବିକାଶ ଖୁବ୍ ଧୀରେ ହୋଇଥାଏ । ଏହା ସଚେତନ ପରିପ୍ରକାଶ ଦ୍ୱାରା ସମ୍ଭବ ହୋଇଥାଏ ଯାହା ତତ୍‌କ୍ଷଣାତ୍ ପରିବେଶରୁ ଉର୍ଦ୍ଧ୍ୱକୁ ଯାଇଥାଏ । ସ୍କୁଲ ସହ ଜଡିତ କାର୍ଯ୍ୟକଳାପ ଏହା ଉପରେ ନିର୍ଭର କରେ । ଏହାହିଁ ବୌଦ୍ଧିକ ଓ ଶିକ୍ଷା ସମ୍ବନ୍ଧୀୟ ଭାଷା ଦକ୍ଷତାର ବିକାଶରେ ସାହାଯ୍ୟ କରେ କିନ୍ତୁ ଭାବବିନିମୟର ମୌଳିକ ଭାଷା ଦକ୍ଷତାର ବିକାଶ ପର୍ଯ୍ୟାୟ ଅପେକ୍ଷା ଏହା ଧୀର ଓ ସମୟ ସାପେକ୍ଷ ହୋଇଥାଏ । ଭାଷା ଦୃଷ୍ଟିରୁ ମବକ୍ଷକ୍ତ ସହ ବିଶ୍ଳେଷଣାତ୍ମକ ଦକ୍ଷତା ଜଡିତ ଏବଂ ମାତୃଭାଷାରୁ ଉର୍ଦ୍ଧ୍ୱକୁ ଯାଇ ଅନ୍ୟାନ୍ୟ ଭାଷା ଦକ୍ଷତା ହାସଲ ପାଇଁ ସାଧାରଣ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ନିହାତି ଆବଶ୍ୟକ । ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ଦ୍ୱାରା ଭାଷା ଭାଷା ଭିତରେ ଥିବା ସମ୍ପର୍କ, ସେମାନଙ୍କ ଭିତରେ ଥିବା ଭାଷା ବୈଜ୍ଞାନିକ ସମାନତା ଓ ପ୍ରଭେଦ, ଭାଷାବିଜ୍ଞାନ ଦକ୍ଷତା (ଯେମିତିକି ଲେଖିବା ଓ ପଢ଼ିବା) ଇତ୍ୟାଦିର ବିକାଶ ସମ୍ଭବ ହୋଇଥାଏ । ମାତୃଭାଷାରେ ଲେଖିବା ଓ ପଢ଼ିବାର ଅଭିଜ୍ଞତା ହୋଇଥାଏ ଏବଂ ନୂତନ ଭାଷାଟି ଶିଖିଯିବା ମାତ୍ରେ ମାତୃଭାଷାରେ ଶିଖିବାର ଲେଖା ଓ ପଢ଼ା ଦକ୍ଷତାକୁ ନୂଆ ଭାଷାରେ ବିନିଯୋଗ କରିବା ସହଜ ହୋଇଥାଏ । ତେଣୁକରି ମାତୃଭାଷାରେ ଲେଖିବା ଓ ପଢ଼ିବାର ଦକ୍ଷତା ଓ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତାର ବ୍ୟବହାର ପୂର୍ଣ୍ଣ ବିକାଶ ହେତୁ ପିଲା ଶ୍ରେଣୀ କକ୍ଷର ନୂଆ ଭାଷାକୁ ସହଜରେ ବିକଶିତ କରାଇପାରିଥାଏ । ବିଶ୍ୱର ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀ ଏବଂ ଇଥିଓପିଅର ଜାତୀୟ ସ୍ତରରେ ତୁଳନା କରି ଦେଖାଯାଇଥିବା ଶ୍ରେଣୀ କକ୍ଷର ବିବରଣୀରୁ (ଐରଭଶଷଵ / ଝ୍ଳଙ୍କଵଵଭଭ-ଳଵଭଶଵଙ୍କ ୨୦୧୦) ଦେଖା ଯାଇଛି ଯେ ପିଲାଙ୍କର ଦ୍ୱିତୀୟ ଭାଷା ଇଂରାଜୀ ଦକ୍ଷତା ଏବଂ ସାଧାରଣ ବିଷୟର ଜ୍ଞାନ ନିର୍ଭର କରିଥାଏ, ସ୍କୁଲରେ ତାର ମାତୃଭାଷାର ଦକ୍ଷତାର ବିକାଶ ଉପରେ । ଇଥିଓପିଆର ବିଭିନ୍ନ ସ୍ତରରେ ସ୍କୁଲରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥାର ଅନୁସନ୍ଧାନରୁ ଜଣାଯାଇଛି ଯେ ପିଲାର ଦ୍ୱିତୀୟ ଭାଷାଭାବେ ଇଂରାଜୀ ଭାଷାର ଦକ୍ଷତା ତାର ମାତୃଭାଷାର ଦକ୍ଷତା ଉପରେ ନିର୍ଭର କରିଥାଏ । ଭାରତର ବିଭିନ୍ନ ଅଧ୍ୟୟନରୁ ମଧ୍ୟ ଏହା ଦେଖାଯାଇଛି ଯେ ଇଂରାଜୀକୁ ଦ୍ୱିତୀୟ ଭାଷା ଭାବେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀରୁ ପଢ଼ିଥିବା ପିଲାର ଇଂରାଜୀ ପଢ଼ିବା ଓ ଲେଖିବା ଜ୍ଞାନ ତା ସହ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବ, ନବମ ଶ୍ରେଣୀ ପିଲାର ଇଂରାଜୀ ଜ୍ଞାନ ସହ ସମାନ । ତେଣୁ ପ୍ରଥମ ୪ ରୁ ୫ ବର୍ଷ ମାତୃଭାଷା ଦକ୍ଷତାର ବିକାଶକୁ ଜୋର ଦିଆଗଲେ ସେହି ସମୟ ନେଇ ପିଲା ଇଂରାଜୀ ଭାଷାର ଦକ୍ଷତା ହାସଲ କରିପାରିବ ଯେଉଁଠିକି ଇଂରାଜୀ ମାଧ୍ୟମ ସ୍କୁଲର ପିଲା ୯ ବର୍ଷ ସମୟ ନେଇଥାଏ । ତେଣୁକରି ବହୁଭାଷୀ ଶିକ୍ଷାକୁ ପ୍ରଭାବଶାଳୀ କରାଯାଇପାରିବ ଯଦି ମାତୃଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ୬ରୁ ୮ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ଅନୁମତି ଦିଆଯାଏ । ପିଲାମାନଙ୍କୁ ଅନ୍ୟାନ୍ୟ ଭାଷା ଯଥା ଇଂରାଜୀ ଭାଷାରେ ସାମାଜିକ ଭାବ ବିନିମୟର ମୌଳିକ ଦକ୍ଷତା ହାସଲର ସୁଯୋଗ ଦିଆଯିବା ଉଚିତ୍ କିନ୍ତୁ ନିୟମାନୁଯାୟୀ ଅନ୍ୟାନ୍ୟ ଭାଷା ଶିକ୍ଷା ଯଥା ସେହି ଭାଷାରେ ଲେଖିବା ଓ ପଢ଼ିବାକୁ ହେଲେ ପିଲାକୁ ଉଚ୍ଚ ଶ୍ରେଣୀ ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ୍ ।

ଭାରତର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଯଥା ଆନ୍ଧ୍ରପ୍ରଦେଶ ଏବଂ ଓଡିଶାରେ ଏହାର ଆରମ୍ଭ ଆଦିବାସୀ ପିଲାଙ୍କୁ ତାଙ୍କ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେବା ପାଇଁ ଏବଂ ଅନ୍ୟାନ୍ୟ ରାଜ୍ୟ ଭାଷାକୁ ଯଥା ଓଡିଆ ଏବଂ ତେଲୁଗୁ ଦ୍ୱିତୀୟ ଶ୍ରେଣୀରେ କଥିତ ରୂପେ ଏବଂ ତୃତୀୟ ଶ୍ରେଣୀରୁ ଲେଖିବା ଓ ପଢ଼ିବା ରୂପରେ ପ୍ରଚଳନ କରାଯାଇଛି । ଇଂରାଜୀକୁ ମଧ୍ୟ ଭାଷା ବିଷୟ ରୂପେ ଓଡିଶାରେ ତୃତୀୟ ଶ୍ରେଣୀରୁ ଏବଂ ଆନ୍ଧ୍ରରେ ଆହୁରି ପୂର୍ବରୁ ପଢ଼ିବାର ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ଶିକ୍ଷା ପର୍ଯ୍ୟନ୍ତ ମାତୃଭାଷାର ବ୍ୟବହାର ରହିବ । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଆବଶ୍ୟକ ଅନୁଯାୟୀ ଅନ୍ୟାନ୍ୟ ଭାଷାକୁ ମଧ୍ୟ ଶିଘ୍ର ଶିକ୍ଷା ଭିତରେ ସାମିଲ କରାଯାଇ ଧିରେ ଧିରେ ମାତୃଭାଷାରୁ ବାହାରକୁ ଅଣାଯାଉଛି । ଏହି ସମସ୍ୟା ସତ୍ତ୍ୱେ ଭାରତରେ ବହୁଭାଷୀ ଶିକ୍ଷା ପଦ୍ଧତି ଉଚ୍ଚମାନ ଶିକ୍ଷା ପ୍ରଦାନ ଦେବାରେ ସଫଳ ହୋଇଛି । ଏହା ଦ୍ୱାରା ଶ୍ରେଣୀଗୃହରେ ପିଲାମାନେ ସଠିକ୍ ଭାବେ ଯୋଗଦାନ କରିବା ସହିତ ସେମାନଙ୍କ ସମାଜରୁ ମଧ୍ୟ ସାକାରାତ୍ମକ ଅଭିମତ ମିଳିପାରୁଛି । ବହୁଭାଷୀ ଶିକ୍ଷାର ମୂଲ୍ୟାଙ୍କନ କରାଯାଇ ଜଣାପଡିଛି ଯେ ଭାରତରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସଫଳ ହୋଇପାରିଛି ।

ମାତୃଭାଷାର ପ୍ରାରମ୍ଭିକ ବିକାଶ ଦ୍ୱାରା ସ୍କୁଲ ପାଠ୍ୟକ୍ରମ ପ୍ରଭାବଶାଳୀ ହେବା ସହ ମାତୃଭାଷାରୁ ଅନ୍ୟଭାଷାକୁ ମଧ୍ୟ ପ୍ରସାରଣ କରାଯାଇ ପାରିବ । ମାତୃଭାଷାରେ ଶ୍ରେଣୀକକ୍ଷର ଧାରଣା ପ୍ରାଥମିକ ସ୍ତରରେ ସ୍ୱଷ୍ଟ ହେବା ଦ୍ୱାରା ପିଲାର ପାଠ ଜ୍ଞାନ ଓ

ବୌଦ୍ଧିକ ବିକାଶ ସମ୍ଭବ ହୁଏ ଏବଂ ଥରେ ସେମାନଙ୍କ ପାଠ ବିଷୟରେ ଧାରଣା ମାତୃଭାଷାରେ ସ୍ୱଷ୍ଟ ହୋଇଯିବା ଦ୍ୱାରା ଅନ୍ୟଭାଷା ପାଇଁ ସେମାନଙ୍କ ତାହା ପୁଣି ପଢ଼ିବା ଦରକାର ହୁଏ ନାହିଁ । ତେଣୁ କରି ବହୁଭାଷୀ ଶିକ୍ଷା ଲାଭଦାୟକ କାରଣ ପ୍ରତ୍ୟେକ ଭାଷା ପରସ୍ପର ଉପରେ ନିର୍ଭରଶୀଳ, ମାତୃଭାଷା ଶିକ୍ଷାରୁ ଅନ୍ୟଭାଷାକୁ ସହଜରେ ପ୍ରବେଶ କରି ହୁଏ । ମାତୃଭାଷା ବ୍ୟବହାରର ଏକ ସଫଳ ଦିଗ ରହିଛି ଏହା ପିଲାର ସାଂସ୍କୃତିର ଅଭିଜ୍ଞତା ଏବଂ ଶ୍ରେଣୀ ଶିକ୍ଷା ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଏ । ଶ୍ରେଣୀ କକ୍ଷରେ ମାତୃଭାଷାର ବ୍ୟବହାର ଦ୍ୱାରା । ସ୍କୁଲ ସହ ପିତାମାତାଙ୍କ ଏବଂ ଗୋଷ୍ଠୀର ସମ୍ପର୍କ ଜଡିତ ରହେ ଯାହା ସ୍କୁଲ ପାଠ୍ୟକ୍ରମ ସହ ସାକ୍ଷରତାର ସ୍ତର ମଢ଼ାଇବାରେ ସାହାଯ୍ୟ କରେ । ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଯଥା ଓଡିଶାର ଗଖଗ ଚକ୍ଷଙ୍କଷ୍ଟ କାର୍ଯ୍ୟକ୍ରମରେ ପିଲାଙ୍କ ଭାଷା, ସଂସ୍କୃତି, ସମାଜ, ପରିଚୟ, ସାକ୍ଷରତା ହାର ବୃଦ୍ଧିରେ ସାମାଜିକ ଗୋଷ୍ଠୀଙ୍କୁ ଏଥିରେ ଜଡିତ କରିବା ସହିତ ଉଚ୍ଚମାନର ଶିକ୍ଷା ଯୋଗାଇ ଦେବାରେ ଚେଷ୍ଟିତ । ବିଭିନ୍ନ ଭାଷାରେ ଥିବା ତାରତମ୍ୟକୁ ଦୂର କରିବା ପାଇଁ ବହୁଭାଷୀ ଶିକ୍ଷା ଅନେକ ପଦକ୍ଷେପ ନେଇଛି ଏବଂ ଭାଷା ଗୋଷ୍ଠୀ ଭିତରେ ଥିବା ବିଭେଦକୁ ଦୂର କରିବାକୁ ଚେଷ୍ଟା କରୁଛି । ଏହି ଅସମାନତା ଅନେକ ମାନେ ରଖେ କାରଣ ଏହାଦ୍ୱାରା ଗଣତନ୍ତ୍ରର ପତନ ହୋଇପାରେ ।

# ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା;
# ଗବେଷଣା / ପରୀକ୍ଷା ରୁ ନୀତି ଓ ପ୍ରୟୋଗ

Prof.Jim Cumming

**ଶିକ୍ଷାନୀତିରେ ବିଶ୍ୱବ୍ୟାପୀ ପରିବର୍ତ୍ତନ :**

ବିଶ୍ୱରେ ଦୀର୍ଘ ୪୦ ବର୍ଷ ଧରି ଚାଲିଥିବା ଗବେଶଣାରୁ ଜଣାଯାଇଛି ଯେ ପିଲାର ଦ୍ୱିଭାଷା ଓ ବହୁଭାଷାର ସାମର୍ଥ୍ୟ ତାର ବୌଦ୍ଧିକ ଓ ଶିକ୍ଷାର ବିକାଶ କରିବାରେ ସହାୟକ ହୋଇଥାଏ । ସ୍କୁଲର ପ୍ରଥମିକ ଓ ତତ୍‌ପରବର୍ତ୍ତୀ ପର୍ଯ୍ୟାୟରେ ଯେତେବେଳେ ପିଲା ଦ୍ୱିଭାଷା କିମ୍ବା ବହୁଭାଷାରେ ବିକାଶ କରିବାର ଚେଷ୍ଟା କରେ ସେତେବେଳେ ସେ ଭାଷାକୁ ଗଭୀର ଭାବେ ବୁଝିପାରେ ଏବଂ ଭାଷାକୁ କିପରି ସୁଚାରୁ ରୂପେ ବ୍ୟବହାର କରାଯାଇପାରେ ତାହା ଶିଖିଥାଏ । ଭାଷାକୁ କାର୍ଯ୍ୟକାରୀ କରିବାରେ ଅଧିକ ଅଭ୍ୟାସ ଦରକାର ଏବଂ ବାସ୍ତବିକ ଭାଷା ଗୁଡିକର ସଂଗଠନକୁ ନେଇ ସେମାନଙ୍କର ତୁଳନା ଓ ବୈଷମ୍ୟକୁ ଦେଖାଇ ବାରେ ସମର୍ଥ ହୋଇଥାଏ ।

ଅଳ୍ପସଂଖ୍ୟକ ଭାଷାଭାଷୀ ପିଲାଙ୍କ କ୍ଷେତ୍ରରେ ଯେଉଁଠି ପିଲାର ମାତୃଭାଷା ବା ଘରଭାଷା ସମାଜର ମୁଖ୍ୟ ଭାଷା ଠାରୁ ଭିନ୍ନ ଏବଂ ଯଦି ପିଲା ଦ୍ୱିଭାଷା ଓ ବହୁଭାଷାର ଉପକାରିତାକୁ ଅନୁଭବ କରିବାକୁ ଚାହେଁ ତେବେ ପିଲା ନିଜ ମାତୃଭାଷାର ବିକାଶ କରିବା ଆବଶ୍ୟକ । ତଥାପି ଏହା ସମ୍ଭବ ହେବ ନାହିଁ ଯଦି ସ୍କୁଲରେ ଏହାକୁ ପଢାଇବାର ବ୍ୟବସ୍ଥା କରା ନ ଯିବ । ଯଦି ସ୍କୁଲ ପିଲାର ମାତୃଭାଷାରେ ଚିନ୍ତା କରିବାର ସାମର୍ଥକୁ ବିକାଶ କରାଇବାରେ ଏବଂ ବୌଦ୍ଧିକ ଜ୍ଞାନର ସଂଚାର କରିବାରେ ଅସମର୍ଥ ତେବେ ନା ମାତୃଭାଷା ନା ମୂଖ୍ୟଭାଷା କୌଣସିଟିରେ ପିଲା ବୌଦ୍ଧିକ ଶିକ୍ଷା ସମ୍ବନ୍ଧୀୟ ଦକ୍ଷତା ହାସଲ କରି ପାରେ ନାହିଁ ।

ପୃଥିବୀର ବିଭିନ୍ନ ଦେଶରେ ହୋଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ଅଳ୍ପସଂଖ୍ୟକ ଭାଷାଭାଷୀ ପିଲାମାନଙ୍କର ମାତୃଭାଷା ଖୁବ୍ ଦୁର୍ବଳ । ପିଲାମାନେ ନିଜ ମାତୃଭାଷାକୁ ନିକୃଷ୍ଟ ମନେ କରି ନିଜ ବାକ୍ ପଟୁତା ହରାଇ ମୁଖ୍ୟ ଭାଷାକୁ ଭାବ ବିନିମୟର ମାଧ୍ୟମ ଭାବେ ଗ୍ରହଣ କରିନିଅନ୍ତି ଯେତେବେଳେ ସ୍କୁଲରେ ସେମାନଙ୍କ ମାତୃଭାଷାକୁ ଅବହେଳା କରାଯାଏ । ମୁଖ୍ୟଭାଷାରେ ସମସ୍ତ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଜ୍ଞାନର ବିକାଶ ସମ୍ଭବ ଏହି ଧାରଣା ଯୋଗୁଁ ଅତୀତରେ ପିଲାର ଭାଷା ପରିବର୍ତ୍ତନକୁ ଉତ୍ସାହିତ କରାଯାଉଥିଲା । ଏହା ଫଳରେ ଅଳ୍ପସଂଖ୍ୟକ ଭାଷାଭାଷୀ ପିଲାମାନେ ହାଇସ୍କୁଲ ସ୍ତରରେ ସଫଳତା ହାସଲ କରିପାରିନଥାନ୍ତି । ପୃଥିବୀର ବିଭିନ୍ନ ଦେଶରେ ଯଥା ଅଷ୍ଟ୍ରେଲିଆ, କାନାଡା, ଚାଇନା, ଭାରତ, ଲାଟିନ ଆମେରିକା ,ସ୍କାଣ୍ଡିନେଭିଆନ୍ ଦେଶ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଶିକ୍ଷାନୀତିର ଚିନ୍ତା ଧାରା ଯୋଗୁଁ ସ୍ଥାନୀୟ ଭାଷା ଗୋଷ୍ଠୀ ଲୋକଙ୍କୁ ନିରୁତ୍ସାହିତ କରାଯାଇଛି ।

ଶେଷରେ ଏହି ପରମ୍ପରାର ପରିବର୍ତ୍ତନ ହୋଇଛି । ନୀତି ପରିବର୍ତ୍ତନ ଏବଂ ଶିକ୍ଷାବିତ୍ ମାନେ ଏହି ପରିବର୍ତ୍ତନର ଆଲୋକ ଦେଖିବା ଆରମ୍ଭ କରିଛନ୍ତି । ଭାଷାନୀତି ସଂପୁର୍ଣ୍ଣ ଭାବେ ଅସଫଳ ହୋଇଛି କାରଣ ଅଳ୍ପସଂଖ୍ୟକ ଭାଷାଭାଷୀ ପିଲାଙ୍କ ମାତୃଭାଷାକୁ ସ୍କୁଲ ଶିକ୍ଷା ମଧ୍ୟରେ ସ୍ଥାନ ନଦେବା ଯୋଗୁଁ ଅନେକ ପରିମାଣରେ ପିଲା ସ୍କୁଲ ଛାଡି ଥାନ୍ତି । ଫିଲଫାଇନସ୍‌ର ଶିକ୍ଷା ବିଭାଗ (୪ ଜୁଲାଇ ୨୦୦୯) ତାର ଶିକ୍ଷା ନୀତିରେ ପରିବର୍ତ୍ତନ ଆଣିଛି ଯେ ବହୁଭାଷୀ ଶିକ୍ଷାରେ ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରିବା ବାଧ୍ୟତାମୂଳକ ଏବଂ ଏହି ପରିବର୍ତ୍ତନର ଉଦାହରଣ ଅନେକ ଦେଶରେ ଦେଖା ଦେଇଛି ।

ଏହାର ଯଥାର୍ତତାକୁ ଶିକ୍ଷା ବିଭାଗର ଆଦେଶନାମା ସଂଖ୍ୟା୩୪ ରେ ନିମ୍ନମତେ ଦର୍ଶାଯାଇଛି ।

୧- ବିଭିନ୍ନ ସ୍ଥାନୀୟ ଏବଂ ଆର୍ନ୍ତଜାତୀୟ ଅଧ୍ୟୟନରୁ ଜଣାଯାଇଛି ଯେ ସମସ୍ତଙ୍କ ପାଇଁ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେଲେ ପିଲାର ମାତୃଭାଷା କିମ୍ବା ପ୍ରଥମ ଭାଷାକୁ ମାଧ୍ୟମ ଭାବେ ବ୍ୟବହାର କରିବା ଉଚିତ୍ ।

୨-ଏଥିପରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ ଗଖର ଭାବେ ଦୁଇରୁ ଅଧିକ ଭାଷା ଶିକ୍ଷା ଏବଂ ମାଧ୍ୟମର ଫଳପ୍ରଦବ୍ୟବହାର ରୂପେ ଜଣାଯିବ ।

ଏଣିକି ଏହି ଶିକ୍ଷାଦାନ ପ୍ରକ୍ରୀୟା ମୌଳିକ ଶିକ୍ଷା ନୀତି ଭାବେ ଜଣାଯିବ ଏବଂ ଏହି ବିଭାଗର କାର୍ଯ୍ୟକ୍ରମ

ଭାବେ ପ୍ରାଥମିକ ଶିକ୍ଷାସହ ସମସ୍ତ ଆନୁଷ୍ଠାନିକ ଶିକ୍ଷାରେ ଏହାର ସଂପୂର୍ଣ୍ଣ ବିସ୍ତାର କରାଯିବ ।
୩-ବହୁଭାଷୀ ଶିକ୍ଷାର ପ୍ରାସଙ୍ଗିକତା ଏବଂ ସୁବିଧାକୁ ସ୍ଥାନୀୟ ଏବଂ ଆର୍ନ୍ତଜାତିକ ଅଧ୍ୟୟନ ପ୍ରାଧାନ୍ୟ ଦେଇଛି । କିଛି ଜଣା ଶୁଣା ପରୀକ୍ଷାସିଦ୍ଧ ଅଧ୍ୟୟନ ଦର୍ଶାଇଛି ଯେ :-
କ.ପ୍ରଥମ, ଶିକ୍ଷାର୍ଥୀ ଖୁବ୍ ଶୀଘ୍ର ପଢିବା ଶିଖିଥାଏ ଯଦି ତାହା ତାହାର ପ୍ରଥମ ଭାଷାରେ ହୋଇଥାଏ (ଖଓ) ।
ଖ.ଦ୍ୱିତୀୟ, ଯେଉଁ ପିଲାମାନେ ନିଜ ପ୍ରଥମ ଭାଷାରେ ପଢିବା ଓ ଲେଖିବା ଜାଣିଥାନ୍ତି ସମାନେ ଦ୍ୱିତୀୟ ଓ ତୃତୀୟ ଭାଷାକୁ ପ୍ରତମେ ପଢୁଥିବା ପିଲାଙ୍କ ଅପେକ୍ଷା ଦ୍ୱିତୀୟ ଓତୃତୀୟ ଭାଷାରେ କହିବା ,ପଢିବା ଓ ଲେଖିବା ଶୀଘ୍ର ଶିଖି ଯାଆନ୍ତି ।
ଗ.ତୃତୀୟ, ବୌଦ୍ଧିକ ବିକାଶ ଓ ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ଅନୁସାରେ ପିଲା ପ୍ରଥମ ଭାଷାରେ ଲେଖିବା ଓ କହିବା ଦକ୍ଷତା ଖୁବ୍ ଶୀଘ୍ର ହାସଲ କରିପାରିଥାଏ ।

ମନୋବିଜ୍ଞାନ ଏବଂ ସାମାଜିକ ନିୟମ ବହୁଭାଷୀ ଶିକ୍ଷାକୁ ସମର୍ଥନ କରେ ।

ବହୁଭାଷୀ ଶିକ୍ଷାକୁ ସମର୍ଥନ କରି ହୋଇଥିବା ଅଧ୍ୟୟନ ତଥ୍ୟକୁ ବ୍ୟାଖ୍ୟା କରିବାକୁ ତିନୋଟି ମନୋବିଜ୍ଞାନ ଓ ଗୋଟିଏ ସାମାଜିକ ନିୟମ ସାହାର୍ଯ୍ୟ କରିଥାଏ । ଏହି ନିୟମ ଗୁଡିକ ତଳେ ଉଲ୍ଲେଖ କରାଯାଇଛି ।
୧-ପାଠ ସମ୍ବନ୍ଧୀୟ ସଫଳତା ହାସଲ ପାଇଁ ଯେଉଁ ଭାଷା ଦକ୍ଷତା ଆବଶ୍ୟକ ତାହା ଦୈନନ୍ଦିନ ଜୀବନରେ ବ୍ୟବହାର୍ଯ୍ୟ ଭାଷା ଠାରୁ ଭିନ୍ନ ।

ସମସ୍ତ ସ୍ତରରେ ବୈିଦ୍ଧିକ ଓ ପାଠ୍ୟ ସମ୍ବନ୍ଧୀୟ ଭାଷା ଦକ୍ଷତା ହାସଲ ପାଇଁ ଶବ୍ଦ ସମୂହ, ବ୍ୟାକରଣ, ଏବଂ ବିଷୟ ଜ୍ଞାନର ଆବଶ୍ୟକ ଯାହା ସାଧାରଣ ଭାବ ବିନିମୟ ପାଇଁ ଆବଶ୍ୟକ ହୋଇନଥାଏ । ଛାତ୍ର ମାନଙ୍କ କେବଳ ସ୍କୁଲ ପାଇଁ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତାର ଆବଶ୍ୟକ ହୋଇଥାଏ କାରଣ ଆମେ କୈାଚିତ୍ କମ୍ ବ୍ୟବହୃତ ଶବ୍ଦାବଳୀ କିମ୍ବା ଜଟିଳ ବ୍ୟାକରଣ(ଉଦାହରଣ ଇଂରାଜୀରେ ଚବଷ୍ଟ୍ୱସଙ୍ଗର ଠଝ୍ଟସମର) ଆମର ଦୈନନ୍ଦିନ ଜୀବନରେ କିମ୍ବା ସାମାଜିକ ସ୍ତରରେ ଭାବ ବିନିମୟ କରିବାର ମୌଳିକ ଦକ୍ଷତା କ୍ଷେତ୍ରରେ ବ୍ରବହାର କରୁ ।
୨-ଦ୍ୱିଭାଷୀ ଓ ବହୁଭାଷୀ ପିଲାଙ୍କ ମଧ୍ୟରେ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା କ୍ଷେତ୍ରରେ ଭାଷା ଗୁଡିକ ପରସ୍ପର ଉପରେ ନିର୍ଭରଶୀଳ, ଅନ୍ୟଅର୍ଥରେ ସ୍କୁଲ ପରିବେଶରେ ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତା ଭାଷାରୁ ଭାଷାକୁ ପ୍ରସାରିତ ହୋଇଥାଏ ।

ଏହି ପାଠ ସମ୍ବନ୍ଧୀୟ ଭାଷା ଦକ୍ଷତାର ପରସ୍ପର ଉପରେ ନିର୍ଭରଶୀଳ ସର୍ବବ୍ୟାପୀ ଅନୁସନ୍ଧାନର ସିଦ୍ଧାନ୍ତକୁ ବ୍ୟାଖ୍ୟା କରେ ଯେ ଦ୍ୱିଭାଷା କିମ୍ବା ବହୁଭାଷାରେ ପାଠ ପଢିଥିବା ଅଳ୍ପସଂଖ୍ୟକ ଭାଷା ଗୋଷ୍ଠିର ପିଲା ମୁଖ୍ୟ ଭାଷା ମାଧ୍ୟମରେ ପଢିଥିବା ପିଲାଠାରୁ ଅଧିକ ସଫଳତା ହାସଲ କରିଥାନ୍ତି । ବହୁଭାଷୀ ଶିକ୍ଷା ସହ ଜଡିତ ଛାତ୍ର ମୁଖ୍ୟଭାଷାରେ କମ୍ ସମୟ ବ୍ୟୟ କରିବା ସତ୍ୱେ ସେମାନଙ୍କର ଶିକ୍ଷା କ୍ଷେତ୍ରରେ ଅଧିକ ଭଲ କରିଥାନ୍ତି କାରଣ ସେମାନେ ମାତୃଭାଷାରେ ସ୍ପଷ୍ଟ ଧାରଣା ପାଇଯାଇଥାନ୍ତି ଯାହା ଉପରେ ତାଙ୍କର ସଂପୂର୍ଣ୍ଣ ସ୍କୁଲ ଶିକ୍ଷା ଗଢି ଉଠିଥାଏ ।
୩-ବହୁଭାଷୀତାକୁ ସେଠି ବିକାଶ କରାଇବା ଯେଉଁଠି ହଠାତ୍ ପିଲାର ଭାଷା ସ୍କୁଲରେ ବୌଦ୍ଧିକ ଓ ସଂସ୍କୃତି ସମ୍ବନ୍ଧୀୟ ଭାଷାଜ୍ଞାନ ସହ ବିକଶିତ ହୋଇଥାଏ । ଉପରେ ଲଲ୍ଲେଖ କରାଯିବା ପରି ବହୁଭାଷୀ ପିଲାମାନେ ଭାଷାର ବ୍ୟବହାରକୁ ଅଧିକ ଅଭ୍ୟାସ କରିବାର ଅବକାଶ ପାଇଥାନ୍ତି ଏବଂ ଭାଷାର ଏହି ପ୍ରକାର ବ୍ୟବହାର ଫଳରେ ଭାଷାବିଜ୍ଞାନ ଜ୍ଞାନ ସହ ବୌଦ୍ଧିକ ଦକ୍ଷତା ମଧ୍ୟ ବୃଦ୍ଧି ପାଇଥାଏ । ପିଲାର ପରିଚୟ ,ଭାଷା ଓ ସଂସ୍କୃତିକୁ ଅମର୍ଯ୍ୟାଦା କରାଯାଇ ସ୍କୁଲ ପାଠ୍ୟକ୍ରମରୁ ଏହାକୁ ବାହାର କରିଦିଆଗଲେ ତାହାର ଅନିଷ୍ଟକାରୀ ପ୍ରଭାବ ସହ ସାମାଜିକ ନିୟମ ପ୍ରଭାବିତ ହୋଇଥାଏ ।
୪-କ୍ଷମତାର ଦମନ ମୂଳକ ଭାବ ସବୁଆଡେ ସ୍ପଷ୍ଟ ଏବଂ ଏହାର ପ୍ରଛାୟା ସ୍କୁଲ ପରିସର ଭିତରେ ଶିକ୍ଷକ ଛାତ୍ରଙ୍କ ପାରସ୍ପରିକ ଭାବ ବିନିମୟ ଜରିଆରେ ପ୍ରତିଫଳିତ ହୋଇଥାଏ ।

ଯେଉଁପରି ଭାବରେ ଶିକ୍ଷକ ପିଲାର ପରିଚୟ ସହ ବୁଝାବଣା କରିଥାନ୍ତି ତାହାର ଆଖିଦୃଷ୍ଟିଆ ପ୍ରଭାବ ପିଲାର ପାଠପଢା ଉପରେ ପଡିଥାଏ । ସ୍କୁଲ ଭିତରେ ଯେଉଁ ପିଲାମାନଙ୍କର ପରିଚୟକୁ ଅବହେଳା

କରାଯାଏ(ପାଠ୍ୟ ମାଧ୍ୟମରେ ଭାଷଣକୁ ନ ବୁଝି ନିଜକୁ ନିର୍ବୋଧ ମନେ କରିଥାଏ) ସେମାନେ ସାଧାରଣତଃ ପାଠପଢ଼ାରେ ମନ ଦେଇ ନଥାନ୍ତି । ସ୍କୁଲରେ ସମାଜରେ ଅଳ୍ପସଂଖ୍ୟକଙ୍କ ଭାଷାର ଅବହେଳାକୁ ଦୂରେଇ ତାକୁ ଯଥାର୍ଥ ସ୍ଥାନ ଦେବାରେ ବହୁଭାଷୀ ଶିକ୍ଷାର ଯୋଗଦାନ ଅନେକ । ଅଳ୍ପସଂଖ୍ୟକଙ୍କ ଭାଷାକୁ ଅନୁମୋଦନ ଦେବାରେ ଅଳ୍ପସଂଖ୍ୟକ ଭାଷାର ପିଲା ଓ ତାଙ୍କ ପରିବାର ତରଫରୁ ବହୁଭାଷୀ ଶିକ୍ଷା ସେମାନଙ୍କ ପ୍ରତିନିଧି ସ୍ୱରୂପ ଠିଆ ହୋଇଛି । ଶେଷରେ ବହୁଭାଷୀ ଶିକ୍ଷାକୁ କାର୍ଯ୍ୟରେ ପରିଣତ କରିବାରେ ଅନେକ ପ୍ରତିବନ୍ଧକ ରହିଛି। ସେମାନଙ୍କ ମଧ୍ୟରେ ରହିଛି ପାଠ୍ୟକ୍ରମର ପ୍ରସ୍ତୁତି, ଶିକ୍ଷକ ମାନଙ୍କ ତାଲିମ୍ ସମାଜରେ ଏବଂ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠିଙ୍କ ମନରେ ଏହା ପ୍ରତି ରହିଥିବା ଧାରଣାର ପରିବର୍ତ୍ତନ କରିବା । ସେ ଯାହା ହେଉ ସ୍ଥାନୀୟ ନୀତି ନିର୍ଦ୍ଧାରକ ଏବଂ ଆନ୍ତର୍ଜାତିକ ସଂଗଠନ ଯଥା ଦ୍ୱାରା ପିଲାଙ୍କ ଇଛା ଏବଂ ସେମାନଙ୍କ ସମାଜକୁ ନେଇ ବିଭିନ୍ନ ଗବେଷଣାତ୍ମକ ଅନୁସନ୍ଧାନ ଆରମ୍ଭ ହୋଇଛି । ଏହା ଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ କିଛି ପ୍ରତିବନ୍ଧକକୁ ଅତିକ୍ରମ କରାଯାଇ ପାରିଛି । ସାର୍ବଜନୀନ ସାକ୍ଷରତା ପାଇଁ ନୂତନ ଦିଗ ଯଥା ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ଦ୍ୱାରା ସାର୍ବଜନିନ ସାକ୍ଷରତା ଦିଗରେ ନୂତନ ରାସ୍ତା ଖୋଲି ଦେଇଛି ।

## ବହୁଭାଷା ଶିକ୍ଷାରେ ନୂତନ ଦିଗ

Carol Benson

ପ୍ରାଥମିକ ଶିକ୍ଷା ଏବଂ ଶିକ୍ଷାର ମାଧ୍ୟମରୂପେ ପିଲାର ଭାଷା ଦ୍ୱାରା ଶିକ୍ଷା ଆଶାନୁରୂପ ହୋଇଥାଏ ଏହି ନିୟମକୁ ଆଧାର କରି ଦ୍ୱିଭାଷୀ ବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଛାତ୍ରର  ମାତୃଭାଷା ଉପରେ ଆଧାରିତ ବର୍ତ୍ତମାନ ଭାଷାର ଆବଶ୍ୟକତା ଏବଂ ଶିକ୍ଷା ପାଇଁ ସୁପାରିଶ କରାଯାଇଛି ଯେ ଯେତେଦୂର ସମ୍ଭବ ମୌଖିକ ଏବଂ ଲିଖିତ ଉଭୟ ରୂପେ ଭାଷାର ବିକାଶ ହେବା ଉଚିତ୍ ଏବଂ ଏହି ଭାଷା ଦକ୍ଷତାକୁ ଅନ୍ୟାନ୍ୟ ଶିଖୁଥିବା ଭାଷା କ୍ଷେତ୍ରରେ ପ୍ରୟୋଗ କରିବା ଉଚିତ୍ । ଏହି ଧାରଣାକୁ ନେଇ ଅନେକ ଗବେଷଣା ଉତ୍ତରୋତ୍ତର ଦେଶ ଗୁଡିକର ଗୋଟିଏ ଅଳ୍ପସଂଖ୍ୟକ ଭାଷା ଓ ଗୋଟିଏ ମୁଖ୍ୟ ଭାଷାକୁ ନେଇ କରାଯାଇଛି । ଏହି ଉତ୍ତରୋତ୍ତର ଦେଶ ଗୁଡିକର ଶିକ୍ଷା କ୍ଷେତ୍ରରେ ଦୁଇଟି ସାଧାରଣ ଧାରଣା ଜଡିତ । ପ୍ରଥମଟି ପ୍ରତ୍ୟକ ଶିକ୍ଷାର୍ଥୀର ମାତୃଭାଷା ବା ପ୍ରଥମ ଭାଷା ରହିଛି ଏବଂ ଦ୍ୱିତୀୟଟି ହେଉଛି ଭାଷା ଶିକ୍ଷା ଓ ଲେଖାପଢ଼ା ଶିକ୍ଷା ଆନୁକ୍ରମିକ ଭାବରେ ହୋଇଥାଏ, ଏହା ପ୍ରଥମ ଭାଷାରୁ ଆରମ୍ଭ ହୋଇଥାଏ ଏବଂ ପରେ ଦ୍ୱିତୀୟ ଭାଷା ଏଥିରେ ସାମିଲ ହୋଇଥାଏ । ପ୍ରଥମେ ମୌଖିକ ଏବଂ ପରେ ଲିଖିତ ରୂପେ ଶିକ୍ଷା ଦିଆଯାଇଥାଏ । ଏମିତିକି କେତେକ ପରିସ୍ଥିତିରେ ଛୋଟ ପିଲାଙ୍କ ପାଇଁ ଏହି ଭାଷା ଅଜଣା ହୋଇଥାଏ ତଥାପି ଆମେ ଏହାକୁ ଦ୍ୱିତୀୟ ଭାଷା କହୁ । ଯଦି ଏହା ରାଜ୍ୟର କିମ୍ବା ଦେଶର ମୁଖ୍ୟ ଭାଷା ହୋଇଥାଏ ଯେଉଁଠି ସେମାନେ ସ୍କୁଲ ଯାଇଥାନ୍ତି ।

ଅବଶ୍ୟ ଉତ୍ତରୋତ୍ତର ଦେଶର ସ୍ଥିତି ବି ସଂପୂର୍ଣ୍ଣ ପରିଷ୍କାର ନୁହେଁ ଆମେ ସହଜରେ ଦେଖିପାରୁ ଶ୍ରେଣୀ କକ୍ଷ ଗୁଡିକ ବିଭିନ୍ନ ଭାଷାଭାଷୀ ପିଲାଙ୍କ ଦ୍ୱାରା ପରିପୂର୍ଣ୍ଣ ଏବଂ କାର୍ଯ୍ୟକ୍ରମ ଗୁଡିକ ପିଲାମାନଙ୍କ ଘର ଭାଷା ଦକ୍ଷତା ବିନା ନୂଆ ଭାଷା ସହିତ ଜଡିତ କରାଇଥାଏ । ଶିକ୍ଷାରେ ଭାଷାର ସ୍ଥାନ ବିଷୟ ଅର୍ଥ ଶିକ୍ଷାର ମାଧ୍ୟମର ପରିବର୍ତ୍ତନକୁ ହିଁ ଆଲୋଚନା କରାଯାଏ କିମ୍ବା ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷା ପାଇଁ ଶିକ୍ଷକ କେତେ ସମୟ ବିନିଯୋଗ କରେ କିନ୍ତୁ ଆମେ ଜାଣୁ ଯେ ପ୍ରକୃତରେ ସ୍କୁଲ ରେ ଏହା ହୁଏ ନାହିଁ । ଉଦାହରଣ ସ୍ୱରୂପ ଥମାଦ୍ ଏବଂ କୋଲରଙ୍କ ଯନ୍ତ୍ର ସହ କରାଯାଇଥିବା ଦ୍ରାଘିମା ରେଖା ଅଧ୍ୟୟନ (ଉଦାହରଣ୨୦୦୨) କୁ ପ୍ରତି ଦ୍ୱିଭାଷୀ କାର୍ଯ୍ୟକ୍ରମରେ ପ୍ରୟୋଗ କରାଯାଇଛି ।

ବିଭିନ୍ନ ପ୍ରକାର ଜଟିଳତା ସହ ଅବଗତ ହେବା ସତ୍ତ୍ୱେ ଆମେ ଉତ୍ତରୋତ୍ତର ଲୋକଙ୍କର ଦ୍ୱିଭାଷା ଓ ବହୁଭାଷା ଶିକ୍ଷା ପାଇଁ କାର୍ଯ୍ୟ କରୁଛି । ଇତିମଧ୍ୟରେ ବିଶ୍ୱର ଅନେକ କ୍ଷେତ୍ର ବହୁଭାଷୀ ଏବଂ ଦାକ୍ଷିଣାତ୍ୟ ଅଞ୍ଚଳର ଶିକ୍ଷାର୍ଥୀର ଭାଷା ସମସ୍ୟା ପ୍ରଥମ ଭାଷା ଏବଂ ଦ୍ୱିତୀୟ ଭାଷା ସମ୍ପର୍କ ଠାରୁ ଅଧିକ ଜଟିଳ । ଉଦାହରଣ ସ୍ୱରୂପ ଅନେକ ଆଫ୍ରିକାର ଶିକ୍ଷାର୍ଥୀ ଏବଂ ମୁଁ ଜାଣେ ଭାରତ କ୍ଷେତ୍ରରେ ମଧ ଦ୍ୱିଭାଷା କିମ୍ବା ବହୁଭାଷା କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରଭେଦରହିଛି ଯେତେବେଳେ ସେମାନେ ସ୍କୁଲରେ ପ୍ରବେଶ କରନ୍ତି କିମ୍ବା ଘରେ  ଅନ୍ୟ ଭାଷାର

ବ୍ୟବହାର ଉପରେ ନିର୍ଭରଶୀଳ ହୁଅନ୍ତି । ଗୋଷ୍ଠିଙ୍କ ସହ ଯୋଗାଯୋଗ କରନ୍ତି, ରାଜ୍ୟ ସ୍ତରୀୟ ଯୋଗାଯୋଗ କିମ୍ବା ସ୍ଥାନ ପରିବର୍ତ୍ତନ ଏବଂ ସହରୀକରଣ ପ୍ରକୀୟା କ୍ଷେତ୍ରରେ ଏହାର ଉପଯୋଗ କରନ୍ତି । ଅପର ପକ୍ଷରେ ଏବେ ମଧ୍ୟ ଏକ ଭାଷାଭାଷୀ ଗୋଷ୍ଠିର ଲୋକ ଅଛନ୍ତି ଯେଉଁମାନେ କି ଦ୍ୱିତୀୟ ଭାଷା ଓ ତୃତୀୟ ଭାଷା ସହ ପରିଚିତ ନୁହଁନ୍ତି । ବହୁଭାଷାଭାଷୀ ଗୋଷ୍ଠିଙ୍କ ସଂଖ୍ୟା ବଢୁଛି । ସେମାନଙ୍କର ଏହି ଭାଷାକୁ ସ୍କୁଲରେ ବ୍ୟବହାର କରାଯାଉଛି । ଗରିବ ଦେଶ ଗୁଡିକରେ ସ୍କୁଲରେ କିମ୍ବା ଭାଷାନୀତିରେ ଆଞ୍ଚଳିକ ଭାଷା ଜ୍ଞାନକୁ ବ୍ୟବହାର କରିବାରେ ଯଥେଷ୍ଟ ସୁଯୋଗ ନାହିଁ ଏବଂ ଯେଉଁ ଯୋଜନା କରାଯାଉଛି ତାହା ଶିକ୍ଷକ କିମ୍ବା ସ୍କୁଲର ବ୍ୟକ୍ତିଗତ ଚେଷ୍ଟା ଯୋଗୁଁ ହିଁ ହୋଇଥାଏ ।

**ଗବେଷଣା ଓ ବ୍ୟବହାର ର ନୂତନ ଦିଗ**

ନିକଟରେ ମୁଁ (ବେନ୍‌ସନ୍ ୨୦୦୯) ଗୋଟିଏ ପ୍ରସ୍ତାବ ଦେଇଥିଲେ ଯେ ବହୁଭାଷା କ୍ଷେତ୍ରରେ ତିଆରି ହେଉଥିବା ନୀତି ପ୍ରକୃତରେ ଭାଷାର ସାମାଜିକ ବ୍ୟବହାର ,ଛାତ୍ରର, ଶିକ୍ଷକଙ୍କର ଏବଂ ପରିବାରର ଭାଷା ଦକ୍ଷତାକୁ ଆଧାର କରି ପ୍ରସ୍ତୁତ ହେବା ଉଚିତ୍ । ପ୍ରରମ୍ଭିକ ଏବଂ ସ୍କୁଲ ଭାଷାର ବୌଦ୍ଧିକତା ଭିତରେ ଥିବା ତଫାତ୍ କୁ ସଠିକ୍ ଭାବେ ପରୀକ୍ଷା କରାଯାଇ ଭାଷା ଓ ବୌଦ୍ଧିକ ବିକାଶର ଜଣାଶୁଣା ନିୟମକୁ ଆଧାର କରି ଏହି ତଫାତ୍ କୁ ଦୂର କରିବା ଉଚିତ୍ ।ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ସର୍ତ୍ତ ରହିଛି ,ପ୍ରଥମଟି ହେଉଛି ପ୍ରତିଟି ସ୍କୁଲ କିମ୍ବା ଅଞ୍ଚଳରେ ବ୍ୟବହୃତ ଭାଷାକୁ ନମନୀୟ ଏବଂ ବିକେନ୍ଦ୍ରୀକରଣ କରିବା ଏବଂ ଦ୍ୱିତୀୟଟି ହେଉଛି ବର୍ତ୍ତମାନ ପରିସ୍ଥିତିରେ କିଛି ଉଦ୍ଦେଶ୍ୟକୁ ବାସ୍ତବରେ ବ୍ୟବହୃତ କରାଯାଇପାରିବ ନାହିଁ ।ଏହି ପ୍ରକାର ବୁଝାବଣା ସହ ଛୋଟ,ମଧ୍ୟମ ଏବଂ ବଡ ଯୋଜନା କରାଯିବ । ଏହି ସ୍ଥିତିକୁ ବହୁଭାଷୀ ଦେଶରେ ଗ୍ରାମାଞ୍ଚଳ ଲୋକଙ୍କ ସ୍ଥିତିକୁ ବର୍ଣ୍ଣନା ପୂର୍ବକ ତିନି ଭାଷା ସ୍ଥିତିର ଏକ ପରିକଳ୍ପିତ ହିସାବ ନିମ୍ନରେ ଦିଆଯାଇଛି । (ଉଚ୍ଚ,ମଧ୍ୟ, ଏବଂ ନିମ୍ନ ଭାଷଶ ଦକ୍ଷତା ଶୁଣିବା /କହିବା ଏବଂ ଲେଖିବା /ପଢିବା ଉପରେ ଆଧାରିତ) ।

**ବର୍ତ୍ତମାନର ସାମାଜିକ ସ୍ଥିତିର ବିଶ୍ଳେଷଣ**

| | ପ୍ରଥମ ଭାଷା (ମାତୃଭାଷା) | | ଦ୍ୱିତୀୟ ଭାଷା (ଯୋଗାଯୋଗର ଭାଷା) | | ତୃତୀୟ ଭାଷା (ଅଜଣା / ବିଦେଶୀ ଭାଷା) | |
|---|---|---|---|---|---|---|
| | ଶୁଣିବା/କହିବା | ପଢ଼ିବା/ଲେଖିବା | ପଢ଼ିବା/ଲେଖିବା | ପଢ଼ିବା/ଲେଖିବା | ଶୁଣିବା/କହିବା | ପଢ଼ିବା/ଲେଖିବା |
| ଶିକ୍ଷାର୍ଥୀ ସ୍କୁଲରେ ପ୍ରବେଶ | ଉଚ୍ଚ | - | ନିମ୍ନ | - | - | - |
| ପରିବାର ଏବଂ ଗୋଷ୍ଠୀ | ଉଚ୍ଚ | ନିମ୍ନ ? | ଉଧମ | - | ନିମ୍ନ | ନିମ୍ନ ? |
| ଶିକ୍ଷକ, ପ୍ରଶିକ୍ଷଣ ଏବଂ ସହାୟକ ସଦସ୍ୟ | ଭିନ୍ନ ଭିନ୍ନ | ଭିନ୍ନ ଭିନ୍ନ | ଉଚ୍ଚ | ଉଚ୍ଚରୁ ମଧ୍ୟମ | ମଧ୍ୟମ | ମଧ୍ୟମ |
| ଦ୍ୱିଭାଷା ଓ ତ୍ରୀଭାଷା ଗବେଷଣାର ଉଦ୍ଦେଶ୍ୟ | ଉଚ୍ଚ | ଉଚ୍ଚ | ଉଚ୍ଚ | ଉଚ୍ଚ | ଉଚ୍ଚ | ଉଚ୍ଚ |

ପ୍ରଦତ୍ତ ଚିତ୍ରରେ ଦିଆଯାଇଥିବା ପରି ଏହି କ୍ଷେତ୍ରରେ ଶିକ୍ଷାର୍ଥୀ ପ୍ରଥମ ଭାଷାରେ ଯଥେଷ୍ଟ ମୌଖିକ ଜ୍ଞାନ ଦ୍ୱିତୀୟ ଭାଷାରେ ସାମ୍ୟକ ଜ୍ଞାନ ଓ ତୃତୀୟ ଭାଷା ବିଷୟରେ କୌଣସି ଜ୍ଞାନ ନ ନେଇ ସ୍କୁଲରେ ପ୍ରବେଶ କରିଥାଏ ସେମାନେ କୌଣସି ଭାଷାରେ ଶିକ୍ଷା ଲାଭ କରି ନ ଥାନ୍ତି । ଶିକ୍ଷାର୍ଥୀ ମାନେ ତୃତୀୟ ଭାଷାରେ ମୌଖିକ ଓ ଲିଖିତ ଦକ୍ଷତା ହାସଲ କରିବା ପରି ଆମ ଶିକ୍ଷା ବ୍ୟବସ୍ଥାର ଉଦେଶ୍ୟ ଓ ଶିକ୍ଷାର୍ଥୀର ସ୍ଥିତି ଭିତରେ ଅନେକ ବ୍ୟବଧାନ ରହିଛି । ଯୋଗାଯୋଗ ଭାଷା ବା ଦ୍ୱିତୀୟ ଭାଷାରେ କହିବା ଲେଖିବାର ଦକ୍ଷତା ହାସଲ କରିବା ଜାତୀୟ ନୀତିର ଉଦେଶ୍ୟ । ପ୍ରଦତ୍ତ ଚିତ୍ରରେ ପ୍ରଥମ ଭାଷାରେ ଉଚ୍ଚତର ମୌଖିକ ଓ ଲିଖିତ ଦକ୍ଷତା ହାସଲ କରିବା ଉଦେଶ୍ୟ ରହିଛି ,କାରଣ ଆନ୍ତଜାତୀୟ ଗବେଷଣା ଅନୁସାରେ ତୃତୀୟ ଭାଷାର ଦକ୍ଷତା ହାସଲ କରିବାକୁ ହେଲେ ଶିକ୍ଷାର୍ଥୀ ପ୍ରଥମ ଭାଷା ଦକ୍ଷତା ହାସଲ କରିଥିବା ଆଶା କରାଯାଏ ।ବର୍ତ୍ତମାନ ଧରିନିଆଯାଉଛି ଯେ ଶିକ୍ଷା ପଦ୍ଧତିରେ ଭାଷଣର ଉଦେଶ୍ୟ ହେଉଛି ତିନୋଟି ଭାଷାର ଉଚ୍ଚ ଦକ୍ଷତା ହାସଲ କରିବା ,ଦେଖିବା ଏଥିପାଇଁ ସ୍କୁଲ ଏବଂ ସମାଜରୁ କି ପ୍ରକାର ସହଯୋଗ ମିଳୁଛି । ଏହି ପରିସ୍ଥିତିରେ ପରିବାର ଓ ସମାଜ ସାଧାରଣତଃ ପ୍ରଥମ ଭାଷାଭାଷୀ ବ୍ୟକ୍ତି କିନ୍ତୁ ସେମାନଙ୍କ ପିଲାଙ୍କ ଅପେକ୍ଷା ଦ୍ୱିତୀୟ ଓ ତୃତୀୟ ଭାଷା ସହ ସେମାନେ ଅଧିକ ପରିଚିତ । ସେମାନଙ୍କ ସ୍କୁଲରେ ତୃତୀୟ ଭାଷା ବିକାଶ ସୁଯୋଗ ନ ଥିବା ଯୋଗୁଁ ଅଧିକାଂଶ ଲୋକ ଲେଖିବା ଓ ପଢିବାର ଦକ୍ଷତା ହାସଲରୁ ବଞ୍ଚିତ । ସେମାନେ କେବଳ ପ୍ରଥମ ଭାଷା ମାଧମରେ ହିଁ ପିଲାଙ୍କୁ ତାଙ୍କ ପଢାପଢିରେ ସାହାର୍ଯ୍ୟ ସହଯୋଗ କରିପାରିବେ        ଏହା ସହିତ ପରିବାର ଏବଂ ସମାଜର ଅନ୍ୟାନ୍ୟ ସଦସ୍ୟ ମାନେ ପିଲାକୁ ଦ୍ୱିତୀୟ ଭାଷାର ମୌଖିକ ଜ୍ଞାନ ସହ ପରିଚିତ କରାଇପାରିବେ ।

ଶିକ୍ଷାରେ ସହଯୋଗ ପାଇଁ ଏହି ଭାଷା ଗୁଡିକୁ ଅଧ୍ୟୟନ କରାଯିବା ଦରକାର । ଏହି ପରିସ୍ଥିତିରେ ପିଲାର ପାଠ ଦକ୍ଷତା ସହ ପରିଚୟ ଶିକ୍ଷକଙ୍କ ଦ୍ୱାରା ହୋଇଥାଏ । ଯଦି ଦ୍ୱିଭାଷା ଓ ବହୁଭାଷା କାର୍ଯ୍ୟକ୍ରମ ନୂଆ ତେବେ ଶିକ୍ଷକର ମାତୃଭାଷାରେ ଅଧିକ ଦକ୍ଷତା ନଥାଇପାରେ ତେବେ ପ୍ରଥମ ଭାଷାର ଅକ୍ଷର ପରିଚୟ ସହ ଲେଖା ଓ ପଢା ଜାଣିଥିବା ଭାଷା ଜ୍ଞାନର ପ୍ରସାରଣ କରି ସହଜରେ ସେମାନେ ଏହା ଶିଖି ପାରିବେ । ପ୍ରଥମ ଭାଷା ମାଧମରେ ପଢାଇବାକୁ ହେଲେ ସେମାନେ ଭାଷାବିଜ୍ଞାନ, ଶବ୍ଦାବଳୀ ଜ୍ଞାନର ବିକାଶ କରାଇବା ଆବଶ୍ୟକ ଏହା ଇଙ୍ଗିତକରେ ଯେ ସେମାନଙ୍କ ପ୍ରଥମ ଭାଷାରେ ଆଂଶିକ ତାଲିମ ଏବଂ ପରେ ଯାହା ପ୍ରଥମ ଭାଷା ଦକ୍ଷତା ହାସଲରେ ସଂପୂର୍ଣ୍ଣ ତାଲିମ ଦେବା ଉଚିତ୍ । ଯଦି ଦ୍ୱିତୀୟ ଭାଷାକୁ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗ କରାଯାଏ ତେବେ ଏହି ପର୍ଯ୍ୟାୟ ଗୁଡିକ ପ୍ରାୟ ସମାନ ରହିବ ଏବଂ ଦ୍ୱିତୀୟ ଭାଷା ଶିକ୍ଷା ପ୍ରଣାଳୀକୁ ଶିଖିବା ପାଇଁ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଏହାକୁ ଯୋଗ କରିବେ ।

ତୃତୀୟ ଭାଷାରେ ଉଚ୍ଚ ଦକ୍ଷତା ହାସଲ କରିବାର ଖୁବ୍ କମ୍ ସହଯୋଗ ଥିବା କଥା ବିବରଣୀରେ ଦର୍ଶାଯାଇଛି । ଶିକ୍ଷକତାର ସ୍କୁଲ ବାହାରେ ତୃତୀୟ ଭାଷା ସହ ପରିଚୟ ନଥିବା ଯୋଗୁଁ ଏହା ତାଙ୍କ ପାଇଁ ଅଜଣା ଭାଷା ଏବଂ ସେମାନେ ଯଦି ତୃତୀୟ ଭାଷାରେ ଉଚ୍ଚ ଦକ୍ଷତା ହାସଲ କରିବାକୁ ଚାହାଁନ୍ତି ତେବେ ସେମାନଙ୍କ ଶିକ୍ଷକ ପ୍ରଥମେ ଏହି ତୃତୀୟ ଭାଷା ରେ ଉଚ୍ଚ ଦକ୍ଷତା ହାସଲ କରିବା ଉଚିତ୍ । ଶିକ୍ଷକର ତୃତୀୟ ଭାଷାରେ ଦକ୍ଷତାର ଅଭାବକୁ କୌଣସି ପାଠ୍ୟ ପୁସ୍ତକ ପୁରା କରି ପାରିବ ନାହିଁ । କାରଣ ପିଲାଙ୍କ ପାଇଁ ଶିକ୍ଷକ ହିଁ ଏକ ମାତ୍ର ସେହି ଭାଷାର ଅନୁରୂପ ।

ଚିତ୍ରରେ ଦର୍ଶାଯାଇଥିବା ସ୍ଥିତିରେ ଆମେ କହି ପାରିବା ଯେ ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷା ପଦ୍ଧତି ଭିତରେ ପିଲା ତୃତୀୟ ଭାଷାରେ ଉଚ୍ଚ ଦକ୍ଷତା ହାସଲ କରିବା ଅସମ୍ଭବ କିନ୍ତୁ ଶିକ୍ଷକ ତାଲିମ ମଧ୍ୟରେ ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷାର ମୌଖିକ ଓ ଲିଖିତ ଦକ୍ଷତାକୁ ଅଳ୍ପ ପରିଶ୍ରମରେ ହାସଲ କରାଯାଇପାରେ । ଅବଶ୍ୟ ଶିକ୍ଷାରେ ଭାଷାର ବ୍ୟବହାରକୁ ପରିବର୍ତ୍ତନ କରିବା ପାଇଁ ଦ୍ୱିଭାଷା ଓ ବହୁଭାଷାର ସହଜ ପଦ୍ଧତି, ପାଠ୍ୟ ଉପକରଣ ର ବିକାଶ,ଗଠନର ପରିବର୍ତ୍ତନ ହେବା ଆବଶ୍ୟକ । ତୃତୀୟ ଭାଷାର ବିକାଶ ପାଇଁ ମଧ୍ୟମ ଓ ଦୀର୍ଘ ଯୋଜନା ଦରକାର । ଯଦି ଉତ୍ତମ ଶିକ୍ଷାର ବିକାଶ ଆବଶ୍ୟକ ତେବେ ଶିକ୍ଷକ ଓ ପିଲାର ଭାଷା ସମ୍ବନ୍ଧୀୟ ଉଚିତ୍ ବିନିଯୋଗ ଦରକାର ଏବଂ ତୃତୀୟ ଭାଷାକୁ ସ୍ୱଳ୍ପ ସମୟ ମଧ୍ୟରେ ବାସ୍ତବ ସ୍ତରରେ ତାର ପ୍ରୟୋଗ ଦରକାର ।

**<u>ସିଦ୍ଧାନ୍ତ/ ସମାପ୍ତି</u>**

ବହୁଭାଷା ସ୍ଥିତିକୁ ବିଶ୍ଳେଷଣ କରିବା ପାଇଁ ଏହି କ୍ଷେତ୍ରରେ ବିଭିନ୍ନ ନୂଆ ଉପାଯ୍ଯ, ଗବେଷଣା ଓ ପ୍ରୟୋଗର ନୂତନ ଦିଗ ଦୃଷ୍ଟିଗୋଚରକୁ ଆସେ ।ଶିକ୍ଷକ ଏବଂ ଛାତ୍ରର ବହୁଭାଷାର ଦକ୍ଷତା ,ସ୍କୁଲ ପାଠ୍ୟକ୍ରମରେ ଭାଷାର ସାମିଲ, ଶିକ୍ଷକ ତାଲିମ ପାଠ୍ୟକ୍ରମକୁ ମାପିବାର ସଠିକ୍ ଦିଗକୁ ଖୋଜିବା ଅତ୍ୟନ୍ତ ଜରୁରୀ । ଶିକ୍ଷକ କେବଳ ଶିକ୍ଷକତା ପୂର୍ବ ତାଲିମରେ ନୁହେଁ ବରଂ ସମ୍ପୂର୍ଣ୍ଣ କର୍ମମଯ୍ଯ ଜୀବନ ଭିତରେ ସେ କିପରି ବହୁଭାଷାରେ ଦକ୍ଷତା ଏବଂ ବହୁ ଜ୍ଞାନର ବିକାଶ କରିପାରିବ ସେଇ ରାସ୍ତା ଖୋଜି ବାହାର କରିବ । ଶିକ୍ଷାର୍ଥୀଯ୍ଯ ବହୁଭାଷାର ମୌଖିକ ଦକ୍ଷତା ଏବଂବହୁବିଷଯ୍ଯଜ୍ଞାନ ଉପରେ ହେଉଥିବା ଗବେଷଣା ଦ୍ୱାରା ଶ୍ରେଣୀ କକ୍ଷର ଅଭ୍ୟାସ ଲାଭବାନ୍ ହୋଇଥାଏ । ଶ୍ରେଣୀ କକ୍ଷର ଶିକ୍ଷା ପ୍ରଣାଳୀ ଏବଂ ସଠିକ୍ ପାଠ୍ୟଉପକରଣ ର ସଠିକ୍ ବିକାଶ ହେଲେ ତାହା ଭଷା ମଧ୍ୟରେ ଦକ୍ଷତାର ପ୍ରସାରଣରେ ସାହାର୍ଯ୍ୟ କରିବ ।

ଭାଷାରେ ଏବଂ ପାଠ୍ୟ ଅଧ୍ଯ୍ୟନରେ ଜଣାଶୁଣା ନିଯ୍ଯମକୁ ଲାଗୁ କରି ,ଅଧିକ ପ୍ରଭାବ ଶାଳୀ ନୀତି ଓ ଅଭ୍ୟାସ ମାଧ୍ୟମରେ ଏଥିରେ ଛୋଟ ,ମଧ୍ୟମ ଏବଂ ଉଚ୍ଚ ଯୋଜନା କରାଯିବ । ପ୍ରାଥମିକ ସ୍କୁଲ ପିଲାଙ୍କ ଶିକ୍ଷକ ଏବଂ ଶିକ୍ଷା ବ୍ୟବସ୍ଥା ଭିତରେ ଥିବା ଭାଷାଗତ ଦୂରତାକୁ ଦୂର କରିବା ପାଇଁ ସଠିକ୍ ଯୋଜନା ଆବଶ୍ୟକ । ବହୁ ବିଷଯ୍ଯ ଶିକ୍ଷା ଓ ବହୁଭାଷା ଦକ୍ଷତା ବୃଦ୍ଧି ପାଇଁ ଅଧିକ ଗବେଷଣା ଦରକାର ଏବଂ ଏହି ନୂତନ କାର୍ଯ୍ୟକ୍ରମ ଗୁଡିକୁ ଯୋଜନା କରି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏହାର ପରୀକ୍ଷା ବ୍ୟକ୍ତିଗତ ଓ ସର୍ବସ୍ତରରେ ଉଭଯ୍ଯ ଶିକ୍ଷକ ଏବଂ ଛାତ୍ର କ୍ଷେତ୍ରରେ କରାଯିବା ଦରକାର । ଭାଷା ଗୋଷ୍ଠି, ଶିକ୍ଷକ ଏବଂ ଛାତ୍ର ସାମର୍ଥକୁ ଆଧାରକରି ବହୁଭାଷା ଶିକ୍ଷାର ପୁନଗଠନ କରାଯିବା ଦରକାର ଯାହା ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ର ସୁଯୋଗ ଯୋଗାଇ ଦେଇ ପାରିବ ।

GIST EDUCATION & RESEARCH JOURNAL, ISSN-1625-5777, PP138-154

# ଦ୍ୱିଭାଷୀ ଶିକ୍ଷାର ଉର୍ଦ୍ଧରେ: ନେପାଳର ବହୁଭାଷୀ ଭାଷା ଶିକ୍ଷା ।

## Beyond Bilingual Educastion: Multilingual Language Edudcation in Nepal

**Shelly K. Taylor**
**University of Western Ontario.**

**Abstraty**

ଏହି **Paper** ର ଉଦେଶ୍ୟ ହେଲା ସାରା ନେପାଳରେ ପ୍ରଚଳିତ କରାଯାଇଥିବା ବହୁଭାଷୀ ଭାଷା ଶିକ୍ଷା କାର୍ଯ୍ୟକ୍ରମର ଗଠନ ପ୍ରଣାଳୀକୁ ବର୍ଣ୍ଣନା କରିବା । ବହୁଭାଷୀ ଶିକ୍ଷାର ମୁଖ୍ୟ ଉଦେଶ୍ୟ, ନେପାଳରେ ଏହାକୁ ପ୍ରଚଳନ କରିବାର ଯଥାର୍ଥତା ଏବଂ କର୍ମଶାଳା ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ବହୁଭାଷୀ ଶିକ୍ଷାର ଡାଞ୍ଚା କୁ ମୁଁ ଏଠି ଉପସ୍ଥାପନା କରିଛି । ଏହି ଡାଞ୍ଚା ବା ଗଠନକୁ ସାତଟି ଅଂଶରେ ବିଭକ୍ତ କରାଯାଇଛି ,ସେଥିରୁ ଚାରୋଟି ସ୍ୱତନ୍ତ୍ର ରୂପେ ବହୁଭାଷୀ ଶିକ୍ଷା ପାଇଁ ,ତିନୋଟି ଦୁଇଭାଷୀ ଶିକ୍ଷା ଉପରେ ଆଲୋଚିତ । ତେଣୁ ତାହାକୁ ଏଠି ଆଲୋଚନା କରାଯାଇ ନାହିଁ । ମୁଁ ଯୁକ୍ତି କରେ ବହୁଭାଷୀ ଶିକ୍ଷା ସମସ୍ତ ଦେଶରେ ସେଠାକାର ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀ ପିଲାଙ୍କ ଶିକ୍ଷାଗତ ଏବଂ ସାମାଜିକ ବିକାଶ ପାଇଁ ନିହାତି ଆବଶ୍ୟକ ।

ପୃଥିବୀର ସବୁ ଦେଶର ରାଜନେତା ଓ ଭାଷାନୀତି ପ୍ରବର୍ତ୍ତକ ମାନେ ଯଦି ସ୍ଥିର କରିବେ ଯେ ସବୁପିଲା ସେମାନଙ୍କ ମାତୃଭାଷା (ପ୍ରଥମ ଭାଷା) ମାଧ୍ୟମରେ ପ୍ରାଥମିକ ଶିକ୍ଷା ପାଇବେ, ଯଥା କଲୋମ୍ବ, କାନାଡା ଓ ନେପାଳ ଦେଶ ପରି, ତେବେ ସେମାନେ କିପରି ପ୍ରତିବନ୍ଧର ସମ୍ମୁଖିନ ହେବେ । ପିଲା ନିଜ ସ୍ଥାନର ସରକାରୀ ଭାଷାରେ ଏବଂ ତାର ପ୍ରଥମ ଭାଷାରେ ଶିକ୍ଷାଲାଭ କଲେ କଣ ସୁବିଧା ହୋଇପାରିବ ? ଯଦି ରାଜନେତା ଓ ଭାଷା ନୀତି ପ୍ରବର୍ତ୍ତକ ମାନେ ସ୍ଥିର କରିବେ ଯେ ପ୍ରତ୍ୟକ ପିଲା ନିଜ ପ୍ରଥମ ଭାଷା ମାଧ୍ୟମରେ ଶିକ୍ଷାଲାଭ କରିବେ । ଯଦିଓ ଏହା ଫଳରେ ଗୋଟିଏ ଦେଶରେ ଶହେଟିରୁ ଉର୍ଦ୍ଧ ଭାଷା ହୋଇପାରେ ତାହେଲ କଣ ହେବ ? ଯଦିଓ ଏହି ପ୍ରକାର ପଦକ୍ଷେପ ଅସମ୍ଭବ ମନେ ହୁଏ , ତଥାପି ନେପାଳ ସରକାର ସ୍ଥିର କରିଛନ୍ତି ପ୍ରତ୍ୟକ ପିଲାକୁ ତାର ପ୍ରଥମ ଭାଷା ମାଧ୍ୟମରେ ଶିକ୍ଷା ଦେବା ପାଇଁ । ପ୍ରଥମ ଭାଷା ମାଧ୍ୟମରେ ଶିକ୍ଷାଲାଭ କରିବାରେ ମୌଳିକ ଅଧିକାର ପ୍ରତ୍ୟକ ପିଲାର ରହିଛି ବୋଲି ୨୦୦୩ରୁ ସମ୍ବିଧାନ ସ୍ୱୀକୃତି ଦେଇସାରିଛି । ନେପାଳର ପ୍ରତ୍ୟକ ପିଲା ପ୍ରଥମ ଶ୍ରେଣୀରୁ ନେପାଳୀ ଓ ଇଂରାଜୀ ପଢନ୍ତି । ଏହା ଅର୍ଥ ହେଲା ନେପାଳରେ ବହୁଭାଷୀ ଭାଷା ଶିକ୍ଷାର ପ୍ରଚଳନ କରାଯାଇଛି ।

ଅନ୍ୟ କୌଣସି ଦେଶ ଅଛି କି ଯିଏ ଏହି ନୀତିକୁ ଅନୁକରଣ କରିବ । ଗୋଟିଏ ଯଥାର୍ଥ ଯୁକ୍ତି ହେଉଛି : ଆମେ ଏମିତି ବି ଜାଣିନୁ ଯେ ସାରା ଦେଶ ବ୍ୟାପି ବହୁଭାଷୀ ଶିକ୍ଷା କିପରି ହୋଇପାରେ ।ଏହି ଚବକ୍ତରକ୍ସରେ ନେପାଳରେ ପ୍ରଚଳନ କରାଯାଇଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଗଠନ ପ୍ରଣାଳୀ ବା ଡାଞ୍ଚାର ସଂକ୍ଷିପ୍ତ ବର୍ଣ୍ଣନା କରାଯାଇଛି । ଏଥିରେ ସକ୍ଷିପ୍ତରେ ମୁଁ ନେପାଳ ବିଷୟରେ ଏବଂ ସେଠି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନର ଯଥାର୍ଥତା ବିଷୟରେ ଆଲୋଚନା କରିଛି । କର୍ମଶାଳା ମାଧ୍ୟମରେ ପ୍ରସ୍ତୁତ ଏହି ଡାଞ୍ଚା ଯେଉଁଠି ମୁଁ ଏହି ପ୍ରସ୍ତୁତକାରୀ ଶିକ୍ଷକ ଓ ଲେଖକ ମାନଙ୍କୁ ଏହି ଧାରଣା ସହ ପରିଚୟ କରାଇଛି । ମୁଁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ସିଦ୍ଧାନ୍ତରୁ ଆରମ୍ଭ କରୁଛି ।

ବହୁଭାଷୀ ଶିକ୍ଷାର ମୁଖ୍ୟ ସିଦ୍ଧାନ୍ତ

ବହୁଭାଷୀ ଶିକ୍ଷା କହିଲେ ଯେଉଁଠି ଶିକ୍ଷାଦାନ ପ୍ରକୀୟା ଭିତରେ ଦୁଇରୁ ଅଧିକ ଭାଷାକୁ ବ୍ୟବହାର କରାଯାଏ ଏବଂ ଅନ୍ତତଃ ଶିକ୍ଷାଦାନ ପ୍ରକୀୟା ଭିତରେ ତିନୋଟି ଭାଷାକୁ ବ୍ୟବହାର କରାଯାଏ ଏବଂ ସେଗୁଡିକ କେବଳ ବିଷୟ ରୂପେ ପଢାଯାଏ ନାହିଁ । ନେପାଳୀ କ୍ଷେତ୍ରରେ ପିଲାର ପ୍ରଥମ ଭାଷା ଯାହା ସ୍ୱଦେଶୀ କିମ୍ବା ସଂଖ୍ୟାଲଘୁ ଭାଷା ହୋଇପାରେ,ନେପାଳର ସରକାରୀ ଭାଷା ନେପାଳୀ ଏବଂ ବିଦେଶୀ ଭାଷା ଭାବେ ଇଂରାଜୀ ପଢାଯାଏ ।। ନେପାଳୀ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଯେଉଁଥିରେ ମୁଁ ଜଡିତ ,ସେଠି ତିନୋଟି ଯାକ ଭାଷା ପ୍ରଥମ ଶ୍ରେଣୀରୁ ହିଁ ପଢାଯାଏ, ଯଦିଓ ସ୍ୱଦେଶୀ କିମ୍ବା ସଂଖ୍ୟାଲଘୁ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବ୍ୟବହାର କଲାବେଳେ ଇଂରାଜୀ ଓ ନେପାଳୀକୁ ବିଷୟ ରୂପେ ପଢାଯାଏ । ୨୦ ବର୍ଷ ତଳେ **Skutnabb-Kangas**(୧୯୯୫)ବହୁଭାଷୀ ଶିକ୍ଷାର ମୁଖ୍ୟ ସିଦ୍ଧାନ୍ତ ବିଷୟରେ ସ୍ଥିର କରିଥିଲେ । ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ପିଲାମାନେ ଶିକ୍ଷା ମାଧ୍ୟମରେ ବହୁଭାଷିତାକୁ ହାସଲ କରିବା ପାଇଁ ହେଲେ ଛଅଟି ମୁଖ୍ୟ ଦିଗ ରହିଛି :

୧. ଯେଉଁ ଭାଷାକୁ ବିଶେଷ ବିକଶିତ କରାଯାଇପାରିବ ତାହାକୁ ଶିକ୍ଷାର ମୁଖ୍ୟ ଭାଷା ରୁପେ ପ୍ରଥମ ଆଠ ବର୍ଷ ପଢିବା ଉଚିତ୍ ।

୨. ସମାନ ସମାନ ପ୍ରଥମ ଭାଷାର ପିଲାଙ୍କୁ ପ୍ରାରମ୍ଭରେ ଗୋଟିଏ ଦଳରେ ରଖାଯିବା ଯାହା ଦ୍ୱାରା ପିଲାର ବୌଦ୍ଧିକ ବିକାଶରେ ସହାୟ ହେବ ।

୩. ପ୍ରତ୍ୟକ ପିଲାର ପ୍ରଥମ ଭାଷାକୁ ସମାନ ରୂପେ ଉତ୍ସାହିତ କରିବା ଏବଂ ସେମାନଙ୍କର ଶିକ୍ଷାଦାନର ମାଧମର ସମାନ ଜ୍ଞାନ ରହିବା ଉଚିତ୍ । ଉଦାହରଣ ସ୍ୱରୂପ ଯଦି ନେପାଳୀ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଅଧା ପିଲା ମୌଥଳୀ ଭାଷି ଏବଂ ଅଧା ପିଲା ଥାରୁ ଭାଷି ସେହି କ୍ଷେତ୍ରରେ ଶିକ୍ଷକ ଶ୍ରେଣୀ କକ୍ଷରେ ସୋମବାର ମୌଥଳୀ ବ୍ୟବହାର କରିବ ଏବଂ ମଙ୍ଗଳବାର ଥାରୁ ଭାଷା ବ୍ୟବହାର କରିବ କିମ୍ବା ଶିକ୍ଷକ ସକାଳେ ମୌଥଳୀ କହିଲା ବେଳେ ଉପରଓଳି ଥାରୁ ଭାଷାକୁ ଶ୍ରେଣୀ କକ୍ଷରେ କହିବ । ଏହି ଭଳି ଉଭୟ ଭାଷାର ଛାତ୍ର ଶ୍ରେଣୀ କକ୍ଷର ଶିକ୍ଷାର ମାଧମ ଭାଷାକୁ ଅଧା ସମୟ ବୁଝିବେ ଓ ଅଧା ସମୟ ବୁଝିବେ ନାହିଁ ଏହିପରି ସମାନ ସମାଧାନ କରାଯାଇପାରିବ ।

୪. ଶିକ୍ଷକ ଦ୍ୱିଭାଷୀ କିମ୍ବା ବହୁଭାଷୀ ହେବା ଉଚିତ୍ କିନ୍ତୁ ଶିକ୍ଷକ ପିଲାର ପ୍ରଥମ ଭାଷାକୁ ସ୍ୱଷ୍ଟ ରୂପେ କହି ପାରିବା ନିହାତି ଜରୁରୀ , ଯାହା ପ୍ରାଥମିକ ଶିକ୍ଷାର ମାଧମ ରୂପେ ବ୍ୟବହୃତ ।

୫. ଶିକ୍ଷକଙ୍କ ଦ୍ୱାରା ମଧ୍ଯ ପଢାଯିବା ଦରକାର ଯିଏ ପିଲାର ପ୍ରଥମ ଭାଷା ଜାଣନ୍ତି ।

୬. ପିଲା ସ୍କୁଲ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ବାଧତାମୂଳକ ବିଷୟ ରୂପେ ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷା କୁ ପଢିବ ତେବେ ଯାଇ ସେ ଦୁଇଟି ଭାଷାରେ ଶିକ୍ଷିତ ହୋଇପାରିବ ।

ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ପିଲାଙ୍କୁ ସେମାନଙ୍କ ପ୍ରଥମ ଭାଷାରେ ପଢିବାର ସୁଯୋଗ ଦିଏ ଯାହା ଦ୍ୱିଭାଷୀ ଶିକ୍ଷା କ୍ଷେତ୍ରରେ ହୋଇଥାଏ । ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ହୋଇଥିବା ଗବେଷଣାରୁ ଜଣାଯାଏ ଯେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ପିଲାଙ୍କୁ ଦ୍ୱିଭାଷା ଶିକ୍ଷା କାର୍ଯ୍ୟକ୍ରମ ମାଧମରେ,ପ୍ରଥମ ଭାଷା ମାଧମରେ ଶିକ୍ଷା ଦେବା ଫଳରେ ସେମାନେ ଶିକ୍ଷାରେ ବିଶେଷ ସଫଳତା ପାଇଥାନ୍ତି । ଗବେଷକ ମାନଙ୍କ ଦ୍ୱାରା କରାଯାଇଥିବା ଦୀର୍ଘ ଅଧ୍ୟୟନରୁ ଜଣାଯାଏ ଯେ ଦୀର୍ଘ ସମୟ ଧରି ପ୍ରଥମ ଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରିବା ଫଳରେ ଏହାର ସାକାରାତ୍ମକ ପ୍ରଭାବ ଶିକ୍ଷା ଉପରେ ପଡିଥାଏ । ତେଣୁକରି ନେପାଳରେ ରହୁଥିବା ପିଲାଙ୍କ ପ୍ରାଥମିକ ଶିକ୍ଷାର ପାଇଁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଚୟନ କରାଯାଇଛି ଏବଂ ତାହାର ଲୋକପ୍ରିୟତା ମଧ ବଢିଛି । କିନ୍ତୁ ଏହା ହିଁ ଏକମାତ୍ର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରଚଳନ କରିବାର ଏକମାତ୍ର କାରଣ ନୁହଁ ।

## ନେପାଳରେ ବହୁଭାଷୀ ଶିକ୍ଷା କାହିକି ?

ଯାଦବ (୨୦୦୩) ରେ କହିଛନ୍ତି ଯେ ନେପାଳରେ ବର୍ତ୍ତମାନ ୧୦୪ ଟି ଭାଷା କୁହାଯାଏ ଏବଂ ଏହି ଭାଷା ଗୁଡିକ ୪ଟି ଭାଷା ପରିବାରରେ ବିଭକ୍ତ । ଇଣ୍ଡୋ ୟୁରୋପିଆନ୍ , ତିବତ -ବରମନ, ଆଫ୍ରୋ ଏସିଆଟିକ୍ ଏବଂ ଦ୍ରାବିଡ । ନେପାଳର ୮୦ ଭାଗ ଲୋକ ଇଣ୍ଡୋଆର୍ଯ୍ୟ ଭାଷା ଗୋଷ୍ଠୀ ଅନ୍ତର୍ଗତ ଭାଷା କୁହନ୍ତି ଯଥା ଥାରୁ, ଯାହାକୁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରାଯାଇଛି । ନେପାଳରେ ୫୩ ଟି ତିବତ-ବରମିନ ଭାଷା ରହିଛି ,ଯାହାକୁ ସେଠାକାର ୧୯% ଲୋକେ କହିଥାନ୍ତି । ଲିମ୍ବୁ ଏବଂ ନେୱାର ଏହି ଦୁଇ ତିବତ-ବରମିନ ଭାଷାକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ନେପାଳର କେବଳ ୦.୧୯% ଲୋକ ଅଷ୍ଟ୍ରୋଏସିୟାଟିକ୍ ଭାଷା କହିଥାନ୍ତି । ସେଥିମଧରୁ ଗୋଟିଏ ରହିଛି ସାନ୍ତାଳୀ, ଯାହାକୁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । କେବଳ ୦.୧୩% ପ୍ରତିଶତ ନେପାଳ ଲୋକେ ଦ୍ରାବିଡ ଭାଷା କହିଥାନ୍ତି ଯଥା ଟ୍ରାଙ୍ଗାର, ଯାହାକୁ ମଧ ଏହି ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ।

ନେପାଳର ୪୮% ପ୍ରତିଶତ ଲୋକେ ନେପାଳୀକୁ ପ୍ରଥମ ଭାଷା ଭାବେ ବ୍ୟବହାର କରିଥାନ୍ତି ଏବଂ ୫୦% ପ୍ରତିଶତ ଲୋକେ ସ୍କୁଲ ଯାଉଥିବା ଜନସଂଖ୍ୟା ନେପାଳୀ ପରିବର୍ତ୍ତେ ଅନ୍ୟ ଏକ ଭାଷାକୁ ସେମାନଙ୍କର ପ୍ରଥମ ଭାଷା ରୂପେ ବ୍ୟବହାର ଏହି ବିଭେଦତା ଯୋଗୁଁ ଶିକ୍ଷାରେ ଭାଷା ନୀତି ସଠିକ୍ ପ୍ରଚଳନ ,ଭାଷାଗତ ଓ ସାଂସ୍କୃତିକ ବିକାଶ କାର୍ଯ୍ୟକ୍ରମ, ଶିକ୍ଷାଦାନ ପ୍ରକ୍ରିୟାର ଅଭ୍ୟାସ ଏବଂ ପିଲାଙ୍କୁ ଦଳରେ ବିଭକ୍ତ କରିବା ଇତ୍ୟାଦି କାର୍ଯ୍ୟକ୍ରମକୁ ସଠିକ୍ ରୂପେ କରାଯାଇଛି । ଉଦାହରଣ ସ୍ୱରୂପ ,ଯାଦବ ଦର୍ଶାଇଛନ୍ତି ଯେ ନେପାଳର ୨୦୦୫ର ସ୍କୁଲ ସ୍ତରୀୟ ଶିକ୍ଷାର ପରିସଂଖ୍ୟାନରୁ ଜଣାଯାଇଛି ଯେ ୪,୫୦୨,୬୯୩ ପିଲା ଯିଏକି ପ୍ରାଥମିକ ସ୍ତରରେ ସ୍କୁଲରେ ପ୍ରବେଶ କରିଥିଲେ ,ସେମାନଙ୍କ ମଧରୁ ୧,୬୦୨,୦୪୩ ହେଉଛନ୍ତି ସ୍ୱଦେଶୀ /ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ଛାତ୍ର ଏବଂ ସେମାନଙ୍କ ମଧରୁ ଅଧିକାଂଶ ପିଲା ସ୍କୁଲ ପରିତ୍ୟାଗ କରିଥିଲେ କାରଣ ନେପାଳୀ କୁ ପ୍ରଥମ ଭାଷା ରୂପେ ସେମାନେ କହିପାରୁ ନଥିଲେ । ଯାଦବ ବ୍ୟାଖ୍ୟା କରିଥିଲେ ଯେ :

ନେପାଳ ହେଉଛି ଭାଷା ବିବିଧତାର କେନ୍ଦ୍ର ସ୍ଥଳ । ପୂର୍ବରୁ କେବଳ ଗୋଟିଏ ଭାଷାକୁ ପ୍ରତିଷ୍ଠା କରାଯାଇଥିଲା ତାହା ହେଉଛି ନେପାଳୀ ଯାହା ଶକ୍ତିଶାଳୀ ଥିଲା ଓ ସମ୍ମାନ ଜନକ ଦୃଷ୍ଟିରେ ଦେଖାଯାଉଥିଲା ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ଭାଷାକୁ ଅବହେଳା କରାଯାଇ ତାହାକୁ ଦବାଇବାକୁ ଚେଷ୍ଟା କରାଯାଇଥିଲା । ବ୍ୟକ୍ତି ଅଧିକାର ସଚେତନ ବୃଦ୍ଧି ସହିତ ସଂଖ୍ୟାଲଘୁ ଭାଷା

କୁ ମଧ ଦୃଷ୍ଟି ଦିଆଗଲା । ଏହା ଫଳରେ ବହୁଭାଷୀ ଶିକ୍ଷା ନୀତି ପ୍ରଚଳନର କରାଗଲା ।

ଯେଉଁ ପିଲା ମାନେ ସ୍କୁଲ ଯାଆନ୍ତି ନାହିଁ ସେମାନଙ୍କର ଶିକ୍ଷାଗତ ଓ ଆର୍ଥିକ ଅବନତି ହୁଏ ଏବଂ ଯେଉଁ ପିଲା ସ୍କୁଲ ଶିକ୍ଷାର ମାଧମ ରୂପେ ବ୍ୟବହୃତ ଭାଷାକୁ ବୁଝି ପାରେ ନାହିଁ ଏବଂ ନିଜ ଭାଷା ଓ ଜ୍ଞାନ କୁ ଅବହେଳା କରାଯିବା ଅନୁଭବ କରେ ସେ ସ୍କୁଲ ଯାଏ ନାହିଁ । ତେଣୁ କରି ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ପିଲାଙ୍କ ପ୍ରଥମ ଶ୍ରେଣୀରୁ ସ୍କୁଲ ଛାଡିବା ଅନୁପାତ ହେଉଛି ୫୦% ପ୍ରତିଶତ ଯାହା ସେମାନଙ୍କର ଶିକ୍ଷାଗତ ଅସଫଳତାକୁ ଦର୍ଶାଉଛି ଏବଂ ଏହା ନେପାଳର ସାକ୍ଷରତା ହାର ଉପରେ ପ୍ରଭାବ ପକାଉଛି ।

ସର୍ବସ୍ତରରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ରହୁଥିବା ପିଲାଙ୍କ ସଂଖ୍ୟା ୫୮% ପ୍ରତିଶତ ରୁ ୩୨% ପ୍ରତିଶତକୁ ୧୯୯୯ରୁ ୪୦୦% ପ୍ରତିଶତ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀ ପିଲାଙ୍କ ସ୍କୁଲ ପରିତ୍ୟାଗ ଧ୍ୟାନ ଆକର୍ଷଣ କରେ । ସର୍ବରାଷ୍ଟ୍ର ସ୍ତରରେ ଏବଂ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀଙ୍କ ମଧରେ ଏହି ବିଭେଦାତ୍ମକ କାରଣରୁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ନେପାଳରେ ପ୍ରଚଳନ କରିବାରେ ଯଥାର୍ଥତା ଯାଦବ ଦର୍ଶାଇଛନ୍ତି ।

ଏହାକୁ କେବଳ ଶିକ୍ଷା କ୍ଷେତ୍ରରେ ପ୍ରଚଳନ କରାଯାଇନାହିଁ ,ଏହାକୁ ସାମାଜିକ-ରାଜନୈତିକ କ୍ଷେତ୍ରରେ ମଧ ପ୍ରଚଳନ କରାଗଲା । ଦ୍ଵିଭାଷୀ ଶିକ୍ଷା ଏବଂ ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମ ଫଳରେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀଙ୍କ ଶିକ୍ଷାଗତ ଏବଂ ଆର୍ଥିକ ସ୍ଥିତିର ବିକାଶ କରାଇଛି, ଏହା ମଧ ପିଲାର ଭାଷା ଅଧିକାରକୁ ସୁରକ୍ଷିତ କରାଇଛି । ସଂଖ୍ୟାଲଘୁ ଭାଷା ଗୋଷ୍ଠୀଙ୍କ ଶିକ୍ଷାଗତ ଓ ଆର୍ଥିକ- ସାମାଜିକ ବିକାଶ ସହ ଦ୍ଵିଭାଷା ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମର ଘନିଷ୍ଠ ସଂମ୍ପର୍କ ରହିଛି । ତେଣୁକରି ସେମାନଙ୍କ ପ୍ରଥମ ଭାଷାକୁ ଶିକ୍ଷାର ମାଧମରୁ ଦୁରେଇ ରଖିବା ଅର୍ଥ ସେମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପଥରେ ପ୍ରତିବନ୍ଧ ସୃଷ୍ଟି କରିବା ।

ଝଳଙ୍କସ୍ଵଭବଭଭ-କବଭଶବଦ୍ଧ(୧୯୯୮) ରେ ବର୍ଣ୍ଣନା କରିଛନ୍ତି ଯେ ବ୍ୟକ୍ତିର ଭାଷା ଅଧିକାର ତାକୁ ସମର୍ଥ କରାଏ : ୧. ପୁରା ଶିଖିବା, ସରକାରୀ ସ୍ତରରେ ବ୍ୟବହୃତ ହେବା ଭାଷା ମାଧମରେ ନିଜ ର ପରିଚୟକୁ ସ୍ଵିକୃତି ଦେବା ।

୨. ଦେଶର ଗୋଟିଏ ସରକାରୀ ଭାଷାକୁ ଶିଖିବା ଅର୍ଥାତ୍ ବ୍ୟକ୍ତି ଦ୍ଵିଭାଷୀ ବା ବହୁଭାଟୀ ହୋଇଥାଏ ।

୩.ପ୍ରଥମ ଭାଷାକୁ ପରିବର୍ତ୍ତନ ପାଇଁ ବାଧ କରାନଯିବା, ଯଦି ବ୍ୟକ୍ତି ଜାଣି ନାହିଁ ଯେ ଭାଷା ପରିବର୍ତ୍ତନ ଦ୍ଵାରା ଆଗକୁ ତାର ଫଳାଫଳ କଣ ହେବ ,ତେଣୁ ଭାଷା ପରିବର୍ତ୍ତନ ବ୍ୟକ୍ତିର ସ୍ଵେଛାକୃତ ହେବା ଉଚିତ୍ ।

୪. ରାଜ୍ୟ ଶିକ୍ଷା ବ୍ୟବସ୍ଥାରୁ ଫାଇଦା ପାଇବା ,ତାର ପ୍ରଥମ ଭାଷା ଯାହା ବି ହେଉ ।

ଯେତେବେଳେ ୨୦୦୩ ଙ୍କବକ୍ଟସବ୍ଦବ୍ଧ ସରକାର ନେପାଳର ଶାସନ କ୍ଷମତା କୁ ଆସିଲେ ,ସେତେବେଳେ ସେମାନେ ଦେଶର ସମ୍ବିଧାନ ରେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ପିଲା ନିଜ ପ୍ରଥମ ଭାଷା ମାଧମରେ ଶିକ୍ଷାଲାଭ କରିବାର ଅଧିକାରକୁ ସ୍ଵିକୃତି ଦେଲେ ।

ବର୍ତ୍ତମାନ ନେପାଳର ସରକାରୀ ଭାଷା ହେଉଛି ନେପାଲୀ ,ସବୁପିଲାଙ୍କ ପ୍ରଥମ ଭାଷାକୁ ରାଷ୍ଟ୍ରୀୟ ଭାଷାର ସମ୍ମାନ ମିଳିଛି ଏବଂ ପ୍ରଥମ ଭାଷା ମାଧମରେ ଶିକ୍ଷାଲାଭ କରିବାର ଅଧିକାର ସେମାନଙ୍କୁ ଦିଆଯାଇଛି । ଲୋକମାନେ ନିଜ ଭାଷା ଅଧିକାର ପ୍ରତି ଖୁବ୍ ସଚେତନ । ପ୍ରଥମ ଭାଷା ମାଧମରେ ଶିକ୍ଷା ଯୋଗାଇବା ପାଇଁ ଆହୁରୀ ଅଧିକ ସ୍କୁଲ ଆବଶ୍ୟକ ।ଢାକାର ସମ୍ବାଦପତ୍ର ଗୋଟିଏ ଧାରଣା ଦେଇଛି ଯେ କେତେ ସଂଖ୍ୟାର ଭାଷା ପାଇଁ କେତେ ସ୍କୁଲ ଆବଶ୍ୟକ ଏବଂ ସେଥିପାଇଁ ସରକାରଙ୍କୁ କି କି ସମସ୍ୟାର ସମ୍ମୁଖିନ ହେବାକୁ ପଡିବ ।

ଫିନ୍‌ଲାଣ୍ଡ ଏବଂ ନେପାଳ ସରକାରଙ୍କ ସମ୍ମିଳିତ କାର୍ଯ୍ୟକ୍ରମ ମାଧମରେ ବହୁଭାଷୀ ଶିକ୍ଷାର ଶ୍ରେଣୀ କକ୍ଷକୁ ଛଅଟି ଜିଲ୍ଲାର ସାତଟି ସ୍କୁଲରେ ଦେଢ ବର୍ଷପାଇଁ ପରୀକ୍ଷାମୁଳକ ଭାବେ ଚାଲୁକରାଯାଇଛି ଯାହା ୨୦୦୩ ରେ ଆରମ୍ଭ । ବର୍ତ୍ତମାନ ନେପାଳ ସରକାର ଛଅଟି ଜିଲ୍ଲାର ୨୧ ଟି ସ୍କୁଲରେ ଆଠଟି ଭିନ୍ନ ଭିନ୍ନ ମାତୃଭାଷାକୁ ନେଇ ଏହି କାର୍ଯ୍ୟକ୍ରମର ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି ଯେ ୨୦୧୫ ସୁଧା ପ୍ରାଥମିକ ସ୍ତରରେ ସମସ୍ତ ମାତୃଭାଷାକୁ ୩,୫୦୦ ସ୍କୁଲରେ ପ୍ରଚଳନ କରାଯିବ । କିନ୍ତୁ ଅନୁସାରେ ୧୩,୦୦୦ ସ୍କୁଲରେ ପିଲାଙ୍କ ମାତୃଭାଷା ମାଧମରେ ପଢା ଆରମ୍ଭ ହୋଇଛି ।

ଢାକାଲ୍ (୨୦୧୦) ରିପୋର୍ଟ୍ ରେ କୁହାଯାଇନାହିଁ ଯେ ୧୭,୦୦୦ ସ୍କୁଲରେ ପିଲାଙ୍କ ପ୍ରଥମ ଭାଷା ବିଷୟ ରୂପେ ପଢାଯାଇଛି ନା ଏହାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଇଛି । ସେହି ରିପୋର୍ଟ୍ ରେ କେବଳ କୁହାଯାଇଛି ଯେ ନେପାଳ ସରକାର କି ପଦକ୍ଷପ ନେଇଛନ୍ତି । ଏହି ଧାରଣାରୁ ଗୋଟିଏ ପ୍ରଶ୍ନ ଉଠେ , ତାହା ହେଉଛି ଏହି ପ୍ରକାର ଶିକ୍ଷାଗତ କାର୍ଯ୍ୟକ୍ରମର ଆଧାର କଣ ?

## <u>ବହୁଭାଷୀ ଶିକ୍ଷାର ଢାଞ୍ଚା</u>

ପ୍ରକୃତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଢାଞ୍ଚାକୁ ବର୍ଣ୍ଣନା କରିବା ପୂର୍ବରୁ , ମୋଟ ଉପରେ ବହୁଭାଷୀ ଶିକ୍ଷା ଯୋଜନା, ଯେଉଁଥିରେ ମୁଁ ଜଡିତ ତାହାର ସ୍ଥାନ କଣ ତାହା ବର୍ଣ୍ଣନା କରିବା ଜରୁରୀ ।

## <u>ବହୁଭାଷୀ ଶିକ୍ଷା ଯୋଜନା ଏବଂ ଯୋଜନାର ଉଦେଶ୍ୟ</u>

ବହୁଭାଷୀ ଶିକ୍ଷାର ସଂକ୍ଷିପ୍ତ କାର୍ଯ୍ୟକ୍ରମ ଯେଉଁଥିରେ ମୁଁ ଜଡିତ ତାହା ଶେଷ ହେଉଥିଲା ସାତଟି ସ୍କୁଲରେ ନଅଟି ସଂଖ୍ୟାଲଘୁ ଭାଷାକୁ ଶିକ୍ଷାର ମାଧମ ରୂପେ ପ୍ରଚଳନ କରିବାରେ ଏହି କାର୍ଯ୍ୟକ୍ରମଟି ଫିନ୍‌ଲାଣ୍ଡ ବିଦେଶୀ ମନ୍ତ୍ରଣାଳୟ ଓ ନେପାଳ ଶିକ୍ଷା ନ୍ତ୍ରଣାଳୟର ସହଯୋଗରେ ହୋଇଥିଲା ଏବଂ ଏହାକୁ ଅନେକ ନେପାଳୀ ସଂସ୍ଥା ସାହାଯ୍ୟ କରିଥିଲେ ସେମାନେ ହେଲେ ନେପାଳ ହେଉଛି ପୃଥିବୀର ୧୧ତମ ଗରିବ ରାଷ୍ଟ୍ର ତେଣୁ ଏଠାକାର ଶିକ୍ଷାଗତ ଖର୍ଚ୍ଚ ପାଇଁ ୫୦% ପ୍ରତିଶତ ଆର୍ଥିକ ସାହାଯ୍ୟ ସେ ଅନ୍ୟ ସଂସ୍ଥା ଠାରୁ ପାଇଥାଏ। ତେଣୁ କରି ନେପାଳର ଶିକ୍ଷାଗତ ଯୋଜନାରେ ଅନ୍ୟ ବିଦେଶୀ ସରକାରଙ୍କ ସଂଯୁକ୍ତ କିଛି ଅସାଧାରଣ କଥା ନୁହେଁ।

ବର୍ଣ୍ଣନା କରିଛନ୍ତି ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମରେ ନେପାଳ ସରକାର ଅନ୍ୟ ସଂଗଠନ ଠାରୁ ଆର୍ଥିକ ସହାୟତା ପାଇଛନ୍ତି ଏବଂ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପ୍ରଚଳନ କରିଛନ୍ତି। ଏହି ଯୋଜନାର ଉଦେଶ୍ୟ ହେଉଛି:

୧. ବହୁଭାଷା ଶିକ୍ଷାନୀତି ପ୍ରଚଳନ ପାଇଁ ପରିବେଶ ସୃଷ୍ଟି କରିବା ।

୨. ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ସଫଳ ପ୍ରୟୋଗ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ।

୩. ଗୋଷ୍ଠୀ , ଜିଲ୍ଲା ଏବଂ କେନ୍ଦ୍ର ସ୍ତରରେ ସଂଗଠନିକ ଗଠନର ବିକାଶ କରାଇବା ଯାହା ବହୁଭାଷୀ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଶିକ୍ଷାର ସ୍ତରକୁ ଶକ୍ତ କରାଇବ।

୪. ଶିକ୍ଷା ପାଇଁ ପରିବେଶ ସୃଷ୍ଟି କରିବା ଯାହା ଅଣ ନେପାଳୀ ଭାଷା ଭାଷି ଛାତ୍ର ମାନଙ୍କୁ ପଢିବା ଏବଂ ପ୍ରାଥମିକ ଶିକ୍ଷା ପରେ ଉପର ସ୍ତରୀୟ ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରି ପାରିବେ।

୫. ସ୍କୁଲରେ ବହୁଭାଷୀ ଶିକ୍ଷାକୁ ପ୍ରଚଳନ ପାଇଁ ଯୋଗାଯୋଗ ବ୍ୟବସ୍ଥାର ପ୍ରତିଷ୍ଠା କରିବା ।

ସର୍ବନିମ୍ନ ସ୍ତରରେ, ଏହି କାର୍ଯ୍ୟକ୍ରମର ଉଦେଶ୍ୟ ହେଲା ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀଙ୍କ ପ୍ରଥମ ଭାଷାକୁ ପ୍ରାଥମିକ ସ୍ତରର ସ୍ଥାନୀୟ ସ୍କୁଲ ଗୁଡିକରେ ପ୍ରଚଳନ କରିବା ଏବଂ ଶିକ୍ଷା ପାଇଁ ଉପଯୋଗି ପୁସ୍ତକ ଓ ଉପକରଣ ଗୁଡ଼ିକ ସେମାନଙ୍କ ଭାଷା ଓ ସଂସ୍କୃତି ଆଧାରିତ ହେବା ମଧ ଏହି ଯୋଜନାର ଉଦେଶ୍ୟ ।

ଏହି ଶିକ୍ଷା ଉପକରଣର ପ୍ରସ୍ତୁତି ଓ ଏହାକୁ ଶିକ୍ଷା କ୍ଷେତ୍ରରେ ଉପଯୋଗ କରିବା ପାଇଁ ହେଲେ ଶିକ୍ଷକ ଓ ଉପକରଣ ପ୍ରସ୍ତୁତକାରୀ ମାନଙ୍କୁ ପ୍ରଥମେ ବହୁଭାଷୀ ଶିକ୍ଷାର ଢାଞ୍ଚାକୁ ବୁଝିବାକୁ ହେବ। ନେପାଳର ଘଵଵସକ୍ଭଵକଷ ଉରଭଵକ୍ଵର ଲକ୍ଳକ୍ଵ ରୟଙ୍କମଵଵସକ୍ଭଵକଷ ଉରଙ୍ଗରକ୍ଷକ୍ଳକ୍ତ୍ରଙ୍ଗରଭଵ ୯ଟି ଭାଷାରେ ପ୍ରସ୍ତୁତ କରିଛନ୍ତି ଯାହା ଏହି ଅନ୍ତର୍ଗତ ଏବଂ ପରେ ଖରା ଛୁଟିରେ ଆଉ ୧୫ଟି ଭାଷାରେ ତିଆରି କଲେ । ୨୦୦୯ ଖରା ଓ ଶୀତ ସମୟରେ ମୁଁ ଦୁଇଟି କର୍ମଶାଳାର ଆୟୋଜନ କରି ଲେଖକ ଓ ଶିକ୍ଷକ ପ୍ରଶିକ୍ଷକଙ୍କ ପାଇଁ ପାଠ୍ୟ ଉପକରଣ ପ୍ରସ୍ତୁତ କରିଥିଲି । ଯେଉଁଥିରେ ବହୁଭାଷୀ ଶିକ୍ଷାର ତାତ୍ତ୍ୱିକ ଓ ବ୍ୟବହାରିକ ଦିଗକୁ ଉପସ୍ଥାପନ କରି ବହୁଭାଷା ଶିକ୍ଷାର ଢାଞ୍ଚା ଗଠନ କରାଯାଇଥିଲା । ଞକ୍ଵଵସଭରକ୍ଵ କ୍ଳକ୍ଵ ଵକ୍ଵଵସଭରକ୍ଵ କର୍ମଶାଳା ପାଇଁ ଅଂଶଗ୍ରହଣକାରୀ ଏହି ଢାଞ୍ଚା ବା ଗଠନ ପ୍ରଣାଳୀକୁ ବୁଝିବା ଆବଶ୍ୟକ ଯାହାଫଳରେ ଏହାକୁ ଦେଶର ଅନ୍ୟାନ୍ୟ ଭାଷା ଗୋଷ୍ଠୀଙ୍କ କ୍ଷେତ୍ରରେ ମଧ ଧିରେ ଧିରେ ଲାଗୁ କରାଯାଇପାରିବ।

## ବହୁଭାଷା ଶିକ୍ଷାର ଗଠନ/କାର୍ଯ୍ୟ ପ୍ରଣାଳୀ

ଘଉରଉ ନିମ୍ନ ଲିଖିତ ଉଦେଶ୍ୟକୁ ପୁରା କରିବା ପାଇଁ ବହୁଭାଷା ଶିକ୍ଷାର କାର୍ଯ୍ୟ ପ୍ରଣାଳୀକୁ ପ୍ରସ୍ତୁତ କରିଛନ୍ତି: ୧.ପ୍ରଥମ ଭାଷା ଆଧାରିତ ଶିକ୍ଷା ପାଇଁ ଶିକ୍ଷକକୁ ପ୍ରସ୍ତୁତ କରିବାରେ ସାହାୟତା କରିବା।

୨. ପ୍ରାଥମିକ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟରେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ଛାତ୍ରଙ୍କ ପାଇଁ ଆବଶ୍ୟକ ହେଉଥିବା କଥାକୁ ସମାଧାନ ପାଇଁ ଶିକ୍ଷକଙ୍କୁ ଉଚିତ୍ ନିର୍ଦ୍ଦେଶନାମା ଯୋଗାଇ ଦେବ।

୩. ବହୁଭାଷୀ ଶିକ୍ଷାର କ୍ଵଵଵଲରଷରକ୍ଷୟରକ୍ଵଵ ଙ୍କ ମନରେ ମାତୃଭାଷା ଆଧାରିତ ଶିକ୍ଷା ପାଇଁ ସାକାରାତ୍ମକ ମନୋବୃତିର ର ସୃଷ୍ଟି କରାଇବା ।

୪. ବହୁଭାଷୀ ଶିକ୍ଷା ନିୟମ ଓ ପ୍ରଚଳନ ପାଇଁ ବିଶ୍ୱ ସ୍ତରୀୟ ଏବଂ ସ୍ଥାନୀୟ ଉଭୟ ଜ୍ଞାନ ଓ କୌଶଳର ବ୍ୟବହାର କରିବା ଯାହା ଫଳରେ ପିଲାର ବୌଦ୍ଧିକ ,ମାନସିକ ଓ ଶିକ୍ଷାଗତ ବିକାଶ ସମ୍ଭବ ହୋଇପାରିବ।

୫. ଦ୍ୱିତୀୟ ଓ ତୃତୀୟ ଭାଷାକୁ ପ୍ରଥମ ଭାଷା ସହ ଯୋଡି ଶିକ୍ଷାଦାନର ନିୟମ ଓ କୌଶଳର ବିକାଶ କରାଇବ।

ଏହି କ୍ତ୍ରଵକ୍ତ୍ରରକ୍ଵ ଉଦେଶ୍ୟରେ ମୁଁ ବିଷୟ ବସ୍ତୁର ସହ ୧ରୁ ୪ର ସଂକ୍ଷିପ୍ତ ବର୍ଣ୍ଣନା ଦେଇଛି, ୫ରୁ ୩ ସାଧାରର ଭାବେ ଦ୍ୱିଭାଷା ଶିକ୍ଷାର ଆଲୋଚନା ରେ ଦିଆଯାଇଛି। ଞକ୍ଟକ୍ତ୍ରସମ ୧ରୁ ୪ ରେ ଯାହା ବର୍ଣ୍ଣନା କରିଛି ତାହା ସ୍ୱତନ୍ତ୍ ରୂପେ ବହୁଭାଷୀ ଶିକ୍ଷା ଉପରେ ଆଧାରିତ।

ବହୁଭାଷୀ ଶିକ୍ଷା କାହିଁକି ? ନେପାଳରେ କାହିଁକି ବହୁଭାଷୀ ଶିକ୍ଷାର ପ୍ରଚଳନ କରାଯାଇଛି ତା ସପକ୍ଷେରେ ୪ଟି ଯୁକ୍ତି ବଢା ଯାଇଛି। ପ୍ରଥମଟି ସମୃଦ୍ଧି/ ଉନ୍ନତି ସହ ଜଡିତ। ଏହା ପଛରେ ଥିବା ଉଦେଶ୍ୟ ହେଉଛି ସଂଖ୍ୟା ଲଘୁ ଭାଷା ଗୋଷ୍ଠୀ ପିଲାଙ୍କ

ଭାଷାକୁ ଶିକ୍ଷାରେ ବ୍ୟବହାର ଫଳରେ ସେମାନଙ୍କ ମନ ଭିତରେ ହିନମାନ୍ୟତା ଭାବ ଦୂର ହେବା ସହ ,ଆତ୍ମବିଶ୍ୱାସ ବଢିବା ,ଶିକ୍ଷାରେ ସଫଳତା ହାସଲ କରିବା ସହ ସେମାନେ ଅନୁଭବ କରିବେ ଯେ ସ୍କୁଲ ବି ସେମାନଙ୍କ ପାଇଁ ସେମାନଙ୍କ ପ୍ରଥମ ଭାଷା ଶିକ୍ଷାର ମାଧମ ରୂପେ ପ୍ରଚଳନ ଫଳରେ ସେମାନେ ଶସକ୍ତ ହେବା ସହ ନିଜକୁ ନିର୍ଭୟର ସହ ବ୍ୟକ୍ତ କରିପାରିବେ ଏବଂ ଦ୍ୱିତୀୟ ଭାଷା ଜ୍ଞାନ ହାସଲରେ ଏହି ପ୍ରଥମ ଭାଷା ଆଧାର ସ୍ୱରୂପ ସାହାଯ୍ୟ ମଧ କରିବ ।

ଦ୍ୱିତୀୟ ଯୁକ୍ତି ହେଉଛି ଭାଷାର ବିକାଶ । ସଂଖ୍ୟାଲଘୁ ଭାଷାକୁ ସମ୍ବିଧାନରେ ସ୍ଥାନ ଦେବା ଓ ତାହାକୁ ଶିକ୍ଷାର ମାଧମ ଭାବେ ପ୍ରଚଳନ ଫଳରେ ଏହା ଆଗକୁ ବିକାଶ ହୋଇପାରିବ ଏବଂ ମୁଖ୍ୟ ଶକ୍ତିଶାଳୀ ଭାଷା ଠାରୁ ନିଜକୁ ସୁରକ୍ଷିତ ରଖିପାରିବ ଏବଂ ସେହି ଭାଷା ଗୋଷ୍ଠୀକୁ ଭାଷା ପରିବର୍ତ୍ତନ ପାଇଁ କୁହାଯିବ ନାହିଁ । ଏହାର ମୁଖ୍ୟ କଥା ହେଉଛି ଭାଷାକୁ ବଞ୍ଚାଇ ରଖିବା ,ଏହାର ସମୃଦ୍ଧି ଓ ବିକା। କରାଇବା ଏବଂ ତାର ମୌଖିକ ପରମ୍ପରାକୁ ସରକାରୀ ସ୍ୱୀକୃତି ଦେବା ।

ପ୍ରଶିକ୍ଷଣ ଦିଗରୁ ଧ୍ୟାନକେନ୍ଦ୍ରୀତ କରାଯାଇଛି ପ୍ରଥମ ଭାଷା ପଢା ଓ ଶିକ୍ଷାର ପ୍ରକୀୟା ଉପରେ, ପିଲାମାନଙ୍କୁ ମୁଖ୍ୟ ଭାଷା ମାଧମରେ ପଢିବାକୁ କୁହାଯିବ ଯାହା ତାର ପ୍ରଥମ ଭାଷା ହୋଇନଥିବ ତେବେ ସେମାନେ ତା ଶ୍ରେଣୀର ମୁଖ୍ୟ ଭାଷାର ଛାତ୍ରଙ୍କ ସହ ସମତାଳ ଦେଇ ଆଗେଇବା କଷ୍ଟକର ହୋଇଯିବ । ତେଣୁକରି ମୁଖ୍ୟ ଭାଷାର ଛାତ୍ରଙ୍କ ତୁଳନାରେ ଗୌଣ ଭାଷାର ଛାତ୍ର ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଯେତେବେଳେ ପିଲାକୁ ତାର ପ୍ରଥମ ଭାଷା ମାଧମରେ ଶିକ୍ଷା ଦିଆଯାଏ ସେତେବେଳେ ସେ ଭାଷାଗତ କିମ୍ବା ସାଂସ୍କୃତିକ ପ୍ରତିବନ୍ଧକୁ ସାମ୍ନନା କରେ ନାହିଁ ,ପାଠ ବୁଝିବାରେ ଅସୁବିଧାରେ ପଡେ ନାହିଁ କିମ୍ବା ବୁଝିବା ପାଇଁ ଅନୁବାଦର ଆବଶ୍ୟକ ହୁଏ ନାହିଁ । ପ୍ରତ୍ୟକ ପିଲା ପ୍ରଥମ ଭାଷା ଆଧାରିତ ପାଠ୍ୟକ୍ରମ ,ପାଠ୍ୟ ପୁସ୍ତକ ,ମୂଳ ଆଧାର ପୁସ୍ତକ ,ସହାୟକ ପୁସ୍ତକ ଆବଶ୍ୟକ କରେ । ନହେଲେ ସେମାନଙ୍କୁ ମୁଖ୍ୟ ଭାଷାରେ ପ୍ରସ୍ତୁତ ସାଧନର ବ୍ୟବହାର କରିବାକୁ ପଡେ । ପିଲା ପାଠକୁ ସଠିକ ରୂପେ ମାନନିର୍ଦ୍ଧାରଣ ପାଇଁ ସେହି ଭାଷାରେ ହିଁ କରିବା ଉଚିତ୍ ।

ଶେଷ ଯୁକ୍ତିଟି ଆଧାରିତ ହୋଇଛି ଶିକ୍ଷା ପ୍ରକୀୟା ସହିତ । କିନ୍ତୁ ଏହାକୁ ଭାଷାବିଜ୍ଞାନ ଦୃଷ୍ଟିରେ ଦେଖାଯାଇପାରେ । ଏହି ନିୟମ ଅନୁସାରେ ଯେତେବେଳେ ପିଲା ପ୍ରଥମ ଭାଷାରେ ପଢେ ତାର ସେହି ଜ୍ଞାନ ଦ୍ୱିତୀୟ ଭାଷାକୁ ସଂପ୍ରସାରିତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ଲିମ୍ବୁ ଭାଷାରେ ସେମାନେ ପଢିବେ, ଗଣତନ୍ତ୍ର କାହା ସହ ଜଡିତ ସେହି ଜ୍ଞାନ ନେପାଳୀକୁ ସଂପ୍ରସାରିତ ହେବ ଯେତେବେଳେ ସେମାନେ ନେପାଳୀରେ ଯଥେଷ୍ଟ ଭାଷା ଦକ୍ଷତା ହାସଲ କରିବେ ସେତେବେଳେ ଏହାକୁ ବାଖ୍ୟା କରିବା ସହଜ ହୋଇଯିବ, ତେଣୁ ସ୍ୱଦେଶୀ ଭାଷାରେ କିମ୍ବା ସଂଖ୍ୟାଲଘୁ ଭାଷାରେ ପଢାଇବା ଅର୍ଥ ସମୟ ନଷ୍ଟ ନୁହେଁ । ଅନ୍ୟ ପଟରେ ଯଦି 'ଗଣତନ୍ତ୍ର' ବିଷୟରେ ସେମାନଙ୍କୁ ଅନ୍ୟ ଏକ ଭାଷାରେ ପଢାଯିବ , ଯେଉଁ ଭାଷା ସେମାନେ ଜାଣନ୍ତି ନାହିଁ । ସେତେବେଳେ ସେମାନଙ୍କର ଧାରଣା ସ୍ୱଷ୍ଟ ନ ହେବା ଯୋଗୁଁ ଏହାକୁ ଅନ୍ୟଭାଷାକୁ ପ୍ରସାରଣ କରିବା ସମ୍ଭବ ହୁଏ ନାହିଁ ।

ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମରେ, ଯେତେବେଳେ ପିଲା ପ୍ରଥମ ଭାଷାରେ ସ୍କୁଲ ଶିକ୍ଷାରେ ଗୋଟିଏ ବଳିଷ୍ଠ ମୂଳଦୁଆ ଗଢି ପାରିବ ତାହାକୁ ଅନ୍ୟାନ୍ୟ ଭାଷାକୁ ସହଜରେ ଅଣାଯାଇପାରିବ ଏବଂ ପରେ ସେମାନେ ଦ୍ୱିତୀୟ ଭାଷାରେ ଦକ୍ଷତା ହାସଲ କରିବେ ସେତେବେଳେ ଦ୍ୱିତୀୟ ଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯିବ । ଯୁକ୍ତି ହେଉଛି ଯେ ଭଲରୂପେ ଜାଣିଥିବା ଭାଷାରେ ପିଲା ପଢିବା ଦ୍ୱାରା ସେହି ଭାଷାର ଶବ୍ଦକୁ ମୁଖ୍ୟ ଆଧାର କରି ଅନ୍ୟ ଭାଷା ଶିଖିବାକୁ ଚେଷ୍ଟାକରେ ଓ ବିଷୟ ବସ୍ତୁକୁ ବୁଝିପାରେ । ବିଷୟ ବସ୍ତୁର ଧାରଣାକୁ ନୂତନ ଭାଷାରେ ଶିଖାଇବା ଦ୍ୱାରା ନା ସେ ତାହା ବୁଝିପାରେ ନା ହିଁ ତାହାକୁ ଅନ୍ୟଭାଷାକୁ ପ୍ରସାରିତ କରିପାରେ । ପିଲାଙ୍କୁ ଶିଖାଇବା ସମୟରେ ଶିକ୍ଷକ ପିଲାର ସ୍ଥାନୀୟ ଜ୍ଞାନ କୁ ଆଧାର ଭାବେ ବ୍ୟବହାର କରିବା କଥା ଏହାକୁ ଆଞ୍ଚଳିକ, ଜାତୀୟ ଏବଂ ବିଶ୍ୱସ୍ତରୀୟ ଯୋଡି ତାହାକୁ ବିସ୍ତୃତ କରିବା କଥା । ଶିକ୍ଷକ ପିଲାର କୌଣସି ବିଷୟ ବା ଧାରଣାକୁ ବୁଝାଇବା ପାଇଁ ପିଲାର ସ୍ଥାନୀୟ ଜ୍ଞାନ ସହ ବିସ୍ତୃତ ସାମାଜିକ ଧାରଣା ସହ ଜଡିତ ହେବା ଉଚିତ୍ । ଏହା ପିଲାର ଉପସ୍ଥିତି ଜ୍ଞାନ ଏବଂ ତାହାକୁ ବିସ୍ତୃତ ଭାବେ ବାଖ୍ୟା କରାଯିବା ଉଚିତ୍ ।

ବହୁଭାଷୀ ଶିକ୍ଷା କ୍ଷେତ୍ରରେ : ବହୁଭାଷୀ ଶିକ୍ଷା କ୍ଷେତ୍ରରେ ଆଲୋଚନାରେ ବିଶ୍ୱସ୍ତରୀୟ ଏବଂ ସ୍ଥାନୀୟ ଅଭ୍ୟାସ, ସାଂସ୍କୃତିକ ,ପରିବେଶ ଓ ଭାଷାଗତ ବିବିଧତା ଏବଂ ଏହାକୁ ଭିତରେ ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମ କିପରି ଉପଯୁକ୍ତ ହୋଇପାରୁଛି ଏହି ସବୁ ବିଷୟ ଏଥିରେ ଅନ୍ତର୍ଗତ କରାଯାଇଛି ।

ବହୁଭାଷା ଶିକ୍ଷା କର୍ମଶାଳାର ଅଂଗ୍ରହରକାରୀ ଙ୍କ ପାଇଁ ଏହା ଜରୁରୀ ଯେ ଟଘରଝଉଙ(୨୦୦୩)ରେ ଏହି ବହୁଭାଷା ଶିକ୍ଷା ପାଇଁ କଣ ଅନୁମୋଦନ କରିଛି ତାହାକୁ ବୁଝିବା :

୧. ଶିକ୍ଷକ ଏବଂ ଛାତ୍ରର ଅଭିଜ୍ଞତା ଓ ଜ୍ଞାନ ର ବିକାଶ ପାଇଁ ମାତୃଭାଷା ଆଧାରିତ ଶିକ୍ଷା ଯାହା ଶିକ୍ଷାର ମାନ ବୃଦ୍ଧି କରିଥାଏ ତାହାକୁ ଟଘରଝଉଙ ସମର୍ଥନ କରିଛି ।

୨. ଶିକ୍ଷାର ସମସ୍ତ ସ୍ତରରେ ଦ୍ୱିଭାଷା ବା ବହୁଭାଷା ଶିକ୍ଷାକୁ ମଧ ଟଘରଝଉଙ ସ ମର୍ଥନ କରିଛି ଯାହାଫଳରେ ଲିଙ୍ଗଗତ ଓ ସାମାଜିକ ସମାନତା ପ୍ରତିଷ୍ଠା ହେବା ସହ ଭାଷାଗତ ବିବିଧତା ଦେଶପାଇଁ ଏହା ବିକାଶର ଏକ ମୁଖ୍ୟ ଉତ୍ସ ।

୩. ଶିକ୍ଷାରେ ଭାଷା ଗୋଟିଏ ମୁଖ୍ୟ ଉପାଦାନ ଏହାକୁ ଟଘଋଝଉଙ ସମର୍ଥନ କରିଛି ଯାହା ଫଳରେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତମ ବୁଝାବଣାର ବିକାଶ ହେବା ସହ ମୌଳିକଅଧିକାରକୁ ସମ୍ମାନ କରାଯିବ ।

ଅନ୍ୟାନ୍ୟ ଈକ୍ଟକ୍ସମ ଗୁଡିକ ଏହାସହ ଶେଷ ହୋଇଛି ବହୁଭାଷୀ ଶିକ୍ଷାର ମୌଳିକତା, ଶିକ୍ଷକର ବିକାଶ, ପାଠ୍ୟ ଉପକରଣର ବିକାଶ ଇତ୍ୟାଦି । ମୁଖ୍ୟ ଆଲୋଚନା ହେଉଛି ପିଲା ମାତୃଭାଷା ମାଧ୍ୟମରେ ସ୍କୁଲରେ ୪ରୁ ୮ ବର୍ଷ ପର୍ଯ୍ୟନ୍ତ ଶିକ୍ଷା ଦେବା ଯେଉଁ ପର୍ଯ୍ୟନ୍ତ ପିଲା ତାର ଭାଷାରେ ବୌଦ୍ଧିକ ଓ ଶିକ୍ଷାଗତ ଦକ୍ଷତା ହାସଲ କରିନାହିଁ । ଶିକ୍ଷକଙ୍କ ବିକାଶ କ୍ଷେତ୍ରରେ , ମୁଁ ସଦାବେଳେ ଯୋର୍ ଦେଇଛି ଯେ ଶିକ୍ଷକଙ୍କୁ ବହୁଭାଷା ଶିକ୍ଷାର ସାଧାରଣ ନିୟମ, ତା ପଛରେ ନିହିତ ଯୁକ୍ତି ବା ଯଥାର୍ଥତାକୁ ବୁଝାଇବା ସହ କିପରି ଏହି ଲକ୍ଷ ହାସଲ ପାଇଁ ସଠିକ୍ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରୟୋଗ କରାଯାଇପାରିବ ସେହି ସବୁ ବିଷୟ ଧାରଣା ଦେବା ପାଠ୍ୟ ଉପକରଣ ବିକାଶ କ୍ଷେତ୍ରରେ ,ମୁଁ କହିବି ଯେ ରାଜ୍ୟ ସ୍ତରୀୟ ପାଠ୍ୟ ଉପକରର ଗୁଡିକ ସାଧାରଣତଃ ସଂଖ୍ୟାଲଘୁ ଭାଷାରେ ଲେଖାଯାଉନାହିଁ । ତେଣୁ କରି ଗୋଷ୍ଠୀ ବା ସେହି ଭାଷା ସମ୍ପ୍ରଦାୟ ତାଙ୍କ ନିଜ ପାଠ୍ୟ ଉପକରର ପ୍ରସ୍ତୁତ କରିବା ଆବଶ୍ୟକ ଏବଂ କିପରି ଭାବରେ ଏହି ପାଠ୍ୟଉପକରର ପ୍ରସ୍ତୁତ କରାଯିବ, ମୋ ଦ୍ୱିତୀୟ କର୍ମଶାଳାର ଲକ୍ଷ ହେଉଛି ତାହା ।

## ଧାରଣାର ବିଚାର :

ଭାଷା ଓ କ୍ଷମତା ସଂକ୍ରାନ୍ତୀୟ ସମସ୍ୟାର ମୁଖ୍ୟ କଥା ହେଉଛି ବ୍ୟକ୍ତିର ଭାଷା ଅଧିକାର ଏବଂ ମୁଖ୍ୟ ଉଦେଶ୍ୟ ହେଉଛି ଦ୍ୱିତୀୟ ଭାଷା ଶିଖିବା ଏବଂ ଶିଖାଇବା ଭାଷା ଓ କ୍ଷମତା ସମସ୍ୟା ବିଷୟରେ କର୍ମଶାଳାର ଅଂଶଗ୍ରହଣକାରୀ ଶିକ୍ଷକ -ପ୍ରଶିକ୍ଷକ ମାନେ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହୃତ ଭାଷା ଗୁଡିକରୁ ମିଳୁଥିବା ସହାୟତା ଏବଂ ଯେଉଁ ଭାଷା ଗୁଡିକରୁ କୌଣସି ସହାୟତା ମିଳୁନାହିଁ ଏହି ଦୁଇଟି ଭିତରେ ଥିବା ସମ୍ପର୍କକୁ ବୁଝିବା ଆବଶ୍ୟକ । ଏହି ନିଷ୍ପତି ଗୁଡିକ ଭାଷାନୀତିରେ ପ୍ରତିଫଳିତ ହୋଇଥାଏ । ଭାଷାନୀତିକୁ ନେଇ ହୋଇଥିବା ନିଷ୍ପତିକୁ ନେଇ ପିଲା କ'ଣ ଅନୁଭବ କରୁଛି ତାହାକୁ ମଧ ବୁଝିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ଛାତ୍ର ଯେଉଁମାନେ ସେମାନେ ଜାଣିନଥିବା ଭାଷାରେ ପାଠ ପଢିଥାନ୍ତି ସେମାନେ ନିଜକୁ ଶକ୍ତିହୀନ ମନେ କରିଥାନ୍ତି ଯଦି ସେମାନଙ୍କ ସମ୍ପଦାୟ ବା ସମାଜ ସେମାନଙ୍କ ଭାଷାର ମର୍ଯ୍ୟଦା ବୃଦ୍ଧି ପାଇଁ ସଂଘର୍ଷ କରିବାକୁ ସକ୍ଷମ ହୁଅନ୍ତି ।

## ପ୍ରସ୍ତୁତ ,ବିକାଶ ଏବଂ ଉପକରଣ ଗୁଡିକର ବଣ୍ଟନ:

ଏହି କାମ ପାଇଁ, ମୁଁ ଯୋର ଦେଇଛି ଯେ ,ବହୁଭାଷୀ ଶିକ୍ଷାର ଶିକ୍ଷକ ଏବଂ ପାଠ୍ୟ ଉପକରଣ ପ୍ରସ୍ତୁତ କାରୀ ମାନେ ପ୍ରଥମେ ଜାଣିବା ଉଚିତ୍ ଯେ କି ପ୍ରକାର ପାଠ୍ୟଉପକରଣ ସେମାନେ ପ୍ରସ୍ତୁତ କରିବେ । ମୁଁ ପ୍ରସ୍ତାବ ଦେଇଥିଲି ଯେ ସେମାନେ ଭାଷା ଗୋଷ୍ଠୀ ବା ସମ୍ପଦାୟର ନିଜସ୍ୱ ଜ୍ଞାନ ଓ କୌଶଳକୁ ଆଧାର କରି କରିବା ଉଚିତ୍ ଏବଂ ସେମାନେ ତୁଳନା କରିବା ଉଚିତ୍ ଯେ ବର୍ତ୍ତମାନ ଥିବା ପାଠ୍ୟଉପକରଣ ଗୁଡିକର ଏହି ଜ୍ଞାନ କୌଶଳ ସହ ଜଡିତ ନା ନୁହେଁ । ଗକ୍ଷର ଏବଂ ଶକ୍ଟଭଛବକ୍ଷରଛଙ୍କ ମତରେ 'ଜ୍ଞାନର ପାଣ୍ଠି' ଅର୍ଥ ଯେଉଁ ଜ୍ଞାନ ଏବଂ କୌଶଳ ପିଲା ଘରୁ ଓ ନିଜ ଗୋଷ୍ଠୀ ଭିତରୁ ଶିଖି ଆସିଥାଏ । ଏହି ଲେଖକ ମାନେ ମଧ ଯୋର ଦେଇଥାନ୍ତି ଯେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ଏବଂ ଅନ୍ୟାନ୍ୟ ଗୌଣ ଗୋଷ୍ଠୀର ପିଲାମାନେ ସ୍କୁଲକୁ କୌଣସି ଭାଷା କିମ୍ବା କୌଣସି ପୂର୍ବ ଧାନ ନ ନେଇ ଆସିଥାନ୍ତି । ଏଠି ପ୍ରଶ୍ନ ଉଠେ ଯେ ଶିକ୍ଷକ କାହିଁକି ପିଲାର ପ୍ରଥମ ଭାଷା ବା ସ୍ମୃତି ବା ନିଜସ୍ୱ ଜ୍ଞାନ କୌଶଳକୁ ଜାଣିବା ଓ ଆଦାନ ପ୍ରଦାନ କରିବାରେ ଅନିଚ୍ଛୁକ ଥାଏ ଯାହା ଫଳରେ ପ୍ରଥମ ଶ୍ରେଣୀରୁ ୪୦% ପିଲା ସ୍କୁଲ ପରିତ୍ୟାଗ କରିଥାନ୍ତି । ଯାହା ପୂର୍ବରୁ ଆଲୋଚନା ହୋଇଛି ।

# MULTILINGUAL EDUCATION IN INDIA
# ଭାରତରେ ବହୁଭାଷୀ ଶିକ୍ଷା

Ajit Mohnaty

**ଉପକ୍ରମ**

ଭାରତରେ ବହୁଭାଷୀତା ଏକ ସାମାଜିକ ବାସ୍ତବତା ଦେଶର ସମାଜ-ରାଜନୈତିକ ଏବଂ ଆର୍ଥିକ ବ୍ୟବସ୍ଥା ଭିତରେ ଗଣତାନ୍ତ୍ରିକ ଦୃଷ୍ଟିରୁ ଅଂଶଗ୍ରହଣ କରିବାକୁ ହେଲେ ବହୁଭାଷାରେ କଥିତ ଓ ଲିଖିତ ଦକ୍ଷତା ଅତ୍ୟନ୍ତ ଜରୁରୀ। ପରିବାର ଏବଂ ନିଜ ସାମାଜିକ ସ୍ତରରେ ମାତୃଭାଷାଠାରୁ ଆରମ୍ଭ କରି ,ଲୋକେ ଭାଷାର ଆବଶ୍ୟକ କରନ୍ତି ଆଞ୍ଚଳିକ ସ୍ତରରେ ଯୋଗାଯୋଗ ପାଇଁ, ଜାତୀୟ ସ୍ତରରେ ଯୋଗାଯୋଗ ପାଇଁ ଏବଂ ବିଶ୍ୱସ୍ତରୀୟ ଯୋଗାଯୋଗ ପାଇଁ। ତେଣୁ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଗୋଟିଏ ଉଦ୍ଦେଶ୍ୟ ଭାବେ ବହୁଭାଷୀ ଦକ୍ଷତାକୁ ସାର୍ବଜନୀକ ସ୍ତରରେ ଗ୍ରହଣ କରାଯାଇଛି। ବିସ୍ତୃତ ଅର୍ଥରେ ସମାଜର ବହୁଭାଷୀ ଚିତ୍ରର ମୌଳିକତା ଦୃଷ୍ଟିରୁ ବହୁଭାଷୀ ଶିକ୍ଷାକୁ ଅତୀତରେ ଗ୍ରହଣ କରାଯାଇଥିଲା ଯାହା ଆଜିବି ଚାଲିଛି। କିନ୍ତୁ ପୁଣି ଏହା ସହ ବିଭିନ୍ନ ଭାଷା ମଧ୍ୟରେ ସଂପର୍କ ଏବଂ ଶିକ୍ଷାରେ ଏହାର ଭୂମିକା ରିତିମତ ଜଡିତ ହୋଇଛି ଗବମନ୍ଧକ୍ଷ ଖିରଙ୍ଗରକ୍ଷ ଏବଂ ଗସମନ୍ଧକ୍ଷ କ୍ଷରଙ୍ଗରକ୍ଷ ସହ। ଏହି ପ୍ରକ୍ରୀୟା ଗୁଡିକ ରୀତିମତ ଭାଷାର ସ୍ଥାନ ଓ ପୁନସ୍ଥାନ ଉପରେ ପକାଇବା ଯୋଗୁଁ ଧିରେ ଧିରେ ଏହି ଭାଷା ବିପଦରେ ପଡିଥାଏ । ଐକ୍ଷକ୍ଷଭଉରକ୍ଷଚରକ୍ଷ'କ୍ଷ ଙ୍କ ପରିବେଶ ଉପମା /ତୁଳନାକୁ ପ୍ରଶଂସା କରିବା କଥା କିପରି ଭାରତୀୟ ଓ ଭାରତୀୟାତ୍ମକ ଭାଷା ଏବଂ ସମାଜ ଏବଂ ଶିକ୍ଷାରେ ସେମାନଙ୍କ ସ୍ଥାନ କିପରି ରୀତିମତ ପରିବର୍ତ୍ତିତ ହୋଇ ସାମାଜିକ ପ୍ରକୀୟା ଭିତରେ "ଭାଷା ବିବର୍ତ୍ତନ" "ଭାଷାପରିବେଶରେ" ରେ ପରିବର୍ତ୍ତିତ ହୋଇ ପରେ ଏହା "ଭାଷା ବିଲୁପ୍ତତା" ଆଡକୁ ମୁହାଁଇଥାଏ ।

ଏହି ଅଧାୟର ଉଦ୍ଦେଶ୍ୟ ହେଉଛି ଭାରତର ଶିକ୍ଷା କ୍ଷେତ୍ରରେ କିପରି ସାମାଜିକ ଓ ଭାଷାଗତ ଅସମାନତା ଦେଖାଯାଇଛି ଯାହା ଭାଷା ଭାଷା ମଧ୍ୟର ଏବଂ ସେମାନଙ୍କ ବକ୍ତା ମଧ୍ୟର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି । ଇତିହାସର ବିଭିନ୍ନ ମୋଡରେ ଏହା ଦେଖାଯାଇଛି ଯେ ଭାଷା ଶିକ୍ଷା ନୀତି ପ୍ରସ୍ତୁତ ହେଲାବେଳେ ନାହିଁ ଭାଷାର ସାମାଜିକ ଇତିହାସକୁ ଅଧ୍ୟୟନ କରାଯାଇଛି ନାହିଁ ଶିକ୍ଷାର ସାମାଜିକ ଇତିହାସକୁ ଦେଖାଯାଇଛି । ବର୍ତ୍ତମାନର ଶିକ୍ଷା ନୀତି ଓ ତାର ପ୍ରୟୋଗକୁ ପରୀକ୍ଷା କରି ଦର୍ଶାଯାଇଛି ଯେ ଆଧୁନିକ ଏବଂ ସ୍ୱାଧିନତ୍ତର ଭାରତୀୟ ଶିକ୍ଷା କ୍ଷେତ୍ରରେ ଅନେକ ଅନିଶ୍ଚିତା ଦେଖାଯାଇଛି। ଏହି ପ୍ରକାର ଅନିଶ୍ଚିତତା ଏବଂ ଅସ୍ଥାୟୀତା ଯୋଗୁଁ ଭାଷା ଶିକ୍ଷା ନୀତି ଅସଫଳ ହୋଇଛି। ଏହା ବର୍ତ୍ତମାନ ଭାଷା ଏକ ସମସ୍ୟାରୁ ଭାଷା ଏକ ସାଧନକୁ ପରିବର୍ତ୍ତିତ ହେବା ଆବଶ୍ୟକ।

ଐତିହାସିକ ଦୃଷ୍ଟିରୁ ଏହା ଜରୁରୀ ଯେ ବିସ୍ତୃତ ସମାଜରେ ଭାଷାର ଭୂମିକା ଏବଂ ଶିକ୍ଷାରେ ଏହାର ସ୍ଥାନ ମଧ୍ୟରେ ସଂପର୍କକୁ ଦର୍ଶାଇବା। ଇତିହାସର ବିଭିନ୍ନ ସ୍ତରରେ ବହୁଭାଷିତାର ମୂଳ ରହିଥିବା ସତ୍ୱେ ଭାରତୀୟ ସମାଜ ବର୍ତ୍ତମାନ ଭାଗ ହୋଇ ଯାଇଛି ମୁଖ୍ୟ ଭାଷା ଓ ଶିକ୍ଷିତ ଗୋଷ୍ଠୀ ଏବଂ ଗୌଣ ଭାଷା ଏବଂ ସୀମାରେଖା ତଳେ ଥିବା ଗୋଷ୍ଠୀଙ୍କ ଭିତରେ ଏହାର ଫଳାଫଳ ସ୍ୱରୂପ ଭାଷାର ତ୍ରୀ- ସ୍ତରୀୟ ଶ୍ରେଣୀ ବଦ୍ଧତା ।

ଦେଖିବାକୁ ମିଳୁଛି ଏହି ଶ୍ରେଣୀ ବଦ୍ଧତାର ପ୍ରଥମ ସ୍ତରରେ ଇତିହାସର ବିଭିନ୍ନ ସମୟର ସଂସ୍କୃତ, ପାରସ୍ୟ ଏବଂ ଇଂରାଜୀ ର ମହତ୍ୱ ଥିଲା। ସେ ସବୁ ଦୀର୍ଘ ସ୍ଥାୟୀ, ସ୍ଥିର ଏବଂ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଥିଲେ। ଇତିହାସର ସେହି ମୁଖ୍ୟ ସମୟ ଗୁଡିକ ବହୁଭାଷିତାକୁ ଖୁବ୍ ହାଲୁକା ଅର୍ଥରେ ନେଇଥିଲେ କାରଣ ଭାଷା ଜ୍ଞାନ ଓ ପାଣ୍ଡିତ୍ୟ କୁ ଅଲଗା ଅଲଗା ଭାବେ ଦେଖା ଯାଉଥିଲା। ଏହି ଭାଷାଗୁଡିକ ସେମାନଙ୍କ ଶାସକଙ୍କ ଯୋଗୁଁ ଶକ୍ତିଶାଳୀ ହୋଇପାରିଥିଲ। ହିନ୍ଦୁ ରାଜା, ପାରସ୍ୟ ଓ ମୋଗଲ ରାଜ୍ୟ ଏବଂ ବ୍ରିଟିଶ ଶାସନ ଏବଂ ସେମାନଙ୍କ ଶକ୍ତିର ପ୍ରତିମାଳନ ସଂସ୍କୃତ, ପାରସିୟାନ ଏବଂ ଇଂରାଜୀ ଭାଷାରେ ଦେଖାଯାଉଥିଲା ଏହି ଶିକ୍ଷିତ ଗୋଷ୍ଠୀ କେବଳ ସକ୍ରୀୟ ହୋଇ ପଢୁନଥିଲେ, ଏହି ଭାଷାର ପ୍ରଚାର ଓ ତର୍ଜମା ମଧ୍ୟ କରୁଥିଲେ।

ବହୁସଂଖ୍ୟକ ଲୋକଙ୍କ ଭାଷା ଏହି ପ୍ରଭାବଶାଳୀ ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ଏଥିପାଇଁ ବିଭିନ୍ନ ପ୍ରକ୍ରୀୟା ମଧ ଦେଇ ଏହି ଭାଷା ଗୁଡିକ ଗତିକରେ ଯଥା ଭାଷାଗତ ଅଭିମୁଖିତା, ଆହରଣ ଏବଂ ପରିବର୍ତ୍ତନ । ବହୁଭାଷିତାର ଧାଡିରେ ଏହି ପ୍ରଭାବୀ ଭାଷା ଗୁଡିକ ମଝି ସିଡିରେ ରହିଥାଏ । ଏହି ତିନି ଧାଡିର ସବୁଠୁ ତଳେ ଥାଏ ଗୌଣ,ସ୍ୱଦେଶୀ, ଉପଭାଷା ଯାହା ସୀମାରେଖା ତଳେ ଥିବା ବର୍ଗଙ୍କ ଦ୍ୱାରା ବ୍ୟବହୃତ, ଯାହା ଖୁବ୍ କମ୍ ବା ବିଲକୁଲ ହିଁ ଶିକ୍ଷାରେ ସ୍ଥାନ ପାଇନାହିଁ । ଶିକ୍ଷାରେ କମ୍ କମ୍ କିମ୍ବା ବିଲକୁଲ ବ୍ୟବହୃତ ହେଉନଥିବା ଯୋଗୁଁ ଏହି ଭାଷାଗୁଡିକର ଲିପି କିମ୍ବା ଲିଖିତ ମାଧମର ବିକାଶ ହୋଇପାରିନାହିଁ ।

ବ୍ରିଟିଶ ଶାଶନ ପୂର୍ବରୁ ଭାରତର ଶିକ୍ଷା ମୂଖ୍ୟତଃ ବହୁଭାଷୀ ଥିଲା, ଯାହା ପୂର୍ବରୁ ବି ଥିଲା । ପୂର୍ବରୁ ଶିକ୍ଷା ପିଲାର ମାତୃଭାଷାରେ ଆରମ୍ଭ ହେଉଥିଲା, ଯାହା ଲୋକଙ୍କର ମୁଖ୍ୟଭାଷା ଥିଲା । ଉଚ୍ଚଶିକ୍ଷାରେ ଆହୁରି ଅଧିକପ୍ର ଭାବଶାଳୀ ଭାଷା ଯଥା ଶାସକଙ୍କ ଭାଷା ଯଥା ସଂସ୍କୃତ କିମ୍ବା ଫରାସୀ ପଢିବାକୁ ପଡୁଥିଲା, ଯାହା ଧାର୍ମିକ ଏବଂ ଦାର୍ଶନିକ ବହିର ଶିକ୍ଷାର ମାଧମ ରୂପେ ବ୍ୟବହୃତ ହେଉଥିଲା । ଶିକ୍ଷାର ମାଧମ ରୂପେ ଭାଷା ଓ ବିଷୟ ରୂପେ ଭାଷା ମଧରେ ତଫାତ୍ ବ୍ରିଟିଶ ସମୟରୁ ହିଁ ଆରମ୍ଭ ହୋଇଥିଲା । ଯେତେବେଳେ ଇଂରାଜୀକୁ ଶିକ୍ଷାରେ ସ୍ଥାନ ଦିଆଗଲା ଏବଂ ମାତୃଭାଷା ଓ କ୍ଲାସିକାଲ୍ ଭାଷା ଯଥା ସଂସ୍କୃତକୁ ମଧ ପ୍ରୟୋଗ କରାଯାଇଥିଲା । ସ୍ୱାଧିନ ପୂର୍ବବର୍ତ୍ତୀ ଭାରତରେ ବହୁଭାଷୀ ଶିକ୍ଷାର ଅର୍ଥ ହେଲା ଗୋଟିଏ ଭାଷାକୁ ଶିକ୍ଷାର ମାଧମ ରୂପେ ପ୍ରୟୋଗ କରିବା ସହ ଅନ୍ୟ ଦୁଇ ବା ତିନୋଟି ଭାଷାକୁ ସ୍କୁଲର ବିଷୟ ରୂପେ ପଢିବା । ଶିକ୍ଷାରେ ଏହି ଭାଷାର ଚୟନ ପ୍ରଭାବଶାଳୀ ଭାଷାର ପ୍ରଭାବ କିମ୍ବା ଶିକ୍ଷିତ ଗୋଷ୍ଠୀଙ୍କ ପ୍ରଭାବ ଦ୍ୱାରା ସ୍ଥିର କରାଯାଉଥିଲା । ସେହି ସମୟରେ ମୁଖ୍ୟ ଭାଷା ଗୁଡିକ ଆଞ୍ଚଳିକ ବା ସ୍ଥାନୀୟ କୁ ପ୍ରାଧାନ୍ୟ ଦେଉଥିଲେ ଯଦିଓ ମୁଖ୍ୟଭାଷା ଓ ଆଞ୍ଚଳିକ ଭାଷା ମଧରେ ଆଜି ମଧ ବିବାଦଲାଗି ରହିଛି । ସ୍ୱଦେଶୀ କିମ୍ବା ଲେକଙ୍କ ଭାଷାକୁ ସାଧାରଣତଃ ଶିକ୍ଷାରୁ ଦୁରେଇ ରଖାଯାଇଥିଲା ସେମାନେ କେବଳ ସାମାଜିକ ପ୍ରଭାହରେ ହିଁ ବଞ୍ଚି ରହୁଥିଲେ । ଭାରତର ଭାଷା ଏବଂ ଶିକ୍ଷାରେ ସେହି ଭାଷା ଗୁଡିକର ସ୍ଥାନକୁ ବିଭିନ୍ନ ଭାବରେ ବାଣ୍ଟି ଦିଆଯାଇଛି ଯଥା ଶିକ୍ଷିତ ଲୋଙ୍କକ ଭାଷା ଯାହାକି ପ୍ରଭାବୀ ଭାଷା, ବହୁସଂଖ୍ୟକଙ୍କ ଭାଷା ବା ଆଞ୍ଚଳିକ ଭାଷା ଏବଂ ଅଳ୍ପସଂଖ୍ୟଙ୍କକ ଭାଷା ବା ଗୌଣ ଭାଷା । ଭାଷାଭିତର ଏହି ଶ୍ରେଣୀ ବିଭାଗ ସଫର୍କ ଏବଂ ଭାରତୀୟ ଶିକ୍ଷାରେ ସେମାନଙ୍କ ସ୍ଥାନ ସର୍ବଦା ଜଡିତ ରହିତ ଅସ୍ୱଷ୍ଟତା, ବନ୍ଦୋବସ୍ତ ଏବଂ ଧାରଣାର ଅଭାବ, ଯାହାକୁ କୁହାଯାଉଛି “ଇଂରାଜୀ=ସ୍ୱଦେଶୀ ଭାଷା” । ବାସ୍ତବରେ ଏହା ଯୁକ୍ତ କରାଯାଇଛି ଯେ ବର୍ତ୍ତମାନର ଶିକ୍ଷା ନୀତିର ଅନିଶ୍ଚିତତା ଏବଂ ଦ୍ୱନ୍ଦ ଏବଂ ଏହାର ଅଭ୍ୟାସ କୁ ଆରୋପ କରାଯାଇ ପାରେ ଏକା ସାଥିରେ ପ୍ରଭାବଶାଳୀ, ବନ୍ଦୋବସ୍ତ ଏବଂ ପ୍ରତିରୋଧ ହୁଏ ବିଭିନ୍ନ ସ୍ତରରେ ଏବଂ ଭାରତର ଶିକ୍ଷାର ପ୍ରୟୋଗରେ । ଭାରତର ଶିକ୍ଷାରେ ବହୁଭାଷିତାର ଭୂମିକା କୁ ପରୀକ୍ଷା କରିବା ପୂର୍ବରୁ ବହୁଭାଷିତାର ପ୍ରକୃତିକୁ ଜାଣିବା ନିହାତି ଆବଶ୍ୟକ ।

ଭାରତରେ ୨୨ ଟି ସମ୍ବିଧାନ ଗୃହିତ ଭାଷା ରହିଛି । ଇଂରାଜୀକୁ ସରକାରୀ ଭାଷା ଭାବେ ଗୃହିତ କରାଯାଇଛି । ପ୍ରକୃତ ମାତୃଭାଷା ଯାହା ଜନଗଣନା ସର୍ବେକ୍ଷଣରେ ଲିଖିତ କରାଯାଇଛି ତାହା ଆହୁରି ଅଧିକ । ୧୯୯୧ ର ଜନଗଣନା ଅନୁସାରେ ଭାରତରେ ୧୦,୦୦୦ ରୁ ବି ଅଧିକ ମାତୃଭାଷା ରହିଛି । ଲିଖିତ ଥିବା ମାତୃଭାଷା ଗୁଡିକ ୩୩୭୨ ଟି ଭିତରୁ ୧,୫୩୫ କୁ ତାଲିକାଭୁକ୍ତ କରାଯାଇଛି ଏବଂ ବାକି ୧୭୯୬ କୁ ଅନ୍ୟ ମାତୃଭାଷା ଅଧିନରେ ରଖାଯାଇଛି । ଏହି ମାତୃଭାଷା ଗୁଡିକୁ ୩୦୦-୪୦୦ ଭାଷାରେ ବିଭାଗି କରଣ କରି ତାହାକୁ ୫ଟି ଭାଷା ପରିବାର ଅର୍ନ୍ତଭୁକ୍ତ କରାଯାଇଛି । ଭାରତୀୟ ସମାଜରେ ଅନେକ ଭାଷା ବିଭିନ୍ନ କ୍ଷେତ୍ରର କାଯ୍ୟ କଳାପରେ ବ୍ୟବହୃତ ହେଉଛି । ଉଦାହରଣ ସ୍ୱରୂପ ୧୦୪ଟି ଭାଷାକୁ ରେଡିଓରେ ପ୍ରସାରଣ କରିବା ସହ ବୟସ୍କଙ୍କ ପାଇଁ ସାକ୍ଷରତା କାର୍ଯ୍ୟକ୍ରମର ଅନ୍ତଭୁକ୍ତ କରାଯାଇଛି, ୫୩ ଟି ମୁଦ୍ରଣ ସମ୍ବାଦପତ୍ର ପାଇଁ ଏବଂ ୬୩ ଟି ପ୍ରାଥମିକ ଶିକ୍ଷା ନିମନ୍ତେ ବ୍ୟବହୃତ ହେଉଛି । ବିସ୍ତାରିତ ରୂପେ ଦୁଇ ବା ଅଧିକ ଭାଷା ଦୈନନ୍ଦିନ  ଜୀବନର ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ହେଉଛି ।

**ବହୁଭାଷିତା ଏବଂ ଭାରତରେ ଶିକ୍ଷା; ନୀତି ଓ ପ୍ରୟୋଗ**

ସ୍ୱାଧିନତା ପରେ ,ଭାରତିୟ ସମ୍ବିଧାନରେ ମାତୃଭାଷା ମାଧମରେ ଶିକ୍ଷାରେ ସ୍ଥାପିତ କରାଯାଇଛି, ଯେଉଁଥିରେ କୁହାଯାଇଛି ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ପିଲାମାନଙ୍କ ପ୍ରାଥମିକ ଶିକ୍ଷା ନିଜ ମାତୃଭାଷାରେ ଦେବା ପାଇଁ ପ୍ରଯ୍ୟାପ୍ତ ସୁବିଧା ଯୋଗାଇ  ଦିଆଯିବ । ଏହି ସାମ୍ବିଧାନିକ ନୀତି ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରୟୋଗରେ ଲଗାଯାଇ ପାରି ନାହିଁ । ମାତୃଭାଷାକୁ ଶିକ୍ଷାର

ମାଧମ ରୂପେ ବ୍ୟବହାର ଏବଂ ଭାଷାକୁ ବିଷୟ ରୂପେ ବିଭିନ୍ନ ସ୍ତରରେ ବ୍ୟବହାର କରିବା ଆଜିବି ତର୍କର ବିଷୟ ହୋଇ ରହିଛି ।

**ତ୍ରୀଭାଷୀ ସୂତ୍ର**

୧୯୫୩ ରେ ଭାରତ ସରକାର ଶିକ୍ଷାରେ ଭାଷାର ଭୂମିକା ଉପରେ ସରକାରୀ ନୀତି ପ୍ରଚଳନ କଲେ । ଏହା ତ୍ରୀଭାଷୀ ସୂତ୍ର ନାମରେ ଜଣାଶୁଣା, ଯାହା ସୁପାରିଶ କରିଛି ଯେ

୧-ପ୍ରଥମ ପାଞ୍ଚ ବର୍ଷର ଶିକ୍ଷା ପାଇଁ ମାତୃଭାଷା ବା ଆଞ୍ଚଳିକ ଭାଷା ବ୍ୟବହୃତ ହେବ ।

୨-ଅଣହିନ୍ଦୀ କ୍ଷେତ୍ରରେ ହିନ୍ଦୀ ଏବଂ ଭାରତର ଅନ୍ୟନ୍ୟ ସ୍ଥାନରେ ହିନ୍ଦୀ କୁ ଦ୍ଵିତୀୟ ଭାଷାକୁ ତିନିବର୍ଷ ପାଇଁ ପଢାଯିବ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ)

୩-ତୃତୀୟ ବର୍ଷକୁ ଇଂରାଜୀ କୁ ତୃତୀୟ ଭାଷାରୂପେ ପ୍ରଚଳନ କରାଯିବ ।

ଏହି ନୀତି ଅନୁସାରେ ଆଞ୍ଚଳିକ ଭାଷା ବା ମାତୃଭାଷା ସ୍କୁଲ ଶିକ୍ଷାର ମାଧମ ହେବା ବାଞ୍ଛନୀୟ । କିନ୍ତୁ ଆଞ୍ଚଳିକ ଭାଷା ଓ ମାତୃଭାଷା ମଧ୍ୟର ତଫାତ୍ ସ୍ଵଷ୍ଟ ହୋଇନାହିଁ । ଏହା ଫଳରେ ଅଳ୍ପସଂଖ୍ୟକ ବା ସ୍ଵଦେଶୀ ବା ଆଦିବାସୀ ଭାଷା ଗୋଷ୍ଠୀଙ୍କ ମୁଖ୍ୟ ଆଞ୍ଚଳିକ ଭାଷା ପଢିବା ପାଇଁ ବାଧ କରାଯାଏ । ଅନ୍ୟପକ୍ଷରେ ଏହି ତ୍ରୀଭାଷୀ ସୂତ୍ର କେବଳ ସରକାରୀ ସ୍କୁଲ ଗୁଡିକରେ ହିଁ ଲାଗୁ କରାଯାଉଛି ଏବଂ ବେସରକାରୀ ସ୍କୁଲ ଗୁଡିକ ନିଜ ଇଛା ମତେ ଭାଷା କୁ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରିଥାନ୍ତି । ଏହି ତ୍ରୀଭାଷୀ ସୂତ୍ରକୁ ୧୯୬୪ ରେ ପରିବର୍ତ୍ତନ କରାଯାଇଛି । ଏହି ପରିବର୍ତ୍ତିତ ସୂତ୍ର ଅନୁସାରେ ନିମ୍ନ ଲିଖିତ ତିନି ଭାଷାକୁ ସ୍କୁଲ ବିଷୟ ରୂପେ ପଢାଯିବ(୧) ମାତୃଭାଷା ବା ଆଞ୍ଚଳିକ ଭାଷା (୨)ହିନ୍ଦୀ ବା ଇଂରାଜୀ (୩)ଗୋଟିଏ ଆଧୁନିକ ଭାରତୀୟ ଭାଷା କିମ୍ବା ବିଦେଶୀ ଭାଷା ଯାହା ଆଗରୁ ପଢାଯାଇନାହିଁ ଏବଂଶିକ୍ଷାର ମାଧମ ରୂପେ ବ୍ୟବହୃତ ହୋଇନାହିଁ । ହିନ୍ଦୀକୁ ଅଣ-ହିନ୍ଦୀ ସ୍ଥାନରେ ବାଧ୍ୟତା ମୂଳକ କରାଯାଇନାହିଁ ଏବଂ ହିନ୍ଦୀ ପରିବର୍ତ୍ତେ ଇଂରାଜୀ ପଢିବ କିମ୍ବା ଏହାକୁ ଅଜଣା ଭାଷା ମଧ୍ୟରେ ପଢାଯିବ । ଏହାପରେ ଆଦିବାସୀ ପିଲାଙ୍କ ପାଇଁ ୧୯୬୪ ରେ ପରିବର୍ତ୍ତିତ ନୀତି ଅନୁସାରେ ଦ୍ଵିଭାଷୀ ବା ବହୁଭାଷୀ ଶିକ୍ଷାରେ ଆଦିବାସୀ ଭାଷାକୁ ପ୍ରଥମ ଦୁଇ ବର୍ଷ ପାଇଁ ଶିକ୍ଷାର ମାଧମରେ ପ୍ରଚଳନ ଏବଂ କଥିତ ମାଧମରେ ଆଞ୍ଚଳିକ ଭାଷାର ପ୍ରଚଳନ ଏବଂ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧମ ରୂପେ ତୃତୀୟ ବର୍ଷ ପର ଠାରୁ ପ୍ରଚଳନ କରିବା ।

ତ୍ରୀଭାଷୀ ସୂତ୍ର ରେ ଅନେକ ପରିବର୍ତ୍ତନ ଓ ଆଲୋଚନା କରି ବିଭିନ୍ନ ରାଜ୍ୟ ଓ ସ୍କୁଲ ବ୍ୟବସ୍ଥାରେ ଏହାର ପ୍ରଚଳନ କରିଛନ୍ତି । ଧିରେ ଧିରେ ଏହି ନୀତିର ବହୁମୁଖୀ ପ୍ରଚଳନ ଯୋଗୁଁ ପ୍ରତିଟି ରାଜ୍ୟର ମୁଖ୍ୟଭାଷା ଏହାର ପ୍ରଥମ ଭାଷା ହୋଇଛି ସରକାରୀ ସ୍କୁଲ ଗୁଡିକରେ ଏବଂ ଇଂରାଜୀକୁ ଦ୍ଵିତୀୟ ଭାଷା ବିଷୟ ଏବଂ ହିନ୍ଦୀ ଓ ସଂସ୍କୃତକୁ ତୃତୀୟ ଭାଷା ବିଷୟ ରୂପେ ଗ୍ରହଣ କରାଯାଇଛି । ଏହି ତ୍ରୀଭାଷୀ ସୂତ୍ର କେବେବି ଶିକ୍ଷାରେ ଭାଷା ନୀତି ହୋଇପାରିବ ନାହିଁ ଏବଂ ଏହା ଏପରି କୌଣସି ଗଠନମୂଳକ ଧାରଣା ବି ଯୋଗାଇ ପାରିନାହିଁ । ବିଭିନ୍ନ ରୂପରେ ଏହାକୁ ବ୍ୟାଖ୍ୟା କରିବା ଓ ବିଭିନ୍ନ ରୂପରେ ଏହାକୁ ପ୍ରୟୋଗ କରିବା ଯୋଗୁଁ ମୁଖ୍ୟଭାଷା, ଇଂରାଜୀ ଏବଂ ମୁଖ୍ୟ ଆଞ୍ଚଳିକ ମଧ୍ୟରେ ଏକପ୍ରକାର ବୁଝାବଣା ହୋଇଛି । ହିନ୍ଦୀକୁ ସେହି ରାଜ୍ୟ ଗୁଡିକରେ ଗ୍ରହଣ କରାଯାଇଛି ଯେଉଁଠି ହିନ୍ଦୀ ,ଉର୍ଦ୍ଦୁ ,ପଞ୍ଜାବି ଭାଷା ରହିଛି । ଦକ୍ଷିଣ ଭାରତୀୟ ରାଜ୍ୟ ଗୁଡିକରେ ହିନ୍ଦୀକୁ ଅସ୍ଵୀକାର କରି ଇଂରାଜୀକୁ ଗ୍ରହଣ କରିଛନ୍ତି । ଏହା ଫଳରେ ଭାରତରେ ଇଂରାଜୀ ଖୁବ୍ ବଳିଷ୍ଠ ସ୍ଥାନ ଅଧିକାର କରିପାରିଛି । ଆଧିପତ୍ୟ ଏବଂ ପ୍ରତିରୋଧ ପ୍ରକ୍ରୀୟା ଫଳରେ ଏହି ତ୍ରୀଭାଷୀ ସୂତ୍ରର ପ୍ରୟୋଗ କ୍ଷେତ୍ରରେ ଅନେକ ଅନିୟମିତତା ଦେଖା ଦେଇଛି । ହିନ୍ଦୀ ରାଜ୍ୟ ପାଇଁ କେବଳ ଦୁଇଟି ଭାଷା -ହିନ୍ଦୀ ଏବଂ ଇଂରାଜୀ ଏବଂ ସ୍କୁଲରେ ସଂସ୍କୃତ ତୃତୀୟ ଭାଷା ବିଷୟ ରୂପେ ରହିଛି । ଦକ୍ଷିଣ ଭାରତୀୟ ରାଜ୍ୟ ଗୁଡିକରେ ହିନ୍ଦୀକୁ ଅବହେଳା କରି ତାହାର ସ୍ଥାନରେ ଇଂରାଜୀକୁ ପ୍ରାଧାନ୍ୟ ଦିଆଯାଉଛି । ସବୁଠୁ ଜରୁରୀ ହେଉଛି ,ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀଙ୍କ ପାଇଁ ଯେମିତି ଆଦିବାସୀ ପିଲା ଭାଷା ନୀତି ଏବଂ ମାତୃଭାଷା ମାଧମରେ ଶିକ୍ଷାକୁ ବନ୍ଦ କରି ଦିଆଯାଉଛି କାହିଁକିନା ଯଦି ଏହା କରାଯାଏ ତେବେ ଶିକ୍ଷାରେ ଚାରୋଟି ଭାଷାର ବ୍ୟବହାର ହୋଇଯିବ ଯଥା ମାତୃଭାଷା ରାଜ୍ୟର ମୁଖ୍ୟଭାଷା,ହିନ୍ଦୀ ଏବଂ ଇଂରାଜୀ ।

ଅଳ୍ପସଂଖ୍ୟକ ଭାଷା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (୧୯୯୦) ,ଭାରତ ସରକାର ସୂଚିତ କରିଥିଲେ ଯେ ଅଳ୍ପସଂଖ୍ୟକ ଭାଷାକୁ ରଖିବା ପାଇଁ ଅନ୍ତତଃ ୧୦% ପ୍ରତିଶତ ଅଳ୍ପସଂଖ୍ୟକ ଭାଷାର ଛାତ୍ର ଥିବା ପ୍ରାଥମିକ ସ୍କୁଲରେ ସେମାନଙ୍କ ଭାଷାକୁ ଶିକ୍ଷାର ମାଧମ ଏବଂ ଦୁଇଟି ଭାଷା ମାଧମ ଶିକ୍ଷା କରାଯିବା ଉଚିତ୍ ସବୁ ପ୍ରକାର ପ୍ରତିବନ୍ଧକୁ ଏଡାଇବା ପାଇଁ ପୁନ ସଂଖ୍ୟାଲଘୁ ଭାଷା ପଢାଇବା ପାଇଁ ସେହି ଭାଷା ଶିକ୍ଷକଙ୍କୁ ନିଯୁକ୍ତି ଦେବା । ଏହି ସୁପାରିଶ ବା ଅନୁରୋଧ କିନ୍ତୁ କାର୍ଯ୍ୟକାରୀ ହୋଇପାରି ନାହିଁ।

<u>**ଭାରତୀୟ ଶିକ୍ଷାରେ ବହୁଭାଷିତାର ପ୍ରୟୋଗ**</u>

ଷଷ୍ଠ ସର୍ବ ଭାରତୀୟ ଶିକ୍ଷା ସଂର୍ବେକ୍ଷଣ (ଘଉରଜଞ ୧୯୯୯) ଦର୍ଶାଇଛି ଯେ ବର୍ତ୍ତମାନ ସ୍କୁଲ ଗୁଡିକରେ କେବଳ ୪୧ ଟି ଭାଷା ବ୍ୟବହାର କରାଯାଉଛି ଏବଂ ସେଥି ଭିତରୁ ୩୩ ଟି ଭାଷା ପ୍ରାଥମିକ ସ୍ତରରେ ଏବଂ ୨୫ ଟି ଭାଷା ମାଧମିକ ଏବଂ ୨୧ ଟି ଉଚ୍ଚ ମାଧମିକ ଏବଂ ୧୮ ଟି ଭାଷା ଷସଶଷରକ୍ସ ଷ୍ଵରମକ୍ଷଭୟବକ୍ଷଚ ସ୍ତରରେ ଶିକ୍ଷାର ମାଧମ ରୂପେ ବ୍ୟବହୃତ ହେଉଛି। ବିଗତ ତିନି ଦଶନ୍ଧି ଭିତରେ ଭାରତର ସ୍କୁଲ ଶିକ୍ଷାରେ ଭାଷାର ସଂଖ୍ୟା କମିଯାଉଛି। ପାଠ୍ୟକ୍ରମର ଅଂଶ ରୂପେ ଶିକ୍ଷା ମାଧମରେ ବହୁଭାଷି ଦକ୍ଷତାକୁ ବିକାଶ କରିବ ଭାରତୀୟ ଶିକ୍ଷାର ଆବଶ୍ୟକତା କିନ୍ତୁ ସେମାନେ ଭିନ୍ନ ଭିନ୍ନ ଭାଷାକୁ ସ୍କୁଲ ଶିକ୍ଷାର ବିଷୟ ଭାବେ ବ୍ୟବହାର କରୁ ନାହାନ୍ତି ଯଦିଓ ଅଧିକାଂଶ ଶ୍ରେଣୀ କକ୍ଷର ପିଲାମାନେ ବହୁବିଧ ଭାଷାର ଅଧିକାରୀ ଏବଂ ବହୁଭାଷାକୁ କେବଳ ଯୋଗାଯୋଗ ପାଇଁ ବ୍ୟବହାର କରାଯାଉଛି । ବିଭିନ୍ନ ପ୍ରକାର ଶିକ୍ଷାରେ ବହୁଭାଷାର ବ୍ୟବହାର ନିମ୍ନରେ ବର୍ଣ୍ଣନା କରାଗଲା ;

**୧-ବହୁଭାଷୀ ଶିକ୍ଷାର ଅନୈପଚାରିକ ରୂପ**

୧-କ -ଦ୍ୱିଭାଷୀ ଶିକ୍ଷା ସହାୟକ: କିଛି ସ୍କୁଲରେ ଶିକ୍ଷାର ମାଧମ ରୁପେ ଅନ୍ୟଭାଷାର ସହାୟକ ହୋଇଥାଏ ଯଥା ପାଠକୁ ଶିକ୍ଷାର ମାଧମ ଭାଷାରେ ପଢାଯାଏ ଏବଂ ଏହାକୁ ଅନ୍ୟ ଏକ ଭାଷାରେ ବାଖ୍ୟା କରାଯାଏ । ସାଧାରଣତଃ ସେଇଠି ,ଯେଉଁଠି ପିଲାର ମାତୃଭାଷା ଶିକ୍ଷାର ମାଧମ ନୁହେଁ।

୧-ଖ-ଆଂଶିକ ଦ୍ୱିଭାଷୀ ଶିକ୍ଷା: ଶ୍ରେଣୀ କକ୍ଷର ଉତ୍ତର ପାଇଁ ପିଲା ମାତୃଭାଷା ବ୍ୟବହାର କରେ କିନ୍ତୁ ଶିକ୍ଷକ ଓ ପିଲା ଙ୍କ ଭିତର ଯୋଗାଯୋଗ ମୁଖ୍ୟ ସ୍ଥାନୀୟ ଭାଷାରେ ହୋଇଥାଏ । ବେଳେବେଳେ ଯେଉଁଠି ଶିକ୍ଷକ ପିଲାର ମାତୃଭାଷା ବିଷୟରେ ଜାଣିନଥାଏ ସେଠି ଗୋଟିଏ ସରଳ ଉପଭାଷାକୁ ଅଦପରିଚାରିକ ରୂପେ ଯୋଗାଯୋଗ ପାଇଁ ଶ୍ରେଣୀ କକ୍ଷରେ ବ୍ୟବହାର କରାଯାଏ।

**୨-ଗୋଟିଏ ଶିକ୍ଷାର ମାଧମ ଭାଷାରେ ଔପରିଚକ ବହୁଭାଷୀ ଶିକ୍ଷ**

୨-କ-ମୁଖ୍ୟ ଭାଷା ମାତୃଭାଷା କାର୍ଯ୍ୟକ୍ରମ: ମୁଖ୍ୟ ଭାଷା ମାତୃଭାଷା ହେଉଛି ଶିକ୍ଷାର ମାଧମ ଏବଂ ଅନ୍ୟାନ୍ୟ ଭାଷାକୁ ସ୍କୁଲ ବିଷୟ ରୁପେ ପଢାଯିବ ।ଏହି କାର୍ଯ୍ୟକ୍ରମ ସାଧାରଣତଃ ତ୍ରୀଭାଷୀ ସୂତ୍ରକୁ ଅନୁସରଣ କରିଥାଏ। କିନ୍ତୁ ଏହାର ପ୍ରୟୋଗ ହିନ୍ଦୀ କ୍ଷେତ୍ର ଓ ଅଣ ହିନ୍ଦୀ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ ।ଏହି କାର୍ଯ୍ୟକ୍ରମ ଗୁଡିକୁ ଚିତ୍ରିତ କରାଯାଇଥାଏ ଏକ ସମିଶ୍ରିତା କାର୍ଯ୍ୟକ୍ରମ ଯେଉଁଠି ଅଳ୍ପସଂଖ୍ୟକ ଏବଂ ସ୍ୱଦେଶୀ ଭାଷାର ଛାତ୍ର ଯାହାର ମାତୃଭାଷା ଶିକ୍ଷାର ମାଧମ ଭାଷା ନୁହେଁ।

୨-ଖ-ଅଣ ମାତୃଭାଷା ମାଧମ କାର୍ଯ୍ୟକ୍ରମ: ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ଭାଷା ଶିକ୍ଷାର ମାଧମ ସହିତ ଅନ୍ୟାନ୍ୟ ଭାଷା ସ୍କୁଲ ବିଷୟ ରୁପେ ପଢାଯାଏ। ସବୁ ଇଂରାଜୀ ମାଧମ ସ୍କୁଲ ରେ ପିଲାଙ୍କୁ ଇଂରାଜୀ ପଢାଯାଏ ଯଦିଓ ଇଂରାଜୀ ସେମାନଙ୍କ ମାତୃଭାଷା ନୁହେଁ।

୩-ଔପଚାରିକ ବହୁଭାଷୀ ଶିକ୍ଷା ସହ ଅନେକ ଭାଷା ଶିକ୍ଷାର ମାଧମ ପରି : ଏହି କାର୍ଯ୍ୟକ୍ରମରେ ସାଧାରଣତଃ ଦୁଇଭାଷା ଶିକ୍ଷାର

ମାଧମ ଭାଷା ରୂପେ ବ୍ୟବହୃତ ହୁଏ ହୁଏତ ଏକା ସହିତ କିମ୍ବା ଗୋଟିଏ ପରେ ଆଉ ଗୋଟିଏ ।

୩-କ-ଏକକାଳୀନ ଦୁଇ ଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହୃତ କାର୍ଯ୍ୟକ୍ରମ: କିଛି ସରକାର ଦ୍ୱାରା ପରିଚାଳିତ ସ୍କୁଲରେ ଦୁଇ ଭାଷାକୁ ଏକକାଳୀନ ଭାବେ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଉଛି । ଏହି ସ୍କୁଲ ଗୁଡିକରେ ଇଂରାଜୀ କୁ ଶିକ୍ଷାର ମାଧମ ରୂପେ ଗଣିତ,ବିଜ୍ଞାନ ଓ ଇଂରାଜୀକୁ ପଢାଯାଏ ଏବଂ ହିନ୍ଦୀ ଭାଷା ମାଧମରେ ସମାଜ ବିଜ୍ଞାନ ଏବଂ ହିନ୍ଦୀ ପଢାଯାଏ। କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ରମରେ କିନ୍ତୁ ପିଲାର ମାତୃଭାଷାକୁ ଗ୍ରହଣ କରାଯାଇ ନ ଥାଏ।

୩-ଖ- ଏକ ପରେ ଅନ୍ୟ ଦୁଇଭାଷା ମାଧମ ଶିକ୍ଷା କାର୍ଯ୍ୟକ୍ରମ: ଶିକ୍ଷାର କିଛି ସ୍ତର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଭାଷା ମାତୃଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଏ ଏବଂ ଅନ୍ୟାନ୍ୟ ଭାଷା ସ୍କୁଲ ବିଷୟ ରୂପେ ପଢାଯାଏ। ଶିକ୍ଷାର ଉଚ୍ଚସ୍ତରରେ ପିଲା ଦ୍ୱିତୀୟ ଭାଷାକୁ ଶିକ୍ଷାର ମାଧମ ଭାଷା ରୂପେ ପଢେ । ବେଳେବେଳେ ପ୍ରାଥମିକ ଏବଂ ମାଧମିକ ସ୍ତରରେ ଶିକ୍ଷାରେ ଇଂରାଜୀ କିମ୍ବା ହିନ୍ଦୀ ଭାଷା ଶିକ୍ଷାର ମାଧମ ରୂପେ ବ୍ୟବହୃତ ଏବଂ ଅନ୍ୟାନ୍ୟ ଭାଷା ବିଷୟ ରୂପେ ପଢାଯାଏ। ଉଚ୍ଚସ୍ତରରେ କିମ୍ବା କିମ୍ବା ଝରମକ୍ଷଭୟବଛ ରୟଙ୍କମବସ୍ପସକ୍ଷଭ କିମ୍ବା ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରମାନେ ଇଂରାଜୀକୁ ଶିକ୍ଷାର ମାଧମ ରୂପେ ପଢନ୍ତି।

୩-ଗ-ଅଳ୍ପସଂଖ୍ୟକ ଭାଷାଭାଷୀ ପିଲାଙ୍କ ପାଇଁ ସାମୟିକ କାର୍ଯ୍ୟକ୍ରମ: ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ ଅଳ୍ପସଂଖ୍ୟକ ପିଲା ବା ଆଦିବାସୀ ପିଲାଙ୍କ ମାତୃଭାଷା ସ୍କୁଲର ପ୍ରଥମ କିଛି ବର୍ଷ ଶିକ୍ଷାର ମାଧମ ରୂପେ ବ୍ୟବହୃତ ଏବଂ ଏହା ସହିତ ଆଞ୍ଚଳିକ ଭାଷାକୁ ମୌଖିକ ଯୋଗାଯୋଗ ରୂପେ ବ୍ୟବହୃତ। ଧିରେ ଧିରେ ଆଞ୍ଚଳିକ ଭାଷା ବ୍ୟବହାର ସମୟକୁ ବଢାଇ ଅଳ୍ପସଂଖ୍ୟକ ଭାଷା ବ୍ୟବହାର ସମୟକୁ କମାଇ ଦିଆଯିବ ତେବେ ହିଁ ସ୍କୁଲର ଚତୁର୍ଥ ବର୍ଷ ବେଳକୁ ପିଲା ଆଞ୍ଚଳିକ ଭାଷା ମାଧମରେ ପଢିବାକୁ ପ୍ରସ୍ତୁତ ହୋଇଯାଇଥିବ। ସାଧାରଣତଃ ଆଦିବାସୀ ଭାଷା ଗୁଡିକରେ ଲିଖିତ ପଦ୍ଧତି ନାହିଁ । ଏହି କ୍ଷେତ୍ରରେ ଆଞ୍ଚଳିକ ଭାଷାର ଲିପି କୁ କିଛିଟା ପରିବର୍ତ୍ତନ କାରି ଆଦିବାସୀ ଭାଷା ପୁସ୍ତକରେ ଏଥିରେ ଲେଖାଯିବ କେବଳ ପ୍ରାଥମିକ ପଢାପଢି ପାଇଁ । ଏହି କାର୍ଯ୍ୟକ୍ରମର ବିଭିନ୍ନ ପ୍ରକାର ରହିଛି ଯାହାକୁ ବିଭିନ୍ନ ଆଦିବାସୀ କ୍ଷେତ୍ରରେ ପ୍ରୟୋଗାତ୍ମକ ରୂପେ ବ୍ୟବହାର କରାଯାଉଛି।

**ଶେଷ ମନ୍ତବ୍ୟ**

ବିଭିନ୍ନ ଭାଷା ମଧରେ ଥିବା ସଂପର୍କ ଭିତରେ ଭାରତୀୟ ବହୁଭାଷିତାର ଆଧାର ରହିଛି ଏବଂ ଅଳ୍ପସଂଖ୍ୟକ ଏବଂ ଆଦିବାସୀ ଭାଷା ଆଞ୍ଚଳିକ ଏବଂ ରାଜ୍ୟ ସ୍ତରୀୟ ଭାଷା ଏବଂ ବ୍ୟାପକ ଯୋଗାଯୋଗ ଭାଷା ରୂପେ ଇଂରାଜୀ ଓ ହିନ୍ଦୀ ର ପୁନର୍ମିଳନ କରିବା ଆବଶ୍ୟକ । ବହୁଭାଷୀ ଶିକ୍ଷାର କେନ୍ଦ୍ରବିନ୍ଦୁ ହେଉଛି ସାଧନ ଯୁକ୍ତ ଏବଂ ସମାନତା ବହୁଭାଷିତାକୁ ନେଇ ଭାଷା ଯୋଜନା । ବହୁଭାଷୀ ମନୋବୃତି କୁ ଭାରତୀୟ ଶିକ୍ଷା ବ୍ୟବସ୍ଥା ଠିକ୍ ରୂପେ ଗ୍ରହଣ କରିପାରି ନାହିଁ। ଏକ ସଙ୍ଗେ ଦୁଇ ଭାଷା କାର୍ଯ୍ୟକ୍ରମ, ଯେମିତିକି କେନ୍ଦ୍ରୀୟ ବିଦ୍ୟାଳୟ ବିଭିନ୍ନ ବିଷୟ ପଢାଇବା ପାଇଁ ଦୁଇଭାଷାର ବ୍ୟବହାର ହୋଇଥାଏ ଏବଂ ବ୍ୟାହିକ ଦୃଷ୍ଟିରୁ ଏହା ଦ୍ୱିଭାଷୀ ଶିକ୍ଷା ପରି ଜଣା ପଡିଥାଏ। ପୂର୍ବରୁ ଲିଖିତ ହେବା ପରି ଏହି ସ୍କୁଲର ପିଲାମାନେ, ସେମାନଙ୍କ ନିଜ ଭାଷା ସତ୍ତ୍ୱେ ଦୁଇଟି ଭାଷା ଇଂରାଜୀ ଓ ହିନ୍ଦୀ ପଢିବାକୁ ବାଧ କରାଯାଏ। ପୁଣି ଇଂରାଜୀ ଭାଷାକୁ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ପଢିବା ପାଇଁ ବ୍ୟବହାର କରାଯାଏ ଏବଂ ଆଦିବାସୀ ପିଲାଙ୍କ ପାଇଁ ହୋଇଥିବା ସାମ୍ରିକ ଦ୍ୱିଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ପୂର୍ବରୁ ଆଲୋଚନା ହୋଇ ଦୁର୍ବଳ ଶ୍ରେଣୀର ଦ୍ୱିଭାଷୀ ଶିକ୍ଷା କାର୍ଯ୍ୟକ୍ରମ ତିଆରି ହୋଇଛି ଯାହା ଫଳରେ ସମୀଭବନ, ଦୁର୍ବଳ ଭାଷା ଶିକ୍ଷା ଏବଂ ମାତୃଭାଷାର ହାନି ହୋଇଥାଏ ।ଭାରତୀୟ ସମାଜ କ୍ଷେତ୍ରରେ ବର୍ତ୍ତମାନର ଶିକ୍ଷା ପଦ୍ଧତି ବହୁଭାଷିତାକୁ ପ୍ରକୃତରେ ସହାୟ ହେଉ ନାହିଁ ତାହା ଉଚ୍ଚସ୍ତରୀୟ ବହୁଭାଷୀ ଦକ୍ଷତାକୁ ଉନ୍ନତ କରିପାରୁଛି। ତାହା ବିଷୟ ରୂପେ ପଢାଯାଉଥିବା ଭାଷା ପ୍ରତି ଦୃଷ୍ଟି ହେଉଛି କିନ୍ତୁ ଶିକ୍ଷାର ମାଧମ ପ୍ରତି ନୁହେଁ । ଯେତେବେଳେ ଦୁଇଟି ଭାଷା ଶିକ୍ଷାର ମାଧମ ରୂପେ ବ୍ୟବହୃତ ହୁଏ, ସେଠି କୌଣସି ନିର୍ଦ୍ଧିଷ୍ଟ ନିର୍ଦ୍ଦେଶ ନଥାଏ। କାର୍ଯ୍ୟକ୍ରମର ପ୍ରକୃତି ଭିତରେ ଭାଷାକୁ ବ୍ୟବହାର କରାଯାଉଛି ଏବଂ କାର୍ଯ୍ୟକ୍ରମର ଫଳାଫଳ ସହ ଦ୍ୱିଭାଷୀ କିମ୍ବା ବହୁଭାଷିତାର କୌଣସି ସମ୍ପର୍କ ନାହିଁ।

ସମଗ୍ର ରୂପେ ଭାରତର ବାହ୍ୟ ସ୍ତରରେ ବହୁଭାଷୀ । ସାମାଜିକ ବହୁଭାଷୀତା ଏବଂ ଶିକ୍ଷା କ୍ଷେତ୍ରରେ ବ୍ୟବହୃତ ବହୁଭାଷୀତା ମଧର ସଂପର୍କକୁ ଗଭୀର ଭାବେ ନିଆଯାଇନାହିଁ । ସରକାରୀ ତ୍ରୀଭାଷୀ ସୂତ୍ର ବ୍ୟବହାରିକ ଦୃଷ୍ଟିରୁ କେବଳ ତ୍ରୁଟିପୂର୍ଣ୍ଣ ନୁହେଁ ବହୁଭାଷୀ ଶିକ୍ଷା ର ମୌଳିକ ସମସ୍ୟା କୁ ସମାଧାନ କରିବାରେ ଅସଫଳ ହୋଇଛି। ଭାରତ ନୀତି ପ୍ରବର୍ତ୍ତନକୁ ସଫଳ

କରିବା ପାଇଁ ଉଚିତ୍ ଗବେଷଣା କିମ୍ବା ତତ୍ତ୍ୱର ଜଣାଶୁଣା ନାହିଁ ଫଳରେ ଶିକ୍ଷା ଏହି ସାମାଜିକ ବହୁଭାଷିତାକୁ ପ୍ରଯୁଜ୍ୟ କରିବାରେ ବିଫଳ ହୋଇଛି ଏବଂ ବହୁଭାଷୀ ସମାଜରେ ସାମାଜିକ-ରାଜନୈତିକ ଏବଂ ଅର୍ଥନୈତିକ ପ୍ରକୀୟାରେ ଭାଷାର ବ୍ୟବହାର ମଧ୍ୟ ବିଫଳ ହୋଇଛି ।

ନୀତି ପ୍ରବର୍ତ୍ତକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଦୁଇଟି ସମସ୍ୟା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି ଏବଂ ଲୋକଙ୍କ ପାଇଁ ତର୍କର ବିଷୟ ହୋଇଛି ତାହା ହେଉଛି ଶିକ୍ଷାର ମାଧ୍ୟମକୁ ନେଇ ପ୍ରଶ୍ନ ଏବଂ ଅଳ୍ପସଂଖ୍ୟକ ଗୋଷ୍ଠୀର ପିଲାଙ୍କ ଶିକ୍ଷା । ଇଂରାଜୀ କୁ ନେଇ ଉଠିଥିବା ତର୍କ ଯୋଡା ହୋଇଛି ତାର ସ୍ଥାନକୁ ନେଇ ଯଥା ଏହା ଗୋଟିଏ ଔପନିବେଶିକ ଭାଷା ଏବଂ ଏହା ହିନ୍ଦୀ ଓ ଅନ୍ୟାନ୍ୟ ଆଞ୍ଚଳିକ ଭାଷାକୁ ବ୍ୟବହାର ବାହାରକୁ ପେଲି ଦେଇଛି । ବିଶ୍ୱ ଅର୍ଥନୀତି ଓ ଶକ୍ତିଶାଳୀ ଭାଷା ରୂପେ ଇଂରାଜୀ ଭାଷା ବିସ୍ତୃତ ଭାବେ ଗ୍ରହଣୀୟ ଏବଂ ମାନିନିଆଯାଇଛି ଯେ ଇଂରାଜୀ ଗୋଟିଏ ଭାରତୀୟ ଭାଷା ଏବଂ ଏହା ଅସ୍ୱୀକାର କରିବା କଷ୍ଟକର ଯେ ଭାରତୀୟ ବହୁଭାଷିତା ଓ ବହୁଭାଷୀ ଶିକ୍ଷାରେ ଏହା ସ୍ଥାନ ଖୁବ୍ ସ୍ୱଷ୍ଟ ଦର୍ଶାଇଥିବା ପରି ଭାରତୀୟ ଇଂରାଜୀ କେବଳ ସଙ୍କରଣ କିମ୍ବା ଦେଶୀୟ ନୁହେଁ ବରଂ ଏହାକୁ ଅନେକ କ୍ଷେତ୍ରରେ ଅଣଔପନିବେଶିକ କରାଯାଉଛି ଏବଂ ଏହାକୁ ଏପରି ପ୍ରୟୋଗ କରାଯାଇଛି ଯେ ତାହା ଉଭୟ ଇଂରାଜୀ ମାଧ୍ୟମ ଛାତ୍ର ଓ ଆଞ୍ଚଳିକ ଭାଷା ଛାତ୍ର ସମଙ୍କ ପାଠ୍ୟକୁ ସଞ୍ଚାରିତ ହୋଇଛି । ଯଦିଓ ଇଂରାଜୀର ସ୍ଥାନ ବିରୋଧାତ୍ମକ ଏବଂ ଆପତ୍ତିମୂଳକ, କିନ୍ତୁ ବିଭିନ୍ନ ପ୍ରକୀୟା ଭିତରେ ତାର ସ୍ୱଷ୍ଟ ସ୍ଥାନ ଯୋଗୁଁ ଏହା ଗ୍ରହଣୀୟ ଓ ସ୍ୱୀକାର୍ଯ୍ୟ । ଇଂରାଜୀ ଯେପରି ଭାବରେ ନିଜର ସ୍ଥାନକୁ ବଳିଷ୍ଟ କରିଚାଲିଛି ସେଠି ଶିକ୍ଷାରେ ଅନ୍ୟାନ୍ୟ ଭାଷାର ସ୍ଥାନକୁ ସୀମିତ କରି ଦେଉଛି । ଭାରତର ଅଧିକାଂଶ ରାଜ୍ୟର ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଇଂରାଜୀକୁ ଦ୍ୱିତୀୟ ଭାଷା ରୂପେ ପଢାଯାଉଛି ଯେଉଁଠି ରାଜ୍ୟର ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହାର କରାଯାଉଛି । ସେଥିପାଇଁ ଫଳସ୍ୱରୂପ ଇଂରାଜୀ ଶକ୍ତିଶାଳୀ ଓ ପ୍ରାଧାନ୍ୟ ଭାଷାର ସ୍ଥାନ ଗ୍ରହଣ କରିଦେଇଛି । ଏହି ପ୍ରକୀୟା ଭିତରେ ବହୁଭାଷୀ ଶିକ୍ଷାର ଦୁଇଟି ମୌଳିକ ନୀତି ଅବହେଳିତ ହୋଇ ପଡିଛି । ଇଂରାଜୀ ପରି ଦ୍ୱିତୀୟ ଭାଷାକୁ ବ୍ୟବହାର କରିବା ପୂର୍ବରୁ ପ୍ରଥମ ଭାଷା ବା ମାତୃଭାଷାର ବିକାଶ ପାଇଁ ସୁଯୋଗ ଦିଆଯାଉନାହିଁ । ପ୍ରଥମ ଭାଷାର ବିକାଶ ପୂର୍ବରୁ ଇଂରାଜୀକୁ ପ୍ରଚଳନ କରିବା ଦ୍ୱାରା ପିଲା ଇଂରାଜୀରେ ମଧ୍ୟ ଭଲ କରି ପାରିନଥାଏ । ବେସରକାରୀ ଇଂରାଜୀ ମାଧ୍ୟମ ସ୍କୁଲ ଗୁଡିକରେ ମାଧ୍ୟମିକ ଶ୍ରେଣୀ ଏବଂ ଉଚ୍ଚ ଶ୍ରେଣୀ ପିଲା ଯେଉଁମାନେ ପ୍ରଥମରୁ ଇଂରାଜୀ ପଢନ୍ତି ସାରାଦିନ ଇଂରାଜୀ ପଢିବା ଓ ଇଂରାଜୀକୁ ବିଷୟ ଭାବେ ପଢିବା ଭିତରେ ତଫାତ୍ ହେଉଛି, ଯେଉଁମାନେ ନିମ୍ନ ସାମାଜିକ ସ୍ତରରୁ ଆସିଥାନ୍ତି ସେମାନଙ୍କୁ ଅବହେଳା କରାଯାଏ । ତେଣୁ ଭାରତର ଶିକ୍ଷାରେ ଇଂରାଜୀକୁ ପ୍ରକୃତ ଅର୍ଥରେ ବହୁଭାଷି ଶିକ୍ଷାର ଢାଞ୍ଚାରେ ନିଆଯାଉନାହିଁ ।

ଦ୍ୱିତୀୟ ସମସ୍ୟା ଯାହାକୁ ବର୍ତ୍ତମାନ ଜରୁରୀ ଭାବେ ନିଆଯାଉଛି ମୁଖ୍ୟତଃ ସମସ୍ତଙ୍କୁ ଶିକ୍ଷା ଯୋଗାଇ ଦେବାର ଅଭିମୁଖ୍ୟ ଯଥା ଆଦିବାସୀ ଓ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ଶିକ୍ଷା ଯୋଗାଇଦେବା । ଆଦିବାସୀ ଓ ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ପିଲାଙ୍କୁ ମୁଖ୍ୟ ଭାଷା ମାଧ୍ୟମ ସ୍କୁଲରେ ସାମିଲ କରିବା ଫଳରେ ସେମାନଙ୍କ ଶିକ୍ଷା ଫଳାଫଳ ଭଲ ହୋଇନଥାଏ । ସେମାନେ ସ୍କୁଲ ମଧ୍ୟ ଛାଡିଥାନ୍ତି ତେଣୁ ବର୍ତ୍ତମାନ ଏହି ଆଦିବାସୀ ପିଲାଙ୍କୁ ବହୁଭାଷୀ ଶିକ୍ଷା ଓ ବହୁଶିକ୍ଷା ହେବାର ପ୍ରୟାସ ଚାଲିଛି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ବିଭିନ୍ନ ରାଜ୍ୟରେ ଅଧିକ ଆଦିବାସୀ ପିଲାଙ୍କ ନେଇ କଥା ଯାଇଛି ଯଥା ଆନ୍ଧ୍ରପ୍ରଦେଶ, ଓଡିଶା, ଛତିଶଗଡ, ଝାଡଖଣ୍ଡ ଏବଂ ଉତ୍ତରପୁର୍ବାଞ୍ଚଳ କିଛି ରାଜ୍ୟରେ କରାଯାଇଛି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପ୍ରାଥମିକ ସାକ୍ଷରତା ଏବଂ ଶ୍ରେଣୀ କକ୍ଷ ଶିକ୍ଷାର ଉନ୍ନତି ଓ ବିକାଶ କରିବା ଏବଂ ଧିରେ ଧିରେ ଦୁଇ ତିନି ବର୍ଷ ପରେ ଆଞ୍ଚଳିକ ଭାଷାର ପ୍ରଚଳନ କରିବା । ପ୍ରଥମ ଦୁଇ ତିନି ବର୍ଷ ମାତୃଭାଷା ମାଧ୍ୟମରେ ପଢାଯାଇ ପରେ ଆଞ୍ଚଳିକ ଭାଷାକୁ ଏହା ପରିବର୍ତ୍ତିତ କରିବା । ଉଦ୍ଦେଶ୍ୟ ହେଉଛ ଦ୍ୱିତୀୟ ଶ୍ରେଣୀ ବେଳକୁ ଦ୍ୱିତୀୟ ଭାଷାର ମୌଖିକ ଦକ୍ଷତା ହାସଲ କରିବା କିନ୍ତୁ ଦ୍ୱିତୀୟ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ତୃତୀୟ ପର୍ଯ୍ୟନ୍ତ ବ୍ୟବହାର କରାଯିବ ନାହିଁ । ଯଦିଓ ପରେ ଏହାକୁ ମଧ୍ୟ ଶିକ୍ଷାର ମାଧ୍ୟମ ରୂପେ ପ୍ରଚଳନ କରାଯାଏ ତେବେ ବି ପିଲାର ମାତୃଭାଷା ପାଠକୁ ବନ୍ଦ କରାଯିବ ନାହିଁ ଏବଂ ଏହାକୁ ମଧ୍ୟ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହାର କରାଯିବ । ଧିରେ ଧିରେ ଦୁଇଟି ଯାକ ଭାଷା ଶିକ୍ଷା ମାଧ୍ୟମ ରୂପେ ଚାଲିବ ଏବଂ ତୃତୀୟ ଭାଷାର ପ୍ରଚଳନ ପଞ୍ଚମ ଶ୍ରେଣୀରୁ କରାଯିବ । ଆଦିବାସୀ ପିଲାଙ୍କ

ପାଇଁ ବହୁଭାଷୀ ଶିକ୍ଷାକୁ ଏମିତି ତିଆରି କରାଯାଇଛି ଯେ ଏହା ଉଚ୍ଚଧରଣର ବହୁଭାଷୀ ଓ ବହୁ ବିଷୟ ଶିକ୍ଷା ଦକ୍ଷତାକୁ ବଢାଇବା ସହ ମାତୃଭାଷାର ବିକାଶ କରିବ। ଆଦିବାସୀ ପିଲାଙ୍କ ପାଇଁ ଏହା ହେଉଛି ପ୍ରଥମିକ ସ୍ତରର ବିକାଶ ଯାହା ଆଜିବି ପ୍ରୟୋଗାତ୍ମକ ସ୍ତରରେ ରହିଛି ଏବଂ ଏହି କାର୍ଯ୍ୟକ୍ରମ ଗୁଡିକୁ ନିୟମିତ ଓ ଶୃଙ୍ଖଳାଗତ ଭାବେ ଯଦି ପରୀକ୍ଷା କରାନଯାଏ ତେବେ ଏହାକୁ ସଫଳ କରିବା କଷ୍ଟକର ହେବ। କିନ୍ତୁ ଏହି ସବୁ ପ୍ରୟାସ ଫଳରେ ଭାରତର ଶିକ୍ଷା ଏବଂ ବହୁଭାଷୀ ଶିକ୍ଷା ମାଧ୍ୟମରେ ଭାଷାର ଦକ୍ଷତା ବୃଦ୍ଧି କରାଇବା। ଏହି ନୂଆ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଉତ୍ତମ ଶିକ୍ଷା ଯୋଗାଇ ଦେବ ବୋଲି ଆଶା ଏବଂ ସମସ୍ତଙ୍କ ପାଇଁ ବହୁଭାଷୀ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଗୋଟିଏ ସାଧାରଣ ଶିକ୍ଷା ବ୍ୟବସ୍ଥାକୁ ଉତ୍ତର ଓ ବ୍ୟବସ୍ଥିତ କରିବା ।

# Social Justice through Multilingual Edudcation

## Fundamental Psycholinguistic and Sociological principles underlying Educational success for linguistic

## ଅଳ୍ପ ସଂଖ୍ୟକ ଭାଷା ଗୋଷ୍ଠୀ ଛାତ୍ରଙ୍କ ଶିକ୍ଷାଗତ ସଫଳତା ସହ ଜଡିତ ମୌଳିକ ମନୋଭାଷା ବିଜ୍ଞାନ ଏବଂ ସମାଜ ଶାସ୍ତ୍ରୀୟ ନିୟମ

Jim Cumming

ଦ୍ୱିଭାଷା ଶିକ୍ଷାର ଅର୍ଥ ଛାତ୍ରର ସ୍କୁଲ ପରିସର ଭିତରେ ଶିକ୍ଷାଦାନ ପ୍ରକ୍ରିୟାରେ ଦୁଇଟି ଭାଷାକୁ ବ୍ୟବହାର କରିବା । କେବଳ ଭାଷା ନୁହେଁ ସେହି ଭାଷା ମାଧ୍ୟମରେ ବିଷୟବସ୍ତୁକୁ ମଧ ପଢ଼ାଇବା । ଏହମି ସହଜ କଥାଟିକୁ ସମାଜ-ରାଜନୀତି, ସମାଜ-ଭାଷାବିଜ୍ଞାନ, ଆର୍ଥିକ, ପ୍ରଶାସନିକ ଏବଂ ଶିକ୍ଷାଗତ ସ୍ତରରେ ଜଟିଳ କରାଯାଇଛି । ବାସ୍ତବରେ ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ ସ୍କୁଲ ବ୍ୟବସ୍ଥା ଭିତରେ ସେହି ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହାର କରି ସେହି ଭାଷା ଓ ଭାଷା ଗୋଷ୍ଠୀଙ୍କୁ ସାମାଜିକ ସ୍ୱୀକୃତି ପ୍ରଦାନ କରିବା । ସୁତରାଂ ଦ୍ୱିଭାଷା ଶିକ୍ଷା କେବଳ ରାଜନୈତିକ ଦୃଷ୍ଟିରୁ ଶିକ୍ଷାଦାନର ମାଧ୍ୟମ ନୁହେଁ ବରଂ ଏହା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀଙ୍କ ଜୀବିକା ପାଇଁ ପ୍ରତିଯୋଗିତା ମଧ ।

ଇହୁଭାଷା ଶିକ୍ଷା କାର୍ଯ୍ୟକ୍ରମକୁ ସମାଜର ପ୍ରଧାନ ବା ମୁଖ୍ୟ ଭାଷା ଗୋଷ୍ଠୀଙ୍କ କ୍ଷେତ୍ରରେ ପ୍ରୟୋଗ କଲାବେଳେ ଏହା କମ୍ ବିବାଦୀୟ ହୋଇଥାଏ । ଉଦାହରଣ ସ୍ୱରୂପ କାନାଡାରେ ଇଂରାଜୀ ଭାଷୀଙ୍କ ପାଇଁ ଫରାସୀ ଭାଷାକୁ ଫରାସୀ ଭାଷା ମାଧ୍ୟମରେ ଶିକ୍ଷା ଦେବା କିମ୍ବା କ୍ୟୁବା ବାହାରେ ଫରାସୀ ଭାଷାକୁ ବଞ୍ଚାଇବା ପାଇଁ ସେଠାକାର ଅଳ୍ପସଂଖ୍ୟକ ଫରାସୀ ଭାଷା ଛାତ୍ରଙ୍କ ପାଇଁ ଫରାସୀ ଭାଷା ଶିକ୍ଷା କାର୍ଯ୍ୟକ୍ରମ କିଛି ମାତ୍ରାରେ ବିବାଦୀୟ ହୋଇ ପଡିଛି , ଏହି କାର୍ଯ୍ୟକ୍ରମ ଦୁଇଟି ସରକାରୀ ଭାଷା ଗୋଷ୍ଠୀଙ୍କ ସ୍ୱାର୍ଥକୁ ଆଖିରେ ରଖି କରାଯାଇଛି । ଏହା ସତ୍ତ୍ୱେ ଇଂରାଜୀ ଏବଂ ଫରାସୀକୁ ଛାଡି, ସେଠି ଅନ୍ୟ ଭାଷାକୁ ଦ୍ୱିଭାଷା ଶିକ୍ଷା କାର୍ଯ୍ୟକ୍ରମରେ କମ୍ ପ୍ରୟୋଗ କରାଯାଇଛି । ସେହିପରି ୟୁରୋପରେ ସମାଜରେ ପ୍ରତିଷ୍ଠିତ ଅଳ୍ପସଂଖ୍ୟକଙ୍କ ପାଇଁ ଯେପରି ଭାବେ ଦ୍ୱିଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଚାଲୁଅଛି ତା ତୁଳନାରେ ଦେଶାନ୍ତର ଲୋକଙ୍କ ପାଇଁ ଏହି କାର୍ଯ୍ୟକ୍ରମର ମାତ୍ରା ବହୁତ କମ୍ । ଅଳ୍ପ ସଂଖ୍ୟକ ଭାଷା ଗୋଷ୍ଠୀର ପିଲାମାନେ ଶିକ୍ଷାତ ସଫଳତା ପାଇଁ ଜୀବନର ଲକ୍ଷ୍ୟ ହାସଲ ପାଇଁ ସମାଜର ପ୍ରଧାନ ବା ମୁଖ୍ୟ ଭାଷାକୁ ସ୍ୱଷ୍ଟ ଭାବେ କହି ପାରିବା ସହିତ ସେହି ଭାଷାରେ ଶିକ୍ଷା ଗ୍ରହଣ କରି ସେହି ଭାଷା ସଂସ୍ପର୍ଶରେ ଆସିବା ନିହାତି ଆବଶ୍ୟକ ବୋଲି ଯୁକ୍ତି କରାଯାଇଥାଏ । ସେହି ଉଦ୍ଧେଶ୍ୟକୁ ହାସଲ କରିବା ପାଇଁ ଯଥା ସମ୍ଭବ ସେହି ଭାଷା ସହ ପରିଚିତ ହେବା ଆବଶ୍ୟକ । ଦ୍ୱିଭାଷା ଶିକ୍ଷା ସହ ଜଡିତ ପିଲାଙ୍କ ମାତୃଭାଷାକୁ ସ୍କୁଲ ଶିକ୍ଷାରେ ଆଂଶିକ ରୂପେ ଶିକ୍ଷାର ମାଧ୍ୟମ ଭାବେ ବ୍ୟବହାର କରାଯିବାକୁ 'ଅଯୌକ୍ତିକ' ଭାବି ହତାଦାର କରାଯାଉଛି । ଏହା ଭାବି ଯେ ତାହା ପିଲାର ମୁଖ୍ୟ ଭାଷା ଶିକ୍ଷାକୁ ଦୁର୍ବଳ କରିଦେବ । ସଦାବେଳେ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀ ଛାତ୍ରଛାତ୍ରୀଙ୍କ ପିତାମାତା ମଧ ଏହି ଯୁକ୍ତିକୁ ସମର୍ଥନ କରନ୍ତି । ସେମାନେ ଭାବି ନେଇଥାନ୍ତି ସାମାଜିକ ଓ ବ୍ୟକ୍ତିଗତ ଉନ୍ନତି ପାଇଁ ଏହି ମୁଖ୍ୟ ବା ପ୍ରଧାନ ଭାଷା ଆବଶ୍ୟକ ଏବଂ ସେମାନଙ୍କ ପିଲା ଏହି ଭାଷାକୁ ଉତ୍ତମ ରୂପେ ଶିଖିବା ଆବଶ୍ୟକ । ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ତଥ୍ୟକୁ ଆଧାର କରି ହୋଇଥିବା ଗବେଷଣା ଓ ଅନୁଧାନର ଗବେଷକ ମାନେ ଏହି ଯୁକ୍ତିକୁ ମୂଲ୍ୟହିନ ମନେ କରନ୍ତି । ପରବର୍ତ୍ତୀ ଅଧ୍ୟାୟରେ ଦ୍ୱିତୀୟ ଭାଷା ଶିକ୍ଷାର ଗବେଷଣା ତଥ୍ୟକୁ ସଂକ୍ଷେପରେ ଉଲ୍ଲେଖ କରାଯାଇଛି ।

### ଦ୍ୱିଭାଷା ଶିକ୍ଷା କାର୍ଯ୍ୟକ୍ରମରେ ସାଧାରଣ ଫଳାଫଳ

ସମସ୍ତ ପ୍ରକାର ଦ୍ୱିଭାଷା ଶିକ୍ଷାର ଫଳାଫଳ ହେଲା ଦୁଇଟି ଭାଷାରେ ଆବଶ୍ୟକ ମତେ ସମୟ ଦେବା ସତ୍ତ୍ୱେ ଏହାର ଖରାପ ପ୍ରଭାବ ଛାତ୍ରର ପାଠ୍ୟକ୍ରମ ଭିତରେ ଶିଖୁଥିବା ମୁଖ୍ୟ ଭାଷା ଉପରେ ପଡେ ନାହିଁ । ସାମାଜିକ ଭାଷା ବିଜ୍ଞାନ ଓ ସମାଜ ରାଜନୀତି ସ୍ତରରେ ତଫାତ୍ ଏବଂ କାର୍ଯ୍ୟକ୍ରମର କାର୍ଯ୍ୟକାରୀ ପଦ୍ଧତିର ଭିନ୍ନତା ସତ୍ତ୍ୱେ ଏହି ପ୍ରଭାବ ଉଭୟ ମୁଖ୍ୟ ଭାଷା ଓ ଗୌଣ ଭାଷାର ଛାତ୍ର ଉପରେ ପଡିଥାଏ । ଦ୍ୱିଭାଷା ଶିକ୍ଷା କାର୍ଯ୍ୟକ୍ରମର ତିନୋଟି ଅତିରିକ୍ତ ଫଳାଫଳକୁ ଦୃଷ୍ଟି ଗୋଚରକୁ ଅଣାଯାଇଛି ।

(୧) ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷାର ପାଠ୍ୟ ଦକ୍ଷତାର ବିକାଶ ମଧରେ ଉଲ୍ଲେଖନୀୟ ସାକାରାତ୍ମକ ସଂପର୍କ ତିଷ୍ଠି ପାରିଛି । ଭାଷା ଭାଷା ମଧରେ ଅସାମନତା ସତ୍ତ୍ୱେ ଏହା ସତ୍ୟ (ଉଦାହରଣ ସ୍ପାନିସ୍ ଏବଂ ବାସ୍କ୍ୱେ, ଇରାଜୀ ଏବଂ ଚାଇନା, ଡଚ୍ ଏବଂ ତୁର୍କ) । ଏହି ଭିନ୍ନ ଭିନ୍ନ ଭାଷାର ପରସ୍ପର ସଂପର୍କ ଦ୍ୱାରା ଭାଷା ଜ୍ଞାନ ସହ ପାଠ୍ୟ ବସ୍ତୁର ବିକାଶ ପାଇଁ ସହଯୋଗ ମିଳି ପାରିଛି । ଭାଷା ଭାଷା ମଧରେ ଦକ୍ଷତା, ଜ୍ଞାନ ଏବଂ କୌଶଳର ପ୍ରସାରଣ ଯୋଗୁଁ ଗୌଣ ଭାଷାକୁ ସମୟ ଦେଇ ଶିକ୍ଷିବା ଦ୍ୱାରା ଏହାର କୁ-

ପ୍ରଭାବ ମୁଖ୍ୟ ଭାଷାର ବିକାଶ ଉପରେ ପଡେ ନାହିଁ।
(୨) ସବୁଠାରୁ ସଫଳ ଦ୍ୱିଭାଷା ଶିକ୍ଷା କାର୍ଯ୍ୟକ୍ରମ ହେଉଛି ତାହା ଯାହାର ଲକ୍ଷ୍ୟ ଦ୍ୱିଭାଷା ସହ ବହୁପାଠ୍ୟ ଜ୍ଞାନ ମଧ୍ୟ ଆହରଣ କରିବା। ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷା ଜ୍ଞାନର ବିକାଶ କରିବାରେ ସ୍ୱଳ୍ପ ସାମୟିକ କାର୍ଯ୍ୟକ୍ରମ ଗୁଡିକ କମ୍ ସଫଳତା ପାଇଥାନ୍ତି କିନ୍ତୁ ଏହି ଦୁଇ ଭାଷାଜ୍ଞାନର ଉନ୍ନତି କରିବାକୁ ହେଲେ ତାହାକୁ ସମଗ୍ର ପ୍ରାଥମିକ ଶିକ୍ଷା ଭିତରେ ସ୍ଥାନ ଦେବା ଆବଶ୍ୟକ।
(୩) ଅଳ୍ପ ସଂଖ୍ୟକ ଭାଷା ଗୋଷ୍ଠୀର ଛାତ୍ର ଯେଉଁମାନେ ଗୋଟିଏ ଭାଷାକୁ ମାଧ୍ୟମ କରି ଶିକ୍ଷା ଲାଭ କରନ୍ତି ସେମାନଙ୍କ ଅପେକ୍ଷା ଦ୍ୱିଭାଷା ମାଧ୍ୟମରେ ଶିକ୍ଷା ଲାଭ କରୁଥିବା ଛାତ୍ରଙ୍କ ଦ୍ୱିତୀୟ ଭାଷା ଦକ୍ଷତାର ଅଧିକ ବୃଦ୍ଧି ହୋଇଥାଏ।

ଅଳ୍ପସଂଖ୍ୟକ ବା ଗୌଣ ଭାଷାଭାଷି ପିଲା ଓ ଯୁବକଙ୍କ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ବୁଶ୍ ପ୍ରଶାସନ ଦ୍ୱାରା ଗଠିତ ରାଷ୍ଟ୍ରୀୟ ସାକ୍ଷରତା ମିଶନ, ଇଂରାଜୀ ଭାଷା ଶିକ୍ଷାଦେଶଙ୍କ ଶିକ୍ଷାଗତ ସଫଳତାର ଫଳାଫଳ ଅନୁସାରେ ଗୌଣ ଭାଷା ଗୋଷ୍ଠୀ ଛାତ୍ରଙ୍କ ଇଂରାଜୀ ଶିକ୍ଷା ଉପରେ ଦ୍ୱିଭାଷା ଶିକ୍ଷା ସୁ-ପ୍ରଭାବ ପକାଇ ପାରିଛି । ଠିକ୍ ଏହି ପ୍ରକାର ଫଳାଫଳ ବର୍ତ୍ତମାନର ସର୍ବେକ୍ଷଣରୁ ମଧ୍ୟ ମିଳିଛି(ଉଦାହରଣ ଏରଭରଙ୍ଗରର ରସ୍ୱ ବକ୍ଷ.୨୦୦୫) ନିମ୍ନରେ ଏହି ଦୁଇ ବିସ୍ତୃତ ସର୍ବେକ୍ଷଣ ସାରାଂଶ ଦିଆଯାଇଛି।

ଛାତ୍ରର ପ୍ରଥମ ଭାଷା ମାଧ୍ୟମରେ ପାଠ ପଢ଼ା ଯୋଗୁଁ ସେମାନେ ଶିକ୍ଷାରେ ସଫଳତା ହୋଇଥିବା ବଳିଷ୍ଠ ପ୍ରମାଣ ମିଳେ। ପିଲା ଯେତେ ଦୀର୍ଘ ସମୟ ପାଇଁ ଏହି କାର୍ଯ୍ୟକ୍ରମ ସହ ଜଡିତ ରହେ ଏହାର ସାକାରାତ୍ମକ ଫଳାଫଳ ସେହି ଅନୁସାରେ ମିଳିଥାଏ।

ସାରାଂଶରେ, ଦ୍ୱିଭାଷା ଶିକ୍ଷାଦାନ ପଦ୍ଧତି ଯୋଗୁଁ ସ୍କୁଲ ଶିକ୍ଷାରେ ସେ ମାତୃଭାଷା ହେଉ କିମ୍ବା ଇଂରାଜୀ ଭାଷାହେଉ କୌଣସିଟିରେ ସଫଳତା ପାଇବାରେ ପ୍ରତିବନ୍ଧକ ହେବାର କୌଣସି ସୂଚନା ନାହିଁ। ସେମାନେ ସଂଖ୍ୟାଲଘୁ ଭାଷାଭାଷି ଛାତ୍ର ହୁଅନ୍ତୁ, ପାରମ୍ପରିକ ଶିକ୍ଷା ପଦ୍ଧତିର ଛାତ୍ର ହୁଅନ୍ତୁ କିମ୍ବା ସ୍ପେନିସ୍ ଭାଷା ଶିକ୍ଷା କାର୍ଯ୍ୟକ୍ରମ ସହ ଜଡିତ ଛାତ୍ର ହୁଅନ୍ତୁ । ତଥ୍ୟ ଅନୁସନ୍ଧାନ ଆଧାରେରେ ଦ୍ୱିଭାଷା ଶିକ୍ଷା ଦାନ ପଦ୍ଧତି ଦ୍ୱାରା ସଫଳତା ହାର ଅଧିକ ଦେଖାଯାଇଛି। ବିଭିନ୍ନ ପ୍ରକାର ଅଧ୍ୟୟନକୁ ଆଧାର କରି ଏବଂ ଛାତ୍ରର ଶିକ୍ଷାଗତ ସଫଳତାକୁ ଅନୁଧ୍ୟାନ କରି ଏହି ସିଦ୍ଧାନ୍ତରେ ପହଞ୍ଚି ଯାଇଛି।

ସାରାଂଶରେ, ଦ୍ୱିଭାଷା ଶିକ୍ଷା ଉପରେ ହୋଇଥିବା ଗବେଷଣା ନିଃସନ୍ଦେହରେ ପ୍ରମାଣ କରେ ଯେ ସ୍କୁଲର ମୁଖ୍ୟ ଭାଷାର ଶିକ୍ଷାଦାନ ପଦ୍ଧତି ଛାତ୍ରର ସଫଳତା ସହ ଜଡିତ ନୁହେଁ। ବାସ୍ତବରେ, ମୁଖ୍ୟ ଭାଷା ଶିକ୍ଷାଦାନର ସମୟସୀମା ଏବଂ ଗୌଣ ଭାଷାର ଛାତ୍ରଙ୍କର ସେହି ଭାଷାର ସଫଳତା ଭିତରେ ଏକ ବିପରିତ ପ୍ରଥା ରହିଛି। ଯଦିଓ ତଥ୍ୟରୁ ଏହା ସ୍ପଷ୍ଟ ହୋଇଥାଏ ଯେ ସଂଖ୍ୟାଲଘୁ ଭାଷାଭାଷି ଛାତ୍ରଙ୍କ ଶିକ୍ଷାଗତ ସମସ୍ୟାର ପ୍ରତିକାର ଦ୍ୱିଭାଷା ଶିକ୍ଷା ନୁହେଁ। ଅସଫଳତାର ବିଭିନ୍ନ କାରଣ ରହିଛି ଏବଂ ପ୍ରଥମ ଭାଷାରେ ଶିକ୍ଷା ପଦ୍ଧତି ଦ୍ୱାରା କିଛି ଅସୁବିଧା ହୋଇଥାଏ (ଉଦାହରଣ ସମାଜରେ ପିଲାର ନିଜ ଭାଷା ଓ ସଂସ୍କୃତିକୁ ଅବହେଳା କରିବା), ଶିକ୍ଷାର ମାଧ୍ୟମ ସ୍କୁଲ ପାଠ୍ୟକ୍ରମର ଅସଫଳତା ସହ ଜଡିତ।

ଉପରେ ଦର୍ଶାଯାଇଥିବା ଅନୁସନ୍ଧାନର ସିଦ୍ଧାନ୍ତ ଅନୁସାରେ ଅଳ୍ପସଂଖ୍ୟକ ଭାଷାଭାଷି ପିଲାଙ୍କ ସ୍କୁଲ ପାଠ୍ୟକ୍ରମର ସଫଳତା ପାଇଁ ଭାଷା ଯୋଜନାକୁ ଉନ୍ନତ କରିବା ସହ ଏହାର ସଫଳତା ସହ ଜଡିତ ମୌଳିକ ମନୋଭାଷା ବିଜ୍ଞାନ ଏବଂ ସମାଜ ଶାସ୍ତ୍ରୀୟ ନିୟମକୁ ଠିକ୍ ଭାବେ ବୁଝିବା ଆବଶ୍ୟକ। ମନେଭାଷାବିଜ୍ଞାନ ସହ ଜଡିତ ନିୟମକୁ ନିମ୍ନରେ ଆଲୋଚନା କରାଯାଇଛି।

**ଅଳ୍ପସଂଖ୍ୟକ ଛାତ୍ରଙ୍କ ଶିକ୍ଷାଗତ ଉନ୍ନତି ସହ ଜଡିତ ମନୋଭାଷାବୈଜ୍ଞାନିକ/ମନବୈଜ୍ଞାନିକ ନିୟମ**

ସମାଜର ବିଭିନ୍ନ ସ୍ତରର ପରୀକ୍ଷାସିଦ୍ଧ ତଥ୍ୟ ଯେଉଁ ତିନୋଟି ମନୋ ଭାଷା ବୈଜ୍ଞାନିକ ନିୟମକୁ ସମର୍ଥନ କରୁଛି ତାହାକୁ ଏଠାରେ ଉଲ୍ଲେଖ କରାଯାଇଛି।

(୧) ଦୈନନ୍ଦିନ ଜୀବନର ବ୍ୟବହୃତ ଭାଷା ଦକ୍ଷତା ଠାରୁ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ ପାଇଁ ଆବଶ୍ୟକ ଭାଷା ଦକ୍ଷତା ଭିନ୍ନ। ସମାଜିକ ଯୋଗାଯୋଗ ପାଇଁ ବ୍ୟବହୃତ ଭାଷା ଅପେକ୍ଷା ଶିକ୍ଷାର ସଫଳତା ହାସଲ ପାଇଁ ଆବଶ୍ୟକ ଭାଷା ସ୍ତର ମାନ ଖୁବ୍ ଉଚ୍ଚତର। ଏଥିପାଇଁ ଛାତ୍ରର ଶବ୍ଦଜ୍ଞାନ, ବ୍ୟାକରଣ ଜ୍ଞାନ ଏବଂ ଭାଷାର ବୈଜ୍ଞାନିକ ବ୍ୟବହାରିକ ଜ୍ଞାନର ବିକାଶ ହେବା ଆବଶ୍ୟକ।
(୨) ସ୍କୁଲ ପରିସରରେ ଦ୍ୱିଭାଷୀ ଛାତ୍ର ମାନଙ୍କ ମଧ୍ୟରେ ବୌଦ୍ଧିକ ବିକାଶରେ ସହାୟକ ଗୋଟିଏ ଭାଷାର ଭାବ ଓ ଜ୍ଞାନ ସହଜରେ ଅନ୍ୟଭାଷାକୁ ପ୍ରସାରିତ ହୋଇଥାଏ। ଦୁଇ ଭାଷାର ଶିକ୍ଷାଗତ ବୌଦ୍ଧିକ ଜ୍ଞାନର ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ର ମୁଖ୍ୟ ଭାଷା ଜ୍ଞାନକୁ ସ୍ୱଳ୍ପ ସମୟ ମଧ୍ୟର ବୃଦ୍ଧି କରାଇ ପାରିଥାନ୍ତି।
(୩) ଯୋଗାତ୍ମକ ଦ୍ୱିଭାଷିକତାର ବିକାଶ ସେଇଠି ହୋଇଥାଏ ଯେଉଁଠି ଉଭୟ ଭାଷା ସ୍କୁଲ ସମୟ ଭିତରେ ବୈଜ୍ଞାନିକ ଓ

ସଂସ୍କୃତି ବିଷୟକ ଭାଷା ଜ୍ଞାନ ସହ ବିକଶିତ ହୋଇଥାଏ । ଦ୍ୱିଭାଷୀ ଛାତ୍ର ମାନଙ୍କର ଭାଷାର ବ୍ୟବହାରର ଅଧିକ ଅବକାଶ ଥାଏ ଏବଂ ଏହା ଦ୍ୱାରା ଛାତ୍ରର ବୌଦ୍ଧିକ ବିକାଶ ସହ ଭାଷାବିଜ୍ଞାନ ଜ୍ଞାନର ବି ବୃଦ୍ଧି ହୋଇଥାଏ ।

ଏହି ନିୟମ ଗୁଡିକୁ ନିମ୍ନରେ ବର୍ଣ୍ଣନା କରାଯାଇଛି ।

## ଭାଷା ଦକ୍ଷତା ଏବଂ ଶିକ୍ଷାର ଉନ୍ନତି

ସଂଖ୍ୟାଲଘୁ ଭାଷାଭାଷି ଛାତ୍ରଙ୍କ ଶିକ୍ଷାର ଉନ୍ନତିର ମାନ ବୁଝିବାକୁ ହେଲେ ଭାଷା ଦକ୍ଷତାର ତିନୋଟି ଦିଗକୁ ଭିତର ତଫାତ ଜାଣିବା ଦରକାର (୧) ବାକ୍ୟ ପଟୁତା (୨) ଭିନ୍ନ ଭିନ୍ନ ଭାଷା ଦକ୍ଷତା (୩) ବୌଦ୍ଧିକ ଭାଷା ଦକ୍ଷତା । ଏହାକୁ ଭିନ୍ନ ଭିନ୍ନ କରିବାର ଯଥାର୍ଥତା ହେଉଛି ପ୍ରତିଟି ଦିଗର ବିକାଶ ପଥ ମୁଖ୍ୟ ଭାଷାଭାଷି ଛାତ୍ର ଓ ସଂଖ୍ୟାଲଘୁ ଛାତ୍ରଙ୍କ ପାଇଁ ଭିନ୍ନ ଭିନ୍ନ ଏବଂ ସ୍କୁଲରେ ଏସବୁର ଅଭ୍ୟାସ ଭିନ୍ନ ଭିନ୍ନ ଭାବେ ହୋଇଥାଏ ।

## ବାକ୍ ପଟୁତା

ଭାଷା ଦକ୍ଷତାର ଏହି ଦିଗଟି ଜଣାଶୁଣା ପରିବେଶ ଭିତରେ ମୁହାଁମୁହିଁ କଥା ବାର୍ତ୍ତାର ସାମର୍ଥ୍ୟକୁ ବୁଝାଇ ଥାଏ । ପାଞ୍ଚ ବର୍ଷ ବୟସରେ ପିଲା ଯେତେବେଳେ ସ୍କୁଲରେ ପ୍ରବେଶ କରେ ସେହି ସମୟ ବେଳକୁ ଅଧିକାଂଶ ପିଲାଙ୍କର ନିଜ ନିଜ ମାତୃଭାଷାରେ ଏହି ବାକ୍ ପଟୁତାର ବିକାଶ ହୋଇଯାଇଥାଏ, ଯଦିଓ ଏହି ଦକ୍ଷତା ବା ପଟୁତା ସରଳ ବାକ୍ୟ ବହୁ ଶବ୍ଦର ଜ୍ଞାନ ସହ ଜଡିତ ଏବଂ ଏଥିରୁ ଖୁବ୍ କମ୍ ଭାଷା ଦକ୍ଷତାର ପରିଚୟ ମିଳିଥାଏ ଯାହାକୁ ଆଧାର କରି ପିଲାର ସ୍କୁଲ ଶିକ୍ଷା ସଫଳ ହୋଇଥାଏ । ତେଣୁ କରି ଛାତ୍ରର ସ୍କୁଲ ଶିକ୍ଷାର ସଫଳତା ପାଇଁ ପ୍ରଥମ ୧୦ ବର୍ଷର ଏହି ବାକ୍ ପଟୁତା ଆବଶ୍ୟକ ହୋଇଥାଏ । କିଛି କ୍ଷେତ୍ରରେ ସଂଖ୍ୟାଲଘୁ ଭାଷାଭାଷି ଛାତ୍ର ମୁଖ୍ୟ ଭାଷା ସଂପର୍କରେ ଆସିଥାଏ, ଏହି କ୍ଷେତ୍ରରେ ସ୍କୁଲରେ ହେଉ କିମ୍ବା ବାହାର ପରିବେଶରେ ହେଉ ବର୍ଷେ ଦୁଇ ବର୍ଷ ଭିତରେ ମୁଖ୍ୟ ଭାଷା ସଂପର୍କରେ ଆସୁଥିବା ଛାତ୍ର ସେହି ଭାଷାର ବାକ୍ ପଟୁତା ହାସଲ କରିଥାଏ । କିନ୍ତୁ ସଂଖ୍ୟାଲଘୁ ଭାଷାଭାଷି ଛାତ୍ରଙ୍କ କ୍ଷେତ୍ରରେ ଯଦି ମୁଖ୍ୟଭାଷା କେବଳ ସ୍କୁଲ ପରିସର ଭିତରେ ବ୍ୟବହାର ହୋଇଥାଏ ତେବେ ତାହା ଶିଖିବା ପାଇଁ ଦୀର୍ଘ ସମୟ ନେଇଥାଏ ।

## ଭିନ୍ନ ଭିନ୍ନ ଭାଷା ଦକ୍ଷତା

ଏହି ଦକ୍ଷତା ହାସଲ ପାଇଁ ଭାଷାର ନିୟମ ନିୟନ୍ତ୍ରକ ଦିଗଟିକୁ ଶିଖିବାକୁ ହୋଇଥାନ (ବନାନ, ବ୍ୟାକରଣ ଓ ଧ୍ୱନିତଥ୍ୟ ସହିତ), ଯେଉଁଠି ଭାଷାକୁ ଆହରଣ ପାଇଁ ବି ତା ସହ ଜଡିତ ସ୍ୱତନ୍ତ୍ର ନିୟମକୁ ଶିଖିବାକୁ ହୋଇଥାଏ । ଭିନ୍ନ ଭିନ୍ନ ଭାଷା ଦକ୍ଷତା ସ୍ୱତନ୍ତ୍ର ଭାବରେ ବିକଶିତ ହୋଇଥାଏ ।(କ) ସିଧାସଳଖି ଶିକ୍ଷାଦାନ ପ୍ରକ୍ରିୟା ଦ୍ୱାରା (ଉଦାହରଣ ନିୟମାନୁଯାଇ ଉଚ୍ଚାରଣ ଭିତ୍ତିରେ) ଏବଂ (ଖ) ସ୍କୁଲ କିମ୍ବା ଘର ପରିବେଶରେ ଭାଷା ଓ ତାର ଲେଖାପଢ଼ା ସହ ଜଡିତ ମାଧ୍ୟମରେ, ଯେଉଁଠି ଭାଷା ମାଧ୍ୟମରେ ଅର୍ଥ ବାଖ୍ୟାକରି ତାର ଲେଖା ଆଡକୁ ଧ୍ୟାନ ଆକର୍ଷଣ କରିବା । ଏହି ଦୁଇ ନିୟମର ସମନ୍ୱୟ ଫଳରେ ଉତ୍ତମ ଫଳାଫଳ ମିଳିଥାଏ । ଛାତ୍ର ଘରେ ଯଦି ଏହି ଲେଖାପଢ଼ାର ସମ୍ପର୍କରେ ଆସେ ତେବେ ପ୍ରାଥମିକ ଲେଖିବା ଓ ପଢ଼ିବା ଦକ୍ଷତା ସେ ଘରୁ ହିଁ ଶିଖିଯାଇ ଥାଏ, ଯେମିତିକି ଧ୍ୱନି ଜ୍ଞାନ ଏବଂ ଅକ୍ଷର ଓ ଧ୍ୱନି ମଧ ବିନିମୟକୁ ଅଳ୍ପ କଷ୍ଟରେ ସ୍କୁଲର ପ୍ରାଥମିକ ପର୍ଯ୍ୟାୟରେ ଶିଖିଯାଏ ।

ପିଲାମାନେ ଦ୍ୱିତୀୟ ଭାଷା ମାଧମରେ ଶିଖିବାକୁ ହେଲେ ଏହି ନିର୍ଦ୍ଦିଷ୍ଟ ଭାଷା ଦକ୍ଷତା ବିକାଶ ସହ ନିହାତି ଆବଶ୍ୟକ ଶବ୍ଦ ଏବଂ ବାକ୍ ପଟୁତାର ବିକାଶ ମଧ କରିପାରେ । ମୌଖିକ ଭାଷା ଦକ୍ଷତାର ଅନ୍ୟାନ୍ୟ କିଛି ଦିଗ ସିଧାସଳଖି ପ୍ରସାରଣ ହେବା ଲକ୍ଷ କରାଯାଏ, ଯେମିତିକି ଭାଷା ବିଜ୍ଞାନ, ସମ୍ବନ୍ଧିତ ଧାରଣା, ଶବ୍ଦ ଏବଂ ବାକ୍ୟ । ଠିକ୍ ଏହି ପ୍ରକାର ଫଳାଫଳଙ୍କ ୦ବ୍ଟକ୍ଷଷକ୍ଟରଙ୍ଗବଭ (୨୦୦୧) ଙ୍କ ଉଚ୍ଚର ଅଳ୍ପସଂଖ୍ୟକ ଭାଷାଭାଷି ଛାତ୍ର ଉଚ୍ଚର ଶିକ୍ଷା ପରିସ୍ଥିତିର ବିବରଣୀ ଓ ଖବଙ୍କଭରକ୍ଷ୍ୱସ୍ୱ ଏବଂ ଞଙ୍କମଳରକ୍ଷ୍ୱ (୧୯୭୨) ଙ୍କ ଦ୍ୱାରା କରାଯାଇଥିବା କାନାଡାରେ ଇଂରାଜୀ କହୁଥିବା ଛାତ୍ରଙ୍କୁ ନେଇ ଫରାସୀ ଭାଷା ଶିକ୍ଷା କାର୍ଯ୍ୟକ୍ରମର ବିବରଣୀରୁ ଦେଖିବାକୁ ମିଳିଥାଏ ।

## ବୌଦ୍ଧିକ ଭାଷା ଦକ୍ଷତା

ଭାଷା ଦକ୍ଷତାର ଏହି ଦିଗଟିରେ ସ୍ୱଳ୍ପ ବ୍ୟବହୃତ ଶବ୍ଦାବଳୀ ଏବଂ ଜଟିଳ ଲିଖିତ ଭାଷା ପଢ଼ିବା ଓ ତାକୁ ବାଖ୍ୟା କରିବା ସହ ଜଡିମତ । ଛାତ୍ର ଏଥିରେ ପର୍ଯ୍ୟାୟ କ୍ରମେ ସ୍ୱଳ୍ପ ବ୍ୟବହୃତ ଶବ୍ଦ, ଜଟିଳ ବାକ୍ୟ ସଂରଚନା (ଉଦାହରଣ ଇଂରାଜୀର କର୍ମବାକ୍ୟ), ଭାବାତ୍ମକ ଅଭିବ୍ୟକ୍ତି ଯାହା ଦୈନନ୍ଦିନ ଭାଷା ବିନିମୟରେ ବ୍ୟବହୃତ ହୁଏ ନାହିଁ ,ସେ ସବୁ ଶିଖିଥାଏ । ଛାତ୍ର (ଉଦାହରଣ ସାହିତ୍ୟ, ସମାଜ ବିଜ୍ଞାନ, ବିଜ୍ଞାନ, ଗଣିତ ଇତ୍ୟାଦି) ଭାଷା ବୈଜ୍ଞାନିକ ଏବଂ ଅବଧାରଣାତ୍ମକ ପାଠ୍ୟ ପୁସ୍ତକର ବିଷୟବସ୍ତୁକୁ ବୁଝିବା ସହ ନିଜ ଲେଖା ମାଧମରେ ଏହାର ସଠିକ୍ ବ୍ୟବହାର କରିପାରିବା ଆବଶ୍ୟକ । ଅଳ୍ପସଂଖ୍ୟକ ଭାଷାଭାଷି ପିଲାଙ୍କୁ ମୁଖ୍ୟ ଭାଷାକୁ ସଠିକ୍ ରୂପେ ଶିଖିବା ପାଇଁ ନିହାତି ପାଞ୍ଚ ବର୍ଷ ସମୟ ଲାଗିଯାଇଥିବା ବିଭିନ୍ନ ଗବେଷଣାତ୍ମକ ଅଧ୍ୟୟନରୁ ଜଣାପଡିଛି । ବାକ୍ ପଟୁତା ଏବଂ ଭିନ୍ନ ଭିନ୍ନ ଭାଷା ଦକ୍ଷତା ଉଭୟକୁ ଶିଖିବା ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ । ଏହା ସହିତ ଛାତ୍ର

ଶିକ୍ଷାସମ୍ପନ୍ଧୀୟ ଭାଷାର ଜଟିଳତାକୁ ଶିଖିବାକୁ ପ୍ରୟାସ କରନ୍ତି, ସଂଖ୍ୟାଲଘୁ ଭାଷା ଗୋଷ୍ଠୀ ଛାତ୍ରମାନେ ଏହାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିଖିବାକୁ ଚେଷ୍ଟା କରିବା ଉଚିତ । ପ୍ରତିବର୍ଷ ସ୍ୱଭାଷାଭାଷି ଛାତ୍ର ପଢ଼ିବା ଏବଂ ଲେଖିବାରେ ଅନେକ ଉନ୍ନତି କରିବା ସହ ଶବ୍ଦ ଜ୍ଞାନର ମଧ୍ୟ ବିକାଶ କରିଥାନ୍ତି । ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରରେ ପ୍ରାକ୍‌କଳନା କରାଯାଇଛି ଯେ ଛଅ ବର୍ଷ ଭିତରେ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀର ଛାତ୍ର ପନ୍ଦର ମାସରେ ହାସଲ କରୁଥିବା ଭାଷା ଜ୍ଞାନକୁ ସ୍କୁଲ ସମୟର ଦଶ ମାସ ଭିତରେ ଆହରଣ କରିବାକୁ ପଡିବ । ଏହାର ବିପକ୍ଷରେ ସ୍ୱଭାଷାଭାଷି ଛାତ୍ର ୧୦ ମାସର ପାଠକୁ ୧୦ ମାସ ଭିତରେ ହିଁ ଶେଷ କରିବା ଆଶାକରାଯାଏ ।

ଭାଷା ଦକ୍ଷତାର ଏହି ତିନି ଦିଗ ଭିତରେ ତଫାତ୍ ଦେଖାଇବା ଜରୁରୀ କାରଣ ଏହା ଭାଷା ବିକାଶର ଭିନ୍ନ ଭିନ୍ନ ଦିଗ ଦର୍ଶାଏ ଏବଂ ଭିନ୍ନ ଭିନ୍ନ ଶିକ୍ଷାଦାନ ପଦ୍ଧତି ଏହାସହ ଜଡିତ । କାରଣ ଶିକ୍ଷା ସମ୍ବନ୍ଧୀୟ ଭାଷା ଜ୍ଞାନ ଶ୍ରେଣୀ କକ୍ଷ ଏବଂ ବହିରୁ ମିଳିଥାଏ ତେଣୁ ଏହି ଭାଷା ଜ୍ଞାନର ଦଖଲ ପାଇଁ ଛାତ୍ରର ପଢ଼ା ଉପରେ ଅଧିକ ଜୋର ଦେବା ଜରୁରୀ । ବିସ୍ତୃତ ଭାବେ ଲେଖା ଲେଖି, ବିଭିନ୍ନ ଶୈଳୀର ଲେଖା ଲେଖି ପାଇଁ ଉତ୍ସାହିତ କରିବା ଦ୍ୱାରା ଛାତ୍ର ବୌଦ୍ଧିକ ଭାଷା ଜ୍ଞାନକୁ ସହଜ ଭାବେ ହାସଲ କରିପାରିବ ।

**ଭାଷା ସମ୍ବନ୍ଧୀ ନିର୍ଭରଶୀଳତା**

ମୁଖ୍ୟ ଭାଷା ଏବଂ ସେହି ଭାଷାର ଶିକ୍ଷା ସମ୍ବନ୍ଧୀୟ ବୌଦ୍ଧିକ ଜ୍ଞାନ ହାସଲ ମଧ୍ୟରେ ଖୁବ୍ କମ୍ ସମ୍ପର୍କ ରହିଛି । ପ୍ରଥମ ଓ ଦ୍ୱିତୀୟ ଭାଷାର ଶିକ୍ଷା ସମ୍ବନ୍ଧୀୟ ଭାଷା ଦକ୍ଷତା ପରସ୍ପର ଉପରେ ନିର୍ଭରଶୀଳ । ଏହି ନିର୍ଭରଶୀଳତାର ନିୟମ ନିମ୍ନରେ ଦର୍ଶାଯାଇଛି ।

ଭାଷା ଘ ପାଇଁ ହୋଇଥିବା ଶିକ୍ଷାଦାନ ପଦ୍ଧତି ଦ୍ୱାରା ଭାଷା ଙ ପ୍ରସାରଣ କରିବାକୁ ହେଲେ ଭାଷା ଙ ପାଇଁ ଛାତ୍ରକୁ ଉତ୍ସାହିତ କରିବା ସହ ଏହାର ବ୍ୟବହାରର ଯଥେଷ୍ଟ ଅବକାଶ ରହିବା ଉଚିତ୍ ।

ପ୍ରକୃତ ଅର୍ଥରେ ଏହି ନିୟମର ଅର୍ଥ ହେଉଛି ଉଦାହରଣ ସ୍ୱରୂପ ସ୍ପେନର ଈବଙ୍କବଭର ଇଙ୍କସ୍ୱଙ୍କଭଙ୍କଙ୍କଙ୍କଙ୍କଙ୍କ ଉଙ୍କଙ୍କଙ୍କଙ୍କଭସଙ୍କଚ ରେ ହୋଇଥିବା ଈବଙ୍କବଭର ଝଙ୍କ୍ରବଭସଙ୍କଷ ଦ୍ୱିଭାଷା କାର୍ଯ୍ୟକ୍ରମରେ, ଈବଙ୍କବଭର ଶିକ୍ଷାଦାନ ପଦ୍ଧତି ଦ୍ୱାରା କେବଳ ସେହି ଭାଷାର ପଠନ ଓ ଲିଖନ ଦକ୍ଷତା ବିକାଶ କରାଇନଥାଏ, ଏହା ଦ୍ୱାରା ଭାଷା ବିଜ୍ଞାନରେ ପ୍ରବିଣତା, ଗଭିର ଭାବନା ଓ ଧାରଣାର ବିକାଶ ଯାହା ମୁଖ୍ୟ ଭାଷା (ସ୍ପେନ)ର ଲେଖାପଢ଼ା ଜ୍ଞାନର ବି ବିକାଶ କରାଇବାରେ ସହାୟକ ହୋଇଥାଏ । ଅନ୍ୟ ଅର୍ଥରେ, ଭିନ୍ନ ଭିନ୍ନ ଭାଷାର ବାହ୍ୟ ଦିଗଗୁଡିକ (ଉଚ୍ଚରଣ, ସ୍ୱଚ୍ଛଳତା, ଲିଖନ ପଦ୍ଧତି ଇତ୍ୟାଦି) ସଂପୁର୍ଣ୍ଣ ଅଲଗା ହେଲେବି ଅନ୍ତଦିଗ ଗୁଡିକ ଯଥା ପ୍ରଜ୍ଞାନତ୍ମକ / ଶିକ୍ଷାଗତ ଭାଷା ଜ୍ଞାନ ଭାଷାର ଭିନ୍ନତା ସତ୍ତ୍ୱେ ସମାନପ୍ରକାର ହୋଇଥାଏ । ଏହି 'ସମାନ ପ୍ରକାର ଭାଷା ପ୍ରବିଣତା' ଦ୍ୱାରା ପ୍ରଜ୍ଞାନାତ୍ମକ / ଶିକ୍ଷାଗତ ଭାଷା ଜ୍ଞାନ କିମ୍ବା ଭାଷାର ଲେଖାପଢ଼ା ଜ୍ଞାନା ସହ ଜଡିତ ଦକ୍ଷତା ଭାଷା ଭାଷା ଭିତରେ ପ୍ରସାରିତ ହୋଇଥାଏ ।

ଅନେକ ପ୍ରକାର ଗବେଷଣା ଭାଷା ଭାଷା ମଧ୍ୟରେ ପରସ୍ପର ନିର୍ଭରଶୀଳତାକୁ ସ୍ୱୀକାର କରିଛି । ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀର ପିଲା ଓ ଯୁବକମାନଙ୍କୁ ନେଇ ଗଢ଼ିଉଠିଥିଲା ଜାତୀୟ ସାକ୍ଷରତା ଅଭିଜାନର ରିପୋର୍ଟକୁ ପୁନ ଆଲୋଚନା କରି ଉଙ୍କବରଙ୍କଙ୍କଷରଙ୍କଏବଂ କବଙ୍କସକ୍ଷ କହିଛନ୍ତି ଯେ ଦ୍ୱିଭାଷୀ ମାନଙ୍କ ଭାଷା ଭାଷା ଭିତରେ ପଠନ ଦକ୍ଷତାର ପ୍ରସାରଣ ସପକ୍ଷରେ ଏହି ସବୁ ଅଧ୍ୟୟନଗୁଡିକ ଦୃଷ୍ଟାନ୍ତ ସ୍ୱରୂପ । ଏହି ସଂପର୍କ ଧରିରେଖ (୧)ଭାଷା ଭାଷା ଭିତରେ ଗଠନଗତ ପାର୍ଥକ୍ୟ (୨) ଶିକ୍ଷାର୍ଥିଙ୍କ ପାଇଁ ଇଂରାଜୀ ବିଦେଶୀ ଭାଷା ରୂପେ ଓ ଇଂରାଜୀ ଦ୍ୱିତୀୟ ଭାଷା ରୂପେ (୩) ପ୍ରାଥମିକ, ମାଧମିକ ଓ ଉଚ୍ଚ ଶ୍ରେଣୀ ପିଲାଙ୍କ ପାଇଁ (୪) ଅଧିକ ସମୟ (୫)ପ୍ରଥମରୁ ଦ୍ୱିତୀୟ ଭାଷା ଓ ଦ୍ୱିତୀୟରୁ ପ୍ରଥମ ଭାଷା ଇତ୍ୟାଦି ।

ଭାଷା ଭାଷାର ପରସ୍ପର ନିର୍ଭରଶୀଳତା ଭିତରେ ଭାଷା ଦକ୍ଷତାର ପ୍ରସାରଣ ଠାରୁ ଆହୁରି ଅଧିକ କିଛି ଜଡିତ ରହିଛି । ସାମାଜିକ ଭାଷାବିଜ୍ଞାନ ପରିସ୍ଥିତିର ପାଞ୍ଚପ୍ରକାର ଭାଷା ଦକ୍ଷତାର ପ୍ରସାରଣ ସମ୍ଭବ ହୋଇଥାଏ ।

(୧) ଧାରଣା ବା ଅବଧାରଣାର ପ୍ରସାରଣ (ଭାଶ୍ଲେଷଣ ଧାରଣାକୁ ବୁଝିବା)

(୨) ଅଧିବୌଦ୍ଧିକ ଏବଂ ସଂସ୍କୃତି- ବିଷୟକ ଭାଷା ଜ୍ଞାନ କୌଶଳର ପ୍ରସାରଣ (ଉଦାହରଣ ଦୃଶ୍ୟମାନ କୌଶଳ, ଦୃଶ୍ୟ ବା ବର୍ଣ୍ଣ ବିନ୍ୟାସର ଗଠନ, ସ୍ମୃତି ସହାୟକ ପ୍ରକ୍ରିୟା, ଶବ୍ଦାବଳୀ ଶିକ୍ଷାର କୌଶଳ ବା ପଦ୍ଧତି )

(୩) ସମାଜ-ବ୍ୟବହାରିକ ଭାଷାର ବ୍ୟବହାର ଦିଗର ପ୍ରସାରଣ କରିବା (ଦ୍ୱିତୀୟ ଭାଷା ମାଧମରେ ଯୋଗାଯୋଗ କରିବାର ଦାୟିତ୍ୱ ନେବା)

(୪) ସ୍ୱତନ୍ତ୍ର ଭାଷାବିଜ୍ଞାନ ଉପାଦାନର ପ୍ରସାରଣ

(୫) ତାତ୍ତ୍ୱିକ ଜ୍ଞାନର ପ୍ରସାରଣ (ଶବ୍ଦ ଗୁଡିକ ଭିନ୍ନ ଭିନ୍ନ ଧ୍ୱନିର ସମାହାରରେ ଗଢ଼ିବାର କୌଶଳ)

ପରସ୍ପର ନିର୍ଭରଶୀଳତା ପରି କଳ୍ପନାର ଗୋଟିଏ ଜରୁରୀ ଶିକ୍ଷିବା । କଥା ହେଉଛି ଶିକ୍ଷା ପଦ୍ଧତି ଛାତ୍ରକୁ ଭାଷା ଭାଷା ଭିତର ଜ୍ଞାନ ଓ ଦକ୍ଷତାର ପ୍ରସାରଣ ପାଇଁ ଉତ୍ସାହିତ କରିବା ଉଚିତ । ଏହି ଅନୁମୋଦିତ ଦ୍ୱିଭାଷୀ ଶିକ୍ଷାପଦ୍ଧତି ସାଧାରିଣ ଅନୁମାନ କରାଯାଉଥିବା ଦ୍ୱିଭାଷୀ ଶିକ୍ଷାପଦ୍ଧତି ଏବଂ ଦ୍ୱିତୀୟ ଭାଷା ଶିକ୍ଷା କାର୍ଯ୍ୟକ୍ରମ ଅପେକ୍ଷା ଏକଭାଷୀ ଶିକ୍ଷା ପଦ୍ଧତି ଉତ୍ତମ, ଏହି କଥାର ପ୍ରତିବାଦକରେ ।

## ଯୋଗାତ୍ମକ ଦ୍ୱିଭାଷିକତା ର ଉପକାର

ବିଗତ ୪୦ ବର୍ଷ ଧରି ଅନୁମାନିକ ୨୦୦ ପରୀକ୍ଷାସିଦ୍ଧ ଅଧ୍ୟୟନକୁ ଆଧାର କରି ମିଳିଥିବା ବିବରଣୀ ଅନୁଯାୟୀ ଯୋଗାତ୍ମକ ଦ୍ୱିଭାଷିକତା ଏବଂ ଛାତ୍ରର ବୌଦ୍ଧିକ, ଶିକ୍ଷାଗତ ଓ ଭାଷା ଜ୍ଞାନ ବିକାଶ ମଧ୍ୟରେ ସାକାରାତ୍ମକ ସମ୍ପର୍କ ପ୍ରତିଷ୍ଠିତ । ନିୟମିତରୂପେ ମିଳିଥିବା ଫଳାଫଳ ହେଉଛି ଦ୍ୱିଭାଷିକତା ଦ୍ୱାରା ଭାଷାର ଗଠନ ଓ କାର୍ଯ୍ୟ ପ୍ରତି ସଚେତନା ଅଧିକ ବିକଶିତ ହୋଇଥାଏ ଏବଂ ଏହା ଦ୍ୱାରା ଅଧିକ ଭାଷା ଶିଖିବାର ସୁଯୋଗ ଥାଏ । ଯୋଗାତ୍ମକ ଦ୍ୱିଭାଷିକତାର ଅର୍ଥ ହେଉଛି ଛାତ୍ର ନିଜ ଘର ଭାଷାରେ ଶିକ୍ଷାଗତ ଏବଂ ଭାବଗତ ଜ୍ଞାନର ବିକାଶ କରୁ କରୁ ସେଥିରେ ଦ୍ୱିତୀୟ ଭାଷାକୁ ଯୋଗ କରିବା ।

ଭାରତର ଓଡିଶାରେ ମହାନ୍ତିଙ୍କ ଦ୍ୱାରା ୧୯୩୮ ରୁ ୧୯୮୩ ଭିତରେ ହୋଇଥିବା ବିଭିନ୍ନ ଗବେଷଣାତ୍ମକ ଅଧ୍ୟୟନରୁ ଏହି ଫଳାଫଳର ଉଦାହରଣ ପାଇବା । ମହାନ୍ତି (୧୯୯୪) ରେ ଏକଭାଷୀ ଓ ଦ୍ୱିଭାଷୀ କନ୍ଧପିଲା ଯେଉଁମାନେ କିଛି କିଛି ମାତ୍ରାରେ ଓଡିଶାର ମୁଖ୍ୟ ଭାଷା ଓଡିଆ ଜାଣନ୍ତି । ଏକ ଭାଷୀ ପିଲାମାନେ ସେହି ସ୍ଥାନରୁ ଆସିଥିଲେ ଯେଉଁଠି କନ୍ଧମାନଙ୍କ ପ୍ରକୃତ ଭାଷା କୁଇକୁ ଓଡିଆ ଭାଷା ପ୍ରଭାବରେ ଛାଡି ଦିଆଯାଇଛି ଏବଂ ଅନ୍ୟସ୍ଥାନ ଯେଉଁଠି କୁଇ-ଓଡିଆ ଦୁଇ ଭାଷା ସମାନ ଭାବେ ସ୍ଥାନ ପାଇଛି । କୁଇ ଘର ବ୍ୟବହୃତ ଭାଷା ଓ ବାହାରେ ଏବଂ ସାଙ୍ଗସାଥିଙ୍କ ସହିତ ଯୋଗାଯୋଗ ପାଇଁ ଓଡିଆ ଭାଷାର ବ୍ୟବହାର ଅଛି । ତେଣୁ ଏହି ପିଲାମାନେ ସ୍କୁଲ ଆରମ୍ଭ ବେଳକୁ ଦୁଇଟି ଯାକ ଭାଷାରେ ଯଥେଷ୍ଟ ଜ୍ଞାନ ପାଇପାରିଥାନ୍ତି । ଭାଷାର ଏହି ଭିନ୍ନ ଭିନ୍ନ ବ୍ୟବହାର ସତ୍ତ୍ୱେ କନ୍ଧମାନେ ସେମାନଙ୍କ ସାମାଜିକ- ଆର୍ଥିକ ଓ ସାଂସ୍କୃତିକ ପରିଚୟ ନେଇ ଏକଭାଷୀ ହୋଇ ରହିଛନ୍ତି । ଓଡିଆ କହୁଥବବା କନ୍ଧମାନେ କୁଇକୁ ନିଜ ମାତୃଭାଷା କହିଥାନ୍ତି । ଓଡିଆ କହୁଥିବା କନ୍ଧ ଏବଂ ଓଡିଆ କୁଇ ଦ୍ୱିଭାଷା କହୁଥିବା କନ୍ଧ ନିଜକୁ କୁଇ ଲୋକ ବୋଲି ପରିଚୟ ଦିଅନ୍ତି ଏବଂ ସେମାନଙ୍କ ଗଠିତ ସାମାଜିକ ସଂଗଠନକୁ କୁଇ ସମାଜ କୁହାଯାଏ ।

## ସଂଖ୍ୟାଲଘୁ ଛାତ୍ରଙ୍କ ବିଦ୍ୟାଳୟ ଶିକ୍ଷାର ବିକାଶ ସହ ଜଡିତ ସମାଜିକ ନିୟମ:

ସମାଜବିଜ୍ଞାନୀ ଓ ନୃତତ୍ତ୍ୱବିଜ୍ଞାନୀ ଶିକ୍ଷାର ବିକାଶ ଏବଂ ମାନବଜାତି ସମ୍ପର୍କୀତ ବିଭିନ୍ନ ବିଷୟରେ ଗବେଷଣା କରିଛନ୍ତି । ଏହି ଅଧ୍ୟୟନରେ ଅଳ୍ପ ସଂଖ୍ୟକ ଭାଷା ଗୋଷ୍ଠୀଙ୍କ ସଫଳତାର ମୁଖ୍ୟ ସାମାଜିକ ଦିଗ ବିଷୟରେ କୁହାଯାଇଛି । ଯେଉଁ ଗୋଷ୍ଠୀ ଦୀର୍ଘଦିନ ପର୍ଯ୍ୟନ୍ତ ଶିକ୍ଷା ଠାରୁ ଦୁରେଇ ରହେ ସେମାନେ ବଂଶ ବଂଶ ଧରି ସାମାଜିକ କ୍ଷେତ୍ରରେ ଶକ୍ତିଶାଳୀ ଗୋଷ୍ଠୀଙ୍କ ଦ୍ୱାରା ଶୋଷିତ ହୋଇଥାନ୍ତି । ଏହି ପରମ୍ପରାକୁ ଭାଙ୍ଗିବାକୁ ହେଲେ ଶିକ୍ଷକ ବା ଶିକ୍ଷାଦାତା ମାନେ ଉଭୟ ବ୍ୟକ୍ତିଗତ ଓ ସାମୁହିକ ଭାବେ ଅଳ୍ପ ସଂଖ୍ୟକ ପିଲାଙ୍କ ପାଇଁ ଶ୍ରେଣୀକକ୍ଷରୁ ଏହି ଦମନମୂଳକ ଭାବନାକୁ ହଟାଇବାକୁ ପଡିବ । ଶ୍ରେଣୀ କକ୍ଷରୁ ଏହି ଦମନମୂଳକ ଭାବନାର ବିରୁଦ୍ଧରେ ଠିଆ ହେବା ଅର୍ଥ ସିଧାସଳଖ ଭାବେ ଏହା ସାମାଜିକ ସ୍ତରରେ ମଧ୍ୟ ପ୍ରଭାବିତ ହେବ । ଏହାକୁ ନିମ୍ନରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ଖକ୍ଟୟବ୍ଦକ୍ଟଭ- ଇସକ୍ଷସଭଶବ୍ଦ ସଂକ୍ଷିପ୍ତ ଭାବେ କହିଛନ୍ତି କିପରି ଆଫ୍ରିକୀୟ - ଆମେରିକା ଛାତ୍ରଙ୍କ ମଧ୍ୟରେ ଶ୍ରେଣୀ କକ୍ଷରେ ଏହି ଦମନମୂଳକ ଭାବନାର ପ୍ରଭାବ ପଡିଛି । ଆଫ୍ରିକା- ଆମେରିକା ଛାତ୍ର ସଦାବେଳେ ନିଜ ଭାଷା ଓ ସଂସ୍କୃତିକୁ କିଭଳି ସ୍କୁଲ ଓ ସମାଜରେ ଅବହେଳା କରାଯାଉଛି ତାହାର ସମ୍ମୁଖିନ ହେଉଛନ୍ତି । ଉଭୟ ଶ୍ରେଣୀ କକ୍ଷ ଓ ସମାଜରେ ନିଜ ପରିଚୟର ଅପମର୍ଯ୍ୟଦା ଯୋଗୁଁ ଅନେକ ଅଳ୍ପସଂଖ୍ୟକ ଛାତ୍ର ଙଶଭଙ୍କ(୧୯୯୨) ଙ୍କ ଦ୍ୱାରା ପ୍ରଚଳିତ ଶବ୍ଦ 'ଙକ୍ତ୍ରକ୍ଟକ୍ଟବ୍ଦସବ୍ବସକ୍ଟଭବକ୍ଷ ସୟରଭବ୍ବସବ୍ଦଚ' "ପ୍ରତିକୂଳ ପରିଚୟ" କୁ ଗ୍ରହଣ କରିନିଅନ୍ତି । ଏହାର ବିପରିତ ପରିସ୍ଥିତିକୁ ଙଶଭଙ୍କ 'ସ୍ୱେଛାକୃତ ଓ ଅସ୍ୱେଛାକୃତ ସଂଖ୍ୟାଲଘୁ' ନାମ ଦେଇଛନ୍ତି । ସ୍ୱେଛାକୃତ ସଂଖ୍ୟାଲଘୁ ମାନେ ବହୁସଂଖ୍ୟକ ଭାଷା ଗୋଷ୍ଠୀ ଦେଶକୁ ଆସନ୍ତି ନିଜର ରାଜନୈତିକ ସ୍ୱାତନ୍ତ୍ରତା ଓ ଆର୍ଥିକ ବିକାଶ ପାଇଁ । ସଦାବେଳେ ବହୁସଂଖ୍ୟକ ଭାଷା ଗୋଷ୍ଠୀ ସମାଜର ଅସ୍ୱେଛକୃତ ସଂଖାଲଘୁ ଗୋଷ୍ଠୀଙ୍କ ଇଛା ବିରୁଦ୍ଧରେ ଯାଇ ସେମାନଙ୍କୁ ନିଜ ସହ ଅନ୍ତଭୁକ୍ତ କରି ନେଇଥାନ୍ତି । ସେ କହିଛନ୍ତି ଯେ କେତେକ କ୍ଷେତ୍ରରେ ସ୍ୱଛାକୃତ ବା ଦେଶାନ୍ତରୀ ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ଛାତ୍ର ସ୍କୁଲରେ ଭଲ କରିଥାନ୍ତି ଏବଂ ବହୁସଂଖ୍ୟକଙ୍କ ସମାଜର ସଂସ୍କୃତିକୁ ସହଜରେ ଗ୍ରହଣ କରିନିଅନ୍ତି । ଏହାର ବିପରିତରେ ଅସ୍ୱେଛାକୃତ ସଂଖ୍ୟାଲଘୁ ଗୋଷ୍ଠୀ ସଦାବେଳେ ସ୍କୁଲରେ ଅସଫଳତା ପାଆନ୍ତି ଫଳରେ ସେମାନେ ନିଜ ମର୍ଯ୍ୟଦା ଓ ପରିଚୟର ଅବହେଳା କରିବା ସହ ସେଠାରେ ଉପଲବ୍ଧ କୌଣସି ଭୌତିକ ସମ୍ବଳର ଉପଯୋଗୀ କରିପାରିନଥାନ୍ତି । ଙଶଭଙ୍କ ଙ୍କ ଅନୁସାରେ, ଶିକ୍ଷାରୁ ଦୂରେଇ ରହିବା ଫଳରେ ବହୁସଂଖ୍ୟକ ଗୋଷ୍ଠୀଙ୍କ ଦ୍ୱାରା ସେମାନେ ଅବହେଳିତ ହୋଇଥାନ୍ତି । ସ୍ୱେଛାକୃତ ଓ ଅସ୍ୱେଛାକୃତ ଅଳ୍ପସଂଖ୍ୟକଙ୍କ ମଧ୍ୟରେ ଏହି ସାମାନ୍ୟ ବିଭାଜନ ଅନେକ ମଧ୍ୟବର୍ତ୍ତୀ ପରିସ୍ଥିତିକୁ ସମ୍ଭାଳିବାରେ ଅସମର୍ଥ ହୋଇଥାଏ । ଉଦାହରଣ ସ୍ୱରୂପ, ପୃଥିବୀର ବିଭିନ୍ନ ଦେଶରେ ଥିବା ଦେଶାନ୍ତରୀ କର୍ମଚାରୀ ଏବଂ ସରଣାର୍ଥୀଙ୍କ ଅନୁଭବ ଙଶଭଙ୍କ ଙ୍କ ଏହି ସ୍ୱେଛାକୃତ ଓ ଅସ୍ୱେଛାକୃତ ବିଭେଦଭିତରେ ଆସିଥାନ୍ତି । ଦେଶାନ୍ତରୀ କର୍ମଚାରୀ ଏବଂ ସରଣାର୍ଥୀ ମାନେ ସ୍ୱେଛାକୃତ ଭାବେ ଆର୍ଥିକ ଓ ରାଜନୈତିକ ସୁବିଧା ପାଇବା ପାଇଁ ବହୁସଂଖ୍ୟକଙ୍କ ଦେଶକୁ ଯାଇଥାନ୍ତି କିନ୍ତୁ ସଦାବେଳେ ସେହି ଦେଶରେ ଉପଲବ୍ଧି ସୁବିଧା ସୁଯୋଗର ଅନ୍ତର୍ଭୁକ୍ତ କରାଯାଆନ୍ତି ନାହିଁ । ତେଣୁ ସେମାନଙ୍କ ପରବର୍ତ୍ତୀ ବଂଶଧରଙ୍କ ଭିତରେ ଅନେକ ଅସ୍ୱେଛାକୃତ ଅଳ୍ପସଂଖ୍ୟକଙ୍କ ମାନସିକତା ଆସିଯାଇଥାଏ ଫଳରେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଅନିଚ୍ଛୁକ ହୋଇଯାଆନ୍ତି । ଗୋଟିଏ ପଟେ ବହୁସଂଖ୍ୟକ ଗୋଷ୍ଠୀ ସଦାବେଳେ ଅଳ୍ପସଂଖ୍ୟକ ଗୋଷ୍ଠୀଙ୍କ ଠାରୁ ସାମାଜିକ ଓ ଭାଷାଗତ ଏକୀକରଣ ଚାହେଁ , ଅନ୍ୟପଟେ ସମାନ୍ତରାଳରେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରୁ ବାଧତାମୂଳକ ଭାବେ ଅଲଗା କରି ରଖାଯାଏ ।

ଚକ୍ଟକ୍ସସରକ୍ସ ଏବଂ ଜଙ୍କଙ୍କଭବଙ୍କସ୍ବ (୨୦୦୧:୬୮୪) ମଧ ବିପରିତ ଫଳାଫଳ ଆଡକୁ ନିର୍ଦ୍ଦେଶ କରି ଏହାକୁ ସେମାନେ "ପ୍ରତିକ୍ରୀୟାଶୀଳ ପ୍ରଜାତି" ଆଖ୍ୟା ଦେଇଛନ୍ତି, ଯାହାକୁ ସେମାନେ "ଜାତୀୟ ମୁଖ୍ୟ ସ୍ରୋତ ବିରୋଧର ବିରୋଧୀ ଏବଂ ଏହାର ପ୍ରତିବାଦରେ ଗଢ଼ି ଉଠିଥିବା ପ୍ରତିରକ୍ଷାମୂଳକ ପରିଚୟ ଏବଂ ଏକକୀତ୍ୱ" ଭାବେ ବାଖ୍ୟା କରିଛନ୍ତି । ଦେଶାନ୍ତରିଙ୍କର ଦ୍ୱିତୀୟ ବଂଶଧରଙ୍କ ୫୦୦୦ରୁ ଉର୍ଦ୍ଧ ଛାତ୍ରଙ୍କୁ ନେଇ କରାଯାଇଥିବା ଦୀର୍ଘ ଅଧ୍ୟୟନରୁ ଜଣାଯାଇଛି, ବହୁସଂଖ୍ୟକ ସମାଜର ମୁଖ୍ୟ ସ୍ରୋତ ଓ ଶିକ୍ଷାରେ ସେମାନେ ଛିଡାହୋଇଛନ୍ତି । ଶିକ୍ଷାରୁ ନିଜକୁ ଓହରାଇ ଆଣିବା ଏହି ପ୍ରତିକ୍ରୀୟାଶୀଳ ପ୍ରଜାତିର ଗୋଟିଏ ଦିଗ । ସମାନ ପ୍ରକାର ଉଦାହରଣ ଏସିଆ କ୍ଷେତ୍ରରେ ମଧ ଦେଖାଦେଇଛି । ଜାପାନର ବୁରାମୁକିଟ୍ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ପାରମ୍ପରିକ ଭାବେ ନିମ୍ନ ଶିକ୍ଷାହାର ଯୋଗୁଁ ଜାପାନ ସମାଜରୁ ସେମାନଙ୍କୁ ବାଦ୍ ଦିଆଯାଇଛି । ସିମ୍ହରା ଯଦିଓ ଦର୍ଶାଇଥିଲେ ଯେ ୧୯୬୦ ଏବଂ ତା ପରେ ବୁରାକୁମିନ୍ଙ୍କ ଦ୍ୱାରା ସାମାଜିକ ପ୍ରସ୍ତୁତୀକରଣ ସହ ଜାପାନର ଉନ୍ନତ ଆର୍ଥିକ ଅବସ୍ଥା ଯୋଗୁଁ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ସେମାନେ ଉଲ୍ଲେଖନୀୟ ବିକାଶ କରିପାରିଥିଲେ ।

ଚକ୍ଟକ୍ସସରକ୍ସ ଏବଂ ଜଙ୍କଙ୍କଭବଙ୍କସ୍ବ (୨୦୦୧:୧୬୦) ଶିକ୍ଷାଗତ ସଫଳତା ଓ ଅନ୍ୟ ସଂସ୍କୃତି ସହ ନିଜକୁ ସାମିଲ କରିବାରେ 'ପରିଚୟ ଚୁକ୍ତିବଦ୍ଧତା' ର ଭୂମିକାକୁ ଦର୍ଶାଇଛନ୍ତି । ସେ ପୁଣି ଦର୍ଶାଇଛନ୍ତି ଯେ ଦେଶାନ୍ତରୀ ସମସ୍ତ ପିଲାମାନେ ନିଜା ପାରିଚୟ ଖୋଜିବା ଏବଂ ଯେଉଁ ସମାଜରେ ସେମାନେ ନୂତନ ସଦସ୍ୟ ସେହି ସମାଜରେ ନିଜ ପାଇଁ ଉପଯୁକ୍ତ ସ୍ଥାନ ଖୋଜିବା ଅପରିହାର୍ଯ୍ୟ ରୂପେ ଜଡିତ । ଚୟନାତ୍ମକ ସମୀକରଣର ସାକାରାତ୍ମକ ପ୍ରଭାବ ଛାତ୍ରର ଶିକ୍ଷାଗତ ସଫଳତା ଏବଂ ଆତ୍ମସମ୍ମାନ ଉପରେ ପଡିଥାଏ ଏହା ସେମାନଙ୍କ ଅଧ୍ୟୟନରେ ଦର୍ଶାଯାଇଛି । ସଂପୂର୍ଣ୍ଣ ସମୀକରଣ ଯେଉଁଠି ଛାତ୍ର ପିତାମାତାଙ୍କ ସଂସ୍କୃତି ଓ ଘରର ଭାଷାକୁ ସଂପୂର୍ଣ୍ଣ ପରିତ୍ୟାଗ କରିଥାଏ ଏହାର ବିପରିତରେ ଚୟନାତ୍ମକ ସମୀକରଣ ଯୋଗୁଁ ଅନ୍ୟ ସଂସ୍କୃତିକୁ ଗ୍ରହଣ କରିବା ପ୍ରକ୍ରୀୟା ଧିର ହେବା ସହ ଘର ଭାଷାକୁ ଆଂଶିକ ଭାବେ ବଞ୍ଚାଇ ରଖିଥାଏ । ଚକ୍ଟକ୍ସସରକ୍ସଏବଂଜଙ୍କଙ୍କଭବଙ୍କସ୍ବ (୨୦୦୧:୨୭୪) ସେମାନଙ୍କ ଅନୁସନ୍ଧାନ ସିଦ୍ଧାନ୍ତର ସାରାଂଶକୁ ନିମ୍ନରେ ପ୍ରଦତ୍ତ କରିଛନ୍ତି ।

ଦୀର୍ଘ ଦିନର ସେମାନଙ୍କ ଅଧ୍ୟୟନର ସିଦ୍ଧାନ୍ତରୁ ଜଣାଯାଇଛି ଯେ ଚୟନାତ୍ମକ ସମୀକରଣର ଅନେକ ସୁବିଧା ରହିଛି । ଏହି ରାସ୍ତା ଘନିଷ୍ଟ ଭାବେ ଦ୍ୱିଭାଷୀ ବାକ୍ ପଟୁତା ସହ ବନ୍ଧା ଏବଂ ଏହା ଉଚ୍ଚ ଶିକ୍ଷାର ସଫଳତା, ଉଚ୍ଚଶିକ୍ଷା, ଉଚ୍ଚ ଆତ୍ମସମ୍ମାନ ଏବଂ ବୃତ୍ତିମସମ୍ବନ୍ଧୀୟ ଆଶା ସହ ଜଡିତ, ଯେଉଁ ପିଲାମାନେ ନୂତନ ଦେଶର ଭାଷା ଓ ସଂସ୍କୃତିକୁ ନିଜ ଭାଷା ଓ ସଂସ୍କୃତିକୁ ନ ହରାଇ ଶିଖିଥାନ୍ତି, ସେମାନେ ପୃଥିବୀରେ ନିଜ ସ୍ଥାନ / ସ୍ଥିତିକୁ ଠିକ୍‌ରେ ବୁଝି ପାରିଥାନ୍ତି । ଚୟନାତ୍ମକ ସମୀକରଣ ଫଳରେ ସଫଳତାର ସହ ଅନ୍ୟ ଭାଷା ଓ ସଂସ୍କୃତିକୁ ଗ୍ରହଣ କରିବାର ମାନସିକତା ବୃଦ୍ଧି ପାଇଥାଏ । ସ୍କୁଲ ଗୁଡିକ ପିଲାମାନଙ୍କୁ ତାଙ୍କ ନିଜ ଭାଷା ଦକ୍ଷତା ହାସଲ କରିବା ଓ ସଭ୍ୟତା ଓ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିବା ପାଇଁ ଉତ୍ସାହିତ କରିବା ଉଚିତ୍ । ଏହି କ୍ଷେତ୍ରରେ ଶିକ୍ଷକର ମନୋଭାବ ଉପରେ ପିଲା ଶିକ୍ଷାଗତ ସଫଳତା ପାଇବା କିମ୍ବା ଶିକ୍ଷାରୁ ଓହରି ଆସିବା ନିର୍ଭର କରୁଛି ।

ସାରାଂଶରେ, ଅଳ୍ପସଂଖ୍ୟକ ଗୋଷ୍ଠୀ ପିଲାଙ୍କ ଶିକ୍ଷା ବହୁସଂଖ୍ୟକ ସମାଜର ଦମନମୂଳକ ଶକ୍ତି ଦ୍ୱାରା ପ୍ରଭାବିତ ହୋଇଛି ଏବଂ ସ୍କୁଲରେ ପିଲାର ପରିଚୟକୁ ମଧ ପ୍ରଭାବିତ କରୁଛି । ଏହି ପଦ୍ଧତି ଭିତରେ ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ସଶକ୍ତିକରଣ, ଯାହାକୁ 'ସାମୁହିକ ଶକ୍ତି ଉତ୍ପନ୍ନ' ଭାବ ବୁଝାଯାଏ । ଶିକ୍ଷକ ଓ ପିଲାଙ୍କ ପାରସ୍ପରିକ ଭାବ ବିନିମୟ ଯଥା ପିଲା ନିଜ ଭାଷା, ସଂସ୍କୃତି ଓ ବୈଦ୍ଧିକ ଜ୍ଞାନକୁ ନେଇ ନିଜକୁ ଦୃଢ଼ ବା ଶକ୍ତ ଅନୁଭବ କରିବା ଏବଂ ସ୍କୁଲ ଶିକ୍ଷା ମସଫଳତା ପଛରେ ତାର ସାମର୍ଥକୁ ନେଇ ମନର ବିଶ୍ୱାସକୁ ଦୃଢ଼ କରିବ, ଏହି କାରଣରୁ ଘରର ଭାଷାକୁ ସ୍କୁଲ ଶିକ୍ଷାର ମାଧମ ସହ ଜଡିତ କରିଯାଇଥାଏ । ଦ୍ୱିଭାଷୀ ଶିକ୍ଷା ସାଧାରଣତଃ ବହୁସଂଖ୍ୟକଙ୍କ ଦମନମୂଳକ ଶକ୍ତି ପ୍ରତି ଗୋଟିଏ ଶକ୍ତ ଆହ୍ୱାନ ଏବଂ ଏହା ପିଲାର ପରିଚୟକୁ ମଧ ବଞ୍ଚାଇ ରଖେ । ଯଦି ପିଲାର ଶିକ୍ଷାଗତ ସଫଳତା ଦରକାର ତେବେ ଦ୍ୱିଭାଷୀ କାର୍ଯ୍ୟକ୍ରମରେ ଉଭୟ ଭାଷାକୁ ମାଧମ କରି ଶିକ୍ଷା ଦିଆଯିବା ଉଚିତ୍ । ବହୁଭାଷୀ ଶିକ୍ଷାରେ ପ୍ରଭାବଶାଳୀ ଶିକ୍ଷାଦାନ ମାଧମର ଜରୁରୀ ଦିଗ ଗୁଡିକ ନିମ୍ନରେ ଦର୍ଶାଯାଇଛି ।

**ବହୁଭାଷୀ କ୍ଷେତ୍ରରେ ଶିକ୍ଷାର ମାଧମ :**

**ଶିକ୍ଷାଦାନ ପଦ୍ଧତି :**

ଛବି ୨-୨ ରେ ଦର୍ଶାଯାଇଥିବା ପଦ୍ଧତିରେ ଦର୍ଶାଯାଇଛି ସାକ୍ଷାରତାର ସଫଳତା ଓ ସାକ୍ଷରତାର ଚୁକ୍ତି ଭିତରେ ସିଧାସଳଖ ସଂପର୍କ ରହିଛି । ମୁଖ୍ୟ ସର୍ତ୍ତକୁ ଦର୍ଶାଇ କୁହାଯାଇଛି ଯେ ଦେଶାନ୍ତରୀ ଛାତ୍ର ଏବଂ ଅଳ୍ପସଂଖ୍ୟକ ଛାତ୍ରମାନଙ୍କୁ ପ୍ରାଥମିକ ସ୍ତର ଶିକ୍ଷାରୁ ହିଁ ଦ୍ୱିତୀୟ ଭାଷାକୁ ସାମିଲ କରିବା ଉଚିତ୍, ଦ୍ୱିଭାଷୀ ଶିକ୍ଷା ମାଧମର କୌଶଳ ଏବଂ ଭାଷା ଭାଷା ମଧର ଦକ୍ଷତାର ପ୍ରସାରଣ ଇତ୍ୟାଦିକୁ ଏହି ପଦ୍ଧତି ଅନୁସାରେ ଗଢ଼ାଯାଇଛି ।

**ସାକ୍ଷରତା ପ୍ରକ୍ରୀୟା**

ଆନ୍ତର୍ଜାତିକ ଗବେଷଣା ଦର୍ଶାଇଛି ଯେ ସାକ୍ଷରତା ପ୍ରକ୍ରୀୟା ସହ ସକ୍ରୀୟ ଭାବେ ଜଡିତ ହେବା ଅର୍ଥ ଛାତ୍ର ସ୍କୁଲ ଶିକ୍ଷାରେ ସଫଳତା ହାସଲ କରିବ । ଉଦାହରଣ ସ୍ୱରୂପ, ୩୦ଟି ଦେଶର ୧୫ ବର୍ଷର ଛାତ୍ରକୁ ନେଇ ପାଠ୍ୟଗତ ସଫଳତା ପାଇଁ କରାଯାଇଥିବା ଆନ୍ତର୍ଜାତିକ ଛାତ୍ରଙ୍କ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟକ୍ରମର ତଥ୍ୟ ଦର୍ଶାଏ ଯେ ଛାତ୍ରର ପାଠ ସହ ଜଡିତ ଦିଗ ତାର ପାଠ ପଢ଼ା ଅପେକ୍ଷା ତାର ସାମାଜିକ ଓ ଆର୍ଥିକ ସ୍ଥିତି ସହ ଜଡିତ । ତାହା ଦର୍ଶାଇଛି ଯେ ଛାତ୍ରର ପାଠ ପ୍ରତି ଆଗ୍ରହ ସୃଷ୍ଟି କରାଗଲେ

ତାହା ଘରର ଅସୁବିଧାକୁ ଲଘିଂବାରେ ସାହାଯ୍ୟ କରିପାରେ।

ଏଙ୍ଗସଷକ୍ସସର (୨୦୦୪) ସାକ୍ଷରତା ପ୍ରକ୍ରୀୟାର ତିନୋଟି ମୁଖ୍ୟ ଅଙ୍ଗକୁ ଦର୍ଶାଇଛନ୍ତି।

(୧) ପଠନ ଓ ଲିଖନର ସମୟ ଓ ପରିସର

(୨) ପାଠକୁ ସଠିକ୍ ଭାବେ ବୁଝିବା ପାଇଁ ପ୍ରଭାବଶାଳୀ କୌଶଳର ବ୍ୟବହାର

(୩) ପଠନ ଓ ଲିଖନ ପାଇଁ ସାକାରାତ୍ମକ ପ୍ରୟାସ।

ଏଙ୍ଗସଷକ୍ସସର ଦର୍ଶାଇଛନ୍ତି ଯେ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଦକ୍ଷତା ବିକାଶର ଚାବିକାଠି ହେଉଛି ସେଥିରେ ସକ୍ରୀୟଭାବେ ଅଂଶଗ୍ରହଣ କରିବା। ସେ ଦର୍ଶାଇଛନ୍ତି ଯେ କାର ଚଳାଇବା ପାଇଁ ହେଉ କିମ୍ବା କି-ବୋର୍ଡରେ ଟାଇପ୍ କରିବା ପାଇଁ ହେଉ ପ୍ରାଥମିକ ସ୍ତରର ପାଠ ଗୁଡିକ ଅତି ମୂଲ୍ୟବାନ୍ ; କିନ୍ତୁ ସେଥିରେ ଦକ୍ଷ ହେବାକୁ ହେଲେ ନିୟମିତ ଅଂଶଗ୍ରହଣ ଓ ଅଭ୍ୟାସ ଆବଶ୍ୟକ।

ଏହା ଉଲ୍ଲେଖ କରିବା ଜରୁରୀ ଯେ ସ୍କୁଲ ଆଧାରିତ ସାକ୍ଷରତା ଦ୍ୱିତୀୟକ କଥନ ଠାରୁ ଭିନ୍ନ ନୁହେଁ। ପ୍ରାଥମିକ କଥନ ଘରେ ମୁହାଁ ମୁହିଁ କଥାବାର୍ତ୍ତା ପାଇଁ ଆବଶ୍ୟକ ଏବଂ ଏହା ଭାଷାର ପ୍ରାରମ୍ଭିକ ସାମାଜିକରଣର ପ୍ରତିନିଧି ସ୍ୱରୂପ। ଘର ବାହାରେ ସାମାଜିକ ଅନୁଷ୍ଠାନ ପାଇଁ ଦ୍ୱିତୀୟକ କଥନ ଆବଶ୍ୟକ ଏବଂ ସାମାଜିକ ଶବ୍ଦସମୂହ ଶିଖିବା ଏବଂ ଭାଷାକୁ ସେହି ସ୍ତରରେ ସଠିକ୍ ବ୍ୟବହାର କରିବା ଆବଶ୍ୟକ। ଦ୍ୱିତୀୟକ କଥନ ଲିଖିତ କିମ୍ବା କଥିତ ହୋଇ ପାରିବ ଏବଂ ସାମାଜିକ ଜୀବନ ପାଇଁ ଉଭୟ ସମାନ ଭାବେ ଆବଶ୍ୟକ। ଦ୍ୱିତୀୟକ କଥନ ଲିଖିତ କିମ୍ବା କଥିତ ହୋଇପାରିବ ଏବଂ ସାମାଜିକ ଜୀବନ ପାଇଁ ଉଭୟ ସମାନ ଭାବେ ଆବଶ୍ୟକ। ଦ୍ୱିତୀୟକ କଥନର ଉଦାହରଣ ହେଉଛି ସଂସ୍କୃତିର ପାରମ୍ପରିକ କାହାଣୀ-କଥନ କିମ୍ବା ବିବାହ କାର୍ଯ୍ୟରେ ବ୍ୟବହୃତ ଭାଷା କିମ୍ବା ଦାହ କାର୍ଯ୍ୟରେ ବ୍ୟବହୃତ ଭାଷା ଯାହା ବଂଶରୁ ବଂଶକୁ କଥିତ ମାଧମରେ ପ୍ରସାରିତ ହୋଇଥାଏ। ଦ୍ୱିଭାଷୀ ଶିକ୍ଷା କ୍ଷେତ୍ରରେ ଅଳ୍ପ ସଂଖ୍ୟକଙ୍କ ଭାଷାର ଖୁବ୍ କମ୍ ଲିଖିତ ବିଷୟ ବସ୍ତୁ ବା ତଥ୍ୟ ରହିଛି। ସାକ୍ଷରତା ପ୍ରକ୍ରିୟାର ଉନ୍ନତି କରିବାକୁ ହେଲେ କେବଳ ସେହି ଅଳ୍ପସଂଖ୍ୟକ ପିଲାଙ୍କୁ ସେହି ଭାଷାରେ ଶିକ୍ଷା ଦେବା ଓ ପଢ଼ିବା ଭିତରେ ସୀମିତ ନ ରଖି ପିଲାମାନଙ୍କୁ ସେମାନଙ୍କ ପାରମ୍ପରିକ କଥିତ ସାଂସ୍କୃତିକ ଜ୍ଞାନ ସହ ରଖିବା ମଧ ଜରୁରୀ।

ଅଳ୍ପ ସଂଖ୍ୟକ ଭାଷା ଗୋଷ୍ଠୀର ଛାତ୍ରଙ୍କ ସାକ୍ଷରତା ପ୍ରକ୍ରିୟାର ଉନ୍ନତି ପାଇଁ ପାଠ୍ୟ ମାଧମର ଚାରୋଟି ପରସ୍ପର ଜଡିତ ଦିଗ ରହିଛି। ଏହି ଚାରି ପରସ୍ପର ଜଡିତ ଦିଗ ପ୍ରକୃତରେ ବ୍ୟକ୍ତ କରେ ଯେ ସାକ୍ଷରତା ପ୍ରକ୍ରୀୟାର ଉନ୍ନତି ପାଇଁ ଶିକ୍ଷକର କଣ କରିବା ଆବଶ୍ୟକ।

## ପୂର୍ବ ଜ୍ଞାନ ସକ୍ରୀୟ କରିବା / ପୃଷ୍ଠଭୂମି ଜ୍ଞାନ ଗଠନ

ଶିକ୍ଷା ଉପରେ ହୋଇଥିବା ବୌଦ୍ଧିକ ବିଜ୍ଞାନ ଗବେଷଣା ଦର୍ଶାଏ ଯେ ଛାତ୍ରର ପୂର୍ବ ଜ୍ଞାନକୁ ଆଧାର କରି ପୃଷ୍ଠଭୂମି ଜ୍ଞାନର ପରିପ୍ରକାଶ ହୋଇଥାଏ। ପ୍ରତ୍ୟେକ ସୁଯୋଗକୁ ପ୍ରସାରଣ କରିବା ଉଚିତ୍ ଏବଂ ପିଲାର ପୃଷ୍ଠଭୂମି ଜ୍ଞାନକୁ ଶକ୍ତିଶାଳୀ ଏବଂ ତାକୁ ଯଥା ସମ୍ଭବ ବୁଝିବାକୁ ଚେଷ୍ଟା କରିବା। ପିଲାର ପୃଷ୍ଠଭୂମି ଜ୍ଞାନ ଏବଂ ଧାରଣାର ସୂକ୍ଷ୍ମ ଅର୍ଥକୁ ବୁଝିବାର ଚେଷ୍ଟା ଉପରେ ନିର୍ଭର କରେ ତାର ଶବ୍ଦ କିମ୍ବା ପାଠକୁ ମନେରଖିବା।

ଏହା ସୂଚିତ କରିଥାଏ ଯେ ପିଲାର ପ୍ରଥମ ଭାଷାର ପୃଷ୍ଠଭୂମି ଜ୍ଞାନକୁ ଦ୍ୱିତୀୟ ଭାଷା ଶିକ୍ଷା ସମୟରେ ବ୍ଯବହାର ପାଇଁ ଉତ୍ସାହିତ କରାଯିବା ଉଚିତ୍। ଯଦିଓ ଶିକ୍ଷାର ମାଧମ ରୂପେ ଦ୍ୱିତୀୟ ଭାଷାକୁ ଗ୍ରହଣ କରାଯାଇଥାଏ।

## ଅସ୍ଥାୟୀ ଅର୍ଥ

ଅସ୍ଥାୟୀ ଶବ୍ଦଟିର ଅର୍ଥ ହେଉଛି, କିଛି ସମୟ ପାଇଁ ଛାତ୍ରକୁ ସହାୟ ହେବା ଯାହା ଫଳରେ ସେ ପାଠପଢ଼ାକୁ ଆଗକୁ ନେବା ସହ ଉଚ୍ଚସ୍ତରୀୟ ପାଠ ପ୍ରଦର୍ଶନରେ ସକ୍ଷମ ହେବ। ଛାତ୍ର ପୂର୍ବ ଜ୍ଞାନକୁ ସକ୍ରୀୟ କରିବା ଏବଂ ପୃଷ୍ଠଭୂମି ଗଠନ ହେବା ପରେ ତାର ବୌଦ୍ଧିକ ଜ୍ଞାନର ବିକାଶ ସମ୍ଭବ ହୋଇଥାଏ। ଏଥିରେ ବିଭିନ୍ନ ଦୃଶ୍ୟ, ପ୍ରଦର୍ଶନ, ନାଟକାଭିନୟ, ଅଭିନୟ, ଶବ୍ଦର ବାଖ୍ୟା ଏବଂ ଭାଷାର ଲିଖିତ ଓ ମୌଳିକ ରୂପକୁ ବ୍ୟବହାର କରିବାରେ ସହାୟକ ହୋଇଥାଏ। ଲିଖିତ ରୂପ, ଉଦାହରଣ ସ୍ୱରୂପ ଭିନ୍ନ ଭିନ୍ନ ପ୍ରକାର ଲେଖନ ଶୈଳୀ ଯଥା, ଚିଠି, ବିଜ୍ଞାନ ସନ୍ଦର୍ଭ ଇତ୍ୟାଦି। ଏହି ଲିଖିତ ଶୈଳୀର ବ୍ୟବହାରରେ ନିହାତି କଠୋର ନ ହୋଇ କିଛି ମାତ୍ରାରେ ନମନୀୟ ପ୍ରତିଫଳିତ ହେବା ଜରୁରୀ। ଦ୍ୱିତୀୟ ଭାଷା ଶିକ୍ଷା ବେଳେ ବିଭିନ୍ନ ସ୍ଥିତିରେ ପ୍ରଥମ ଭାଷା ବ୍ୟବହାରରର ଆବଶ୍ୟକତାକୁ ଉତ୍ସାହିତ କରିବା ଉଚିତ୍।

## ଦୃଢ଼ ପରଚୟ

ସବୁଠାରୁ ହତାଶାପୂର୍ଣ୍ଣ ପ୍ରାଥମିକ ଅଭିଜ୍ଞତା ହେଉଛି ଅଳ୍ପସଂଖ୍ୟକ ଛାତ୍ରଙ୍କ, ପାଇଁ ଯେତେବେଳେ ସେମାନେ ମୁଖ୍ୟ ଭାଷା ମାଧମରେ ପାଠ ପଢ଼ିବାକୁ ଯାଆନ୍ତି ସେତେବେଳେ ଶିକ୍ଷକ ଓ ବନ୍ଧୁମାନଙ୍କ ପାଖରେ ନିଜ ଜ୍ଞାନ, ଅନୁଭୂତି, ଧାରଣା ବା ଇଚ୍ଛାକୁ

ପ୍ରକାଶ କରିପାରନ୍ତି ନାହିଁ । ଏହି ସ୍ଥିତି ଯୋଗୁଁ ଛାତ୍ରର ସାମର୍ଥକୁ ଅବହେଳା କରିବା ସହଜ ଏବଂ ସେମାନେ ଯାହା ସ୍କୁଲରେ ହାସଲ କରିବାକୁ ଚାହାନ୍ତି ଏବଂ ବଞ୍ଚିବା ପାଇଁ ଯାହା ଚାହାନ୍ତି ତାହାକୁ ମଧ୍ଯ ଅବହେଳା କରିବା ସହଜ । ଏହା ବିପକ୍ଷରେ ଯଦି ଛାତ୍ରର ବୁଦ୍ଧି, ଜ୍ଞାନ, ସୃଜନଶୀଳତା, ବହୁଭାଷୀ ଜ୍ଞାନକୁ ଯଦି ସ୍କୁଲରେ ପ୍ରସୋହିତ କରାଯାଏ ତେବେ ସେମାନେ ନିଜ ପରିଚୟକୁ ଅଧିକ ସକ୍ରିୟ ଭାବେ ଶିକ୍ଷା ପ୍ରକ୍ରୀୟାରେ ଜୋଡି ଦିଅନ୍ତି । ବହୁସଂଖ୍ୟକଙ୍କ ସମାଜରେ ଅଳ୍ପ ସଂଖ୍ୟକ ଛାତ୍ରଙ୍କ ପରିଚୟର ଅବହେଳାକୁ ଛାତ୍ର ଓ ଶିକ୍ଷକଙ୍କ ଭିତରେ ଉତ୍ତମ ଯୋଗାଯୋଗ ଦ୍ୱାରା ଦୂର କରାଯାଇପାରିବ ।

ପରିଚୟ ଶବ୍ଦକୁ ଆମେ ବ୍ୟବହାର କରୁଛୁ ଛାତ୍ର ଦ୍ୱାରା ଗଠିତ ରୂପ ଯାହା ତାର କଳ୍ପନା, ବୁଦ୍ଧି, ଜ୍ଞାନ, ଭାଷା ଜ୍ଞାନ ଏବଂ ପ୍ରତିଫଳିତ କରାଇଥାଏ । ଛାତ୍ର ନିଜ ପାଇଁ ନିଜକୁ ପ୍ରସ୍ତୁତ କରେ ଫଳରେ ନିଜ ଭିତରେ ସେମାନଙ୍କ ପରିଚୟର ବିନିଯୋଗ କରନ୍ତି । ଥରେ ଏହି ପାଠ ଯାହା ଲିଖିତ, କଥିତ, ଦୃଶ୍ୟ, ସର୍ବମତ କିମ୍ବା ଏକାଧିକ ପ୍ରକାରର ସମିଶ୍ରଣରେ ପ୍ରସ୍ତୁତ ହୋଇ ସାରିବା ପରେ ଛାତ୍ରକୁ ଯଦି ତାହା ଦେଖାଯିବ ତେବେ ତାର ପ୍ରତିଛବି ସେ ଦେଖି ପାରିବ । ଏହି ପାଠ ମାଧମରେ ହିଁ ଛାତ୍ର ତାର ପରିଚୟର ପ୍ରକାଶ କରେ ଯେତେବେଳେ ଛାତ୍ର ନିଜ ପରିଚୟକୁ ବହୁ ଲୋକଙ୍କ ମଧରେ ବାଣ୍ଟେ, ସେତେବେଳେ ସେ ସାକାରାତ୍ମକ ମତାମତ ପାଏ ଏବଂ ଶ୍ରୋତାଙ୍କ ସହ ଯୋଗାଯୋଗ ବେଳେ ସେ ନିଜ ଭିତରେ ଦୃଢ଼ତା ଅନୁଭବ କରେ ।

ଝବ୍କଙ୍କରକ୍ସ ଙ୍କ ଟିପ୍‌ପଣୀରେ ଏହାର ଉଦାହରଣ ଦିଆଯାଇଛି । ଝବ୍କଙ୍କରକ୍ସ କାନାଡାରୁ ଇସ୍ରାଏଲକୁ ଷଷ୍ଠ ଶ୍ରେଣୀରେ ଆସିଲେ କୌଣସି ଇଂରାଜୀ ନ ଜାଣି ଏବଂ ସଂଗେ ସଂଗେ ଶିକ୍ଷକଙ୍କ ସାହାଯ୍ୟରେ ସେ ଦୁଇଟି ଭାଷା ହିବ୍ରୁ ଏବଂ ଇଂରାଜୀରେ ଲେଖିଲେ । ପ୍ରଥମେ ସେ ହିବ୍ରୁରରେ ବହି ଲେଖିଲେ ଏବଂ ହିବ୍ରୁ କହୁଥିବା ଶିକ୍ଷକଙ୍କ ସହିତ କାମ କରୁ କରୁ ତାହାକୁ ସେ ଇଂରାଜୀରେ ଅନୁବାଦକଲେ ଏବଂ ଇଣ୍ଟରନେଟ୍‌ରେ ତାହାକୁ ପ୍ରକାଶ କଲେ । ସେ ନିଜ ମନ ଭାବକୁ ନିମ୍ନରେ ପ୍ରକାଶ କଲେ ।

ଇଣ୍ଟରନେଟ୍‌ରେ ମୋ ବହି ଦେଖି ମୁଁ ଖୁବ୍ ଗର୍ବ ଅନୁଭବ କରୁଛି କାରଣ ସମସ୍ତେ ଏହା ଦେଖିପାରିବେ ଏବଂ ମୋତେ ସମସ୍ତଙ୍କୁ ଦେଖାଇବାକୁ ପଡିବନି , ସେ ମୋ ନାମ ଏକ୍ବକ୍ସଶକ୍ଷର ରେ ଉକ୍ଷସମଳ କରି ମୋ ବହି ପାଖକୁ ଯାଇ ପାରିବେ । ମୁଁ ଝବ୍କଙ୍କ କୁ ଏହା ଦେଖିବା ପାଇଁ କହିଲି ଏବଂ ମୋର ସମସ୍ତ ପରିବାର ମଧ ଏହା ଦେଖିଲେ ।

ସଂକ୍ଷିପ୍ତରେ, ଅଳ୍ପସଂଖ୍ୟକ ଛାତ୍ରଙ୍କ ଦୃଢ଼ୋକ୍ତି ସ୍କୁଲ ପରିସର ଭିତରେ ସୃଷ୍ଟି ହୋଇଥିବା ପରିଚୟ ସ୍ପଷ୍ଟ ଭାବରେ ବହୁସଂଖ୍ୟକ ସମାଜାର ଦମନଶୀଳ ଶକ୍ତିପ୍ରତି ଗୋଟିଏ ଆହ୍ୱାନ ।ଏହାର ଫଳାଫଳ ସ୍ୱରୂପ ଛାତ୍ର ନିଜକୁ ସଶକ୍ତ କରିବା ସହ ସାକ୍ଷରତା ପ୍ରକ୍ରୀୟାକୁ ସକ୍ରୀୟ କରି ସାମୁହିକ ଶକ୍ତି ସଂଗ୍ରହରେ ଇନ୍ଧନ ଯୋଗାଇଥାଏ ।

**ଭାଷା ପ୍ରସାରଣ**

ପୂର୍ବରେ ଉଲ୍ଲିଖିତ ହେବା ପରି, ଛାତ୍ର ପର୍ଯ୍ୟାୟ କ୍ରମେ ଉନ୍ନତି କରେ, ସେମାନେ ପାଠ୍ୟକ୍ରମର ଆବଶ୍ୟକ ଅନୁଯାୟୀ ପୁସ୍ତକ ବା ପାଠ ବିଭିନ୍ନ ସ୍ତରରେ ଯଥା ବିଜ୍ଞାନ, ଗଣିତ, ସମାଜ ବିଜ୍ଞାନ, ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ଧିରେ ଧିରେ ସରଳରୁ ଜଟିଳ ଆଡକୁ ବଢ଼ିଥାଏ । ଛାତ୍ର ବହିରେ ଆକସ୍ମିକ ଭାବେ ଅଳ୍ପ ବ୍ୟବହୃତ ପାଠ୍ୟଗତ ଶବ୍ଦ ସମୂହ, ଜଟିଳ ବ୍ୟାକରଣିକ ଗଠନ, କଥନ ପ୍ରକାରକୁ ଭେଟିଥାଏ । ତେଣୁ ଯେଉଁ ପିଲାମାନେ ସ୍କୁଲ ଓ ସ୍କୁଲ ବାହାରେ ଅନେକ ପଢ଼ାପଢ଼ି କରନ୍ତି ସେମାନଙ୍କର ଏହି ପାଠ୍ୟଗତ ଭାଷା ବା ବୈଦ୍ଧିକ ଭାଷାକୁ ଶିଖିବାର ସୁଯୋଗ ଅନେକ ଥାଏ କିନ୍ତୁ ଯେଉଁମାନେ ଅଧିକ ପଢ଼ନ୍ତି ନାହିଁ ସେମାନଙ୍କର କମ୍ ଥାଏ । ସେ ଯାହା ହେଉ ଏହା ମଧ ଜରୁରୀ ଯେ ଏହି ବୈଦ୍ଧିକ ଭାଷା ସିଧାସଳଖ କିପରି କାର୍ଯ୍ୟକାରୀ ହୁଏ ତାହା ତାଙ୍କୁ ଯୁକ୍ତି ଦ୍ୱାରା ବୁଝାଇବା, ବାରମ୍ବାର ତାଙ୍କ ଧ୍ୟାନକୁ ଏହି ଭାଷା ଆଡକୁ ନେଇ କିପରି ଏହାର ଉଚିତ୍ ପ୍ରୟୋଗ ହେବ ତାହା ମଧ ଦେଖିବା ଉଚିତ୍ । ପିଲାର ପ୍ରଥମ ଭାଷାର ବୌଦ୍ଧିକ ଜ୍ଞାନକୁ ଦ୍ୱିତୀୟ ଭାଷାରେ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରିବା ଏବଂ ଦୁଇଟି ଭିତରେ ତୁଳନା ଏବଂ ଭିନ୍ନତାକୁ ଦର୍ଶାଇବା ଦ୍ୱାରା ଏହା ଛାତ୍ରର ଭାଷା ଜ୍ଞାନ ଏବଂ ଏହାର ଉପଯୋଗର ଜ୍ଞାନକୁ ବଢ଼ାଇଥାଏ । ଶିଖୁଥିବା ଭାଷାରେ ଅନୁବାଦଦ୍ୱାରା ମଧ ପିଲାର ଭାଷା ଜ୍ଞାନ ଓ ତାର ବ୍ୟବହାରକୁ ବୃଦ୍ଧି କରାଯାଇ ପାରିବ । ଏହାର ଉଦାହରଣ କବଭଙ୍ଗବ ଙ୍କ ଦୁଇଟି ଭାଷାରେ ସୃଷ୍ଟି ବହି 'ଝଷର ଘରଙ୍ଗ ଉକ୍ବଙ୍କଭସ୍ୱକ୍ସଚ' ଯାହା ଦୁଇ ସାଙ୍ଗ ଗରୟସଷବ ଏବଂ ଝଙ୍କଷଙ୍କବଭବ ଲେଖିଥିଲେ, ଯେଉଁଥିରେ ସେ କହିଛନ୍ତି ପାକିସ୍ଥାନରେ ରହିବା ଏବଂ ଏକ ନୂଆ ଦେଶକୁ ଆସି ସେଠି ଅବସ୍ଥାନ କରିବା କେତେ କଷ୍ଟକର ।

ଏହା ମୋତେ ଦୁଇ ଭାଷାରେ ଲେଖିବା ପାଇଁ ସକ୍ଷମ କଲା ଏବଂ ମୁଖ୍ୟତଃ ଗବ୍ୟସଷବ ପାଇଁ ଯିଏକି ସେଇ ମାତ୍ର ଇଂରାଜୀ ଶିଖୁଥିଲା କାରଣ ଇଂରାଜୀ ଓ ଉର୍ଦ୍ଦୁ ଏହି ଦୁଇ ଭାଷାର ଗାଠନିକ ପଦ୍ଧତି ସଂପୂର୍ଣ୍ଣ ଅଲଗା । ତେଣୁ ଯଦି ତୁମେ ଗୋଟିଏ କଥାକୁ ଉର୍ଦ୍ଦୁରେ କହିବେ । ଏହା ତିନୋଟି ଶବ୍ଦ ଆବଶ୍ୟକ କରିବ କିନ୍ତୁ ଏହାକୁ ଇଂରାଜୀରେ ପ୍ରକାଶ କଲେ ଅନେକ ଶବ୍ଦର ଆବଶ୍ୟକ ହେବ । ଏହିପରି ଭାବେରେ ଗବୟସଷବ ଦୁଇ ଭାଷାରେ ଥିବା ପ୍ରଭେଦକୁ ସ୍ପଷ୍ଟ ଭାବେ ବୁଝିପାରିଲା ।

## <u>Social Justice Through Multilingual Education</u>

Language mattes, so does culture Beyond the Rhetoric of Culture in Multilingual Education

**ଭାଷା ତାପର୍ଯ୍ୟପୁର୍ଣ୍ଣ,ସଂସ୍କୃତି ବି ;**

**ଆଳଙ୍କାରିକ ପ୍ରକାଶ ଉର୍ଦ୍ଧରେ ବହୁଭାଷା ଶିକ୍ଷାରେ ସଂସ୍କୃତି**

Minati Panda and Ajit K. Mohanty

ଭାଷାକୁ ଶିକ୍ଷା ପ୍ରକ୍ରିୟା ମଧକୁ ଆଣିବା କେବଳ ବହୁଭାଷୀ ଶିକ୍ଷା ନୁହେଁ, ଏହା ଆହୁରି ଅନେକ କିଛି ବ୍ୟକ୍ତ କରେ, ବାସ୍ତବରେ ଏହା ଜଟିଳ ପ୍ରଶିକ୍ଷଣର ଦର୍ଶନ ସହ ଗଭୀର ଭାବେ ଜଡିତ ଯାହା ସକ୍ରୀୟ ଭାବେ ଶିକ୍ଷାର୍ଥୀ ଓ ତା ସମାଜକୁ କ୍ଷମତାଶାଳୀ କରିବାକୁ ଚହେଁ । ଯଦି ସ୍ୱଦେଶୀ/ ଆଦିବାସୀ ଏବଂ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀଙ୍କ ଶିକ୍ଷା ପାଇଁ ବହୁଭାଷୀ ଶିକ୍ଷା ଗୋଟିଏ ଶକ୍ତ ରୁପ ଭାବେ ଦେଖାଯାଏ,ତେବେ ସଂପୁର୍ଣ୍ଣ ଆଜ୍ଞାନୁବର୍ତ୍ତିତା, କଠୋର, ଜଟିଳ ଶିକ୍ଷା ପଦ୍ଧତି ଭିତର ମୁଖ୍ୟଭାଷା ଓ

ସଂସ୍କୃତି ଆଧାରିତ ଶିକ୍ଷାକୁ ହଟାଇ, ସେମାନଙ୍କୁ ଶକ୍ତିଶାଳୀ କରାଇବା ସହ ଅନୁଭବ କରାଇବା ଉଚିତ୍ ଯେ ସେମାନେ ମଧ ତାଙ୍କ ନିଜ ସମାଜ ଓ ଅନ୍ୟ ସମାଜର ଦାୟିତ୍ୱବାନ ସଦସ୍ୟ। ଗୋଟିଏ ସ୍ତରରେ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେଲେ ଘରର ଭାଷା ଦକ୍ଷତାକୁ ବୃଦ୍ଧି କରି ଅର୍ଥାତ୍ ତାର ଭାଷାର ସାମାଜିକ ସ୍ତରର ଭାବ ବିନିମୟ କରିବାର ଦକ୍ଷତାରୁ ତାହାକୁ ବୌଦ୍ଧିକ ଓ ପାଠ ସମ୍ବନ୍ଧୀୟ ଭାଷାଦକ୍ଷତା ସ୍ତରକୁ ଆଣି, ୫ରୁ ୮ ବର୍ଷ ପର୍ଯ୍ୟନ୍ତ ମାତୃଭାଷା ମାଧମରେ ପଢ଼ିବା ସମୟରେ ଧୀରେ ଧୀରେ ଦ୍ୱିତୀୟ, ତୃତୀୟ ଏବଂ ଅନ୍ୟାନ୍ୟ ଭାଷାକୁ ପାଠ ମଧରେ ଯୋଗ କରିବା ଉଚିତ୍। ଗଭିର ଅର୍ଥରେ ଏହି ବହୁଭାଷୀ କାର୍ଯ୍ୟକ୍ରମ ବହୁଭାଷା ଦକ୍ଷତାର  ବିକାଶ କରାଇବା ସହ ଛାତ୍ରର ପରିଚୟ, ସାମାଜିକ, ଆର୍ଥିକ ଓ ଭାଷାର ଭିନ୍ନତାକୁ ପ୍ରତିଷ୍ଠିତ କରାଇଥାଏ।

ଭାରତର ଆନ୍ଧ୍ର ଏବଂ ଓଡିଶାର ଆଦିବାସୀ ଛାତ୍ରଙ୍କ ପାଇଁ ସରକାରୀ ସ୍କୁଲରେ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ପ୍ରୟୋଗାତ୍ମକ ସ୍ତରରେ ପ୍ରଚଳନ କରାଯାଇଛି ଏବଂ ଅଧିକ ସଂଖ୍ୟାରେ ଆଦିବାସୀ ଥିବା ସ୍ଥାନ ଯଥା ଛତିଶଗଡ ଏବଂ ଅନ୍ୟାନ୍ୟ ରାଜ୍ୟରେ   ଏହା ଆରମ୍ଭ ହେବାକୁ ଯାଉଛି। ଆଦିବାସୀ ଛାତ୍ର ମାନଙ୍କୁ ଉତ୍ତମ ଧରଣର ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସର୍ବଶିକ୍ଷା ଅଭିଯାନ ର ଉଦ୍ୟମରେ  ଓଡିଶାର ୧୯୫ ସ୍କୁଲର  ୧୦ଟି ଆଦିବାସୀ ଭାଷାକୁ ନେଇ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି  ।ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଛାତ୍ର ମାନେ ବର୍ତ୍ତମାନ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ସ୍ୱତନ୍ତ୍ର ଭାବେ ହସ୍ତକ୍ଷେପ କରାଯାଇ ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମକୁ ସମାନ୍ତରାଳ ଭାବେ ଲେଖକଙ୍କ ଦ୍ୱାରା ଆଠଟି ସରକାରୀ ସ୍କୁଲରେ ସଉରା ଏବଂ କନ୍ଧ ପିଲା ଯେଉଁମାନଙ୍କ ଭାଷା ସଉରା ଓ କୁଇ ସେମାନଙ୍କୁ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ବହୁଭାଷୀ ଶିକ୍ଷା ପ୍ରୟୋଗ ମାଧମରେ ନିତିଦିନିଆ ବ୍ୟବହାର୍ଯ୍ୟ ଭାଷା   ଏବଂ ସ୍କୁଲ ପାଇଁ ଉଦ୍ଦିଷ୍ଟ ବୈଜ୍ଞାନିକ ବା ପାଠ୍ୟକ୍ରମର ଭାଷା ମଧରେ ଗୋଟିଏ ସମ୍ପର୍କର ସେତୁ ଗଢ଼ିବା।

ଏହି ଅଧ୍ୟାୟରେ, ଚାଲୁଥିବା ଚକ୍ସକ୍ଟହରମଝ  'ମାତୃଭାଷା ଓ ଅନ୍ୟାନ୍ୟ ଭାଷାର ଶିକ୍ଷା' ର ଆଧାରରେ ବହୁଭାଷୀ ଶିକ୍ଷାର ବର୍ଣ୍ଣନା କରାଯାଇଛି । ଏହି ଚକ୍ସକ୍ଟହରମଝ ରେ ବହୁଭାଷୀ ଶିକ୍ଷା ପ୍ଲସ୍ ହସ୍ତକ୍ଷେପ ଯୋଗୁଁ ବହୁଭାଷୀ ଶିକ୍ଷାର ଭଲ ପ୍ରୟୋଗ ଯାହା ସଂପୁର୍ଣ୍ଣତାକୁ ଦେଖିବା, ସଂସ୍କୃତି, ବିଜ୍ଞାନ,ସାକ୍ଷରତା, ଲିଖିତ ଓ ମୌଖିକ ସାହିତ୍ୟ ସବୁକିଛିକୁ ଶିକ୍ଷାଭିତରେ ସ୍ଥାନ ଦେବା ସମ୍ଭବପର ହୋଇଛି। ଠଈଶକ୍ଟସ୍ୱଲଈବଭ (୧୯୭୮)ଙ୍କ କହିଥିବା ଦୁଇପଦକଥାକୁ ନିଆଯାଇଛି ଯଥା ବହୁଭାଷୀ ଶିକ୍ଷା ପ୍ଲସ୍ର ଉଦ୍ଦେଶ ହେଉଛି ପିଲାର ସମାଜ ବ୍ୟବସ୍ଥାରେ ପ୍ରଚଳିତ ଜ୍ଞାନ ଓ ସାଂସ୍କୃତିକ ପରମ୍ପରାକୁ ଶିକ୍ଷା ମଧରେ ସ୍ଥାନ ଦେଇ ଶ୍ରେଣୀ କକ୍ଷ ଏବଂ ଲେକଙ୍କ ସହଯୋଗ କାର୍ଯ୍ୟାବଳୀ ଭିତରେ ତାର ପ୍ରୟୋଗ କରିବା। ବହୁତ ଗୁଡିଏ ପଦକ୍ଷେପ  ସ୍କୁଲ ଏବଂ ଗୋଷ୍ଠି ସ୍ତରରେ ନିଆଯାଇଛି ,ଯେମିତିକି ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ପିତାମାତାଙ୍କୁ ପ୍ରେତ୍ସାହିତ କରାଇବା, ପିଲାର ପାଠପଢ଼ାକୁ ସଦାବେଳେ ଲକ୍ଷ୍ୟ କରିବା,ସ୍କୁଲରେ ଓ ଘରେ ପରିବେଶ ସୃଷ୍ଟି କରିବା, ଇତ୍ୟାଦି ସହ ଶେଣୀ କକ୍ଷର ଶିକ୍ଷା ଭିତରେ ସଂସ୍କୃତିକୁ ଜଡିତ କରିବା ଇତ୍ୟାଦିର ବର୍ଣ୍ଣନା ଏହି ଅଧ୍ୟାୟରେ କରାଯାଇଛି। ଆମେ କିଛି ଉଦାହରଣ ଦେଉଛୁ ଏବଂ ଆଲୋଚନା କରିଛୁ କିଛି ସ୍ୱତନ୍ତ୍ର କଥା ଯଥା ମାନବ ପରିବେଶ ଉପରେ ଆଧାରିତ ତଥ୍ୟ ଶ୍ରେଣୀ କକ୍ଷ ପାଇଁ, ସାଂସ୍କୃତିକ ଓ ଐତିହାସିକ ତଥ୍ୟକୁ ବ୍ୟବହାର କରି କାର୍ଯ୍ୟାବଳୀ, ଉପଭାଷାର ପ୍ରଚଳନ, ପାଠପଢ଼ାକୁ ପିଲାର ସଂସ୍କୃତିରୁ ଆରମ୍ଭ କରି ପାଠ୍ୟକ୍ରମର ପ୍ରବେଶ କରିବ, ଭାଷା ସହ ଗଣିତର ସମ୍ପର୍କ ଗଢ଼ିବା, ବିଜ୍ଞାନକୁ ସରଳିକରଣ କରିବା ଇତ୍ୟାଦି। ଏହି ଅଧ୍ୟାୟଟି ଏହା ଘୋଷଣା କରି ଶେଷ ହୋଇଛି ଯେ ଭାଷା ଓ ସଂସ୍କୃତିର ବିବିଧତା ହିଁ ଶ୍ରେଣୀ କକ୍ଷର ସମ୍ବଳ ରୁପେ ବ୍ୟବହାର କରିବା ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଆଧାର। ଏହି ସମ୍ବଳ ଗୁଡିକୁ ସ୍କୁଲର ପ୍ରଚଳିତ ନିୟମ ଭିତରେ ବ୍ୟବହାର ଆବଶ୍ୟକ କାରଣ ଏହା ଦ୍ୱାରା ସଂସ୍କୃତିର ସୁରକ୍ଷା କରାଯାଇପାରିବ । ଏହା ବି ନିର୍ଦ୍ଧାରିତ କରାଯାଇପାରିବ ଯେ ବହୁଭାଷୀ ଶିକ୍ଷା ଏବଂ ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟ ଓଡିଶାର ଆଦିବାସୀ ପିଲାଙ୍କୁ ନେଇ କରାଯାଇଛି ଯାହା ଆମେ ଏଠି ଆଲୋଚନା କରିଛୁ ଯାହାର ଆଧାର ହେଉଛି ଭାରତର ଶିକ୍ଷାରେ ଭାଷାର ପ୍ରୟୋଗ ଏବଂ ସାମାଜିକ ବହୁଭାଷିତାର ପ୍ରକୃତି ଯାହା ଏହି ଅଧ୍ୟାୟରେ ଆଲୋଚିତ ହୋଇଛି। ଏହି ଅଧ୍ୟାୟରେ ଦର୍ଶାଯାଇଥିବା ପରି ଭାରତର ବହୁଭାଷିତା ଗୋଟିଏ ସମ୍ବଳ ଏବଂ ଗୋଟଏ ଆହ୍ୱାନ ମଧ। ଭାଷା ଭାଷା ମଧରେ ଥିବା ଅସମାନତା ଯୋଗୁଁ ଆଦିବାସୀ ଭାଷା ଗୁଡିକ ସାମାଜିକ,ରାଜନୈତିକ ,ଆର୍ଥିକ,ଏବଂ ଶିକ୍ଷା ସ୍ତରରେ ଅବହେଳିତ ହେଉଛି ଯାହା ଦ୍ୱାରା ଆଦିବାସୀ ପିଲାମାନେ ଭାଷା ସମସ୍ୟାର ସମ୍ମୁଖୀନ ହେବା ସହ, ଅଧିକ ମାତ୍ରାରେ ଶିକ୍ଷାର ଅସଫଳତା ପାଇଁ ସ୍କୁଲ ପରିତ୍ୟାଗ କରନ୍ତି କାରଣ ଶ୍ରେଣୀ କକ୍ଷରେ ତାଙ୍କ ମାତୃଭାଷାର ସ୍ଥାନ ନାହିଁ। ମହାନ୍ତି ଏବଂ ଅନ୍ୟମାନଙ୍କ(୨୦୦୯ ଏହି ଙ୍କକ୍ଟଷଙ୍କଙ୍କର) ଦ୍ୱାରା ଆଲୋଚିତ ହୋଇଛି ଯେ  ଏହା ଯୋଗୁଁ ହିଁ ପରୀକ୍ଷାମୁଳକ ବହୁଭାଷା ଶିକ୍ଷା ପଦ୍ଧତିକୁ ଅନେକ ରାଜ୍ୟରେ ପ୍ରଚଳନ କରାଯାଇଛି।

**ଭାରତରେ ଆଦିବାସୀ ପିଲାଙ୍କ ପାଇଁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ର ଉଦ୍ୟମ**

ଓଡିଶା ପରି ଅନ୍ୟାନ୍ୟ ରାଜ୍ୟରେ ଆଦିବାସୀ ପିଲାଙ୍କ ପାଇଁ ମାତୃଭାଷା ଆଧାରିତ ଶିକ୍ଷାର ପ୍ରୟୋଗ ପାଇଁ ଅନେକ ଚେଷ୍ଟା ପରେ ,କିଛି ରାଜ୍ୟ ବର୍ତ୍ତମାନ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଆରମ୍ଭ କରିଛନ୍ତି। ଏହା ସେହି ଆଦିବାସୀ ପିଲାମାନଙ୍କୁ ନେଇ ହୋଇଛି

ଯେଉଁମାନଙ୍କର ମାତୃଭାଷା ରାଜ୍ୟର ମୁଖ୍ୟଭାଷା ଠାରୁ ଭିନ୍ନ ଏବଂ ମୁଖ୍ୟ ଭାଷାହିଁ ସ୍କୁଲ ଶିକ୍ଷାର ମାଧମ ରୁପେ ପ୍ରଚଳିତ । ଏହା ସହିତ , କିଛି ଆଞ୍ଚଳିକ କାର୍ଯ୍ୟକ୍ରମ ଯାହା ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନ ମାନଙ୍କ ଉଦ୍ୟମରେ ସାରା ଭାରତରେ କରାଯାଉଛି ଯାହା ମଧ ମାତୃଭାଷା ଆଧାରିତ ଦ୍ୱିଭାଷା/ବହୁଭାଷା ଶିକ୍ଷାକୁ ପ୍ରୋତ୍ସାହିତ କରେ । ସେହି କାର୍ଯ୍ୟକ୍ରମ ଗୁଡିକ ମୁଖ୍ୟତଃ ସାମୟିକ ଏବଂ ସ୍ୱଳ୍ପ ସମୟ ଆଧାରିତ କାର୍ଯ୍ୟକ୍ରମ ଏବଂ ସେମାନେ ଚାହାନ୍ତି ସାମୟିକ ଭାବେ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠୀର ଛାତ୍ର ମୁଖ୍ୟ ଭାଷାକୁ ଗୋଷ୍ଠୀର ଛାତ୍ର ମୁଖ୍ୟ ଭାଷାକୁ ମାଧମ କରି ପଢ଼ାଯାଉଥିବା ଶ୍ରେଣୀରେ ନିଜକୁ ସହଜ କରିପାରିବ । ସେ ଯାହା ହେଉଁ ଏହି ସବୁ କାର୍ଯ୍ୟକ୍ରମର ନଥିପତ୍ର ବା ତଥ୍ୟ ଅଭାବରୁ ଏହି କାର୍ଯ୍ୟକ୍ରମର ପ୍ରକୃତିକୁ ବିଶ୍ଳେଷଣ କରିବା କଠିନ । ଅନେକ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ଦୁଇଟି ରାଜ୍ୟ -ଆନ୍ଧ୍ର ପ୍ରଦେଶ ଓ ଓଡିଶାରେ ଚାଲୁଅଛି ଏବଂ ଅନ୍ୟ ରାଜ୍ୟ ପାଇଁ ଯୋଜନା କରାଯାଉଛି । ଆନ୍ଧ୍ରପ୍ରଦେଶରେ ୨୦୦୪ ରେ ୮ ଟି ଆଦିବାସୀ ଭାଷାକୁ ନେଇ ଏହି କାର୍ଯ୍ୟକ୍ରମ ଚାଲୁଛି । ଅନ୍ୟ ଏକ କାର୍ଯ୍ୟକ୍ରମ ଓଡିଶାରେ ଚାଲିଛି । ଅନ୍ଧ୍ରପ୍ରଦେଶ ଓ ଓଡିଶାର ପ୍ରଥମିକ ମୂଲ୍ୟାଙ୍କନରୁ ଜଣାଯାଏ ଯେ ପାରମ୍ପରିକ ଶିକ୍ଷା ପଦ୍ଧତି ଅପେକ୍ଷା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅଧିକ ସଫଳତା ପାଇଛି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ରେ ପିଲାର ସଂସ୍କୃତି ଓ ସାମାଜିକ ଜ୍ଞାନକୁ ଶ୍ରେଣୀ କକ୍ଷ ଓ ପାଠ୍ୟକ୍ରମରେ ସ୍ଥାନଦେବାକୁ ପ୍ରୟାସ କରାଯାଇଛି । ଯାହା ହେଉ ଏହି କାର୍ଯ୍ୟକ୍ରମ ତାତ୍ୱିକ ଏବଂ ପଦ୍ଧତିଗତ ଦିଗକୁ କାଯ୍ୟକର୍ତ୍ତାମାନେ ସଂପୂର୍ଣ୍ଣ ରୁପେ ବ୍ୟାଖ୍ୟା କରି ନାହାନ୍ତି । ତେଣୁ ପ୍ରଶିକ୍ଷଣର ଅଭ୍ୟାସ ପିଲା ଯୋଗୁଁ ଧିରେ ଧିରେ ନିତିଦିନିଆ ବ୍ୟବହାର୍ଯ୍ୟ କଥନ ଠାରୁ ତାତ୍ୱିକ କଥନ ଆଡକୁ ନେବାରେ ସାହାର୍ଯ୍ୟ କରେ ଏବଂ ଏହି କାର୍ଯ୍ୟକ୍ରମ ଗୋଟିଏ ସମୟ ସାରଣୀ ମଧରେ ଆବଦ୍ଧ ହୋଇପଡିଛି । ଏହାହିଁ ଭିନ୍ନ ଭିନ୍ନ ପ୍ରକାର ଭାରତର ବିଭିନ୍ନ ରାଜ୍ୟର ପରୀକ୍ଷାମୁଳକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ,ଯେଉଁଥିରେ ସାମିଲ ଅଛନ୍ତି ଛତିଶଗଡ, ଝାଡଖଣ୍ଡ ଏବଂ ଅନ୍ୟାନ୍ୟ ରାଜ୍ୟ, ବହୁଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମକୁ ଯିବା ପୁର୍ବରୁ ପ୍ରଥମେ ଆମେ ଓଡିଶାର ବହୁଭାଷୀ କାର୍ଯ୍ୟକ୍ରମର କିଛି ଦିଗ ବିଷୟରେ କହିବୁ ।

**ଓଡିଶାର ବହୁଭାଷୀ ଶିକ୍ଷା**

ମହାନ୍ତି ଏବଂ ଅନ୍ୟାନ୍ୟ(୨୦୦୯, ଏହ ଙ୍ଖକ୍ଷକ୍ଷଙ୍କଙ୍କର ) ରେ ସୂଚିତ ହୋଇଛି, ଓଡିଶାରେ ୨୦୦୬ରେ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଯେଉଁ ସ୍କୁଲ ଗୁଡିକ ଏଥିପାଇଁ ବଛାଯାଇଛି ସେଠିକାର ୧୦୦% ଛାତ୍ର ଆଦିବାସୀ । ତେଣୁ ଶ୍ରେଣୀ କକ୍ଷ ଗୁଡିକ ସଜାତିୟ ,ଏବଂ ସବୁଛାତ୍ର ଏବଂ ଶିକ୍ଷକ ଗୋଟିଏ ଭାଷାରେ କଥାବାର୍ତ୍ତା କରନ୍ତି । ପ୍ରତି ଦଶଟି ଆଦିବାସୀ ଭାଷା ପାଇଁ, ଶିକ୍ଷକ ସେହି ଗୋଷ୍ଠି ହିଁ ଚୟନ କରାଯାଇଛି ଏବଂ ଶିକ୍ଷଣୀୟ ଉପକରଣ ଯଥା ଛବି ,ଗପ,କବିତା,ଗୀତ ,ଅନ୍ୟାନ୍ୟ କାର୍ଯ୍ୟକଳାପ ଏବଂ ପାଠ୍ୟ ପୁସ୍ତକର ଆକୃତି ଏବଂ ବିଷୟବସ୍ତୁ, ପାଠ୍ୟଖସଡା ଇତ୍ୟାଦି ଓଡିଶାର ସବୁ ସ୍କୁଲ ସହ ସମାନ । ପାଠ୍ୟ ଖସଡା ଭିତରେ ଗୋଷ୍ଠିର ସଂସ୍କୃତି କୁ ସାମିଲ କରାଯାଇଛି ଯାହାକୁ ଗାଁ କ୍ୟାଲେଣ୍ଡର ନାମ ଦିଆଯାଇଛି । ବିଷୟ ବସ୍ତୁକୁ ଦୁଇପ୍ରକାର ଭାଗ କରାଯାଇଛି ପ୍ରଥମ ସଠିକ୍ ଏବଂ ନିର୍ଭୁଲ ଏବଂ ଅନ୍ୟଟି ହେଉଛି ଅର୍ଥ ଏବଂ ଯୋଗାଯୋଗ । ଏହି ପ୍ରକାର ଭେଦରେ ଭାଷା ପାଇଁ ସହାୟକ ସାମଗ୍ରୀ ଯେମିତିକି ଅକ୍ଷର ଚାଟ୍ ,ଅକ୍ଷର ବହି କୁ ସଠିକ୍ ଏବଂ ନିର୍ଭୁଲ୍ ମଧରେ ରଖାଯାଇଛି ଏବଂ ଗପବହିକୁ ଅର୍ଥ ଓ ଯୋଗାଯୋଗ ଭାବରେ ରଖାଯାଇଛି । ଏହି ସହାୟକ ସାମଗ୍ରୀ ଗୁଡିକ ରିତିମତ କର୍ମଶାଳା ମାଧମରେ ତିଆରି ହୋଇଛି ଏବଂ ଏହାକୁ ସ୍କୁଲ ଓ ଭାଷା ଗୋଷ୍ଠିଙ୍କ ଦ୍ୱାରା ପରୀକ୍ଷା ମଧ କରାଯାଇଛି । ପାଠ୍ୟ ସାମଗ୍ରୀ କୁ ଛାଡି, ଶିକ୍ଷକ ତାଲିମ, ଶିକ୍ଷକର ମାନସିକ ପରିବର୍ତ୍ତନ ପାଇଁ ମନୋହତିକ ତାଲିମ ଭଳି ଅନେକ
ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସିଂହ ଏବଂ ମିତ୍ରଙ୍କ (୨୦୦୮) ରିପୋର୍ଟରେ ଦର୍ଶାଯାଇଛି ଯେ ଓଡିଶାର ପ୍ରାଥମିକ ସ୍ତରରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସଫଳ ହୋଇଛି ଏବଂ ଏହା ଦ୍ୱାରା ଛାତ୍ରର ଆଗ୍ରହ,ସ୍କୁଲ ଉପସ୍ଥିତି ଏବଂ ଭାଷା ଗୋଷ୍ଠି ବା ସମାଜ ଏଥିରେ ଜଡିତ ହେବା ବି ଦେଖାଯାଇଛି ।

**ଓଡିଶା ବହୁଭାଷୀ ଶିକ୍ଷା ରେ ସାଂସ୍କୃତିକ-ଦର୍ଶନ ଶାସ୍ତ୍ରୀୟତାର ପରିଯୋଜନା**

କୌଣସି ଗୋଟିଏ ପ୍ରକାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ନାହିଁ,ତେଣୁ ଓଡିଶାରେ ଲାଗୁ କରାଯାଇଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପ୍ରକୃତି ଓ ପ୍ରକାର କୁ ନେଇ କିଛି ପ୍ରଶ୍ନ କରାଯାଇପାରେ । ଓଡିଶାର ବହୁଭାଷୀ ଶିକ୍ଷାର କାର୍ଯ୍ୟକାରୀ ପନ୍ଥା ଭିତରେ 'ସଂସ୍କୃତି' ଏବଂ 'କାର୍ଯ୍ୟକଳାପ' କୁ କିପରି ବାଖ୍ୟା କରାଯିବ ? କି ପ୍ରକାର ସଶକ୍ତିକରଣର ରୁପ ଏବଂ ପ୍ରଶିକ୍ଷଣ ଅଭ୍ୟାସକୁ ଏଥିରେ ସ୍ଥାନ ଦିଆଯାଇଛି ? ଯଦି ପିଲାର ଦୈନନ୍ଦିନ କାର୍ଯ୍ୟକଳାପକୁ ସାଂସ୍କୃତିକ ସାଧନ ଭାବରେ ଶ୍ରେଣୀ କକ୍ଷରେ ପଢାଯାଏ ତେବେ ଦୈନନ୍ଦିନ ଜୀବନରେ ବ୍ୟବହୃତ ଅନେକ ଧାରଣା ଏବଂ ବୌଦ୍ଧିକ ବା ସ୍କୁଲ ପାଠ୍ୟ ସ୍ତରରେ ବ୍ୟବହୃତ ଧାରଣା ଭିତର ସମ୍ପର୍କକୁ କିପରି ଦର୍ଶାଯିବ ? ଦୈନନ୍ଦିନ ଜୀବନରେ ବ୍ୟବହୃତ ଧାରଣା ଓ ଗଣିତ ର ଅବଧାରଣା ବା ଧାରଣା କୁ ଶିଖିବାର ପ୍ରକ୍ରୀୟା ଭିନ୍ନ, କାରଣ ଦୁଇଟିର ଜ୍ଞାନ ଆରୋହରଣ ପ୍ରକ୍ରୀୟା ଭିନ୍ନ -ଘର ଏବଂ ସ୍କୁଲ । ଦୈନନ୍ଦିନ ଜୀବନରେ ବ୍ୟବହୃତ ଅନେକ ଧାରଣାକୁ ତାତ୍ତ୍ୱିକ ଭିତ୍ତିରେ ବୁଝାଇବା ଜରୁରୀ ନୁହେଁ । ଶିକ୍ଷକ ଯତ୍ନର ସହ ଏହାକୁ ଶିଖାଇବାକୁ ପଡିବ ଏବଂ ଛାତ୍ର ଶିଖିବାରେ ସହାୟକ ହେବ । କଥନ ବା କଥୋପକଥନ କ୍ଷେତ୍ରରେ, ପିଲାର ଦୈନନ୍ଦିନ ଜୀବନର କଥନରେ ଗୁଣାତ୍ମକ ପରିବର୍ତ୍ତିତ କରି

ତାହାକୁ ବୌଦ୍ଧିକ କଥନ ଆଡକୁ ଆଗେଇ ନେବା ଉଚିତ୍ । ଏଥିପାଇଁ ପ୍ରତିଦିନର କଥୋପକଥନ ଖୁବ୍ ଜରୁରୀ । ଛାତ୍ରର ପ୍ରତିଦିନ ବ୍ୟବହାର ହେଉଥିବା କଥନର ଉଦାହରଣ ଏବଂ ଶ୍ରେଣୀ କକ୍ଷରେ ବ୍ୟବହୃତ କଥନ ପିଲାର ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମ ଆବଶ୍ୟକ ଜ୍ଞାନ ପାଇଁ ଯଥେଷ୍ଟ ହୋଇନପାରେ ।

ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ,ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ମାତୃଭାଷାକୁ ଶିକ୍ଷାର ଭାଷାରୂପେ ପ୍ରଚଳନ କରାଯାଇଛି । ଦ୍ୱିତୀୟ ଭାଷା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ମୌଖିକ ଭାବେ ଯୋଗାଯୋଗ ପାଇଁ ରଖାଯାଇଛି । ଧିରେ ଧିରେ ତୃତୀୟ ଶ୍ରେଣୀରୁ ଶିକ୍ଷାର ମାଧମ ଭାବେ ଏହି ଭାଷାକୁ ରଖାଯାଇଛି । ପଞ୍ଚମ ଶ୍ରେଣୀରୁ ଦ୍ୱିତୀୟ ଭାଷାକୁ ଶିକ୍ଷାର ମାଧମ ଭାବେ ପ୍ରୟୋଗ କରାଯାଏ ଏବଂ ମାତୃଭାଷାର ସ୍ଥାନ ଅସ୍ପଷ୍ଟ ହୋଇ ରହିଯାଏ । ଷଷ୍ଠ ଶ୍ରେଣୀରୁ ଦ୍ୱିତୀୟ ଭାଷା ହିଁ ଶିକ୍ଷାର ମୁଖ୍ୟ ମାଧମ ଭାବେ ପ୍ରଚଳିତ ହୋଇଥାଏ । ଅନେକ ସମସ୍ୟା ଅସ୍ପଷ୍ଟ ହୋଇ ରହିଛି, ଯାହାକୁ ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆସନ୍ତା ସମୟରେ ତାର ସମାଧାନର ରାସ୍ତା ଖୋଜିବ । ଯଦି ଷଷ୍ଠ ଶ୍ରେଣୀରୁ ଶ୍ରେଣୀ କକ୍ଷରେ ମାତୃଭାଷା ର ବ୍ୟବହାର ବନ୍ଦ କରି ଦିଆଯାଏ, ତେବେ ପିଲାର ସାଂସ୍କୃତିକ ସମ୍ବଳର କଣ ହେବ ? ବର୍ତ୍ତମାନର କାର୍ଯ୍ୟକ୍ରମ ଅନୁମାନ କରେ ସ୍କୁଲରେ ବ୍ୟବହୃତ ସମସ୍ତ ବହି ଓ ଅନ୍ୟାନ୍ୟ ଶିକ୍ଷା ଉପକରଣ ମାତୃଭାଷାରେ ଲେଖାଯିବ ଏବଂ ସେ ଗୁଡିକ ବିଶେଷଭାବେ ସେମାନଙ୍କ ସାଂସ୍କୃତିକ ସମ୍ବଳ ଓ ଅନୁଭୂତିକୁ ଆଧାର କରି ହେବ ଯେଉଁଠି ଦ୍ୱିଭାଷାକୁ ସାମୟିକରୂପେ ରଖାଯିବ । ପିଲାର ମାତୃଭାଷାକୁ ଶ୍ରେଣୀ କକ୍ଷରୁ ଷଷ୍ଠ ଶ୍ରେଣୀରୁ ଉଠାଇନେବା ଅର୍ଥ ପିଲାର ସାଂସ୍କୃତିକ ସମ୍ପଦରୁ ତାକୁ ବଞ୍ଚିତ କରାଇବା । କାରଣ ସମସ୍ତ ଓଡିଆ ପାଠ୍ୟ ପୁସ୍ତକ ଯାହା ଶ୍ରେଣୀ କକ୍ଷରେ ବ୍ୟବହୃତ ତାହା ସାରା ଓଡିଶାର ସମସ୍ତ ପିଲାଙ୍କ ପାଇଁ ସମାନ ଏବଂ ଏଥିରେ ମୁଖ୍ୟତଃ ଓଡିଆ ସଂସ୍କୃତି ବିଷୟରେ ବର୍ଣ୍ଣିତ । ଏହି କ୍ଷେତ୍ରରେ ମାତୃଭାଷାକୁ ଶୀଘ୍ର ପାଠ୍ୟକ୍ରମରୁ ବାହାର କରିଦେବା ଫଳରେ ଅନେକ ଅସୁବିଧା ଉପୁଜିପାରେ । ଏହା ଫଳରେ ଏହା ସରକାରଙ୍କ ପାଠ୍ୟ ଯୋଜନା ସହ ସମାନ ହୋଇଯିବ । ପ୍ରଥମ ଦଳର ଛାତ୍ର ଦ୍ୱିତୀୟ ଭାଷାର ଶିକ୍ଷାଦିଗକୁ ଆଗେଇବ । ପୂର୍ବରୁ ଏମିତି କିଛି ସମସ୍ୟାର ସମାଧାନର ବାଟ ବାହାରି ଆସିବା ଦରକାର ନ ହେଲେ ବର୍ତ୍ତମାନ ଓଡିଶାର ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ପିଲାର ସାଂସ୍କୃତିକ ସାଧନକୁ ସଂନ୍ଦେହ ଭିତରେ ଛାଡି ଆଗକୁ ଆଗେଇଯିବ । ସାକାରାତ୍ମକ ଫଳାଫଳ ହେଉଛି ଆଦିବାସୀ ପିଲାଙ୍କ ପାଇଁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ବିକାଶ ହୋଇଛି ଏବଂ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସ୍ଥିର କରି ଦେଇଛି ଯେ ଆଦିବାସୀ ପିଲାଙ୍କ ମାତୃଭାଷା ଶ୍ରେଣୀ କକ୍ଷରେ ପଞ୍ଚମ ଶ୍ରେଣୀ ପଯ୍ୟନ୍ତ ହିଁ ପ୍ରଚଳିତ ହେବ । ଏହା ସହିତ ଏହି ଭାଷାକୁ ସ୍କୁଲର ବିଷୟ ଭାବେ ପରବର୍ତ୍ତି ପର୍ଯ୍ୟାୟରେ ପଢାଇବାର ପ୍ରସ୍ତାବକୁ ଓଡିଶା ସରକାର ଜରୁରୀ ଭାବେ ପରୀକ୍ଷା କରୁଛନ୍ତି । ଆଗକୁ ଓଡିଶାର ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଆହୁରି ଛଅଟି ଆଦିବାସୀ ଭାଷା କୁ ସାମିଲ କରିବାର କାର୍ଯ୍ୟକ୍ରମ ରହିଛି ।

**<u>ଯୋଜନା ? ଅପରିହାର୍ଯ୍ୟ ଦିଗ; ଅବଶ୍ୟମ୍ଭାବୀ ଫାନ୍ଦ</u>**

ଓଡିଶାର ବହୁଭାଷୀ ଶିକ୍ଷାର ସ୍କୁଲ ଗୁଡିକରୁ ଦେଖାଯାଉଛି ଯେ ବହୁଭାଷୀ ଶିକ୍ଷା ସହ ଜଡିତ ଶିକ୍ଷକ ମାନଙ୍କ ତାମିଲ କାର୍ଯ୍ୟ ପରିଚାଳନା କରିବା ଗୋଟିଏ ଯୋଜନା ଭଳି ଯାହାକୁ ସଦାବେଳେ ପ୍ରକୃତ ଶ୍ରେଣୀ କକ୍ଷର ଅଭ୍ୟାସ କରାଯିବା ପରି କାର୍ଯ୍ୟକାରୀ କରାଯାଉଛି । ଦେଖାଯାଉଛି ଶିକ୍ଷକ ଗୋଟିଏ ବଡ ବହି ଧରି ତାହାର ବାକ୍ୟ ଗୁଡିକୁ ବଡ ପାଟିରେ ପଢିବ, ଶିକ୍ଷକଙ୍କୁ ଅନୁକରଣ କରି ପିଲାମାନେ ସମସ୍ୱରରେ ସେହି ବାକ୍ୟକୁ ଦୋହରାଇବେ । ପ୍ରଥମ ଶ୍ରେଣୀ ରେ ସଉରା ଅଞ୍ଚଳର ଗୋଟିଏ ସ୍କୁଲରେ, ଶିକ୍ଷକ ଗୋଟିଏ ବାକ୍ୟକୁ ଯୋରରେ ଚାରିଥର ପଢି, ପରେ ଜଣେ ଛାତ୍ରକୁ ଶବ୍ଦ ଉପରେ ବିଶି ଆଙ୍ଗୁଠି ରଖି ପଢ଼ିବା ପାଇଁ କୁହାଯାଏ । ପିଲାକୁ ସେହି ବାକ୍ୟ ଚାରିଥର ପଢିବାକୁ ପଡେ । ତା ପରେ ଶିକ୍ଷକ ସେଥିରେ ଥିବା ଅକ୍ଷର ଚିହ୍ନିବାକୁ କହନ୍ତି । ଅନ୍ୟ ଶ୍ରେଣୀରେ ଶିକ୍ଷକ ସେହି ବାକ୍ୟକୁ ସାତ ଥର ଜୋରରେ ପଢନ୍ତି ଏବଂ ପରେ ଜଣେ ଜଣେ ପିଲାକୁ ଡାକି ନିଦ୍ଧିଷ୍ଟ ଅକ୍ଷର ଚିହ୍ନିବାକୁ କୁହାଯାଏ । ସ୍କୁଲ ଗୁଡିକରେ ପଠନ ଶୈଳୀ ପ୍ରାୟ ସମାନ ପ୍ରକାର । ଏହି ସବୁ ପର୍ଯ୍ୟବେକ୍ଷଣ ରୁ ଜଣା ପଡିଛି ଯେ ପଢିବା, ଦୋହରାଇବା ଓ ମନେରଖିବା ହେଉଛି ଶିକ୍ଷାର କୌଶଳ ।ଏହି କଥନ ଅଭ୍ୟାସ ଯୋଗୁଁ ନୀୟମ ଏବଂ ବ୍ୟାକରଣ କେବଳ ପ୍ରସାରିତ ହେଉଛି କିନ୍ତୁ ଏହା ସହିତ ଜଡିତ ଥିବା ତତ୍ତ୍ୱ କିମ୍ବା ନିହିତ ମୌଳିକ ନିୟମ ନୁହେଁ । ଈସଙ୍କର ଙ୍ଗରଭ, ଗୋଟିଏ ଧାରଣା ,ଗୋଟିଏ ଭାବନା ଯାହାକୁ ବ୍ୟବହାର କରି ପାଠ୍ୟକ୍ରମର ବିଷୟବସ୍ତୁ ବା ଉପକରଣ ଏବଂ ଶିକ୍ଷାଦାନର କାର୍ଯ୍ୟକ୍ରମ ତିଆରି ହୁଏ । କିନ୍ତୁ ବାସ୍ତବରେ ଏହା ଶ୍ରେଣୀ କକ୍ଷର ଅନ୍ୟ ଏକ କାର୍ଯ୍ୟ ନିଦ୍ଧିଷ୍ଟ, ଗୋଟିଏ ସମୟ ସାରଣୀ ଯାହାକୁ ଅନୁକରଣ କରାଯିବ । ବିଭିନ୍ନ ଋତୁରେ ହେବାକୁ ଥିବା କାର୍ଯ୍ୟକଳାପକୁ ସମୟ ସାରଣୀରେ ସାମିଲ କରି ଏହାକୁ ଶ୍ରେଣୀରେ ଆଲୋଚନା କରାଯିବ କିନ୍ତୁ ଏହାକୁ ଶ୍ରେଣୀ କକ୍ଷର କାର୍ଯ୍ୟକଳାପ ଭିତରେ ସ୍ଥାନ ଦିଆଯିବ ନାହିଁ ।

ବର୍ତ୍ତମାନ ଚାଲୁଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଅନେକ ଉନ୍ନତ କରାଯାଇଛି; ପୂର୍ବ କାର୍ଯ୍ୟକ୍ରମ ଅପେକ୍ଷା ଯେଉଁଥିରେ ପିଲାର ଭାଷା ଓ ସଂସ୍କୃତିକୁ ସ୍କୁଲ ବାହାରେ ରଖାଯାଇଥିଲା । ପିଲାମାନେ ଶ୍ରେଣୀ କକ୍ଷରେ ଅଧିକ ଖୁସି ଓ

ଆତ୍ମବିଶ୍ୱାସ ପୂର୍ଣ୍ଣ ଅନୁଭବ କରୁଛନ୍ତି ଏବଂ ଶ୍ରେଣୀ କକ୍ଷର କାଯ୍ୟକଳାପକୁ ମାତୃଭାଷାରେ ପରିଚାଳନା କରୁଛନ୍ତି । ପିଲାମାନେ ଅନେକ ପାଠ୍ୟ ଉପକରଣ ପାଇଛନ୍ତି ଯଥା ଛୋଟ ବଡ ବହି ,ଚାର୍ଟ ଗପ ବହି, ଗଣିତର ଛୋଟ ଛୋଟ ବହି ଇତ୍ୟାଦି । ତଥାପି କାର୍ଯ୍ୟସମ୍ପାଦନାର ଶୈଳି ତଥାପି ପାଠ୍ୟ ଉପକରଣ ଓ ଶିକ୍ଷକ ଆଧାରିତ ହୋଇ ରହିଛି । ଅଧିକନ୍ତୁ ଯେଉଁ ଭାବରେ ପିଲାର ସଂସ୍କୃତି କୁ ଶ୍ରେଣୀ କକ୍ଷରେ ପ୍ରତିନିଧିତ୍ୱ କରାଯାଉଛି ସେଥିରୁ ମନେ ହେଉଛି ଏହା ସଂସ୍କୃତିର ମନୋବାଦୀୟ ସଂଜ୍ଞା। କାର୍ଯ୍ୟକ୍ରମଟି ଅତି ସଂଗଠିତ ଏବଂ ସମାନ ପ୍ରକାର କାର୍ଯ୍ୟକ୍ରମ ସବୁଠାରେ ପ୍ରସ୍ତୁତ କରାଯାଏ ଏବଂ ପାଠ୍ୟ କାର୍ଯ୍ୟକ୍ରମ ସଦାବେଳେ ସମୟ ସାରଣୀ ଅନୁସାରେ ହୋଇଥାଏ ଏବଂ ଉପକ୍ରମ -ଜବାବ -ମୂଲ୍ୟାଙ୍କନ ଶୈଳୀକୁ ବ୍ୟବହାର କରାଯାଇଥାଏ ।

ଦେଖାଯାଇଛି ଯେ ବହୁଭାଷୀ ଶିକ୍ଷାର ଶିକ୍ଷକ ମାନଙ୍କର ମଧ ନିତି ଦିନିଆ ଧାରଣା ସହ ତାତ୍ୱିକ ବା ବୈଜ୍ଞାନିକ ଧାରଣା କିପରି ସମ୍ପର୍କିତ ତାହା ଉପରେ କମ୍ ଜ୍ଞାନ ରହିଛି। ସଂସ୍କୃତିକୁ କିପରି ବାସ୍ତବରେ ବ୍ୟବହାର ହୋଇପାରିବ ଯେମିତିକି କୃଷିବିଜ୍ଞାନର ଅଭ୍ୟାସ, କଳା, ହସ୍ତଶିଳ୍ପ, ଖେଳ ଆଧାରିତ ଶିକ୍ଷା ଶ୍ରେଣୀ କକ୍ଷରେ କରାଯାଇପାରିବ ତାହା ଉପରେ ମଧ ଖୁବ୍ କମ୍ ଧାରଣା ରହିଛି । ଆମର ପର୍ଯ୍ୟବେକ୍ଷଣ ଦର୍ଶାଇଛି ଯେ କାର୍ଯ୍ୟକ୍ଷେତ୍ର ବା କାର୍ଯ୍ୟକଳାପର ଧାରଣାକୁ ନେଇ ସମିତ ଜ୍ଞାନ ଯୋଗୁଁ ଶିକ୍ଷକ ମାନଙ୍କୁ ଶକ୍ତ କରାଯାଇପାରୁନାହିଁ ଏବଂ ସେମାନେ ସ୍ୱତଃସିଦ୍ଧ ଭାବେ ଶିକ୍ଷକ-ତାଲିମର ଶିଖିଥିବା ଶୈଳି ଏବଂ କିଛି ଲିଖିତ ବିଷୟ ବସ୍ତୁକୁ ଆଧାର କରି ନିଜର ସ୍ୱତନ୍ତ୍ର ପ୍ରୟାସରେ କାର୍ଯ୍ୟ ଚଳାଇଥାନ୍ତି । ନିତି ଦିନିଆ ଜୀବନର ଜ୍ଞାନକୁ ଯଦି ପିଲାର ସ୍କୁଲ ପାଠପଢାର ସଫଳ ଭାବେ ବ୍ୟବହାର କରା ନ ଯିବ ତେବେ ତାହା ଅବାସ୍ତବିକ୍ ହୋଇଯିବ । ତେଣୁ ଶିକ୍ଷକକୁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପଦ୍ଧତି ସହ ପରିଚିତ କରାଇ ତାକୁ ଏହା ସହ ଘନିଷ୍ଠ ଭାବେ ସାମିଲ କରାଇବା ଉଚିତ୍ । ତାହା ଫଳରେ ବହୁଭାଷୀ ଶିକ୍ଷା ବଳିଷ୍ଠ ଓ ସଫଳ ହୋଇପାରିବ ।

**<u>ବହୁଭାଷୀ ଶିକ୍ଷା ପ୍ଲସ୍; ସଂସ୍କୃତି ସହ ଜଡିତ ପଦ୍ଧତି</u>**

ଦ୍ୱିଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପ୍ରଚଳିତ ବହୁଭାଷୀ ଶିକ୍ଷାର ଶ୍ରେଣୀ କକ୍ଷରେ ପ୍ରୟୋଗ କରାଯାଉଥିବା ପଦ୍ଧତି, ଶୈଳି ଓ କାର୍ଯ୍ୟକୀତାକୁ ଶକ୍ତିଶାଳୀ କରାଇବା । ଏହି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ଚାରୋଟି ସ୍କୁଲରେ ପ୍ରୟୋଗ କରାଯାଇଛି । ଦୁଇଟି ଗଜପତି ଜିଲ୍ଲାର ସଉରା ଭାଷାଭାଷୀ ସ୍କୁଲରେ ଏହି ପ୍ରଣାଳୀ ଦ୍ୱାରା ବହୁଭାଷୀ ଶିକ୍ଷାର କ୍ଷେତ୍ରରେ ଏହାର ପ୍ରୟୋଗ ହେବା ସହ ଏଥିରେ ଗଣିତ, ସାହିତ୍ୟ, ବିଜ୍ଞାନ ଅନ୍ୟାନ୍ୟ ବିଷୟ ସହ ସଂସ୍କୃତିକୁ ସଂପୃକ୍ତ କରି ଶିକ୍ଷା ଦିଆଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଉରା ଏବଂ କୁଇ ପିଲାଙ୍କ ଘର ଏବଂ ସ୍କୁଲ ମଧ୍ୟରେ ଏକ ଭିନ୍ନ ପ୍ରକାର ସେତୁ ସ୍ଥାପନର ପ୍ରୟାସ କରାଯାଉଛି । ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାର ଭାଷା,ସଂସ୍କୃତି ସାମାଜିକ ନୀତିନିୟମ ଏବଂ ଅଭ୍ୟାସକୁ ସ୍କୁଲ ପାଠ ସହିତ ଜଡିତ କରି ବ୍ୟବହାର କରାଯାଉଛି । ଏହା ଦ୍ୱାରା କେବଳ ପିଲାମାନଙ୍କୁ ନୁହେଁ ପିତାମାତାଙ୍କୁ ମଧ ସଶକ୍ତ କରିବାକୁ ଚେଷ୍ଟା କରାଯାଉଛି । ଯାହା ଫଳରେ ସେମାନେ ମଧ ଏହି ଶିକ୍ଷାଦାନ ପ୍ରକ୍ରୀୟାରେ ସହାୟ ହୋଇପାରିବେ । ପିଲାର ଦୌନଦିନ ଜୀବନକୁ ଆଧାର କରି ଶ୍ରେଣୀ କକ୍ଷର ପ୍ରଶିକ୍ଷଣ କୁ ଅଧିକ ପ୍ରଭାବଶାଳୀ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ବା ବମସ୍ପସଙ୍ଗସସ୍ପଚର ବ୍ୟବସ୍ଥା କରାଯାଉଛି । ଏହି ପ୍ରକାର ହସ୍ତକ୍ଷେପ ଯୋଗୁଁ ପିତାମାତାଙ୍କୁ ରାଜିକରାଇ ପିଲାଙ୍କୁ ସ୍କୁଲ ଆଣିବା, ପିଲାର ପାଠକୁ ଧାନ ଦେବା, ଘର ଏବଂ ସ୍କୁଲରେ ପିଲା ପାଇଁ ପରିବେଶ ସୃଷ୍ଟି କରିବା ସମ୍ଭବ ହୋଇଛି । ଏହା ସହିତ ସେହି ଗ୍ରାମ ଗୁଡିକରେ ଲୋକ କଥା, ଗଳ୍ପ , ଗୀତ, ପରିବେଶ, ସ୍ଥାନୀୟ ଇତିହାସକୁ ନେଇ ପଠନ ବହି ତିଆରି କରାଯାଏ ଯାହାକୁ ଏକାଠି ପଢିବା କାର୍ଯ୍ୟକ୍ରମରେ ସାମିଲ କରାଯାଏ । ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମରେ ପିଲାଙ୍କ ପଢାରେ ଗୋଷ୍ଠି ବା ସେହି ସମାଜର ଲୋକଙ୍କ ମନରେ ଆଗ୍ରହ ଜନ୍ମାଇବା ସହ ଏକାଠି ପଢିବା ଏବଂ ଶିଖିବା ପାଇଁ କେନ୍ଦ୍ର ସୃଷ୍ଟି କରି ସେଠାରେ କଥିତ ପରମ୍ପରାକୁ ପାଠ୍ୟ ପୁସ୍ତକ ସଙ୍ଗେ ଯୋଡାଯାଏ ।

ଏହା ବାଦ୍ ବହୁଭାଷୀ ଶିକ୍ଷା ପ୍ଲସ୍ ରେ ସରକାରୀ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଉନ୍ନତି ପାଇଁ ପିଲାର ମାତୃଭାଷାକୁ ଆଧାର କରି ସ୍କୁଲ ଭାଷାକୁ ଶକ୍ତ କରିବା ଏବଂ ମାତୃଭାଷା ସହ ସଂସ୍କୃତିକୁ ଆଧାର କରି ଭାଷା ସହିତ ଗଣିତ, ବିଜ୍ଞାନ ପରିବେଶ ବିଜ୍ଞାନର ପାଠ୍ୟକ୍ରମକୁ ଆଗେଇ ନେବ । ଗୋଷ୍ଠି ସଚେତନତା ଏବଂ ସଂଶ୍ଳେଷତାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି କାରଣ ଅନେକ କ୍ଷେତ୍ରରେ ଏହି ଆଦିବାସୀ ପିଲାମାନେ ପ୍ରଥମ ବଂଶଧର ଯେଉଁମାନେ ସ୍କୁଲ ଶିକ୍ଷା ସହ ସାମିଲ ହେଇଛନ୍ତି ।

**<u>ପରିବେଶ ସମ୍ପର୍କିତ ସର୍ବେକ୍ଷଣ</u>**

କନ୍ଧ ଏବଂ ସଉରା, ଓଡିଶାର ଏହି ଦୁଇ ଆଦିବାସୀ ଗୋଷ୍ଠି ଙ୍କ ନିତିଦିନିଆ ଅଭ୍ୟାସ ଓ ବ୍ୟବହାର୍ଯ୍ୟ ଜ୍ଞାନ ବା ପ୍ରଥାର ପରିବେଶ ସମ୍ପର୍କିତ ସର୍ବେକ୍ଷଣ ସହ ଏହି ବହୁଭାଷୀ ଶିକ୍ଷା ପ୍ଲସ୍ର ପ୍ରୟୋଗ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ଉପରେ ସ୍ୱତନ୍ତ୍ର ଭାବେ ଜୋର୍ ଦିଆଯାଏ ଯେ ସେମାନେ ନିଜେ ସ୍କୁଲରେ ଏହି ବହୁଭାଷୀ ଶିକ୍ଷାର ଅଭ୍ୟାସକୁ ଶକ୍ତ କରିବା ପାଇଁ ସ୍ଥାନୀୟ ଜ୍ଞାନର ବିନିଯୋଗ ପାଇଁ ଚେଷ୍ଟା କରିବେ । ବହୁଭାଷୀ ଶିକ୍ଷା ସହ ଜଡିତ ଗ୍ରାମ କର୍ମଚାରୀ ଏବଂ ବହୁଭାଷୀ ଶିକ୍ଷାର

ଶିକ୍ଷକମାନଙ୍କ ମଧରେ ଧାରାବାହିକ ଯୋଗାଯୋଗ ଦ୍ୱାରା ଏହାକୁ ସହଜ ଓ ସୁଗମ କରିଦିଆଯାଇଛି l କନ୍ଧ ଏବଂ ସଉରା ସମ୍ପ୍ରଦାୟର ଦୈନନ୍ଦିନ ଜୀବନରେ ବ୍ୟବହୃତ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ଅନେକ ଧାରଣାକୁ ଖୋଜି ବାହାର କରିବା ପାଇଁ ପ୍ରୟାସ ଓ କୌଶଳର ପ୍ରୟୋଗ ଚାଲିଛି l ଏହି ଧାରଣା ଗୁଡିକ ହେଲା କୋଣ, ଦୈର୍ଘ୍ୟ, ଶକ୍ତି, ଓଜନ, ଟାଣିବା, ଆକାର ଗୁଡିକ ହେଲା ଚର୍ତୁକୋଣ, ତ୍ରିଭୁଜ, ବିଷମକୋଣ ଇତ୍ୟାଦି ଏବଂ ମାପକ ଗୁଡିକ ହେଲା ଓଜନ, ଦୈର୍ଘ୍ୟ, ପରିମାଣ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ହେଲା ଲୋକକ୍ରୀଡା ହସ୍ତତନ୍ତ, କଳା କୃଷିବିଜ୍ଞାନ ଅଭ୍ୟାସ ଏବଂ ଗୃହ ନିର୍ମାଣ ଇତ୍ୟାଦି ତଥ୍ୟକୁ ସଂଗ୍ରହ ଓ ବିଶ୍ଳେଷଣ କରି ସେହି ଧାରଣା, ମତ ଓ ଭାବକୁ କ୍ରୀୟାକଳାପ ସହିତ ଏଥିରେ ସମାବିଷ୍ଟ କରାଯାଇଥାଏ lଏହି ସବୁ ଦସ୍ତାବିଜର ମହତ୍ୱ ପୂର୍ଣ୍ଣ କାର୍ଯ୍ୟ ହେଉଛି ସଉରା ଓ କନ୍ଧ ସମ୍ପ୍ରଦାୟରେ ଏହି ସବୁ ଧାରଣା ବା ତଥ୍ୟକୁ ସାମଞ୍ଜସ୍ୟ, ସ୍ଥିରତା ସାମ୍ୟାବସ୍ଥା, ମାଧାକର୍ଷଣ ଶକ୍ତି ଇତ୍ୟାଦି କ୍ଷେତ୍ରରେ କିପରି ପ୍ରୟୋଗ କରାଯିବ l ଏହି ଧାରଣାଗୁଡିକୁ ପ୍ରକାଶ କରୁଥିବା ସଠିକ ଶବ୍ଦକୁ ଭାଷାବିଜ୍ଞାନ ପ୍ରଣାଳୀରେ ଲେଖି ତାହାକୁ ସଂରକ୍ଷିତ କାରାଯାଉଛି l କାହିଁକି, ଏପରି  ଏବଂ କେଉଁ ସ୍ତରରେ ସେମାନେ ଏହି ଧାରଣା ଗୁଡିକୁ ବ୍ୟବହାର କରନ୍ତି ତାହାକୁ ବ୍ୟାଖ୍ୟା କରାଯାଇଛି lଉଗଡ ଙ୍କ ଦ୍ୱାରା ସଂଗୃହିତ କାନ୍ଥ ଛବି, ରଙ୍ଗୋଲି, ହସ୍ତକଳା ଇତ୍ୟାଦି ଯାହା ଗାଣିତିକ ଧାରଣାକୁ ଧରିରଖିଛି ଯଥା ଢାଞ୍ଚା, ଅଙ୍ଗସୌଷ୍ଠବ, କ୍ରମବୃଦ୍ଧି ଇତ୍ୟାଦି ଏବଂ ସଉରା ଓ କନ୍ଧର ବୟଜ୍ୟେଷ୍ଠମାନଙ୍କୁ ଏହି ଜ୍ଞାନର କିପରି କଳା ଓ ହସ୍ତଶିଳ୍ପ ରେ ପ୍ରୟୋଗ କରନ୍ତି ତାହା ପଚାରି ସଂଗ୍ରହ କରାଯାଇଛି l l ଗଣିତ ଏବଂ ବିଜ୍ଞାନ ଜ୍ଞାନ ଏବଂ ବୁଣାବୁଣିର ଧାରଣା କିପରି ପରସ୍ପର ସହ ଜଡିତ ତାହା ମଧ ଉଲ୍ଲେଖ କରାଯାଇଥାଏ l ବିଭିନ୍ନ ପ୍ରକାର ଦିଗ ଯଥା ଏହି କପଡାରେ କିପରି ଢ଼ାଞ୍ଚା ତିଆରି ହୋଇ ପାରିବ, ତାହାର ପ୍ରକାର ଏବଂ ଢ଼ାଞ୍ଚାକୁ ମଧ ସଂଗ୍ରହ କରାଯାଏ l କୃଷି ଉପକରଣ ତିଆରି, ଜଳସେଚନ, ଜଳସେଚନ ପାଇଁ ଜମି ପ୍ରସ୍ତୁତି, ବିହନ ବୁଣା ,କୃଷି ଜମି କିଣାବିକା ଇତ୍ୟାଦିକୁ ବାଖ୍ୟାକରି ଦର୍ଶାଏ ଯେ ଦାର୍ଘିମା, ଶକ୍ତି ମାଧାକର୍ଷଣ ଶକ୍ତି ଇତ୍ୟାଦିକୁ କନ୍ଧ ଓ ସଉରା ମାନେ କିପରି ବର୍ଣ୍ଣନା କରନ୍ତି l ଘରର ନିର୍ମାଣ ଢାଞ୍ଚା ମଧ ବାଖ୍ୟା ଯୋଗ୍ୟ l ଖେଳ ଖେଳିବା ବେଳେ ଲୋକେ କି ପ୍ରକାର ଗାଣିତିକ ଜ୍ଞାନର ବ୍ୟବହାର କରନ୍ତି ତାହାକୁ ବୁଝିବା ପାଇଁ ସେମାନଙ୍କ ସମାଜରେ ପିଲାମାନଙ୍କ ଖେଳୁଥିବା ଅବସ୍ଥାରେ ୪/୫ ଟି ଲୋକ କ୍ରୀଡାର ଭିଡିଓ ରେକର୍ଡ ଏବଂ ତାର ବାଖ୍ୟା କରାଯାଇଛି l ବୃକ୍ଷ ଉଦ୍ଭିଦ,ବିଭିନ୍ନ ଉଦ୍ଭିଦର ବୃଦ୍ଧି ପାଇଁ ମାଟିର ପ୍ରକାର, ଗଛ ଏବଂ ତାର ଔଷଧିୟ ବ୍ୟବହାର, ବିଭିନ୍ନ ପ୍ରକାର ପଶୁ, ଖାଦ୍ୟ, ପରିବେଶ ଇତ୍ୟାଦି ଆଧାରିତ କନ୍ଧ ଓ ସଉରା ମାନଙ୍କ ସ୍ୱଦେଶୀ ଜ୍ଞାନ ଓ ତାକୁ ବର୍ଗୀକରଣ କରିବାର ପ୍ରଥା ମଧ ଉଲ୍ଲେଖିତ କରାଯାଇଛି l ଭାଷାବିଜ୍ଞାନର ବିଭିନ୍ନ ଶଦ୍ଦକୁ ଦୈନନ୍ଦିନ ବାଚନିକ ମଧରେ ବିଭିନ୍ନ ପରିପେକ୍ଷୀ ଏବଂ ସାମାଜିକ ଅନୁଷ୍ଠାନ, ଆଞ୍ଚଳିକ ଭେଦରେ କିପରି ବ୍ୟବହାର କରାଯାଏ ତାହାର ବାଖ୍ୟା କରି ତାହାକୁ ମଧ ଉଲ୍ଲେଖ କରାଯାଇଛି l ଏହା ସହିତ ସେମାନଙ୍କ ସମାଜର ସାମାଜିକ, ରାଜନୈତିକ ବ୍ୟବସ୍ଥା, ମୁଖିଆ ବ୍ୟବସ୍ଥା, ଗଣତନ୍ତ୍ର ବ୍ୟବସ୍ଥା ସହ ସମ୍ପର୍କ, ସ୍ଥାନୀୟ ରାଜନୀତି, ଗ୍ରାମ ଧାରଣ ଭିତରେ ସମୟ, ଇତିହାସ, ଭୂଗୋଳ, ଅଧିକାର, କର୍ତ୍ତବ୍ୟ ଇତ୍ୟାଦି ବ୍ୟବସ୍ଥାକୁ ମଧ ବିଶ୍ଳେଷଣ କରିଯାଇ ତାକୁ ଲିଖିତ ରୂପ ଦିଆଯାଉଛି l ଏହି ସବୁ ତଥ୍ୟ ବା ନିଥିପତ୍ରକୁ ପରବର୍ତ୍ତୀ ପର୍ଯ୍ୟାୟରେ କର୍ମଶାଳା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ର ବିକାଶ ବା ସୃଷ୍ଟି କରିବା ଅବକାଶରେ ବ୍ୟବହାର କରାଯାଇଥାଏ l

**<u>ନିତିଦିନିଆ ଜୀବନରୁ ବୌଦ୍ଧିକ କଥନ ଆଡକୁ ବଢିବା</u>**

ଆଦିବାସୀ ପିଲାମାନେ ସ୍କୁଲ ଆସିଲା ବେଳକୁ ସେମାନଙ୍କ  ପରିବେଶ,ପରିବାର ,ସମ୍ପର୍କ ,ମାପ ସଂଖ୍ୟା ଇତ୍ୟାଦି ଉପରେ ଅନେକ ଜ୍ଞାନ ଆସିଯାଇଥାଏ l ଦୈନନ୍ଦିନ ଜୀବନର ନିତିଦିନିଆ ଅଭ୍ୟାସରୁ ଅନେକ ଧାରଣାର ଜ୍ଞାନ ଗଢ଼ିହୋଇ ଯାଇଥାଏ l ଉଦାହରଣ ସ୍ୱରୁପ ପରିବେଶ ସହ ଜଡିତ ତଥ୍ୟ ଦର୍ଶାଏ କିପରି ଗଣିତର ଅନେକ ଧାରଣା ସାଂସ୍କୃତିକ ଜୀବନ ସହ ଗଣିତ ଭାବେ ଜଡିତ ଯଥା ରାନ୍ଧିବା, କୃଷି, ଗୃହନିର୍ମାଣ, ଲୋକକ୍ରୀଡା, କିଣା ବିକା ଇତ୍ୟାଦି l ପିଲାମାନଙ୍କର ଏହି ସବୁ ଗାଣିତିକ ଧାରଣା ଓ ଭାବନା ଉପରେ ଜ୍ଞାନ ଆସିଯାଇଥାଏ l ତେଣୁକରି ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପିଲାର ଏହି ଦୈନନ୍ଦିନ ଜୀବନରେ ବ୍ୟବହୃତ ଜ୍ଞାନ ସହ ସ୍କୁଲ ଶିକ୍ଷାଗତ ଜ୍ଞାନର ସମ୍ପର୍କ ଗଢାଇବ l ଯାହା ଫଳରେ ପିଲା ସହଜରେ ବିଭିନ୍ନ ବିଷୟ ଓ ଧାରଣାକୁ ବୁଝି ତାହାକୁ ବୌଜ୍ଞାନିକ ସ୍ତର ଧାରଣାକୁ ବୁଝିବାରେ ସକ୍ଷମ ହୋଇଥାଏ l ଏହି କ୍ଷେତ୍ରରେ ଦୈନନ୍ଦିନ ଜୀବନରେ ବ୍ୟବହୃତ ଧାରଣା ଗୁଡିକ ବୌଜ୍ଞାନିକ ଧାରଣାକୁ ପ୍ରସାରିତ ହୋଇଥାଏ ଏବଂ ସେମାନେ ଅଧିକ ଆନୁଷ୍ଠାନିକ ଧାରଣାକୁ ସାଧାରଣ ସିଦ୍ଧାନ୍ତ କରି ତାହାକୁ ସ୍କୁଲ ପାଠ୍ୟ ସହ ସଂଯୁକ୍ତ କରିଥାନ୍ତି l ଏହା କେବଳ ସମ୍ଭବ ହୋଇଥାଏ ଯଦି ପିଲାର ଜ୍ଞାନ, ବିଶ୍ୱାସ ଏବଂ ମୂଲ୍ୟକୁ ଅନୁଷ୍ଠନିକ ବୈଜ୍ଞାନିକ ଜ୍ଞାନ କୌଶଳର ବିକାଶ ଆଧାର ଭାବେ ବ୍ୟବହୃତ ହୁଏ l ବୈଜ୍ଞାନିକ ଧାରଣା ଓ ସ୍ୱତଃସ୍ଫୁତଃ ଧାରଣା ଘନିଷ୍ଠ ଭାବେ ଜଡିତ ବା ଯେଉଁଠି ସ୍ୱତଃସ୍ଫୁତଃ ଧାରଣା ଗୁଡିକ ବୌଜ୍ଞାନିକ ଧାରଣା ସହ ଜୋଡାହୋଇ ଆଗକୁ ବିକଶିତ ହୋଇଥାଏ l

ବର୍ତ୍ତମାନ କାର୍ଯ୍ୟକ୍ରମ ରେ ପିଲା ଲୋକ ଖେଳ ଖେଳିବା ବେଳେ ହାତରେ ତାର ଅନେକ ଗାଣିତିକ ପଦ୍ଧତିର ପ୍ରୟୋଗ କରେ   ଅର୍ଥାତ୍ ଖେଳରେ ବ୍ୟବହୃତ ଅନେକ ଗାଣିତିକ ଧାରଣାର ପ୍ରୟୋଗ କରେ l ଏହି ଜ୍ଞାନକୁ କିଣା ଏବଂ ବିକା

କାର୍ଯ୍ୟକଳାପରେ ମଧ ବ୍ୟବହାର କରାଯାଏ କିମ୍ବା ମୁଦ୍ରା ବିନିମୟ ସମୟରେ ଏହାର ସମତୁଲ କରିବାରେ ଜିନିଷର ମୂଲ୍ୟ ନିରୁପଣ କରିବାରେ ଏବଂ ସେମାନଙ୍କର ସଉରା ଓ କନ୍ଧ ର ସଂଖ୍ୟା ପଦ୍ଧତିକୁ ବ୍ୟବହାର କରି ଟଙ୍କାର ବ୍ୟବହାର କଲାବେଳେ ଏହିସବୁ ଗାଣିତିକ ଧାରଣାର ବହୁଳ ବ୍ୟବହାର ହୋଇଥାଏ । ଥରେ ସେମାନେ ଏହାର ବ୍ୟବହାର କଲାପରେ ସେମାନଙ୍କୁ ଗଣିତର ଆଧାରରେ କିଛି ପ୍ରଶ୍ନ ପଚରାଯାଏ କିମ୍ବା ତାହାର ବ୍ୟବହାରକୁ ନେଇ କିଛି ଗାଣିତିକ ଶବ୍ଦ ବିଷୟରେ ପଚରାଯାଏ। ଏଠାରେ ଶିକ୍ଷକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁକରି ଲୋକ ଜୀବନକୁ ଆଧାର କରି ଯେତେବେଳେ ଗାଣିତିକ କାର୍ଯ୍ୟକଳାପର ବିକାଶ କରାଯାଏ ସେଠାରେ ଶିକ୍ଷକ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଲୋଚନା ଗୁଡିକ ଏହି ଧରଣର ହୋଇଥାଏ ଯେ ପିଲା ଦୈନଦିନ ଜୀବନର ବ୍ୟବହାରରୁ ସ୍ଥୁଲ ଉପଯୋଗି ଗାଣିତିକ ଧାରରାକୁ ଶିଖିବାରେ ସକ୍ଷମ ହୋଇଥାଏ । ଧାରଣା (୧୯୯୦) ପିଲାଙ୍କ ନିତିଦିନିଆ ବ୍ୟବହାର୍ଯ୍ୟ ଧାରଣା ଯଥା ପରିମାଣ , ମାନ, ଅଧିକ, କମ୍ ଇତ୍ୟାଦିର ବ୍ୟବହାର ରୁ ଆନୁଷ୍ଠାନିକ ଗଣିତିକ ପ୍ରତୀକ ଯଥା ସମାନ(=),ଯୋଡିବା (+) ଫେଡିବା (-) ଇତ୍ୟାଦିକୁ ଶିଖି ପାରେ । ଅନେକ ଲୋକ କ୍ରୀଡାର ବ୍ୟବହାର କରାଯାଇ ଅସମାନ ଭାଗ କରାଯାଇ ତାକୁ ସମାନ କରିବାର ପ୍ରୟାସ କରିବା ଭୁଲ କରି ତାକୁ ଠିକ୍ କରିବାର ପ୍ରୟାସ ଭିତରେ ସେ ଅନେକ କିଛି ଶିଖି ଯାଇଥାଏ । ଯେତେବେଳେ ପିଲା ସେହି ଜିନିଷକୁ ପୁଣିଥରେ ବାଣ୍ଟେ , ସେତେବେଳେ ସେହି ବାଣ୍ଟିବା ପ୍ରକ୍ରୀୟା ବିଷୟରେ ପଚରାଯାଏ। ଏଠାରେ ପିଲା ପ୍ରାୟତ ଏଭଳି ଶବ୍ଦ ବ୍ୟବହାର କରେ ଯଥା 'ମୁଁ ଏତିକି ରାମଠୁ ଫେରାଇ ନେଲି' ଏତିକି ଶ୍ୟାମକୁ ଦେଲି । ମୁଁ ଦେଖିବି ଯେମିତି ସମସ୍ତେ ସମାନ ପାଇବେ ଇତ୍ୟାଦି ।ଏହି ବାଖ୍ୟା ଗୁଡିକୁ ପରେ ବିଭିନ୍ନ ପ୍ରତୀକରେ ପରିବର୍ତ୍ତନ କରାଯାଏ ଏବଂ ପରେ ଏହି ପ୍ରକାର ବ୍ୟାଖ୍ୟାକୁ ପ୍ରସୟ ନ ଦେଇ ଗଣିତ ପଢାରେ କେବଳ ଗାଣିତିକ ପ୍ରତୀକ ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଏ। ପ୍ରତିଟି ପାଇଁ ସେମାନଙ୍କୁ ଏକ ନିର୍ଦ୍ଧିଷ୍ଟ ପ୍ରତିକ ଦିଆଯାଇଥାଏ । ଲୋକ କ୍ରୀଡା,ଗଳ୍ପ, ଅନ୍ୟାନ୍ୟ ଖେଳ ମାଧମରେ ଗାଣିତିକ ସଂଙ୍କେତର ଯଥେଷ୍ଟ ବ୍ୟବହାର ପରେ ପିଲା ଧିରେ ଧିରେ ଗଣିତ ପାଠ ସହ ଜଡିତ ସଂଖ୍ୟା, ସଂଙ୍କେତ, ଆନୁଷ୍ଠାନିକ ବ୍ୟବହାର ଶିଖିଯାଏ।

ରାଜ୍ୟର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ସଉରା ପିଲାମାଙ୍କୁ ପ୍ରଥମେ କୋଡିଏ ପର୍ଯ୍ୟନ୍ତ ସଉରା ଗଣନ ପଦ୍ଧତି ଦ୍ୱାରା ଗଣିବାକୁ ଦିଆଯାଏ ଏବଂ ପରେ ପ୍ରଥମ ଶ୍ରେଣୀରେ ୩୦ ପର୍ଯ୍ୟନ୍ତ ଗଣନା କରିବାକୁ କୁହାଯାଏ। ପାଠ୍ୟ ପୁସ୍ତକରେ ସଂଖ୍ୟା ୧୦ କୁ ଆଧାର କରି ଏବଂ ଏହି ଧାରଣା କୁ ସ୍ୱଷ୍ଟ କରିବା ପାଇଁ ଦଶଟି କାଠିକୁ ଏକାଠି ବନ୍ଧାଯାଇ ବ୍ୟବହାର କରାଯାଏ ଏବଂ ସଂଖ୍ୟା ୧୧ କୁ ଦର୍ଶାଇବା ପାଇଁ ୧୦ ଗୁଛ ସହ ଗୋଟିଏ ଅଲଗା କାଠିକୁ ସେଠି ରଖି ତାର ଗଣନ କରାଯାଏ ଏବଂ ସେହି ପରି ୧୯ ସଂଖ୍ୟା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଖୋଲା କାଠିକୁ ୧୦ଟି ଗୁଛ କାଠି ସହ ଦର୍ଶାଯାଏ ଏବଂ ୨୦ ପାଇଁ ଦୁଇଟି ୧୦ ଟିକିଆ ଗୁଛ କାଠିର ଚିତ୍ର ସେମାନଙ୍କୁ ଦେଖାଇ ଦିଆଯାଏ।

ଯଦି ଜଣେ ଧ୍ୟାନର ସହ ଏହି ସଉାରା ସଂଖ୍ୟା ଗଣନ ପଦ୍ଧତିକୁ ଦେଖେ ତେବେ ଜଣେ ଦୁଇଟି ଆଧାର /ମୂଳ ଦେଖିବାକୁ ପାଏ ୧୨ ଏବଂ ୨୦। ସଉରା ଗଣନ ପଦ୍ଧତି ଅରିବା(୦), ଆବେ(୧), ବାଗୁ(୨)ୟାଗି(୩), ଉନ୍‌ଜି(୪), ମନ୍‌ଲାଇ(୫), ତୁରୁ(୬), ଗୁଲ୍‌ଜି(୭), ତାନ୍‌ଜି(୮), ତିନ୍‌ଜି(୯), ଗାଲ୍‌ଜି(୧୦), ଗାଲମୁଆଇ(୧୧), ମିଗାଲ୍(୧୨), ୧୩ ଏବଂ ୧୯ ସଂଖ୍ୟାକୁ ଆଧାର ସଂଖ୍ୟା ମିଗାଲ୍(୧୨)କୁ ଯୋଡି ସୃଷ୍ଟି କରାଯାଇଛି । ତେଣୁ ୧୩କୁ ମିଗାଲବାଇ(୧୩) (ମାଗାଲ୍(୧୨)+ଅବାଲ(୧)), ସେହିପରି ୧୪କୁ ୧୨ ସହ ୨କୁ ଯୋଡି କାରାଯାଇଛି ଯଥା ମିଗାଲବାଗୁ (ମାଗାଲ୍(୧୨)+ବାଗୁ(୨)) ଏବଂ ସେହି ପରି ୧୯ ପର୍ଯ୍ୟନ୍ତ ଯଥା ମିଗାଲ୍ ଗୁଲଜ(ମିଗାଲ୍୧୨)+ମୁଲଜ୍(୭)। ସେମାନେ କୁଡ଼ି(୨୦) କୁ ଆଧାର କରି ପରେ ୩୯ ପର୍ଯ୍ୟନ୍ତ ଗଣନା କରନ୍ତି। ଏହି ଅତ୍ୟନ୍ତ ସାମାନ୍ୟ କଥା ଯେ ଯଦି ଜଣେ ସଂଖ୍ୟା ଗଣନା ପାଇଁ ସଉରା ସଂଖ୍ୟା ପଦ୍ଧତିକୁ ବ୍ୟବହାର କରେ ଏବଂ ପରିମାଣ ଓ ସଂଖ୍ୟା ଭିତର ସଂପର୍କକୁ ବୁଝାଇବ, ତେବେ ୧୦ କୁ ଆଧାର ସଂଖ୍ୟା କରି ବ୍ୟବହାର କରିବା ସଠିକ୍ ହେବ ନାହିଁ। ସଉରା ପିଲାମାନଙ୍କୁ ୧୩ ରୁ ୧୯ ପର୍ଯ୍ୟନ୍ତ ସଂଖ୍ୟାକୁ ୧୨ ଯୁକ୍ତ ୧ ଏବଂ ୧୨ ଯୁକ୍ତ ୨ ଭାବରେ ଯଦି ଗଣି ଦିଆଯାଏ ତେବେ ୨୦ ହେଉଛି ଆଧାର ସଂଖ୍ୟା ଯାହାକୁ ଆଧାର କରି ୨୧ ରୁ ୩୬ ପର୍ଯ୍ୟନ୍ତ ସଂଖ୍ୟା ଗଢ଼ାଯାଇପାରିବ। ଥରେ ସେମାନେ ଆଧାର/ମୂଳ ସଂଖ୍ୟାର ଧାରଣା ପାଇଗଲେ ସେମାନଙ୍କୁ ଓଡିଆ ସଂଖ୍ୟା ପଦ୍ଧତି ସହ ପରିଚୟ କରାଯିବ। ଯଦି ସେମାନେ ୧୦ ରୁ ବର୍ଦ୍ଧ ସଂଖ୍ୟାକୁ ଭାଙ୍ଗନ୍ତି ଏବଂ ତାହାକୁ ସଉରା ସଂଖ୍ୟା ପଦ୍ଧତି ସହ ତୁଳନା କରନ୍ତି ତେବେ ସେମାନେ ଗଣିତର 'ମୂଳ ଆଧାର' ସଂଖ୍ୟାର ଧାରଣାକୁ ବୁଝି ପାରିବେ। ଉଗଡ ସଦସ୍ୟ ମାନଙ୍କ ଚେଷ୍ଟା ହେଲା, ପିଲାମାନେ ନିଜ ଭାଷାର ସଂଖ୍ୟା ପଦ୍ଧତିକୁ ଜାଣନ୍ତୁ ଏବଂ ଉଚ୍ଚ ସଂଖ୍ୟା ସୃଷ୍ଟି ପାଇଁ ୧୨ ଏବଂ ୨୦କୁ ମୂଳ ଆଧାର ସଂଖ୍ୟା ଭାବରେ ବିବେଚନା କରନ୍ତୁ ଏବଂ ଜାଣନ୍ତୁ ଅନ୍ୟ ସଂଖ୍ୟା ପଦ୍ଧତି ଓଡ଼ିଆ ସହିତ ଅନ୍ୟାନ୍ୟ ସମସ୍ତ ଭାଷାର ସଂଖ୍ୟା ଗଣନା ପଦ୍ଧତିର ମୂଳ ଆଧାର ରହିଛି ଯଦିଓ ସେଗୁଡିକ ପରସ୍ପର ଠାରୁ ଭିନ୍ନ। ଏଠାରେ ଉଲ୍ଲେଖ କରିବା ଜରୁରୀ ଯେ ଓଡ଼ିଶାର ପ୍ରଶିକ୍ଷକ ଏବଂ ଶିକ୍ଷକ ତାଲିମ ଦାତା ସାଧାରଣତଃ ଅଭିଯୋଗ କରିଥାନ୍ତି ଯେ ଆଦିବାସୀ ସମ୍ପ୍ରଦାୟର ୧୦କୁ ଆଧାର କରି ସଂଖ୍ୟ ଗଣନା କରିବାର ସାମର୍ଥ୍ୟର ଅଭାବ ଅଛି ଏବଂ ସେମାନଙ୍କର ଲୋକ ବା ମୌଖିକ ପରମ୍ପରା ଉପରେ ସମସ୍ତ ଦୋଷ ଲଦି ଦିଅନ୍ତି ଏବଂ

ଅଭିବାବଙ୍କ ଶିକ୍ଷାର ଅଭାବକୁ ମଧ ଦୋଷ ଦେଇଥାନ୍ତି । ଆମର ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମର ପ୍ରୟୋଗ ଦର୍ଶାଏ ଯେ ଏହି ସମସ୍ୟା ସମାଧାନ ପାଇଁ ବୈଜ୍ଞାନିକ ପ୍ରଣାଳିର ଧାରଣାକୁ ବୁଝିବାକୁ ହେଲେ ପିଲାର ନିଜ ଭାଷାରେ ଥିବା ଧାରଣା ବା ଜ୍ଞାନକୁ ବୁଝିବାକୁ ହେବ । ସ୍କୁଲର ଗଣିତ ଓ ବିଜ୍ଞାନ ଧାରଣାକୁ ନେଇ ସୃଷ୍ଟି ଅନେକ ସମସ୍ୟା ଭିତରୁ ସଂଖ୍ୟା ଗଣନାର ମୂଳ ଆଧାର ଗୋଟିଏ ସମସ୍ୟା ଯାହା ପିଲାର ଦୈନନ୍ଦିନ ବ୍ୟବହୃତ ଧାରଣା ସହ ଜଡିତ । ବିଭିନ୍ନ କାର୍ଯ୍ୟକଳାପ ବା ଅଭ୍ୟାସ ମାଧମରେ ପିଲା ଏହି ସମସ୍ୟାରୁ ବାହାରି ପାରିବ ।

ସଉରା ମାନଙ୍କର ଲିଖନ ପଦ୍ଧତି ନାହିଁ । ସଂଖ୍ୟାଗୁଡିକ ହେଉଛି ଶବ୍ଦ । ତେଣୁ ସଉରାର ସମସ୍ତ ଗଣନା ମୌଖିକ ଭାବରେ ହୋଇଥାଏ ।ଦୈନିକ ଏବଂ ବୈଜ୍ଞାନିକ ଧାରଣାକୁ ଏକାଠି କରିବା ଦ୍ୱାରା ସ୍ୱତନ୍ତ୍ର ଜ୍ଞାନ ପରିସରକୁ ବିକାଶ କରିବା ସମ୍ଭବ । ଏକାଠି କରିବାର ପ୍ରକ୍ରୀୟା ଭିନ୍ନ ଭାବରେ ହୋଇଥାଏ ଯଥା ଜଡିତ କରିବା ଓ ସ୍ଥାନ ଗ୍ରହଣ କରିବା । ସ୍ଥାନ ପୂରଣ ଆକୃତି ସେହି ପ୍ରକିୟାକୁ ଦର୍ଶାଏ ଯାହା ଦ୍ୱାରା ଦୈନିକ ବୁଝାମଣା ଶିକ୍ଷା ସମ୍ବନ୍ଧୀୟ ବୁଝାମଣାରେ ପରିବର୍ତ୍ତିତ କରିବ ଏବଂ ଜଡିତ କରିବା ପ୍ରକ୍ରିୟା ଦ୍ୱାରା ଶ୍ରେଣୀ କକ୍ଷଧାରଣା ଓ ଦୈନନ୍ଦିନ ଜୀବନର ଧାରଣା ଭିତର କଥପୋକଥନକୁ ଦୃଷ୍ଟିରେ ରଖିବା । ଅଧିକ ସ୍ଥାନପୂରଣ ଯୋଗୁଁ ଛାତ୍ରର ସାମାଜ ଦ୍ୱାରା ଗଢ଼ା ଅଭ୍ୟାସ କାର୍ଯ୍ୟକଳାପର ମାତ୍ରା କମିଯାଏ । ଏହା ଛାତ୍ରର ସୃଜନଶୀଳତାକୁ ପ୍ରଭାବିତ କରିଥାଏ । ସେହିପରି 'ଜଡିତ କରିବା' କୁ ଅଧିକ ଧାନ କରିବା ଫଳରେ ଦୈନଦିନ କଥନ ଅଧିକ ଦିନ ବ୍ୟବହୃତ ହୁଏ । କୌଣସି କୌଣସି ସମୟରେ ପିଲାର ଜିଜ୍ଞାସ କମ୍ ହୋଇଯାଏ, ଗାଣିତିକ ଉପାଦାନ ଏବଂ ସ୍ୱଷ୍ଟତାର ଅଭାବ ଯୋଗୁଁ, ତେଣୁ କରି ଉଭୟ 'ସ୍ଥାନ ପୂରଣ' ଏବଂ 'ଜଡିତ କରିବା' ଦୁଇଟି ନିହାତି ଆବଶ୍ୟକୀୟ ଉପାଦାନ ଭାବେ ଶ୍ରେଣୀକକ୍ଷ ଅଭ୍ୟାସ ପାଇଁ ଆବଶ୍ୟକ । ଆରମ୍ଭରୁ ଜଡିତ କରିବା ଗୋଟିଏ ବଳିଷ୍ଠ ମାଧମ ହୋଇ ରହିଛି । ଥରେ ଯଦି ପିଲା ତାତ୍ତ୍ୱିକ ଧାରଣାକୁ ଜାଣିଯାଏ ତେବେ ନିତିଦିନିଆ କଥନକୁ ସ୍କୁଲ ଶିକ୍ଷା ପରିସରକୁ ପ୍ରସାରିତ କରାଯାଇ ପାରିବ ।

ଏହି ଅଧ୍ୟୟନରେ ଗୋଟିଏ ଲୋକ କ୍ରୀଡା, ଆଚୁଲିକୁ ସଉରା ପିଲାମାନଙ୍କୁ ସମ୍ଭାବନା ପଢ଼ାଇବା ପାଇଁ ସପ୍ତମ ଶ୍ରେଣୀରେ ବ୍ୟବହାର ହୋଇଥିଲା । ପୂର୍ବରୁ ଯେତେବେଳେ ପିଲାମାନଙ୍କ ଦ୍ୱାରା କଳା ପଟାରେ ଖେଳା ଯାଉଥିଲା । (ମାଟିର ଛବି ଆଙ୍କି) ସେଥିରେ ଚାରୋଟି ତେନ୍ତୁଳି ମଞ୍ଜକୁ ପଏଣ୍ଟ ପାଇବାର ମାଧମ କରିପାରେ, ଫଳରେ ଖେଳାଳି କାଉଣ୍ଟରରୁ ବୋର୍ଡରେହିଁ ଚାଲ୍ ଚାଲୁଥିଲା ଏଥିରେ ଶବ୍ଦ ଯଥା ସମ୍ଭବ, ସମ୍ଭବପର, ଉଚିତ୍, ପାର୍, ଇତ୍ୟାଦି ବ୍ୟବହାର ହେଉଥିଲା । ସୁଯୋଗ, ମତର ପ୍ରଭାବ, ସମ୍ପର୍କୀୟ ମୂଲ୍ୟ ଇତ୍ୟାଦି ସ୍ୱତଃ ସ୍ୱତଃ ଧରଣା । କାରଣ ଏଗୁଡିକ ଖୁବ୍ ସହଜରେ ଦୈନନ୍ଦିନ ଜୀବନର ପିଲା ବାଖ୍ୟା କରିଥାଏ । ଯେତେବେଳେ ପିଲା ଏହି ଶବ୍ଦକୁ ବ୍ୟବହାର କରି ଖେଳକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରେ ଏବଂ ସେହି ସମୟର ସମ୍ଭାବନାକୁ ଦର୍ଶାଏ, ଗୋଟିଏ ଦିଗରେ ଶିକ୍ଷକ ଅନୁଭବ କରେ ଯେ ପ୍ରକୃତରେ ପିଲା ଏହି ସମ୍ଭାବନାର ତାତ୍ତ୍ୱିକ ଦିଗକୁ ସମାନ ସୁଯୋଗ ନାମରେ ଗ୍ରହଣ କରିନେଇଥାଏ । ଏକ ଦିଗରେ, ଶିକ୍ଷକ ଏହି ଦୈନନ୍ଦିନ ଜୀବନର ଉଦାହରଣକୁ ଆଧାର କରି ସ୍ଥିର କରେ ଯେ ପିଲାକୁ ସମ୍ଭାବନାର ତାତ୍ତ୍ୱିକ ଦିଗ ପ୍ରତି କିପରି ଧାନ ଆକର୍ଷଣ କରାଯିବ । ସେ ପିଲାଙ୍କ ସହ ଆଲୋଚନା କରିଥାଏ ପ୍ରକୃତ ସମ୍ଭାବନା ଓ ତାତ୍ୱିକ ସମ୍ଭାବନାର ଧାରଣା ବିଷୟରେ ଏବଂ ଏହି କ୍ଷେତ୍ରରେ ସେ ଲୋକ କ୍ରୀଡା ଆପୁଜକୁ ଉଦାହରଣ ଦେଇଥାଏ । ଯେତେବେଳେ ପିଲା ପ୍ରକୃତ ଜୀବନର ଘଟଣାରୁ  ନିଜକୁ ମୁକ୍ତ କରି ସଠିକ୍ ତାତ୍ତ୍ୱିକ ସମ୍ଭାବନାକୁ ଗ୍ରହଣ କରିଥାଏ, ସେତେବେଳେ ତାକୁ ଆହୁରି ଅନେକ ପ୍ରଶ୍ନ ଦିଆଯାଏ, ଯାହା ଫଳରେ ସେମାନେ ଅଧିକ କଥିତ ଭାଷା ସମ୍ବନ୍ଧୀୟ ଗାଣିତିକ ବଚନ ଆଡକୁ ଆଗ୍ରହ ହୋଇଥାଏ । ଏହି ସ୍ତରରେ 'ଜଡିତ କରିବା' କୁ 'ସ୍ଥାନପୂରଣ' ଦ୍ୱରା ପରିବର୍ତ୍ତନ କରାଯାଇ 'ସମ୍ଭାବନା' କୁ ପଢ଼ାଇବା ପାଇଁ ଏହି ବାଚନିକ ପନ୍ଥାକୁ ଅବଲମ୍ବନ କରାଯାଏ । ଏହି 'ଜଡିତ କରିବା' ପ୍ରଣାଳୀ ଗଣିତର ଅନ୍ୟାନ୍ୟ ଦିଗକୁ ପଢ଼ଇବାରେ ମଧ ବ୍ୟବହାର କରାଯାଏ ଏବଂ ପିଲା ମଧ କହେ ଯିଏ ସମ୍ଭବାବନାର ତାତ୍ତ୍ୱିକ ଦିଗକୁ ବୁଝିବାରେ ବିଳମ୍ବ କରିଥାଏ । ତେଣୁ କରି ଆମେ 'ସ୍ଥାନପୂରଣ' ଏବଂ 'ଜଡିତ କରିବା' ଇତ୍ୟାଦି ବାଚନିକ ପ୍ରକାରକୁ ଅନ୍ୟ ଏମ ମାଧମ 'ପ୍ରାରମ୍ଭିକ-ଉତ୍ତର-ମୂଲ୍ୟାଙ୍କନ ଆକୃତିକୁ ବ୍ୟବହାର କରିବାକୁ ସ୍ଥିର କରିଛନ୍ତି ଯାହା ଶ୍ରେଣୀ କକ୍ଷ ଆଲୋଚନାରେ ଅନୁପ୍ରବେଶ କରେ ଏବଂ ସୂଚନା ହାସଲ କରିବାର ପ୍ରାଥମିକ ପର୍ଯ୍ୟାୟ । 'ଜଡିତ କରିବା' ଏବଂ 'ସ୍ଥାନ ପୂରଣ' ର ଗୋଟିଏ ପାଇଁ ଅନ୍ୟଟିର ବିପରିତ ବ୍ୟବହାର ବହୁଭାଷୀ ଶିକ୍ଷାର ଗଣିତ ଶ୍ରେଣୀର ଶିକ୍ଷକକୁ ସହାଯ୍ୟକରେ ବୁଝିବାକୁ ଯେ କିପରି ଦୈନନ୍ଦିନ ଜୀବନର କଥା ଏବଂ ବୈଜ୍ଞାନିକ ଧାରଣା ଶ୍ରେଣୀ କକ୍ଷର ବାର୍ତ୍ତାଳାପକୁ ଜୋଡିଥାଏ ଯାହା ଆଦିବାସୀ ପିଲାର ବୁଝିବା ଶକ୍ତି ଓ ଜ୍ଞାନକୁ ବୃଦ୍ଧି କରିଥାଏ । ତେଣୁ ନିଃସନ୍ଦେହରେ ଏହା ଏକ ଭିନ୍ନ ପ୍ରକାର ଶିକ୍ଷକ ପ୍ରସ୍ତୁତି ଆବଶ୍ୟକ କରେ ।

## ଗୋଷ୍ଠୀର ବହୁଭାଷୀ ଶିକ୍ଷା କର୍ମଚାରୀ: ସଂସ୍କୃତି ଓ ସ୍କୁଲ ମଧରେ ସମ୍ପର୍କ

ଯଦିଓ ପଢ଼ିବା-ଶିଖିବା କାର୍ଯ୍ୟକଳାପ ଗୋଷ୍ଠୀ ବା ଭାଷା ସମ୍ପ୍ରଦାୟରୁ ଅଣାଯାଇଛି ଏବଂ ରାଜ୍ୟର ବହୁଭାଷୀ ଶିକ୍ଷାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି, ତଥାପି ଶ୍ରେଣୀ କକ୍ଷର ଅଭ୍ୟାସ ଓ ଗୋଷ୍ଠୀ ଭିତର ଅଭ୍ୟାସ ଭିତରେ ସମ୍ପର୍କ

ସୀମିତ ହୋଇ ରହିଛି, ପୂର୍ବରୁ ଦର୍ଶାଯାଇଥିବା ପରି ସାଂସ୍କୃତିକ ଉପକରଣର ବ୍ୟବହାର ସ୍ୱଷରଙ୍କର ଙ୍ଗରଭ ର ଢ଼ାଞ୍ଚା ଭିତରେ କରାଯାଇଛି । କିନ୍ତୁ ସରକାରଙ୍କ ଅଧିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଶିକ୍ଷକ ମାନେ ଏହାକୁ ଶ୍ରେଣୀ କକ୍ଷ ଭିତରେ ସୀମିତ ରଖିଛନ୍ତି ତେଣୁ ଏହା ଛାତ୍ର କୈନ୍ଦ୍ରିକ କିମ୍ବା ଆନନ୍ଦ ଦାୟକ ହୋଇପାରୁ ନାହିଁ । ବହୁଭାଷୀ ଶିକ୍ଷା ପ୍ଲସ କାର୍ଯ୍ୟକ୍ରମରେ ଏହି ଢ଼ାଞ୍ଚାର ପରିବର୍ତ୍ତନ କରି ସ୍କୁଲ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ସ୍ଥାପନ କରି ଉଭୟଙ୍କୁ ସଶକ୍ତ କରିବା ଚେଷ୍ଟା କରୁଛି । ଗୋଟିଏ ବିକାଶ ଅନ୍ୟ ସହ ଗଭୀର ଭାବେ ଜଡିତ ରହିଛି । ଉଗଡ ମାନେ ସଦାବେଳେ ଛାତ୍ରଙ୍କ ପିତାମାତା ସହ ଭେଟନ୍ତି, ଗୋଷ୍ଠୀର ପୁସ୍ତକାଗାର ବିକାଶ ଗାଁ ମୁଖିଆଙ୍କ ଦ୍ୱାରା ହୋଇଥାଏ ଏବଂ ଏହି କାର୍ଯ୍ୟକ୍ରମରେ ରହିଛି ଉଭୟ ସ୍କୁଲ ଓ ଗୋଷ୍ଠୀ ଗ୍ରନ୍ଥାଗାରରେ ବିଭିନ୍ନ ବହି ଯଥା ଗଳ୍ପ, ଗୀତ, କବିତା, ରହସ୍ୟକଥା, ଲେଖା ସଂଗ୍ରହ, ଚିତ୍ର ସଂଗ୍ରହ ଇତ୍ୟାଦିର ଦାୟିତ୍ୱ ସ୍କୁଲ ପିଲା ଓ ମୁଖିଆଙ୍କ ଦାୟିତ୍ୱରେ ବିକଶିତ ହୋଇଥାଏ । ବାସ୍ତବରେ ସ୍କୁଲ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କର ସେତୁ ସ୍ଥାପନର ପ୍ରଥମ ପ୍ରୟାସ ହେଉଛି ମାନବ ପରିବେଶ ସର୍ବେକ୍ଷଣ । ବହୁଭାଷୀ ଶିକ୍ଷା ପ୍ଲସ କାର୍ଯ୍ୟକ୍ରମରେ ମାନବ ପରିବେଶ ସଂର୍ବେକ୍ଷଣ ଦୁଇ ସମସ୍ୟାର ସମାଧାନ ରହିଛି (୧) ସାଂସ୍କୃତିକ ଓ ବୈଜ୍ଞାନିକ ଜୀବନରେ ବ୍ୟବହାର୍ଯ୍ୟ ପ୍ରଥା କିମ୍ବା ପରଂପରା ସହ ଜଡିତ ଜ୍ଞାନ ଓ ସୂଚନାକୁ ଏକାଠି ସଂଗ୍ରହ କରି ତାର ସ୍କୁଲ ଶିକ୍ଷାରେ ପ୍ରୟାଗ କରିବା (୨)ଉଗଡ ସଦସ୍ୟମାନଙ୍କୁ ନିତିଦିନସଆ କାର୍ଯ୍ୟକଳାପ ବା ଅଭ୍ୟାସକୁ ତଦାରଖି କରିବା ସହ ପିଲାମାନଙ୍କ ଶିଖିବା ଦିଗଟିକୁ ନଜରରେ ରଖି ଏଥିପାଇଁ ସାଂସ୍କୃତିକ ଉପକରଣର ବ୍ୟବହାର କରାଯାଇଛି । ଏସବୁ ବୁଝିବା ପାଇଁ ସେମାନଙ୍କୁ ତାଲିମ୍ ଦେବା ।

ପ୍ରତିମାସରେ ତିନିଦିନିଆ କର୍ମଶାଳା ମାଧମରେ ଉଗଡ ମାନଙ୍କ ଭେଟ ହୋଇଥାଏ ଯେଉଁଠି କେବଳ ବହୁଭାଷୀ ଶିକ୍ଷା ସହ ଜଡିତ ସମସ୍ୟା ବିଷୟରେ ଆଲୋଚନା ହୁଏ ନାହିଁ ବରଂ ମାନବ ପରିବେଶ ସର୍ବେକ୍ଷଣ ଦ୍ୱାରା ପ୍ରସ୍ତୁତ ପାଖ ଉପକରଣ ପଢ଼ା-ଲେଖା କାର୍ଯ୍ୟଭିତରେ ଠିକ୍‌ରେ ବ୍ୟବହାର ହୋଇ ପାରୁଛି କି ନାହିଁ ତାହା ଉପରେ ଆଲୋଚନା କରିବା । ଏହି କର୍ମଶାଳାରେ ରାଜ୍ୟ ଯୋଜନା ସଂଚାଳକ, ବହୁଭାଷୀ ଶିକ୍ଷା ପ୍ଲସ୍‌ର ଶିକ୍ଷକ, ଭାଷା ଗୋଷ୍ଠୀର ସଂଯୋଜକ ସମସ୍ତେ ଏକାଠି ବିଭିନ୍ନ ପ୍ରଶିକ୍ଷଣ, ସମସ୍ୟା ଏବଂ ଉପକରଣ ଆଧାରିତ ସମସ୍ୟା ବିଷୟରେ ଆଲୋଚନା କରନ୍ତି । ଶ୍ରେଣୀ କକ୍ଷର ନିୟମିତ କାର୍ଯ୍ୟଧାରାକୁ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ରାଜ୍ୟସ୍ତରୀୟ ପ୍ରକଳ୍ପର କର୍ମକର୍ତ୍ତା ଯଥା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲା ସ୍ତରୀୟ ଭାଷା ଗୋଷ୍ଠୀର ସଂଯୋଜକଙ୍କ ସାହାଯ୍ୟରେ ତଦାରଖ କରନ୍ତି ଏବଂ ସେମାନଙ୍କ ସାହାଯ୍ୟରେ ନିର୍ଦ୍ଦିଷ୍ଟ ସମସ୍ୟାକୁ ଖୋଜି, ମାସିକିଆ ମିଟିଙ୍ଗ୍‌ରେ ଏବଂ କର୍ମଶାଳାରେ ତାକୁ ରଖି ତାର ସମାଧାନର ରାସ୍ତା କୋଜାଯାଏ । ପ୍ରତିମାସର ଗୋଟିଏ ଦିନ ବାଦ୍ୟ କରାଯାଏ ପରସ୍ପର ସମସ୍ୟାକୁ ବାଣ୍ଟିବା ପାଇଁ ଯେମିତି କେତେ ଭଲ ଭାବେ ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମର କର୍ମକର୍ତ୍ତାମାନେ ପିଲାର ଉନ୍ନତି ଉପରେ ନଜର ରଖୁଛନ୍ତି, ପ୍ରତ୍ୟେକ ପିଲାର ପଢ଼ା ପାଇଁ ସେମାନେ କିପରି ସାହାଯ୍ୟ କରୁଛନ୍ତି, ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ପରିବର୍ତ୍ତନ ଏବଂ ପିଲାଙ୍କ ଶିକ୍ଷା ପାଇଁ ସେମାନେ ଗୋଷ୍ଠୀକୁ କିପରି ପ୍ରସ୍ତୁତ କରନ୍ତି ।

**ଏକୀକରଣ ପାଇଁ ଏକାଠି ପଢା କାର୍ଯ୍ୟକ୍ରମ**

ଏହି ଏକୀକରଣ ପାଇଁ ଏକାଠି ପଢା କାର୍ଯ୍ୟକ୍ରମ ମୁଖ୍ୟତଃ ମୌଖିକ ଓ ଲିଖିତ ଅଭ୍ୟାସ ଭିତରେ ସମ୍ପର୍କର ଧାରାବାହିକତାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ଏଥିରେ ଲୋକକଥା,ଲୋକଗଳ୍ପ ,ଗୀତ, ବ୍ୟକ୍ତିଙ୍କ ଠାରୁ ଗୀତ ସଂଗ୍ରହ ,ତାକୁ ଲେଖିବା ଏବଂ ଫଟ ପ୍ରକାଶ କରିବା ଇତ୍ୟାଦି ଦ୍ୱାରା ହୋଇଥାଏ । ଏହି ଓ ଅନ୍ୟାନ୍ୟ ଚୟନ କରାଯାଇଥିବା ପାଠ୍ୟ ଉପକରଣ ଗୋଷ୍ଠି ଗ୍ରାନ୍ଥାଗାର କିମ୍ବା ସମ୍ବଳ କେନ୍ଦ୍ରକୁ ଯାଏ ଯାହା ପିଲା, ପିତାମାତା ଓ ଗୋଷ୍ଠୀ ବା ସମ୍ପ୍ରଦାୟର ଅନ୍ୟାନ୍ୟ ବୟସ୍କମାନଙ୍କ ପାଇଁ ମଧ ଉଦ୍ଦିଷ୍ଠ ।ପ୍ରତିଟି ଗାଁ, ଯେଉଁଠି ବହୁଭାଷୀ ଶିକ୍ଷା ପ୍ଲସ୍ ସ୍କୁଲ ଅଛି, ସେଠି ଗାଁ ମୁଖିଆଙ୍କ ନେତୃତ୍ୱରେ ଗୋଟିଏ ଗୋଟିଏ ଗୋଷ୍ଠି ସମ୍ବଳ କେନ୍ଦ୍ର ଖୋଲା ଯାଇଛି ।ଉଗଡ ସଦସ୍ୟଙ୍କ ଦ୍ୱାରା ପ୍ରଥମ କନ୍ଧ ଓ ସଉରା ଗୋଷ୍ଠିର ସଦସ୍ୟମାନଙ୍କୁ ଗ୍ରନ୍ଥାଗାର ବା ସମ୍ବଳ କେନ୍ଦ୍ର ପାଇଁ ଜାଗା ଯୋଗାଇ ଦେବାକୁ କୁହାଯାଇଥିଲା । ପାଠ୍ୟ ଉପକରଣ ଗୁଡିକ ରଖିବା ପାଇଁ ଗୋଟିଏ ବାକ୍‌ସ ମଧ ଯୋଗାଇ ଦିଆଯାଇଥିଲା । ଅଧିକାଂଶ ଗ୍ରମରେ ଗୋଟିଏ ସାଧାରଣ ସଭା ସ୍ଥଳ ବଛା ଯାଇଥିଲା । ଯେଉଁଠି ସଂନ୍ଧ୍ୟା ୪ଟାରୁ ୫ଟା ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇ ବହି ପଢନ୍ତି ଏବଂ ଆଲୋଚନା କରନ୍ତି । ଗାଁର ମୁଖିଆ ସାଧାରଣତଃ ବହି ବାକ୍‌ସର ବ୍ୟବହାର ନଥିବା ବେଳେ ତାହାକୁ ନିଜ ଘରେ ରଖିବା ପାଇଁ ରାଜି ହୋଇଥାନ୍ତି । ପ୍ରଥମେ କିଛି ମାସ ଉଗଡ କର୍ମୀମାନେ ଏହି ସମୟରେ ଗାଁକୁ ଯାଆନ୍ତି, ମୁଖିଆଙ୍କ ଲୋକଙ୍କ ସାହାଯ୍ୟରେ ବାକ୍‌ସଟିକୁ ସଂଗ୍ରହ କରି ଗୋଟିଏ ବିଛଣା ଉପରେ ବହି ଗୁଡିକ ଖୋଲି ରଖନ୍ତି । ଏହି କାମର ପ୍ରଥମିକ ପର୍ଯ୍ୟାୟରେ ଉଗଡ କର୍ମୀମାନେ ଗପ ବହି ପଢୁଥିଲେ ଏବଂ କିଛି ସ୍କୁଲ ପିଲାଙ୍କୁ ଏହା ପଢିବାକୁ କହୁଥିଲେ ।ଏହିପରି ଭାବରେ ସ୍କୁଲ ପିଲା ଓ ଗ୍ରାମର ଅନ୍ୟନ୍ୟ ବୟସ୍କ ମାନେ ବହିର ଦାୟିତ୍ୱ ନେଉଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଆଠଟି ଗ୍ରାମରୁ ତିନୋଟି ଗ୍ରାମର ପିତାମାତା ମାନେ ସ୍ୱତନ୍ତ୍ର ପ୍ରକାର ବହି ମାଗିବା ଆରମ୍ଭ କରିଛନ୍ତି । ସେହି ଗ୍ରାମ ଗୁଡିକର କିଛି ପିତାମାତା ଉଗଡ କର୍ମୀକୁ ସେମମାନଙ୍କୁ ସେମାନଙ୍କ ନାମ ଲେଖିବା ଶିଖାଇ ଦେବା ସହ ଗପ ବହିର କିଛି ଧାଡି ପଢିବା ଶିଖାଇବା ପାଇଁ ଅନୁରୋଧ କରିଛନ୍ତି । ପ୍ରଥମିକ ପର୍ଯ୍ୟାୟର ଏହି ଉଗଡ କର୍ମୀ ମାନେ ସେମାନଙ୍କୁ ଲେଖିବା ଓ ପଢିବା

ଶିଖାଇଥିଲେ ଏବଂ ପରେ ଏହାର ଦାୟିତ୍ୱ ସ୍କୁଲ ପିଲାଙ୍କୁ ଦେଇଥିଲେ । କିଛି ମାସ ପରେ ଏହି କେନ୍ଦ୍ର ଗୁଡିକୁ କାଗଜ, ପେନ୍‌ସିଲ ଓ ରଙ୍ଗ ପେନ୍‌ସିଲ ଦିଆଯାଇଥିଲା ।

**<u>ବହୁଭାଷୀ ଶିକ୍ଷା ପ୍ଲସ୍ ର ପ୍ରଥମିକ ମୂଲ୍ୟ ନିର୍ଦ୍ଧାରଣ</u>**

ବହୁଭାଷୀ ଶିକ୍ଷା ପ୍ଲସ୍ ଅଧିନରେ ପିଲାର ପାଠ ପଢାର ଉନ୍ନତି କୁ ଯାଞ୍ଚ ରୁ ଜଣାଯାଇଛି ଯେ ଏହି ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମ ସାକାରାତ୍ମିକ ପ୍ରଭାବ ପିଲାର ସ୍କୁଲ ପାଠପଢା, ସ୍କୁଲ ଉପସ୍ଥାନ, ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶଗ୍ରହଣ ଏବଂ ପଢିବା ଶିଖିବା କାର୍ଯ୍ୟକ୍ରମରେ ଆଗ୍ରହ ଦେଖାଇବା ଇତ୍ୟାଦି ପଢିଛି । ବହୁଭାଷୀ ଶିକ୍ଷା ପ୍ଲସ୍ ଏବଂ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପ୍ରଥମ ବର୍ଷର ଶେଷରେ ପିଲାର ବିଭିନ୍ନ ବିଷୟ ଜ୍ଞାନକୁ ପରୀକ୍ଷା କରିବା ପାଇଁ ଆମେ ଆନୁଷ୍ଠାନିକ ଭାବେ କିଛି ଯାଞ୍ଚ କରିଥିଲୁ । ଆଠଟି ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମ ରହିତ ସ୍କୁଲର ଛାତ୍ର, ଆଠଟି ଅନ୍ୟ ବହୁଭାଷୀ ଶିକ୍ଷା ସ୍କୁଲ ଏବଂ ଆଠଟି ଅଣ-ବହୁଭାଷୀ ଶିକ୍ଷା ସରକାରୀ ସ୍କୁଲ ପିଲାଙ୍କୁ ନେଇ ସେମାନଙ୍କ ପାଠଗତ ଦକ୍ଷତାକୁ ଜାଣିବା ପାଇଁ ତୁଳନାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା । ଶ୍ରେଣୀ କକ୍ଷର ପାଠଗତ ଜ୍ଞାନକୁ ଜାଣିବା ପାଇଁ କର୍ମଶାଳା ଜରିଆରେ ଏବଂ ଉଗଡ କର୍ମୀ ଙ୍କ, କୁଛି ଶିକ୍ଷକ ଏବଂ କିଛି ଭାଷା ସଂଯୋଜକଙ୍କୁ ନେଇପ୍ରସ୍ତୁତି କରାଯାଇଥିଲା ।ଏହି ତୁଳନା /ମାପକ ଗୁଡିକ ସିଧାସଳଖ ବହୁଭାଷୀ ଶିକ୍ଷା ଶ୍ରେଣୀ କକ୍ଷରେ ପାଠ୍ୟକ୍ରମରେ ବ୍ୟବହୃତ ଉପକରଣ ସହ ଜଡିତ ବିଷୟଗତ ବିଷୟବସ୍ତୁ ସହ ଜଡିତ । ଓଡିଶା ସରକାରଙ୍କ ସରକାରୀ ସ୍କୁଲ ଗୁଡିକରେ ସେହି ମୂଲ୍ୟନିର୍ଦ୍ଧାରକ ଗୁଡିକ ବ୍ୟବହାର ହେଲା ପରେ ତାହାକୁ ନମୁନା କରିଦିଆଗଲା । ଯେଉଁ ମାପକ ଗୁଡିକ ଆମର ମୂଲ୍ୟ ନିର୍ଦ୍ଧାରଣରେ ବ୍ୟବହାର ହୋଇଥିଲା ସେଗୁଡିକ ମାତୃଭାଷାରେ ଥିଲା ଏବଂ ତାହାକୁ ଲିଖିତ ଓ ମୌଖିକ ଉଭୟ ରୁପେ ଉତ୍ତର ଦେବାର ଥିଲା । ସଉରା ବହୁଭାଷୀ ଶିକ୍ଷା ପ୍ଲସ୍ ,ବହୁଭାଷୀ ଶିକ୍ଷା ,ଅଣ- ବହୁଭାଷୀ ଶିକ୍ଷା ସ୍କୁଲର ପ୍ରଥମ ବର୍ଷ ଶେଷରେ ହୋଇଥିବା ମୂଲ୍ୟାଙ୍କନର ଭାଷା, ପରିବେଶ ବିଜ୍ଞାନ, ଗଣିତ ଏବଂ ଚିତ୍ର ବିଷୟ କୁ ନେଇ ମିଳିଥିବା ଫଳାଫଳ ଟେବୁଲ ୧୫.୧ ରେ ଦିଆଯାଇଛି ।

ଛବଭକ୍ଷର- ୧୬.୧ ଚାରୋଟି ବହୁଭାଷୀ ଶିକ୍ଷା ପ୍ଲସ୍ ସ୍କୁଲ ,ଚାରୋଟି ବହୁଭାଷୀ ଶିକ୍ଷା ସ୍କୁଲ ଓ ଗୋଟିଏ ଓଡିଆ ମାଧମ ସ୍କୁଲ ପ୍ରଥମ ଶ୍ରେଣୀର ଉପଲବ୍ଧ ସଂଖ୍ୟା ନିମ୍ନରେ ଦିଆଗଲା ।

| ବିଷୟ | ବହୁଭାଷୀ ଶିକ୍ଷା ପ୍ଲସ୍ ଭ-୪୭ | ଓଡିଆ ଶିକ୍ଷା ଭ-୪୭ | ଓଡିଆ ମାଧମ ସ୍କୁଲ ଭ-୫୫ |
|---|---|---|---|
| ଭାଷା ବିଷୟ | | | |
| ସର୍ବମୋଟ ସଂଖ୍ୟା-୧୦୦ | ୫୫.୩୬ | ୩୬.୫୯ | ୩୮.୪୦ |
| ମୌଖିକ ସଂଖ୍ୟା-୩୦ | ୩୬.୩୭ | ୨୧.୦୪ | ୨୩.୪୦ |
| ଲିଖିତ-୩୦ | ୧୭.୦୪ | ୧୪.୫ | ୧୪.୦୦ |
| ଗଣିତ | | | |
| ମୋଟ ସଂଖ୍ୟା-୧୦୦ | ୫୮.୨୯ | ୩୮.୯୫ | ୪୦.୬୨ |
| ମୌଖିକ-୪୦ | ୭୫.୦୦ | ୧୯.୫୯ | ୧୮.୦୨ |
| ଲିଖିତ-୬୦ | ୩୩.୨୯ | ୧୯.୦୬ | ୨୭.୬୦ |
| ପରିବେଶ ବିଜ୍ଞାନ | | | |
| ମୋଟ ସଂଖ୍ୟା-୫୦ | ୩୨.୫୫ | ୨୩.୩୧ | ୨୩.୬୦ |
| ଲିଖିତ-୨୦ | ୧୪.୧୦ | ୧୭.୫୩ | ୧୧.୦୦ |
| ଚିତ୍ରାଙ୍କନ | | | |
| ମୋଟ ସଂଖ୍ୟା-୨୫ | ୧୫.୮୭ | ୧୨.୮୨ | ୧୫.୦୦ |

ଏବଂ କନ୍ଧ କାର୍ଯ୍ୟକ୍ରମର ଅନୁସନ୍ଧାନର ସିଦ୍ଧାନ୍ତ ପ୍ରସ୍ତୁତ ହେଉଛି । ଗଣିତ ଏବଂ ଭାଷାର ଅଧିବୌଦ୍ଧିକ ମୂଲ୍ୟ ନିର୍ଦ୍ଧାରଣ କାଯ୍ୟ କରିବାର ଯୋଜନା ହୋଇଛି । ଏହି ମୂଲ୍ୟନିର୍ଦ୍ଧାରଣ ପାଇଁ ବିଷୟ ଗୁଡିକ କୁଇ ,ସଉରା ଓ ଓଡିଆ ଭାଷାରେ କର୍ମଶାଳା ମାଧମରେ ପ୍ରସ୍ତୁତ ହେଉଛି ।

ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଅଣ -ଓଡିଆ ସ୍କୁଲର ଛାତ୍ର, ବହୁଭଷୀ ଶିକ୍ଷା ସ୍କୁଲର ଛାତ୍ରଙ୍କ ଅପେକ୍ଷା ବହୁଭାଷୀ ଶିକ୍ଷା ପ୍ଲସ୍ ସ୍କୁଲର ଛାତ୍ରଙ୍କ ଫଳାଫଳ ସବୁଠାରୁ ଉତ୍ତମ । ତଥାପି ବହୁଭାଷୀ ଶିକ୍ଷା ସହ ଜଡିତ ସଉରା ସ୍କୁଲ ଓ ଅଣ-ବହୁଭାଷୀ ସଉରା ସ୍କୁଲ ଭିତରର ଫଳାଫଳ ର ତାରତମ୍ୟ ଏତେଟା ସ୍ପଷ୍ଟ ନୁହେଁ ।ତେଣୁ କରି ଗୋଟିଏ ବର୍ଷର ବ୍ୟବଧାନରେ ପିଲାଙ୍କ ଫଳାଫଳର ତାରତମ୍ୟ କୁ ଖୋଜିପାଇବା ଟିକିଏ ଚେଷ୍ଟା କର । ତେଣୁ କାର୍ଯ୍ୟକ୍ରମର ଦ୍ୱିତୀୟ ଓ ତୃତୀୟ ବର୍ଷର ଶେଷରେ ଶ୍ରେଣୀ କକ୍ଷରେ ହୋଇଥିବା ପିଲାର ଉନ୍ନତି, ତାର ବୌଦ୍ଧିକ, ଅଧିବୌଦ୍ଧିକ ବିକାଶ ଏବଂ ସର୍ବମୋଟ ଉନ୍ନତିକୁ ଦେଖିଛି ବିଶ୍ୱାସର ସହ ଏକ ନିର୍ଣ୍ଣୟରେ ପହଞ୍ଚିବା ସମ୍ଭବ ହେବ । ବର୍ତ୍ତମାନର ତଥ୍ୟରୁ ବହୁଭାଷୀ ଶିକ୍ଷା ପ୍ଲସ୍ ସ୍କୁଲରେ ସାଂସ୍କୃତିକ ମନବୈଜ୍ଞାନିକ ପ୍ରଶିକ୍ଷତାର ସାକାରାତ୍ମକ ଭୂମିକା ଯୋଗୁଁ ପ୍ରାଥମିକ ସ୍ତରରେ କିଛି ସଫଳତା ଲକ୍ଷ୍ୟ କରାଯାଏ ।

**<u>ବହୁଭାଷୀ ଶିକ୍ଷା ପ୍ଲସ୍ ; କିଛି ପ୍ରତିଫଳନ</u>**

ପ୍ଲସ୍' ଦୁଃସାଧ କରିବାରେ ଆମ ପ୍ରୟାସ, ଯତ୍ନର ସହ ଯୋଜନା କରିଥିବା କାର୍ଯ୍ୟକଳାପ ଏବଂ ପ୍ରଥମ ବର୍ଷର କାର୍ଯ୍ୟକ୍ରମ ସହ ଜଡିତ ଥିବା ପ୍ରକ୍ରୀୟାକୁ ପୁନଃ ଗଠନ କରିବା ,ଯେମିତିକି ମାନବ ପରିବେଶ ସର୍ବେକ୍ଷଣ,ଉଗଡ ଙ୍କ ତାଲିମ ପିଲାର ମାତୃଭାଷାରେ ଶ୍ରେଣୀ କକ୍ଷର କାଯ୍ୟ ପରିଚାଳନା ପାଇଁ ଉପକରଣର ପ୍ରସ୍ତୁତି,ଗୋଷ୍ଠି ପଠନ କାର୍ଯ୍ୟକ୍ରମର ଆରମ୍ଭ ଇତ୍ୟାଦି ରୁ ଜଣାଯାଇଛି ପ୍ଲସ୍ କେବଳ ବହୁଭାଷୀ କାର୍ଯ୍ୟକ୍ରମକୁ ବଞ୍ଚାଇରଖିବା ପାଇଁ କିଛି ଅଧିକ କାମ । ଏହା ପ୍ରକୃତରେ ଗୋଟିଏ ଆପେକ୍ଷିକସ୍ଥାନ ଧାରଣା ଗୋଟିଏ ହେକ୍ଷଣାର୍ଥ ଯାହା ଜଟିଳ ପ୍ରଶିକ୍ଷଣ ର ଦାର୍ଶନିକ ଦିଗର ଆବଶ୍ୟକ କରେ ।ଏହା ଫଳରେ ପ୍ରଶ୍ନ ଉଠେ ଯେ ବହୁଭାଷୀ ଶିକ୍ଷାପ୍ଲସ୍ କାର୍ଯ୍ୟକ୍ରମ ଓ ବହୁଭାଷୀ ଶିକ୍ଷା ସମାନ ନା ଭିନ୍ନ ଧାରଣା । ବାହ୍ୟ ଦୃଷ୍ଟି ସେମାନେ ଗୋଟିଏ ଧାରଣାର ଆଧାର ବୋଲି ମନେ ହୁଏ, ଉଭୟ ପିଲା ମାତୃଭାଷା ମାଧମରେ ପାଠ ପଢା ସହ ପିଲାର ସଂସ୍କୃତି ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ଧାରଣାକୁ ସ୍କୁଲର ବୌଦ୍ଧିକ ବିକାଶ ସହ ଜଡିତ କରି ପିଲାକୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବା । କିନ୍ତୁ ବହୁଭାଷୀ ଶିକ୍ଷା ଗୋଟିଏ ସଂସଗତ କାର୍ଯ୍ୟକ୍ରମ ,ଯାହା ସ୍ୱଳ୍ପତମ କାର୍ଯ୍ୟ ତାଲିକା ନେଇ ବର୍ତ୍ତମାନ ଚାଲିଛି । ପ୍ରକୃତରେ ଆବଶ୍ୟକ ହେଉଛି ପ୍ରଶିକ୍ଷଣ ପ୍ରକ୍ରୀୟା ସହିତ ଘନିଷ୍ଠ ଭାବେ ଜୋଡି ହୋଇ ,ଭିନ୍ନ ପ୍ରକାର ଗୋଷ୍ଠି ସହଯୋଗ, ସ୍କୁଲ ଓ ଗୋଷ୍ଠି ଭିତରେ ସମ୍ବଳର ବିନିମୟ ମାଧମରେ ଏହାର ମାନ ବୃଦ୍ଧି କରିବା ।ବହୁଭାଷୀ ଶିକ୍ଷା ଅଭ୍ୟାସକୁ ସାମାଜିକ ଓ ଶିକ୍ଷାଗତ ସ୍ତରରେ ନ୍ୟାୟ ଓ ସାମତା ସ୍ତରରେ ଆଣିବା ।ବହୁଭାଷୀ ଶିକ୍ଷା ପ୍ଲସ୍ କାର୍ଯ୍ୟକ୍ରମ ଏହି ଦିଗକୁ ଶକ୍ତିଶାଳୀ କରିବା ପାଇଁ ଶ୍ରେଣୀ କକ୍ଷର ଶିକ୍ଷାର ମାନ ବୃଦ୍ଧି ସହ ଗୋଷ୍ଠିଙ୍କୁ ଏଥିରେ ସଂଶ୍ଳିଷ୍ଟ କରି ସଂସ୍କୃତିର ଆଧାରରେ ଶିକ୍ଷାର ଶିଖିବା-ପଢିବା ଅଭ୍ୟାସର ବୃଦ୍ଧି କରାଇବା । ଉଗଡର ଗୋଷ୍ଠି ଙ୍କ ସହ ସମ୍ପର୍କ ସୃଷ୍ଟି, ପିଲାଙ୍କ ପଢା ପ୍ରତି ପ୍ରତିଦିନ ଧ୍ୟାନ ଦେବା, ଗୋଷ୍ଠିଙ୍କ ସହ ସାକ୍ଷାତ କରିବା ଶିକ୍ଷକ ଓ ଆଦିବାସୀ ମୁଖିଆଙ୍କ ସହ ବାର୍ତ୍ତାଳାପ, ଆଦିବାସୀ ନେତା ମାନଙ୍କୁ ସ୍କୁଲ ଶିକ୍ଷା ସହ ଜଡିତ କରାଇବା ,ଗୋଷ୍ଠି ବା ସମ୍ପ୍ରଦାୟ ମଧରେ ପଠନ କାର୍ଯ୍ୟକ୍ରମ ପ୍ରତିଦିନ ଶ୍ରେଣୀ କକ୍ଷରେ କାର୍ଯ୍ୟକ୍ରମ କରିବା ଏବଂ ବିଭିନ୍ନ କାର୍ଯ୍ୟକ୍ରମକୁ ବୟସ୍କ ଲୋକଙ୍କ ଉପସ୍ଥିତିରେ କରାଇବା ଇତ୍ୟାଦି ଗୋଟିଏ ଗୋଟିଏ ଉଦାହରଣ । ଶିଖିବା, ଚେତନାର ବିକାଶ ,ସାମୁହିକ ପରିଚୟ ଗଢିବା, ସ୍କୁଲ ଓ ଘରର ଜ୍ଞାନ ହାସଲ କରିବା ପଦ୍ଧତି ଭିନ୍ନ ଭିନ୍ନ । ଏହି ସବୁ କେବଳ ସମ୍ଭବ ହେବ ଯେତେବେଳେ ପିଲାର ନିଜ ସଂସ୍କୃତି ଏବଂ ଶ୍ରେଣୀ କକ୍ଷ ଭିତରେ ଦେବା ନେବା ସମ୍ପର୍କକୁ ନିୟମିତ କରାଯିବ ଏବଂ ଏହା ମଧରୁ କୌଣସି ଗୋଟିଏ କଥନକୁ ଅତିରଞ୍ଜିତ କିମ୍ବା ଅବହେଳା କରାଯିବନାହିଁ ।ଏହି ଅଭ୍ୟାସ ସ୍କୁଲ ଶିକ୍ଷାକୁ ଅଧିକ ଅର୍ଥପୂର୍ଣ୍ଣ କରେ ଏବଂ ଆଦିବାସୀ ପିଲାଙ୍କୁ ପାଠ ସହ ଯୋଡି ରଖେ । ଏହା ନିଶ୍ଚିତ ଭାବେ ଆଦିବାସୀ ପିଲାଙ୍କୁ ତାର ମାଟି, ଭାଷା ଏବଂ ସଂସ୍କୃତିରୁ ବିଚ୍ଛେଦକରାଇବ ନାହିଁ ଯାହା ସାଧାରରତଃ ବର୍ତ୍ତମାନ ବଜାୟ ଥିବା ଅଭ୍ୟାସ ଭିତରେ ହୋଇଥାଏ ।

# Social Justice through Multilingual Edudcation

## Overcoming the language barrier for tribal children: Multilingual Education in Andhra Pradesh and Orissa

## ଆଦିବାସୀ ପିଲାଙ୍କ ପାଇଁ ଭାଷା ପ୍ରତିବନ୍ଧକୁ ଅତିକ୍ରମ କରିବା; ଭାରତର ଓଡିଶା ଏବଂ ଆନ୍ଧ୍ର ପ୍ରଦେଶର ବହୁଭାଷୀ ଶିକ୍ଷା

Ajit K. Mohanty, Mahendra Ku. Mishra
N.upenderelly and Gumidyala Ramesh

କୁହାଯାଏ ଭାଷା ଆମକୁ ମଣିଷ କରେ , କିନ୍ତୁ ତାହା ଆମକୁ ଅମଣିଷ କରେ ଯେତେବେଳେ ଭାଷା କିଛି ଲୋକଙ୍କ ପାଇଁ ଶକ୍ତିର ଅସ୍ତ୍ର ଏବଂ ଲଜ୍ୟା ଓ ଅପରାଧ ଅନ୍ୟମାନଙ୍କ ପାଇଁ ହୋଇଯାଏ । କିଛି ଲୋକଙ୍କ ପାଇଁ ଭାଷା ହେଉଛି ଉପରକୁ ଉଠିବାର ରାସ୍ତା ଏବଂ ଅନ୍ୟ ଲୋକଙ୍କ ପାଇଁ ସର୍ବନିମ୍ନ ଜୀବନ ଓ ଆତ୍ମସମ୍ମାନ ପାଇଁ ଏଇ ଭାଷା ଏକ ପ୍ରତିବନ୍ଧକ ସ୍ୱରୁପ । କୋଟି କୋଟି ଲୋକ ଯାହାଙ୍କ ଭାଷା ସମାଜରେ ଦୁର୍ବଳ ଯେଉଁଠି ଏକ କିମ୍ବା କିଛି ଭାଷା ମୁଖ୍ୟ ବା ଶକ୍ତିଶାଳୀ ଭାଷା ଭାବେ ପରିଗଣିତ ,କିଛି ଲୋକଙ୍କ ମାତୃଭାଷାକୁ ସମାଜରୁ ବହିଷ୍କାର କରାଯାଇଛି । ଯାହା ଫଳରେ ସେମାନଙ୍କର ବଞ୍ଚିବା ଓ ଜୀବନର ଉନ୍ନତି ପଥରେ ଅନେକ ବାଧା ଉତ୍ପନ୍ନ ହୁଏ । ସମଗ୍ର ପୃଥିବୀରେ ଅଳ୍ପସଂଖ୍ୟକ ଭାଷା ଗୋଷ୍ଠିଙ୍କ  ଶିକ୍ଷାର ଅସଫଳତାର ପ୍ରାଥମିକ କାରଣ ହେଉଛି ଘର ଭାଷା ଓ ସ୍କୁଲ ଶିକ୍ଷାର ମାଧମ ରୁପେ ପ୍ରଚଳିତ ଭାଷା ଭିତରେ କୌଣସି ସାମ୍ୟ ନାହିଁ । ଏହି ସମସ୍ୟାକୁ ଅନେକ ଅଳ୍ପସଂଖ୍ୟକ ଲୋକଙ୍କ ଶିକ୍ଷାର ଶୀର୍ଷକରେ ଗମ୍ଭୀର ଭାବେ ଆଲୋଚନା କରାଯାଇଛି । ରାଜ୍ୟର ଭାଷାନୀତି ରେ ଶିକ୍ଷାରେ  ସବୁ ଭାଷାକୁ ସମ୍ମାନ ଦିଆଯାଇଛି କିନ୍ତୁ ବାସ୍ତବରେ ଏହାର ବ୍ୟବହାର କରା ନ ଯାଇ ତାକୁ ଅବହେଳା କରାଯାଏ । ଉପନିବେଶ ପରବର୍ତ୍ତୀ ପୃଥିବୀରେ-ଆଫ୍ରିକା, ଭାରତ ,ପାକିସ୍ଥାନ,ଶ୍ରୀଲଙ୍କା,ଅନ୍ୟ ବିକାଶଶୀଳ ଦେଶ ପରି ଏହି ଦେଶ ଗୁଡିକରେ ଅଳ୍ପସଂଖ୍ୟକ ଭାଷା ଭାଷି ଏବଂ ଅଳ୍ପସଂଖ୍ୟକ ଗୋଷ୍ଠିଙ୍କ ଭାଷା କୁ ରକ୍ଷା କରିବା, ବ୍ୟବହାର କରିବା ଏବଂ ବିକାଶ କରିବା ଏବଂ ନିଜ ମାତୃଭାଷା ମାଧମରେ ଶିକ୍ଷା ଲାଭ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ବାସ୍ତବରେ ଦେଖାଯାଏ ଯେ ନୀତି ରେ ଉଲ୍ଲେଖିତ ବ୍ୟବସ୍ଥା ଓ ପ୍ରକୃତ ଭିତରେ କୌଣସି ସାମ୍ୟ ନ ଥାଏ । ଅଳ୍ପସଂଖ୍ୟକ ପିଲାଙ୍କୁ ସ୍କୁଲ ବ୍ୟବସ୍ଥା ଭିତରେ ନିଜ ଭାତୃଭାଷାକୁ ଅବହେଳା କରି ମୁଖ୍ୟ ଭାଷାକୁ ଗ୍ରହଣ କରିବାକୁ ବାଧ କରାଯାଏ । ବହୁଭାଷୀ ଶିକ୍ଷା ବ୍ୟବସ୍ଥା ଭିତରେ ବି ମାତୃଭାଷାକୁ ପ୍ରାଧାନ୍ୟ ମିଳିନଥାଏ । ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭିତର ଅଳ୍ପସଂଖ୍ୟକଙ୍କ  ଭାଷାକୁ ଦୁଇଟି ପ୍ରତିକ୍ରୀୟା ମିଳିଥାଏ । ବିବିଧତାକୁ ବିରକ୍ତିକର ବୋଲି ଧରି ନିଆଯାଇଛି ଏବଂ ବହୁଭାଷୀତାକୁ ସମାଜ ଓ ଆର୍ଥିକ ପ୍ରଗତିର ପ୍ରତିବନ୍ଧକ ବୋଲି ଧରି ନିଆଯାଇଛି,ଏକ ଭାଷିତା ଏବଂ ଭାଷାର ମାନବିକତାକୁ ସୁବିଧା ଦିଆଯାଏ ଏବଂ ଅଳ୍ପସଂଖ୍ୟକଙ୍କ ଭାଷାକୁ ଅନୁନ୍ନତ,ଅପରିପକ୍ୱ, ଦୁର୍ବଳ ଏବଂ ଏହା ଶିକ୍ଷା ଓ ବୌଜ୍ଞାନିକ ପଦ୍ଧତି ପାଇଁ ଅନୁପଯୁକ୍ତ । ଏହି ସବୁ ପ୍ରତିକ୍ରୀୟା ଯୋଗୁଁ କମ୍ ଶକ୍ତିଶାଳୀ ଭାଷା ଗୁଡିକ ନିନ୍ଦାରୋପ ଓ ଅସ୍ୱଷ୍ଟ ହୋଇଯିବ । ଫଳରେ ଅନେକ ଭାଷାକୁ ଉପଭାଷାର ଆଖ୍ୟା ଦେଇ ପଛକୁ ପେଲି ଦିଆଯାଏ । ଲିପି ନ ଥିବା ଭାଷାକୁ ସାଧାରଣତଃ ଉପଭାଷା ବୋଲି କୁହାଯାଏ ଏବଂ ସେମାନେ ଭୁଲି ଯାଆନ୍ତି ଯେ ଲିଖନ ପଦ୍ଧତି ଭାଷାର ଜନ୍ମର ବହୁତ ପରେ ବାହାରିଛି ଏବଂ ଏହା ଭାଷାର ଗୋଟିଏ ନିହାତି ଜରୁରୀ ଅଂଶ ନୁହେଁ । ଅଗ୍ନିହୋତ୍ରି କହିବା ପରି ଗୋଟିଏ ଲିପିକୁ ପ୍ରୟୋଗ କରି ସବୁଭାଷା ଲେଖାଯାଇ ପାରିବ ଏବଂ ବହୁତ ଭାଷାକୁ ବହୁତ ଲିପିରେ ଲେଖାଯାଇପାରିବ । ପ୍ରଧାନ ଭାଷାର ଆଧିପତ୍ୟ ବିସ୍ତାର ଯୋଗୁଁ ସେ ତାର ନିଜର ପ୍ରକାରକୁ ଅଳ୍ପସଂଖ୍ୟକ ଓ ସାମାନ୍ୟ ଭାଷା ଉପରେ ଜାହିର କରେ ଏବଂ ଦ୍ୱିଭାଷା ବା ବହୁଭାଷା କହୁଥିବା ପିଲାଙ୍କ ପାଇଁ ପ୍ରଚାର କରାଯାଏ ଯେ ସେମାନଙ୍କ କହିବା ଦକ୍ଷତା ଭାଷା ବିଜ୍ଞାନ ଦୃଷ୍ଟିରୁ ଯଥେଷ୍ଟ ନୁହେଁ ।

ଆମେ ସଦାବେଳେ ସଂକୀର୍ଣ୍ଣ ଦୃଷ୍ଟି ଯୋଗୁଁ ଭୁଲିଯାଇଥାଉ, ଭାଷା ବୈଜ୍ଞାନିକତା ହେଉଛି ଭାଷା ଭିତର ଭିନ୍ନତା ଅର୍ଥ ଭିନ୍ନ ଭିନ୍ନ ପ୍ରତୀକ ସେମାନେ ତାଙ୍କ ନିଜ ଭାଷା ଆଧାରରେ ସ୍ଥିର କରନ୍ତି । ତେଣୁ ଅଳ୍ପସଂଖ୍ୟକଙ୍କ ମାତୃଭାଷା ଗରିବ ଏବଂ ଅସୁବିଧା ଅର୍ଥ ଅସଂପୁର୍ଣ୍ଣ ନୁହେଁ,  ସେମାନେ କେବଳ ଭିନ୍ନ ।

କୌଣସି ଭାଷା ଆଜନ୍ମରୁ ଅସଂପୁର୍ଣ୍ଣ କିମ୍ବା ଅଯୌତିକ ନୁହେଁ , କିଛି ଭାଷା ଭିତର ସଂଘବଦ୍ଧତା ଏବଂ ସେମାନଙ୍କର କଥିତ ଅସଂପୁର୍ଣ୍ଣତା ପ୍ରକୃତରେ ସାମାଜିକ,ଯାହା ଭାଷାର ଅସମାନତା ବ୍ୟବହାର ଯୋଗୁଁ ହୋଇଥାଏ । ଭାଷାକୁ ବ୍ୟବହାର କରିବାରେ ସାମାଜିକ - ସାଂସ୍କୃତିକ ନିୟମ ଏବଂ ଭାଷା ଭିତର ଅସମାନତା ନେଇ ସୃଷ୍ଟି ହୋଇଥିବା ଭ୍ରମଧାରଣା ଯଥା କିଛି ଭାଷା ଅନୁନ୍ନତ ତାହା ତାର ବ୍ୟବହାରକାରିଙ୍କ ପାଇଁ ଏକ ଅସୁବିଧା । ଅସୁବିଧା ଯୁକ୍ତ ଭାଷା ଗୁଡିକର ପ୍ରକୃତ ଅସୁବିଧା ସାମାଜିକ ଦୃଷ୍ଟିକୋଣ ଓ ମନଭାବ ଯୋଗୁଁ ହୋଇଥାଏ ଏବଂ ଯେଉଁ ନିତି ନିୟମ ଭିତରେ ଏହି ଭାଷା ଗୁଡିକ ଅଛି ତାହା ତାକୁ

ସାମାଜିକ ସ୍ତରରେ ଦୁର୍ବଳ କରିଦେଉଛି । କିଛି ଭାଷା ଭାଷୀ ଲୋକଙ୍କୁ ଏହି ଅସୁବିଧା ଦୁର୍ବଳ କରିଦିଏ ।ଏହାର କାରଣ ଭାଷା ଅନୁନ୍ନତ କିମ୍ବା ଅସଂପୁର୍ଣ୍ଣ ନୁହେଁ। ଏହି ଭାଷା ବିରୁଦ୍ଧରେ ସାମାଜିକ ପ୍ରବାଦଏବଂ ସାମାଜର ବିଭିନ୍ନ ବଳିଷ୍ଠ ଦିଗରେ ଏହି ଭାଷାର ଅଭାବ ଉଦାହରଣ ସ୍କୁଲ, ଯୋଗୁଁ ଏହି ଭାଷା ଗୁଡିକ ଅସୁବିଧାର ସମ୍ମୁଖୀନ ହେବା ସହ ଅସଂପୂର୍ଣ୍ଣ ମନେ ହୁଅନ୍ତି।

କିଛି ଭାଷା ନାର୍ଯ୍ୟ ସ୍ଥାନ ଅଭାବରୁ ହତସ୍ୱାହିତ ହୋଇଥାଏ ।ଗୁରୁତ୍ୱ ନ ଦେବା ଯୋଗୁଁ ଏହା ଶକ୍ତି ର ପରିସରରୁ ଦୂରେଇ ରହେ । ସୁବିଧା.ଏବଂ ସମ୍ବଳ ଏବଂ ଉନ୍ନତିର ପ୍ରକ୍ରାୟାରୁ ଦୁରେଇ ଯାଏ ।ଅନେକ ଦିନ ଧରି ଭାଷା ପ୍ରତି ଉଦାସୀନତା ଭାଷା ତାହାର ବକ୍ତା ମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିଥାଏ । ଏହି ଅଧ୍ୟାୟରେ ଦର୍ଶାଯାଇଛି ଯେ ଭାରତର ଆଦିବାସୀ ପିଲାମାନେ ସେମାନଙ୍କ ଭାଷାର ଏହି ବିପର୍ଯ୍ୟସ୍ତ ଅବସ୍ଥିତି ଯୋଗୁଁ କିପରି ଶିକ୍ଷା କ୍ଷେତ୍ରରେ ତାଙ୍କୁ ଦୁର୍ବଳ କରିବା ସହ ସେହି ଭାଷା ଗୋଷ୍ଠୀ ବା ସମ୍ପ୍ରଦାୟକୁ ଦାରିଦ୍ର ସ୍ଥିତିକୁ ଟାଣି ଆଣେ । ଭାରତର ଦୁଇଟି ରାଜ୍ୟ ଯଥା ଓଡିଶା ଓ ଆନ୍ଧ୍ର ପ୍ରଦେଶ ରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆଦିବାସୀ ପିଲାଙ୍କ ପାଇଁ ଏକ ସରଳ ଶିକ୍ଷା ବ୍ୟବସ୍ଥା ଭାବେ ଆଲୋଚନା କରାଯାଇଛି ଏବଂ ଏହି ଶିକ୍ଷା ପଦ୍ଧତି ଯୋଗୁଁ ଅଭାବ ଓ ଅସୁବିଧାର ବଳୟ ଭିତରୁ ଏହି ଆଦିବାସୀ ସମ୍ପ୍ରଦାୟ ବାହାରି ଆସି ପାରିବେ।

**<u>ଭାଷା ଅସୁବିଧାର ଅନିଷ୍ଟକାରୀ ବଳୟ</u>**

ଶକ୍ତି, ସାମର୍ଥ୍ୟ ଓ ସମ୍ବଳ ଭଳି ମୁଖ୍ୟ ପରିସର ଯେମିତିକି ଅଫିସ୍, ଆଇନ୍ ସଙ୍ଗତି, ଆନୁଷ୍ଠାନିକ ବ୍ୟବହାର, ଶିକ୍ଷା, ବାଣିଜ୍ୟ, ବ୍ୟବସାୟରୁ ଦୂରେଇ ରହିବା ଫଳରେ ମୁଖ୍ୟ ଭାଷାର ଚାପରେ ଏହା ଦୁର୍ବଳ ହୋଇଯାଏ ଏବଂ ତାହାର ବଞ୍ଚି ରହିବାର ସମ୍ଭାବନା କମ୍ ହୋଇଯାଏ। ଏହି ପ୍ରକିୟା ସହିତ ଭାଷା ବିବିଧତା ହରାଇବା ଏବଂ ଭାଷାର ମୃତ୍ୟୁ ବା ହତ୍ୟା ଜଡିତ। ସେ ଯାହାହେଉ ଭାରତ ଭଳି ବହୁଭାଷୀ ରାଷ୍ଟ୍ରରେ ଏହି ପ୍ରକାର ଚାପ ଭିତରେ ଅନେକ ସଂଖ୍ୟାଲଘୁ ଭାଷା ବଞ୍ଚି ରହିଛି କମ୍ ଶକ୍ତିଶାଳୀ ଏବଂ ଅସ୍ୱଷ୍ଟ ପରିସରରୁ ଦୂରେଇ ରହିଛି ଯାହାକୁ ଶୋଷଣ ବିରୋଧୀ କୌଶଳ (ମହାନ୍ତି,୨୦୦୯) । ଯଦିଓ ଭାଷା ପରିବୃତି କ୍ଷୀପ୍ର ବେଗରେ ହୁଏନାହିଁ ଏହି ଭାଷା ଗୁଡିକ ପରିସର ଅଭାବରୁ ଅଦରକାରୀ ବା ଗୁରୁତ୍ୱହୀନ ହୋଇ ପଡନ୍ତି, ଭାଷା ଗୁଡିକ ସାଧାରଣତଃ ଘର ଏବଂ ଘନିଷ୍ଠ ଗୋଷ୍ଠୀ ଯୋଗାଯୋଗରେ କେବଳ ଚାଲୁରହିବା ଯୋଗୁଁ ବଂଶାନୁକ୍ରମରେ ଏହାର ପତନ ହୋଇଥାଏ ଗୁରୁତ୍ୱପୂର୍ଣ୍ଣ ପରିସରରୁ ଏହି ଭାଷା ଗୁଡିକୁ ବାହାର କରିଦେବା ଯୋଗୁଁ ସେଗୁଡିକ ସୀମିତ ପରିସରରେ କାର୍ଯ୍ୟକାରୀ ହେବା ଯୋଗୁଁ ତାର ଉନ୍ନତି ବନ୍ଦ ହୋଇଯାଏ। ଉଦାହରଣ ସ୍ୱରୂପ, ଭାରତର ଅନେକ ଆଦିବାସୀ ଭାଷାକୁ ଆର୍ଥିକ ଦୃଷ୍ଟିର ମହତ୍ୱପୂର୍ଣ୍ଣ ପରିସର ବାହାରେ ରଖାଯାଇଥାଏ ଗୋଟିଏ ପରିସର ଯେଉଁଠି ଏହି ଭାଷାର କ୍ଷୀପ୍ର ହାନି ପରିଲକ୍ଷିତ ହୁଏ। ତାହା ହେଉଛି ସାପ୍ତାହିକ ବଜାର ।୧୯୮୦ ର ଆରମ୍ଭ ରେ ଓଡିଶାର ଫୁଲବାଣୀ କନ୍ଧ ସମ୍ପ୍ରଦାୟର ସ୍ତ୍ରୀ ଲୋକମାନେ ଯେତେବେଳେ ସେମାନଙ୍କ ନିଜସ୍ୱ ଆମଦାନି ଜିନିଷ ଗାଁ ବଜାରକୁ ବିକ୍ରୀ କରିବା ପାଇଁ ଆଣୁଥିଲେ ସେତେବେଳେ ସେମାନେ କୁଇ ଭାଷାରେ କଥା କହୁଥିଲେ,ଏବଂ ସମସ୍ତ ଆର୍ଥିକ ବ୍ୟାପରରେ ସେମାନଙ୍କ ପାରମ୍ପରିକ ବ୍ୟବହୃତ ଓଜନ ଓ ମାପକକୁ ବ୍ୟବହାର କରୁଥିଲା। ସାଧାରଣତଃ ଅଣ ଆଦିବାସୀ ବା ସେହି ଭାଷା ଜାଣି ନଥିବା ଗରାଖିଙ୍କ ସହ ସେମାନେ ଭଲରେ ମୂଲଚାଲ କରି ପାରୁଥିଲେ। ଦୁଇ ଦଶନ୍ଧି ଭିତରେ କୁଇ ଭାଷାକୁ ଗାଁ ବଜାରରୁ ବାହାର କରି ଦିଆଗଲା ଏବଂ କନ୍ଧ ସ୍ତ୍ରୀ ଲୋକଙ୍କ ମୂଲଚାଲକୁ ମଧ ବନ୍ଦ କରିଦିଆଗଲା। ପଣ୍ଡା(୨୦୦୪-୨୦୦୭) ଓଡିଶାର ଗଜପତି ଜିଲ୍ଲାରେ ବଜାର ନେତା ଦେତା ପାଇଁ ସଉରା ଭାଷା ଓ ତାର ସଂଖ୍ୟା /ଗଣନା ପଦ୍ଧତିର ବ୍ୟବହାର କରାଯାଉଛି। ସ୍ୱଦେଶୀ ଭାଷା ଓ ପାରମ୍ପରିକ ଜ୍ଞାନ ପଦ୍ଧତି ଯାହା ସଉରା ଲୋକଙ୍କୁ ବିଭିନ୍ନ ଅର୍ଥନୈତିକ ପରିସରରେ ସଶକ୍ତ କରି ରଖିଥିଲାତାର ମଧ ପତନ ହୋଇଛି। ଯେମିତିକି ପଣ୍ଡା (୨୦୦୪-୨୦୦୭)ରେ ଦର୍ଶାଇଛନ୍ତି ଭାଷା ଓ ସଂସ୍କୃତିର ସ୍ୱଦେଶୀ ଜ୍ଞାନ କୌଶଳର ପ୍ରସାର ଓ ସଂକେତୀକରଣ ଯେମିତିକି ଗଣିତ ,ବୈଜ୍ଞାନିକ ଜ୍ଞାନକୁ ଆଦିବାସୀ ମଧ ବିକଶିତ କରାଇବା । ତେଣୁ ଯଦି ଭାଷାର ବ୍ୟବହାରକୁ କିଛି ପରିସରରୁ ଦୂରେଇ ରଖାଯାଏ ତେଣୁ ଏହି ସ୍ୱଦେଶୀ ଜ୍ଞାନ କୌଶଳ ଏବଂ ଭାଷା ଉଭୟ ଦୁର୍ବଳ ହେବା ସହ ବିପଦରେ ପଡେ । ପୃଥିବୀର ଅନେକ ସ୍ୱଦେଶୀ ଭାଷାକୁ ଆଜି ଶୃଙ୍ଖଳିତ ଭାବେ ବିକଶିତ କରାଯାଉଛି କାରଣ ଏହା ଅନେକ ପରିମାଣରେ ସାମାଜିକ ଅବହେଳାର ସାମନା କରୁଛି ।ଶିକ୍ଷାରୁ ଭାଷାକୁ ବହିଷ୍କାର ଯାହାକୁ ଭାରତର ଅଦିବାସୀ ଭାଷା କ୍ଷେତ୍ରରେ ନିଆଯାଇପାରିବ ଯାହା ସିଧାସଳଖ ଶିକ୍ଷାଗତ ସଫଳତା କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ପ୍ରଗତିର ପରିଚୟ ଏବଂ ସଶକ୍ତକରଣ କ୍ଷେତ୍ରରେ ନାକାରାତ୍ମକ ପ୍ରଭାବ ପକାଇବା ସହ ସେହି ଭାଷାର ବକ୍ତା ଓ ଭାଷାଙ୍କ ଉନ୍ନତିରେ ପ୍ରତିବନ୍ଧକ ସହ ବଞ୍ଚିବା ଦୁଃସହ ହୋଇପଡିଛି। ସାମାଜିକ ଏବଂ ଶିକ୍ଷା କ୍ଷେତ୍ରରେ ଅବହେଳିତ ଭାଷା ଗୁଡିକ ଦୁର୍ବଳ ହେବା ସହ ଭାଷା ଅସୁବିଧାର ବଳୟ ମଧକୁ ଟାଣି ହୋଇ ଆସେ।

ସଂଖ୍ୟାଲଘୁ ଭାଷାର କଥିତ ଦାରିଦ୍ରତା ଏବଂ ଅସୁବିଧା ସଦାବେଳେ ସେମାନଙ୍କ ସହ ଜଡିତ କିନ୍ତୁ ତାହା ସ୍ୱାଭାବିକ ଭାବେ ନୁହେଁ, ଭାଷାମାନଙ୍କ ମଧରେ ଥିବା ଦୁର୍ବଳତା ଏବଂ ଅସମାନତା ସାମାଜିକ ସ୍ତରରେ ଗଠନ ହୋଇଥାଏ ପ୍ରସାରିତ ମଧ ହୋଇଥାଏ,ଏହା ରାଜନୀତି, ଅର୍ଥନିତି, ସାମାଜିକ ଏବଂ ଶିକ୍ଷାଗତ କ୍ଷେତ୍ରରୁ ଆରମ୍ଭ ହୋଇଥାଏ ଏବଂ ଏହି ସବୁ ପରିସରରୁ ଏହାକୁ ଦୂରେଇ ରଖି ତାହାକୁ ଦୁର୍ବଳ ହେବା ପାଇଁ ବାଧ କରାଯାଏ। ଦୁଃଭାଗ୍ୟବଶତଃ, ଦୁର୍ବଳ ଏବଂ ଅଭାବର ଆରୋପ ସମାଜରୁ

ବହାଷ୍କାର ଆଡକୁ ଟାଣି ନିଏ ଏବଂ ସବୁଠୁ ଅଧିକ ଜରୁରୀ ହେଉଛି ଶିକ୍ଷା ଦୃଷ୍ଟିରୁ ଅବହେଳା ଏବଂ ଅସମାନତା । ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରୁ ଭାଷାକୁ ବର୍ଜନ କରିବା ଫଳରେ ଭାଷାର ଭାଷା ବିବିଧତା ନଷ୍ଟ ହୋଇଥାଏ । ଶିକ୍ଷା କ୍ଷେତ୍ରରୁ ଭାଷାର ବହିଷ୍କାର ଯୋଗୁଁ ଅଳ୍ପସଂଖ୍ୟକ ସ୍ୱଦେଶୀ ଭାଷା ଭାଷୀ ସମ୍ପ୍ରଦାୟର ଲୋକମାନେ ଦାରିଦ୍ର ଓ ଶୋଷିତ ହୋଇ ରହିଥାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଭାରତର ଆଦିବାସୀ ଜନଗୋଷ୍ଠୀ ,ଯେଉଁ ମାନଙ୍କ ଭାଷା ଅସୁବିଧା ରେ ଅଛି କାରଣ ଶିକ୍ଷା ଏବଂ ଅନ୍ୟାନ୍ୟ ପରିସରରୁ ସେମାନଙ୍କ ଭାଷାକୁ ବହିଷ୍କାର କରି ରଖିବା ।

**ଭାରତରେ ଆଦିବାସୀ ସମ୍ପ୍ରଦାୟ; ଶିକ୍ଷା ଏବଂ ଭାଷା ପ୍ରତିବନ୍ଧକ**

ଭାରତର ୮୪.୩ କୋଟି ଜନସଂଖ୍ୟା ଭିତରେ ୮.୨% ହେଉଛନ୍ତି ଆଦିବାସୀ ।୫୨୩ଟି ଆଦିବାସୀ ସମ୍ପ୍ରଦାୟର ଲୋକ ୭୨୮ ଟି ଭାଷାରେ କଥା କହନ୍ତି । ତାହା ଭିତରୁ ୧୫୯ ଟିକୁ ସେମାନଙ୍କ ଠାରୁ ଅଲଗା କରି ଦିଆଯାଇଛି ।(ସିଂହ, ୨୦୦୨) ଅଧିକାଂଶ ଆଦିବାସୀ ଭାଷାର ଲିପି ନାହିଁ ଏବଂ ସେହି ଭାଷା ଗୁଡିକ ମୁଖ୍ୟଭାଷା କିମ୍ବା ରାଜ୍ୟର ପ୍ରଭାବଶାଳୀ ଭାଷାର ଲିପିରେ ଲେଖାଯାଉଛି କିନ୍ତୁ କିଛି ଆଦିବାସୀ ସମ୍ପ୍ରଦାୟ ନିଜର ନିଜସ୍ୱ ଲିପିର ବିକାଶ କରିଛନ୍ତି ଯେମିତି ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ୧୯୯୯ ରେ ହୋଇଥିବା ଷଷ୍ଠ ସର୍ବଭାରତୀୟ ଶିକ୍ଷା ସର୍ବେକ୍ଷଣ ଦର୍ଶାଇଛି ଯେ ୪୧ ଟି ଭାଷା କୁ (ପ୍ରଥମରୁ-ଦଶମ) ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାରେ ଶିକ୍ଷାର ମାଧ୍ୟମ ଭାବେ ଏବଂ ପାଠ୍ୟ ବିଷୟ ବସ୍ତୁ ଭାବେ ବ୍ୟବହାର କରାଯାଉଛି , ତାହା ଭିତରୁ କେବଳ ୧୩ ଟି ମାତ୍ର ଆଦିବାସୀ ଭାଷା । ଉତ୍ତରପୂର୍ବ ରାଜ୍ୟ ଭିତରୁ କେବଳ ଗୋଟିଏ(ନିକୋବର)ଯାହାର ଆଦିବାସୀ ଜନସଂଖ୍ୟା ଅନେକ ଅଧିକ । ଏହି ୧୩ ଟି ଭାଷାରୁ କେବଳ ୩ଟି କି ୪ଟି ଭାଷା ଶିକ୍ଷା କ୍ଷେତ୍ରରେ ମାଧମ ଭାବେ ଏବଂ ସ୍କୁଲ ପାଠ୍ୟକ୍ରମର ବିଷୟ ଭାବେ ପଢାଯାଉଛି । ଗୋଟିଏ ଭାଗରୁ ବି କମ୍ ଆଦିବାସୀ ପିଲା ନିଜ ମାତୃଭାଷା କୁ ସ୍କୁଲ ଶିକ୍ଷାର ମାଧମ ଭାବେ ପାଇଥାନ୍ତି ।ଏହି ଆଦିବାସୀ ଭାଷାକୁ ସ୍କୁଲ ଶିକ୍ଷା ପରିସରରୁ ବହିଷ୍କାର କରିବା ସମସ୍ୟା ମୂଳକ କାରଣ ଦେଶର ବିଭିନ୍ନ ସ୍ଥାନରେ ଶ୍ରେଣୀ କକ୍ଷ ରେ ଆଦିବାସୀ ଛାତ୍ରଙ୍କ ସଂଖ୍ୟା କିଛି କମ୍ ନୁହେଁ ।

ସମ୍ବିଧାନରେ ଏବଂ ବିଭିନ୍ନ ନୀତିରେ ସଂଖ୍ୟାଲଘୁଙ୍କ ମାତୃଭାଷାକୁ ଶିକ୍ଷାର ମାଧମ ଭାବେ ପ୍ରଚଳନ କରିବାର ସମସ୍ତ ସୁଯୋଗ ଦେବା ସତ୍ତ୍ୱେ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ଆଦିବାସୀ ପିଲାଙ୍କ ମାତୃଭାଷାକୁ ସହଜରେ ଗ୍ରହଣ କରାଯାଉନାହିଁ । ଭାରତର ଆଦିବାସୀ ସମ୍ପ୍ରଦାୟ ଭିତରେ ଶିକ୍ଷାର ନିମ୍ନ ହାର ଦେଖି ବିଭିନ୍ନ ସମୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ଯେ ଭାରତରେ ପୂର୍ବରୁ ମାତୃଭାଷା ମାଧମରେ ଶିକ୍ଷାକୁ ମହତ୍ୱ ଦିଆଯିବା ସତ୍ତ୍ୱେ ଏବଂ ମାତୃଭାଷା ମାଧମର ଶିକ୍ଷା ଦ୍ୱାରା ଶିକ୍ଷାର ମାନ ବୃଦ୍ଧି ପାଇଥାଏ ଏସବୁ ଜାଣିବା ସତ୍ତ୍ୱେ ବାସ୍ତବରେ ସ୍କୁଲ ଶିକ୍ଷାରେ ସେହି ଭାଷାର ଗୁରୁତ୍ୱକୁ ଆଗ୍ରାହ୍ୟ କରି ଦିଆଯାଉଛି । ଆଦିବାସୀ ପିଲାଙ୍କ ମାତୃଭାଷାକୁ ଶିକ୍ଷାରୁ ଦୂରେଇ ରଖିବା ଯୋଗୁଁ ପିଲାର ସ୍କୁଲ ଶିକ୍ଷାରେ ସଫଳତାର ହାର କମି ଯାଉଛି । ବିଭିନ୍ନ ଗବେଷଣାତ୍ମକ ଅଧ୍ୟୟନରୁ ଜଣାଯାଇଛି ଯେ ଭାରତରେ ପ୍ରାଥମିକ ଶିକ୍ଷାରେ ପିଲାର ମାତୃଭାଷାକୁ ସ୍ଥାନ ନ ଦେବା ଯୋଗୁଁ ସେହି ପିଲାମାନେ କିପରି ଶ୍ରେଣୀ କକ୍ଷରେ ଅସଫଳ ହେବା ସହିତ ଶିଖିବା ପଦ୍ଧତି ମଧ୍ୟରେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ତାଙ୍କ ଅଧ୍ୟୟନରୁ ମିଳିଥିବା ଫଳାଫଳକୁ ନେଇ ଆଲୋଚନା କରିଛନ୍ତି ଯେ ଭାରତରେ ଚାରୋଟି ରାଜ୍ୟ ଯେଉଁଠି ପ୍ରାଥମିକ ଶିକ୍ଷାରେ ପିଲାର ମାତୃଭାଷାକୁ ସ୍ଥାନ ଦିଆଯାଇନାହିଁ ସେଠି ଶ୍ରେଣୀ କକ୍ଷର ସଫଳତାର ହାର ସବୁଠୁ କମ୍ । ପ୍ରାଥମିକ ସ୍ତରରେ ଆଦିବାସୀ ପିଲାଙ୍କ ଶିକ୍ଷା ସମସ୍ୟା ତାଙ୍କୁ ଅଧାରୁ ପାଠପଢା ଛାଡିବାକୁ ବାଧ କରିଥାଏଏବଂ ଶିକ୍ଷାର ବିଭିନ୍ନ ସ୍ତରରେ ସେମାନେ ବିଫଳ ହେବା ଯୋଗୁଁ ଭାରତରେ ଆଦିବାସୀ ଜନସାଧାରଣଙ୍କ ଶିକ୍ଷାସ୍ତର ସବୁଠୁ କମ୍ ହୋଇଥାଏ । ଆଦିବାସୀଙ୍କ ଅସଫଳତାର କିଛି କାରଣ ଏଠି ଆଲୋଚନା କରାଯିବା ସହ ଭାରତର ଦୁଇଟି ସବୁଠୁ ପ୍ରତିକୂଳ ଅବସ୍ଥାରେ ଥିବା ଦୁଇଟି ସମ୍ପ୍ରଦାୟ ହେଉଛି ହରିଜନ ଏବଂ ଆଦିବାସୀ ।

**ସାକ୍ଷରତା,ସ୍କୁଲ ତାଲିକାଭୁକ୍ତ, ସ୍କୁଲ ତ୍ୟାଗହାର ଏବଂ ଆଦିବାସୀଙ୍କ ଶିକ୍ଷାଗତ ସଫଳତା**

ଆଦିବାସୀ ମାନଙ୍କର ସମୁଦାୟ ଜନସଂଖ୍ୟା ର ୫୪.୫୧ ତୁଳନାରେ ସାକ୍ଷରତା ହାର ହେଉଛି ୩୮.୪୧% ଏବଂ ହରିଜନ ମାନଙ୍କର ୪୫.୨୦% କାର୍ଯ୍ୟକାରୀ ସାକ୍ଷରତା ହାର ୪୩.୧୦% ହେଉଛି ଆଦିବାସୀଙ୍କର ଏବଂ ୫୪.୯୨% ହେଉଛି ହରିଜନଙ୍କର ଏବଂ ୫୮.୮୧% ହେଉଛି ଅନ୍ୟାନ୍ୟ ମାନଙ୍କର । ଆଦିବାସୀ ଜନସଂଖ୍ୟାର ସାକ୍ଷରତା ହାର ଭିତରେ ୨୧.୩୧% ଦୂରତା ରହିଛି ଏବଂ ଏମାନଙ୍କ ତୁଳନାରେ ୧୪.୧୨% ହେଉଛି ହରିଜନଙ୍କର । ୫ ରୁ ୧୧ ବର୍ଷ ବୟସ ଆଦିବାସୀ ପିଲା (ପ୍ରଥମରୁ ପଞ୍ଚମ ଶ୍ରେଣୀ ) ଙ୍କର ସ୍କୁଲ ଦାଖିଲା/ପ୍ରବେଶ ହାର ହେଉଛି ୯୮.୫୩% ଏବଂ ହରିଜନଙ୍କର ହେଉଛି ୯୫.୫୧% ଏବଂ ଅନ୍ୟମାନଙ୍କର ହେଉଛି ୯୫.୩୯% । ବର୍ତ୍ତମାନ ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟକ ଆଦିବାସୀ ପିଲାଙ୍କ ପାଇଁ ସରକାର ସ୍ୱତନ୍ତ୍ର ଭାବେ ସାର୍ବଜନୀକ ଶିକ୍ଷାର କାର୍ଯ୍ୟକ୍ରମ କୁ ପ୍ରଚଳନ କରିବା ଯୋଗୁଁ ସେମାନଙ୍କ ସ୍କୁଲରେ ପ୍ରବେଶ ସଂଖ୍ୟା ସର୍ବାଧିକ । ଷଷ୍ଠରୁ ଅଷ୍ଟମ ଭିତରେ ଆଦିବାସୀ ଙ୍କ ସ୍କୁଲ ପ୍ରବେଶ ହାର ୪୮.୧୯%, ହରିଜନଙ୍କ ୫୯.୨୮% ଏବଂ ଅନ୍ୟାନ୍ୟ

ଗୋଷ୍ଠୀଙ୍କ ୫୦.୨୨% ପ୍ରତିଶତ । ଯେତେବେଳେ ସବୁ ଶ୍ରେଣୀ ବା ବୟଷକୁ ମିଶାଯାଇ ପ୍ରଥମରୁ ଅଷ୍ଟମ କରାଯାଏ ତେବେ ଆଦିବାସୀ ଙ୍କ ସର୍ବମୋଟ ସ୍କୁଲ ପ୍ରବେଶ ହାର ୮୦.୫୦, ହରିଜନଙ୍କ ୮୧.୦୫ ଏବଂ ଅନ୍ୟାନ୍ୟ ଙ୍କ ୫୨.୪୧୧ ପ୍ରତିଶତ । ପ୍ରଥମ ଶ୍ରେଣୀ ରୁ ସ୍କୁଲରେ ପ୍ରବେଶ କରି ପଞ୍ଚମ ଶ୍ରେଣୀ ବେଳକୁ ସ୍କୁଲ ଛାଡିବା ଆଦିବାସୀ ପିଲାଙ୍କ ହାର ୫୧.୫୩, ହରିଜନଙ୍କ ୪୧.୪୩ ଏବଂ ଅନ୍ୟାନ୍ୟ ୩୪.୯୦ ଦଶମ ବେଳକୁ ସ୍କୁଲ ଛାଡୁଥିବା ଆଦିବାସୀ ପିଲାଙ୍କ ହାର ଶତକଡା ୮୦.୨୫ ,ହରିଜନଙ୍କ୩୧.୯୨ ଏବଂ ଅନ୍ୟନ୍ୟଙ୍କ ୫୨.୫୦ । ଏହି ସଂଖ୍ୟା ଗୁଡିକ କିଛି ନିର୍ଦ୍ଦିଷ୍ଟ ଶିକ୍ଷା ପରିସଂଖ୍ୟାନ ରୁ ଅଣାଯାଇଛି ଯେଉଁଥିରେ ଦର୍ଶାଯାଇଛି ଯେ ସାଧାରଣତଃ ଆଦିବାସୀ ପିଲାଙ୍କ ପାଇଁ ସ୍କୁଲ ପ୍ରବେଶ ଓ ସେଠି ତିଷ୍ଠି ରହିବା ଭିତରେ ଅନେକ ପ୍ରତିବନ୍ଧକ ରହିଛି ।

ପଞ୍ଚମ ଶ୍ରେଣୀର ଶେଷରେ ପିଲାର ଶିକ୍ଷା ସଫଳତାର ମୂଲ୍ୟ ନିର୍ଦ୍ଧରଣ କରିବାକୁ ଯାଇ ୮୮.୨୩୧ ନମୁନା କରିଥିଲେ । ସେଥିରୁ ଜଣାଯାଇଛି ଯେ ଅନ୍ୟ ଛାତ୍ରଙ୍କ ଅପେକ୍ଷା ଆଦିବାସୀ ଛାତ୍ରଙ୍କ ସଫଳତାର ହାର ଖୁବ୍ କମ୍ ଗଣିତ, ପରିବେଶବିଜ୍ଞାନ , ଭାଷା ବ୍ୟାକରଣ,ପଠନ ଇତ୍ୟାଦି ସେମାନେ କମ୍ ମାର୍କ ଆଣିଛନ୍ତି । କେବଳ ଗଣିତକୁ ଛାଡିଦେଲେ ଆଦିବାସୀ ପିଲାମାନେ ତାଙ୍କ ହରିଜନ ସହପାଠୀଙ୍କ ଠାରୁ ଭଲ ନମ୍ବର ରଖିଥିଲେ କିନ୍ତୁ ସେମାନଙ୍କ ଫଳାଫଳ ଅନ୍ୟାନ୍ୟ ପିଲାଙ୍କ ତୁଳନାରେ ବହୁତ କମ୍ । ହାଇସ୍କୁଲ ପରୀକ୍ଷାର ଫଳାଫଳ ଯଦି ଦେଖାଯାଏ ତେବେ ତାହା ହରିଜନ ପିଲାଙ୍କଠାରୁ ବହୁତ କମ୍ । ଭାରତର ବିଭିନ୍ନ ସ୍ଥାନର ଫଳାଫଳରୁ ଜଣାଯାଇଛି ଯେ ଆଦିବାସୀ ପିଲାଙ୍କ ହାଇସ୍କୁଲ ପାସ୍ ଫଳାଫଳ ୪୦ପ୍ରତିଶତ ହୋଇଥାଏ ଯାହା ଅନ୍ୟମାନଙ୍କ ଠାରୁ ବହୁତ କମ୍ ।୧୦୦ ଜଣଙ୍କ ମଧ୍ୟରୁ ୮୦ ହାଇସ୍କୁଲ ପରୀକ୍ଷା ଦେବା ପୂର୍ବରୁ ସ୍କୁଲ ଛାଡିଥାନ୍ତି । ଏହାର ଅର୍ଥ ଯେଉଁ ୨୦ ଜଣ ପରୀକ୍ଷା ଦିଅନ୍ତି ସେମାନଙ୍କ ମଧ୍ୟରୁ କେବଳ ୮ ଜଣ ପରୀକ୍ଷାରେ ପାସ୍ କରନ୍ତି । ଓଡିଶାରେ ହେଉଥିବା ରାଜ୍ୟ ସ୍ତରୀୟ ୨୦୦୩-୨୦୦୫ ର ବୋର୍ଡ ପରୀକ୍ଷାର ଫଳାଫଳକୁ ତର୍ଜମା କରି ମହାନ୍ତି (୨୦୦୮ ) ଦର୍ଶାଇଛନ୍ତି ଯେ ହରିଜନ ଓ ଆଦିବାସୀ ପିଲାଙ୍କ ତୁଳନାରେ ଆଦିବାସୀ ପିଲାଙ୍କ ସଫଳତାର ହାର ଖୁବ୍ କମ୍ ।୨୦୦୫ ଏବଂ ୨୦୦୩ ର ଫଳାଫଳ ମଧ୍ୟ ସେହି ପରିସ୍ଥିତିକୁ ଦର୍ଶାଇଛି ।ଆଦିବାସୀ ପିଲାଙ୍କ ନିମ୍ନ ସ୍ତରୀୟ ସ୍କୁଲ ଶିକ୍ଷାର ବିଫଳତା ଯୋଗୁଁ ଉଚ୍ଚସ୍ତରୀୟ ଶିକ୍ଷାରେ ସେମାନଙ୍କ ଯୋଗଦାନ ସଂଖ୍ୟା ଖୁବ୍ କମ୍ ହୋଇଥାଏ ।

ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଉଚ୍ଚସ୍ତରୀୟ ଶିକ୍ଷାରେ ଆଦିବାସୀ ପିଲାଙ୍କ ପତନକୁ ଲକ୍ଷ କଲେ ଜଣାଯାଏ ପ୍ରାଥମିକ ସ୍ତରରେ (ପ୍ରଥମରୁ ପଞ୍ଚମ ) ୯.୫୩ ପ୍ରତିଶତ ହୋଇଥିବା ବେଳେ ନବମରୁ ଦ୍ୱାଦଶ ଶ୍ରେଣୀ ବେଳକୁ ତାହା ୫.୩୭ % ସ୍ତରକୁ ଓହ୍ଲାଇ ଆସିଥାଏ । ଉଚ୍ଚ ଏବଂ ବୌଷୟିକ ଶିକ୍ଷାରେ ଆଦିବାସୀ ପିଲାଙ୍କ ସଂଖ୍ୟା ବହୁତ କମ୍ । ଉଚ୍ଚ ଶିକ୍ଷା ଏବଂ ବୌଷୟିକ ଶିକ୍ଷାରେ ଆଦିବାସୀ ପିଲାଙ୍କ ୨୦୦-୨୦୦୧ ଏବଂ ୨୦୦୧-୨୦୦୨ କୁ ଦେଖିଲେ ଜଣାଯାଏ ତାହା ୨.୯୮ ରୁ ୪.୫୪ ପ୍ରତିଶତ ଦେଖିବାକୁ ମିଳେ ।

**<u>ଭାଷା ପ୍ରତିବନ୍ଧକ ଏବଂ ଆଦିବାସୀ ପିଲାଙ୍କ ଶିକ୍ଷା;</u>**

ଆଦିବାସୀ ପିଲାଙ୍କର ସାମାଜିକ -ଆର୍ଥିକ ଦାରିଦ୍ରତା ଏବଂ ଶିକ୍ଷା କ୍ଷେତ୍ରରେ ଅସଫଳତାର ମୁଖ୍ୟ କାରଣ ହେଉଛି ଭାଷାଗତ ପ୍ରତିବନ୍ଧକ ।ଏହି ଭାଷାଗତ ପ୍ରତିବନ୍ଧକ ଗୋଟିଏ ବିଷୟଗତ ପ୍ରତିବନ୍ଧକ କାରଣ ସ୍କୁଲ ପାଠ୍ୟ ପୁସ୍ତକରେ ଆଦିବାସୀ ପିଲାର ସଂସ୍କୃତି, ଦୌନଦିନ ଜୀବନର ଅନୁଭୂତି ପରିପ୍ରକାଶ କରାଯାଇନଥାଏ । ପୂର୍ବରୁ କୁହାଯିବା ପରି ,ଭାରତରେ ଆଦିବାସୀ ପିଲାଙ୍କ ଶିକ୍ଷା ସମସ୍ୟାକୁ ନେଇ ସାଧାରଣତଃ ଅନୁମାନ କରାଯାଇଥାଏ ଯେ ଆଦିବାସୀ ଭାଷାକୁ ଶିକ୍ଷାରେ ସ୍ଥାନ ଦେବା ମୂଳରେ ଅନେକ ସମସ୍ୟା ରହିଛି ଏବଂ ଏହି ଭାଷା ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ଅନେକ ବୌଦ୍ଧିକ, ସାମାଜିକ ଓ ଆର୍ଥିକ ବୋଝ ଉଠାଇବାକୁ ପଡିବ । ଏହି ବିଶ୍ୱାସର ବିଷୟରେ ଓଡିଶାର କନ୍ଧ ମାନଙ୍କୁ ନେଇ ଦୁଇ ଦଶନ୍ଧି ଧରି କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଯେ ଓଡିଆ ଓ କନ୍ଧ ଦ୍ୱିଭାଷୀ ପିଲା ଏକମାତ୍ର କନ୍ଧ ଭାଷା ପଢିବା ପିଲା ଅପେକ୍ଷା ଶିକ୍ଷା କ୍ଷେତ୍ରରେ ଅଧିକ ସଫଳତା ହାସଲ କରଛି କନ୍ଧ ଅଧ୍ୟୟନରୁ ମଧ୍ୟ ଜଣାପଡିଛି ଯେ କୁଇ ଭାଷା ଓ ସମ୍ପ୍ରଦାୟକୁ ଦ୍ୱି-ବହୁଭାଷିତା କ୍ଷେତ୍ରରେ ଉତ୍ତରପୋଷଣ ଯୋଗୁଁ ଏହା ଯୋଗାଯୋଗ କ୍ଷେତ୍ରରେ ସାମାଜିକ ଏକତାକୁ ବଜାୟ ରଖିଛି । ସ୍ୱଦେଶୀ ଭାଷା ଗୁଡିକରେ ରକ୍ଷଣାବେକ୍ଷଣ ଗୋଟିଏ ସାମାଜିକ ଓ ମନୋବୌଜ୍ଞାନିକ ସମ୍ବଳ କିନ୍ତୁ ଭାଷା ସମ୍ପ୍ରଦାୟ ପାଇଁ ଗୋଟିଏ ବୋଝ ନୁହେଁ । ବରଂ ଏହାକୁ ଅସ୍ୱିକାର କରିବା ଓ ବର୍ଜନ କରିବା ରେ ହିଁ ସମସ୍ୟା ଦେଖାଦିଏ ।

ଆଦିବାସୀ ପିଲାର ମମାତୃଭାଷା କୁ ଶିକ୍ଷା କ୍ଷେତ୍ରରୁ ବର୍ଜନ କରିବା ଫଳରେ ସେହି ପିଲାର ଶ୍ରେଣୀ କକ୍ଷରେ ଶିଖିବାର

ସୁଯୋଗ ଏବଂ ପାଠଗତ ସଫଳତା ଏବଂ ସେମାନଙ୍କ ବଞ୍ଚିବାର ଧାରାକୁ ସୀମିତ କରି ଦେଇଥାଏ। ବିଭିନ୍ନ ଭାରତୀୟ ଅଧ୍ୟୟନ ଦର୍ଶାଇଛି ଯେ ଆଦିବାସୀ ପିଲା ଏବଂ ଅନ୍ୟାନ୍ୟ ଗୋଷ୍ଠୀର ପିଲା ମାତୃଭାଷା ମାଧ୍ୟମରେ ପଢିବା ଦ୍ୱାରା ପାଠପଢାରେ ଭଲ କରିଥାନ୍ତି କିନ୍ତୁ ମୁଖ୍ୟଭାଷାକୁ ମାଧ୍ୟମ କରି ପଢିବା ଦ୍ୱାରା ନୁହେଁ। ଏହାର ବିଭିନ୍ନ ଅଧ୍ୟୟନରୁ ଜଣାଯାଇଛି ଯେ ପୃଥିବୀର ବିଭିନ୍ନ ସ୍ଥାନରେ ଅନେକ ଅଧ୍ୟୟନ ଏହା ଦର୍ଶାଇଛି ଯେ ମାତୃଭାଷା ମାଧ୍ୟମରେ ପାଠପଢା ଦ୍ୱାରା ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ଅଧିକ ଉପକୃତ ହୋଇଥାନ୍ତି। ଉଦ୍ଦେଶ୍ୟ ମୂଳକ ଭାବେ ଯଦି ପିଲାକୁ ମୁଖ୍ୟଭାଷା ମାମରେ ପଢିବାକୁ ବାଧ କରିବା ଦ୍ୱାରା ଏହାର ଦୀର୍ଘମୂଳକ ନାକାରାତ୍ମକ ପ୍ରଭାବ କେବଳ ପିଲାର ମାତୃଭାଷା ଉପରେ ନୁହେଁ ବରଂ ପିଲାର ସାମର୍ଥ୍ୟ, ଚୟନର ସ୍ୱାଧିନତା ଏବଂ ଅଧିକାର ଉପରେ ମଧ ପଡିଥାଏ।

**<u>ଶିକ୍ଷା ସାମର୍ଥର ଅଭାବ ଏବଂ ଆଦିବାସୀ ଜନସାଧାରଣଙ୍କ ଦାରାଦ୍ରତା</u>**

ଅମର୍ତ୍ତ୍ୟସେନ୍ ଦାରିଦ୍ରତାକୁ (ସାମର୍ଥର ଅଭାବ ) ଏବଂ (ପରାଧିତା ) ରୂପେ ଅବଧାରଣା କରିଛନ୍ତି। (୨୦୦୭:୩୫-୩୬) ଙ୍କ ମତରେ ସାମର୍ଥର ଅର୍ଥ (ବିଭିନ୍ନ କାର୍ଯ୍ୟର ସର୍ବଭୋମ ସ୍ଥାନ ଯେଉଁଠି ଜଣକୁ ବଛାଯାଇଥାଏ।) ଏବଂ ସ୍ୱାଧିନତା ଅର୍ଥ (କି ପ୍ରକାର ଜୀବନ ବଞ୍ଚିବାକୁ ହେବ ତାହା ବ୍ୟକ୍ତି ବିଭିନ୍ନ ସ୍ତରରୁ ନିଜ ଇଛା ମତେ ଗୋଟିଏ ବାଛି ନେବ । ତେଣୁ ସେନ୍ ସାମାଜିକ ଅସମାନତାକୁ ସୁଯୋଗର ଏବଂ ସ୍ୱାଧିନତାର ଅଭାବ ଏବଂ ସାମର୍ଥର ଅଭାବକୁ ଦାରିଦ୍ର ସହ ଜୋଡିଚନ୍ତି। ସେନ୍ ଙ୍କ ମତରେ ସାମର୍ଥକୁ ବଢାଇବା ପାଇଁ ଶିକ୍ଷା ଗୋଟିଏ ମୁଖ୍ୟ ମାଧ୍ୟମ ଏବଂ ନିରକ୍ଷରତା ବା ସ୍ୱାଧିନତାର ଅଭାବ ଆର୍ଥିକ ସ୍ଥିତିକୁ ବିଗାଡି ଦେଇଥାଏ । ସ୍କୁଲ ଶିକ୍ଷା ଫଳରେ ସିଧାସଳଖ ଚାକିରି ଏବଂ ରୋଜଗାର ସୁଯୋଗ ବଢିଥାଏ ଏବଂ ଏହା ବ୍ୟକ୍ତିର ସାମାଜିକ ଓ ସାଂସ୍କୃତିକ ସ୍ୱାଧିନତାରେ ସାହାଯ୍ୟ କରିବା ସହ ରାଜନୌତିକ ଅଧିକାର ସାବ୍ୟସ୍ଥର ସାହାଯ୍ୟ କରି ବ୍ୟକ୍ତି ସଶକ୍ତ କରିଥାଏ। ଏବଂ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ କହିଛନ୍ତି ଯେ ଭାରତର ସ୍ୱର ନଥିବା ଗୋଷ୍ଠୀ ହିଁ ସମସ୍ତ ଅସୁବିଧାର ସମ୍ମୁଖିନ ହୁଏ ମୁଖ୍ୟତଃ ଆଦିବାସୀ ,ସେମାନଙ୍କର ନିରକ୍ଷରତାର ହାର ଅଧିକ ଏବଂ ଶିକ୍ଷାର ଅଭାବ ଏହି ଦୁଇଟି କାରଣ ଯୋଗୁଁ ଆର୍ଥିକ ଉନ୍ନତି ହୋଇପାରେ ନାହିଁ। ସେମାନଙ୍କର ଅଭାବ ଯୋଗୁଁ ସ୍କୁଲ ଉପସ୍ଥିତି କମିଯାଏ ଏବଂ ସେମାନେ ସ୍କୁଲ ଛାଡିଛନ୍ତି । ହତୋସ୍ୱାହିତ ହେବାର କାରଣ ହେଉଛି ଶ୍ରେଣୀ କକ୍ଷ,ଭିନ୍ନ ପାଠ୍ୟକ୍ରମ ଭିନ୍ନ ଶିକ୍ଷକ, ଶ୍ରେଣୀ କକ୍ଷରେ ଅବାଞ୍ଚିତ ଭାବ ଇତ୍ୟାଦି ଛାତ୍ର କୁ ହତସ୍ୱାହିତ କରିଥାଏ। ଭାଷା ଓ ସଂସ୍କୃତିର ବିଭେଦ,ଅସମାନତା ହେଉଛି ନିରକ୍ଷରତା ଏବଂ ଶିକ୍ଷାରେ ବିଫଳତାର ମୂଳ ଉତ୍ସାହ ଶିକ୍ଷାହିଁ ଆର୍ଥିକ ବିକାଶର ମୁଖ୍ୟ ଆଧାର ଏବଂ ଉତ୍ତମ ମାନର ଶିକ୍ଷା ପାଇଁ ମାତୃଭାଷାହିଁ ମୁଖ୍ୟ ଆଧାର। ଘର ଏବଂ ସ୍କୁଲ ଭାଷାରେ ଅମେଳ, ମାତୃଭାଷାର ଅବହେଳା ,ଇତ୍ୟାଦି ଆଦିବାସୀ ପିଲାଙ୍କୁ ବାଧ କରେ ଶିକ୍ଷାରେ ଅସଫଳତା,ଅସାମର୍ଥତା ଅସମାନତା ଇତ୍ୟାଦି ଆଡକୁ ଟାଣିଆଣେ । ଶିକ୍ଷାରେ ଅସଫଳତା ର ଏକ ମୁଖ୍ୟ କାରଣ ହେଉଛି ମାତୃଭାଷାକୁ ଶିକ୍ଷାରୁ ବର୍ଜନ କରିବା ଏବଂ ଭାରତର ଆଦିବାସୀଙ୍କ ଦାରିଦ୍ରତା ଏହା ଏକ ମୁଖ୍ୟ କାରଣ।

ଭାରତର ଶିକ୍ଷା ପଦ୍ଧତି, ଯାହାକୁ ଆନୁଷ୍ଠାନିକ ଭାବେ ମାନବ ସମ୍ବଳ ବିକାଶ କୁହାଯାଏ, ଯାହା ସବୁଠୁ ଶକ୍ତିଶାଳୀ ସମ୍ବଳ ତାହା ହେଉଛି ମାତୃଭାଷା ସହ ଆଦିବାସୀ ପିଲା ସ୍କୁଲକୁ ଆସେ ତାହାକୁ ଅବହେଳା କରେ ଏବଂ ଇଛା ମୁତାବକ ଜୀବନ ବାଛି ନେବାର ପ୍ରକ୍ରୀୟା ବିଫଳ ହୋଇଥାଏ। ଏହା ମାନବ ସମ୍ବଳର ବିକାଶ କରାଇବାରେ ବିଫଳ ହୋଇଥାଏ ଯାହା ଅସୁବିଧାକୁ କ୍ରମାନୟରେ ବଢାଇଥାଏ। ମାତୃଭାଷାକୁ ଶିକ୍ଷାରୁ ବହିଷ୍କାର କରିବା ଯୋଗୁଁ ଏହା ସମ୍ବଳର ବିନିଯୋଗ ରାସ୍ତାକୁ ସୀମିତ କରିଦିଏ ଏବଂ ଭାଷା ସମ୍ପ୍ରଦାୟର ଭାଷା ଅଧିକାରକୁ ବଞ୍ଚିତ କରି ଅସମାନତାକୁ ସ୍ଥାୟୀ କରିଦିଏ। ଭାରତର ଆଦିବାସୀଙ୍କ କ୍ଷେତ୍ରରେ ଭାଷାଗତ ବିଭେଦହେଉଛି ସେମାନଙ୍କ ସାମର୍ଥ୍ୟ ଅଭାବର ମୁଖ୍ୟ କାରଣ ଯାହା ଶିକ୍ଷାଗତ ଓ ସାମାଜିକ ଅବହେଳାରୁ ହୋଇଥାଏ ତାହା ସେମାନଙ୍କ ଦାରିଦ୍ରରେଖାକୁ ବଢାଇଥାଏ। ଇଙ୍ଗିତ କରିବା ପରି ,ସେମାନଙ୍କ ଭାଷାକୁ ଶିକ୍ଷାରୁ ବହିଷ୍କାର କରି ତାକୁ ଦୁର୍ବଳ କରି ଦିଆଯାଉଛି ଏବଂ ଅନ୍ୟନ୍ୟ ମହତ୍ୱପୂର୍ଣ୍ଣ ପରିସରରୁ ସେମାନଙ୍କ ଭାଷାକୁ ଦୁରେଇ ରଖାଯାଉଛି ଏବଂ ପରେ ଏହାକୁ ଯଥେଷ୍ଟ ନୁହେଁ କିମ୍ବା ଦୁର୍ବଳର ଆଖ୍ୟା ଦିଆଯାଇ ପରେ ବହିଷ୍କାର କରାଯାଉଛଇ । ଶିକ୍ଷାରେ ମାତୃଭାଷା ଗୋଟିଏ ସମସ୍ୟା ନୁହେଁ ଗୋଟିଏ ସମାଧାନ ଏହାକୁ ବୁଝିବା ଅତି ଜରୁରୀ ।

**<u>ଭାରତରେ ମାତୃଭାଷାରୁ ବହୁଭାଷୀ ଶିକ୍ଷା</u>**

ବହୁଭାଷୀ ଶିକ୍ଷା ମନୋବୃତିକୁ ଆମର ସ୍କୁଲ ପଦ୍ଧତି କିମ୍ବା ଭାରତର ଉଚ୍ଚଶିକ୍ଷା ପଦ୍ଧତି ସ୍ୱୀକାର କରେ ନାହିଁ। ମାତୃଭାଷାର ରକ୍ଷଣ, ବହୁଭାଷିତା ଏବଂ ଭାଷା ବିବିଧତା ଗୁଡିକ ଆଦିବାସୀ ପିଲା ଏବଂ ସମାଜ ପାଇଁ ବୌଦ୍ଧିକ ଶିକ୍ଷାଗତ ଏବଂ ସାମାଜିକ ସମ୍ବଳ। ଭାରତର ବହୁଭାଷିତାରେ ଭାଷା ଓ ଆଦିବାସୀ ଭାଷା, ସଂଖ୍ୟାଲଘୁତା ଭିତରେ ଥିବା ତଫାତ୍ ବିସ୍ତୃତ ଯୋଗାଯୋଗର ଭାଷା ଭାବେ ରାଜ୍ୟ ସ୍ତରୀୟ କିମ୍ବା ଆଞ୍ଚଳିକ ଭାଷା ଯଥା ହିନ୍ଦୀ ଏବଂ ଇଂରାଜୀ ମଧ ଅନୁପୁରକ ସମ୍ପର୍କ ଦେଖାଯାଏ । ସମ୍ବଳ ଯୁକ୍ତ ବହୁଭାଷିତା ଯୋଜନାରେ ବହୁଭାଷୀ ଶିକ୍ଷା ମୂଳ ସ୍ଥାନ ଗ୍ରହଣ କରିଛି ଯାହା ସଂଖ୍ୟାଲଘୁ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଆଦିବାସୀ

ଭାଷା ଗୁଡିକକୁ ହତସ୍ୱାହିତ କିମ୍ବା ଗୌଣ କରି ନଥାଏ ।

ଗୁଣାତ୍ମକ ଶିକ୍ଷା ରେ ମାତୃଭାଷାର ଭୂମିକା ଏବଂ ଉପଯୋଗ କୁ ପ୍ରଶଂସା କରିବାରେ ଭାରତର ବର୍ତ୍ତମାନ ବେସରକାରୀ ଶିକ୍ଷା ବ୍ୟବସ୍ଥା ଅକ୍ଷମ ହୋଇଛି । ସେମାନେ ଦୁର୍ବଳ ଭାଷା ଗୁଡିକୁ ଉତ୍ସହିତ କରୁନାହାନ୍ତି କିମ୍ବା ଉଚ୍ଚସ୍ତରୀୟ ବହୁଭାଷା ଦକ୍ଷତା କୁ କାର୍ଯ୍ୟକାରୀ କରି ପାରୁ ନାହାନ୍ତି କିଛି ଭାରତ ସରକାରଙ୍କ ସଂସ୍ଥା ଯଥା ଭାରତୀୟ ଭାଷା ସଂସ୍ଥାନ ଆଦିବାସୀ ଭାଷା ଓ ଦୁର୍ବଳ ଭାଷା ଗୁଡିକୁ ଉନ୍ନତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରୟାସ କରୁଛି । ପଟ୍ଟନାୟକ ( ୧୯୮୧ ), ଯିଏ ଭାରତୀୟ ଭାଷା ସଂସ୍ଥାନର ପ୍ରଥମ ନିର୍ଦ୍ଦେଶକ ମାତୃଭାଷା ଆଧାରିତ ଶିକ୍ଷା ପାଇଁ ଯୁକ୍ତି କରି କିଛି ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆଦିବାସୀ ଭାଷାର ପ୍ରଚଳନକୁ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରେ ଆଉ ବିକାଶ କରାଗଲା ନାହିଁ ଏବଂ ଶେଷରେ ବନ୍ଦ କରି ଦିଆଗଲା । ବର୍ତ୍ତମାନ ଜାତୀୟ ପାଠ୍ୟ ଖସଡା ଭାରତରେ ସ୍କୁଲ ଶିକ୍ଷାରେ ମାତୃଭଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ ପ୍ରଚଳନ କରାଗଲା କିନ୍ତୁ ନିର୍ଦ୍ଦିଷ୍ଟ ନୀତି ଓ ପ୍ରଣାଳୀ ର ଅଭାବ ଯୋଗୁଁ ଏହି ପାଠ୍ୟ ଖସଡା କାର୍ଯ୍ୟକାରୀ ହୋଇପାରିଲା ନାହିଁ କିମ୍ବା ଶିକ୍ଷା ମାଧମରେ ବହୁଭାଷିତା ଦ୍ୱାରା ସମାଜର ବିବିଧତାକୁ ପ୍ରଚାର ପ୍ରସାର କରିବାରେ ସକ୍ଷମ ହୋଇପାରିଲା ନାହିଁ। ସଂଖ୍ୟାଲଘୁ ଭାଷା ଓ ଆଦିବାସୀ ଭାଷାକୁ ସଶକ୍ତ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ଭାଷାକୁ ବ୍ୟାପକ କରିବା ନୀତିର ଆବଶ୍ୟକ ଅଛି ଏବଂ ସମସ୍ତଙ୍କ ପାଇଁ ବହୁଭାଷିତା ପ୍ରଚାର କରାଯିବା ଉଚିତ୍ । ଶିକ୍ଷାର ପଦ୍ଧତି ଭାବେ ଭାରତରେ ବହୁଭାଷୀ ଶିକ୍ଷାକୁ ବିକଶିତ କରାଯିବା ଉଚିତ୍ ଯାହା ଦ୍ୱାରା ଆଦିବାସୀ ଲୋକେ ମାତୃଭାଷାର ବିକାଶ ସହ ସେହି ଭାଷାକୁ ଆଧାର କରି ଅନ୍ୟାନ୍ୟ ଭାଷାରେ ମଧ ଦକ୍ଷତା ହାସଲ କରିପାରିବେ । ଏହିରେ ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରାଯିବା ପରି ଏହି ପଦ୍ଧତିର ତାତ୍ୱିକ ମୂଳଦୂଆକୁ ଭଲଭାବେ ବିକଶିତ କରାଯାଇଛି ଏବଂ ସହଯୋଗ ବି କରାଯାଇଛି । କିଛି ପ୍ରାରମ୍ଭିକ ଉତ୍ସାହକୁ ଆଧାର କରି ଘରଭାଷା ଓ ସ୍କୁଲ ଭାଷା ଭିତର ଅମେଳ ସହ ଜଡିତ ସମସ୍ୟାକୁ ବିଭିନ୍ନ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ମଧରେ ଦର୍ଶାଯାଇଛି । ସେଥିମଧରୁ ଅନେକ ଖୁବ୍ ଦୁର୍ବଳ ସାମୟିକ କାର୍ଯ୍ୟକ୍ରମ, ବର୍ତ୍ତମାନ ସମୟରେ ସରକାରଙ୍କ ପ୍ରତ୍ସୋହନରେ କିଛି ରାଜ୍ୟରେ ଆଦିବାସୀ ପିଲାଙ୍କ ପାଇଁ ଅଧିକ ସଂଗଠିତ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଯେଉଁଥିରେ କିଛି ମୁଖ୍ୟ ଆଦିବାସୀ ସମ୍ପ୍ରଦାୟକୁ ଯୋଡା ଯାଇଛି ଏବଂ ଭବିଷ୍ୟତରେ ଆହୁରି ଅନେକଙ୍କୁ ସାମିଲ କରିବାର କାର୍ଯ୍ୟକ୍ରମ ରହିଛି । ଆନ୍ଧ୍ରପ୍ରଦେଶ ଏବଂ ଓଡିଶା ଯାହା ଭାରତର ବର୍ତ୍ତମାନ ବହୁଭାଷୀ ଶିକ୍ଷାର ଆଦିମ ଆବିଷ୍କାରକ, ସେହି କାର୍ଯ୍ୟକ୍ରମକୁ ବିସ୍ତୃତ ଭାବେ ଏହି ଅଧାୟରେ ବର୍ଣ୍ଣନା କରାଯିବ ।

**ଆନ୍ଧ୍ରପ୍ରଦେଶ ଓ ଓଡିଶାର ବହୁଭାଷୀ ଶିକ୍ଷା ; ଆହ୍ୱାନ ଏବଂ ସୁଯୋଗ**

୨୦୦୩ ରେ ଭାରତ ସରକାର ,ସର୍ବଶିକ୍ଷା ଅଭିଯାନ ( ସମସ୍ତଙ୍କ ପାଇଁ ଶିକ୍ଷା ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ରାଜ୍ୟଗୁଡିକ ପ୍ରମୁଖ ଆଦିବାସୀ ଲୋକଙ୍କୁ ନେଇ ସେମମମାନଙ୍କ ପିଲାଙ୍କ ପାଇଁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ସେହି ବର୍ଷ ୧୦୦ ସ୍କୁଲରେ ଆଠଟି ଆଦିବାସୀ ଭାଷାକୁ ନେଇ ଆନ୍ଧ୍ରପ୍ରଦେଶ ସ୍ଥିର କଲାଯେ ପରୀକ୍ଷାମୂଳକ ଭାବେ ବହୁଭାଷୀ ଶିକ୍ଷାକୁ ନେଇ କ୍ଷୁଦ୍ର ପରିକଳ୍ପନା ଆରମ୍ଭ କରିବା। ୨୦୦୪ ରେ ନିର୍ଦ୍ଦିଷ୍ଟ ସ୍କୁଲକୁ ନେଇପ୍ରଥମ ଶ୍ରେଣୀରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଲା ।୨୦୦୮ ରେ ସେହି ପ୍ରଥମ ଶ୍ରେଣୀ ପିଲା ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ପହଞ୍ଚିଲେଣି । ନିର୍ଦ୍ଦିଷ୍ଟ ସ୍କୁଲରେ ଆନ୍ଧ୍ରପ୍ରଦେଶ ଏହି କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଏହା ଲାଗୁ କରାଯାଇଛି । ଓଡିଆ ହେଉଛି ଦ୍ୱିତୀୟ ରାଜ୍ୟ ଯିଏ ଏହି କାର୍ଯ୍ୟକ୍ରମକୁ ୨୦୦୫ରେ ୧୦ ଟି ଆଦିବାସୀ ଭାଷାକୁ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କଲା। ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ୧୯୫ ଟି ନିର୍ଦ୍ଧାରିତ ସ୍କୁଲରେ ପ୍ରଥମ ଶ୍ରେଣୀ ରୁ ପ୍ରଚଳନ କରାଯାଇଛି । ୨୦୦୮ରେ ଏହି ପିଲାମାନେ ଦ୍ୱିତୀୟ ଶ୍ରେଣୀକୁ ଗଲେ ଏବଂ ଓଡିଶାରେ ଆହୁରି ୩୦୦ ସ୍କୁଲକୁ ଏହି କାର୍ଯ୍ୟକ୍ରମ ସହ ଜଡିତ ସ୍କୁଲ ସଂଖ୍ୟା ହେଉଛି୪୯୫ ।

**ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଗଠନ ,ପ୍ରକୃତି ଓ ମୂଲ୍ୟାୟନ**

ଏହି ଦୁଇ ରାଜ୍ୟରେ ବହୁଭାଷୀ କାର୍ଯ୍ୟକ୍ରମକୁ ବଳିଷ୍ଠ କରିବା ପାଇଁ ପିଲାର ମାତୃଭାଷା ମାଧମରେ ଶିକ୍ଷାଦାନ ବ୍ୟବସ୍ଥା ସ୍କୁଲର ପ୍ରାଥମମିକ କିଛି ବର୍ଷ କରି ଧିରେ ଧିରେ ରାଜ୍ୟ ମୁଖ୍ୟ ଭାଷାକୁ ଯଥା ଆନ୍ଧ୍ରରେ ତେଲେଙ୍ଗା ଓ ଓଡିଶାରେ ଓଡିଆଙ୍କୁ ଆଧାର କରିବା ପାଇଁ ଯୋଜନା ଥିଲା। ସେ ଯାହା ହେଉ ପୂର୍ବରୁ ସୂଚିତ ପରି ଭାରତରେ ଏହି ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମ ମାଧମରେ ଅନ୍ତତଃ ତିନି କିମ୍ବା ଚାରୋଟି ଭାଷାରେ ଉଚ୍ଚ ଦକ୍ଷତା ହାସଲ କରିବାରେ ଉଦ୍ଦେଶ୍ୟ ରହିଛି ସେହି ଭାଷା ଗୁଡିକ ହେଲା ମାତୃଭାଷା (ଆଦିବାସୀ ଏବଂ ସଂଖ୍ୟାଲଘୁ ପିଲା) ,ରାଜ୍ୟର ପ୍ରମୁଖ ଭାଷା ( ତେଲୁଗୁ କିମ୍ବା ଓଡିଆ ),ଏବଂ ଇଂରାଜୀ ଓ ହିନ୍ଦୀ । ଯଦିଓ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ମାତୃଭାଷା ସହ ଇଂରାଜୀ ଓ ହିନ୍ଦୀ ଭାଷା ଦକ୍ଷତାର ବିକାଶ ମଧ ଆଶା କରାଯାଏ ଏହି କାର୍ଯ୍ୟକ୍ରମରେ କଳ୍ପନା କରାଯାଉଛି ଯେ ବହୁଭାଷୀ ଶିକ୍ଷା ସ୍କୁଲର ପିଲା ପ୍ରାଥମିକ ଶିକ୍ଷା ଶେଷ ବେଳକୁ ମୁଖ୍ୟ ଭାଷାର ମାଧମ ରେ ପାଠ୍ୟକ୍ରମରେ ଯୋଗ ଦେବେ ।ଅନ୍ୟ ଅର୍ଥରେ ବହୁଭାଷୀ ଶିକ୍ଷା ସ୍କୁଲର ପିଲାମାନେ ଷଷ୍ଠଶ୍ରେଣୀ ବେଳକୁ ରାଜ୍ୟର ମୁଖ୍ୟ ଭାଷା ଯଥା ଓଡିଆ ଓ ତେଲୁଗୁ ଭାଷା ସ୍କୁଲ ଶିକ୍ଷାରେ ମାଧମ ଏବଂ ଅନ୍ୟାନ୍ୟ ବିଷୟକୁ ଏହି ଭାଷାରେ ପଢିବେ କେବଳ ଭାଷା ବିଷୟକୁ

ଛାଡି ଦେଲେ ସେ ଯାହା ହେଉ ଦୁଇ ରାଜ୍ୟର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଯେଉଁ ପ୍ରକାର ଭାଷା ଶିକ୍ଷା ବିଷୟ ସ୍ଥିର କରାଯାଇଛି ତାହା ଭିତର କିଛିଟା ତଫାତ୍ ଅଛି । ଉଭୟ ରାଜ୍ୟର କାର୍ଯ୍ୟକ୍ରମରେ ଆଦିବାସୀଙ୍କ ମାତୃଭାଷାହିଁ ଶିକ୍ଷାର ମାଧମ ଏବଂ ଏବଂ ଏହି ମାଧମରେ ସ୍କୁଲର ସବୁ ବିଷୟକୁ ତିନି ବର୍ଷ ପର୍ଯ୍ୟନ୍ତ ପଢାଯିବ । ଦ୍ୱିତୀୟ ଶ୍ରେଣୀରୁ ଦ୍ୱିତୀୟ ଭାଷାକୁ ପ୍ରଚଳନ କରି କେବଳ ଏହାର କଥିତ ଦକ୍ଷତାର ବିକାଶ ଦିଗରେ ଧାନ ଦିଆଯିବ ଏବଂ ତୃତୀୟ ଶ୍ରେଣୀରୁ ଏହି ଦ୍ୱିତୀୟ ଭାଷାର ପଠନ ଏବଂ ଲିଖନ ଦିଗରେ ଧାନ ଦିଆଯିବ । ଓଡିଶା ରାଜ୍ୟର ପାଠ୍ୟକ୍ରମ ଅନୁସାରେ ତୃତୀୟ ଶ୍ରେଣୀରୁ କଥିତ ଇଂରାଜୀର ପ୍ରଚଳନ ହୋଇଥାଏ କିନ୍ତୁ ଆନ୍ଧ୍ରପ୍ରଦେଶରେ ଚତୁର୍ଥ ଶ୍ରେଣୀରୁ ଇଂରାଜୀ ଭାଷାକୁ ପ୍ରଚଳନ କରାଯାଇଛି ।ଆନ୍ଧ୍ରପ୍ରଦେଶ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀ ଠାରୁ ଉଭୟ ତେଲୁଗୁ ଓ ଆଦିବାସୀଙ୍କ ମାତୃଭାଷାକୁ ୪୦% ପ୍ରତିଶତ ସମୟ ଦେଇ ଶିକ୍ଷାର ମାଧମ ଭାବେ ଭାଷାକୁ ବ୍ୟବହାର କରାଯାଇ ଅନ୍ୟାନ୍ୟ ସ୍କୁଲ ବିଷୟ ପଢାଯାଏ  ଏବଂ ଏହି ସବୁ ବିଷୟ ପାଇଁ ଦ୍ୱିଭାଷୀ ରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଥାଏ । ଓଡିଶା ବହୁଭାଷୀ କାର୍ଯ୍ୟକ୍ରମର ଚତୁର୍ଥ ଶ୍ରେଣୀରୁ ଓଡିଆକୁ ହିଁ ଶିକ୍ଷାର ମାଧମ ଏବଂ ସମସ୍ତ ବିଷୟ ପଢାଇବା ଭାଷା ରୂପେ ବ୍ୟବହାର କରାଯାଇଥାଏ ଏବଂ ମାତୃଭାଷାକୁ ଭାଷା ବିଷୟ ରୂପେ ରଖାଯାଇଥାଏ । ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀରୁ ଲିଖିତ ଏବଂ ପଢିବା ପାଇଁ ଇଂରାଜୀକୁ ପ୍ରସ୍ତୁତ କରାଯାଏ । ତେଣୁ ଓଡିଶା ବହୁଭାଷୀ ଶୀକ୍ଷା କାର୍ଯ୍ୟକ୍ରମରେ ଯୋଜନା କରାଯାଇଛି ଯେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାକୁ ଶିକ୍ଷାର ମାଧମ କରି ତା ସହିତ ତୃତୀୟ ଭାଷା ଇଂରାଜୀକୁ ସ୍କୁଲ ବିଷୟ ରୂପେ ରଖାଯିବ ଏବଂ ଏହି ପଦ୍ଧତି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିବ । ଅନ୍ୟ ପଟରେ ଆନ୍ଧ୍ର ପ୍ରଦେଶର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ମାତୃଭାଷା ଶିକ୍ଷା ମାଧମରୁ ଧୀରେ ଧୀରେ ତେଲୁଗୁ ଭାଷା ଶିକ୍ଷା ମାଧମକୁ ପରିବର୍ତ୍ତନ ହେବା । ଚତୁର୍ଥ ଶ୍ରେଣୀ ର ଦୁଇଟି ପାଇଁ ସମାନ ପରିମାଣର ସମୟ ବ୍ୟୟ କରାଯିବ ମାତୃଭାଷା ଏବଂ ଦ୍ୱିତୀୟ ଭାଷା ତେଲୁଗୁ ଶିକ୍ଷାର ମାଧମ ଭାବେ ଏବଂ ସବୁ ବିଷୟକୁ ପଢାଇବାର ମାଧମ ଭାବେ ବ୍ୟବହାର କରାଯିବ ସ୍କୁଲ ସମୟରେ ୨୫ ପ୍ରତିଶତ ସମୟ ଅନ୍ୟାନ୍ୟ ବିଷୟ ପାଇଁ ଦିଆଯିବ  । ଆନ୍ଧ୍ର ପ୍ରଦେଶର ଚତୁର୍ଥ ଶ୍ରେଣୀରୁ ତୃତୀୟ ଭାଷା ଇଂରାଜୀର ଲେଖା ପଢା ଆରମ୍ଭ ହେବ ଏବଂ ଏହା ପଞ୍ଚମ ଶ୍ରେଣୀରୁ ଉର୍ଦ୍ଧ ପର୍ଯ୍ୟନ୍ତ ଏହା ସ୍କୁଲର ବିଷୟ ହୋଇ ରହିବ । ବହୁଭାଷୀ ଶିକ୍ଷା ସହ ଜଡିତ ପିଲାମାନେ ଚତୁର୍ଥ ଶ୍ରେଣୀ ପରଠାରୁ ରାଜ୍ୟର ଭାଷା ଓଡିଆ ଓ ତେଲୁଗୁ କୁ ଶିକ୍ଷାର ମାଧମ ଏବଂ ବିଭିନ୍ନ ବିଷୟ ର ମାଧମ ଭାବେ ପଢିବେ ବୋଲି ଉଭୟ ରାଜ୍ୟ ଦ୍ୱାରା ସ୍ଥିର କରାଯାଇଛି ଏବଂ ଇଂରାଜୀ ଭାଷା ବିଷୟ ଭାବେ କ୍ରମାଗତ ରହିବ ଏବଂ ପଞ୍ଚମ ଶ୍ରେଣୀ ପରେ ମାତୃଭାଷାକୁ ସ୍କୁଲରେ ରଖିବାର କୌଣସି ଯୋଜନା ନାହିଁ । ବହୁଭାଷୀ ଶିକ୍ଷା ସ୍କୁଲ ଗୁଡିକରେ ଆଦିବାସୀ ମାତୃଭାଷା ର ପ୍ରଚଳନ ଯୋଗୁଁ ପିତାମାତାଙ୍କ ଶିକ୍ଷା ସହ ଯୋଗାଯୋଗ ଏବଂ ପ୍ରଶଂସା ଦେଖିବାକୁ ମିଳୁଛି ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅନେକ ପାଠ୍ୟକ୍ରମ ପୁସ୍ତକ ଓ ଅଣ ପାଠ୍ୟକ୍ରମ ପୁସ୍ତକ ଆଦିବାସୀ ଭାଷାରେ ଛପାଯାଇଛି ଏବଂ ଏହି କାର୍ଯ୍ୟକ୍ରମ ସହ ଯୋଡା ଛାତ୍ର ଛାତୀ ଙ୍କ ଶିକ୍ଷାରେ ସଫଳତା ଦେଖିବାକୁ ମିଳୁଛି । ଏହି ପ୍ରକାର ସାକାରାତ୍ମକ ସଫଳତା ଦାବି କରେ ଯେ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଆଦିବାସୀ ମାତୃଭାଷାକୁ ପଞ୍ଚମ ଶ୍ରେଣୀରୁ ଉର୍ଦ୍ଧକୁ ମଧ ପ୍ରଚଳନ କରାଯିବା ଉଚିତ୍ ।

ଆଦିବାସୀ ମାତୃଭାଷା କୁ ରାଜ୍ୟର ଭାଷାର ଲିପିରେ ଲେଖାଯାଉଛି ଆନ୍ଧ୍ରପ୍ରଦେଶ ରେ ତେଲୁଗୁ ରେ ଏବଂ ଓଡିଶାରେ ଓଡିଆରେ । ଏଥିରେ କିଛି ପରିବର୍ତ୍ତନ ମଧ କରାଯାଇଛି ଯେଉଁଠି କିଛି ଧ୍ୱନିତାତ୍ୱିକ ସମସ୍ୟା ରହିଛି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ରୂପେ ଧାନ ଦେଇ ଆଦିବାସୀ ସଂସ୍କୃତ ,ପାରମ୍ପରିକ ସ୍ୱଦେଶୀ ଜ୍ଞାନ, କୌଶଳ ଗୀତ, ଖେଳ କଥା ଇତ୍ୟାଦିକୁ ପାଠ୍ୟ ପୁସ୍ତକ ମଧରେ ସ୍ଥାନ ଦେଇଛି ଯାହାକୁ ପିଲାର ଦୈନଦିନ ଶିକ୍ଷାକ୍ଷେତ୍ରରେ ବ୍ୟବହାର ମଧ କରାଯାଉଛି । ଏହି ସବୁର ପ୍ରସ୍ତୁତି ପାଇଁ ସମ୍ପ୍ରଦାୟର ମୁଖିଆ, ଶିକ୍ଷକ,ଲେଖକ, ଚିତ୍ରକାର ଏବଂ ବିଭିନ୍ନ ବିଷୟରେ ଅଭିଜ୍ଞ ଲୋକ ଏକାଠି ବସି ଆଲୋଚନା ମାଧମରେ ଏହାକୁ ପ୍ରସ୍ତୁତ କରିଥାନ୍ତି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ବ୍ୟବହୃତ ସମସ୍ତ ପାଠ୍ୟ ପୁସ୍ତକ ଏବଂ ଉପକରଣ ରାଜ୍ୟସ୍ତରରେ ଏବଂ ଜାତୀୟ ସ୍ତରରେ ଧାନ ଦିଆଯାଇଥାଏ ଗଣିତ ଏବଂ ଭାଷାରେ ସଂସ୍କୃତି ସହ ଜଡିତ ବିଭିନ୍ନ ବିଷୟକୁ ଆଧାର କରି ପାଠ୍ୟ ପୁସ୍ତକ ତିଆରି କରାଯାଏ ଉଦାହରଣ ସ୍ୱରୂପ ସଂଖ୍ୟା ପଦ୍ଧତିକୁ ଶିଖାଇବା ପାଇଁ ବିଭିନ୍ନ ଗୀତ ,ଖେଳ ଏବଂ ଅନ୍ୟାନ୍ୟ ସଂସ୍କୃତି ଆଧାରିତ ବିଷୟ ବସ୍ତୁ ର ଚୟନ କରାଯାଇଥାଏ ।

ପାଠ୍ୟ ପୁସ୍ତକ ,ଗଳ୍ପ, ଗୀତ ଅନ୍ୟନ୍ୟ ଶିକ୍ଷାଦାନର କାର୍ଯକଳାପ ସବୁ ଗାଁ ପଞ୍ଜିକା ଅନୁସାରେ ସ୍ଥିର ହୋଇଥାଏ ଯେଉଁଥିରେ ଋତୁ ଓ ବିଭିନ୍ନ ସମୟ ଆଧାରିତ କାର୍ଯକଳାପ, ପର୍ବପର୍ବାଣୀ ସ୍ୱତନ୍ତ୍ର ଘଟଣା ଯାହା ବର୍ଷର ବିଭିନ୍ନ ମାସ ସହ ଜଡିତ ପିଲାର ଅଭିଜ୍ଞତା ଏହି ସବୁକୁ ନେଇ ପାଠ୍ୟକ୍ରମ ଉପକରଣ ତିଆରି କରାଯାଇଥାଏ । ଶ୍ରେଣୀକକ୍ଷରେ ଏହି ସବୁ କାର୍ଯ୍ୟକ୍ରମରେ ଭାଗ ନେବାକୁ ପିଲାକୁ ଉତ୍ସାହିତ କରାଯାଇଥାଏ । ତାହା ମଧ ପିଲାର ଶିଖିବା ପ୍ରକ୍ରୀୟା ସହ ଜଡିତ ବହୁଭାଷୀ ଶିକ୍ଷା କାର୍ଯ୍ୟର୍କମ ସହ

ଜଡିତ ଶିକ୍ଷକ ମାନେ ପଢାଯାଇଥିବା ଭାଷା,ଗୋଷ୍ଠୀ ବା ସମ୍ପ୍ରଦାୟର ହୋଇଥାନ୍ତି ଏବଂ ବେଳେବେଳେ ଉପଯୁକ୍ତ ଯୋଗ୍ୟତା ଧାରି ଶିକ୍ଷକ ନ ମିଳିଲେମଧ୍ୟ ସେ କ୍ଷେତ୍ରରେ ଅନେକ ବୁଝାବଣା କରାଯାଇଥାଏ । କାର୍ଯ୍ୟକ୍ରମ ଭିତରେ ଶିକ୍ଷକ ମାନଙ୍କ ପାଇଁ ତଥ୍ୟ ସମ୍ବଳିତ ବହି ତିଆରି କରାଯାଏ । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବହୁମୁଖୀ ଶିକ୍ଷା ପ୍ରକଳ୍ପ ର ଏବଂ ଗୋଷ୍ଠୀ ଙ୍କ ନିରକ୍ଷରତାରେ ହୋଇଥାଏ। ରାଜ୍ୟର କାର୍ଯ୍ୟକ୍ରମର ଏକ ମୁଖ୍ୟ କାର୍ଯ୍ୟ ହେଉଛି ବିଭିନ୍ନ ଆଦିବାସୀ ଭାଷାର ଶବ୍ଦାବଳୀ ତିଆରି କରିବା । ଆନ୍ଧ୍ର ଏବଂ ଓଡିଶାର ଏହି ବହୁଭାଷୀ ଶିକ୍ଷା ବ୍ୟବସ୍ଥାକୁ ଆଭ୍ୟନ୍ତର କାର୍ଯ୍ୟାଳୟ ଦ୍ୱାରା ତଦାରଖ କରାଯାଏ।

ଆନ୍ଧ୍ର ପ୍ରଦେଶ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ କୁ ଦୁଇଟି ମୁଖ୍ୟ ଅଧ୍ୟୟନ ଭାବେ ଶିକ୍ଷକ ଓ ଗୋଷ୍ଠୀଙ୍କ ଠାରୁ ପାଇଥିବା ମତାମତ ଏବଂ ପରିକଳ୍ପନାର ଯାଞ୍ଚକାରୀ ଦଳଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଛି ବହୁଭାଷୀ ଶିକ୍ଷା ପିଲାମାନଙ୍କ ଶ୍ରେଣୀ କକ୍ଷ ସଫଳତାକୁ ନେଇ ଗୋଟିଏ ତୁଳନାତ୍ମକ ମୂଲ୍ୟାୟନ ଏବଂ ଆନ୍ଧ୍ରପ୍ରଦେଶ ର ଆଦିବାସୀ ସଂସ୍କୃତି ଗବେଷଣା ଓ ତାଲିମ କେନ୍ଦ୍ର ଦ୍ୱାରା ୨୦୦୫ ରେ ନିଆଯାଇଥିବା ସେହି ତେଲୁଗୁ ମାଧମ ସ୍କୁଲ ଏବଂ ଦ୍ୱାରା ୨୦୦୩ ହୋଇଥିବା ବାହ୍ୟ ମୂଲ୍ୟାଙ୍କନ ଉଭୟ ଅଧ୍ୟୟନ ଦର୍ଶାଏ ଯେ ତେଲୁଗୁ ମାଧମ ସ୍କୁଲ ତୁଳନାରେ ଆଠଟି ଆଦିବାସୀ ଭାଷା କୁ ନେଇ ହୋଇଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଶ୍ରେଣୀ କକ୍ଷ ସଫଳତା ହାର ଯଥେଷ୍ଟ ଅଧିକ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସାକ୍ଷରତା ଏବଂ ସଂଖ୍ୟା ଉଭୟ କ୍ଷେତ୍ରରେ ବୃଦ୍ଧି ହୋଇଛି । ଏହାଦ୍ୱାରା ପିଲାର ସ୍କୁଲ ଉପସ୍ଥାନ ବୃଦ୍ଧି ପାଇଛି । ଗୋଷ୍ଠୀ ଙ୍କ ସ୍କୁଲ ସହ ସମ୍ପର୍କ ଓ କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ ର ମାତ୍ରାରେ ବି ବୃଦ୍ଧି ଘଟିଛି । ୨୦୦୮ ର ଓଡିଶାର ଓଡିଆ ମାଧମ ସ୍କୁଲ ଓ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପରୀକ୍ଷା ମୂଳକ ସ୍କୁଲର ପ୍ରଥମ ଶ୍ରେଣୀ ପିଲାଙ୍କ ଶ୍ରେଣୀ କକ୍ଷ ସଫଳତାର ମୂଲ୍ୟାୟନ କରାଯାଇଛି । ପ୍ରଥମ ଶ୍ରେଣୀ ର ଶେଷ ବେଳକୁ କରାଯାଇଥିବା ମୂଲ୍ୟାୟନର ଓଡିଆ ମାଧମ ସ୍କୁଲ ପିଲାଙ୍କ ତୁଳନାରେ ,୧୦ ଟି ଆଦିବାସୀ ଭାଷାକୁ ନେଇ ହୋଉଥିବା ବହୁଭାଷୀ ଶିକ୍ଷା ସ୍କୁଲର ପିଲାମାନଙ୍କ ଶ୍ରେଣୀ କକ୍ଷ ସଫଳତାର ହାର ଅଧିକ। ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସ୍କୁଲ ଗୁଡିକର ପିଲାଙ୍କ ଉପସ୍ଥାନ ହାର ଅଧିକ, ଶିକ୍ଷକ ଙ୍କଆତ୍ମସଂନ୍ତୋଷ, ପିତା ମାତାଙ୍କ ସାକାରାତ୍ମକ ମନଭାବ ଓ ଗୋଷ୍ଠୀର କାର୍ଯ୍ୟକ୍ରମରେ ସକ୍ରୀୟ ଯୋଗଦାନ ଇତ୍ୟାଦି ଦେଖାଯାଇଛି।

**ଭାରତରେ ଆଦିବାସୀ ପିଲାଙ୍କ ପାଇଁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ; କିଛି ପ୍ରତି ଫଳନ**

ଦ୍ୱିତୀୟ ଭାଷାରେ ଶିକ୍ଷାକୁ ସାମିଲ କରିବା ପାରମ୍ପରିକ ଶିକ୍ଷା କାର୍ଯ୍ୟକ୍ରମ ଅପେକ୍ଷା ଓଡିଶା ଏବଂ ଆନ୍ଧ୍ରପ୍ରଦେଶର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଉତ୍ତମମାନର ଶିକ୍ଷା ଯୋଗାଇ ଦେଇ ପାରିଛି । ତେଣୁ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୃଙ୍ଖଳାଗତ ଗଠନ ମୂଳକ ମୁଲ୍ୟାୟନର ଆବଶ୍ୟକତା ଏହି ପିଲାଙ୍କ ନେଇ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା କରି ଚାରୋଟି ଭାଷାରେ ଦକ୍ଷତାର ବିକାଶ କରାଇବା ନିହାତି କଷ୍ଟସାଧ ବ୍ୟାପାର, ହିନ୍ଦୀ ର ସହାୟତା ସହ ରାଜ୍ୟର ମୁଖ୍ୟଭାଷାକୁ ଶିଖିବା ଦ୍ୱାରା ସେମାନେ ଅନେକ ସହାୟତା ପାଇଯାଇଥାନ୍ତି ଯଥା ବଜାର, ଗୋଷ୍ଠୀ ଗୋଷ୍ଠୀ ଙ୍କ ଭିତରେ ଯୋଗାଯୋଗ, ଗଣମାଧମ ଏବଂ ଇଂରାଜୀ ପାଇଁ ଗ୍ରାମୀଣ ସ୍ଥାନରେ କୌଣସି ସୁଯୋଗ ନାହିଁ। ଯଦିଓ ଜାତୀୟ ସ୍ତରରେ ଇଂରାଜୀକୁ ପ୍ରାଥମିକ ସ୍ତରରୁ ପ୍ରଚଳନ ପାଇଁ ଆଗ୍ରହ କରାଯାଇଛି । ଯାହା ହିନ୍ଦୀକୁ ତଳକୁ ନେବାକୁ ବାଧ କରିଛି । ବହୁଭାଷୀ ଆଧାରରେ ରାଜ୍ୟର ମୁଖ୍ୟଭାଷା ,ହିନ୍ଦୀ ,ଇଂରାଜୀ ଇତ୍ୟାଦି ଭାଷା ସହ ପିଲାର ଶ୍ରେଣୀ କକ୍ଷ ବାହାରର ଯୋଗାଯୋଗ ପରିସ୍ଥିତିକୁ ଅଧିକ ଜଟିଳ କରି ପକାଇଛି । ବର୍ତ୍ତମାନର ପ୍ରୟୋଗାତ୍ମକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଏହି ଦୁଇ ରାଜ୍ୟ ଏହି ସମସ୍ୟାକୁ କମ୍ କରିବାକୁ ଶ୍ରେଣୀ କକ୍ଷରେ ଚେଷ୍ଟାକରି ଗୋଟିଏ ସ୍କୁଲରେ କେବଳ ଗୋଟିଏ ଆଦିବାସୀ ଭାଷା ଗୋଷ୍ଠୀର ପିଲାଙ୍କୁ ନିଆଯାଇଛି । ତେବେବି , ଯେଉଁ ପ୍ରକାର ଦୁଇଟି ରାଜ୍ୟର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ ଗୁଡିକରେ ଭାଷାର ପ୍ରଚଳନ କରାଯାଇଛି ତାହା ଭିନ୍ନ ଭିନ୍ନ ଶୈଳୀର ବର୍ତ୍ତମାନର କାର୍ଯ୍ୟକ୍ରମକୁ ଯତ୍ନର ସହ ବିଶ୍ଳେଷଣ କରି ଭାଷାର ପ୍ରଚଳନ ଓ ତା ପାଇଁ ବ୍ୟୟ କରାଯାଉଥିବା ସମୟ ରୂପକ ସମସ୍ୟାର ସମାଧାନ ଖୋଜିବା ଉଚିତ୍ । ସେ ଯାହା ହେଉ, ବହୁଭାଷୀ ତା ପରିସ୍ଥିତିର ବିବିଧତା ଯୋଗୁଁ ବହୁଭାଷୀ ଶିକ୍ଷା ପ୍ରଶିକ୍ଷଣ ଏହି ବହୁଭାଷିତାକୁ ପ୍ରଚଳନ କରାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ଶ୍ରେଣୀ କକ୍ଷର ଭାଷା ବିବିଧତା ଏବଂ ବିଭିନ୍ନ ଭାଷାର ସମାଜ ଉପଭାଷିତାକୁ ନେଇ ମଧ ଅନେକ ଅସୁବିଧା ହୋଇଥାଏ।

ବର୍ତ୍ତମାନ ଓଡିଶା ଓ ଆନ୍ଧ୍ର ପ୍ରଦେଶ ରେ ଚଳୁଥିବା ପ୍ରୟୋଗାତ୍ମକ ବହୁଭାଷୀ ଶିକ୍ଷା କାର୍ଯ୍ୟର୍କମର ଅନେକ ସୀମିତତା ଓ ସମସ୍ୟା ରହିଛି ଯାହା କିଛି ସ୍କୁଲ ଓ କିଛି ସଂଖ୍ୟାରପିଲାଙ୍କୁ ନେଇ କାର୍ଯ୍ୟକ୍ରମ ସୀମିତ ରହିଛି । ଭାରତରେ ଏବଂ ରାଜ୍ୟ ଗୁଡିକରେ ଆଦିବାସୀ ଓ ସଂଖ୍ୟାଲଘୁ ଛାତ୍ରଙ୍କ ପାଇଁପ୍ରସ୍ତୁତ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ପାଇଁ ସ୍ପଷ୍ଟ ନୀତି ଓ କାର୍ଯ୍ୟକ୍ରମ

କୁ ବଢାଇବା ପାଇଁ ସମ୍ବଳର  ବୃଦ୍ଧି ନ ହେଲେ ଅଳ୍ପସଂଖ୍ୟକ ଙ୍କ ପାଇଁ ଏହି ଶିକ୍ଷା କାର୍ଯ୍ୟକ୍ରମ ଏହି ରାଜ୍ୟ ଗୁଡିକରେ ଏବଂ ଭାରତରେ ଏହାର ସ୍ଥିତି ନେଇ ଅନେକ ସନ୍ଦେହ ରହିଛି। ଆନ୍ଧ୍ରପ୍ରଦେଶ ଏବଂ ଓଡିଶାରେ ଏହି କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ଆଗେଇ ନେଇଛି ଏବଂ ସେମାନଙ୍କ ଠାରୁ ଅନେକ ଆଶା ମଧ କରାଯାଏ । ଏହି କାର୍ଯ୍ୟକ୍ରମ ମାଧମରେ ଦର୍ଶାଯାଇଛି ଯେ ବହୁଭାଷୀଶିକ୍ଷା କିପରି ଆଦିବାସୀ ସମ୍ପ୍ରଦାୟକୁ ସକ୍ଷମ ଓ ସଶକ୍ତ କରିଛି ଆଶାକରାଯାଏ ଏହି ବହୁଭାଷୀ ଶିକ୍ଷା ଆନ୍ଦୋଳନ ଭାରତରେ ଉତ୍ତମ ମାନର ଶିକ୍ଷା ଯୋଗାଇ ଦେଇ ପାରିବ।

ଭାଷା ଗୋଷ୍ଠୀ ବା ସମ୍ପ୍ରଦାୟକୁ ଦାରିଦ୍ର ସ୍ଥିତିକୁ ଟାଣି ଆଣେ । ଭାରତର ଦୁଇଟି ରାଜ୍ୟ ଯଥା ଓଡିଶା ଓ ଆନ୍ଧ୍ର ପ୍ରଦେଶ ରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଆଦିବାସୀ ପିଲାଙ୍କ ପାଇଁ ଏକ ସରଳ ଶିକ୍ଷା ବ୍ୟବସ୍ଥା ଭାବେ ଆଲୋଚନା କରାଯାଇଛି ଏବଂ ଏହି ଶିକ୍ଷା ପଦ୍ଧତି ଯୋଗୁଁ ଅଭାବ ଓ ଅସୁବିଧାର ବଳୟ ଭିତରୁ ଏହି ଆଦିବାସୀ ସମ୍ପ୍ରଦାୟ ବାହାରି ଆସି ପାରିବେ ।

**ଭାଷା ଅସୁବିଧାର ଅନିଷ୍ଟକାରୀ ବଳୟ**

ଶକ୍ତି, ସାମର୍ଥ୍ୟ ଓ ସମ୍ବଳ ଭଳି ମୁଖ୍ୟ ପରିସର ଯେମିତିକି ଅଫିସ୍, ଆଇନ୍ ସଙ୍ଗତି, ଆନୁଷ୍ଠାନିକ ବ୍ୟବହାର, ଶିକ୍ଷା, ବାଣିଜ୍ୟ, ବ୍ୟବସାୟରୁ ଦୂରେଇ ରହିବା ଫଳରେ ମୁଖ୍ୟ ଭାଷାର ଚାପରେ ଏହା ଦୁର୍ବଳ ହୋଇଯାଏ ଏବଂ ତାହାର ବଞ୍ଚି ରହିବାର ସମ୍ଭାବନା କମ୍ ହୋଇଯାଏ । ଏହି ପ୍ରକ୍ରିୟା ସହିତ ଭାଷା ବିବିଧତା ହରାଇବା ଏବଂ ଭାଷାର ମୃତ୍ୟୁ ବା ହତ୍ୟା ଜଡିତ । ସେ ଯାହାହେଉ ଭାରତ ଭଳି ବହୁଭାଷୀ ରାଷ୍ଟ୍ରରେ ଏହି ପ୍ରକାର ଚାପ ଭିତରେ ଅନେକ ସଂଖ୍ୟାଲଘୁ ଭାଷା ବଞ୍ଚି ରହିଛି କମ୍ ଶକ୍ତିଶାଳୀ ଏବଂ ଅସ୍ୱଷ୍ଟ ପରିସରରୁ ଦୂରେଇ ରହିଛି ଯାହାକୁ ଶୋଷଣ ବିରୋଧୀ କୌଶଳ (ମହାନ୍ତି,୨୦୦୯) । ଯଦିଓ ଭାଷା ପରିବୃତି କ୍ଷୀପ୍ର ବେଗରେ ହୁଏନାହିଁ ଏହି ଭାଷା ଗୁଡିକ ପରିସର ଅଭାବରୁ ଅଦରକାରୀ ବା ଗୁରୁତ୍ୱହୀନ ହୋଇ ପଡନ୍ତି, ଭାଷା ଗୁଡିକ ସାଧାରଣତଃ ଘର ଏବଂ ଘନିଷ୍ଠ ଗୋଷ୍ଠୀ ଯୋଗାଯୋଗରେ କେବଳ ଚାଲୁରହିବା ଯୋଗୁଁ ବଂଶାନୁକ୍ରମରେ ଏହାର ପତନ ହୋଇଥାଏ ଗୁରୁତ୍ୱପୂର୍ଣ୍ଣ ପରିସରରୁ ଏହି ଭାଷା ଗୁଡିକୁ ବାହାର କରିଦେବା ଯୋଗୁଁ ସେଗୁଡିକ ସୀମିତ ପରିସରରେ କାର୍ଯ୍ୟକାରୀ ହେବା ଯୋଗୁଁ ତାର ଉନ୍ନତି ବନ୍ଦ ହୋଇଯାଏ । ଉଦାହରଣ ସ୍ୱରୂପ, ଭାରତର ଅନେକ ଆଦିବାସୀ ଭାଷାକୁ ଆର୍ଥିକ ଦୃଷ୍ଟିର ମହତ୍ୱପୂର୍ଣ୍ଣ ପରିସର ବାହାରେ ରଖାଯାଇଥାଏ ଗୋଟିଏ ପରିସର ଯେଉଁଠି ଏହି ଭାଷାର କ୍ଷୀପ୍ର ହାନି ପରିଲକ୍ଷିତ ହୁଏ । ତାହା ହେଉଛି ସାପ୍ତାହିକ ବଜାର ।୧୯୮୦ ର ଆରମ୍ଭ ରେ ଓଡିଶାର ଫୁଲବାଣୀ କନ୍ଧ ସମ୍ପ୍ରଦାୟର ସ୍ତ୍ରୀ ଲୋକମାନେ ଯେତେବେଳେ ସେମାନଙ୍କ ନିଜସ୍ୱ ଆମଦାନି ଜିନିଷ ଗାଁ ବଜାରକୁ ବିକ୍ରୀ କରିବା ପାଇଁ ଆଣୁଥିଲେ ସେତେବେଳେ ସେମାନେ କୁଇ ଭାଷାରେ କଥା କହୁଥିଲେ,ଏବଂ ସମସ୍ତ ଆର୍ଥିକ ବ୍ୟାପରରେ ସେମାନଙ୍କ ପାରମ୍ପରିକ ବ୍ୟବହୃତ ଓଜନ ଓ ମାପକକୁ ବ୍ୟବହାର କରୁଥିଲା । ସାଧାରଣତଃ ଅଣ ଆଦିବାସୀ ବା ସେହି ଭାଷା ଜାଣି ନଥିବା ଗରାଖଙ୍କ ସହ ସେମାନେ ଭଲରେ ମୂଲଚାଲ କରି ପାରୁଥିଲେ । ଦୁଇ ଦଶନ୍ଧି ଭିତରେ କୁଇ ଭାଷାକୁ ଗାଁ ବଜାରରୁ ବାହାର କରି ଦିଆଗଲା ଏବଂ କନ୍ଧ ସ୍ତ୍ରୀ ଲୋକଙ୍କ ମୂଲଚାଲକୁ ମଧ ବନ୍ଦ କରିଦିଆଗଲା । ପଣ୍ଡା(୨୦୦୪-୨୦୦୭) ଓଡିଶାର ଗଜପତି ଜିଲ୍ଲାରେ ବଜାର ନେତା ଦେତା ପାଇଁ ସଉରା ଭାଷା ଓ ତାର ସଂଖ୍ୟା /ଗଣନା ପଦ୍ଧତିର ବ୍ୟବହାର କରାଯାଉଛି । ସ୍ୱଦେଶୀ ଭାଷା ଓ ପାରମ୍ପରିକ ଜ୍ଞାନ ପଦ୍ଧତି ଯାହା ସଉରା ଲୋକଙ୍କୁ ବିଭିନ୍ନ ଅର୍ଥନୈତିକ ପରିସରରେ ସଶକ୍ତ କରି ରଖିଥିଲାତାର ମଧ ପତନ ହୋଇଛି । ଯେମିତିକି ପଣ୍ଡା (୨୦୦୪-୨୦୦୭)ରେ ଦର୍ଶାଇଛନ୍ତି ଭାଷା ଓ ସଂସ୍କୃତିର ସ୍ୱଦେଶୀ ଜ୍ଞାନ କୌଶଳର ପ୍ରସାର ଓ ସଂକେତୀକରଣ ଯେମିତିକି ଗଣିତ ,ବୈଜ୍ଞାନିକ ଜ୍ଞାନକୁ ଆଦିବାସୀ ମଧ ବିକଶିତ କରାଇବା । ତେଣୁ ଯଦି ଭାଷାର ବ୍ୟବହାରକୁ କିଛି ପରିସରରୁ ଦୂରେଇ ରଖାଯାଏ ତେଣୁ ଏହି ସ୍ୱଦେଶୀ ଜ୍ଞାନ କୌଶଳ ଏବଂ ଭାଷା ଉଭୟ ଦୁର୍ବଳ ହେବା ସହ ବିପଦରେ ପଡେ । ପୃଥିବୀର ଅନେକ ସ୍ୱଦେଶୀ ଭାଷାକୁ ଆଜି ଶୃଙ୍ଖଳିତ ଭାବେ ବିକଶିତ କରାଯାଉଛି କାରଣ ଏହା ଅନେକ ପରିମାଣରେ ସାମାଜିକ ଅବହେଳାର ସାମନା କରୁଛି ।ଶିକ୍ଷାରୁ ଭାଷାକୁ ବହିଷ୍କାର ଯାହାକୁ ଭାରତର ଅଦିବାସୀ ଭାଷା କ୍ଷେତ୍ରରେ ନିଆଯାଇପାରିବ ଯାହା ସିଧାସଳଖ ଶିକ୍ଷାଗତ ସଫଳତା କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ପ୍ରଗତିର ପରିଚୟ ଏବଂ ସଶକ୍ତକରଣ କ୍ଷେତ୍ରରେ ନାକାରାତ୍ମକ ପ୍ରଭାବ ପକାଇବା ସହ ସେହି ଭାଷାର ବକ୍ତା ଓ ଭାଷାଙ୍କ ଉନ୍ନତିରେ ପ୍ରତିବନ୍ଧକ ସହ ବଞ୍ଚିବା ଦୁଃସହ ହୋଇପଡିଛି । ସାମାଜିକ ଏବଂ ଶିକ୍ଷା କ୍ଷେତ୍ରରେ ଅବହେଳିତ ଭାଷା ଗୁଡିକ ଦୁର୍ବଳ ହେବା ସହ ଭାଷା ଅସୁବିଧାର ବଳୟ ମଧକୁ ଟାଣି ହୋଇ ଆସେ ।

ସଂଖ୍ୟାଲଘୁ ଭାଷାର କଥିତ ଦାରିଦ୍ରତା ଏବଂ ଅସୁବିଧା ସଦାବେଳେ ସେମାନଙ୍କ ସହ ଜଡିତ କିନ୍ତୁ ତାହା ସ୍ୱାଭାବିକ ଭାବେ ନୁହେଁ, ଭାଷାମାନଙ୍କ ମଧରେ ଥିବା ଦୁର୍ବଳତା ଏବଂ ଅସମାନତା ସାମାଜିକ ସ୍ତରରେ ଗଠନ ହୋଇଥାଏ ପ୍ରସାରିତ ମଧ ହୋଇଥାଏ,ଏହା ରାଜନୀତି, ଅର୍ଥନିତି, ସାମାଜିକ ଏବଂ ଶିକ୍ଷାଗତ କ୍ଷେତ୍ରରୁ ଆରମ୍ଭ ହୋଇଥାଏ ଏବଂ ଏହି ସବୁ ପରିସରରୁ ଏହାକୁ ଦୂରେଇ ରଖି ତାହାକୁ ଦୁର୍ବଳ ହେବା ପାଇଁ ବାଧ କରାଯାଏ । ଦୁଃଭାଗ୍ୟବଶତଃ, ଦୁର୍ବଳ ଏବଂ ଅଭାବର ଆରୋପ ସମାଜରୁ ବହାଷ୍କାର ଆଡକୁ ଟାଣି ନିଏ ଏବଂ ସବୁଠୁ ଅଧିକ ଜରୁରୀ ହେଉଛି ଶିକ୍ଷା ଦୃଷ୍ଟିରୁ ଅବହେଳା ଏବଂ ଅସମାନତା । ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରୁ ଭାଷାକୁ ବର୍ଜନ କରିବା ଫଳରେ ଭାଷାର ଭାଷା ବିବିଧତା ନଷ୍ଟ ହୋଇଥାଏ । ଶିକ୍ଷା କ୍ଷେତ୍ରରୁ ଭାଷାର ବହିଷ୍କାର ଯୋଗୁଁ ଅଳ୍ପସଂଖ୍ୟକ ସ୍ୱଦେଶୀ ଭାଷା ଭାଷୀ ସମ୍ପ୍ରଦାୟର ଲୋକମାନେ ଦାରିଦ୍ର ଓ ଶୋଷିତ ହୋଇ ରହିଥାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଭାରତର ଆଦିବାସୀ ଜନଗୋଷ୍ଠୀ ,ଯେଉଁ ମାନଙ୍କ ଭାଷା ଅସୁବିଧା ରେ ଅଛି କାରଣ ଶିକ୍ଷା ଏବଂ ଅନ୍ୟାନ୍ୟ ପରିସରରୁ ସେମାନଙ୍କ ଭାଷାକୁ ବହିଷ୍କାର କରି ରଖିବା ।

**ଭାରତରେ ଆଦିବାସୀ ସମ୍ପ୍ରଦାୟ; ଶିକ୍ଷା ଏବଂ ଭାଷା ପ୍ରତିବନ୍ଧକ**

ଭାରତର ୮୪.୩ କୋଟି ଜନସଂଖ୍ୟା ଭିତରେ ୮.୨% ହେଉଛନ୍ତି ଆଦିବାସୀ।୫୨୩ଟି ଆଦିବାସୀ ସମ୍ପ୍ରଦାୟର ଲୋକ

୭୧୮ ଟି ଭାଷାରେ କଥା କହନ୍ତି । ତାହା ଭିତରୁ ୧୫୯ ଟିକୁ ସେମାନଙ୍କ ଠାରୁ ଅଲଗା କରି ଦିଆଯାଇଛି ।(ସିଂହ, ୨୦୦୨) ଅଧିକାଂଶ ଆଦିବାସୀ ଭାଷାର ଲିପି ନାହିଁ ଏବଂ ସେହି ଭାଷା ଗୁଡିକ ମୁଖ୍ୟଭାଷା କିମ୍ବା ରାଜ୍ୟର ପ୍ରଭାବଶାଳୀ ଭାଷାର ଲିପିରେ ଲେଖାଯାଉଛି କିନ୍ତୁ କିଛି ଆଦିବାସୀ ସମ୍ପ୍ରଦାୟ ନିଜର ନିଜସ୍ଵ ଲିପିର ବିକାଶ କରିଛନ୍ତି ଯେମିତି ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟ ଦ୍ଵାରା ୧୯୯୯ ରେ ହୋଇଥିବା ଷଷ୍ଠ ସର୍ବଭାରତୀୟ ଶିକ୍ଷା ସର୍ବେକ୍ଷଣ ଦର୍ଶାଇଛି ଯେ ୪୧ ଟି ଭାଷା କୁ (ପ୍ରଥମରୁ-ଦଶମ) ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାରେ ଶିକ୍ଷାର ମାଧମ ଭାବେ  ଏବଂ ପାଠ୍ୟ ବିଷୟ ବସ୍ତୁ ଭାବେ ବ୍ୟବହାର କରାଯାଉଛି , ତାହା ଭିତରୁ କେବଳ ୧୩ ଟି ମାତ୍ର ଆଦିବାସୀ ଭାଷା । ଉତ୍ତରପୂର୍ବ ରାଜ୍ୟ ଭିତରୁ କେବଳ ଗୋଟିଏ(ନିକୋବର)ଯାହାର ଆଦିବାସୀ ଜନସଂଖ୍ୟା ଅନେକ ଅଧିକ। ଏହି ୧୩ ଟି ଭାଷାରୁ କେବଳ ୩ଟି କି ୪ଟି ଭାଷା ଶିକ୍ଷା କ୍ଷେତ୍ରରେ ମାଧମ ଭାବେ ଏବଂ ସ୍କୁଲ ପାଠ୍ୟକ୍ରମର ବିଷୟ ଭାବେ ପଢାଯାଉଛି । ଗୋଟିଏ ଭାଗରୁ ବି କମ୍ ଆଦିବାସୀ ପିଲା ନିଜ ମାତୃଭାଷା କୁ ସ୍କୁଲ ଶିକ୍ଷାର ମାଧମ ଭାବେ ପାଇଥାନ୍ତି ।ଏହି ଆଦିବାସୀ ଭାଷାକୁ ସ୍କୁଲ ଶିକ୍ଷା ପରିସରରୁ ବହିଷ୍କାର କରିବା ସମସ୍ୟା ମୂଳକ କାରଣ ଦେଶର ବିଭିନ୍ନ ସ୍ଥାନରେ ଶ୍ରେଣୀ କକ୍ଷ ରେ ଆଦିବାସୀ ଛାତ୍ରଙ୍କ ସଂଖ୍ୟା କିଛି କମ୍ ନୁହେଁ।

ସମ୍ବିଧାନରେ ଏବଂ ବିଭିନ୍ନ ନୀତିରେ ସଂଖ୍ୟାଲଘୁଙ୍କ ମାତୃଭାଷାକୁ ଶିକ୍ଷାର ମାଧମ ଭାବେ ପ୍ରଚଳନ କରିବାର ସମସ୍ତ ସୁଯୋଗ ଦେବା ସତ୍ୱେ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ଆଦିବାସୀ ପିଲାଙ୍କ ମାତୃଭାଷାକୁ ସହଜରେ ଗ୍ରହଣ କରାଯାଉନାହିଁ । ଭାରତର ଆଦିବାସୀ ସମ୍ପଦାୟ ଭିତରେ ଶିକ୍ଷାର ନିମ୍ନ ହାର ଦେଖି ବିଭିନ୍ନ ସମୟରେ ସ୍ଵତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ଯେ ଭାରତରେ ପୂର୍ବରୁ ମାତୃଭାଷା ମାଧମରେ ଶିକ୍ଷାକୁ ମହତ୍ୱ ଦିଆଯିବା ସତ୍ୱେ ଏବଂ ମାତୃଭାଷା ମାଧମର ଶିକ୍ଷା ଦ୍ଵାରା ଶିକ୍ଷାର ମାନ ବୃଦ୍ଧି ପାଇଥାଏ ଏସବୁ ଜାଣିବା ସତ୍ୱେ ବାସ୍ତବରେ ସ୍କୁଲ ଶିକ୍ଷାରେ ସେହି ଭାଷାର ଗୁରୁତ୍ୱକୁ ଆଗ୍ରାହ୍ୟ କରି ଦିଆଯାଉଛି । ଆଦିବାସୀ ପିଲାଙ୍କ ମାତୃଭାଷାକୁ ଶିକ୍ଷାରୁ ଦୂରେଇ ରଖିବା ଯୋଗୁଁ ପିଲାର ସ୍କୁଲ ଶିକ୍ଷାରେ ସଫଳତାର ହାର କମି ଯାଉଛି । ବିଭିନ୍ନ ଗବେଷଣାତ୍ମକ ଅଧ୍ୟୟନରୁ ଜଣାଯାଇଛି ଯେ ଭାରତରେ ପ୍ରାଥମିକ ଶିକ୍ଷାରେ ପିଲାର ମାତୃଭାଷାକୁ ସ୍ଥାନ ନ ଦେବା ଯୋଗୁଁ ସେହି ପିଲାମାନେ କିପରି ଶ୍ରେଣୀ କକ୍ଷରେ ଅସଫଳ ହେବା ସହିତ ଶିଖିବା ପଦ୍ଧତି ମଧରେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ତାଙ୍କ ଅଧ୍ୟୟନରୁ ମିଳିଥିବା ଫଳାଫଳକୁ ନେଇ ଆଲୋଚନା କରିଛନ୍ତି ଯେ ଭାରତରେ ଚାରୋଟି ରାଜ୍ୟ ଯେଉଁଠି ପ୍ରାଥମିକ ଶିକ୍ଷାରେ ପିଲାର ମାତୃଭାଷାକୁ ସ୍ଥାନ ଦିଆଯାଇନାହିଁ ସେଠି ଶ୍ରେଣୀ କକ୍ଷର ସଫଳତାର ହାର ସବୁଠୁ କମ୍ । ପ୍ରାଥମିକ ସ୍ତରରେ ଆଦିବାସୀ ପିଲାଙ୍କ ଶିକ୍ଷା ସମସ୍ୟା ତାଙ୍କୁ ଅଧାରୁ ପାଠପଢା ଛାଡିବାକୁ ବାଧ କରିଥାଏଏବଂ ଶିକ୍ଷାର ବିଭିନ୍ନ ସ୍ତରରେ ସେମାନେ ବିଫଳ ହେବା ଯୋଗୁଁ ଭାରତରେ ଆଦିବାସୀ ଜନସାଧାରଣଙ୍କ ଶିକ୍ଷାସ୍ତର ସବୁଠୁ କମ୍ ହୋଇଥାଏ। ଆଦିବାସୀଙ୍କ ଅସଫଳତାର କିଛି କାରଣ ଏଠି ଆଲୋଚନା କରାଯିବା ସହ ଭାରତର ଦୁଇଟି ସବୁଠୁ ପ୍ରତିକୂଳ ଅବସ୍ଥାରେ ଥିବା ଦୁଇଟି ସମ୍ପଦାୟ ହେଉଛି ହରିଜନ ଏବଂ ଆଦିବାସୀ।

**ସାକ୍ଷରତା,ସ୍କୁଲ ତାଲିକାଭୁକ୍ତ, ସ୍କୁଲ ତ୍ୟାଗହାର ଏବଂ ଆଦିବାସୀଙ୍କ ଶିକ୍ଷାଗତ ସଫଳତା**

ଆଦିବାସୀ ମାନଙ୍କର ସମୁଦାୟ ଜନସଂଖ୍ୟା ର ୫୪.୫୧ ତୁଳନାରେ ସାକ୍ଷରତା ହାର ହେଉଛି ୩୮.୪୧% ଏବଂ ହରିଜନ ମାନଙ୍କର ୪୫.୨୦% କାର୍ଯ୍ୟକାରୀ ସାକ୍ଷରତା ହାର ୪୩.୧୦% ହେଉଛି ଆଦିବାସୀଙ୍କର ଏବଂ ୫୪.୯୨% ହେଉଛି ହରିଜନଙ୍କର ଏବଂ ୫୮.୮୧% ହେଉଛି ଅନ୍ୟାନ୍ୟ ମାନଙ୍କର।  ଆଦିବାସୀ ଜନସଂଖ୍ୟାର ସାକ୍ଷରତା ହାର ଭିତରେ ୨୧.୩୧% ଦୂରତା ରହିଛି ଏବଂ ଏମାନଙ୍କ ତୁଳନାରେ ୧୪.୧୨% ହେଉଛି ହରିଜନଙ୍କର। ୫ ରୁ ୧୧ ବର୍ଷ ବୟସ ଆଦିବାସୀ ପିଲା (ପ୍ରଥମରୁ ପଞ୍ଚମ ଶ୍ରେଣୀ ) ଙ୍କର ସ୍କୁଲ ଦାଖିଲା/ପ୍ରବେଶ ହାର ହେଉଛି ୯୮.୫୩% ଏବଂ ହରିଜନଙ୍କର ହେଉଛି ୯୫.୫୧% ଏବଂ ଅନ୍ୟମାନଙ୍କର ହେଉଛି ୯୫.୩୯% । ବର୍ତ୍ତମାନ ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟକ ଆଦିବାସୀ ପିଲାଙ୍କ ପାଇଁ ସରକାର ସ୍ଵତନ୍ତ୍ର ଭାବେ ସାର୍ବଜନୀକ ଶିକ୍ଷାର କାର୍ଯ୍ୟକ୍ରମ କୁ ପ୍ରଚଳନ କରିବା ଯୋଗୁଁ ସେମାନଙ୍କ ସ୍କୁଲରେ ପ୍ରବେଶ ସଂଖ୍ୟା ସର୍ବାଧିକ। ଷଷ୍ଠରୁ ଅଷ୍ଟମ ଭିତରେ ଆଦିବାସୀ ଙ୍କ ସ୍କୁଲ ପ୍ରବେଶ ହାର ୪୮.୧୯%, ହରିଜନଙ୍କ ୫୯.୨୮% ଏବଂ ଅନ୍ୟାନ୍ୟ ଗୋଷ୍ଠୀଙ୍କ ୫୦.୨୨% ପ୍ରତିଶତ । ଯେତେବେଳେ ସବୁ ଶ୍ରେଣୀ ବା ବୟଷକୁ ମିଶାଯାଇ ପ୍ରଥମରୁ ଅଷ୍ଟମ କରାଯାଏ ତେବେ ଆଦିବାସୀ ଙ୍କ ସର୍ବମୋଟ ସ୍କୁଲ ପ୍ରବେଶ ହାର ୮୦.୫୦, ହରିଜନଙ୍କ ୮୧.୦୫ ଏବଂ ଅନ୍ୟାନ୍ୟ ଙ୍କ ୫୨.୪୧୧ ପ୍ରତିଶତ । ପ୍ରଥମ ଶ୍ରେଣୀ ରୁ ସ୍କୁଲରେ ପ୍ରବେଶ କରି ପଞ୍ଚମ ଶ୍ରେଣୀ ବେଳକୁ ସ୍କୁଲ ଛାଡିବା ଆଦିବାସୀ ପିଲାଙ୍କ ହାର ୫୧.୫୩, ହରିଜନଙ୍କ ୪୧.୪୩ ଏବଂ ଅନ୍ୟାନ୍ୟ ୩୪.୯୦ ଦଶମ ବେଳକୁ ସ୍କୁଲ ଛାଡୁଥିବା ଆଦିବାସୀ ପିଲାଙ୍କ ହାର ଶତକଡା ୮୦.୨୫ ,ହରିଜନଙ୍କ୩୧.୯୨ ଏବଂ ଅନ୍ୟନ୍ୟଙ୍କ ୫୨.୫୦ । ଏହି ସଂଖ୍ୟା ଗୁଡିକ କିଛି ନିର୍ଦ୍ଦିଷ୍ଟ ଶିକ୍ଷା ପରିସଂଖ୍ୟାନ ରୁ ଅଣାଯାଇଛି ଯେଉଁଥିରେ ଦର୍ଶାଯାଇଛି ଯେ ସାଧାରଣତଃ ଆଦିବାସୀ ପିଲାଙ୍କ ପାଇଁ ସ୍କୁଲ ପ୍ରବେଶ ଓ ସେଠି ତିଷ୍ଠି ରହିବା

ଭିତରେ ଅନେକ ପ୍ରତିବନ୍ଧକ ରହିଛି।

ପଞ୍ଚମ ଶ୍ରେଣୀର ଶେଷରେ ପିଲାର ଶିକ୍ଷା ସଫଳତାର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଯାଇ ୮୮.୨୩୧ ନମୁନା କରିଥିଲେ। ସେଥିରୁ ଜଣାଯାଇଛି ଯେ ଅନ୍ୟ ଛାତ୍ରଙ୍କ ଅପେକ୍ଷା ଆଦିବାସୀ ଛାତ୍ରଙ୍କ ସଫଳତାର ହାର ଖୁବ୍ କମ୍ ଗଣିତ, ପରିବେଶବିଜ୍ଞାନ , ଭାଷା ବ୍ୟାକରଣ,ପଠନ ଇତ୍ୟାଦି ସେମାନେ କମ୍ ମାର୍କ ଆଣିଛନ୍ତି। କେବଳ ଗଣିତକୁ ଛାଡିଦେଲେ ଆଦିବାସୀ ପିଲାମାନେ ତାଙ୍କ ହରିଜନ ସହପାଠୀଙ୍କ ଠାରୁ ଭଲ ନମ୍ବର ରଖିଥିଲେ କିନ୍ତୁ ସେମାନଙ୍କ ଫଳାଫଳ ଅନ୍ୟାନ୍ୟ ପିଲାଙ୍କ ତୁଳନାରେ ବହୁତ କମ୍ । ହାଇସ୍କୁଲ ପରୀକ୍ଷାର ଫଳାଫଳ ଯଦି ଦେଖାଯାଏ ତେବେ ତାହା ହରିଜନ ପିଲାଙ୍କଠାରୁ ବହୁତ କମ୍ । ଭାରତର ବିଭିନ୍ନ ସ୍ଥାନର ଫଳାଫଳରୁ ଜଣାଯାଇଛି ଯେ ଆଦିବାସୀ ପିଲାଙ୍କ ହାଇସ୍କୁଲ ପାସ୍ ଫଳାଫଳ ୪୦ପ୍ରତିଶତ ହୋଇଥାଏ ଯାହା ଅନ୍ୟମାନଙ୍କ ଠାରୁ ବହୁତ କମ୍ ।୧୦୦ ଜଣଙ୍କ ମଧ୍ୟରୁ ୮୦ ହାଇସ୍କୁଲ ପରୀକ୍ଷା ଦେବା ପୂର୍ବରୁ ସ୍କୁଲ ଛାଡିଥାନ୍ତି। ଏହାର ଅର୍ଥ ଯେଉଁ ୨୦ ଜଣ ପରୀକ୍ଷା ଦିଅନ୍ତି ସେମାନଙ୍କ ମଧ୍ୟରୁ କେବଳ ୮ ଜଣ ପରୀକ୍ଷାରେ ପାସ୍ କରନ୍ତି । ଓଡିଶାରେ ହେଉଥିବା ରାଜ୍ୟ ସ୍ତରୀୟ ୨୦୦୩-୨୦୦୫ ର ବୋର୍ଡ ପରୀକ୍ଷାର ଫଳାଫଳକୁ ତର୍ଜମା କରି ମହାନ୍ତି (୨୦୦୮ ) ଦର୍ଶାଇଛନ୍ତି ଯେ ହରିଜନ ଓ ଆଦିବାସୀ ପିଲାଙ୍କ ତୁଳନାରେ ଆଦିବାସୀ ପିଲାଙ୍କ ସଫଳତାର ହାର ଖୁବ୍ କମ୍ ।୨୦୦୫ ଏବଂ ୨୦୦୩ ର ଫଳାଫଳ ମଧ୍ୟ ସେହି ପରିସ୍ଥିତିକୁ ଦର୍ଶାଇଛି ।ଆଦିବାସୀ ପିଲାଙ୍କ ନିମ୍ନ ସ୍ତରୀୟ ସ୍କୁଲ ଶିକ୍ଷାର ବିଫଳତା ଯୋଗୁଁ ଉଚ୍ଚସ୍ତରୀୟ ଶିକ୍ଷାରେ ସେମାନଙ୍କ ଯୋଗଦାନ ସଂଖ୍ୟା ଖୁବ୍ କମ୍ ହୋଇଥାଏ।

ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଉଚ୍ଚସ୍ତରୀୟ ଶିକ୍ଷାରେ ଆଦିବାସୀ ପିଲାଙ୍କ ପତନକୁ ଲକ୍ଷ କଲେ ଜଣାଯାଏ ପ୍ରାଥମିକ ସ୍ତରରେ (ପ୍ରଥମରୁ ପଞ୍ଚମ ) ୯.୫୩ ପ୍ରତିଶତ ହୋଇଥିବା ବେଳେ ନବମରୁ ଦ୍ୱାଦଶ ଶ୍ରେଣୀ ବେଳକୁ ତାହା ୫.୩୭ % ସ୍ତରକୁ ଓହ୍ଲାଇ ଆସିଥାଏ। ଉଚ୍ଚ ଏବଂ ବୈଷୟିକ ଶିକ୍ଷାରେ ଆଦିବାସୀ ପିଲାଙ୍କ ସଂଖ୍ୟା ବହୁତ କମ୍ । ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷାରେ ଆଦିବାସୀ ପିଲାଙ୍କ ୨୦୦-୨୦୦୧ ଏବଂ ୨୦୦୧-୨୦୦୨ କୁ ଦେଖିଲେ ଜଣାଯାଏ ତାହା ୨.୯୮ ରୁ ୪.୫୪ ପ୍ରତିଶତ ଦେଖିବାକୁ ମିଳେ ।

**<u>ଭାଷା ପ୍ରତିବନ୍ଧକ ଏବଂ ଆଦିବାସୀ ପିଲାଙ୍କ ଶିକ୍ଷା;</u>**

ଆଦିବାସୀ ପିଲାଙ୍କର ସାମାଜିକ -ଆର୍ଥିକ ଦାରିଦ୍ରତା ଏବଂ ଶିକ୍ଷା କ୍ଷେତ୍ରରେ ଅସଫଳତାର ମୁଖ୍ୟ କାରଣ ହେଉଛି ଭାଷାଗତ ପ୍ରତିବନ୍ଧକ ।ଏହି ଭାଷାଗତ ପ୍ରତିବନ୍ଧକ ଗୋଟିଏ ବିଷୟଗତ ପ୍ରତିବନ୍ଧକ କାରଣ ସ୍କୁଲ ପାଠ୍ୟ ପୁସ୍ତକରେ ଆଦିବାସୀ ପିଲାର ସଂସ୍କୃତି, ଦୈନନ୍ଦିନ ଜୀବନର ଅନୁଭୂତି ପରିପ୍ରକାଶ କରାଯାଇନଥାଏ। ପୂର୍ବରୁ କୁହାଯିବା ପରି ,ଭାରତରେ ଆଦିବାସୀ ପିଲାଙ୍କ ଶିକ୍ଷା ସମସ୍ୟାକୁ ନେଇ ସାଧାରଣତଃ ଅନୁମାନ କରାଯାଇଥାଏ ଯେ ଆଦିବାସୀ ଭାଷାକୁ ଶିକ୍ଷାରେ ସ୍ଥାନ ଦେବା ମୂଳରେ ଅନେକ ସମସ୍ୟା ରହିଛି ଏବଂ ଏହି ଭାଷା ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ଅନେକ ବୌଦ୍ଧିକ, ସାମାଜିକ ଓ ଆର୍ଥିକ ବୋଝ ଉଠାଇବାକୁ ପଡିବ । ଏହି ବିଶ୍ୱାସର ବିଷୟରେ ଓଡିଶାର କନ୍ଧ ମାନଙ୍କୁ ନେଇ ଦୁଇ ଦଶନ୍ଧି ଧରି କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଯେ ଓଡିଆ ଓ କନ୍ଧ ଦ୍ୱିଭାଷୀ ପିଲା ଏକମାତ୍ର କନ୍ଧ ଭାଷା ପଢିବା ପିଲା ଅପେକ୍ଷା ଶିକ୍ଷା କ୍ଷେତ୍ରରେ ଅଧିକ ସଫଳତା ହାସଲ କରଛି କ୍ନନ୍ଧ ଅଧ୍ୟୟନରୁ ମଧ୍ୟ ଜଣାପଡିଛି ଯେ କୁଇ ଭାଷା ଓ ସମ୍ପ୍ରଦାୟକୁ ଦ୍ୱି-ବହୁଭାଷିତା କ୍ଷେତ୍ରରେ ଉତ୍ତରପୋଷଣ ଯୋଗୁଁ ଏହା ଯୋଗାଯୋଗ କ୍ଷେତ୍ରରେ ସାମାଜିକ ଏକତାକୁ ବଜାୟ ରଖିଛି। ସ୍ୱଦେଶୀ ଭାଷା ଗୁଡିକରେ ରକ୍ଷଣାବେକ୍ଷଣ ଗୋଟିଏ ସାମାଜିକ ଓ ମନୋବୈଜ୍ଞାନିକ ସମ୍ବଳ କିନ୍ତୁ ଭାଷା ସମ୍ପ୍ରଦାୟ ପାଇଁ ଗୋଟିଏ ବୋଝ ନୁହେଁ। ବରଂ ଏହାକୁ ଅସ୍ୱିକାର କରିବା ଓ ବର୍ଜନ କରିବା ରେ ହିଁ ସମସ୍ୟା ଦେଖାଦିଏ।

ଆଦିବାସୀ ପିଲାର ମମାତୃଭାଷା କୁ ଶିକ୍ଷା କ୍ଷେତ୍ରରୁ ବର୍ଜନ କରିବା ଫଳରେ ସେହି ପିଲାର ଶ୍ରେଣୀ କକ୍ଷରେ ଶିଖିବାର ସୁଯୋଗ ଏବଂ ପାଠଗତ ସଫଳତା ଏବଂ ସେମାନଙ୍କ ବଞ୍ଚିବାର ଧାରାକୁ ସୀମିତ କରି ଦେଇଥାଏ। ବିଭିନ୍ନ ଭାରତୀୟ ଅଧ୍ୟୟନ ଦର୍ଶାଇଛି ଯେ ଆଦିବାସୀ ପିଲା ଏବଂ ଅନ୍ୟାନ୍ୟ ଗୋଷ୍ଠୀର ପିଲା ମାତୃଭାଷା ମାଧ୍ୟମରେ ପଢିବା ଦ୍ୱାରା ପାଠପଢାରେ ଭଲ କରିଥାନ୍ତି କିନ୍ତୁ ମୁଖ୍ୟଭାଷାକୁ ମାଧ୍ୟମ କରି ପଢିବା ଦ୍ୱାରା ନୁହେଁ। ଏହାର ବିଭିନ୍ନ ଅଧ୍ୟୟନରୁ ଜଣାଯାଇଛି ଯେ ପୃଥିବୀର ବିଭିନ୍ନ ସ୍ଥାନରେ ଅନେକ ଅଧ୍ୟୟନ ଏହା ଦର୍ଶାଇଛି ଯେ ମାତୃଭାଷା ମାଧ୍ୟମରେ ପାଠପଢା ଦ୍ୱାରା ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ଅଧିକ ଉପକୃତ ହୋଇଥାନ୍ତି। ଉଦ୍ଦେଶ୍ୟ ମୂଳକ ଭାବେ ଯଦି ପିଲାକୁ ମୁଖ୍ୟଭାଷା ମାମରେ ପଢିବାକୁ ବାଧ କରିବା ଦ୍ୱାରା ଏହାର ଦୀର୍ଘମୂଳକ ନାକାରାତ୍ମକ ପ୍ରଭାବ କେବଳ ପିଲାର ମାତୃଭାଷା ଉପରେ ନୁହେଁ ବରଂ ପିଲାର ସାମର୍ଥ୍ୟ, ଚୟନର ସ୍ୱାଧିନତା ଏବଂ ଅଧିକାର ଉପରେ ମଧ୍ୟ ପଡିଥାଏ।

## ଶିକ୍ଷା ସାମର୍ଥର ଅଭାବ ଏବଂ ଆଦିବାସୀ ଜନସାଧାରଣଙ୍କ ଦାରାଦ୍ରତା

ଅମର୍ତ୍ତ୍ୟସେନ୍ ଦାରିଦ୍ରତାକୁ (ସାମର୍ଥର ଅଭାବ ) ଏବଂ (ପରାଧିନତା ) ରୂପେ ଅବଧାରଣା କରିଛନ୍ତି। (୨୦୦୭:୩୫-୩୬) ଙ୍କ ମତରେ ସାମର୍ଥର ଅର୍ଥ (ବିଭିନ୍ନ କାର୍ଯ୍ୟର ସର୍ବଭୋମ ସ୍ଥାନ ଯେଉଁଠି ଜଣକୁ ବଛାଯାଇଥାଏ।) ଏବଂ ସ୍ୱାଧିନତା ଅର୍ଥ (କି ପ୍ରକାର ଜୀବନ ବଞ୍ଚିବାକୁ ହେବ ତାହା ବ୍ୟକ୍ତି ବିଭିନ୍ନ ସ୍ତରରୁ ନିଜ ଇଛା ମତେ ଗୋଟିଏ ବାଛି ନେବ । ତେଣୁ ସେନ୍ ସାମାଜିକ ଅସମାନତାକୁ ସୁଯୋଗର ଏବଂ ସ୍ୱାଧିନତାର ଅଭାବ ଏବଂ ସାମର୍ଥର ଅଭାବକୁ ଦାରିଦ୍ର ସହ ଜୋଡିଚନ୍ତି। ସେନ୍ ଙ୍କ ମତରେ ସାମର୍ଥକୁ ବଢାଇବା ପାଇଁ ଶିକ୍ଷା ଗୋଟିଏ ମୁଖ୍ୟ ମାଧମ ଏବଂ ନିରକ୍ଷରତା ବା ସ୍ୱାଧିନତାର ଅଭାବ ଆର୍ଥିକ ସ୍ଥିତିକୁ ବିଗାଡି ଦେଇଥାଏ । ସ୍କୁଲ ଶିକ୍ଷା ଫଳରେ ସିଧାସଳଖ ଚାକିରି ଏବଂ ରୋଜଗାର ସୁଯୋଗ ବଢିଥାଏ ଏବଂ ଏହା ବ୍ୟକ୍ତିର ସାମାଜିକ ଓ ସାସ୍କୃତିକ ସ୍ୱାଧିନତାରେ ସାହାଯ୍ୟ କରିବା ସହ ରାଜନୈତିକ ଅଧିକାର ସାବ୍ୟସ୍ଥର ସାହାଯ୍ୟ କରି ବ୍ୟକ୍ତି ସଶକ୍ତ କରିଥାଏ। ଏବଂ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ କହିଛନ୍ତି ଯେ ଭାରତର ସ୍ୱର ନଥିବା ଗୋଷ୍ଠୀ ହିଁ ସମସ୍ତ ଅସୁବିଧାର ସମ୍ମୁଖିନ ହୁଏ ମୁଖ୍ୟତଃ ଆଦିବାସୀ ,ସେମାନଙ୍କର ନିରକ୍ଷରତାର ହାର ଅଧିକ ଏବଂ ଶିକ୍ଷାର ଅଭାବ ଏହି ଦୁଇଟି କାରଣ ଯୋଗୁଁ ଆର୍ଥିକ ଉନ୍ନତି ହୋଇପାରେ ନାହିଁ। ସେମାନଙ୍କର ଅଭାବ ଯୋଗୁଁ ସ୍କୁଲ ଉପସ୍ଥିତି କମିଯାଏ ଏବଂ ସେମାନେ ସ୍କୁଲ ଛାଡିଛନ୍ତି । ହତୋତ୍ସାହିତ ହେବାର କାରଣ ହେଉଛି ଶ୍ରେଣୀ କକ୍ଷ,ଭିନ୍ନ ପାଠ୍ୟକ୍ରମ ଭିନ୍ନ ଶିକ୍ଷକ, ଶ୍ରେଣୀ କକ୍ଷରେ ଅବାଞ୍ଛିତ ଭାବ ଇତ୍ୟାଦି ଛାତ୍ର କୁ ହତତ୍ସାହିତ କରିଥାଏ। ଭାଷା ଓ ସଂସ୍କୃତିର ବିଭେଦ,ଅସମାନତା ହେଉଛି ନିରକ୍ଷରତା ଏବଂ ଶିକ୍ଷାରେ ବିଫଳତାର ମୂଳ ଉତ୍ସାହ ଶିକ୍ଷାହିଁ ଆର୍ଥିକ ବିକାଶର ମୁଖ୍ୟ ଆଧାର ଏବଂ ଉତ୍ତମ ମାନର ଶିକ୍ଷା ପାଇଁ ମାତୃଭାଷାହିଁ ମୁଖ୍ୟ ଆଧାର। ଘର ଏବଂ ସ୍କୁଲ ଭାଷାରେ ଅମେଳ, ମାତୃଭାଷାର ଅବହେଳା ,ଇତ୍ୟାଦି ଆଦିବାସୀ ପିଲାଙ୍କୁ ବାଧ କରେ ଶିକ୍ଷାରେ ଅସଫଳତା,ଅସାମର୍ଥତା ଅସମାନତା ଇତ୍ୟାଦି ଆଡକୁ ଟାଣିଆଣେ । ଶିକ୍ଷାରେ ଅସଫଳତା ର ଏକ ମୁଖ୍ୟ କାରଣ ହେଉଛି ମାତୃଭାଷାକୁ ଶିକ୍ଷାରୁ ବର୍ଜନ କରିବା ଏବଂ ଭାରତର ଆଦିବାସୀଙ୍କ ଦାରିଦ୍ରତା ଏହା ଏକ ମୁଖ୍ୟ କାରଣ।

ଭାରତର ଶିକ୍ଷା ପଦ୍ଧତି, ଯାହାକୁ ଆନୁଷ୍ଠାନିକ ଭାବେ ମାନବ ସମ୍ବଳ ବିକାଶ କୁହାଯାଏ, ଯାହା ସବୁଠୁ ଶକ୍ତିଶାଳୀ ସମ୍ବଳ ତାହା ହେଉଛି ମାତୃଭାଷା ସହ ଆଦିବାସୀ ପିଲା ସ୍କୁଲକୁ ଆସେ ତାହାକୁ ଅବହେଳା କରେ ଏବଂ ଇଛା ମୁତାବକ ଜୀବନ ବାଛି ନେବାର ପ୍ରକ୍ରୀୟା ବିଫଳ ହୋଇଥାଏ। ଏହା ମାନବ ସମ୍ବଳର ବିକାଶ କରାଇବାରେ ବିଫଳ ହୋଇଥାଏ ଯାହା ଅସୁବିଧାକୁ କ୍ରମାନ୍ୱୟରେ ବଢାଇଥାଏ। ମାତୃଭାଷାକୁ ଶିକ୍ଷାରୁ ବହିଷ୍କାର କରିବା ଯୋଗୁଁ ଏହା ସମ୍ବଳର ବିନିଯୋଗ ରାସ୍ତାକୁ ସୀମିତ କରିଦିଏ ଏବଂ ଭାଷା ସମ୍ପ୍ରଦାୟର ଭାଷା ଅଧିକାରକୁ ବଞ୍ଚିତ କରି ଅସମାନତାକୁ ସ୍ଥାୟୀ କରିଦିଏ। ଭାରତର ଆଦିବାସୀଙ୍କ କ୍ଷେତ୍ରରେ ଭାଷାଗତ ବିଭେଦହେଉଛି ସେମାନଙ୍କ ସାମର୍ଥ୍ୟ ଅଭାବର ମୁଖ୍ୟ କାରଣ ଯାହା ଶିକ୍ଷାଗତ ଓ ସାମାଜିକ ଅବହେଳାରୁ ହୋଇଥାଏ ତାହା ସେମାନଙ୍କ ଦାରିଦ୍ରରେଖାକୁ ବଢାଇଥାଏ। ଇଙ୍ଗିତ କରିବା ପରି ,ସେମାନଙ୍କ ଭାଷାକୁ ଶିକ୍ଷାରୁ ବହିଷ୍କାର କରି ତାକୁ ଦୁର୍ବଳ କରି ଦିଆଯାଉଛି ଏବଂ ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ପରିସରରୁ ସେମାନଙ୍କ ଭାଷାକୁ ଦୂରେଇ ରଖାଯାଉଛି ଏବଂ ପରେ ଏହାକୁ ଯଥେଷ୍ଟ ନୁହେଁ କିମ୍ବା ଦୁର୍ବଳର ଆଖ୍ୟା ଦିଆଯାଇ ପରେ ବହିଷ୍କାର କରାଯାଉଛଇ । ଶିକ୍ଷାରେ ମାତୃଭାଷା ଗୋଟିଏ ସମସ୍ୟା ନୁହେଁ ଗୋଟିଏ ସମାଧାନ ଏହାକୁ ବୁଝିବା ଅତି ଜରୁରୀ ।

## ଭାରତରେ ମାତୃଭାଷାରୁ ବହୁଭାଷୀ ଶିକ୍ଷା

ବହୁଭାଷୀ ଶିକ୍ଷା ମନୋବୃତିକୁ ଆମର ସ୍କୁଲ ପଦ୍ଧତି କିମ୍ବା ଭାରତର ଉଚ୍ଚଶିକ୍ଷା ପଦ୍ଧତି ସ୍ୱୀକାର କରେ ନାହିଁ। ମାତୃଭାଷାର ରକ୍ଷଣ, ବହୁଭାଷିତା ଏବଂ ଭାଷା ବିବିଧତା ଗୁଡିକ ଆଦିବାସୀ ପିଲା ଏବଂ ସମାଜ ପାଇଁ ବୌଦ୍ଧିକ ଶିକ୍ଷାଗତ ଏବଂ ସାମାଜିକ ସମ୍ବଳ। ଭାରତର ବହୁଭାଷିତାରେ ଭାଷା ଓ ଆଦିବାସୀ ଭାଷା, ସଂଖ୍ୟାଲଘୁତା ଭିତରେ ଥିବା ତଫାତ୍ ବିସ୍ତୃତ ଯୋଗାଯୋଗର ଭାଷା ଭାବେ ରାଜ୍ୟ ସ୍ତରୀୟ କିମ୍ବା ଆଞ୍ଚଳିକ ଭାଷା ଯଥା ହିନ୍ଦୀ ଏବଂ ଇଂରାଜୀ ମଧ ଅନୁପୁରକ ସମ୍ପର୍କ ଦେଖାଯାଏ । ସମ୍ବଳ ଯୁକ୍ତ ବହୁଭାଷିତା ଯୋଜନାରେ  ବହୁଭାଷୀ ଶିକ୍ଷା ମୁଳ ସ୍ଥାନ ଗ୍ରହଣ କରିଛି ଯାହା ସଂଖ୍ୟାଲଘୁ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଆଦିବାସୀ ଭାଷା ଗୁଡିକକୁ ହତତ୍ସାହିତ କିମ୍ବା ଗୌଣ କରି ନଥାଏ।

ଗୁଣାତ୍ମକ ଶିକ୍ଷା ରେ ମାତୃଭାଷାର ଭୂମିକା ଏବଂ ଉପଯୋଗ କୁ ପ୍ରଶଂସା କରିବାରେ ଭାରତର ବର୍ତ୍ତମାନ ବେସରକାରୀ ଶିକ୍ଷା ବ୍ୟବସ୍ଥା ଅକ୍ଷମ ହୋଇଛି । ସେମାନେ ଦୁର୍ବଳ ଭାଷା ଗୁଡିକୁ ଉତ୍ସହିତ କରୁନାହାନ୍ତି କିମ୍ବା ଉଚ୍ଚସ୍ତରୀୟ ବହୁଭାଷା ଦକ୍ଷତା କୁ କାର୍ଯ୍ୟକାରୀ କରି ପାରୁ ନାହାନ୍ତି କିଛି ଭାରତ ସରକାରଙ୍କ ସଂସ୍ଥା ଯଥା ଭାରତୀୟ ଭାଷା ସଂସ୍ଥାନ ଆଦିବାସୀ ଭାଷା ଓ ଦୁର୍ବଳ ଭାଷା ଗୁଡିକୁ ଉନ୍ନତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରୟାସ କରୁଛି । ପଟ୍ଟନାୟକ (୧୯୮୧), ଯିଏ ଭାରତୀୟ ଭାଷା ସଂସ୍ଥାନର ପ୍ରଥମ ନିର୍ଦ୍ଦେଶକ ମାତୃଭାଷା ଆଧାରିତ ଶିକ୍ଷା ପାଇଁ ଯୁକ୍ତି କରି କିଛି ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆଦିବାସୀ ଭାଷାର ପ୍ରଚଳନକୁ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରେ

ଆଉ ବିକାଶ କରାଗଲା ନାହିଁ ଏବଂ ଶେଷରେ ବନ୍ଦ କରି ଦିଆଗଲା । ବର୍ତ୍ତମାନ ଜାତୀୟ ପାଠ୍ୟ ଖସଡା ଭାରତରେ ସ୍କୁଲ ଶିକ୍ଷାରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ ପ୍ରଚଳନ କରାଗଲା କିନ୍ତୁ ନିର୍ଦ୍ଦିଷ୍ଟ ନୀତି ଓ ପ୍ରଣାଳୀ ର ଅଭାବ ଯୋଗୁଁ ଏହି ପାଠ୍ୟ ଖସଡା କାର୍ଯ୍ୟକାରୀ ହୋଇପାରିଲା ନାହିଁ କିମ୍ବା ଶିକ୍ଷା ମାଧ୍ୟମରେ ବହୁଭାଷିତା ଦ୍ୱାରା ସମାଜର ବିବିଧତାକୁ ପ୍ରଚାର ପ୍ରସାର କରିବାରେ ସକ୍ଷମ ହୋଇପାରିଲା ନାହିଁ। ସଂଖ୍ୟାଲଘୁ ଭାଷା ଓ ଆଦିବାସୀ ଭାଷାକୁ ସଶକ୍ତ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ଭାଷାକୁ ବ୍ୟାପକ କରିବା ନୀତିର ଆବଶ୍ୟକ ଅଛି ଏବଂ ସମସ୍ତଙ୍କ ପାଇଁ ବହୁଭାଷିତା ପ୍ରଚାର କରାଯିବା ଉଚିତ୍ । ଶିକ୍ଷାର ପଦ୍ଧତି ଭାବେ ଭାରତରେ ବହୁଭାଷୀ ଶିକ୍ଷାକୁ ବିକଶିତ କରାଯିବା ଉଚିତ୍ ଯାହା ଦ୍ୱାରା ଆଦିବାସୀ ଲୋକେ ମାତୃଭାଷାର ବିକାଶ ସହ ସେହି ଭାଷାକୁ ଆଧାର କରି ଅନ୍ୟାନ୍ୟ ଭାଷାରେ ମଧ ଦକ୍ଷତା ହାସଲ କରିପାରିବେ । ଏହିରେ ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରାଯିବା ପରି ଏହି ପଦ୍ଧତିର ତାତ୍ୱିକ ମୂଳଦୂଆକୁ ଭଲଭାବେ ବିକଶିତ କରାଯାଇଛି ଏବଂ ସହଯୋଗ ବି କରାଯାଇଛି । କିଛି ପ୍ରାରମ୍ଭିକ ଉତ୍ସାହକୁ ଆଧାର କରି ଘରଭାଷା ଓ ସ୍କୁଲ ଭାଷା ଭିତର ଅମେଳ ସହ ଜଡିତ ସମସ୍ୟାକୁ ବିଭିନ୍ନ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟରେ ଦର୍ଶାଯାଇଛି । ସେଥିମଧ୍ୟରୁ ଅନେକ ଖୁବ୍ ଦୁର୍ବଳ ସାମୟିକ କାର୍ଯ୍ୟକ୍ରମ, ବର୍ତ୍ତମାନ ସମୟରେ ସରକାରଙ୍କ ପ୍ରୋତ୍ସାହନରେ କିଛି ରାଜ୍ୟରେ ଆଦିବାସୀ ପିଲାଙ୍କ ପାଇଁ ଅଧିକ ସଂଗଠିତ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଯେଉଁଥିରେ କିଛି ମୁଖ୍ୟ ଆଦିବାସୀ ସମ୍ପ୍ରଦାୟକୁ ଯୋଡା ଯାଇଛି ଏବଂ ଭବିଷ୍ୟତରେ ଆହୁରି ଅନେକଙ୍କୁ ସାମିଲ କରିବାର କାର୍ଯ୍ୟକ୍ରମ ରହିଛି । ଆନ୍ଧ୍ରପ୍ରଦେଶ ଏବଂ ଓଡିଶା ଯାହା ଭାରତର ବର୍ତ୍ତମାନ ବହୁଭାଷୀ ଶିକ୍ଷାର ଆଦିମ ଆବିଷ୍କାରକ, ସେହି କାର୍ଯ୍ୟକ୍ରମକୁ ବିସ୍ତୃତ ଭାବେ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯିବ।

**ଆନ୍ଧ୍ରପ୍ରଦେଶ ଓ ଓଡିଶାର ବହୁଭାଷୀ ଶିକ୍ଷା ; ଆହ୍ୱାନ ଏବଂ ସୁଯୋଗ**

୨୦୦୩ ରେ ଭାରତ ସରକାର ,ସର୍ବଶିକ୍ଷା ଅଭିଯାନ ( ସମସ୍ତଙ୍କ ପାଇଁ ଶିକ୍ଷା ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ରାଜ୍ୟଗୁଡିକ ପ୍ରମୁଖ ଆଦିବାସୀ ଲୋକଙ୍କୁ ନେଇ ସେମମମାନଙ୍କ ପିଲାଙ୍କ ପାଇଁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ସେହି ବର୍ଷ ୧୦୦ସ୍କୁଲରେ ଆଠଟି ଆଦିବାସୀ ଭାଷାକୁ ନେଇ ଆନ୍ଧ୍ରପ୍ରଦେଶ ସ୍ଥିର କଲାଯେ ପରୀକ୍ଷାମୂଳକ ଭାବେ ବହୁଭାଷୀ ଶିକ୍ଷାକୁ ନେଇ କ୍ଷୁଦ୍ର ପରିକଳ୍ପନା ଆରମ୍ଭ କରିବା। ୨୦୦୪ ରେ ନିର୍ଦ୍ଦିଷ୍ଟ ସ୍କୁଲକୁ ନେଇପ୍ରଥମ ଶ୍ରେଣୀରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଲା ।୨୦୦୮ ରେ ସେହି ପ୍ରଥମ ଶ୍ରେଣୀ ପିଲା ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ପହଞ୍ଚିଲେଣି । ନିର୍ଦ୍ଦିଷ୍ଟ ସ୍କୁଲରେ ଆନ୍ଧ୍ରପ୍ରଦେଶ ଏହି କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଏହା ଲାଗୁ କରାଯାଇଛି । ଓଡିଆ ହେଉଛି ଦ୍ୱିତୀୟ ରାଜ୍ୟ ଯିଏ ଏହି କାର୍ଯ୍ୟକ୍ରମକୁ ୨୦୦୫ରେ ୧୦ ଟି ଆଦିବାସୀ ଭାଷାକୁ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କଲା। ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ୧୯୫ ଟି ନିର୍ଦ୍ଧାରିତ ସ୍କୁଲରେ ପ୍ରଥମ ଶ୍ରେଣୀ ରୁ ପ୍ରଚଳନ କରାଯାଇଛି । ୨୦୦୮ରେ ଏହି ପିଲାମାନେ ଦ୍ୱିତୀୟ ଶ୍ରେଣୀକୁ ଗଲେ ଏବଂ ଓଡିଶାରେ ଆହୁରି ୩୦୦ ସ୍କୁଲକୁ ଏହି କାର୍ଯ୍ୟକ୍ରମ ସହ ଜଡିତ ସ୍କୁଲ ସଂଖ୍ୟା ହେଉଛି୪୯୫।

**ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଗଠନ ,ପ୍ରକୃତି ଓ ମୂଲ୍ୟାୟନ**

ଏହି ଦୁଇ ରାଜ୍ୟରେ ବହୁଭାଷୀ କାର୍ଯ୍ୟକ୍ରମକୁ ବଳିଷ୍ଠ କରିବା ପାଇଁ ପିଲାର ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା ସ୍କୁଲର ପ୍ରାଥମିକ କିଛି ବର୍ଷ କରି ଧିରେ ଧିରେ ରାଜ୍ୟ ମୁଖ୍ୟ ଭାଷାକୁ ଯଥା ଆନ୍ଧ୍ରରେ ତେଲେଙ୍ଗା ଓ ଓଡିଶାରେ ଓଡିଆଙ୍କୁ ଆଧାର କରିବା ପାଇଁ ଯୋଜନା ଥିଲା। ସେ ଯାହା ହେଉ ପୂର୍ବରୁ ସୂଚିତ ପରି ଭାରତରେ ଏହି ବହୁଭାଷା ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତତଃ ତିନି କିମ୍ବା ଚାରୋଟି ଭାଷାରେ ଉଚ୍ଚ ଦକ୍ଷତା ହାସଲ କରିବାରେ ଉଦ୍ଦେଶ୍ୟ ରହିଛି ସେହି ଭାଷା ଗୁଡିକ ହେଲା ମାତୃଭାଷା (ଆଦିବାସୀ ଏବଂ ସଂଖ୍ୟାଲଘୁ ପିଲା) ,ରାଜ୍ୟର ପ୍ରମୁଖ ଭାଷା ( ତେଲୁଗୁ କିମ୍ବା ଓଡିଆ ),ଏବଂ ଇଂରାଜୀ ଓ ହିନ୍ଦୀ । ଯଦିଓ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ମାତୃଭାଷା ସହ ଇଂରାଜୀ ଓ ହିନ୍ଦୀ ଭାଷା ଦକ୍ଷତାର ବିକାଶ ମଧ ଆଶା କରାଯାଏ ଏହି କାର୍ଯ୍ୟକ୍ରମରେ କଳ୍ପନା କରାଯାଉଛି ଯେ ବହୁଭାଷୀ ଶିକ୍ଷା ସ୍କୁଲର ପିଲା ପ୍ରାଥମିକ ଶିକ୍ଷା ଶେଷ ବେଳକୁ ମୁଖ୍ୟ ଭାଷାର ମାଧ୍ୟମ ରେ ପାଠ୍ୟକ୍ରମରେ ଯୋଗ ଦେବେ ।ଅନ୍ୟ ଅର୍ଥରେ ବହୁଭାଷୀ ଶିକ୍ଷା ସ୍କୁଲର ପିଲାମାନେ ଷଷ୍ଠଶ୍ରେଣୀ ବେଳକୁ ରାଜ୍ୟର ମୁଖ୍ୟ ଭାଷା ଯଥା ଓଡିଆ ଓ ତେଲୁଗୁ ଭାଷା ସ୍କୁଲ ଶିକ୍ଷାରେ ମାଧ୍ୟମ ଏବଂ ଅନ୍ୟାନ୍ୟ ବିଷୟକୁ ଏହି ଭାଷାରେ ପଢିବେ କେବଳ ଭାଷା ବିଷୟକୁ ଛାଡି ଦେଲେ ସେ ଯାହା ହେଉ ଦୁଇ ରାଜ୍ୟର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଯେଉଁ ପ୍ରକାର ଭାଷା ଶିକ୍ଷା ବିଷୟ ସ୍ଥିର କରାଯାଇଛି ତାହା ଭିତର କିଛିଟା ତଫାତ୍ ଅଛି । ଉଭୟ ରାଜ୍ୟର କାର୍ଯ୍ୟକ୍ରମରେ ଆଦିବାସୀଙ୍କ ମାତୃଭାଷାହିଁ ଶିକ୍ଷାର ମାଧ୍ୟମ ଏବଂ ଏବଂ ଏହି ମାଧ୍ୟମରେ ସ୍କୁଲର ସବୁ ବିଷୟକୁ ତିନି ବର୍ଷ ପର୍ଯ୍ୟନ୍ତ ପଢାଯିବ । ଦ୍ୱିତୀୟ ଶ୍ରେଣୀରୁ ଦ୍ୱିତୀୟ ଭାଷାକୁ ପ୍ରଚଳନ କରି କେବଳ ଏହାର କଥିତ ଦକ୍ଷତାର ବିକାଶ ଦିଗରେ ଧ୍ୟାନ ଦିଆଯିବ ଏବଂ ତୃତୀୟ ଶ୍ରେଣୀରୁ ଏହି ଦ୍ୱିତୀୟ ଭାଷାର ପଠନ ଏବଂ ଲିଖନ ଦିଗରେ ଧ୍ୟାନ ଦିଆଯିବ । ଓଡିଶା ରାଜ୍ୟର ପାଠ୍ୟକ୍ରମ ଅନୁସାରେ ତୃତୀୟ ଶ୍ରେଣୀରୁ କଥିତ ଇଂରାଜୀର ପ୍ରଚଳନ ହୋଇଥାଏ କିନ୍ତୁ ଆନ୍ଧ୍ରପ୍ରଦେଶରେ ଚତୁର୍ଥ ଶ୍ରେଣୀରୁ ଇଂରାଜା ଭାଷାକୁ ପ୍ରଚଳନ କରାଯାଇଛି ।ଆନ୍ଧ୍ରପ୍ରଦେଶ ବହୁଭାଷୀ ଶିକ୍ଷା

କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀ ଠାରୁ ଉଭୟ ତେଲୁଗୁ ଓ ଆଦିବାସୀଙ୍କ ମାତୃଭାଷାକୁ ୪୦% ପ୍ରତିଶତ ସମୟ ଦେଇ ଶିକ୍ଷାର ମାଧମ ଭାବେ ଭାଷାକୁ ବ୍ୟବହାର କରାଯାଇ ଅନ୍ୟାନ୍ୟ ସ୍କୁଲ ବିଷୟ ପଢାଯାଏ ଏବଂ ଏହି ସବୁ ବିଷୟ ପାଇଁ ଦ୍ୱିଭାଷୀ ରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଥାଏ । ଓଡିଶା ବହୁଭାଷୀ କାର୍ଯ୍ୟକ୍ରମର ଚତୁର୍ଥ ଶ୍ରେଣୀରୁ ଓଡିଆକୁ ହିଁ ଶିକ୍ଷାର ମାଧମ ଏବଂ ସମସ୍ତ ବିଷୟ ପଢାଇବା ଭାଷା ରୂପେ ବ୍ୟବହାର କରାଯାଇଥାଏ ଏବଂ ମାତୃଭାଷାକୁ ଭାଷା ବିଷୟ ରୂପେ ରଖାଯାଇଥାଏ । ଓଡିଶାର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀରୁ ଲିଖିତ ଏବଂ ପଢିବା ପାଇଁ ଇଂରାଜୀକୁ ପ୍ରସ୍ତୁତ କରାଯାଏ । ତେଣୁ ଓଡିଶା ବହୁଭାଷୀ ଶୀକ୍ଷା କାର୍ଯ୍ୟକ୍ରମରେ ଯୋଜନା କରାଯାଇଛି ଯେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାକୁ ଶିକ୍ଷାର ମାଧମ କରି ତା ସହିତ ତୃତୀୟ ଭାଷା ଇଂରାଜୀକୁ ସ୍କୁଲ ବିଷୟ ରୂପେ ରଖାଯିବ ଏବଂ ଏହି ପଦ୍ଧତି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିବ । ଅନ୍ୟ ପଟରେ ଆନ୍ଧ୍ର ପ୍ରଦେଶର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ମାତୃଭାଷା ଶିକ୍ଷା ମାଧମରୁ ଧୀରେ ଧୀରେ ତେଲୁଗୁ ଭାଷା ଶିକ୍ଷା ମାଧମକୁ ପରିବର୍ତ୍ତନ ହେବା । ଚତୁର୍ଥ ଶ୍ରେଣୀ ର ଦୁଇଟି ପାଇଁ ସମାନ ପରିମାଣର ସମୟ ବ୍ୟୟ କରାଯିବ ମାତୃଭାଷା ଏବଂ ଦ୍ୱିତୀୟ ଭାଷା ତେଲୁଗୁ ଶିକ୍ଷାର ମାଧମ ଭାବେ ଏବଂ ସବୁ ବିଷୟକୁ ପଢାଇବାର ମାଧମ ଭାବେ ବ୍ୟବହାର କରାଯିବ ସ୍କୁଲ ସମୟରେ ୨୫ ପ୍ରତିଶତ ସମୟ ଅନ୍ୟାନ୍ୟ ବିଷୟ ପାଇଁ ଦିଆଯିବ । ଆନ୍ଧ୍ର ପ୍ରଦେଶର ଚତୁର୍ଥ ଶ୍ରେଣୀରୁ ତୃତୀୟ ଭାଷା ଇଂରାଜୀର ଲେଖା ପଢା ଆରମ୍ଭ ହେବ ଏବଂ ଏହା ପଞ୍ଚମ ଶ୍ରେଣୀରୁ ଉର୍ଦ୍ଧ ପର୍ଯ୍ୟନ୍ତ ଏହା ସ୍କୁଲର ବିଷୟ ହୋଇ ରହିବ । ବହୁଭାଷୀ ଶିକ୍ଷା ସହ ଜଡିତ ପିଲାମାନେ ଚତୁର୍ଥ ଶ୍ରେଣୀ ପରଠାରୁ ରାଜ୍ୟର ଭାଷା ଓଡିଆ ଓ ତେଲୁଗୁ କୁ ଶିକ୍ଷାର ମାଧମ ଏବଂ ବିଭିନ୍ନ ବିଷୟ ର ମାଧମ ଭାବେ ପଢିବେ ବୋଲି ଉଭୟ ରାଜ୍ୟ ଦ୍ୱାରା ସ୍ଥିର କରାଯାଇଛି ଏବଂ ଇଂରାଜୀ ଭାଷା ବିଷୟ ଭାବେ କ୍ରମାଗତ ରହିବ ଏବଂ ପଞ୍ଚମ ଶ୍ରେଣୀ ପରେ ମାତୃଭାଷାକୁ ସ୍କୁଲରେ ରଖିବାର କୌଣସି ଯୋଜନା ନାହିଁ । ବହୁଭାଷୀ ଶିକ୍ଷା ସ୍କୁଲ ଗୁଡିକରେ ଆଦିବାସୀ ମାତୃଭାଷା ର ପ୍ରଚଳନ ଯୋଗୁଁ ପିତାମାତାଙ୍କ ଶିକ୍ଷା ସହ ଯୋଗାଯୋଗ ଏବଂ ପ୍ରଶଂସା ଦେଖିବାକୁ ମିଳୁଛି ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅନେକ ପାଠ୍ୟକ୍ରମ ପୁସ୍ତକ ଓ ଅଣ ପାଠ୍ୟକ୍ରମ ପୁସ୍ତକ ଆଦିବାସୀ ଭାଷାରେ ଛପାଯାଇଛି ଏବଂ ଏହି କାର୍ଯ୍ୟକ୍ରମ ସହ ଯୋଡା ଛାତ୍ର ଛାତୀ ଙ୍କ ଶିକ୍ଷାରେ ସଫଳତା ଦେଖିବାକୁ ମିଳୁଛି । ଏହି ପ୍ରକାର ସାକାରାତ୍ମକ ସଫଳତା ଦାବି କରେ ଯେ ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଆଦିବାସୀ ମାତୃଭାଷାକୁ ପଞ୍ଚମ ଶ୍ରେଣୀରୁ ଉର୍ଦ୍ଧକୁ ମଧ ପ୍ରଚଳନ କରାଯିବା ଉଚିତ୍ ।

ଆଦିବାସୀ ମାତୃଭାଷା କୁ ରାଜ୍ୟର ଭାଷାର ଲିପିରେ ଲେଖାଯାଉଛି ଆନ୍ଧ୍ରପ୍ରଦେଶ ରେ ତେଲୁଗୁ ରେ ଏବଂ ଓଡିଶାରେ ଓଡିଆରେ । ଏଥିରେ କିଛି ପରିବର୍ତ୍ତନ ମଧ କରାଯାଇଛି ଯେଉଁଠି କିଛି ଧ୍ୱନିତାତ୍ୱିକ ସମସ୍ୟା ରହିଛି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ରୂପେ ଧ୍ୟାନ ଦେଇ ଆଦିବାସୀ ସଂସ୍କୃତ ,ପାରମ୍ପରିକ ସ୍ୱଦେଶୀ ଜ୍ଞାନ, କୌଶଳ ଗୀତ, ଖେଳ କଥା ଇତ୍ୟାଦିକୁ ପାଠ୍ୟ ପୁସ୍ତକ ମଧ୍ୟରେ ସ୍ଥାନ ଦେଇଛି ଯାହାକୁ ପିଲାର ଦୈନଦିନ ଶିକ୍ଷାକ୍ଷେତ୍ରରେ ବ୍ୟବହାର ମଧ କରାଯାଉଛି । ଏହି ସବୁର ପ୍ରସ୍ତୁତି ପାଇଁ ସମ୍ପ୍ରଦାୟର ମୁଖିଆ, ଶିକ୍ଷକ,ଲେଖକ, ଚିତ୍ରକାର ଏବଂ ବିଭିନ୍ନ ବିଷୟରେ ଅଭିଜ୍ଞ ଲୋକ ଏକାଠି ବସି ଆଲୋଚନା ମାଧମରେ ଏହାକୁ ପ୍ରସ୍ତୁତ କରିଥାନ୍ତି । ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ବ୍ୟବହୃତ ସମସ୍ତ ପାଠ୍ୟ ପୁସ୍ତକ ଏବଂ ଉପକରଣ ରାଜ୍ୟସ୍ତରରେ ଏବଂ ଜାତୀୟ ସ୍ତରରେ ଧ୍ୟାନ ଦିଆଯାଇଥାଏ ଗଣିତ ଏବଂ ଭାଷାରେ ସଂସ୍କୃତି ସହ ଜଡିତ ବିଭିନ୍ନ ବିଷୟକୁ ଆଧାର କରି ପାଠ୍ୟ ପୁସ୍ତକ ତିଆରି କରାଯାଏ ଉଦାହରଣ ସ୍ୱରୂପ ସଂଖ୍ୟା ପଦ୍ଧତିକୁ ଶିଖାଇବା ପାଇଁ ବିଭିନ୍ନ ଗୀତ ,ଖେଳ ଏବଂ ଅନ୍ୟାନ୍ୟ ସଂସ୍କୃତି ଆଧାରିତ ବିଷୟ ବସ୍ତୁ ର ଚୟନ କରାଯାଇଥାଏ ।

ପାଠ୍ୟ ପୁସ୍ତକ ,ଗଳ୍ପ, ଗୀତ ଅନ୍ୟନ୍ୟ ଶିକ୍ଷାଦାନର କାର୍ଯକଳାପ ସବୁ ଗାଁ ପଞ୍ଜିକା ଅନୁସାରେ ସ୍ଥିର ହୋଇଥାଏ ଯେଉଁଥିରେ ଋତୁ ଓ ବିଭିନ୍ନ ସମୟ ଆଧାରିତ କାର୍ଯକଳାପ, ପର୍ବପର୍ବାଣୀ ସ୍ୱତନ୍ତ୍ର ଘଟଣା ଯାହା ବର୍ଷର ବିଭିନ୍ନ ମାସ ସହ ଜଡିତ ପିଲାର ଅଭିଜ୍ଞତା ଏହି ସବୁକୁ ନେଇ ପାଠ୍ୟକ୍ରମ ଉପକରଣ ତିଆରି କରାଯାଇଥାଏ । ଶ୍ରେଣୀକକ୍ଷରେ ଏହି ସବୁ କାର୍ଯ୍ୟକ୍ରମରେ ଭାଗ ନେବାକୁ ପିଲାଙ୍କୁ ଉତ୍ସାହିତ କରାଯାଇଥାଏ । ତାହା ମଧ ପିଲାର ଶିଖିବା ପ୍ରକ୍ରୀୟା ସହ ଜଡିତ ବହୁଭାଷୀ ଶିକ୍ଷା କାର୍ଯ୍ୟକର୍ମ ସହ ଜଡିତ ଶିକ୍ଷକ ମାନେ ପଢାଯାଉଥିବା ଭାଷା,ଗୋଷ୍ଠୀ ବା ସମ୍ପଦାୟର ହୋଇଥାନ୍ତି ଏବଂ ବେଳେବେଳେ ଉପଯୁକ୍ତ ଯୋଗ୍ୟତା ଧାରି ଶିକ୍ଷକ ନ ମିଳିଲେମଧ ସେ କ୍ଷେତ୍ରରେ ଅନେକ ବୁଝାବଣା କରାଯାଇଥାଏ । କାର୍ଯ୍ୟକ୍ରମ ଭିତରେ ଶିକ୍ଷକ ମାନଙ୍କ ପାଇଁ ତଥ୍ୟ ସମ୍ବଳିତ ବହି ତିଆରି କରାଯାଏ । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବହୁମୁଖୀ ଶିକ୍ଷା ପ୍ରକଳ୍ପ ର ଏବଂ ଗୋଷ୍ଠୀ ଙ୍କ ନିରକ୍ଷରତାରେ ହୋଇଥାଏ । ରାଜ୍ୟର କାର୍ଯ୍ୟକ୍ରମର ଏକ ମୁଖ୍ୟ କାର୍ଯ୍ୟ ହେଉଛି ବିଭିନ୍ନ ଆଦିବାସୀ ଭାଷାର ଶବ୍ଦାବଳୀ ତିଆରି କରିବା । ଆନ୍ଧ୍ର ଏବଂ ଓଡିଶାର ଏହି ବହୁଭାଷୀ ଶିକ୍ଷା ବ୍ୟବସ୍ଥାକୁ ଆଭ୍ୟନ୍ତର କାର୍ଯ୍ୟାଳୟ ଦ୍ୱାରା ତଦାରଖ କରାଯାଏ ।

ଆନ୍ଧ୍ର ପ୍ରଦେଶ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ କୁ ଦୁଇଟି ମୁଖ୍ୟ ଅଧ୍ୟୟନ ଭାବେ ଶିକ୍ଷକ ଓ ଗୋଷ୍ଠୀଙ୍କ ଠାରୁ ପାଇଥିବା ମତାମତ ଏବଂ ପରିକଳ୍ପନାର ଯାଞ୍ଚକାରୀ ଦଳଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଛି ବହୁଭାଷୀ ଶିକ୍ଷା ପିଲାମାନଙ୍କ ଶ୍ରେଣୀ କକ୍ଷ ସଫଳତାକୁ ନେଇ ଗୋଟିଏ ତୁଳନାତ୍ମକ ମୂଲ୍ୟାୟନ ଏବଂ ଆନ୍ଧ୍ରପ୍ରଦେଶ ର ଆଦିବାସୀ ସଂସ୍କୃତି ଗବେଶଣା ଓ ତାଲିମ କେନ୍ଦ୍ର ଦ୍ୱାରା ୨୦୦୫ ରେ ନିଆଯାଇଥିବା ସେହି ତେଲୁଗୁ ମାଧମ ସ୍କୁଲ ଏବଂ ଦ୍ୱାରା ୨୦୦୩ ହୋଇଥିବା ବାହ୍ୟ ମୂଲ୍ୟାଙ୍କନ ଉଭୟ ଅଧ୍ୟୟନ ଦର୍ଶାଏ ଯେ ତେଲୁଗୁ ମାଧମ ସ୍କୁଲ ତୁଳନାରେ ଆଠଟି ଆଦିବାସୀ ଭାଷା କୁ ନେଇ ହୋଇଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଶ୍ରେଣୀ କକ୍ଷ ସଫଳତା ହାର ଯଥେଷ୍ଟ ଅଧିକ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସାକ୍ଷରତା ଏବଂ ସଂଖ୍ୟା ଉଭୟ କ୍ଷେତ୍ରରେ ବୃଦ୍ଧି ହୋଇଛି । ଏହାଦ୍ୱାରା ପିଲାର ସ୍କୁଲ ଉପସ୍ଥାନ ବୃଦ୍ଧି ପାଇଛି । ଗୋଷ୍ଠୀ ଙ୍କ ସ୍କୁଲ ସହ ସମ୍ପର୍କ ଓ କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ ର ମାତ୍ରାରେ ବି ବୃଦ୍ଧି ଘଟିଛି । ୨୦୦୮ ର ଓଡିଶାର ଓଡିଆ ମାଧମ ସ୍କୁଲ ଓ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପରୀକ୍ଷା ମୂଳକ ସ୍କୁଲର ପ୍ରଥମ ଶ୍ରେଣୀ ପିଲାଙ୍କ ଶ୍ରେଣୀ କକ୍ଷ ସଫଳତାର ମୂଲ୍ୟାୟନ କରାଯାଇଛି । ପ୍ରଥମ ଶ୍ରେଣୀ ର ଶେଷ ବେଳକୁ କରାଯାଇଥିବା ମୂଲ୍ୟାୟନର ଓଡିଆ ମାଧମ ସ୍କୁଲ ପିଲାଙ୍କ ତୁଳନାରେ ,୧୦ ଟି ଆଦିବାସୀ ଭାଷାକୁ ନେଇ ହୋଉଥିବା ବହୁଭାଷୀ ଶିକ୍ଷା ସ୍କୁଲର ପିଲାମାନଙ୍କ ଶ୍ରେଣୀ କକ୍ଷ ସଫଳତାର ହାର ଅଧିକ। ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସ୍କୁଲ ଗୁଡିକର ପିଲାଙ୍କ ଉପସ୍ଥାନ ହାର ଅଧିକ, ଶିକ୍ଷକ ଙ୍କଆତ୍ମସଂନ୍ତୋଷ, ପିତା ମାତାଙ୍କ ସାକାରାତ୍ମକ ମନଭାବ ଓ ଗୋଷ୍ଠୀର କାର୍ଯ୍ୟକ୍ରମରେ ସକ୍ରୀୟ ଯୋଗଦାନ ଇତ୍ୟାଦି ଦେଖାଯାଇଛି।

**<u>ଭାରତରେ ଆଦିବାସୀ ପିଲାଙ୍କ ପାଇଁ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ; କିଛି ପ୍ରତି ଫଳନ</u>**

ଦ୍ୱିତୀୟ ଭାଷାରେ ଶିକ୍ଷାକୁ ସାମିଲ କରିବା ପାରମ୍ପରିକ ଶିକ୍ଷା କାର୍ଯ୍ୟକ୍ରମ ଅପେକ୍ଷା ଓଡିଶା ଏବଂ ଆନ୍ଧ୍ରପ୍ରଦେଶର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଉତ୍ତମମାନର ଶିକ୍ଷା ଯୋଗାଇ ଦେଇ ପାରିଛି । ତେଣୁ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୃଙ୍ଖଳାଗତ ଗଠନ ମୂଳକ ମୂଲ୍ୟାୟନର ଆବଶ୍ୟକତା ଏହି ପିଲାଙ୍କ ନେଇ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା କରି ଚାରୋଟି ଭାଷାରେ ଦକ୍ଷତାର ବିକାଶ କରାଇବା ନିହାତି କଷ୍ଟସାଧ ବ୍ୟାପାର, ହିନ୍ଦୀ ର ସହାୟତା ସହ ରାଜ୍ୟର ମୁଖ୍ୟଭାଷାକୁ ଶିଖିବା ଦ୍ୱାରା ସେମାନେ ଅନେକ ସହାୟତା ପାଇଯାଇଥାନ୍ତି ଯଥା ବଜାର, ଗୋଷ୍ଠୀ ଗୋଷ୍ଠୀ ଙ୍କ ଭିତରେ ଯୋଗାଯୋଗ, ଗଣମାଧମ ଏବଂ ଇଂରାଜୀ ପାଇଁ ଗ୍ରାମୀଣ ସ୍ଥାନରେ କୌଣସି ସୁଯୋଗ ନାହିଁ। ଯଦିଓ ଜାତୀୟ ସ୍ତରରେ ଇଂରାଜୀକୁ ପ୍ରାଥମିକ ସ୍ତରରୁ ପ୍ରଚଳନ ପାଇଁ ଆଗ୍ରହ କରାଯାଇଛି । ଯାହା ହିନ୍ଦୀକୁ ତଳକୁ ନେବାକୁ ବାଧ କରିଛି । ବହୁଭାଷୀ ଆଧାରରେ ରାଜ୍ୟର ମୁଖ୍ୟଭାଷା ,ହିନ୍ଦୀ ,ଇଂରାଜୀ ଇତ୍ୟାଦି ଭାଷା ସହ ପିଲାର ଶ୍ରେଣୀ କକ୍ଷ ବାହାରର ଯୋଗାଯୋଗ ପରିସ୍ଥିତିକୁ ଅଧିକ ଜଟିଳ କରି ପକାଇଛି । ବର୍ତ୍ତମାନର ପ୍ରୟୋଗାତ୍ମକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ଏହି ଦୁଇ ରାଜ୍ୟ ଏହି ସମସ୍ୟାକୁ କମ୍ କରିବାକୁ ଶ୍ରେଣୀ କକ୍ଷରେ ଚେଷ୍ଟାକରି ଗୋଟିଏ ସ୍କୁଲରେ କେବଳ ଗୋଟିଏ ଆଦିବାସୀ ଭାଷା ଗୋଷ୍ଠୀର ପିଲାଙ୍କୁ ନିଆଯାଇଛି । ତେବେବି , ଯେଉଁ ପ୍ରକାର ଦୁଇଟି ରାଜ୍ୟର ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ ଗୁଡିକରେ ଭାଷାର ପ୍ରଚଳନ କରାଯାଇଛି ତାହା ଭିନ୍ନ ଭିନ୍ନ ଶୈଳୀର ବର୍ତ୍ତମାନର କାର୍ଯ୍ୟକ୍ରମକୁ ଯନ୍ତ୍ରର ସହ ବିଶ୍ଳେଷଣ କରି ଭାଷାର ପ୍ରଚଳନ ଓ ତା ପାଇଁ ବ୍ୟୟ କରାଯାଉଥିବା ସମୟ ରୂପକ ସମସ୍ୟାର ସମାଧାନ ଖୋଜିବା ଉଚିତ୍ । ସେ ଯାହା ହେଉ, ବହୁଭାଷୀ ତା ପରିସ୍ଥିତିର ବିବିଧତା ଯୋଗୁଁ ବହୁଭାଷୀ ଶିକ୍ଷା ପ୍ରଶିକ୍ଷଣ ଏହି ବହୁଭାଷିତାକୁ ପ୍ରଚଳନ କରାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ଶ୍ରେଣୀ କକ୍ଷର ଭାଷା ବିବିଧତା ଏବଂ ବିଭିନ୍ନ ଭାଷାର ସମାଜ ଉପଭାଷିତାକୁ ନେଇ ମଧ ଅନେକ ଅସୁବିଧା ହୋଇଥାଏ।

ବର୍ତ୍ତମାନ ଓଡିଶା ଓ ଆନ୍ଧ୍ର ପ୍ରଦେଶ ରେ ଚଳୁଥିବା ପ୍ରୟୋଗାତ୍ମକ ବହୁଭାଷୀ ଶିକ୍ଷା କାର୍ଯ୍ୟର୍କମର ଅନେକ ସୀମିତତା ଓ ସମସ୍ୟା ରହିଛି ଯାହା କିଛି ସ୍କୁଲ ଓ କିଛି ସଂଖ୍ୟାରପିଲାଙ୍କୁ ନେଇ କାର୍ଯ୍ୟକ୍ରମ ସୀମିତ ରହିଛି । ଭାରତରେ ଏବଂ ରାଜ୍ୟ ଗୁଡିକରେ ଆଦିବାସୀ ଓ ସଂଖ୍ୟାଲଘୁ ଛାତ୍ରଙ୍କ ପାଇଁପ୍ରସ୍ତୁତ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ପାଇଁ ସ୍ୱଷ୍ଟ ନୀତି ଓ କାର୍ଯ୍ୟକ୍ରମ କୁ ବଢାଇବା ପାଇଁ ସମ୍ବଳର ବୃଦ୍ଧି ନ ହେଲେ ଅଳ୍ପସଂଖ୍ୟକ ଙ୍କ ପାଇଁ ଏହି ଶିକ୍ଷା କାର୍ଯ୍ୟକ୍ରମ ଏହି ରାଜ୍ୟ ଗୁଡିକରେ ଏବଂ ଭାରତରେ ଏହାର ସ୍ଥିତି ନେଇ ଅନେକ ସନ୍ଦେହ ରହିଛି। ଆନ୍ଧ୍ରପ୍ରଦେଶ ଏବଂ ଓଡିଶାରେ ଏହି କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ଆଗେଇ ନେଇଛି ଏବଂ ସେମାନଙ୍କ ଠାରୁ ଅନେକ ଆଶା ମଧ କରାଯାଏ । ଏହି କାର୍ଯ୍ୟକ୍ରମ ମାଧମରେ ଦର୍ଶାଯାଇଛି ଯେ ବହୁଭାଷୀଶିକ୍ଷା କିପରି ଆଦିବାସୀ ସମ୍ପ୍ରଦାୟକୁ ସକ୍ଷମ ଓ ସଶକ୍ତ କରିଛି ଆଶାକରାଯାଏ ଏହି ବହୁଭାଷୀ ଶିକ୍ଷା ଆନ୍ଦୋଳନ ଭାରତରେ ଉତ୍ତମ ମାନର ଶିକ୍ଷା ଯୋଗାଇ ଦେଇ ପାରିବ।

# ବହୁ ଭାଷିତା ଏବଂ ନୂତନ ପୃଥିବୀର ପ୍ରତିଷ୍ଠା

**Ramakant Agnihotri**

## ଉପକ୍ରମ

ଅନେକ ସଂଖ୍ୟକ ଭାଷାର ନିଧନ ଏବଂ ଆନୁଷାଙ୍ଗିକ ସଂକୃତି, ଶିକ୍ଷାଗତ, ସାମାଜିକ-ଅର୍ଥନୈତିକ କ୍ଷେତ୍ର, ମାନବ ମର୍ଯ୍ୟଦା, ଇଂଗ୍ରାଜୀର ସାମ୍ରାଜ୍ୟ, ଆନୁଷଙ୍ଗିକ ଆର୍ଥିକ ଓ ସାଂସ୍କୃତିକ ଶୋଷଣ ଗୁଡିକ ହେଉଛି ବାସ୍ତବତା, ଯାହାକୁ ନେଇ ଆମକୁ କାର୍ଯ୍ୟ କରିବା ଦରକାର ଯାହା ଫଳରେ ଗଣତନ୍ତ୍ର ଏବଂ ନିରପେକ୍ଷତାର ଏକ ନୂତନ ପୃଥିବୀ ପ୍ରତିଷ୍ଠା ହୋଇପାରିବ । "ଭାଷା" ଏବଂ "ବହୁଭାଷିତା" ର ଏକ ବିକଳ୍ପ ମତାମତ ସୃଷ୍ଟି କରିବା ଆବଶ୍ୟକ ଉଭୟ ତତ୍ୱ ଏବଂ ବ୍ୟବହାରିକ କ୍ଷେତ୍ରରେ ଏବଂ ଏକ ନୂତନ ପୃଥିବୀ ପ୍ରତିଷ୍ଠା କରିବାରେ ଭାଷା ବହୁଭାଷିତା ଏବଂ ଏଥିରେ ଜଡିତ ନୂତନ ସାମାଜିକ ଧାରା ମଧର ସୀମାର ଏ ପର୍ଯ୍ୟନ୍ତ ତିନୋଟି ପ୍ରଥମିକ କାରଣ ରହିଛି; ଏହି ପେପରରେ ଆଲୋଚନା କରାଯିବା ପରି ବହୁଭାଷିତାର ପ୍ରୟୋଗ ଫଳରେ ଇଂରାଜୀର ସ୍ଥିତି ଆହୁରି ଦୃଢ ହେବ ଏବଂ ଗ୍ରୀକ୍, ସଂସ୍କୃତ, ଲାଟିନ ଏବଂ ପାରସ ଭଳି ଇଂରାଜୀର ଅବସ୍ଥା ହେବ ନାହିଁ । ଏହି ବିଶ୍ୱାଶ କରିବାର କୌଣସି କାରଣ ନାହିଁ । ଦ୍ୱିତୀୟତଃ ଯାନ୍ତ୍ରିକ ବିଜ୍ଞାନ ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଇଂଗ୍ରାଜୀ ଦ୍ୱାରା ବିକଶିତ ଯାହା ଫଳରେ ଅନ୍ୟାନ୍ୟ ଭାଷା ପାଠ୍ୟରେ ପହଞ୍ଚିବା ସମ୍ଭବ ହୋଇଛି ଏବଂ ଶେଷରେ ବହୁଭାଷିତାକୁ ପରୀକ୍ଷା କରିବା ସମ୍ଭବ ମନେ ହୁଏ ନାହିଁ। ତାହା କେବଳ ଉଚ୍ଚ ବିପଦପୂର୍ଣ୍ଣ ସମାଜ-ଭାଷିକ କ୍ଷେତ୍ର ବିରୁଦ୍ଧରେ ଲଢିବା ପାଇଁ ସାହାର୍ଯ୍ୟ କରେନି ବରଂ ଏହା ଚିନ୍ତା ଶକ୍ତିର ବିବିଧତା, ଉଚ୍ଚସ୍ତରୀୟ ଭାଷା ଗତ ସଫଳତା,ବୌଦ୍ଧିକ ବିକାଶ ଏବଂ ସାମାଜିକ ସହନଶୀଳତା କୁ ଉତ୍ସାହିତ ଓ ବିକଶିତ କରିଥାଏ । ଭାରତ ଭଳି ସମାଜରେ ବହୁଭାଷିତା ପାରସ୍ପରିକ ଯୋଗାଯୋଗରେ ପ୍ରତିବନ୍ଧକ ପରିବର୍ତ୍ତେ ଏହାକୁ ସୁଗମ କରିଥାଏ ଏବଂ ଦୈନଦିନ ଯୋଗାଯୋଗରୁ ଭିନ୍ନ ଗୋଷ୍ଠି ନୂଆ ନୂଆ ଶବ୍ଦାର୍ଥ ସୃଷ୍ଟି କରିବା ସହ ତାହାକୁ ବଞ୍ଚାଇ ରଖିପାରିବେ ଏବଂ ପରିଚୟ ବିବିଧତାକୁ ମଧ ସମାନ୍ତରାଳରେ ବଜାୟ ରଖିପାରିବେ । ସବୁ ଗୋଷ୍ଠି ବା ସମାଜ ଏହି ପ୍ରକାର ବୋଲି ମୁଁ ବିଶ୍ୱାଶ କରେ , ଅବଶ୍ୟ ଭିନ୍ନ ଭିନ୍ନ ସ୍ତରରେ। ଆମେ ମଧ ଜାଣୁ ଯେ କାର୍ଯ୍ୟ ଭିତରେ ବିଭିନ୍ନ ସାମାଜିକ -ରାଜନୈତିକ ଏବଂ ଭାଷାଗତ ପ୍ରକୀୟା ରହିଛି ଯାହା ସୁବିଧାରୁ ବଞ୍ଚିତ ଶ୍ରେଣୀ ଯଥା ମହିଳା, ଅସ୍ପୃଶ୍ୟ ବ୍ୟକ୍ତି, କୁଷ୍ଠରୋଗୀ, ମୁକ ଏବଂ ବଧିରକୁ ସାମର୍ଥ କରିଥାଏ ।ଏହା ବି କୁହାଯାଇ ନ ପାରେ ଯେ କେବଳ ବହୁଭାଷୀତା ସମାଜରେ ଗଣତନ୍ତ୍ରର ପ୍ରତିଷ୍ଠା କରାଇ ପାରିବ ଏହା କେବଳ ଗୋଟିଏ ରାସ୍ତା ଯାହା ବିଭିନ୍ନ ବିକଳ୍ପକୁ ରାସ୍ତା ଦେଖାଇ ପାରିବ। ଯଦି ଆମେ ଭିନ୍ନ ଏକ ପୃଥୀବୀର ଗଠନ ପାଇଁ ସ୍ୱପ୍ନ ଦେଖିବା ନାହିଁ,ତେବେ ଆମେ କେବେବି ସେଠି ପହଞ୍ଚି ପାରିବା ନାହିଁ ।

## ଆମେ ଭାଷା ବିଜ୍ଞାନ ଏବଂ ସମାଜ-ଭାଷାବିଜ୍ଞାନ ପ୍ରତି ଅନୁଗୃହିତ

ବହୁ ସମୟ ଧରି ଭାଷାବିଜ୍ଞାନୀ ଏବଂ ସମାଜ ଭାଷାବିଜ୍ଞାନୀ ଭାଷା ଉପରେ କାର୍ଯ୍ୟ କରି ଆସୁଛନ୍ତି ।ଏହା ଭାବି ନିଆଯାଏ ଯେ ଭାଷାର ବିଜ୍ଞାନ ପାଇଁ କରିବା ଅର୍ଥ କୌଣସି ଉପାୟନାହିଁ ଏବଂ ଯାହା ବିଶ୍ୱ ସ୍ତର ସହ ମାନିନେବା କଥାଯେ କେବଳ ଏହି ଉପାୟ ଓ ପନ୍ଥାରେ ଭାଷାର ପ୍ରକୃତି,ଗଠନ,ଶିଖିବା ଏବଂ ପରିବର୍ତ୍ତନ ଇତ୍ୟାଦି ଉପରେ ଜାଣିହେବ ଏବଂ ଭାଷା ଓ ମନର ସମ୍ପର୍କ ଉପରେ ବି ଜାଣିହେବ। ଭାଷା ଗୋଟିଏ ମନୁଷ୍ୟକୃତ ଭାବାତ୍ମକ ପ୍ରତୀକ ରୂପେ ପରୀକ୍ଷିତ କିମ୍ବା ଭାଷାର ପ୍ରକୃତିଗତ ଭିନ୍ନତାକୁ ଗ୍ରହଣ କରିବା ଏବଂ ଗଠନ କରିବା ଯାହା ଭାଷାର ବିଭିନ୍ନ ସୀମାରେଖା ମଧରେ ଚାଲିଥାଏ। ଚମ୍ ସ୍କିଙ୍କ ଦ୍ୱାରା ଭାଷାର ଗଠନକୁ ନେଇ ଯତ୍ନର ସହ ଅଧୟନ କରାଯାଇଛି ଏବଂ ଅନ୍ୟାନ୍ୟମାନଙ୍କ କାର୍ଯ୍ୟ ପ୍ଲାଟୋଙ୍କ ସର୍ବଭାଷିକ ବ୍ୟାକରଣର ଯୁକ୍ତି ଯୁକ୍ତ ତଥ୍ୟ ଏବଂ ଉଦ୍ଦୀପକର ଅଭାବ ଆମ ଭିତରେ ବିଶ୍ୱାଶ ଆଣି ପାରିଛି। ଭାଷାର ବିଭାଗ ଗୁଡିକ ଯାହା ଅତୀ ଜଟିଳ ଏବଂ ଉଚ୍ଚମାନର ଭାଷା ବିଜ୍ଞାନ ପଦ୍ଧତିରେ ଗଠିତ ସେହି ପଦ୍ଧତି ସମସ୍ତଙ୍କ ପାଇଁ ସମାନ। ଭାଷାର ସାମାଜିକ ଦିଗ ଉପରେ ଗବେଶଣା କରି ଦର୍ଶାଯାଇଛି ଯେ ସମୟ ଓ କ୍ଷେତ୍ର ଏବଂ ବ୍ୟକ୍ତି ସ୍ଥାନ ଏବଂ ବିଷୟ କ୍ଷେତ୍ରରେ ଭାଷା ଶୃଙ୍ଖଳିତ ଭାବେ ଭିନ୍ନ ଭିନ୍ନ। ତେଣୁ ଅଧିକାଂଶ ଭାଷା ବିଜ୍ଞାନୀଙ୍କ ଅଧୟନ ସମାନ ପ୍ରକାର ଭିତ୍ତିଭୂମିର ଆବଷ୍ଟନ କରନ୍ତି ।

ଆମେ ମଧ ଜାଣିବା ଆବଶ୍ୟକ ଯେ ଭାବନାତ୍ମକ ଅବଧାରଣା ଏବଂ ଏହାର ପ୍ରୟୋଗ ସର୍ବଦା ଅନିଚ୍ଛୁକତା ନୁହେଁ, ଏହା ଯୋଗୁଁ ମାନବ ସମାଜର ଅଗଣିତ କ୍ଷତି ହେବ, ମୁଖ୍ୟତଃ ଶିକ୍ଷିତ ଏବଂ ନିମ୍ନ ଶ୍ରେଣୀ ବର୍ଗଙ୍କ ଭିତରେ ତାରତମ୍ୟ ବଢିଯିବ। ଯେଉଁ ଭାବରେ ବିଶ୍ୱର ଅର୍ଥନୀତିକୁ ଗଠନ କରାଯାଇଛି, ସ୍ଥାନୀୟ ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକ କାର୍ଯ୍ୟ କରୁଛନ୍ତି। ନିମ୍ନ ବର୍ଗଙ୍କ ବ୍ୟାକରଣ ବା ଭାଷା ବିପଦସଂଙ୍କେତ ତଳେ ରହିଛି। ତାହା ପୁସ୍ତକାଳୟର ବହିଥାକର ଧୂଳିରେ ସେହି ଭାଷା ଓ ବ୍ୟକରଣ ଲୁଚି ଯାଇଛି। ଲୋକ ଲୋଚନାର ସଂପୂର୍ଣ୍ଣ ସୁଦ୍ଧ କହିଲେ କଣ କରାଯାଏ ଏବଂ ଉଚ୍ଚ ଶିକ୍ଷା ପାଇଁ ସମସ୍ତେ ଏହି ଉଚ୍ଚସ୍ତରୀୟ ଭାଷା ଦ୍ୱାରା ପରିଚାଳିତ,ଏହା ଅବଶ୍ୟ ଅନ୍ତଜ୍ଞାନ ଉପରେ ଆଧାରିତ ଯାହାକୁ ଭାଷାବିଜ୍ଞାନୀ ମାନେ ବ୍ୟାକରଣିକ କରିଥାନ୍ତି। ମୁଁ ଭାବୁ ନାହିଁ ସାରା ପୃଥିବୀରେ ଏମିତି କିଛି ବ୍ୟବସ୍ଥା ଅଛି ଯିଏ ଏହି ନିହାତି ମାନକ ବା ଉଚ୍ଚସ୍ତର ଏହା ବନ୍ଧନରୁ ବାଦ୍

ପଡିଛି ।

ଯଦିଓ ବିଗତ ଦଶନ୍ଧିରେ ଉଭୟ ଭାଷାବିଜ୍ଞାନ ଏବଂ ସମାଜ ଭାଷାବିଜ୍ଞାନ କ୍ଷେତ୍ରରେ କିଛି କରାଯାଇଛି, ଯାହା ଭାଷାର ପ୍ରକୃତି ଓ ଗଠନ ଉପରେ ଖୁବ୍ ଅର୍ଥପୂର୍ଣ୍ଣ ପରିଚୟ ଦେଇଛି ଏବଂ ଏହା ଆନୁଷାନିକ ଭାବେ ସାମାଜିକ, ରାଜନୈତିକ, ଶିକ୍ଷିକ ଦିଗରେ ବ୍ୟବହୃତ ହୋଇଛି । ଯଦି ଆମେ ଭାଷା ରୂପକ ଧାରଣାକୁ ଅସିକାର କରୁ ଏବଂ ବହୁଭାଷିତାକୁ ସ୍ୱୀକାର କରୁ ମଣିଷର ଭୂଲ ସ୍ଥିତି ହେବ । ମୁଁ ଭାବୁଛି ସବୁଠୁ ଗଠନ ମୂଳକ ହେବ ଗୋଟିଏ ଭାଷା ନୁହେଁ ବହୁଭାଷିତା । ଆମେ ଯାହା ଜାଣୁ ତାହା ତାତ୍ପର୍ଯ୍ୟ ପ୍ରତିବନ୍ଧିତ ନୁହେଁ । କଥିତ କୌଶଳ ଅଧିକ ଉପଯୋଗ । ଭାଷାର କୌଣସି ସୀମା ନାହିଁ ,ସେଗୁଡିକ ପରସ୍ପର ଆଡକୁ ବୋହିଯାନ୍ତି ଏବଂ ଧାରାବାହିକ ଭାବେ ପରିବର୍ତ୍ତିତ ହୋଇଥାନ୍ତି ଏବଂ ସର୍ବଭାଷିକ ବ୍ୟକରଣର ଏହା ଯେ ପ୍ରକୃତ ନକ୍‌ସା ଏଥିରେ ସନ୍ଦେହ ନାହିଁ । ଏହାକୁ କ୍ଷେତ୍ର, ସମୟ ଓ ଗୋଷ୍ଠୀ ମଧରେ ବିୟୋଗ କରିବାର କୌଣସି ରାସ୍ତା ନାହିଁ । ଯେଉଁଠି ଗୋଟିଏ ଭାଷା ଶେଷ ହୁଏ ଏବଂ ଅନ୍ୟ ଭାଷା ଆରମ୍ଭ ହୁଏ । ଏମିତିକି ଖୁବ୍ ଅମେଳ ଥିବା ଭାଷାକୁ ମଧ ତୁମେ ଅବଧାରଣା କରିପାରିବ ଏବଂ ପରୀକ୍ଷାସିଦ୍ଧ ଭାବେ ଜାଣିପାରିବ କେଉଁଠି ସାମ୍ୟ ରହିଛି ।ଯଦି ଆମେ ପ୍ରକୃତରେ ଗୋଟିଏ ଭାଷାର ଗଠନ ଏବଂ ରାଜନୀତିକୁ ବୁଝିବାକୁ ଇଛା କରୁ ତେବେ ଏହାର ସାମାଜିକ ଏବଂ ଶୈକ୍ଷିକ ପ୍ରୟୋଗକୁ ବ୍ୟବହାର କରି ବୁଝିପାରିବା । ଆମ ଆଲୋଚନାର କେନ୍ଦ୍ର ବିନ୍ଦୁରେ ଭାଷା ବିଜ୍ଞାନର ପ୍ରବାହକୁ ରଖାଯିବା ଆବଶ୍ୟକ । ଆମ ନିରୂପକ ଭାବରେ ଭାଷାକୁ ପୁନପରୀକ୍ଷା କରିବା ଆବଶ୍ୟକ ।ଏକ ଭାଷୀ କାର୍ଯ୍ୟକ୍ରମକୁ ପ୍ରଚଳନ କରିଥିବା ବ୍ୟକ୍ତି ମାନେ କରିଥିବା ଭୂଲକୁ ଆମେ ପୁଣିଥରେ କରିବା ନାହିଁ । ବହୁଭାଷିତା ଏବଂ ବହୁଭାଷୀ ସମାଜ ଓ ଶ୍ରେଣୀକକ୍ଷ ସ୍ଥିତି ହେଉଛି ଭ୍ରମାତ୍ମକ । ସାମାଜିକ ସ୍ଥିତିରୁ ଆମେ ତାହାର ଭାଷା ବ୍ୟବହାରକୁ ଅଧ୍ୟୟନ କରିବା ଆବଶ୍ୟକ ଏବଂ ତାହାର ସାମାଜିକ, ରାଜନୈତିତିକ ଏବଂ ଶୈକ୍ଷିକ ବ୍ୟବହାର ଓ ପ୍ରୟୋଗକୁ ବୁଝିବା ଆବଶ୍ୟକ ।

ପଚାରିବା ମୁଖ୍ୟ ପ୍ରଶ୍ନ ହେଉଛି: ସମାଜ ତତ୍ୱ ସହ ଜଡିତ କଥାକୁ ସମାଜ-ବିଜ୍ଞାନ କିପରି ତଯ୍ୟମା କରିବ ଯଦି ସେହି ତତ୍ୱ ଭାଷା ବାହ୍ୟରୂପକୁ ବ୍ୟାଖ୍ୟା କରୁଥିବ ? ଦୁର୍ବଳ ଦାବି ଏହି ଯେ ପାଠ୍ୟପୁସ୍ତକର ସଂପୁର୍ଣ୍ଣ ବ୍ୟାଖ୍ୟା ସାମାଜିକ ବାସ୍ତବତାକୁ ବ୍ୟକ୍ତ କରିପାରିବା ସବଳ ସ୍ଥିତି ଦେଖିବ ଯେ ଯଦି ସାମାଜିକ କାର୍ଯ୍ୟର ଜ୍ଞାନ ଏହାର ବ୍ୟବହାର ପାଇଁ ସାହାଯ୍ୟ କରିଥାଏ ।

ଭାରତୀୟ ଭାଷା ସଂସ୍ଥାନର ପ୍ରତିଷ୍ଠା ଦିବସର ମୋ ବକ୍ତବ୍ୟରେ ମୁଁ କହିଥିଲି , ମୁଁ ଦୃଢଭାବେ ଯୁକ୍ତି କରେ ଯେ ଭାଷାବିଜ୍ଞାନୀ ଅନେକ ଦିନ ଧରି ନିବୃତ କକ୍ଷର ଏକାନ୍ତତାକୁ ଖୁବ୍ ଉପଭୋଗ କଲେଣି ଏବଂ ବର୍ତ୍ତମାନ ସମୟ ଆସିଛି ସାମାଜିକ କାର୍ଯ୍ୟରେ ଭାଗ ନେବା ପାଇଁ । ଭାଷା ଦୃଢ ରୂପେ ସମସ୍ତ ସାମାଜିକ, ରାଜନୈତିକ, ଶୈକ୍ଷିକ ବିଷୟରେ ମଧସ୍ଥତା କରିଥାଏ ଏବଂ ଏହି ସାମାଜିକ ଦାୟିତ୍ୱ ଆଜି ସବୁଠୁ ଜରୁରୀ । ଚମସ୍କୀଙ୍କର ଅନ୍ତ ଭାଷା ଅବୟବର ପ୍ରକୃତି ଦୃଢ ପରିକଳ୍ପନା ସତ୍ୱେ ଏବଂ ପିଆଜେଟଙ୍କ ବୌଦ୍ଧିକ ବିକାଶର ସ୍ତର, ଏବଂ ଝଛଶକ୍ଟସ୍ୱକ୍ଳଛ ଙ୍କ ସନ୍ନିକଟ ବିକାଶର ଚିନ୍ତାଧାରା ଗୁଡିକ ଆମ ପାଇଁ ଅଧିକ ଜରୁରୀ ମନେ ହୁଏ । ସାର୍ବଭାଷିକ ଭାଷା ନିୟମର ବଣ୍ଟନ ସତ୍ୱେ ଆମେ ରହୁଥିବା ସମାଜ ସହ ଆମ ମନ ଜଡିତ ଏବଂ ଆମ ଚିନ୍ତାଧାରା ପାଇଁ ଭାଷା ଗୋଟିଏ ପ୍ରାଶସ୍ତ ମଞ୍ଚ ଯୋଗାଇ ଦିଏ ଏବଂ ତାହା ସଂପୁର୍ଣ୍ଣ ଗଠନ ମୂଳକ ରୂପ । ବାସ୍ତବରେ ଅନେକ ଆଧୁନିକ ସମାଜ ଦାର୍ଶନିକ ଯଥା ଝବଭ ମବଙ୍କଷସ୍ପ, ଇଙ୍ଗକ୍ସସୟରଜ୍ଞ ଏବଂ ଐବଭରକ୍ସଜ୍ଞବକ୍ସ ଙ୍କ ମତରେ ଭାଷା ହେଉଛି ସାମାଜୀକ କ୍ରୀୟା ।

## <u>ସମାଜ-ଭାଷିକ ରୂଢପ୍ରରୂପ/ଚିରାଚରିତ ରୂପ</u>

ବହୁଭାଷିତା ଓ ସର୍ବସମତାକୁ ପ୍ରବର୍ତ୍ତନ କରିବା ପଛରେ ଗୋଟିଏ ମୁଖ୍ୟ ପ୍ରତିବନ୍ଧକ ହେଉଛି ନୀତି ପ୍ରବର୍ତ୍ତକ, ବିଶେଷଜ୍ଞ, ପିତାମାତା, ଶିକ୍ଷାବିତ୍, ଶିକ୍ଷକ ପ୍ରଶିକ୍ଷକ ଏବଂ ଶିକ୍ଷକ ମାନେ ବିନା କିଛି ଭାବିଚିନ୍ତି ଗୋଟିଏ ଚିରାଚରିତ ପ୍ରଥାକୁ ପ୍ରଚଳିତ କରିଚାଲିଛନ୍ତି । ଆମେ ଏହି ଚିରାଚରିତ ପ୍ରଥାକୁ ଠିକ୍ ଭାବରେ ପରୀକ୍ଷା କରି ଏହାର ପ୍ରତିକାର କରିବା ଆବଶ୍ୟକ, ସମାନ୍ତରାଳରେ ଆମେ ମଧ ପାଠ୍ୟକ୍ରମକୁ, ଶିକ୍ଷକ ପ୍ରଶିକ୍ଷଣ, ପାଠ୍ୟ ଉପକରଣ, ଶ୍ରେଣୀକକ୍ଷ କାର୍ଯ୍ୟକଳାପ ଏବଂ ପାଠ୍ୟ ତାଲିକାକୁ ନୂତନ ଶୈକ୍ଷିକ ରୂପ ଦେଇ ଗଢିବା ଆବଶ୍ୟକ । ମୋର ମତାମତ ଯେ ଆମେ ଏହି ସବୁକୁ ବହୁଭାଷିତା ଭିତରେ ଖୋଜିବାହାର ନ କଲେ, ନୂତନ ପୃଥିବୀ ପ୍ରତିଷ୍ଠା ଦିଗର ସମସ୍ତ ମହତ୍ୱପୁର୍ଣ୍ଣ କାର୍ଯ୍ୟରେ ଆମେ ସଫଳ ହୋଇ ପାରିବୁ ନାହିଁ ।

ଆମେ ବାସ୍ତବ ଉଦ୍ୟମକୁ ଧ୍ୟାନ ଦେବା ଉଚିତ୍ ଯାହା ସ୍ୱପ୍ନ ଏବଂ ବାସ୍ତବ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରେ । ଭାରତୀୟ ଭାଷା ଶିକ୍ଷା ଉପରେ ଘଉରଜଞ୍ଜ ର କ୍ଷକ୍ଷକ୍ଷସକ୍ଷସକ୍ଷଭ କ୍ଷବକ୍ଷରକ୍ଷ ତିଆରି କରିବା ସମୟରେ ସବୁର ମୁଖ୍ୟରେ ରହିଥିବା ଏହି ଚିରାଚରିତ ପ୍ରଥା ବିରୁଦ୍ଧରେ ଅନେକ ସଂଘର୍ଷ କରିବାକୁ ପଡିଥିଲା । ପୃଥିବୀର ଯେ କୌଣସି ସ୍ଥାନରେ ଭାଷାକୁ ନେଇ ହେଉଥିବା କର୍ମଶାଳା ସହ ଜଡିତ ହେଲାବେଳେ ଏହା ବାସ୍ତବରେ ଘଟିଥାଏ । ଯଦିଓ ଘଉରଜଞ୍ଜ ଦ୍ୱାରା ଆଲୋଚିତ ୨୦୦୫ରେ ଜାତୀୟ ପାଠ୍ୟକ୍ରମ ଯୋଜନାର ଏହି ଚକ୍ଷକ୍ଷସକ୍ଷସକ୍ଷଭ କ୍ଷବକ୍ଷରକ୍ଷ ଗୋଟିଏ ମୁଖ୍ୟ ଅଂଶ, ଘଉରଜଞ୍ଜ ଭିତରେ ହିଁ ମତାମତ ଦୁଇ ଭାଗରେ ବାଣ୍ଟି ହୋଇଯାଇଥିଲା ।ଏବଂ ଯୋଜନାକାରୀ ଏବଂ ଶିକ୍ଷକ ଗୋଷ୍ଠୀ କୁ ଅନେକ ସମୟ ଲାଗିଥିଲା ବିସ୍ତୃତଭାବ ଭାଷାର ପ୍ରକୃତି ଓ ଗଠନକୁ ସାମାଜିକ ଓ ବୈଜ୍ଞାନିକ ସ୍ତରରେ ପ୍ରତିଷ୍ଠା କରିବାକୁ ।

**ଭାଷା ଏବଂ ଉପଭାଷା**

ସ୍ଥଳବାହିନୀ ଓ ନୌବାହିନୀ ପାଇଁ ଭାଷା ହିଁ କେବଳ ଉପଭାଷା, ମନେହୁଏ ଭାଷାବିଜ୍ଞାନୀ ମଧ୍ୟ ଏହାକୁ ମାନିନେଇଛନ୍ତି କାହିଁକିନା ସେମାନେ ଥରେ ବି ଭାବୁନାହାନ୍ତି ଯେ ସମଗ୍ର ପୃଥିବୀର ବଂଶାନୁକ୍ରମେ ପିଲାମାନେ ପାଠ ପଢିଲା ବେଳେ ଭାଷାକୁ ପ୍ରଂଶସା ଓ ସମ୍ମାନ ଦୃଷ୍ଟିରେ ଦେଖିଲା ବେଳେ ଉପଭାଷା ନିନ୍ଦା ବା ଅବହେଳା ଦୃଷ୍ଟିରେ ଦେଖିଥାନ୍ତି । ରାଜ୍ୟ, ଜ୍ଞାନୀଲୋକ, ଏବଂ ଶୈକ୍ଷିକ/ଶିକ୍ଷା ସହ ଜଡିତ ସମସ୍ତ ଅନୁଷ୍ଠାନ ଜାଣତରେ କିମ୍ବା ଅଜ୍ଞାନ ଭାବରେ ଧରି ନେଇଛନ୍ତି ଯେ ଆଦିବାସୀ ଭାଷା ଗୁଡିକ ବିକଶିତ ନୁହଁନ୍ତି ତେଣୁ ତାହାକୁ ଶିକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ ନାହିଁ କିମ୍ବା ସେମାନଙ୍କ ପିଲାମାନେ ବିଭିନ୍ନ ଭାଷାକୁ ସେମାନଙ୍କ ଭାଷା ସହ ମିଶାଇଦେବା ଯୋଗୁଁ ସେମାନେ କୌଣସି ଭାଷାରେ ଦକ୍ଷତା ହାସଲ କରିପାରିନଥାନ୍ତି କିମ୍ବା ଶିକ୍ଷାରେ ଗୋଟିଏ ମାନକ ଭାଷା ବ୍ୟବହାର କୌଣସି ବିକଳ୍ପ ନାହିଁ । ଦୃଢଭାବେ ଅନୁଭବ କରେ ଯେ ଆମେ ବିଭିନ୍ନ ମୁଦ୍ରଣ ଓ ଇଲେକ୍ଟ୍ରନିକ୍ ମାଧ୍ୟମରେ ନୀତି ପ୍ରବର୍ତ୍ତକ, ଶିକ୍ଷକ ପ୍ରଶିକ୍ଷକ, ଶିକ୍ଷକ ଏବଂ ସାଧାରଣ ଜନତାଙ୍କ ପାଇଁ ଭାଷାକୁ ନେଇ ପରିମାପକ ତିଆରି କରିବା ଯେଉଁଠି ରାଜା ,କନ୍ ଫୁସିୟସ୍, ଘୁଷୁରି ପାଳକ --- ଏକାଠି ଚାଲିପାରିବେ ଏବଂ ଯଦି ଏହା ନ ହୁଏ ତେବେ ବୁଝିବାକୁ ହେବ ଆମଦ୍ୱାରା କିଛି ଭୂଲ ହୋଇଛି କିନ୍ତୁ ଭାଷାରେ ନୁହେଁ ।

ଏପରି ଉପକରଣ ତିଆରି କରିବା ପାଇଁ ବହୁଭାଷିତା ସଠିକ୍ ରାସ୍ତା କରାଇଥାଏ । ଆମେ ଭାଷାବିଜ୍ଞାନୀ ମାନଙ୍କୁ ଧନ୍ୟବାଦଦେବା କଥା ଯେ ସବୁ ସନ୍ଦେହର ଉର୍ଦ୍ଧ୍ୱକୁ ଯାଇ ସେମାନେ ଆମ ଭିତରେ ଏକ ଶକ୍ତ ଧାରରାର ପ୍ରତିଷ୍ଠା କରାଇପାରିଲେ ଯେ ପ୍ରତିଟି ଭାଷା ସମାନ ଭାବେ ନିୟମାନୁବଦ୍ଧ ବଳିଷ୍ଠ ଏବଂ ଧ୍ୱନି,ଶବ୍ଦ,ବାକ୍ୟ,କଥନ ସ୍ତରରେ ଏହା ଜଟିଳ ଏବଂ ସର୍ବଭାଷିକ ବ୍ୟାକରଣରେ ଏହି ସବୁ ଭାଷ କିଛି ନା କିଛି ସ୍ୱତନ୍ତ୍ରତାକୁ ପ୍ରଦର୍ଶିତ କରିଥାନ୍ତି । ତେଣୁ ଏହା ସମ୍ଭବ ଯେ ଗୋଟିଏ ଦଳ ନୀତି ପ୍ରବର୍ତ୍ତନ ଓ ବିଭିନ୍ନ ଭାଷା କିଛି ଶିକ୍ଷକ ପ୍ରଶିକ୍ଷକଙ୍କୁ ନେଇ ତଥ୍ୟ ସଂଗ୍ରହ କରି, ନିୟମ ତିଆରି କରି, ବିରୋଗିକରଣ ଓ ଶ୍ରେଣୀ ବିଭାଗ କରି ଏବଂ ପ୍ରତିଟି ଭାଷାର ପ୍ରକୃତିକୁ ଆଧାର କରି ନୀତି ନିର୍ଦ୍ଧାରଣର ସଠିକତାକୁ ପରୀକ୍ଷା କରିବା ଉଚିତ୍ । ଏହି ପ୍ରକାର କାର୍ଯ୍ୟ ବିଭିନ୍ନ ପ୍ରକାର ସଗତି କରିପାରେ; ନିର୍ଦ୍ଦିଷ୍ଟ ଭାଷାର ଦର୍ଶକଙ୍କୁ ସେମାନଙ୍କ ଭାଷା ପାଇଁ ସମ୍ମାନ ଓ ବିଶ୍ୱାସ ଯୋଗାଇଦେବ ସେମାନଙ୍କ ମନଭାବର ପରିବର୍ତ୍ତନ କରି ସେହି ଭାଷା ପିଲାଙ୍କୁ ଶ୍ରେଣୀ କକ୍ଷକୁ ଆଣିପାରିବ । ଭାଷା ସହିତ ବଳିଷ୍ଠ ଶବ୍ଦ ଟି ଏତେ ଗଭୀର ଭାବେ ନୀତିପ୍ରବର୍ତ୍ତକ,ଶିକ୍ଷକ ପ୍ରଶିକ୍ଷକ, ପିତାମାତା,ଶିକ୍ଷକ ଙ୍କୁ ପ୍ରଭାବିତ କରିଛି ଯେ ଏହାକୁ ଛାଡି ଅନ୍ୟ କିଛିକୁ ସହଜ ଭାବେ ଗ୍ରହଣ କରିପାରନ୍ତି ନାହିଁ ଏବଂ ଯଦି ଆମେ ବହୁଭାଷିତାକୁ ଆଧାର କରି ଶ୍ରେଣୀ କକ୍ଷ ପାଇଁ ଶିକ୍ଷା ଉପକରଣ ଏବଂ ପାଠ୍ୟକ୍ରମ ତିଆରି କରୁ ତେବେ ଆମେ ସାମାଜିକ ପରିବର୍ତ୍ତନ ଓ ଶିକ୍ଷାର ମୌଳିକ ପରିବର୍ତ୍ତନ ରାସ୍ତାରେ ଅଛୁ ବୋଲି ଭାବିବାକୁ ହେବ ।

ପିଲାକୁ ଅଜଣା ଭାଷା ମାଧ୍ୟମରେ ସ୍କୁଲରେ ପଢିବା ପାଇଁ ବାଧ କରିବା ଫଳରେ ତାର ଯେଉଁ ଭାବାତ୍ମକ ଓ ମାନସିକ ବ୍ୟାଘାତ ହୁଏ ତାହା ଆମେ ସହଜରେ କଳନା କରି ପାରିବା ନାହିଁ । ଅନେକ ସମୟ ଧରି ଭାଷାକୁ ଆମେ ସବୁ ସୁବିଧାରୁ ବଞ୍ଚିତ ପିଲାଙ୍କ ପାଇଁ ଆଶ୍ଚର୍ଯ୍ୟର ବସ୍ତୁ ରୂପେ ଧରି ନେଇଛୁ । କଣ ହେଉଛି ତାହା ବୁଝିବା କେବଳ ନୁହେଁ ସେ ନିଜକୁ ଛୋଟ, ଅପମାନିତ, ମାନସିକ ସ୍ତରରେ ଶୋଷଣ ଅନୁଭବ କରି ଶେଷରେ ଛାଡିଥାଏ । ଞ୍ଜକ୍ଷକ୍ଷକ୍ଷରଲକ୍ଷକ୍ଷଭ ଙ୍କ ଯୁକ୍ତି ଅନୁସାରେ ଅଜଣା ଭାଷା କୁ ସ୍କୁଲ ଶିକ୍ଷାର ମାଧ୍ୟମ ଭାବେ ପ୍ରଚଳନ କରିବା ଦ୍ୱାରା କେବଳ ଶିକ୍ଷାଗତ ସଫଳତା ଓ ବୌଦ୍ଧିକ ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରେନାହିଁ ବରଂ ଏହା ଦ୍ୱାରା ପିଲା ଶିକ୍ଷାରେ ସଫଳତାର ସହ ଅଂଶଗ୍ରହଣ କରିପାରେ ନାହିଁ, ନିଜକୁ ଅସୁରକ୍ଷିତ, ହୀନ ଓ ଦୁର୍ବଳ

ଅନୁଭବ କରେ । ଝଳଙ୍କସ୍ବଭବଭଭ - କବକ୍ସଶବହଙ୍କ କହିବା ଅନୁସାରେ ପିଲା ନିଜ ନିତ୍ୟ ବ୍ୟବହାର୍ଯ୍ୟ ଭାଷାକୁ ସ୍କୁଲରେ ବ୍ୟବହାର କରିବାରେ ନିଷେଦ୍ଧ କରିବାର ଅର୍ଥ ଭାଷାର ହତ୍ୟା କରିବା । ଯେତେବେଳେ ପିଲାକୁ ନିଜ ଭାଷାକୁ ସ୍କୁଲରେ କହିବା ପାଇଁ ନିଷେଦ୍ଧ କରାଯାଏ ତା କ୍ଷେତ୍ରରେ ଏହା ହିଁ ହୋଇଥାଏ ।

ସମାଜର ନିମ୍ନ ଶ୍ରେଣୀର ଝିଅ ମାନଙ୍କ କ୍ଷେତ୍ରରେ ଏହା ଘରର ଦାୟିତ୍ୱ, ବାଲ୍ୟ ବିବାହ,ଯୌନ ଶୋଷଣ ଯାହା ସେ ଘର ଆଖ ପାଖ ରାସ୍ତା ଏବଂ ସ୍କୁଲରେ ସାମନା କରିଥାଏ । ତେଣୁ ଆମର ପ୍ରସାରଣ ଏବଂ କେନ୍ଦ୍ରୀକରଣ ଶଦ୍ଦ ବିଷୟରେ ଆଲୋଚନା ଆବଶ୍ୟକ ପୂର୍ବରୁ ଆମେ ଭାଷାର ବଳିଷ୍ଠତା ଏବଂ ସ୍ୱଚ୍ଛତା ଆଲୋଚନା ବିରକ୍ତ ହୋଇ ତାହାକୁ ଭାଷା ଓ ଉପଭାଷା ର ରୂପ ଦେଇଛୁ ।

## କଥନ ଓ ଲିପି

ଆଉ ଗୋଟିଏ ଚିରାଚରିତ ପ୍ରଥା ହେଉଛି: ଯେଉଁ ଲିପି ସେହି ଭାଷାରେ କଥନ ସହ ସମାନ ତାହାକୁ ବଳିଷ୍ଠ ଏବଂ ଯେଉଁ ଲିପି ସେହି ଭାରେ କଥନ ପ୍ରକ୍ରୀୟା ସହ ଅମେଳ ହୁଏ ତାହାକୁ ଦୁର୍ବଳ କୁହାଯାଏ । ଲିପି ଦ୍ୱାରା ଭାଷା ଚିହ୍ନାଯାଇଥାଏ ଯାହା ସ୍କୁଲ ଶିକ୍ଷା ପାଇଁ ମୁଖ୍ୟ ଅଟେ ଏବଂ ଏହି ଲିପି ଲେଖା ଓ ପଢାର ମୁଖ୍ୟ ଅଂଶ । ଗୋଟିଏ ଉତ୍ତମ ପୃଥିବୀ ପାଇଁ ଆଗ୍ରହୀ ଥିବା ପ୍ରତିଟି ବ୍ୟକ୍ତି ଏହି ସମସ୍ୟା କୁ ତିନୋଟି ବିନ୍ଦୁ ସହ ଯୋଡିଥାଏ । ଗୋଟିଏ ଭାଷା ପାଇଁ ଲିପି ତିଆରି ପାଇଁ ବିଶେଷ ସମୟ ଲାଗି ନଥାଏ, ଏହାକୁ ପ୍ରକୃତରେ ସଫଳତାର ସହ ଗୋଟିଏ କର୍ମଶାଳା ମାଧମରେ ତିଆରି କରାଯାଇପାରିବ ଏବଂ ଏହି ଅଭ୍ୟାସ ସହ ଯେ ସେହି ଦିନ ଏଥିରେ ଯୋଗଦେଇଥିବା ପ୍ରତ୍ୟକ ବ୍ୟକ୍ତି ସେହି ଲିପିରେ ଲେଖିବା ଆରମ୍ଭ କରିବେ । ତେଣୁ ଲିପି ଏମିତି କିଛି ନୁହେଁ ଯାହା ଭାଷା ଓ ଉପଭାଷା ମଧରେ ଫରକ କରିପାରିବ, ଯାହା ସାଧାରଣତଃ ସମସ୍ତେ ଭାବନ୍ତି । ଦ୍ୱିତୀୟତଃ ଏହା ଖୁସିର କଥା ଯେ ଯଦି ସମସ୍ତେ ଅଂଶଗ୍ରହଣକାରୀ ଅନୁଭବ କରିବେ ଯେ ସମସ୍ତ ଭାଷାକୁ ଗୋଟିଏ ଲିପିରେ ଲେଖାଯାଇପାରିବ କିଛି ସାମାନ୍ୟ ପରିବର୍ତ୍ତନ କରି ଏବଂ ଗୋଟିଏ ଭାଷାକୁପୃଥିବୀର ସମସ୍ତ ଲିପିରେ ଲେଖାଯାଇପାରିବ । ଦେଖିପାରିବେ, ଏମିତିକି ଭାରତୀୟ ସମ୍ବିଧାନ ଯାହା ଭାଷା ଦୃଷ୍ଟିରୁ ଯାହା ସବୁଠାରୁ ସମ୍ବେଦନଶୀଳ ଦଲିଲ, ଯାହା କେନ୍ଦ୍ରର ସରକାରୀ ଭାଷା ଭାବେ ହିନ୍ଦୀ ର ଦେବନାଗରୀ ଲିପିରେ ଲେଖାଯାଇଛି । ତୃତୀୟତଃ, କିଛି ଉଦାହରଣ ସହ, ଅଂଶଗ୍ରହଣକାରୀ ମାନେ ପ୍ରଶଂସା କରିବା ଉଚିତ୍ ଯେ ସବୁ ଲିପି ଗୁଡିକ ଭାଷାର କଥିତ ଓ ଲିଖିତ ରୂପକୁ ସମରୂପତା ଅନୁସାରେ ଲେଖିବେ ଓ ଧିରେ ଧିରେ ସମୟ ଅନୁସାରେ ଏହି ସମରୂପତାକୁ ଭଙ୍ଗା ଯାଇପାରିବ । ବୃଥିବୀର କଥନର ଦୃଢ ପରିବର୍ତନ ଭିତରେ ଲେଖନ ପଦ୍ଧତିକୁ ଧରି ରଖାଯାଇ ନ ପାରେ । ତେଣୁ ଏହି ବହୁଭାଷିତାର ପୁଣି ଥରେ ସୃଜନାତ୍ମକ ସ୍ଥାନ ଗଠନ ପ୍ରକ୍ରୀୟାରେ ଏହି ସବୁକୁ ଆଲୋଚନା କରାଯାଇପାରିବ, ନ ହେଲେ ଏହା ସମ୍ଭବ ହୋଇ ନ ପାରେ ।

## କିଛି ଅତିରିକ୍ତ ତଥାକଥିତ ରୀତି

ପିଲାର ତୃଟିକୁ ଛାଡି ଦେଲେ ଆଉ କିଛି ପିତାମାତା କିମ୍ବା ଶିକ୍ଷକଙ୍କ ମୁଣ୍ଡରେ ବୋଝ ହୋଇନ ପାରେ । ଏହାର ଉପଯୁକ୍ତ ଉଦାହରଣ ସହ ବ୍ୟାଖ୍ୟା କରାଯାଇ ପାରିବ ଯେ ଜ୍ଞାନର କୌଣସି ପଦ୍ଧତି ଏମିତିକି ଭାଷା ଶିକ୍ଷା/ଆହରଣ ମଧ ଉଚିତ୍ ବୁଝାବଣା ଦ୍ୱାରା ଶିଖାଯାଇ ପାରିବ ଯେଉଁଠି ତୃଟି ଅନଭିଜ୍ଞତା ନୁହେଁ ଏହା ଗଠନଶୀଳ ରୀତିରେ ଜ୍ଞାନ ଆହରଣର ଏକ ଫଳାଫଳ, ଏହି ତୃଟିକୁ ନେଇ ବ୍ୟସ୍ତ ହେବା ଏହା ଦର୍ଶାଇ ଥାଏ ଯେ ବଡ ଲୋକମାନେ ପିଲାର ଜ୍ଞାନ ଆହରଣ ପ୍ରକୀୟା ର ସମୟ ପ୍ରତି ଅନଭିଜ୍ଞ । ବ୍ୟାକରଣ ମାଧମରେ ଭାଷା ଦକ୍ଷତା ହାସଲ କରାଯାଇ ପାରିବାର ବିଶ୍ୱାସ ଅନ୍ୟ ଏକ ଚିରାଚରିତ ବିଶ୍ୱାସ । ଅନୁମାନ କରନ୍ତୁ ପୃଥିବୀର ସବୁ ସ୍ଥାନରେ କେତେ ଲୋକ କେତେ ସମୟ ଭାଷାର ଗଠନ ଜାଣିବାକୁ ବାକ୍ୟରଣ ନିୟମ ଶିକ୍ଷା କରିଥାନ୍ତି । ସେହି ଶିକ୍ଷକମାନେ ଏହି ନିୟମ ଗୁଡିକୁ ଅର୍ଥପୁର୍ଣ୍ଣ ଭାବରେ ବୁଝିପାରିଛନ୍ତି ନାହିଁ ପିଲା ଏଥିରୁ କିଛି ଅର୍ଥ ଖୋଜିପାଏ । ଅବଶ୍ୟ ଏହା ଭାଷା ଦକ୍ଷତା ବଢାଇବାରେ ଅଳ୍ପ କିଛି ସାହାଯ୍ୟ କରିପାରେ । କାମରେ ଦର୍ଶାଯାଇଛି ଯେ ଭାଷାକୁ ପ୍ରକୃତିଗତ ଭାବେ କିମ୍ବା ନିୟମବଦ୍ଧ ଭାବେ ଶିକ୍ଷିବା ପାଇଁ ଭାଷା ଗୋଷ୍ଠୀ ସହ ସକ୍ରୀୟ ଯୋଗାଯୋଗ, ବୋଧଗମ୍ୟ, ଆଗ୍ରହପୁର୍ଣ୍ଣ ଏବଂ ଉଦ୍ଦୀପକ ନିବେଶ ଦ୍ୱାରା ହୋଇଥାଏ ଯାହା ଜଣେ ଭଲ ଶିକ୍ଷକ ପ୍ରଶିକ୍ଷକ ଦ୍ୱାରା ହୋଇପାରେ ନାହିଁ । ମୁଁ ବର୍ତ୍ତମାନ ହୃଦବୋଧ କରୁଛି ଯେ ସମସ୍ତ ବ୍ୟାକରଣ ଶ୍ରେଣୀ ଗୁଡିକୁ ଉଚିତ୍ ଭାଷାବିଜ୍ଞାନ ଶ୍ରେଣୀ କୁ ପରିବର୍ତ୍ତିତ ହେବା କଥା । ଶ୍ରେଣୀ ଅନୁସାରେ ପାଠ୍ୟକ୍ରମ, ପାଠ୍ୟଉପକରଣ ଯାହା ପିଲାର ଭାଷା ସମସ୍ୟାକୁ ଆଧାର କରି ତିଆରି ହୋଇଥିବ ଆମେ ଶିକ୍ଷକ ଙ୍କୁ ଉପଯୁକ୍ତ ତାଲିମ ଓ ପ୍ରଶିକ୍ଷଣ ଦେବା ଉଚିତ୍ ଯାହା ଚାକିରୀ ପୂର୍ବରୁ ଓ ଚାକିରୀ ମଧରେ ସହଜରେ ଦିଆଯାଇପାରିବ ।

## <u>ଶ୍ରବଣ ଠାରୁ ସଫଳତା ;ଏକ ବୈଜ୍ଞାନିକ ଦୃଷ୍ଟିକୋଣ</u>

ଋକ୍ସବଭମସକ୍ସ ଇବମକ୍ଟଭ ତାଙ୍କ ଘକ୍ଟଙ୍ଗଙ୍କଙ୍କ ଙକ୍ସଶବଭଙ୍କଙ୍କ ରେ ବହୁପୂର୍ବରୁ ଆମକୁ ସାବଧାନ କରାଇଥିଲେ ଯେ ଆଦିବାସୀଙ୍କ ଦେବତାଙ୍କ ମୂର୍ତ୍ତି, ଗୁମ୍ଫା, ବଜାର ଏବଂ ସିନେମାହଲ ଯାହା ଯେ କୌଣସି ପରିଦୃଷ୍ଟ ଘଟଣାର ବୈଜ୍ଞାନିକ ବୁଝାବଣାକୁ ବାଧାଦେଇ ପାରେ । ଯଦିଓ ସେ ଜାଣେ କୋଠର ପତ୍ୟକ୍ଷବାଦୀ, ତାଙ୍କର ସାବଧାନ ଅତି ମୂଲ୍ୟବାନ୍ ଯାହାକୁ ଆଗମନାତ୍ମକ ଓ ନିଗମକ ସବୁ ସୌଦ୍ଧାନ୍ତିକ ଭିତ୍ତିଭୂମିର ବୌଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ମଣିଷ ଜନଜାତିର ସଦସ୍ୟ ଭାବେ ସମାଧାନ ରୂପେ ଆମେ ଧରି ନେଇଛୁ ଯେ ସେମାନେ ଯେପରି ସେପରି ନ ଦେଖି ଆମେ ଯେମିତି ଚାହୁଁଛୁ ସେଇ ରୂପରେ ଦେଖିବା । ଉଦାହରଣ ସ୍ୱରୂପ, ଆମର ଗୋଟିଏ ମୁଖ୍ୟ ସଂଘର୍ଷ ଯାହାକୁ ଆମେ ଭାରତୀୟ ଓ ଅନ୍ୟମାନଙ୍କୁ ବୁଝାଇବାକୁ ଚାହୁଁଛୁ ଯେ ଭାରତୀୟ ସମ୍ବିଧାନ ଅନୁସାରେ ହିନ୍ଦୀ ଆମ ସରକାରୀ ଭାଷା, ରାଷ୍ଟ୍ରୀୟଭାଷା ନୁହେଁ ଏବଂ ସବୁ ଦେଶ ପାଇଁଏ ହା ଜରୁରୀ ନୁହେଁ ଯେ ସେମାନେ ଗୋଟିଏ ରାଷ୍ଟ୍ରଭାଷା ରଖିବେ, ଯେମିତି ଗୋଟିଏ ଦେଶ ,ଗୋଟିଏ ଧର୍ମ ଓ ଗୋଟିଏ ଭାଷା । ଦୁର୍ଭାଗ୍ୟବଶତଃ ସମ୍ବିଧାନର ସମାବେଶ(ବିଧାନସଭା) ର କୋଠର ପରିଶ୍ରମ ସତ୍ୱେ ଭାରତୀୟ ସମ୍ବିଧାନକୁ ସଂପୂର୍ଣ୍ଣ ରୂପେ ଲାଗୁ କରାଯାଇପାରୁ ନାହିଁ କିମ୍ବା ପ୍ରଶଂସା କରାଯାଇପାରେ ନାହିଁ । ଭାରତୀୟ ସମ୍ବିଧାନରେ ଥିବା ଭାଷା ସମସ୍ୟାକୁ ନେଇ ଇଭକ୍ଟସ୍ୱସଭ(୧୯୬୬) ଗୋଟିଏ ଅଧ୍ୟାୟର ଶିର୍ଷକ ଦେଇ ଲେଖିଥିଲେ “ଅଧା ହୃଦୟର ଆଘୋଷ ସମାଧାନ”; ଯେଉଁଥିରେ ଏକ ହୃଦୟ ବିବିଧତାକୁ ଧରି ରଖାଯାଇ କୁହାଯାଇଛି ଯେ ହିନ୍ଦୀ ,ସଂସ୍କୃତ, ଇଂରାଜୀ ,ଉର୍ଦ୍ଦୁ ,ବଙ୍ଗଳା, ତାମିଲ୍ ଏବଂ ଅନ୍ୟାନ୍ୟ ଅନେକ ମୁଖ୍ୟ ଓ ଗୌଣ ଭାଷାକୁ ରାଜ୍ୟର ବିଭିନ୍ନ କାର୍ଯ୍ୟକଳାପରେ ଭିନ୍ନ ଭିନ୍ନ ରୂପେ ପ୍ରୟୋଗ କରାଯାଉଛି ଯଦିଓ ସେ ଏହା କହି ଅଧ୍ୟାୟଟିକୁ ଶେଷ କରିଥିଲେ ଯେ:-

ଯଦିଓ ଭାଷା ବ୍ୟବସ୍ଥା ଗୋଟଇଏ ସୁଖଦବୁଝାବଣା ନୁହେଁ, ତାର ଅନେକ ସାକାରାତ୍ମକ ଦିଗ ରହିଛି । ସେମାନେ ଦେଖାଇଛନ୍ତି ଯେ ବିଧାନସଭାର ଅଧିକାଂଶ ସଦସ୍ୟ ବିଶ୍ୱାସ କରନ୍ତି ଯେ ବହୁ ଭାରତୀୟ ଭାଷାର ବ୍ୟବହାର ଏବଂ ଇଂରାଜୀ, ଜାତୀୟ ସଂହତି ଏବଂ ଜାତୀୟ ମନୋଭାବର ତଯ୍ୟମା ପାଇଁ ଉପଯୋଗୀ । ଗୁମ୍ଫାର ଦେବତା ବ୍ୟକ୍ତିର ମନ ସହ ଜଡିତ ଯାହା ବିଭିନ୍ନ ପ୍ରକାର ଅଣପରୀକ୍ଷାସିଦ୍ଧ ବିଶ୍ୱାସ ଓ ପରସ୍ପର ଦ୍ୱାରା ଉତ୍ପନ୍ନ, ଉଦାହରଣ ସ୍ୱରୂପ ପୁରୁଣା ଜିନିଷ ପ୍ରତି ଅନ୍ଧର ପ୍ରଶଂସା । ସଂସ୍କୃତ ପୁରାତନ ଭାଷା,ଏକ ସାଧାରଣ ଚିରାଚରିତ କଥାହେଲା ଯେ ସଂସ୍କୃତ ସବୁ ଭାରତୀୟ ଭାଷାର ମାତା ଏବଂ ଏହା ପୃଥିବୀର ସବୁଠୁ ଉତ୍ତମ ଓ ନିର୍ଭୁଲ ଭାଷା । ଅନେକ ପଣ୍ଡିତ ଏବଂ ଶିକ୍ଷକ ଏହି ଚିରାଚରିତ କଥାକୁ ବିନା ଦ୍ୱିଧାରେ ସ୍ୱୀକାରି ନେଇଛନ୍ତି । ଇସ୍ପବସ୍ୱଙ୍କସ୍ୱଲଷ୍ଟଙ୍କ ୧୯୯୦ର ତୁର୍କିର ଭାଷା ତତ୍ୱ ହେଉଛି ଅନ୍ୟ ଏକ ଦିଗ ;ତୁର୍କ କୁ ପୃଥିବୀର ସମସ୍ତ ଭାଷାର ମାତା ରୂପେ ଗ୍ରହଣ କରାଯାଉଥିଲା । ଏଥିରୁ ବାହାରି ଆସିବାର ଏକ ମୁଖ୍ୟ ପ୍ରତିବନ୍ଧକ ଥିଲା କୁରଡିସ୍ ଯାହା ୨୦% ଲୋକଙ୍କ ଦ୍ୱାରା କୁହାଯାଉଥିଲା ଏବଂ ତାହାକୁ ପାହାଡି ତୁର୍କ ବୋଲି କୁହାଯାଉଥିଲା ତାହାକୁ ଗ୍ରହଣ କରିବା । ବଜାର ଓ ସିନେମା ହଲରେ ସ୍ଥାପିତ ମୂର୍ତ୍ତି ଗୁଡିକ ଲୋକଙ୍କ ଯୋଗାଯୋଗରୁ ଗଢିଉଠିଥାଏ ଏବଂ ବିଭିନ୍ନ ପ୍ରକାର ଭିତ୍ତିର କାର୍ଯ୍ୟ ପାଇଁ । ଉଦାହରଣ ସ୍ୱରୂପ ଅନେକ ଲୋକ ଦୃଢ ରୂପେ ବିଶ୍ୱାସ କରନ୍ତି ଯେ ହିନ୍ଦୀ ଉର୍ଦ୍ଦୁ ଦୁଇଟି ଭିନ୍ନ ଭାଷା । ତେଣୁ ତାହାକୁ କୁହାଯାଇପାରେ ଝରକ୍ସଭସବଭ ଏବଂ ଉକ୍ସକ୍ଟବସ୍ପସଙ୍କ । ତେଣୁ କୁହାଯାଏ ଯେ ଲୋକେ ଗୋଟିଏ ରାତି ହିନ୍ଦୁସ୍ଥାନରେ ଶୁଅନ୍ତି ପରଦିନ ସକାଳୁ ଭାରତରେ ଉଠନ୍ତି । ହିନ୍ଦୀର ଦେବନାଗରୀ ଲିପି ସହ ଏବଂ ଚରକ୍ସକ୍ଟକ୍ଟ ଇକ୍ସବଭସମ ଲିପିର ଉର୍ଦ୍ଦୁ ପାକିସ୍ଥାନରେ, ସେହିପରି ଲୋକ ଝରକ୍ସଭକ୍ଟ ଉକ୍ସକ୍ଟବସ୍ପସଙ୍କଙ୍କ ସହିତ ଶୁଅନ୍ତି ଏବଂ ଝରକ୍ସଭସଙ୍କ ଏବଂ ଉକ୍ସକ୍ଟବସ୍ପସଙ୍କ ସହ ଉଠନ୍ତି । ଠିକ୍ ସେହିପରି ସେମାନେ ଞ୍ଚଙ୍କସ୍ୱଲସକ୍ଟଷ ଏବଂ କଙ୍କସ୍ୱୟସକ୍ଟଷ ସହ ଶୁଅନ୍ତି ଏବଂ ଞ୍ଚଙ୍କସ୍ୱଲସକ୍ଟଷ ଏବଂ ସ୍ୱଙ୍କସ୍ୱଙ୍ଗସକ୍ଟଷ ପାହାଡୀ ସହ ଉଠନ୍ତି କିମ୍ବା ହିନ୍ଦୀର ମାତା ଭାଷାଗୁଡିକ ହେଲା ଅବଧୀ,ମୈଥଳୀ,ମାଘି, ଭୋଜପୁରୀ ଗୁଡିକ ଶୀଘ୍ର ହିନ୍ଦୀର ଉପଭାଷା ରୁପେ ଘୋଷଣା କରାଯିବ ।

## <u>ବିଶ୍ୱକରଣ</u>

ଏହି ବିଶ୍ୱକରଣ ହିଁ ଏହି ସବୁ ଚିରାଚରିତ ବିଶ୍ୱାସକୁ ତୀବ୍ର କରିବାରେ ସାହାଯ୍ୟ କରିବ,ଏହା ସହିତ ଗରିବ ଏବଂ ସୀମାରେଖା ତଳେ ଥିବା ଲୋକଙ୍କୁ ଲିଙ୍ଗ, ଜାତି,ଧର୍ମ ଓ ଭାଷା ତଳେ ଥିବା ଲୋକଙ୍କୁ ବଞ୍ଚିବା ପାଇଁ ସ୍ଥାନ ଦେବ ନାହିଁ । ମୁଁ ଦର୍ଶାଇବାପରି ଆନ୍ତଜାର୍ତୀୟ ସଂସ୍ଥା ଗୁଡିକ ଶିକ୍ଷା ଓ ସାକ୍ଷର କ୍ଷେତ୍ରରେ ଅନେକ ଅର୍ଥ ବିନିଯୋଗ କରୁଛନ୍ତି ଫଳସ୍ୱରୂପ ଇଂରାଜୀ ଭାଷାର ବୃଦ୍ଧି ଘଟୁଛି ଏବଂ ବହୁଭାଷିତା ଧିରେ ଧିରେ କମି ଆସୁଛି । କୌଣସି ସ୍ଥାନୀୟ ଶାଶନ ଏହି ପ୍ରକୀୟାକୁ ଯାଞ୍ଚ ମଧ କରୁ ନାହାନ୍ତି । ସବୁଠୁ ଜରୁରୀ କଥା ହେଉଛି ବିଶ୍ୱୀକରଣ ଯେଉଁ ପ୍ରକାର ପରିବର୍ତ୍ତନ ପାଇଁ ପ୍ରତିଶୃତି ବଦ୍ଧ ତାହାର ତଯ୍ୟମା କରିବା, ଧ୍ୟାନ ଆକର୍ଷଣ କରିଛି ଶୋଷଣ ଏବଂ ବିଭିନ୍ନ ସାଧନର ଉତ୍ପତି ଏବଂ ବଣ୍ଟନ କିଛି ଲୋକଙ୍କ ହାତରେ ସୀମିତ ହୋଇରହିଛି । ଅନ୍ୟ ଏକ କଥା ହେଉଛି ସମାନ୍ତର କରିବା ନାମରେ ବଜାରକୁ ଆକ୍ରମଣ,ସ୍ୱାଦପତ୍ର ଉପରେ ଆକ୍ରମଣ ଏହି ସବୁ ବର୍ତ୍ତମାନ ଆମ ଭବିଷ୍ୟତ ପାଇଁ ଏକ ଚେତାବନୀ । ଯଦିଓ ସବୁଠୁ ଆଶାବାଦୀ କଥା ହେଉଛି ବହୁଭାଷିତା ଉପରେ ଧ୍ୟାନ ଆକର୍ଷଣ, ଯଦିଓ ଖୁବ୍

ସାମାନ୍ୟ ଭାବରେ, ଯାହାଫଳରେ ସମାଜର ଦଳିତ ଗୋଷ୍ଠୀଙ୍କୁ ସଶକ୍ତ କରାଯିବ ଏବଂ ସେମାନେ ଗୋଟିଏ ସାମ୍ୟବାଦପୃଥିବୀ ଗଢିବାରେ ଆନ୍ଦୋଳନ କରିପାରିବେ। ଯଦିଓ ଅନୁଭବ କରିଛନ୍ତି ଯେ ଇଂରାଜୀ କୁ ଅପ୍ରସଙ୍ଗିତ ଅବସ୍ଥାରେ ରଖାଯିବା ଫଳରେ ହୁଏତ ଉପନିବେଶୀକାରୀଙ୍କ ମନରୁ ଉପନିବେଶତାକୁ ବାହାର କରିବା ସମ୍ଭବ ହେବ। ଏହାବି ସ୍ପଷ୍ଟ ଯେ ଏହି ପ୍ରକାର କଥନ, ଯଦି କିଛି ଅଛି ତାହା ଶିକ୍ଷିତ ମଧ୍ୟରେ ସୀମିତ ଏବଂ ବହୁଭାଷୀତାକୁ ନେଇ ପ୍ରଶ୍ନ ଉଠୁଛି । ମୁଁ ପୂର୍ବରୁ ଉଲ୍ଲେଖ କରିଥିବା ପରି ବହୁଭାଷିତା ଓ ବିବିଧତା ମନୁଷ୍ୟର ଅସ୍ତିତ୍ୱକୁ ଗଠନ କରେ। ଲୋକ ସେମାନଙ୍କ ଖାଦ୍ୟ ,ପୋଷାକ, ଜନ୍ମ, ବିବାହ ,ମୃତ୍ୟୁ ସହ ଜଡିତ ପରମ୍ପରାକୁ ସେମାନେ ନିଜ ପରିଚୟରେ ସମ୍ପୃକ୍ତ କରି ରଖିବାକୁ, ସେମାନେ ମଧ୍ୟ ନିଜ ପ୍ରକାରର ବହୁଭାଷିତା ଭାଷା ପରିଚୟର ଚିହ୍ନ ହିସାବରେ ଆବଶ୍ୟକ କରନ୍ତି। ଅନ୍ତର୍ଘାତ କଥନ ଇଂରାଜୀ ନୁହେଁ ବହୁଭାଷିତା।

ବହୁଭାଷିତାକୁ ବଞ୍ଚାଇ ରଖିବାର ବିଭିନ୍ନ କାରଣ ଅଛି, ଜଣେ ଦିଲ୍ଲୀ କଲେଜ ଛାତ୍ର ମୁହଁରୁ ଶୁଣା ଜାଯାଇଥାଏ ,ଯଦିଓ ସେମାନେ ବିଶ୍ୱୀକରଣ ର ଗଭୀର ଚାପ ତଳେ ରହିଚନ୍ତି।

ଯଦିଓ ହିନ୍ଦୀ ମୋ ମାତୃଭାଷା ଏବଂ ମୁଁ ମୋ ଘରୁ ଶିଖିଛି ମୋ ପିତାମାତା ଙ୍କ ସଙ୍ଗେ କଥା ହେଲାବେଳେ ହିନ୍ଦୀ ଭାଷାକୁ ବ୍ୟବହାର କରି ମୁଁ ଖୁବ୍ ସହଜ ଅନୁଭବ କରେ। ସ୍କୁଲରେ ମୁଁ ଇଂରାଜୀ ଶିଖିଲି,ତେଣୁ ସାଙ୍ଗ ଓ ଘନିଷ୍ଠ ଲୋକଙ୍କ ସହ କଥାବାର୍ତ୍ତା ବେଳେ ମୁଁ ଇଂରାଜୀକୁ ବ୍ୟବହାର କରେ । ସାଙ୍ଗ ଓ ଘନିଷ୍ଠଙ୍କ ସହ ମୁଁ ହିନ୍ଦୀରେ ବି କଥା ହୁଏ। ମୋର କିଛି ବନ୍ଧୁବାନ୍ଧବ ଭୋଜପୁରୀକୁ ଛାଡି ଦେଲେ ଅନ୍ୟ ଭାଷା ଜାଣନ୍ତି ନାହିଁ, ମୁଁ ଏହାକୁ ଭଲ ପାଏ କାରଣ ପିଲାବେଳୁ ମୁଁ ଏହାକୁ ବ୍ୟବହାର କରୁଛି। ଶିକ୍ଷକ ଏବଂ ଅଜଣା ଲୋକଙ୍କ ସହ ମୁଁ ଇଂରାଜୀରେ ସହଜରେ ଯୋଗାଯୋଗ କରେ କାରଣ ତାହା ଆନ୍ତର୍ଜାତୀୟ ଭାଷା। ଏବଂ ଏହା ଶୁଣିବାକୁ ବି ଭଲ ଲାଗେ ଯେ ମୁଁ ଇଂରାଜୀ ଭାଷା ବ୍ୟବହାରକୁ ଭଲପାଏ।

ଏମିତିକି ସହରାଞ୍ଚଳରେ ମଧ୍ୟ ପରିବାର ଓ ସାଙ୍ଗ ମାନଙ୍କ ଗହଣରେ ଇଂରାଜୀ ତାର ଆଧିପତ୍ୟ ବିସ୍ତାର କରି ଚାଲିଛି । ଆଞ୍ଚଳିକ କ୍ଷେତ୍ରରେ ଭିନ୍ନ ଭିନ୍ନ ଭାଷା ବ୍ୟବହାରର ଚାହିଦା ରହିଛି । ଅନ୍ୟ ପକ୍ଷରେ ଗ୍ରାମାଞ୍ଚଳ ଗୁଡିକରେ ବହୁଭାଷିତା ମୂଳରୁ ଆନ୍ତଃକରଣ ଓ ବାହିକ୍ୟ ସ୍ତରରେ ଗ୍ରହଣ ଯୋଗ୍ୟ ହୋଇ ନାହିଁ । ଅନେକ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ବିଭିନ୍ନ ଅନୁଷ୍ଠାନ ଓ ବେସରକାରୀ ସଂସ୍ଥା ଦ୍ୱାରା ନିଆଯାଉଛି ଯେମିତିକି ଭାରତୀୟ ଭାଷା ସଂସ୍ଥାନ,ମହୀଶୂର, ଏକଲବ୍ୟ, ଭୋପାଲ, ଏମାନଙ୍କ ଚେଷ୍ଟା ହେଲା ଆଞ୍ଚଳିକ ଭାଷାକୁ ବଳିଷ୍ଠ କରିବା ।

## ଆମେ କଣ କରି ପାରିବା

ମୋର ପ୍ରସ୍ତାବ ଯେ ଭାଟୋକୁ ଆମେ ବହୁଭାଷିତା ରୂପେ ବ୍ୟାଖ୍ୟା କରିବା । ଆମ କଥନର କେନ୍ଦ୍ରବିନ୍ଦୁ ହେଉଛି ଶିକ୍ଷା ଏବଂ ସମାଜ ଏବଂ ଭବିଷ୍ୟତର କାର୍ଯ୍ୟକଳାପ କୁ ନିର୍ଣ୍ଣୟ କରିବା । ମୁଁ ମାନିନେବା ଉଚିତ୍ ଯେ ଏହି ସମସ୍ୟାକୁ ମୁଁ ଅପମାନ ଦେବା ଭଳି ଆଲୋଚନା କରୁଚି , ସଂପୂର୍ଣ୍ଣ ବିଜ୍ଞ ଯେ ସେଗୁଡିକ ଖୁବ୍ ଜଡିତ ଏବଂ ସେଗୁଡିକ ଯେଉଁ ବୌଦ୍ଧିକତା ସହ ଜଡିତ ତାହା ବିଷୟରେ ମୁଁ ଅନଭିଜ୍ଞ । ଡସଦ୍ବଦ୍ବଶରଭଦ୍ବଦ୍ବରସଭ କହିଛନ୍ତି ଯେଉଁଠି କଣ କିଛି କହିପାରିବନି ,ସେଠି ସେ ଚୁପ୍ ରହିବା କଥା । ମୁଁ କେବଳ କିଛି ସମ୍ଭାବ ଆରମ୍ଭ ବିଷୟରେ କହିଛି ।

ମୁଁ ପ୍ରସ୍ତାବ ଦେଇଛି ଯେ ବର୍ତ୍ତମାନ ସମାଜରେ ସମାଜ-ଭାଷାବିଜ୍ଞାନୀ ମାନେ ସକ୍ରୀୟ ଅଂଶ ଗ୍ରହଣ କରିବା ଉଚିତ୍। ବହୁଭାଟୋ ଦ୍ୱାରା ଉପର ଆଲୋଚିତ ଚିରାଚରିତ ପ୍ରଥା ଉଚ୍ଛେଦହୋଇପାରିବ। ଉଦାହରଣ ସ୍ୱରୂପ ଅନ୍ୟ ଅଞ୍ଚଳ ଏବଂ ଭାଷା ପରିବାରର ଭାଷା ଲେଖିବାକୁ ଅଧିକ ସମୟ ଲାଗିବ ନାହିଁ ଯେପରି ଇଂରାଜୀ, ବଙ୍ଗାଳୀ, ତାମିଲ ,ଆଙ୍ଗାମି ,ହିନ୍ଦୀ କୁହାଯାଇପାରେ ରୋମାନ୍ କିମ୍ବା ଦେବନାଗରୀରେ ବାଖ୍ୟା କରାଯାଇ ପାରିବ ଯେ ଗୋଟିଏ ଭାଷାର ଧ୍ୱନୀ ଏବଂ ପ୍ରତୀକ ଭିତର ସଂମ୍ପର୍କକୁ । ତଥ୍ୟକୁ ଆଧାରିତ କରି ସଂଖ୍ୟା ପ୍ରଥାକୁ ଜାଣିହେବ ଏବଂ ହଁ-ନାଁ ,ପ୍ରଶ୍ନ ବାଚକ ବାକ୍ୟ ଗଢିହେବ ଏବଂ ଏ ସବୁକୁ ଯନ୍ତ୍ରର ସହିତ ଦଳ ଗଢି ଆମେ ଭାଷାବୈଜ୍ଞାନିକ ନିୟମାନୁସାରେ ଗୋଟିଏ ମତରେ ପହଞ୍ଚି ପାରିବା ଯେ ସବୁ ଭାଷା ଶୃଙ୍ଖଳିତ ଏବଂ ବିଭିନ୍ନ ଦୃଷ୍ଟିରୁ ଜଟିଳ ମଧ୍ୟ। ତୁମେ ମଧ୍ୟ ଦର୍ଶାଇପାରିବ ଯେ ପରସ୍ପରର ସଂମ୍ପର୍କରେ ଆସି ଭାଷା କିପରି ବିକଶିତ ହୋଇଥାଏ ଏବଂ ପରସ୍ପର ଠାରୁ ବିନା ପ୍ରତିବନ୍ଧରେ ଶବ୍ଦ ଅର୍ଥକୁ ଗ୍ରହଣ କରି କହିପାରେ । ଏହି ବିପଦପୂର୍ଣ୍ଣ ଚିରାଚରିତ ପ୍ରଥା ବିରୁଦ୍ଧରେ ସଂଘର୍ଷ କରିବାରେ ଏହି ବହୁଭାଷିତା ଗୋଟିଏ ବଳିଷ୍ଠ ସାଧନ । ଶିକ୍ଷା-ଶିକ୍ଷଣ ପାଇଁ ଶିକ୍ଷା ଉପକରଣ ତିଆରି କରିବାରେ ଏହି ବହୁଭାଷିତା ସହାୟ

ହୋଇପାରେ । କେବଳ ଅନୁବାଦମାଧ୍ୟମରେ ନୁହେଁ କିନ୍ତୁ ଖୁବ୍ ଜଣାଶୁଣା ପ୍ରଥା ଭାଷା ସମିଶ୍ରତାକୁ ବ୍ୟବହାର କରି ମଧ୍ୟ ପାଠ୍ୟ ଉପକରଣ ତିଆରି କରାଯାଇପାରିବ। ବିଭିନ୍ନ ବିଷୟ ମଧ୍ୟରେ ଏହା ସମ୍ପର୍କ ପ୍ରତିଷ୍ଠା କରିପାରେ, ଏହା ଲୋକଙ୍କୁ ନିଜ ମନ ଖୋଲିବାରେ ସାହାଯ୍ୟ କରେ ଏବଂ ସେମାନେ କିପରି ସାମାଜିକ ଓ ଭାଷାଗତ ପରିବେଶ ଭିତରେ ପରିବର୍ତ୍ତିତ ତାହାକୁ ମଧ୍ୟ ଆଲୋକପାତ କରିପାରିବ। ଯେଉଁ କଥାକୁ ମୁଁ ଇଙ୍ଗିତ କରିବାକୁ ଚାହୁଁଛି ତାହା ହେଉଛି ବିଶ୍ୱୀକରଣ ଯୋଗୁଁ ସମାଜ ଓ ଭାଷାବିଜ୍ଞାନୀ ମାନଙ୍କ ଦାୟିତ୍ୱ ବଢି ଯାଇଛି। ଯାହା ଅତୀତରେ ନ ଥିଲା । ଯଦିଓ ବିଶ୍ୱ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ଏକଭାଷୀତା ଉପରେ ଅଧିକ ଯୋର ଦେଉଛି ସବୁ ସ୍ତରରେ ,ତଥାପି ବହୁଭାଷୀ ବ୍ୟକ୍ତିଙ୍କ ଭୂମିକାରେ ଗୁରୁତ୍ୱ ରହିଛି ଏବଂ ସେମାନେ ଏହି ବହୁବିବିଧତାକୁ ବଞ୍ଚାଇ ରଖି ଗୋଟିଏ ନୂତନ ପୃଥିବୀ ଗଠନରେ ସାହାଯ୍ୟ କରିବା ଉଚିତ୍।

# Teaching for Transfer: Challenging the two solitudes assumption in Bilingual Education:

**Jim Cumming**

# ଭାଷା ଦକ୍ଷତାର ପ୍ରସାରଣ ପାଇଁ ଶିକ୍ଷା : ଦ୍ୱିଭାଷୀ ଶିକ୍ଷାରେ ଦୁଇ ଭିନ୍ନ ଧାରଣାର ଆହ୍ୱାନ

ଶିକ୍ଷାଦାନ ପଦ୍ଧତିରେ ଦୁଇ ଭାଷା ସମ୍ପର୍କିତ ଧାରଣା ଦ୍ୱିତୀୟ ଭାଷା ଶିକ୍ଷାକୁ ଏବଂ ଦ୍ୱିଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଶକ୍ତିଶାଳୀ କରିଥାଏ । ଏହି ଦୁଇଭାଷୀ ସମ୍ପର୍କିତ ଧାରଣା ପ୍ରତିଫଳିତ କରେ **ଐକ୍ଙ୍କବସ୍ତ୍ୱ(୧୯୮୪)** ଙ୍କ 'ଏକଭାଷୀ ଶିକ୍ଷାର ମୌଳିକ ନିୟମ'କୁ । ପିଲାର ପ୍ରଥମ ଭାଷା ବିଷୟରେ କୌଣସି ଚିନ୍ତା ନ କରି , ଦ୍ୱିତୀୟ ଭାଷା ଓ ବିଦେଶୀ ଭାଷା ଶିକ୍ଷା କ୍ଷେତ୍ରରେ ଲକ୍ଷ୍ୟ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ବ୍ୟବହାର କରାଯିବା ଉଚିତ୍ । ଦ୍ୱିଭାଷୀ ଏବଂ ଦ୍ୱିଭାଷାକୁ କେବଳ ସେହି ଭାଷା ମାଧ୍ୟମରେ ଶିକ୍ଷାଦେବା କାର୍ଯ୍ୟକ୍ରମରେ ଏହା ନିର୍ଣ୍ଣୟ କରାଯାଇଛି ଯେ ଦୁଇଟି ଭାଷାକୁ ଅଲଗା ରଖାଯିବ । ଏହି ପ୍ରବନ୍ଧରେ ମୁଁ 'ଦୁଇ ଭାଷା ସମ୍ପର୍କିତ ଧାରଣା ' ସହ ଜଡିତ ତାତ୍ୱିକ ଓ ଗବେଷଣାତ୍ମକ ଦିଗକୁ ଆଲୋଚନା କରୁଛି । ଯେତେବେଳେ ଆମେ ଆମ ନିଜକୁ ଏକ ଭାଷୀ ଶିକ୍ଷାଦାନ ପଦ୍ଧତିର ନିୟମରୁ ନିଜକୁ ମୁକ୍ତ କରିନେବା ,ସେତେବେଳେ ଦ୍ୱିଭାଷୀ ଛାତ୍ରଙ୍କୁ ଦ୍ୱିଭାଷୀ ଶିକ୍ଷା ପଦ୍ଧତି ମାଧ୍ୟମରେ ପଢାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ବାହାରି ଆସିବ ଯାହା ବଳିଷ୍ଠ ରୂପେ ଭାଷା ଭାଷା ମଧ୍ୟରେ ଦକ୍ଷତାର ପ୍ରସାରଣକୁ ସ୍ୱୀକାର କରିବ ।

ଏହି କିଛି ଶିକ୍ଷାଦାନ ପଦ୍ଧତିର କୌଶଳ ଭାଷା ଭାଷା ମଧ୍ୟରେ ଦକ୍ଷତାର ପ୍ରସାରଣ ପାଇଁ ଛାତ୍ରକୁ ଅନୁବାଦକରିବା ପାଇଁ ଉତ୍ସାହିତ କରିଥାଏ, ବହୁଭାଷୀ ଏବଂ ଏକଭାଷୀ ଶବ୍ଦ କୋଷର ବ୍ୟବହାର ମଧ୍ୟ ଦ୍ୱିଭାଷୀ ଶିକ୍ଷା ପାଇଁ ଏକାନ୍ତ ଆବଶ୍ୟକ । ଭାଷା ଶିକ୍ଷା ପାଇଁ ଅନୁବାଦର ଚାହିଦା ଆଜିର ସମୟରେ ନାହିଁ ଏବଂ ମୁଁ ବ୍ୟାକରଣ ଅନୁବାଦମାଧ୍ୟମରେ ଭାଷା ଶିକ୍ଷା ପଦ୍ଧତିକୁ ସ୍ୱୀକାର କରିବାକୁ ଉପଦେଶ ଦେଉ ନାହିଁ ଯେଉଁଠି ବ୍ୟକରଣ ପଢାକୁ ପ୍ରଧାନ୍ୟ ଦିଆଯାଏ ଏବଂ ଅନୁବାଦତାର ଶେଷ ଫଳାଫଳ ହୋଇଥାଏ ।ଏହା ପରିବର୍ତ୍ତେ ମୁଁ ଯୁକ୍ତି କରେ ଯେ ପାଠ୍ୟ ପୁସ୍ତକ ଯାହା ପାଠକର ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷାକୁ ନିର୍ଭୁଲ ଓ ବଳିଷ୍ଠ କରିପାରିବ ତାହାର ଯୋଗାଯୋଗ ମାଧ୍ୟମକୁ ବ୍ୟାଖ୍ୟା କରିବାରେ ଅନୁବାଦର ଭୂମିକା ନିହାତି ଗୁରୁତ୍ୱପୂର୍ଣ୍ଣ ।

ଦୁଇ ଭାଷା ସମ୍ପର୍କିତ ଧାରଣାର ମୂଳଦୁଆ ଭାଷା ଶିକ୍ଷାର ' ପ୍ରତ୍ୟକ୍ଷ ରୀତି' ସହ ଜଡିତ ଯାହା ବିଗତ ୧୦୦ ବର୍ଷଧରି ଦ୍ୱିତୀୟ ଭାଷା ଓ ବିଦେଶୀ ଭାଷା ଶିକ୍ଷା କ୍ଷେତ୍ରରେ ଜନପ୍ରିୟ ହେବା ସହ ଭାଷା ଶିକ୍ଷାର ପ୍ରଣାଳୀକୁ ପ୍ରଭାବିତ କରିପାରିଛି । ଅନ୍ୟଏକ ଅଧ୍ୟାୟରେ ମୁଁ ଏହି ଭାଷା ଶିକ୍ଷାର 'ପ୍ରତ୍ୟକ୍ଷ ରୀତି ବା ପ୍ରଣାଳୀ' ର ସୃଷ୍ଟି ଏବଂ ଭାଷା ଭାଷା ମଧ୍ୟର ଦକ୍ଷତାକୁ ପରସ୍ପର ବିନିମୟରେ ଏହାର ପ୍ରୟୋଗ ବିଷୟରେ ଆଲୋଚନା କରିବି ।

## ପ୍ରାଥମିକ ବିକାଶ

**ଶଙ୍କ(୨୦୦୧)** ସୂଚିତ କରିଥିଲେ ଯେ 'ପ୍ରତ୍ୟକ୍ଷ ରୀତି ବା ପ୍ରଣାଳୀ',ବ୍ୟକରଣ-ଅନୁବାଦରୀତିର ଦୋଷ ଦୁର୍ବଳତାକୁ ପ୍ରକାଶ କରି ପ୍ରଭାବଶାଳୀ ଭାଷା ଶିକ୍ଷା ପାଇଁ ଏହି ପ୍ରଣାଳୀ ବା ରୀତିର ଜନ୍ମ,ଯାହା ୧୮୮୦ ରେ ମୁଖ୍ୟତଃ ଫ୍ରାନ୍ସ ଓ ଜର୍ମାନ୍ ରେ ହୋଇଥିଲା ।ଏହା ପ୍ରଣାଳୀର ମୂଳକଥା ହେଲା ପିଲା ନିଜର ମାତୃଭାଷା ବା ପ୍ରଥମ ଭାଷାକୁ ଶିଖିବା ପଦ୍ଧତି ପରି ପ୍ରତ୍ୟକ୍ଷ ରୀତି ମାଧ୍ୟମରେ ଭାଷା ଶିକ୍ଷା ଦିଆଯାଇଥାଏ । ଯେ କୌଣସି ପରିସ୍ଥିତିରେ ବିଦେଶୀ ଭାଷା କୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ଓ ଅନୁବାଦକୁ ଅସ୍ୱିକାର କରାଯାଇଥାଏ । ପ୍ରାଥମିକ ଧ୍ୟାନ କହିବାର ସାମର୍ଥ୍ୟ ଓ ଶ୍ରବଣ ଶକ୍ତିର ବୃଦ୍ଧି ଉପରେ କେନ୍ଦ୍ରିତ ଥାଏ ଏବଂ ସଠିକ୍ ଉଚ୍ଚାରଣ ଓ ନିୟମାନୁସାରେ ବ୍ୟାକରଣ ଶିକ୍ଷା ଗ୍ରହଣକୁ ମଧ୍ୟ ଯୋର୍ ଦିଆଯାଇଥାଏ ।

ଏହି ନିୟମ ଗୁଡିକ ଦୃଶ୍ୟ -ଶ୍ରବ୍ୟ ମାଧ୍ୟମ ଓ ଦୃଶ୍ୟ -ଭାସ୍ୟ ମାଧ୍ୟମକୁ ପ୍ରତିଫଳିତ କରିଥାଏ ଯାହା ୧୯୫୦ ଏବଂ ୧୯୭୦ ରେ ପ୍ରଚଳନ କରାଯାଇଥିଲା ଏବଂ ସମକାଳୀନ ବିଭିନ୍ନ କ୍ଷେତ୍ରରେ ଏହାକୁ ଯୋଗାଯୋଗ ସଂଚାରକ ଭାଷା ଶିକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇଥିଲା ।

ବର୍ତ୍ତମାନର ଶିକ୍ଷା ପ୍ରଣାଳୀ ଗୁଡିକ ପ୍ରଥମ ଭାଷାକୁ ମଧ୍ୟ ପ୍ରାଧାନ୍ୟ ଦେଇନଥାଏ । ଯୋଗାଯୋଗ ବା ସଂଚାରକ ଭାଷା ଶିକ୍ଷା ଏବଂ କାର୍ଯ୍ୟ ଆଧାରିତ ଶିକ୍ଷା ପ୍ରଣାଳୀର ଭାଷା ଶିକ୍ଷା ଆବଶ୍ୟକୀୟ ସଂପର୍କ ନାହିଁ । ପ୍ରଥମ ଭାଷା କୁ ସେତେବେଳେ ଶିକ୍ଷାରେ ସାମିଲ କରାଯାଇଥାଏ ଯେତେବେଳେ କୁହାଯାଏ ଏହାର ବ୍ୟବହାରକୁ ଦ୍ୱିତୀୟ ଭାଷା ସମୟରେ କିପରି କମ୍ କରିବାକୁ ହୁଏ । ତାତ୍ୱିକ ଦିଗରୁ କାର୍ଯ୍ୟ ଆଧାରିତ ଭାଷା ଶିକ୍ଷାର ମୁଖ୍ୟ ହେଉଛି ଏହା ଶ୍ରେଣୀ କକ୍ଷରେ ପ୍ରଥମ ଭାଷା ବ୍ୟବହାରକୁ ସ୍ଥାନ ଦିଏନାହିଁ ।

ପ୍ରଣାଳୀକୁ ବ୍ୟାଖ୍ୟା କଲାବେଳେ ଶ୍ରେଣୀ କକ୍ଷରେ ଖୁବ୍ କମ୍ ପ୍ରଥମ ଭାଷା କଥା ଉଠେ ଏବଂ ଏହାର ଆଲୋଚନାକୁ ବାଦ୍ ମଧ ଦିଆଯାଏ ।

ପ୍ରଥମ ଭାଷାକୁ ଦ୍ୱିତୀୟ ଭାଷା ଓ ବିଦେଶୀ ଭାଷା ଶିକ୍ଷାର ଶ୍ରେଣୀ କକ୍ଷରେ ବ୍ୟବହାର ନିୟମ ସପକ୍ଷରେ ଯୁକ୍ତି କରି ଚାରୋଟି ଦିଗ ଦର୍ଶାଇଛନ୍ତି ।

୧. ଦକ୍ଷତା - କୌଣସି ବିଷୟ ବା ଶିକ୍ଷାଦାନ ପଦ୍ଧତିରେ ପ୍ରଥମ ଭାଷା ମାଧମରେ ଦକ୍ଷତାର ସହ ଯୋଗାଯୋଗ କରାଯାଇ ପାରିବ ?

୨. ଶିକ୍ଷା - ପ୍ରଥମ ଭାଷା ସହ ଦ୍ୱିତୀୟ ଭାଷା ର ବ୍ୟବହାର ଫଳରେ ଦ୍ୱିତୀୟ ଭାଷା ଶିକ୍ଷାର ଫଳାଫଳ ଉତ୍ତମ ହୋଇପାରିବ ?

୩. ପ୍ରକୃତିକତା - କୌଣସି କାର୍ଯ୍ୟ ବା ବିଷୟକୁ ଆଲୋଚନା କଲାବେଳେ ଦ୍ୱିତୀୟ ଭାଷା ବଦଳରେ ପ୍ରଥମ ଭାଷା ବ୍ୟବହାର କଲେ ଅଧିକ ସହଜ ଅନୁଭବ ହୁଏ ?

୪. ବାହ୍ୟ ପ୍ରାସଙ୍ଗିକତା - ପ୍ରଥମ ଭାଷା ବ୍ୟବହାର କଣ ଶିକ୍ଷା ଦେବାକୁ ଦ୍ୱିତୀୟ ଭାଷା ଦକ୍ଷତା ହାସଲରେ ସାହାର୍ଯ୍ୟ କରେ ଯାହା ଶ୍ରେଣୀ କକ୍ଷ ପାଇଁ ଆବଶ୍ୟକ ହୋଇପାରେ ?

ପ୍ରଥମ ଭାଷାର ବ୍ୟବହାର ଯୋଗୁଁ ଦ୍ୱିତୀୟ ଭାଷା ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକର ବିରୁଦ୍ଧରେ ଏହି ଚାରୋଟି ପନ୍ଥାକୁ ମହତ୍ୱ ଦିଆଯାଇଥାଏ । ନିର୍ଦ୍ଦିଷ୍ଟ କିଛି ସ୍ଥିତିରେ ପ୍ରଥମ ଭାଷାକୁ ବ୍ୟବହାର କରିବା ନାର୍ଯ୍ୟତା ସତ୍ୱେ **ଉକ୍ଟକ୍ଟଳ**_ଏହା କହି ଶେଷ କରୁଛନ୍ତି ଯେ : ପ୍ରଚୁର ପରିମାଣ ରେ ଦ୍ୱିତୀୟ ଭାଷା ବ୍ୟବହାର ଶିକ୍ଷାକୁ ସାଫଲ୍ୟ କରିଥାଏ ।

୨୦୦୧ ରେ **ଊଙ୍କକ୍ସଭଭଙ୍କଷଷ, ଉକ୍ଟକ୍ଟଳ**ଙ୍କୁ ଉତ୍ତର ଦେଇ କହିଥିଲେ ଯେ ଦ୍ୱିତୀୟ ବା ବିଦେଶୀ ଭାଷା ଶିକ୍ଷାରେ ଯଦି ଶିକ୍ଷକକୁ ପିଲାର ପ୍ରଥମ ଭାଷା ବ୍ୟବହାର ସୁଯୋଗ ଦିଆଯାଏ , ସେଗୁଡିକ ଖୁବ୍ ବଡ ଅସୁବିଧା ସୃଷ୍ଟି କରିବ ଯଦି ଶିକ୍ଷକ ଅଧିକ ମାତ୍ରାରେ ପ୍ରଥମ ଭାଷାକୁ ଶ୍ରେଣୀ କକ୍ଷରେ ବ୍ୟବହାର କରିବେ । ମୁଖ୍ୟତଃ ସେହି କ୍ଷେତ୍ରରେ ଯେଉଁଠି ଶିକ୍ଷକ ନିଜେ ଦ୍ୱିତୀୟ ଭାଷାରେ ଖୁବ୍ ଦକ୍ଷ ନୁହେଁ , ସେଠି ସେ ପିଲାର ପ୍ରଥମ ଭାଷା ବ୍ୟବହାରକୁ ଅନୁମତି ଦେଇଥାଏ । ତେବେ ଉଭୟ ଶିକ୍ଷକ ଓ ଛାତ୍ର କ୍ଷେତ୍ରରେ ଶ୍ରେଣୀ କକ୍ଷରେ ଦ୍ୱିତୀୟ ଭାଷା ବ୍ୟବହାରର ସୁଯୋଗ କମିଯାଏ । **ଉକ୍ଟକ୍ଟଳ** ଏବଂ **ଊଙ୍କକ୍ସଭଭଙ୍କଷଷ** ମଧରେ ଫରକ୍ ହେଉଛି ବିଷୟ ବସ୍ତୁକୁ ଦେବା ପ୍ରଧାନ୍ୟ କ୍ଷେତ୍ରରେ କିନ୍ତୁ ଉଭୟ ଦ୍ୱିତୀୟ ଭାଷା ଶିକ୍ଷାର ତାତ୍ୱିକ ଓ ପ୍ରୟୋଗ ଦିଗକୁ ହିଁ ପ୍ରାଧାନ୍ୟ ଦେବା ସହ ଏହା କିପରି ହେବା ଉଚିତ୍ ତାହା ବିଚାର କରିଛନ୍ତି ।

## <u>ମୁଖ୍ୟ ଅନୁଦାନ</u>

ଭାଷା ଶିକ୍ଷା କ୍ଷେତ୍ରରେ ଭାଷା ଭାଷା ମଧରେ ଦକ୍ଷତାର ପ୍ରସାରଣ ର ଦୁଇଟି ଉତ୍ସ ରହିଛି : (**ବ**) ଶିକ୍ଷାର୍ଥି ର ପୂର୍ବ ଭାଷା ଜ୍ଞାନ ଦ୍ୱିତୀୟ ଭାଷା ଶିକ୍ଷାରେ ମୂଳଦୁଆ ପରି କାର୍ଯ୍ୟ କରେ (**ଭ**) ଭାଷା ଭାଷା ମଧରେ ଦକ୍ଷତା ଶିକ୍ଷା କ୍ଷେତ୍ରରେ ପରସ୍ପର ଉପରେ ନିର୍ଭରଶୀଳ ।

## <u>ପୂର୍ବ ବୁଝିବା ଶକ୍ତି ସହ ଜଡିତ</u>

**ଈକ୍ସଙ୍କଭକ୍ସ ଲକ୍ଟକ୍ସୟ, ଈକ୍ସକ୍ଟଙ୍ଗଭ** ଏବଂ **ଉକ୍ଟକ୍ଟଳଚ** (୨୦୦୦) ଙ୍କ ଦ୍ୱାରା ଲିଖିତ ଏକ ଅଧାୟ ଶୀର୍ଷକ 'ଲୋକେ କିପରି ଶିଖନ୍ତି' ଗବେଷଣାକୁ ଆଧାର କରି ଭାଷା ଶିକ୍ଷା କିପରି ହୁଏ ଏବଂ ଶିକ୍ଷା ଦାନ ପ୍ରକୀୟାକୁ କିପରି ବିକାଶ କରାଯାଇପାରିବ ତାହା ଉପରେ ଆଲୋଚନା କରିଛନ୍ତି । ଏହା ପରିବର୍ତ୍ତେ **ଉକ୍ଟଭକ୍ଟଙ୍ଗବଭ**ଏବଂ **ଈକ୍ସବଭକ୍ସଲକ୍ଟକ୍ସକ୍ସ** (୨୦୦୫) ଙ୍କ ଦ୍ୱାରା ଲିଖିତ ସଂକଳନରେ ଇତିହାସ, ଗଣିତ ଓ ବିଜ୍ଞାନକୁ ଏହି ଶିକ୍ଷା ପଦ୍ଧତିରେ ପରୀକ୍ଷା କରାଯାଇ କିପରି ବ୍ୟବହୃତ ହୋଇଛି ଆଲୋଚନା କରାଯାଇଛି । ବର୍ତ୍ତମାନ ସ୍ଥିତିରେ ଆବଶ୍ୟକତା ହେଉଛି ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରି ଏହି ମୌଳିକ ଶିକ୍ଷା ନିୟମ ଗୁଡିକୁ ବିନିଯୋଗ କରିବା ଉଚିତ୍ । ପ୍ରଭାବଶାଳୀ ଶିକ୍ଷା ନିମନ୍ତେ ଏବଂ ତାଙ୍କ ସହକର୍ମୀ ମାନେ ତିନୋଟି ମୁଖ୍ୟ ସର୍ତ୍ତ ଉପରେ ଯୋର ଦେଇଛନ୍ତି (**ବ**) ପୂର୍ବ ବୁଝିବା ଶକ୍ତି ସହ ଜଡିତ ରହିବା (**ଭ**) ତଥ୍ୟ ଭିତ୍ତିକ ଜ୍ଞାନ ସହିତ, ଧାରଣା ଗଠନ (**ମ**) ଅଧିବୌଦ୍ଧିକ କୌଶଳ ଜରିଆରେ ଶିକ୍ଷାଦାନ ପ୍ରକୀୟା କୁ ସକ୍ରୀୟ ଭାବେ ଅକ୍ତିଆର କରିବା ।ତାହା ବିଚାର କରିଛନ୍ତି ।

## <u>ମୁଖ୍ୟ ଅନୁଦାନ</u>

ଭାଷା ଅତିକ୍ରମତା ସ୍ଥାନାନ୍ତର ଶିକ୍ଷାର ଦୁଇଟି ଉତ୍ସ ରହିଛି (**ବ**) ଶିକ୍ଷାର୍ଥି ର ପୂର୍ବ ସ୍ଥିତି ଜ୍ଞାନର ମୂଳଦୁଆ ପରି କାର୍ଯ୍ୟ କରେ (**ଭ**) ଭାଷା ଭାଷା ଭିତର ଦକ୍ଷତା ପରସ୍ପର ଉପରେ ନିର୍ଭରଶୀଳ ।

## <u>ପୂର୍ବ ବୁଝିବା ଶକ୍ତି ସହ ଜଡିତ</u>

**ଈକ୍ସବଭକ୍ସଲକ୍ଟକ୍ସୟ, ଈକ୍ସକ୍ଟଙ୍ଗଭ** ଏବଂ **ଉକ୍ଟକ୍ଟଳଚ** ଙ୍କ ଦ୍ୱାରା ଲିଖିତ ଏକ ଅଧାୟ ଶୀର୍ଷକ 'ଲୋକେ

କିପରି ଶିଖନ୍ତି' ଗବେଷଣାକୁ ଆଧାର କରି ଭାଷା ଶିକ୍ଷା କିପରି ହୁଏ ଏବଂ ଶିକ୍ଷା ଦାନ ପ୍ରକୀୟାକୁ କିପରି ବିକାଶ କରାଯାଇ ପାରିବ ତାହା ଉପରେ ଆଲୋଚନା କରିଛନ୍ତି । ଏହା ପରିବର୍ତ୍ତେ ଏବଂ ( ୨ ୦ ୦ ୫ ) ଙ୍କ ଦ୍ୱାରା ଲିଖିତ ସଂକଳନରେ ଇତିହାସ, ଗଣିତ ଓ ବିଜ୍ଞାନକୁ ଏହି ଶିକ୍ଷା ପଦ୍ଧତିରେ ପରୀକ୍ଷା କରାଯାଇ କିପରି ବ୍ୟବହୃତ ହୋଇଛି ଆଲୋଚନା କରାଯାଇଛି । ବର୍ତ୍ତମାନ ସ୍ଥିତିରେ ଆବଶ୍ୟକତା ହେଉଛି ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରି ଏହି ମୌଳିକ ଶିକ୍ଷା ନିୟମ ଗୁଡିକୁ ବିନିଯୋଗ କରିବା ଉଚିତ୍ । ପ୍ରଭାବଶାଳୀ ଶିକ୍ଷା ନିମନ୍ତେ ଏବଂ ତାଙ୍କ ସହକର୍ମୀ ମାନେ ତିନୋଟି ମୁଖ୍ୟ ସର୍ତ୍ତ ଉପରେ ଯୋର ଦେଇଛନ୍ତି (**ବ**) ପୂର୍ବ ବୁଝିବା ଶକ୍ତି ସହ ଜଡିତ ରହିବା (**ଭ**) ତଥ୍ୟ ଭିତ୍ତିକ ଜ୍ଞାନ ସହିତ, ଧାରଣା ଗଠନ (**ମ**) ଅଧିବୌଦ୍ଧିକ କୌଶଳ ଜରିଆରେ ଶିକ୍ଷାଦାନ ପ୍ରକୀୟାକୁ ସକ୍ରୀୟ ଭାବେ ଅକ୍ତିଆର କରିବା । ପୂର୍ବ ଜ୍ଞାନର ଭୂମିକା ହେଉଛି ଏହା ମୁଖ୍ୟତଃ ବହୁଭାଷୀ ପିଲାର ଭାଷା ଦକ୍ଷତାର ପ୍ରସାରର ସମସ୍ୟା ସହ ଜଡିତ ଯଦି ପିଲାର ପ୍ରଥମ ଭାଷା ସହ ପୂର୍ବ ଜ୍ଞାନ ଜଡିତ ତେବେ ସେମାନଙ୍କ ପ୍ରଥମ ଭାଷା ଦ୍ୱିତୀୟ ଭାଷା ଶିକ୍ଷା ସହ ଅଙ୍ଗାଙ୍ଗୀ ଭାବେ ଜଡିତ ।

**ଉକ୍ଟଭକ୍ଟଙ୍ଗବଭ** ଏବଂ **ଈକ୍ସବଭସ୍ବଲକ୍ଟକ୍ସୟ** ଦର୍ଶାଇଛନ୍ତି ଯେ ପୂର୍ବ ଧାରଣା ଓ ଅଭିଜ୍ଞତାରୁ ମୂଳ ଦୁଆରୁ ନୂଆ ଧାରଣାର ଗଠନ ହୋଇଥାଏ । ପୂର୍ବ ଜ୍ଞାନ , ଦକ୍ଷତା , ବିଶ୍ୱାସ ଏବଂ ଧାରଣା ଗୁରୁତ୍ୱ ଭାବେ ପ୍ରଭାବିତ କରିଥାଏ ଯାହା ପାଠକ ତାର ପରିବେଶରୁ ଅନୁକରଣ କରିଥାଏ ଏବଂ କିପରି ସେମାନେ ସେମାନଙ୍କ ଅନୁକରଣକୁ ବ୍ୟାଖ୍ୟା ଏବଂ ବର୍ଣ୍ଣନା କରିଥାନ୍ତି । ପୂର୍ବଜ୍ଞାନ କେବଳ ପୂର୍ବ ସୂଚନା କିମ୍ବା ଦକ୍ଷତାକୁ ବୁଝାଏ ନାହିଁ ବରଂ ସମଗ୍ର ଅଭିଜ୍ଞତା ଯାହା ବିଦ୍ୟାଳୟର ପରିଚୟ ଏବଂ ବୌଦ୍ଧିକ କାର୍ଯ୍ୟକ୍ଷମକୁ ବୁଝାଇଥାଏ ।

ଏହି ନିୟମ ଦର୍ଶାଇଥାଏ ଯେ ଯେତେବେଳେ ଛାତ୍ର କୁ ଦ୍ୱିତୀୟ ଭାଷା ମାଧମରେ ଶିକ୍ଷିତ କରାଯାଏ, ସେତେବେଳେ ଶିକ୍ଷାଦାନ ପ୍ରକୀୟା ସକ୍ରୀୟ ଭାବେ ଛାତ୍ରର ପୂର୍ବ ଜ୍ଞାନକୁ କାର୍ଯ୍ୟକ୍ଷମ କରାଇବା ଉଚିତ୍ ଏବଂ ଆବଶ୍ୟକୀୟ ଜ୍ଞାନ ମଧ ଗଠନ କରିବା ଉଚିତ୍ । ଯଦିଓ ଏକଭାଷୀ ଶିକ୍ଷାଦାନ ପ୍ରକୀୟା ଭିନ୍ନ ଭିନ୍ନ ହୋଇ ଦେଖାଯାଏ ଏହି ଶିକ୍ଷାର ମୌଳିକ ନିୟମ ସହିତ କାରଣ ସେମାନେ ପିଲାର ପ୍ରଥମ ଭାଷାକୁ ସମ୍ମାନ ଦିଅନ୍ତି ଯେମିତି ସେମାନେ ଦ୍ୱିତୀୟ ଭାଷାର ଶିକ୍ଷାର ନିକଟବର୍ତ୍ତୀ ହୁଅନ୍ତୁ ।ଏହାର ପ୍ରତିଫଳରେ ଏହି ନିୟମ ଗୁଡିକ ଛାତ୍ରର ପୂର୍ବ ଜ୍ଞାନକୁ କେନ୍ଦ୍ରିତ କରିବାରେ ସକ୍ଷମ ହୋଇଥାଏ । ଯେଉଁ କ୍ଷେତ୍ରରେ ଏକଭାଷୀ ପନ୍ଥା ଗୁଡିକ ଛାତ୍ରର ପୂର୍ବ ଜ୍ଞାନର ଭୂମିକାକୁ ପ୍ରଂଶସା କରିଥାଏ. ସେମାନେ ଏହାର ଭାବନାକୁ ସୀମିତ କରିଥାନ୍ତି ଯାହା ଛାତ୍ର ତାର ଦ୍ୱିତୀୟ ଭାଠାରେ ବ୍ୟକ୍ତ କରିପାରେ ।

**<u>ଭାଷା ଭାଷା ଭିତର ନିର୍ଭରଶୀଳତା</u>**

ପରସ୍ପର ନିର୍ଭରଶୀଳତା ପରିକଳ୍ପନା ନିମ୍ନ ମତରେ ବ୍ୟକ୍ତ କରାଯାଇଛି :

ଭାଷା **ଢ** ର ଶିକ୍ଷାଦାନ ପ୍ରକ୍ରୀୟା ପ୍ରଭାବଶାଳୀ ହେଲେ ଭାଷା **ଢ** ର ଦକ୍ଷତା ବୃଦ୍ଧି ପାଇବ ,ଏହି ଦକ୍ଷତାକୁ ଭାଷା **ଣ**କୁ ପ୍ରସାରଣ କରାଯାଇପାରିବ ଯଦି ଭାଷା **ଣ**ର ଯଥେଷ୍ଟ ଉପସ୍ଥାପନା ଓ ଯଥେଷ୍ଟ ଅଭିପ୍ରାୟ ରହିବ ।

ଦୃଢ଼ ଶବ୍ଦରେ ଏହି ନିୟମର ଅର୍ଥ ଏହା ଯେ ଉଦାହରଣ ସ୍ୱରୂପ ଦୁଇ ଭାଷା ସ୍ପେନୀୟ-ଇଂରାଜୀ ବହୁଭାଷୀ କାର୍ଯ୍ୟକ୍ରମ ଆମେରିକାର ସ୍ପେନ ର ଶିକ୍ଷାଦାନ ପ୍ରକୀୟା ଦ୍ୱାରା ସ୍ପେନର ପଠନ ଓ ଲିଖନ ଦକ୍ଷତା ନୁହେଁ, ଏହା ମଧ ଗଭୀର ଧାରଣା ଓ ଭାଷାଗତ ଦକ୍ଷତାର ବିକାଶ ହୋଇଥାଏ ,ତାହା ମୂଖ୍ୟ ଭାଷା ବିକଶ ସହ ଜଡିତ । ଅନ୍ୟ ଶବ୍ଦରେ , ଯଦିଓ ବିଭିନ୍ନ ଭାଷାର ବାହ୍ୟିକ ଦିଗ ସଂପୂର୍ଣ୍ଣ ଅଲଗା ,ଏହା ତଳେ ଗୋଟିଏ ବୌଦ୍ଧିକ/ଶିକ୍ଷାଗତ ଦକ୍ଷତା ଯାହା ଅନ୍ୟ ଭାଷା ପାଇଁ ଖୁବ୍ ସାଧାରଣ ।ଏହି ସାଧାରଣ ଜଡିତ ଦକ୍ଷତା ବୌଦ୍ଧିକ/ପାଠଗତ କିମ୍ବା ସାଧାରଣ ସହ ଜଡିତ ଦକ୍ଷତା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ପ୍ରସାରିତ ହୋଇଥାଏ ।

କିଛି ବ୍ୟାପକ ପରୀକ୍ଷା ସିଦ୍ଧ ଗବେଷଣା ରହିଛି ଯାହା ଭାଷୋ ଭାଷା ଭିତର ଜ୍ଞାନ ଓ ଶିକ୍ଷା ସହ ଜଡିତ ଦକ୍ଷତାର ପରସ୍ପର ନିର୍ଭରଶୀଳତାକୁ ସମର୍ଥନ କରେ । ଉଦାହରଣ ସ୍ୱରୂପ **ଊଷକ୍ଟଙ୍କବସ୍ଥ** ଏବଂ **ଉକ୍ଟଯଷସରକ୍ସ** ବାହାର କରିଛନ୍ତି ଯେ ଆମେରିକାକୁ ଆସିବା ପରେ ଦେଶାନ୍ତର ବାସୀ ପିଲାଙ୍କ ପ୍ରଥମ ଭାଷାର ଦକ୍ଷତା ଇରାଜୀ ଶିକ୍ଷା ବିକାଶରେ ସହାୟକ ହୋଇଥିଲା । **ଠରକ୍ସଷକ୍ଟରଙ୍ଗରଭ** ଙ୍କ ଗବେଷଣା ଦର୍ଶାଏ ଯେ ଦ୍ୱିଭାଷୀ ସାମୟିକ ପ୍ରୋୟାଗତ୍ମକ କାର୍ଯ୍ୟକ୍ରମ ସହ ଜଡିତ ର୍ତୁକ୍ ଭାଷା ଭାଷୀ ଛାତ୍ର ନେଦରଲାଣ୍ଡ ରେ ରହିବା । ଏହି କାର୍ଯ୍ୟକ୍ରମ ଗୁଡିକ ପ୍ରଥମ ଭାଷା ଶିକ୍ଷାକୁ ସହାୟକ ହୁଅନ୍ତି ଯାହା ଅନେକ ପ୍ରାଥମିକ ସ୍କୁଲରେ ହୋଇଥାଏ । **ଠରକ୍ସଷକ୍ଟରଙ୍ଗରଭ** ଏହା ଫଳାଫଳକୁ ଏପରି ଭାବେ ଦର୍ଶାଇଛନ୍ତି ।

ଆମେ ଭାଷାବିଜ୍ଞାନ ମାପକକୁ ସମ୍ମାନ କରୁ ,ଏହା ଜଣାପଡିଛି ଯେ ପ୍ରଥମ ଭାଷାର ଶକ୍ତ ମୂଳଦୁଆ ପ୍ରଥମ ଭାଷା ଶିକ୍ଷାରେ ଉତ୍ତମ ଫଳ ଦେଇଥାଏ ଏବଂ ଯାହା ଦ୍ୱିତୀୟ ଭାଷା ଶିକ୍ଷା କ୍ଷେତ୍ରରେ ସାମୟିକ ଭାବେ ଉତ୍ତମ ଫଳାଫଳ ଦେଇଥାଏ ।ଅଧିକ କିନ୍ତୁ ଏହି ସାମୟିକ ନିୟମ ଉଭୟ ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷାକୁ ବିକାଶ କରାଇବାରେ ସାକାରାତ୍ମକ ଫଳାଫଳ

ଦେଇଥାଏ। ଶେଷରେ ପରସ୍ପର ନିର୍ଭରଶୀଳ ମଧ୍ୟ ଏକ ସାକାରାତ୍ମକ ଉଦାହରଣ। ଦ୍ୱିଭାଷା ଶିକ୍ଷା ବିକାଶର ଅଧ୍ୟୟନରୁ ଏହା ଜଣାଯାଇଛି ଯେ ଗୋଟିଏ ଭାଷାର ଶିକ୍ଷାଗତ ଦକ୍ଷତାର ବିକାଶ ଅନ୍ୟ ଏକ ଭାଷାର ଶିକ୍ଷାଗତ ଦକ୍ଷତାର ବୃଦ୍ଧିରେ ସାହାଯ୍ୟ କରିଥାଏ। ସମାଜବିଜ୍ଞାନ ପରିସ୍ଥିତି ଉପରେ ନିର୍ଭର କରି ପାଞ୍ଚ ପ୍ରକାର ପ୍ରସାରଣ ସମ୍ଭବ।

୧. ଧାରଣାଗତ ଉପାଦାନର ପ୍ରସାରର

୨. ଅଧିବୌଦ୍ଧିକ ଓ ଅଧିଭାଷା ବିଜ୍ଞାନର ପ୍ରସାରର

୩. ଭାଷାର ସମାଜ-ବ୍ୟବହାରିକ ବିଜ୍ଞାନ ଦିଗର ପ୍ରସାରଣ

୪. ସ୍ୱତନ୍ତ୍ର ଭାଷାବିଜ୍ଞାନ ଉପାଦାନର ପ୍ରସାରଣ

୫. ଧ୍ୱନିଗତ ସଚେତନତାର ପ୍ରସାରଣ-ଜ୍ଞାନ ଯାହା ଧ୍ୱନିର ସମାହାରରେ ଶବ୍ଦ ଗଢ଼ିପାରିବ।

ବେଳେବେଳେ ପ୍ରଶ୍ନ ଉଠିଥାଏ ଯେ ଆମେ ବ୍ୟକ୍ତିର ଉପସ୍ଥିତି ଓ ବ୍ୟକ୍ତିତ୍ୱ ର ବୈଶିଷ୍ଟର ପ୍ରସାରଣ ବିଷୟରେ କହୁଛୁକି ବାସ୍ତବରେ ଏହି ଦିଗ ଗୁଡିକ ଭିନ୍ନ ନୁହନ୍ତି। ଏହି ଉପସ୍ଥିତି ବୈଶିଷ୍ଟ ଗୁଡିକ ଭାଷା ଭାଷା ଭିତର ସ୍ଥାନାନ୍ତରକୁ ସମ୍ଭବ କରିଥାଏ। ବୌଶିଷ୍ଟ୍ୟ ଗୁଡିକ ଅନୁଭୂତିରୁ ବିକାଶ ହୋଇଥାଏ। ଅନ୍ୟ ଶବ୍ଦରେସେଗୁଡିକ ଶିଖାଯାଏ। ଥରେ ସେଗୁଡିକ ବ୍ୟକ୍ତିର ବୌଦ୍ଧିକ ସ୍ତରରେ ସ୍ଥାନ ପାଇଗଲେ। ସେଗୁଡିକ ଭାଷା ଭାଷା ଭିତର ସ୍ଥାନାନ୍ତରରେ ସଫଳତା ସହ କାର୍ଯ୍ୟ କରିଥାଏ ( ଭାଷା **ଢ**ରୁ ଭାଷା **ଣ** ଏବଂ ଭାଷା **ଣ** ରୁ ଭାଷା **ଢ** ) ସମାଜ- ଭାଷାବିଜ୍ଞାନ ଏବଂ ଶିକ୍ଷାଗତ ସ୍ଥିତି ଯଦି ଅନୁକୂଳ କିମ୍ବା ସହାୟକ ଏହିପ୍ରକାର ସ୍ଥାନାନ୍ତର ପାଇଁ।

## <u>କାର୍ଯ୍ୟରେ ଅଗ୍ରଗତି</u>

ଗୋଟିଏ ଗବେଷଣା ଅଧ୍ୟୟନ ରୁ ଉଦାହରଣ **ଙ୍ଝକ୍ସକ୍ଟଭସ୍କ** ରେ ଉଦାହରଣ ଦେଖାଯାଇଛି। ଶିକ୍ଷାଦାନର ସମ୍ଭାବ୍ୟ ଯେ ଶିକ୍ଷା ପାଇଁ ଦ୍ୱିଭାଷୀ ପିଲାର ପ୍ରଥମ ଭାଷା ଓ ପୂର୍ବଜ୍ଞାନ କୁସମାହାରକରିବା ଗୋଟିଏ ବଳିଷ୍ଠ ସାଧନ ହୋଇପାରେ। ପାକିସ୍ଥାନରୁ ଅନେକ ମାସ ପରେ କାନାଡାକୁ ଆସିଥିବା ସପ୍ତମ ଶ୍ରେଣୀ ଛାତ୍ରୀ ମାଧିହା ବାଦଜ୍ଞା ତାର ଦୁଇ ଜଣ ସାଥି କାନ୍ତା ଖାଏଦ୍ ଏବଂ ସଲମାନା ହାଜିଦ୍ ମିଶି ଗୋଟିଏ ଉର୍ଦ୍ଧ୍ୱ -ଇଂରାଜୀ ଦ୍ୱିଭାଷୀ ପୁସ୍ତକ ଯାହାର ନାମ 'ଗୋଟିଏ ନୂଆ ଦେଶ' ଲେଖିପାରିଥିଲେ। କୋଡିଏ ପୃଷ୍ଠାର ବହିରେ 'କେତେ କଷ୍ଟ ନିଜ ଦେଶ ଛାଡିବା ଏବଂ ଏକ ନୂଆ ଦେଶକୁ ଆସିବା' ଉଭୟ କାନ୍ତା ଏବଂ ସଲମାନା ଝରାଣ୍ଟୋକୁ ଚତୁର୍ଥ ଶ୍ରେଣୀ ବେଳକୁ ଆସିଥିଲେ ତେଣୁ ଇଂରାଜୀରେ ଭଲ ଦକ୍ଷତା ହାସଲ କରିଥିଲେ କିନ୍ତୁ ମାଧିହା ଇଂରାଜୀ ଶିକ୍ଷାର ପ୍ରାଥମିକ ସ୍ତରରେର ଥିଲା।

ଏହି ତିନିଜଣ ଝିଅ ଏକା ସହ ମିଶି ଲେଖିଛନ୍ତି ' ଗୋଟିଏ ନୂଆ ଦେଶ' ଯେତେବେଳେ ସେମାନେ ସପ୍ତମ/ ଅଷ୍ଟମ ଶ୍ରେଣୀରେ ଥିଲେ । ସେହି ସ୍ଥିତିରେ ଏହାର ବିଷୟ ବସ୍ତୁ ଥିଲା ଦେଶାନ୍ତରରେ ସମାଜ ବିଜ୍ଞାନ, ଭାଷା ଓ ଅନ୍ୟାନ୍ୟ ପାଠ୍ୟକ୍ରମ କିପରି ଏକାଠି ହୋଇଥାଏ । ସେମାନେ ଗବେଷଣା କରି ଗୋଟିଏ ଗପ ଲେଖିଲେ କିଛି ସପ୍ତାହ ପରେ , ସେମାନଙ୍କ ଅଭିଜ୍ଞତା ଓ ଭାଷା ଦକ୍ଷତାକୁ ନେଇ ମାଧିହାର ଇଂରାଜୀ ସାଧାରଣ ଧରଣର କିନ୍ତୁ ଉର୍ଦ୍ଧୁରେ ସେ ଦକ୍ଷ , ସାଲମାନା ଓ କାନ୍ତା ଉଭୟ ଇଂରାଜୀ ଓ ଉର୍ଦ୍ଧୁ ଶିକ୍ଷାରେ ଦକ୍ଷ ଥିଲେ। ଏହି ଗଳ୍ପ ଲେଖିଲା ବେଳେ ଏହି ତିନି ଝିଅ ପ୍ରାଥମିକ ସ୍ତରରେ ସେମାନଙ୍କ ଭାବନାକୁ ଉର୍ଦ୍ଧରେ ଆଲୋଚନା କଲେ କିନ୍ତୁ ପ୍ରାଥମିକ ଲେଖା ଇଂରାଜୀରେ ହୋଇଥିଲା ଯେଉଁଥିପାଇଁ ତାଙ୍କୁ ଶିକ୍ଷକଙ୍କ ଠାରୁ ସାହାର୍ଯ୍ୟ ମିଳିଥିଲା ଯେତେବେଳେ ଇଂରାଜୀର ପ୍ରାଥମିକ ଲେଖା ଶେଷ ହେଲା ,ସେମାନେ ଏହାକୁ ଉର୍ଦ୍ଧକୁ ସ୍ଥାନାନ୍ତର କଲେ ।

ଏକ 'ସାଧାରଣ' ଶ୍ରେଣୀ କକ୍ଷ , ସପ୍ତମ ଶ୍ରେଣୀର ସମାଜ ବିଜ୍ଞାନ ଶ୍ରେଣୀ କକ୍ଷରେ ମାଧିହାର ଦକ୍ଷତା ଖୁବ୍ ସୀମିତ ଥିଲା ଖୁବ୍ କମ୍ ଇଂରାଜୀ ଜ୍ଞାନ ଯୋଗୁଁ ନିଶ୍ଚିନ୍ତଭାବେ ସେ ତାର ଅନୁଭୂତି ,ଧାରଣା ଓ ଦୃଷ୍ଟି କୋଣକୁ ଇଂରାଜୀରେ ଠିକ୍ ଭାବେ ଲେଖିବା ସ୍ଥିତିରେ ନଥିଲା। ତେଣୁ ଯେତେବେଳେ ଶ୍ରେଣୀ କକ୍ଷର ସାମାଜିକ ଗଠନ ପରିବର୍ତ୍ତନ ହୋଇଗଲା ଯେଉଁଠି ତାର ପ୍ରଥମ ଭାଷାର ଶିକ୍ଷା ଓ ଧାରଣାକୁ ବ୍ୟବହାର ପାଇଁ ଅନୁମତି ମିଳିଲା । ସେତେବେଳେ ମାଧିହା ତା ନିଜ ଭାବନାକୁ ଦ୍ୱିତୀୟ ଭାଷା ଶିକ୍ଷା ଅନୁଭୂତିକୁ ବ୍ୟକ୍ତ କରିପାରିଲା । ତାର ଘରର ଭାଷା ଯାହା ଦେଶାନ୍ତର ପୂର୍ବରୁ ଥିଲା ,ତାହା ପୁଣି ଶିକ୍ଷାର ଅସ୍ତ୍ର ହେଲା । ସେ ତା ନିଜର ଅନୁଭୂତି ଓ ଧାରଣାକୁ ଗଳ୍ପରେ ଲେଖିଛି ଏବଂ କିପରି ଭାବେ ଶବ୍ଦକୁ ଅନୁବାଦକରାଯାଇପାରିବ ଏବଂ ଉର୍ଦ୍ଧୁରୁ ଇଂରାଜୀ ଏବଂ ଇଂରାଜୀରୁ ଉର୍ଦ୍ଧୁକୁ ଭାବାନ୍ତରକୁ ଅନୁବାଦକରାଯାଇପାରିବ ସେହି ଆଲୋଚନାରେ ସେ ଭାଗ ନେଇଥିଲା ,ଏବଂ ତାହାକୁ ଆଧାର କରି ତିନିଜଣ ସେହି ଗଳ୍ପଟି ଲେଖିଥିଲେ ଯାହା ସାରା ବିଶ୍ୱରେ ପ୍ରସାରିତ ହୋଇଥିଲା ବାସ୍ତବରେ ଶିକ୍ଷା ବ୍ୟବସ୍ଥା ଇଂରାଜୀରେ ହୋଇଥିଲା ଏବଂ ଶିକ୍ଷକ ଉର୍ଦ୍ଧୁ ଜାଣି ନଥିଲେ ,ତାର ଶ୍ରେଣୀ କକ୍ଷର ବହୁଭାଷିତାକୁ ଦ୍ୱିଭାଷୀ ଶିକ୍ଷାଦାନ ବ୍ୟବସ୍ଥାର ଉପାୟ ରୂପେ ମଧ୍ୟ ପ୍ରବର୍ତ୍ତନ କରାଯାଇ ନଥିଲା ।

ପ୍ରଭାବୀ ,ବୌଦ୍ଧିକ ଓ ଭାଷାବିଜ୍ଞାନ ପ୍ରକୀୟାକୁ ଏକାଠି କରି ଦ୍ୱିଭାଷା ପୁସ୍ତକ ସୃଷ୍ଟି ପ୍ରତିଫଳିତ କରେ 'ପରିଚୟ ପୁସ୍ତକ'

ଯାହାକୁ ପିଲାର ଦ୍ୱିଭାଷୀ ଲେଖାରେ ବ୍ୟବହାର କରିଥାଉ । ଏହି ଶବ୍ଦ ଛାତ୍ରର ସୃଜନ ଶକ୍ତି କିମ୍ବା କାର୍ଯ୍ୟକୁ ବ୍ୟାଖ୍ୟା କରିଛି ଯାହା ଶ୍ରେଣୀ କକ୍ଷ ଶିକ୍ଷକଙ୍କ ଶୌକ୍ଷିକ ସ୍ଥାନରେ ବ୍ୟବହୃତ ହୋଇଛି । ଛାତ୍ରର ପରିଚୟକୁ ଆଧାର କରି ଏହି ପାଠ୍ୟ ପୁସ୍ତକ ତିଆରି ହୋଇଛି ଯାହା ଲିଖିତ ,କଥିତ , ଦୃଶ୍ୟ , ନାଟକ ଇତ୍ୟାଦି ବିଭିନ୍ନ ଧାରାରେ ପ୍ରବର୍ତ୍ତିତ ହୋଇପାରିବ । ଏହି ପରିଚୟ ପୁସ୍ତକ ଛାତ୍ରର ଦର୍ପଣ ସ୍ୱରୂପ ଯେତେବେଳେ ଛାତ୍ର ପରିଚୟ ପୁସ୍ତକକୁ ଅଧିକ ଦର୍ଶକଙ୍କ ଭିତରେ ବାଣ୍ଟିଦେଇଥାନ୍ତି ସେଥିରୁ ସେମାନେ ସାକାରାତ୍ମକ ଧାରଣା ଏବଂ ସହାୟ ପାଇଥାନ୍ତି ।ଯଦିଓ ଏହା ଏକ ଜରୁରୀ ଉପାଦାନ ନୁହେଁ ଯାହା ଦ୍ୱାରା ପରିଚୟ ପ୍ରକ୍ରୀୟାର ବୃଦ୍ଧି ହୋଇପାରିବ । ଏହି ପ୍ରକାର ପୁସ୍ତକ ପାଇଁ ସୁବିଧା ମିଳିଲେ ତାହା ଅଧିକ ପ୍ରଭାବଶାଳୀ ହୋଇପାରିବ ।

ଦ୍ୱିଭାଷୀ ପରିଚୟ ପୁସ୍ତକ ସୃଷ୍ଟିରେ ଅନୁବାଦଗୋଟିଏ ଅବିଚ୍ଛେଦ୍ୟ ଅଶଂ ଶିକ୍ଷାଦାନ ବ୍ୟବସ୍ଥାରେ ସକ୍ରୀୟ ଭାବେ ଯୋଗଦାନ କରିବା ପାଇଁ ଶିକ୍ଷା ଛାତ୍ର ମାନଙ୍କ କ୍ଷେତ୍ରରେ ଅନୁବାଦମହତ୍ୱପୂର୍ଣ୍ଣ ଭୂମିକା ଦେଇଥାଏ । ଯେଉଁ ଛାତ୍ର ମାନେ ଦ୍ୱିଭାଷା ପରିଚୟ ପୁସ୍ତକ ସୃଷ୍ଟିରେ ନିଯୁକ୍ତି ସେମାନଙ୍କୁ ପଚରାଯାଏ ଯେ ସେମାନେ ଶ୍ରେଣୀ କକ୍ଷରେ ସେମାନଙ୍କ ପ୍ରଥମ ଭାଷା ବ୍ୟବହାର କରି କିପରି ଅନୁଭବ କରୁଛନ୍ତି ଏବଂ ପ୍ରଥମ ଭାଷାକୁ ନେଇ ଯାହା ଅନୁଭବ କରନ୍ତି ତାହାକୁ ଇଂରାଜୀରେ ଲେଖିବେ ଏବଂ ପଢ଼ିବେ ।ଏହି ଲେଖା ପ୍ରତିଫଳିତ କରିଥାଏ ନୁଆ ଛାତ୍ରର ଦୃଷ୍ଟି ଯେଉଁଠି ତାର ପୂର୍ବଜ୍ଞାନ ଓ ଭାଷା ଭାଷା ଭିତର ଭାଷା ଜ୍ୟାନର ସ୍ଥାନାନ୍ତର ଦ୍ୱିତୀୟ ଭାଷା ଶିକ୍ଷାରେ କିପରି ପଡିଛି ।

ମୋତେ ଯେତେବେଳେ ଇଂରାଜୀ ବୁଝିବା ପାଇଁ କି ବୁକ୍ ବ୍ୟବହାର ପାଇଁ ଅନୁମତି ଦିଆଗଲା ସେତେବେଳେ ମୁଁ ହିବ୍ରୁବ୍ ରେ ଭାବିଲି ଏବଂ ଇଂରାଜୀରେ ଲେଖିଛି । ଯଦି ମୁଁ ଇଂରାଜୀରେ ପଢ଼େ ,ତେବେ ହିବ୍ରୁର୍ ରେ ଭାବେ ଏବଂ ଉତ୍ତମ ରୂପେ ବୁଝିପାରେ ।

ଯେତେବେଳେ ଶ୍ରେଣୀରେ ମୋତେ ପ୍ରଥମ ଭାଷା ବ୍ୟବହାର ପାଇଁ ଅନୁମତି ମିଳେ କାରଣ ମୁଁ ଯେତେବେଳେ ଉର୍ଦ୍ଦୁ ଲେଖେ ସେତେବେଳେ ମୁଁ ଉର୍ଦ୍ଦୁ ଶବ୍ଦକୁ ଦେଖେ ଏବଂ ଇଂରାଜୀ ମୋ ମନକୁ ଆସେ । ତେଣୁ ତାହା ମୋତେ ଅଧିକ ସାହାଯ୍ୟ କରେ । ଯେତେବେଳେ ମୁଁ ଇଂରାଜୀ ରେ ଲେଖେ ଉର୍ଦ୍ଦୁ ମୋ ମନକୁ ଆସେ  ଯେତେବେଳେ ମୁଁ ଇଂରାଜୀରେ ପଢ଼େ ମୁଁ ଏହାକୁ ଉର୍ଦ୍ଦୁରେ କହିବା ମନକୁ ଆସେ ।ଯେତେବେଳେ ମୁଁ ଉର୍ଦ୍ଦୁରେ ପଢ଼େ ସେତେବେଳେ ମୁଁ ସହଜ ଅନୁଭବ କରେ କାରଣ ଏହାକୁ ମୁଁ ବୁଝିପାରେ ।

ଇଂରାଜୀର ସୀମିତତା ସତ୍ୱେ ,ନୂଆ ପିଲାମାନେ ଯାହା ସେମାନଙ୍କ ସହିତ ହୁଏ , ଇଂରାଜୀ ପଢାକୁ ସେମାନେ କେତେ ହଜମ କରିପାରିଛନ୍ତି ସମସ୍ତ କୁ ବ୍ୟାଖ୍ୟା କରିପାରନ୍ତି ସେମାନଙ୍କ ଉପରେ ପ୍ରକୃତରେ ତାହା ଦର୍ଶାଇଥାଏ ଯାହା ଭାଷା ଭାଷା ପରସ୍ପର ନିର୍ଭରଶୀଳତାର ଗବେଷଣାରୁ ମିଳିଥାଏ । ସେଥିରେ ଭାଷା ଭାଷା ଭିତର ଧାରଣା ଓ କୌଶଳର ସ୍ଥାନାନ୍ତରକୁ ଦର୍ଶାଯାଇଥାଏ ଏବଂ ବାଧତାମୂଳକ ଭାବେ ପ୍ରଶ୍ନ କରାଯାଏ ଏକଭାଷୀ ଶିକ୍ଷାଦାନ ବ୍ୟବସ୍ଥାକୁ ବ୍ୟାପକ କରିବାକୁ ଯାହାକୁ ଛାତ୍ରମାନେ ଅସ୍ୱିକାର କରନ୍ତି କାରଣ ପ୍ରଥମ ଭାଷା ସେମାନଙ୍କ ଶିକ୍ଷାର ଏକ ସାଧନ ରୂପେ କାଯ୍ୟକରିଥାଏ ।

# ଦେଶରେ ଶହ ଶହ ଗୃହ ଭାଷା ଏବଂ ଅନେକ ଶ୍ରେଣୀ କକ୍ଷରେ ; ଭାରତର ପ୍ରାଥମିକ ଶିକ୍ଷାରେ ବିବିଧତା

**Dhir Jhingran**

ଭାଷା କେବଳ ଯୋଗା ଯୋଗର ମାଧ୍ୟମ ନୁହେଁ । ଭାଷା ସହ ଚିନ୍ତା ଓ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ । ଯେତେବେଳେ ପିଲାମାନଙ୍କୁ ଭାଷା ମାଧ୍ୟମରେ ଶିଖିବା ପାଇଁ ବାଧ୍ୟକରାଯାଏ, ସେମାନେ ପ୍ରଥମିକ ସ୍ତରରେ ସପୂର୍ଣ୍ଣ ବୁଝିବା ପାଇଁ ସକ୍ଷମ ହୋଇନଥାନ୍ତି । ତେଣୁ ଶିକ୍ଷା ପ୍ରକ୍ରୀୟାରେ ସେମାନେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ଯାହା ଫଳରେ ସେମାନଙ୍କର ବୌଦ୍ଧିକ ବିକାଶ, ଆତ୍ମ ବିଶ୍ୱାସ ଓ ଆତ୍ମସମ୍ମାନ ଉପରେ କୁପ୍ରଭାବ ପକାଇଥାଏ ।ଏହା ମୁଖ୍ୟତଃ ସାମାଜିକ ଓ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ କାରଣ ସ୍କୁଲ ଭାଷା ସହିତ ସେମାନଙ୍କର ବାହାରେ ପରିଚିତ ନଥାଏ ।ଏହା ପୁଣି ବିରକ୍ତିକର ହୋଇଥାଏ ଯେତେବେଳେ ପିଲାର ଭାଷା, ସଂସ୍କୃତି କୁ ସପୂର୍ଣ୍ଣ ରୂପେ ଶ୍ରେଣୀ କକ୍ଷରୁ ବାହାର ରଖାଯାଏ ।

ଭାରତରେ ତାର ଶିକ୍ଷା ପଦ୍ଧତି ଜଟିଳ ସଂସ୍କୃତିକ ପରିବେଶ ଏବଂ ଭାଷା ବିବିଧତାକୁ ଗ୍ରହଣ କରିପାରେ ନାହିଁ ।ଶିକ୍ଷାରେ ଭାଷା ନୀତି କିଛି ସମାଧାନ ଦେଇଛି ଯାହା ପ୍ରଭାବଶାଳୀ ପ୍ରମାଣିତ ହୋଇନାହିଁ ଏହି ଅଧ୍ୟାୟରେ କିଛି ବିଷୟରେ ନିମ୍ନରେ ଆଲୋଚନା କରାଯିବ । (କ) ଦେଶର ଭାଷାବିବିଧତା ପରିସ୍ଥିତିରେ ପ୍ରଥମିକ ଶିକ୍ଷା ପ୍ରକୃତି କିପରି ହେବା ଉଚିତ୍ (ଖ) ପିଲାର ଶିକ୍ଷାର ଫଳାଫଳର ପ୍ରଭାବ (ଗ)ଶିକ୍ଷାରେ ଭାଷା ସୂଚୀ ରେ ନୀତି କଣ ଏବଂ କାର୍ଯ୍ୟକାରୀ ପଦ୍ଧତି କଣ (ଘ)କେଉଁ ସମସ୍ୟା ଗୁଡିକ ପ୍ରାଥମିକତା ଦେଇ ଆଲୋଚନା କରାଯିବା ଆବଶ୍ୟକ ।

**ଭାରତରେ ଭାଷା ବିବିଧତା**

ପୃଥିବୀର ବିଭିନ୍ନ ଅଂଶର ଅନ୍ୟାନ୍ୟ ଅନେକ ଭାରତ ମଧ୍ୟ ବହୁଭାଷା ଓ ବହୁ ସଂସ୍କୃତିର ଦେଶ ଭାରତର ଭାଷା ପରିସ୍ଥିତି ହେଉଛି ମୋଜେସ୍ଙ୍କ କଥନ ଶୈଳୀ ଯାହା ବିଭ୍ରାନ୍ତିକର ଯାହା ବହୁଭାଷା ନାମରେ ଏକାଠି ମିଶିଯିବା ପରି । ସ୍ଥାନ ସ୍ଥାନ ଭିତର ବିଭେଦଥାଇ ବିଭିନ୍ନ ପ୍ରକାର କଥନ ପ୍ରକାର ଯାହା ଦେଖାଯାଏ ତାହାକୁ ଭାଷାର ଆଖ୍ୟା ଦେବା ନିହାତି କଷ୍ଟକର । ଏଠି କିଛି ଯୁକ୍ତି କରାଯାଏ ଯେ ଭାଷା ଗୁଡିକୁ ଭାଷା କୁହାଯାଏ ଏବଂ ଏହା ବିଭିନ୍ନ ପ୍ରକାରକୁ କାହିଁକି ଉପଭାଷା କୁହାଯିବ । ପ୍ରମୁଖ ସଂଖ୍ୟକ ଲୋକ ଏଠି ବହୁଭାଷୀ -ଯଦିଓ ସେମାନଙ୍କ ଅନ୍ୟାନ୍ୟ ଭାଷା ଜ୍ଞାନ ସୀମିତ, ଜୀବନର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ଭାଷାର ବ୍ୟବହାର ହୋଇଥାଏ । କିଛି ଯୋଗାଯୋଗ ଭାଷା ଅଛି ଯାହା ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଯୋଗାଯୋଗ ପାଇଁ ବ୍ୟବହୃତ ହୋଇଥାଏ, ଯାହା ଅନ୍ୟ ଭାଷାରୁ ଉତ୍ପନ୍ନ ହୋଇଥାଏ ସଦାବେଳେ ଭାଷା ପରିବୃତି ଦେଶର ବିଭିନ୍ନ ସ୍ଥାନରେ ଲାଗି ରହିଥାଏ । ଭାଷା ସମୀଭବନ ହେଉଥିବା ଯୋଗୁଁ ସମରୂପତା ଦେଖିବାକୁ ମିଳୁଛି ମୁଖ୍ୟତଃ ବିଭିନ୍ନ ଆଦିବାସୀ ସ୍ଥାନରେ ବିଭିନ୍ନ ସମ୍ପ୍ରଦାୟ ଭିତର ଅନେକ ଦ୍ୱିଭାଷିତ ପ୍ରଥା ଚାଲିଆସୁଛି । ଉଦାହରଣ ଆଦିବାସୀ ପିତାମାତା ଆଞ୍ଚଳିକ ଭାଷା ପିଲାମାନଙ୍କ ସହ କଥା ହେଲାବେଳେ ପ୍ରୟୋଗ କରନ୍ତି ଏବଂ ନିଜ ଘରେ ଅନ୍ୟାନ୍ୟ ବୟସ୍କ ଲୋକଙ୍କ ସହ କଥା ହେଲାବେଳେ ନିଜ ଭାଷାର ବ୍ୟବହାର କରନ୍ତି । ଦକ୍ଷିଣ ଏସିଆର ବିଭିନ୍ନ ବିଭିନ୍ନ ଦେଶ ପରି ,ବ୍ୟବହୃତ ଭାଷାର ପ୍ରକାର ଜଟିଳ ଏବଂ ବୁଝିବା କଷ୍ଟକର ଏବଂ ଏହି କଥନ ପ୍ରକାରକୁ ସାଇତି ରଖିବାର ଚେଷ୍ଟା ଗୋଟିଏ କଠିନ ବ୍ୟାପାର । ଜାତୀୟ ଦଶନ୍ଧି ଜନଗଣନା ବିଭିନ୍ନ ମାତୃଭାଷା ବକ୍ତାଙ୍କୁ ଗଣନା କରିବା ଚେଷ୍ଟା କରିଥାଏ । ୨୦୦୧ ର ଜନ ଗଣନା ରେ ୧୯୫୨ ଟି ମାତୃଭାଷାକୁ ଚିହ୍ନଟ କରାଯାଇଛି ।ଏହି ମାତୃଭାଷା ଗୁଡିକୁ ପରବର୍ତ୍ତୀ ପର୍ଯ୍ୟାୟରେ ଭାଷା ରୂପରେ ସ୍ୱୀକାର କରାଯାଇଛି ।୨୦୦୧ ର ଜନ ଗଣନା ରେ ଏହି ୧୯୫୨ ମାତୃଭାଷାକୁ ୧୨୨ଟି ଭାଷା ଦଳରେ ବିଭକ୍ତ କରାଯାଇଛି ।ଏହା ଗୋଟିଏ କୃତିମ ପ୍ରୟାସ ଏବଂ ମାତୃଭାଷା ଗୁଡିକୁ ଗୋଟିଏ ଭାଷା ଦଳରେ ସାମିଲ କରାଯିବ । ପରସ୍ପର ଠାରୁ ଭିନ୍ନ । ଉଦାହରଣ ସ୍ୱରୂପ, ମାତୃଭାଷା ସାଦ୍ରି, ଲାମଡି ଏବଂ ଛତିଶ ଗଡିକୁ ହିନ୍ଦୀ ଭାଷା ଅଧିନରେ ରଖାଯାଇଛି ।ଏହି ଭାଷାର ବକ୍ତା ମାନଙ୍କ ମଧ୍ୟରେ ଖୁବ୍ କମ୍ ସାମ୍ୟ ରହିଛି ଏବଂ ସେମାନଙ୍କ ପାଇଁ ମାନକ ହିନ୍ଦୀ ବୁଝିବା ସହଜ ବ୍ୟାପାର ନୁହେଁ ।ସେହିପରି ଅନୁସୂଚିତ ଓ ଅଣ ସୂଚିତ ଭାଷା ଗୁଡିକୁ ବିଭାଗୀକରଣ ପାଇଁ ବିଭିନ୍ନ ଅବ୍ୟୁତ୍ପତ୍ତିକ ଭାଷିକ ପନ୍ଥା ଅବଲମ୍ବନ କରାଯାଉଛି ।୨୦୦୩ ରେ ୪ଟି ଭାଷାକୁ ଅନୁସୂଚିତ ତାଲିକାରେ ଯୋଡାଯାଇ, ବର୍ତ୍ତମାନ ମୋଟ ଅନୁସୂଚିତ ଭାଷା ସଂଖ୍ୟା ହେଲା ୨୨ । ଡୋଗରି ,କୋଡ ଏବଂ ସାନ୍ଥାଳୀ କୁ ପ୍ରଥମେ ଅଣ ଅନୁ ସୂଚିତ ଭାଷା ତାଲିକାରେ ରଖାଯାଇଥିଲା ଏବଂ ମୈଥଳୀ ମାତୃଭାଷା କୁ ହିନ୍ଦୀ ଭାଷା ଅଧିନରେ ରଖାଯାଇଥିଲା ।

୨୦୦୧ ଜନ ଗଣନା ଅନୁସାରେ ୫୭ ଟି ଭାଷାରେ ଗୋଟିଏ କୋଟିରୁ ବି ଅଧିକ ବକ୍ତା ଅଛନ୍ତି, ସେଥିରୁ ହିନ୍ଦୀ ଭାଷା ଅଧିନରେ ୨୩ ଟି ମାତୃଭାଷାକୁ ଯୋଡା ଯାଇଛି ।ହିନ୍ଦୀ ତା ଅଧିନରେ ଥିବା ଅନ୍ୟାନ୍ୟ ମାତୃଭାଷା ସହିତ ହେଉଛି ସର୍ବ ବୃହତ ଦଳ ଯାହାର ବକ୍ତା ସଂଖ୍ୟା ୪୨୨ କୋଟି ,ଏହି ତାମିଲ ମାତୃଭାଷା ଗୁଡିକ ଅନୁସୂଚିତ ଏବଂ ଅଣ ଅନୁସୂଚିତ ଭାଷା ମଧରେ ରହିଛନ୍ତି ।ଏହା କେବଳ କୁହାଯାଇଛି ଯେ ଭାରତ ତିନି ଭାଗରୁ ଗୋଟିଏ ଭାଗ ଜିଲ୍ଲା ଗୁଡିକ ଭାଷାଗତ ବିବିଧତାରେ ଭରପୁର । ତାହା ହେଉଛି ୨୦ ପ୍ରତିଶତରୁ ଅଧିକ ଲୋକ କହୁଥିବା ଭାଷା ଜିଲ୍ଲାର ପ୍ରମୁଖ ଭାଷା ନୁହେଁ ।ସେଠାରେ ଉଚ୍ଚତର ଭାଷାବିବିଧତା ରହିଛି ଏମିତିକି ଗୋଟିଏ ମହକୁମାରେ ଯେଉଁଠି ୧୦୦-୨୦୦ ଗାଁ ରହିଛି ଏବଂ ସେହି ସଂଖ୍ୟାର ପ୍ରାଥମିକ ସ୍କୁଲ ମଧ ରହିଛି ।

ତେଣୁ ଭାଷା ସ୍ଥିତି ନିହାତି ଜଟିଳ । ଗୋଟିଏ ନିର୍ଦ୍ଦିଷ୍ଟ ଭୌଗଳିକ ପରିବେଶ ଭିତରେ ବିଭିନ୍ନ ପ୍ରକାର ଭାଷା ସହ ଯୋଗାଯୋଗ ଭାଷା ମଧ କୁହାଯାଉଛି । ଜନ ଗଣନା ଯୁବ ଗୋଷ୍ଠୀଙ୍କ ଭାଷା ଦକ୍ଷତାର କୌଣସି ସୂଚନା ଦେଉନାହିଁ ।ସ୍କୁଲର ଭାଷା ସ୍ଥିତିକୁ ବୁଝିବାକୁ ହେଲେ ମୁଖ୍ୟତଃ ପ୍ରାଥମିକ ସ୍କୁଲର ସମାଜ -ଭାଷା ବିଜ୍ଞାନ ସର୍ବେକ୍ଷଣ କରାଯାଇପିଲାଙ୍କର ଭାଷା ଦକ୍ଷତା ଓ ଭାଷା ପ୍ରତି ମନୋଭାବକୁ ଲିପିବଦ୍ଧ କରାଯିବା ଉଚିତ୍ ।ଏମିତି ଖୁବ୍ କମ୍ ସମାଜ -ଭାଷା ବିଜ୍ଞାନ ସର୍ବେକ୍ଷଣ ହେଉଛି ଯେଉଁଥିରେ ପିଲାଙ୍କୁ କେନ୍ଦ୍ରବିନ୍ଦୁ କରାଯାଉଛି ।ଆମେ ସାଧାରଣତଃ ଆମେ ସିଦ୍ଧାନ୍ତରେ ପହଞ୍ଚୁ ଯେ ଭାରତରେ ବୟସ୍କ ଲୋକଙ୍କ ପରି ପିଲାମାନେ ବି ବହୁଭାଷୀ ,ଯେଉଁମାନେ ଟିକେ ବଡ ହୋଇଥାନ୍ତି ,ସେମାନଙ୍କ କ୍ଷେତ୍ରରେ ଏହା ସତ ହୋଇପାରେ ,କିନ୍ତୁ ପ୍ରତିଟି ପିଲାଙ୍କ କ୍ଷେତ୍ରରେ ଏହା ସତ ହୋଇ ନପାରେ ।ମୁଖ୍ୟତଃ ସେହିମାନେ ଯେଉଁମାନେ ଦେଶର ଦୂରଦୂର ସ୍ଥାନରେ ରହୁଛନ୍ତି ।

## ଶ୍ରେଣୀ କକ୍ଷର ବିବିଧ ଭାଷା ପରିସ୍ଥିତି

ସ୍କୁଲରେ ବ୍ୟବହୃତ ଭାଷାର ବିବିଧ ପରିସ୍ଥିତି ପାଇଁ ଶ୍ରେଣୀ କକ୍ଷରେ ପିଲାମାନେ ପାଠ୍ୟ କ୍ରମରେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି କିଛି ଜରୁରୀ ବିବିଧତା ଯାହା ପରିସ୍ଥିତିକୁ ବର୍ଣ୍ଣନା କରିବାରେ ସହାୟ ହେବ ।

(କ) ଦୂରଦୂରାନ୍ତ ସ୍ଥାନର ପ୍ରାଥମିକ ସ୍କୁଲରେ ପିଲାଙ୍କ ଭାଷା ପ୍ରଥମ ଭାଷା ଭାବେ ବ୍ୟବହୃତ ହେବା ଉଚିତ କାରଣ ସମସ୍ତ ପିଲା ଗୋଟିଏ ସ୍ଥାନୀୟ ଭାଷା କହିଥାନ୍ତି ।ତଥାପି ସାଧାରଣ ପରିସ୍ଥିତି ହେଉଛି ଗୋଟିଏ ଶ୍ରେଣୀ କକ୍ଷରେ ଏମିତି ପିଲା ଅଛନ୍ତି ଯେଉଁମାନେ ଦୁଇ ବା ତିନିଟିଭାଷା ଜାଣନ୍ତି ।

(ଖ) ସରକାରୀ ଶିକ୍ଷାଦାନର ମାଧମ: ଗୋଟିଏ ମାନକ ଭାବେ ଯାହାକୁ ଶିକ୍ଷାଦାନର ମାଧମ ଏବଂ ପାଠ୍ୟକ୍ରମର ଭାଷା ଭାବେ ଏବଂ ପାଠ୍ୟ ପୁସ୍ତକର ଭାଷା ଭାବେ ବ୍ୟବହୃତ ।

(ଗ) ଶିକ୍ଷା ମାଧମ ପାଇଁ ଭାଷା : ଏହି ହେଉଛି ସେଇ ଭାଷା ଯାହାକୁ ଶିକ୍ଷକ ସ୍କୁଲ ପାଠ୍ୟକ୍ରମକୁ ଆଗେଇ ଦେବା ପାଇଁ ବ୍ୟବହାର କରିଥାଏ ।ଏହା ନିମ୍ନ ପ୍ରକାର ହୋଇପାରେ ।

(ଘ) ଏକ ମାନକ ଭାଷା ସ୍ଥିତି ଯେଉଁଠି ପିଲାକୁ ତାର ପ୍ରଥମ ଭାଷା କହିବା ପାଇଁ ଅନୁମତି ଦିଆଯାଏ ନାହିଁ ।

(ଙ) ଶିକ୍ଷା ମାଧମ ଭାଷାକୁ ପାଠ୍ୟକ୍ରମରେ ବ୍ୟବହାର କରାଯାଏ ଏବଂ ପିଲାର ପ୍ରଥମ ଭାଷାକୁ କେବଳ କିଛି ଧାରଣାକୁ ସ୍ପଷ୍ଟ କରିବା ପାଇଁ ବ୍ୟବହାର କରାଯାଏ କିମ୍ବା ଜଟିଳ ତଥ୍ୟ କୁ ବୁଝାଇବା ପାଇଁ ଏହାର ବ୍ୟବହାର କରାଯାଏ ।

(ଚ) ଶିକ୍ଷକ ପଢାଇବା ସମୟରେ ସ୍ୱାଧିନ ଭାବେ ପିଲାର ପ୍ରଥମ ଭାଷାର ବ୍ୟବହାର କରିବେ ।ସାଧାରଣତଃ ଶିକ୍ଷକ ସେହି ସ୍ଥାନର ସାଧାରଣ ଯୋଗାଯୋଗ ଭାଷା ବ୍ୟବହାର କରନ୍ତି । ଯଦିଓ ଖୁବ୍ ଛୋଟ ପିଲା ଅର୍ଥାତ୍ ପ୍ରଥମ ଶ୍ରେଣୀର ପିଲା ଯେଉଁମାନେ ଏହି ଭାଷା ସହ ପରିଚିତ ହୋଇନଥାନ୍ତି ।

(ଛ) ଶିକ୍ଷକର ଭାଷା ପୃଷ୍ଠଭୂମି: ଶିକ୍ଷକର ପିଲାର ପ୍ରଥମ ଭାଷାରେ ଦକ୍ଷତା ଏବଂ ଶିକ୍ଷାର ମାଧମ ରୂପେ ବ୍ୟବହୃତ ଭାଷାର ଦକ୍ଷତା । ଯେଉଁ ପିଲାମାନେ ସ୍କୁଲ ପାଠ୍ୟକ୍ରମ ର ଭାଷା କହିପାରନ୍ତି ନାହିଁ ସେମାନଙ୍କ ପ୍ରତି ଶିକ୍ଷକଙ୍କ ମନୋଭାବ ଶିକ୍ଷା ପ୍ରକ୍ରୀୟାକୁ ପ୍ରଭାବିତ କରିଥାଏ ।

ଏହା ପ୍ରକୃତରେ ଭାରତରେ ଗୋଟିଏ ଜଟିଳ ଭାଷା ଓ ଶ୍ରେଣୀ କକ୍ଷ ପରିସ୍ଥିତି ।ଗୋଟିଏ ଭୌଗଳିକ ସ୍ଥାନ ଯେଉଁଠି ସ୍କୁଲ ବା ଶ୍ରେଣୀର ଭାଷା ପିଲାର ପ୍ରଥମ ଭାଷାଠାରୁ ଭିନ୍ନ ।ସେହି ସ୍ଥାନରେ ଯୋଗାଯୋଗ ପାଇଁ ଗୋଟିଏ ଭାଷା ବ୍ୟବହୃତ ହୁଏ କିନ୍ତୁ ଜରୁରୀ ହେଉଛି ସ୍କୁଲରେ ପ୍ରବେଶକୁ ଛୋଟ ପିଲା ସେହି ଯୋଗାଯୋଗ ଭାଷାକୁ କେଉଁ ପର୍ଯ୍ୟାୟ ପଯ୍ୟନ୍ତ ବୁଝିପାରେ ।

ଅନ୍ୟ ଗୋଟିଏ ଜରୁରୀ କଥା ହେଉଛି ପିଲା ସ୍କୁଲ ଭାଷାକୁ ବୁଝି ନ ପରିବା ଦ୍ୱାରା ପଢିବା ସମୟରେ କିପରି ଅସୁବିଧାର ସମ୍ମୁଖିନ ହୁଏ। ଘରୁ ମଧ ଆଞ୍ଚଳିକ ଭାଷାକୁ ଶିଖି ସେଥିରେ ଆଗକୁ ପଢିବା ପାଇଁ ପିଲାକୁ ପ୍ରଭାବିତ କରାଯାଇଥାଏ । ସବୁଠୁ ଖରାପ ସ୍ଥିତି ହେଉଛି ଯେଉଁଠି ଶିକ୍ଷକ ପିଲାର ଭାଷା ବୁଝିପାରେ ନାହିଁ, କହିପାରେ ନାହିଁ ଏବଂ ପିଲା ମଧ ସ୍କୁଲ ଭାଷାକୁ ବୁଝିପାରେ ନାହିଁ ଏବଂ ଶିକ୍ଷକ ସେମାନଙ୍କ ଭାଷା ଓ ସଂସ୍କୃତିକୁ ଶ୍ରେଣୀ କକ୍ଷରେ ବ୍ୟବହାର ନ କରି ତାକୁ ହୀନ ଦୃଷ୍ଟିରେ ଦେଖେ। ଯେଉଁଠି ଶ୍ରେଣୀର ସମସ୍ତ ପିଲାଙ୍କ ପ୍ରଥମ ଭାଷା ସମାନ ସେଠି ଏକ ଭାଷୀ ସ୍ଥିତି ଦେଖିବାକୁ ମିଳେ । କିନ୍ତୁ ଏହା ସାଧାରଣ ନୁହେଁ ଏହା କେବଳ ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳରେ ଦେଖିବାକୁ ମିଳେ। ଭିନ୍ନ ଭିନ୍ନ ପ୍ରଥମ ଭାଷାର ସମିଶ୍ରତା ହିଁ ସାଧାରଣତଃ ଦେଖିବାକୁ ମିଳିଥାଏ।

ସ୍କୁଲ ପଦ୍ଧତିର ଏହି ସ୍ଥିତିକୁ ସୁଧାରିବା ପାଇଁ କୌଣସି ସୁବିଧା ନାହିଁ ଏବଂ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ପ୍ରକ୍ରୀୟା ଏଇଯ୍ଧା ଭାବି ଚାଲିଥାଏ ଯେ ଶ୍ରେଣୀ କକ୍ଷ ହେଉଛି ଏକ ଭାଷୀ କିମ୍ବା ସମସ୍ତ ପିଲା ପାଠ୍ୟପୁସ୍ତକ ର ମାନକ ଭାଷାକୁ ବୁଛିପାରିବେ ଓ କହି ପାରିବେ ।

**ଶିକ୍ଷାଦାନ ର ମାଧମ ଭାବେ ବ୍ୟବହୃତ ଭାର୍ଷାଶିକ୍ଷାରେ ଅସୁବିଧା**

ଜନଗଣନା ରେ ଲିଖିତ ଥିବା ୧୨୨ଟି ଭାଷା ରୁ କେବଳ ୨୨ ଟି ହିଁ ଶିକ୍ଷାର ମାଧମ ଭାବେ ପ୍ରାଥମିକ ସ୍ତରରେ ବ୍ୟବହୃତ ହେଉଛି। ୨୦୦୧ର ଜନଗଣନା ଅନୁସାରେ ୧୦୦ଟି ତାଲିକା ଭୁକ୍ତ ଅଣଅନୁସୂଚିତ ଭାଷା ଭିତରୁ କେବଳ ୫ଟି ଭାଷା ମାତ୍ର ଶିକ୍ଷାର ମାଧମ ଭାବେ ବ୍ୟବହୃତ ହେଉଛି। ଭାରତର ଉତ୍ତର-ପୂର୍ବ ରାଜ୍ୟ ଗୁଡିକୁ ଛାଡିଦେଲେ ଅନ୍ୟ କେଉଁଠାରେ ଅଣ ଅନୁସୂଚିତ ଭାଷାକୁ ଶିକ୍ଷାର ମାଧମ ଭାବେ ବ୍ୟବହାର କରାଯାଉନାହିଁ।

ଭାରତର ତିନୋଟି ରାଜ୍ୟ ଯଥା ଜାମୁ ଏବଂ କାଶ୍ମିର, ନାଗାଲାଣ୍ଡ ଏବଂ ଅରୁଣାଞ୍ଚଳ ପ୍ରଦେଶ ରେ ଇଂରାଜୀକୁ ଶିକ୍ଷାର ମାଧମ ରୂପେ ପ୍ରଚଳନ କରାଯାଉଛି । ସହରର ଓ ଛୋଟ ଛୋଟ ସହରର ବହୁସଂଖ୍ୟକ ବେସରକାରୀ ସ୍କୁଲ ରେ ପ୍ରଥମ ଶ୍ରେଣୀରୁ ଇଂରାଜୀକୁ ଶିକ୍ଷାର ମାଧମ ଭାଷା ରୂପେ ପ୍ରଚଳନ କରାଯାଇଛି।

ତେଣୁ ବହୁସଂଖ୍ୟକ ପିଲା ଭାରତରେ ତାଙ୍କ ସ୍କୁଲ ଗୋଟିଏ ଅଜଣା ଭାଷାରୁ ଆରମ୍ଭ କରନ୍ତି। ସାଧାରଣତଃ ୨୫% ପିଲା ପ୍ରାଥମିକ ଶ୍ରେଣୀର ଆରମ୍ଭ କିଛି ମାସ ବା କିଛି ବର୍ଷ ଅନେକ ପ୍ରମୁଖ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି କାରଣ ସେମାନଙ୍କ ଘରର ଭାଷା ସ୍କୁଲ ଭାଷା ଠାରୁ ଅଲଗା। ନିମ୍ନ ବିଭାଗର ପିଲାମାନେ ପଢିବା ସମୟରେ ଅନେକ ସମସ୍ୟାର ସମ୍ମୁଖିନ ହୋଇଥାନ୍ତି କାରଣ ସେମାନଙ୍କ ଘର ଭାଷା ଓ ସ୍କୁଲର ମାଧମ ଭିତର କୌଣସି ମେଳ ନଥାଏ। (କ) ଆଦିବାସୀ ପିଲା, ଯେଉଁମାନେ ସେମାନଙ୍କ ସ୍ୱଦେଶୀ ଭାଷା ଘରେ କୁହନ୍ତି, ମୁଖ୍ୟତଃ ଯେଉଁମାନେ ଦୂରଦୂରାନ୍ତର ଆଦିବାସୀ ଅଧୁଷିତ ଅଞ୍ଚଳରେ ରହନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଆଦିବାସୀ ସମ୍ପ୍ରଦାୟ ଆଞ୍ଚଳିକ ମୁଖ୍ୟ ଭାଷାକୁ ଗ୍ରହଣ କରି ଗଲେଣି ଏବଂ ପୋଡଶୀ ବା ବଜାର ଭାଷାକୁ ଘରର ଭାଷା ଭାବେ ଗ୍ରହର କରି ନେଲେଣି ।ସେ ଯାହାହେଉ,ଏହି ଭାଷା ମଧ ସ୍କୁଲରେ ବ୍ୟବହୃତ ଭାଷା ଠାରୁ ବହୁତ ଅଲଗା। ୨୦୦୫-୨୦୦୭ର ସ୍କୁଲରୁ ନିଆଯାଇଥିବା ତଥ୍ୟ ଅନୁସାରେ ଏହା ଗଣନା କରାଯାଇଛି ଯେ ୧୯୫,୮୫୨ ପ୍ରାଥମିକ ସ୍କୁଲର୫୦% ଅଧିକ ପିଲା ଆଦିବାସୀ ୧୨୮,୮୭୩ ସ୍କୁଲରେ ୩୫% ରୁ ଅଧିକ ପିଲା ଆଦିବାସୀ ଏବଂ ୧୦୩,୩୩୨ ସ୍କୁଲ ୯୦% ରୁଅଧିକ ପିଲା ଆଦିବାସୀ ।ତେଣୁ ୧.୦୨ କୋଟି ସ୍କୁଲରେ ୧୦% ପ୍ରାଥମିକ ଶ୍ରେଣୀରେ ୯୦% ଆଦିବାସୀ ପ୍ରବେଶ କରିଥାନ୍ତି। ସ୍କୁଲ ପ୍ରବେଶର ସବୁଠୁ ଆଗ୍ରହକର ପ୍ରତିରୂପ ହେଉଛି ପ୍ରାଥମିକ ସ୍ତରରେ ସର୍ବମୋଟ ଆଦିବାସୀ ପିଲାଙ୍କ ଭିତରୁ ୮୫% ପ୍ରତିଶତ ପିଲା ସ୍କୁଲରେ ପ୍ରବେଶ କରନ୍ତି ଏବଂ ସ୍କୁଲ ପ୍ରବେଶ ଛାତ୍ରଙ୍କ ମଧରୁ ୫୦% ହେଉଛି ଆଦିବାସୀ ପିଲା ।ଏହାର ଅର୍ଥ ଯେ ପ୍ରାଥମିକ ସ୍କୁଲ କୁ ଖୋଜି ବାହାର କରିବା ସହଜ ଯେଉଁଠି ଅଧିକାଂଶ ପିଲା ଆଦିବାସୀ ,ତେଣୁ ସେମାନେ ଗୋଟିଏ ଅପରିଚିତ ଭାଷା ମାଧମରେ ପାଠ ପଢୁଛନ୍ତି।

(ଖ) ପିଲାମାନେ ଯେଉଁ ଭାଷା କହନ୍ତି ତାକୁ ଆଞ୍ଚଳିକ ଭାଷାର ଉପଭାଷା କୁହାଯାଏ ଏବଂ ସ୍କୁଲ ବ୍ୟବହୃତ ମାନକ ଭାଷାରେ ସେମାନଙ୍କର ବୋଧ ଶକ୍ତି ଖୁବ୍ କମ୍ ।ଏହି ଭାଷା ଗୁଡିକ ମଧରୁ ଅନେକ ଭାଷା ଆଞ୍ଚଳିକ ଭାଷାଠାରୁ ସଂପୂର୍ଣ୍ଣ ଅଲଗା ତେଣୁ ତାହାକୁ ଉପଭାଷା କୁହାଯାଇ ନ ପାରେ ।ବାସ୍ତବ କ୍ଷେତ୍ରରେ ସ୍କୁଲ ଭାଷା ଏଇ ପିଲାଙ୍କ ପାଇଁ ଦ୍ୱିତୀୟ ଭାଷା।

(ଗ) ଦେଶାନ୍ତ ପିଲାମାନେ, ଯେଉଁ ରାଜ୍ୟରେ ରହନ୍ତି ,ତାହାର ସରକାରୀ ଭାଷା ଭିନ୍ନ ଏବଂ ଯେଉଁମାନେ ଏହି ସୀମା ରାଜ୍ୟ ଗୁଡିକରେ ରହନ୍ତି ଯାହାର ଭାଷା ତାଙ୍କ ମାତୃଭାଷା ଠାରୁ ଭିନ୍ନ ଏବଂ ନିଜ ଭାଷାକୁ ପଢିବାର ସୁଯୋଗରୁ ବଞ୍ଚିତ। ବିଭିନ୍ନ ଋତୁ ସହ ଦେଶାନ୍ତରୀ ପରିବାର ଯିଏ ନିଜ ପିଲାଙ୍କ ସହ ବିଭିନ୍ନ ଜାଗା ବୁଲିଥାନ୍ତି ସେମାନେ ଅନେକ ସମସ୍ୟାର ସମ୍ମୁଖିନ ହୋଉଥାନ୍ତି ଏବଂ ସେମାନଙ୍କ ପାଇଁକାମ ଖୋଜିବା ଗୋଟିଏ କଷ୍ଟକର ବ୍ୟାପାର ହୋଉଯାଏ। ଏହିପରି ପରିବାର ମାନଙ୍କୁ ଖୋଜିବାହାର କରିବା

ଗୋଟିଏ କଠିନ କାମ ଏବଂ ଋତୁ ସହ ସ୍ଥାନ ପରିବର୍ତ୍ତନ କରୁଥିବା ଦେଶାନ୍ତରୀ ପରିବାରର ସଂଖ୍ୟା ମଧ ଅଧିକ । ତେଣୁ ସେହି ପିଲାମାନଙ୍କୁ ସେମାନେ ପଢୁଥିବା ଭାଷା ମାଧମରେ ଶିକ୍ଷାଦାନ ଦେବା ନିହାତି କଷ୍ଟ ଯେତେବେଳେ ସେମାନେ ତାଙ୍କ ଘର ଛାଡନ୍ତି ।

(ଘ)ପିଲା ଯାହାର ପ୍ରଥମଭାଷା ର ଲିଖିତ ରୂପେ ଅଛି ଏବଂ ଉତ୍ତମରୂପେ ବିକଶିତ କିନ୍ତୁ ଶିକ୍ଷାର ମାଧମ ଭାବେ ସ୍କୁଲରେ ବ୍ୟବହାର ହେଉ ନାହିଁ । ଏହା ଏକ ଭିନ୍ନ ସମସ୍ୟା ଯାହାର ଉଦାହରଣ ସିନ୍ଧି,ଉର୍ଦ୍ଧୁ, କାଶ୍ମୀରି,ଡୋଗରୀ ଇତ୍ୟାଦି ।

ଯେଉଁ ପିଲାମାନଙ୍କ ଭାଷା ଶିକ୍ଷାର ମାଧମ ଭାବେ ବ୍ୟବହୃତ ହେଉନାହିଁ ସେହି ପିଲାମାନେ ସେହି ଭାଷା କହି ପାରନ୍ତି ନାହିଁ କିମ୍ବା ବୁଝିପାରନ୍ତି ନାହିଁ ,ସେମାନଙ୍କ ଶିକ୍ଷା କ୍ଷେତ୍ରର ସମସ୍ୟାର ପ୍ରକାର ଓ ପ୍ରକୃତି ଗୁଡିକ ଭିନ୍ନ । ସେଗୁଡିକ ହେଲା ପିଲାର ସାମାଜିକ ଓ ଆର୍ଥିକ ସ୍ଥିତି, ପରିବାରର ସଦସ୍ୟଙ୍କ ସାକ୍ଷରତା ହାର, ସ୍କୁଲ ଭାଷା ଶିଖିବାର ଆଗ୍ରହ,ପ୍ରାଥମିକ ସ୍ତରରେ ଶିକ୍ଷା ପାଇଁ ପ୍ରଚଳିତ ଶିକ୍ଷା ପଦ୍ଧତି ଓ ପ୍ରଣାଳୀ ଏବଂ ପିଲାର ପ୍ରଥମ ଭାଷାରେ ଶିକ୍ଷକର ଦକ୍ଷତା ।

ଅଜଣା ଭାଷାକୁ ସ୍କୁଲରେ ବ୍ୟବହାର ସମସ୍ୟାକୁ ଛାଡି ଦେଲେ ,ଗୋଟିଏ ନିର୍ଦ୍ଦିଷ୍ଟ ମାନବଜାତି ଭାଷା ରୁ ଆସିଥିବା ପିଲାଙ୍କ ପ୍ରତି ତାଙ୍କ ଭାଷା ସଂସ୍କୃତି ପ୍ରତି ଶିକ୍ଷକର ମନବୃତି ମଧ ଏଥିରେ ଜଡିତ । ଏହା ମୁଖ୍ୟତଃ ଆଦିବାସୀ ପିଲାଙ୍କ ସ୍କୁଲରେ ଅଣ ଆଦିବାସୀ ଶିକ୍ଷକ ରହିବା ଦ୍ୱାରା ଏହି ସମସ୍ୟା ହୋଇଥାଏ ।

## ଏହା ଗୋଟିଏ ଉଚ୍ଚମାନର ଶିକ୍ଷା ଏବଂ ଶିକ୍ଷତା ସମସ୍ୟା

ଏହା ଅସ୍ୱୀକାର କରାଯାଇ ନ ପାରେ ଯେ ଯେତେବେଳେ ଛୋଟ ପିଲା ଗୋଟିଏ ଅଜଣା ଭାଷାକୁ ସ୍କୁଲରେ ସାମ୍ନାନ କରେ ସେ ଅନେକ ଅନେକ ମାନସିକ ଚାପ ର ସମ୍ମୁଖିନ ହୋଇଥାଏ ଏବଂ ସେମାନଙ୍କ ଆଞ୍ଚଳିକ ସଂସ୍କୃତି ଓ ପରମ୍ପରାର କୌଣସି ବିଷୟ ପାଠ୍ୟପୁସ୍ତକ କିମ୍ବା ପାଠପଢାରେ ନଥାଏ । କିନ୍ତୁ ଶିକ୍ଷା ପଦ୍ଧତି ଗୋଟିଏ ଭାଷା ବୁଝେ ତାହା ହେଉଛି ଉଚ୍ଚମାନର ଶିକ୍ଷା ଏବଂ ପିଲାର ଶିକ୍ଷାର ଫଳାଫଳ ।ତେଣୁ ଏହି ପିଲାମାନେ ସମ୍ମୁଖିନ ହେଉଥିବା ସମସ୍ୟା ଗୁଡିକୁ ପ୍ରଥମେ ଦୃଷ୍ଟି ଆକର୍ଷଣ କରିବା ଉଚିତ୍ ।ଏହି ସମୟରେ ଯେତେବେଳେ ସମସ୍ତେ କହୁଛନ୍ତି 'ଶିକ୍ଷା ସମସ୍ତଙ୍କ ପାଇଁ' ଯେଉଁଥିରେ ସ୍ପଷ୍ଟ ହୋଇଅଛି ଯେ ଶିକ୍ଷତା ସମସ୍ତଙ୍କ ପାଇଁ କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ଏହି ଶିକ୍ଷତା ସମସ୍ୟା ସାମାନ୍ୟ ହୋଇପଡିଛି ।ଆମ ବ୍ୟବସ୍ଥା ସେହି ପିଲାମାନଙ୍କୁ ଶିଖିବାର ସମାନ ଅଧିକାର ଯୋଗାଇ ଦେଇ ପାରୁନି । ସେମାନଙ୍କୁ ସଠିକ୍ ମାନର ମୌଳିକ ଶିକ୍ଷାରୁ ମଧ ବଞ୍ଚିତ ରଖାଯାଇଛି । ଶିକ୍ଷା ବ୍ୟବସ୍ଥା ଭିତରେ ଏହା ରହିଛି ଯେ ଶିକ୍ଷାର ପ୍ରଥମ ଦିନରୁ ଯାହା ସହିତ ସେମାନଙ୍କର ପରିଚିତ ହେବ । ସେହି ଶିକ୍ଷା ପ୍ରଣାଳୀ ସଂପୂର୍ଣ୍ଣ ଅଜଣା ସେମାନଙ୍କ ପାଇଁ ।ଶିକ୍ଷାବିତ୍ ମାନେ କହନ୍ତି ଯେ ଗୋଟିଏ ଉତ୍ତମ ପାଠ୍ୟକ୍ରମ ନିୟମ ଏବଂ ଶିକ୍ଷା ପ୍ରଣାଳୀ ହେଲା( ଆମେ ପିଲାର ଥିବା ଜ୍ଞାନକୁ ଆଧାର କରି ଏହାକୁ ଗଢିବା ଉଚିତ୍ )ଏବଂ ଆମେ (ଜଣାରୁ ଅଜଣା)ଆଡକୁ ଯିବା ଉଚିତ୍ କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏସବୁ ହେଉନାହିଁ । ବର୍ତ୍ତମାନ ପିଲା ସଂପୂର୍ଣ୍ଣ ଅଜଣାରୁ ତାର ଶିକ୍ଷା ଆରମ୍ଭ କରିଥାଏ । ପିଲା ସ୍କୁଲ ପ୍ରବେଶ ଦିନ ଠାରୁ ଯେଉଁ ଭାଷା ଅଭାବର ସମ୍ମୁଖିନ ହୁଏ ପରେ ଶିକ୍ଷତା ଅଭାବରେ ପରିଣତ ହୋଇ ଏହା ପ୍ରତିବର୍ଷ ବଢିରୂପ ଧାରଣ କରେ ।

ଭାରତରେ ବିଗତ ୧୫ ବର୍ଷ ରେ, ମୌଳିକ ଶିକ୍ଷାର ମାନ ବୃଦ୍ଧି କରିବାରେ ଅନେକ ପଦକ୍ଷପ ନିଆଯାଇଛି । ସେଥିରେ ନିହାତି ଶିକ୍ଷତା ସ୍ତର,ଆନନ୍ଦ ପୂର୍ଣ୍ଣ ଶିକ୍ଷଣ, ପିଲା ଆଧାରିତ କାର୍ଯ୍ୟକ୍ରମ ଆଧାରିତ ଶିକ୍ଷା ପଦ୍ଧତି,ବହୁଶ୍ରେଣୀ ଏବଂ ବହୁସ୍ତରୀୟ ଶିକ୍ଷା,ପ୍ରତିକାର ମୂଳକ ଶିକ୍ଷା ଇତ୍ୟାଦି, ଆଜିର ଗୁଞ୍ଜରଣ ହେଉଛି ଗଠନ ବାଦ-ପାଠ୍ୟକ୍ରମ ଓ ଶିକ୍ଷାଦାନ ଯାହା ପିଲାଙ୍କୁ ତା ପୂର୍ବଜ୍ଞାନ ଆଧାରରେ ଜ୍ଞାନ ଗଠନ/ ହାସଲ କରିବାରେ ସାହାର୍ଯ୍ୟ କରିଥାଏ ଏବଂ ଶିଖିବା ଅଭିଜ୍ଞତା ଶ୍ରେଣୀ ଭିତରେ ହି ଗଠିତ ହୋଇଥାଏ । ଯେଉଁ ବିଷୟରେ କେହି କହିବାକୁ ଚାହୁଁ ନାହାନ୍ତି ତାହା ହେଉଛି କି ପ୍ରକାର ଜ୍ଞାନ ପିଲା ନିଜେ ଗଠନ କରିବ ଯଦି ସ୍କୁଲର ଭାଷାକୁ ସେ ବିଲ୍‌କୁଲ୍ ବୁଝିପାରେ ନାହିଁ କିମ୍ବା ଅଳ୍ପ ବୁଝିପାରେ ।

ଏହି ସବୁ ନୂଆ ଶୈକ୍ଷିକ ଉପାୟ ଗୁଡିକ କିଛି କୌନ୍ଦ୍ରୀୟ ସ୍ତରରେ ତିଆରି ହୋଇଛି ଏବଂ ଏହାକୁ ପ୍ରକାରରେ ଲାଗୁ କରାଯାଇଥାଏ । ଗୋଟିଏ ସପୂର୍ଣ୍ଣ ଧାରଣା ଏହି ଯେ ଶିକ୍ଷା ଉପକରଣ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁଡିକ ସମଗ୍ର ରାଜ୍ୟ ପାଇଁ ସମାନ ପନ୍ଥା ଅବଲମ୍ବନ କରି ବିକାଶ କରାଯିବ ।ସେମାନେ ଜିଲ୍ଲା ,ବ୍ଲକ୍, କିମ୍ବା କିଛି ଗ୍ରାମର ପ୍ରକୃତ ସମସ୍ୟାକୁ ବୁଝି ଶ୍ରେଣୀ କକ୍ଷର ବିଭିନ୍ନ ପରିସ୍ଥିତିରେ ତାକୁ ବ୍ୟବହାର ପାଇଁ ଉତ୍ସାହିତ କରନ୍ତି ନାହିଁ । ପିଲା ଭାଷାର ବିବିଧତାକୁ ଯେତେବେଳେ ପ୍ରଥମଥର ପାଇଁ ସେ ସ୍କୁଲକୁ ଆସେ ସେତେବେଳେ ତାହା ଭାଷା ର ଯତ୍ନ ନିଆଯିବ ଯେତେବେଳେ ଏହି ଆଗ୍ରହ ଗୁଡିକୁ ନିୟମିତ

ବ୍ୟବଧାନରେ ପ୍ରୟୋଗ କରାଯିବ ।

**ପିଲାର ଶିକ୍ଷା ଉପରେ ପ୍ରଭାବ**

ଏକଭାଷୀ ଶିକ୍ଷା କାର୍ଯ୍ୟକ୍ରମର ପ୍ରଭାବକୁ ନେଇ ଆମ ଦେଶରେ ଖୁବ୍ କମ୍ ଗବେଷଣା ବା ଅଧ୍ୟୟନ ହୋଇଛି ମୁଖ୍ୟତଃ ସେହି ପିଲା ଯିଏ ଭିନ୍ନ ଭାଷାରୁ ଆସିଛି । ପିଲା ଭାଷା ପଢିବା ଓ ଗଣିତ ଶିକ୍ଷା କରେ ଗୋଟିଏ ମାନକ ମୂଲ୍ୟ ନିର୍ଦ୍ଧାରଣ ରାଜ୍ୟ ଏଜେନ୍ ସି ଏବଂ ଘଏଙ ଦ୍ଵାରା କରାଯାଇଛି । ଶିକ୍ଷାର ବିଭିନ୍ନ ଫଳାଫଳକୁ ବୁଝିବା ପାଇଁ ପିଲାର ମାତୃଭାଷାର ବ୍ୟବହାର କରନ୍ତି । ପ୍ରକୃତରେ ଏହି ସଂର୍ବେକ୍ଷଣ ଗୁଡିକ ବିଭିନ୍ନ ସାମାଜିକ ଗୋଷ୍ଠୀକୁ ନେଇ ହୋଇଥାଏ ଯଥା ଆଦିବାସୀ ଓ ହରିଜନ । କେବଳ ଗୋଟିଏ ବିଶ୍ଳେଷଣ ସମ୍ଭବ ତାହା ହେଉଛି ସମାଜର ଅନ୍ୟାନ୍ୟ ବର୍ଗଙ୍କ ସହ ଆଦିବାସୀ ପିଲାଙ୍କ ଶିକ୍ଷାର ଫଳାପଳକୁ ତୁଳନା କରି ଏହା ଭାବି ଯେ ସମସ୍ତ ଆଦିବାସୀ ପିଲା ତାଙ୍କ ମାତୃଭାଷା ହିଁ କୁହନ୍ତି ।ଏହି ବିଶ୍ଳେଷଣ ଗୋଟିଏ ମିଶ୍ରଣ ପରିସ୍ଥିତି ଦର୍ଶାଏ ,ଯେଉଁଠି ଅନ୍ୟମାନଙ୍କ ଠାରୁ ଆଦିବାସୀ ପିଲା କମ୍ ମାର୍କ ପାଇଥାଏ କିନ୍ତୁ ସଦାବେଳେ ଏହି ତଫାତ୍ ଗୁରୁତ୍ଵପୂର୍ଣ୍ଣ ନୁହେଁ । ଏହା ଏଇଥି ପାଇଁ ହୋଇଥାଏ ଯେ ଭାରତର ଆଦିବାସୀ ସମ୍ପ୍ରଦାୟ ସମଜାତୀୟ ଗୋଷ୍ଠୀ ସହିତ ସମାଜ ପ୍ରକାର ଭୌଗଳିକ ଓ ସାମାଜିକ ସ୍ଥିତିର ନୁହଁନ୍ତି ଏବଂ ପିଲାର କାମ ସମଗ୍ର ରାଜ୍ୟ ସ୍ତରରେ ସମୂହ ନମ୍ବର ପାଇଥାଏ ଫଳରେ ସ୍କୁଲର ସ୍ଵତନ୍ତ୍ର ଛବି ସେମାନେ ପାଇ ପାରି ନଥାନ୍ତି ।ସବୁଠୁ ଜରୁରୀ ହେଉଛି ସରକାରୀ ସ୍କୁଲରେ ସମସ୍ତ ପିଲାଙ୍କର ସାଧାରଣତଃ ନିମ୍ନ ମାନର ଶିକ୍ଷଣ ଦେଖାଯାଏ ।ପ୍ରାଥମିକ ସ୍ତରରେ ସ୍କୁଲ ଆଧାରିତ ପରୀକ୍ଷା କେବଳ ପିଲାର ସ୍ମରଣ ଶକ୍ତି ର ପରୀକ୍ଷା କରେ କିନ୍ତୁ ପିଲା ଉଚ୍ଚଚିନ୍ତାଧାରା ,ଭାଷା ଦକ୍ଷତା ନୁହେଁ । ତେଣୁ ଆବଶ୍ୟକ ମାର୍କ ରଖିବାର ପ୍ରାୟତଃ ପିଲା ସକ୍ଷମ ହୋଇଯାନ୍ତି ।

ସେ ଯାହା ହେଉ ଗଭୀର ଅନୁଧାନରୁ ଜଣାଯାଇଛି ଯେ ଆଦିବାସୀ ପିଲା ଏବଂ ଅନ୍ୟନ୍ୟ ପାଲାଙ୍କ ଅନେକ ସାଂଘାତିକ ଶିକ୍ଷା ସମସ୍ୟା ରହିଛି ଯେଉଁଠି ସ୍କୁଲର ଭାଷା ପିଲାର ପ୍ରଥମ ଭାଷା ଠାରୁ ଭିନ୍ନ ।୨୦୦୪ ରେ ଗୋଟିଏ ଛୋଟ ଅଧ୍ୟୟନ ୮ରୋଟି ରାଜ୍ୟକୁ ନେଇ କରାଯାଇଥବଲା ତାର ଶ୍ରେଣୀ କକ୍ଷର ଭାଷା ପରିବେଶ, ଶିକ୍ଷା ପଦ୍ଧତି, ଶିକ୍ଷା ସମସ୍ୟା ଯାହା ପିଲାମାନଙ୍କୁ ସାମ୍ନା କରିବାକୁ ପଡିଥାଏ ଏବଂ ବିଭିନ୍ନ ଭାଷା କ୍ଷେତ୍ରରେ ଆଠଟି ପ୍ରାଥମିକ ବିଦ୍ୟାଳୟର ପ୍ରାଥମିକ ଭାଷା ଦକ୍ଷତାର ମୂଲ୍ୟାଙ୍କନ କରାଯାଇଥିଲା । ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମିଳିଥିବା ଫଳାଫଳ ଗୁଡିକ ନିମ୍ନରେ ଦିଆଯାଇଛି ।

**ଶିକ୍ଷକ ମାନଙ୍କ ଦ୍ଵାରା ବ୍ୟବହୃତ ଭାଷା**

ଯେଉଁ ସ୍କୁଲରେ ପିଲାର ପ୍ରଥମ ଭାଷା ଓ ସ୍କୁଲ ଶିକ୍ଷା ମାଧମର ଭାଷା ପରସ୍ପର ଠାରୁ ଅଲଗା ସେଠି ପ୍ରଥମ ଶ୍ରେଣୀ ପିଲା ଶିକ୍ଷକ କହୁଥିବା ଭାଷା ବୁଝିପାରେ ନାହିଁ । କିଛି ଶିକ୍ଷକ ଯିଏ ପିଲାର ଭାଷା ଜାଣିଥାନ୍ତି ସେମାନେ ମଧ ଶ୍ରେଣୀ କକ୍ଷର ପାଠପଢାରେ ତାକୁ ବ୍ୟବହାର କରନ୍ତି ନାହିଁ । କାରଣ ସେମାନେ ଭାବନ୍ତି ଯେ ମାନବ ଭାଷା ବ୍ୟବହାର କରିବାର ଯେଉଁ ସରକାରୀ ନୀତି ଅଛି ଏହା ତାହାର ବିରୁଦ୍ଧରେ ଯିବ ଏବଂ ସେମାନେ ଭାବନ୍ତି ଯେ ଏହି ମାନକ ଭାଷା ବ୍ୟବହାର ଫଳରେ ପିଲା ଶୀଘ୍ର ଏହି ଭାଷାକୁ ଶିଖି ପାରିବ । ଶିକ୍ଷକ କେବଳ ଏକ ତରଫା କହିଚାଲିଥାନ୍ତି କାରଣ ଶିକ୍ଷକ କଣ କହୁଛନ୍ତି ତାହାକୁ ବୁଝିବା ଶିଖିବା ପାଇଁ ପିଲାମାନେ ଅକ୍ଷମ କାରଣ ସେମାନେ ଶିକ୍ଷକଙ୍କ ଭାଷା ବୁଝି ପାରନ୍ତି ନାହିଁ ।

ଯେଉଁ ଶ୍ରେଣୀ କକ୍ଷରେ ପିଲାର ପ୍ରଥମ ଭାଷା ମାନକ ଭାଷା ଠାରୁ ଭିନ୍ନ । କିଛି ଶିକ୍ଷକ ଏହି ପ୍ରଥମ ଭାଷାକୁ ବ୍ୟବହାର କରି ପିଲାଙ୍କ ସହ ଯୋଗାଯୋଗ କରନ୍ତି । ପାଠ ବିଷୟରେ ବୁଝାନ୍ତି ଏବଂ ପାଠବହିର ବାଖ୍ୟା କରିବାରେ ବ୍ୟବହାର କରନ୍ତି ।ଏହି ପରି ଶ୍ରେଣୀ କକ୍ଷରେ ଶିକ୍ଷକ ଓ ଛାତ୍ର ଭିତରେ ଭଲ ଯୋଗାଯୋଗ ହୁଏ । ପିଲା ଶିକ୍ଷକଙ୍କ କଥା ବୁଝିପାରନ୍ତି ତେଣୁ ଚୁପ୍ ଚାପ୍ ରହନ୍ତି ନାହିଁ ଏହି ପରିସ୍ଥିତି କିନ୍ତୁ ଆଦିବାସୀ ଅଞ୍ଚଳରେ ସାଧାରଣତଃ ନୁହେଁ କାରଣ ସେଠି ଖୁବ୍ କମ୍ ଆଦିବାସୀ ଶିକ୍ଷକ ଥାନ୍ତି ଏବଂ ସେମାନେ ଆଦିବାସୀ ଭାଷା ଶ୍ରେଣୀ କକ୍ଷରେ ବ୍ୟବହାର କରିବା ପାଇଁ ସଂକୋଚ କରନ୍ତି । ଏହି ପରିସ୍ଥିତିରେ ମାନକ ଭାଷାର ସ୍ଥାନୀୟ ଉପଭାଷାକୁ ବ୍ୟବହାର କରିବା ଖୁବ୍ ସାଧାରଣ କଥା । ଏହି ପରି ସ୍ଥାନରେ ଶିକ୍ଷକ ମାନେ ସ୍କୁଲ ପାଖାପାଖି ଅଞ୍ଚଳରେ ଏବଂ ସେମାନେ ମାନକ ଭାଷା ସହିତ ଭଲରେ ପରିଚିତ ନୁହଁ ।ତେଣୁ ସେମାନେ ସ୍ଥାନୀୟ ଭାଷାକୁ କ୍ଲାସ୍ ରୁମ୍ରେ ବ୍ୟବହାର କରିଥାନ୍ତି । ସମସ୍ତ ମିଶାମିଶି ଭାଷା ସ୍କୁଲରେ ଏହା ଦେଖାଯାଏ ଶିକ୍ଷକ ମାନେ ପାଠ୍ୟ ପୁସ୍ତକର ମାନକ ଭାଷା କିମ୍ବା ସେହି ଭାଷାର ସ୍ଥାନୀୟ ଉପଭାଷା କୁ ସ୍କୁଲ ଶିକ୍ଷାର ମାଧମ ଭାବେ ବ୍ୟବହାର କରିଥାନ୍ତି ।

ପଞ୍ଚମ ଶ୍ରେଣୀରେ ମାନକ ଭାଷାହିଁ ସବୁ ସ୍କୁଲରେ ଶିକ୍ଷାର ମାଧମ ରୂପେ ବ୍ୟବହୃତ ହୁଏ। ସାଧାରଣତଃ ଅନୁମାନ କରାଯାଇଥାଏ ଯେ ଏହି ଶ୍ରେଣୀ ବେଳକୁ ଛାତ୍ର ମାନକ ଭାଷାରେ ଯଥେଷ୍ଟ ଦକ୍ଷତା ହାସଲ କରି ନେଇଥିବ।

**ଭାଷା ଶିକ୍ଷା ପଦ୍ଧତି**

ଦେଖାଯାଏ ପ୍ରଥମ ଶ୍ରେଣୀରେ ପିଲାମାନେ କଳାପଟାରୁ କିମ୍ବା ପାଠ୍ୟପୁସ୍ତକରୁ ଅକ୍ଷର ଏବଂ ସଂଖ୍ୟାକୁ ଉତାରି ଲେଖିଥାନ୍ତି କିନ୍ତୁ ମୌଖିକ କାମ ଖୁବ୍ କମ୍ ହୋଇଥାଏ।ପିଲାମାନେ ଖୁବ୍ ନିଷ୍କ୍ରିୟ ହୋଇ ସେମାନଙ୍କ ସମୟ ଆବୃତ୍ତି ଓ କପି କରିବାରେ ଲାଗିଥାନ୍ତି। ଏହି କାର୍ଯ୍ୟକଳାପ ସେମାାନଙ୍କ ଅଜଣା ଭାଷା ଯାହା ସେମାନଙ୍କୁ ପଢାଯାଇଛି ତାହାକୁ ବୁଝିବାର ସୁଯୋଗ ଦେଇ ନଥାଏ। ବହୁସଂଖ୍ୟକ ଶ୍ରେଣୀ ଥିବା ସ୍କୁଲରେ ଶିକ୍ଷକ ପ୍ରଥମ ଶ୍ରେଣୀ ପାଇଁ ବିଶେଷ ସମୟ ଦେଇ ନଥାନ୍ତି। ଯେଉଁ ପିଲାମାନେ ଶିକ୍ଷକଙ୍କ ଠାରୁ ଏହି ଅଜଣା ଭାଷାକୁ ଶିଖିବାକୁ ଅଧିକ ସମୟ ଆବଶ୍ୟକ କରନ୍ତି ଶିକ୍ଷକଙ୍କର କିନ୍ତୁ ସେଥିପାଇଁ ବିଶେଷ ସମୟ ନ ଥାଏ।

ଏହି ଆଠଟି ସ୍କୁଲର ପ୍ରତିଟି ଶ୍ରେଣୀକୁ ଧ୍ୟାନ ଦିଆଯାଇ ଦେଖାଯାଇଛି ଯେ ପଞ୍ଚମ ଶ୍ରେଣୀର ପିଲାଙ୍କର ଦ୍ୱିତୀୟ ଭାଷା ଦକ୍ଷତା ଉପରେ ଶିକ୍ଷକଙ୍କ ଖୁବ୍ କମ୍ ଧାରଣା ଥାଏ ଏବଂ ସେମାନେ ଅନୁଭବ କରନ୍ତି ସେମାନଙ୍କ ପାଇଁ ଆଉ କୌଣସି ରାସ୍ତା ନାହିଁ, ପିଲାମାନେ କେବଳ ପାଠ୍ୟ ପୁସ୍ତକ କିମ୍ବା କଳାପଟାରୁ ଉତାରି ପ୍ରଶ୍ନର ଉତ୍ତରକୁ ମନେ ରଖିବେ। ପ୍ରତ୍ୟେକ ଶ୍ରେଣୀରେ ଏହି ସମାନ ପ୍ରକାର ଶିକ୍ଷା ପଦ୍ଧତି/ପ୍ରଣାଳୀ ଦେଖିବାକୁ ମିଳିଥାଏ। ପାଠ୍ୟ ପୁସ୍ତକକୁ ବଡ ପାଟିରେ ପଢାଯାଏ,ଛାତ୍ର ଦ୍ୱାରା କିମ୍ବା ଶିକ୍ଷକଙ୍କ ଦ୍ୱାରା ,ପରେ ସମସ୍ତ ପିଲା ଏକା ସ୍ୱରରେ ତାହାର ପୁନରାବୃତି କରନ୍ତି ।ଏହାପରେ ଶିକ୍ଷକ ପଢା ବିଷୟକୁ ବ୍ୟାଖ୍ୟା କରି ଶବ୍ଦର ଅର୍ଥ କହି ଦେଇଥାନ୍ତି। ଯାହା ବିଷୟ ବସ୍ତୁକୁ ଠିକ୍ ରେ ବୁଝିବା ପାଇଁ ଯଥେଷ୍ଟ ନୁହେଁ।ପାଠ ଶେଷରେ ଶିକ୍ଷକ କିଛି ପ୍ରଶ୍ନ ର ଉତ୍ତର କଳାପଟାରେ ଲେଖି ଦେଇଥାନ୍ତି ଏବଂ ପିଲା ତାହାକୁ କପି କରନ୍ତି। ପିଲାମାନେ ବିଶେଷ ପ୍ରଶ୍ନ ପଚାରି ନଥାନ୍ତି କିମ୍ବା ନିଜେ କିଛି କହି ନଥାନ୍ତି ।ଉତ୍ତର ମୁଖସ୍ତ କରିବା ଉପରେ ଜୋର୍ ଦିଆଯାଇଥାଏ।

**ପିଲାଙ୍କର ଭାଷା ଦକ୍ଷତା**

ସ୍କୁଲରେ ଯଦି ପିଲାର ପ୍ରଥମ ଭାଷା ସ୍କୁଲ ଶିକ୍ଷା ମାଧମ ଭାଷାଠାରୁ ଅଲଗା ହୋଇଥାଏ ତେବେ ପ୍ରଥମ ଶ୍ରେଣୀ ପିଲା ଅକ୍ଷର ଚିହ୍ନିପାରିନଥାନ୍ତି,କେବଳ ତାକୁ ଧାଡିରେ ସଜାଡି ଲେଖି ପାରନ୍ତି। ମାନକ ଭାଷାରେ ପିଲା ଗୋଟିଏ ଧାଡି ମଧ୍ଧ କହିପାରନ୍ତି ନାହିଁ। ପ୍ରଥମ ଭାଷାରେ ସେମାନେ କେବଳ ଦେଖାଇବା ବସ୍ତୁକୁ ଦେଖି ତାର ନାମ କହିପାରନ୍ତି। ଯଦିଓ ଗୋଟିଏ ପ୍ରଶ୍ନ ର ଉତ୍ତର ସେମାନେ ପ୍ରଥମ ଭାଷାରେ କହିପାରନ୍ତି ନାହିଁ ଏବଂ କେବଳ ଗୋଟିଏ କିମ୍ବା ଦୁଇଟି ଶବ୍ଦ ଉଚ୍ଚାରଣ କରି ପ୍ରଶ୍ନର ଉତ୍ତର ଦିଅନ୍ତି ।ସେ ଯାହା ହେଉ ସେମାନେ ନିଜ ପ୍ରଥମ ଭାଷାରେ କିନ୍ତୁ ଖୁବ୍ ସହଜ ଅନୁଭବ କରନ୍ତି।

କିଛି କିଛି ଅଞ୍ଚଳରେ ଆଦିବାସୀ ପିଲାମାନେ ଆଞ୍ଚଳିକ ଭାଷାର ସ୍ଥାନୀୟ ଉପଭାଷାକୁ କହିପାରନ୍ତି। ଯଦିଓ ପ୍ରଥମ ସ୍କୁଲ ପ୍ରବେଶ ସମୟରେ ସେମାନେ ଖୁବ୍ କମ୍ ଶବ୍ଦ ଶିଖିଥାନ୍ତି। ସେହିପରି ସ୍ଥାନରେ ଆଦିବାସୀ ପିଲାମାନେ ବିଶେଷ ଅସୁବିଧାର ସମ୍ମୁଖିନ ହୋଇ ନଥାନ୍ତି ଯଦିଓ ଆଦିବାସୀ ପିଲାମାନେ ଏହି ମାନକ ଉପଭାଷାକୁ ବୁଝିବାରେ ଭୋଗିଥାନ୍ତି। ପିଲାମାନେ ଯାହାର ପ୍ରଥମ ଭାଷା ସ୍କୁଲ ଶିକ୍ଷାର ମାଧମ ଭାଷା ଭାବେ ବ୍ୟବହୃତ ,ସେମାନେ ସହଜ ପ୍ରଶ୍ନର ଉତ୍ତର ଦେଇପାରନ୍ତି, ଅକ୍ଷର ଚିହ୍ନି ପାରନ୍ତି ଏବଂ ପ୍ରଥମ ଶ୍ରେଣୀରୁ ସହଜ ଶବ୍ଦକୁ ପଢି ଓ ଲେଖି ପାରନ୍ତି। ସେହି ଶ୍ରେଣୀରେ ପିଲା ଯାହା ପ୍ରଥମଭାଷା ସ୍କୁଲ ଭାଷା ଠାରୁ ଭିନ୍ନ ମୁଖ୍ୟତଃ ଆଦିବାସୀ ଭାଷା କହୁଥିବା ପିଲା।, ସେମାନେ ମୌଖିକ ପରୀକ୍ଷା ଓ ପଠନରେ ଖରାପ ପ୍ରଦର୍ଶନ କରିଥାନ୍ତି।

ଏହିପରି କିଛି ସ୍କୁଲ ଯେଉଁଠି ଉଭୟ ପ୍ରକାର ପିଲାଥାନ୍ତି,ସେଠି ପ୍ରଥମ ଶ୍ରେଣୀରୁ ସ୍ପଷ୍ଟ ଜଣାପଡେ ପିଲାମାନେ ଯିଏ ସ୍କୁଲ ଭାଷା ଠାରୁ ଭିନ୍ନ ଭାଷା କୁହନ୍ତି ଏବଂ ଆଞ୍ଚଳିକ ଭାଷା ସହ ଖୁବ୍ କମ୍ ପରିଚୟ ,ସେମାନେ ଯେତେବେଳେ ସ୍କୁଲରେ ପ୍ରବେଶ କରନ୍ତି ନିଶ୍ଚୟ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି କିନ୍ତୁ ଅନ୍ୟ ପିଲା ଯିଏ ମାନକ ଭାଷା ଠାରୁ ଭିନ୍ନ ଏକ ଭାଷା କହନ୍ତି ,ସେମାନେ ମଧ୍ଧ ସେହି ପ୍ରକାର ସମସ୍ୟା ଭୋଗିଥାନ୍ତି।

ସାଧାରଣରେ ଆଦିବାସୀ ପିଲା ଅନେକ ପରିଶ୍ରମ କରି କେବଳ ଶବ୍ଦ ପରେ ଶବ୍ଦକୁ ପଢିପାରେ ଏମିତିକି ପଞ୍ଚମ ଶ୍ରେଣୀ ବେଳକୁ ମଧ୍ୟ । ଦ୍ୱିତୀୟ ଭାଷାର ସେମାନଙ୍କର ମୌଖିକ ଜ୍ଞାନ ମଧ୍ୟ ଖୁବ୍ ଦୁର୍ବଳ ଏବଂ ସେମାନେ ନିଜ ମାତୃଭାଷା କହିବାରେ ଖୁବ୍ସହଜ ଅନୁଭବ କରିଥାନ୍ତି । ସେହି ପିଲାମାନେ ଠିକ୍ ଭାବରେ ବାକ୍ୟ ପଢି ପାରନ୍ତି ନାହିଁ ଏବଂସେମାନଙ୍କର ଶବ୍ଦ ଜ୍ଞାନ ମଧ୍ୟ ସୀମିତ । ସେମାନେ କେବଳ ଆଂଶିକ ଭାବେ ପାଠକୁ ବୁଝିପାରନ୍ତି ତେଣୁ ମାନକ ଭାବରେ ସରଳ ପ୍ରଶ୍ନର ଉତ୍ତର ଦେବାକୁ ମଧ୍ୟ ଅକ୍ଷମ ହୋଇଥାନ୍ତି । ଅଧିକାଂଶ ସ୍କୁଲରେ ଆଦିବାସୀ ଭାଷା କହୁଥିବା ପିଲା ପଠନ ପରୀକ୍ଷାରେ କିଛି ମାର୍କ ଆଣି ପାରନ୍ତି ନାହିଁ। ତେଣୁ ସମସ୍ତ ସ୍କୁଲରୁ ଜଣାଯାଇଛି ଯେ ଶିକ୍ଷକ ମାନେ ମଧ୍ୟ ଏହି ପିଲାଙ୍କ ଠାରୁ ବିଶେଷ କିଛି ଆଶାକରି ନ ଥାନ୍ତି ।

ବହୁଭାଷୀ ସ୍କୁଲରେ, ଯେଉଁଠି କିଛି ପିଲାଙ୍କ ମାତୃଭାଷା ହେଉଛି ମାନକ ଭାଷା ସେହି ମାନକ ଭାଷା,କିଛି ପିଲାମାନଙ୍କ ଭାଷା ପରି ଉପଭାଷା କହନ୍ତି ଏବଂ କିଛିପିଲା ଆଦିବାସୀ ଭାଷା କହନ୍ତି । ସେହି କ୍ଷେତ୍ରରେ ଦ୍ୱିତୀୟ ଭାଷାରେ ଆଦିବାସୀ ପିଲାର ଭାଷା କହିବା ଅନ୍ୟମାନଙ୍କ ଠାରୁ ଭଲ ହୋଇଥାଏ କିନ୍ତୁ ସେମାନଙ୍କର ପଢିବା ଓ ଲେଖିବା ପରୀକ୍ଷା ଭଲ ହୋଇନଥାଏ । ଅବଶ୍ୟ ଶ୍ରେଣୀ କକ୍ଷର ଅନ୍ୟ ପିଲାଙ୍କ ସହ ବାର୍ତ୍ତାଳାପ ଯୋଗୁଁ ଆଞ୍ଚଳିକ ଭାଷାରେ କହିବା ଦକ୍ଷତା ସେମାନେ ହାସଲ କରି ନେଇଥାନ୍ତି ।ଏହିପରି ସମ୍ମିଶ୍ରିତ ଲୋକ ଥିବା ଗ୍ରାମରେ ଆଦିବାସୀ ପିଲାମାନେ ଆଞ୍ଚଳିକ ଭାଷା ଓ ତାର ସ୍ଥାନୀୟ ଉପଭାଷା ସହ ଭଲ ଭାବେ ପରିଚିତ ହୋଇ ପାରିଥାନ୍ତି ।

ସାଧାରଣତଃ ପିଲା ଯାହାର ପ୍ରଥମ ଭାଷା ମୁଖ୍ୟ ଆଞ୍ଚଳିକ ଭାଷାର ଗୋଟିଏ ଉପଭାଷା ,ସେମାନେ ସ୍କୁଲ ଭାଷାକୁ ସହଜରେ ଶିଖିପାରିଥାନ୍ତି । ଯେଉଁଠି ସାକ୍ଷରତା ହାର ଅଧିକ ଦୁଇଟି ସ୍କୁଲ ରେ ସ୍ଥନୀୟ ଉପଭାଷାର ବହୁଳ ବ୍ୟବହାର ଯୋଗୁଁ ପଞ୍ଚମ ଶ୍ରେଣୀ ବେଳକୁ ମଧ୍ୟ ପିଲା ମାନଙ୍କ ଭାଷାରେ ଦକ୍ଷତା ହାସଲ କରି ପାରି ନଥାଏ ଏବଂ ସ୍ଥାନୀୟ ଉପଭାଷାର ଶବ୍ଦ ଓ ବ୍ୟକ୍ତବ୍ୟ କୁ ବ୍ୟବହାର କରିଥାଏ ।

ସମଗ୍ରଭାବେ ପଞ୍ଚମ ଶ୍ରେଣୀର ପିଲା ନିଜ ଭାବନାକୁ ମୁକ୍ତ ଭାବରେ ବ୍ୟକ୍ତ କରିପାରନ୍ତି ନାହିଁ ଏବଂ ସେହିପରି ନିଜ ମାତୃଭାଷାରେ ମଧ୍ୟ । ପ୍ରଥମ ଭାଷାର ପାଠ୍ୟଗତ ଓ ବୌଦ୍ଧିକ ଭାଷା ଦକ୍ଷତା ବୃଦ୍ଧି ହୋଇ ପାରେ ନାହିଁ କାରଣ ଏହି ଭାଷା ସ୍କୁଲରେ ମୋଟେ ବ୍ୟବହୃତ ହୁଏନାହିଁ ।

ସାଧାରଣତଃ ଗୋଟିଏ ସରଳ ପାଠକୁ ବୁଝିବା ଏବଂ ପାଠକୁ ବୁଝି ପ୍ରଶ୍ନ ଉତ୍ତର କରିବା ଖୁବ୍ ସନ୍ତୋଷଜନକ ହୋଇପାରିନଥାଏ ।ଅଧିକାଂଶ ପିଲା ଏହି ପ୍ରଶ୍ନର ସଠିକ୍ ଉତ୍ତର ଦେଇ ପାରି ନଥାନ୍ତି ।ପିଲାଙ୍କୁ ନିଜ ଭାଷାରେ ଓ ଶବ୍ଦ ପ୍ରୟୋଗ କରି ଉପରେ ଲେଖିବା ଶିଖା ଯାଇନଥାଏ । ତେଣୁ ସୃଜନଶୀଳ ଲେଖା କିମ୍ବା ମୁକ୍ତ ଲେଖା କ୍ଷମତା ପିଲାର ବିଲ୍‌କୁଲ ନ ଥାଏ ।

**ଶିକ୍ଷାରେ ଭାଷା ନୀତି--ଏବଂ ପ୍ରୟୋଗ**

ଭାରତୀୟ ସମ୍ବିଧାନର ଧାରା ୩୫୦ କହିଛି ଯେ ସଂଖ୍ୟାଲଘୁ ଭାଷା ଗୋଷ୍ଠୀର ସମସ୍ତ ପିଲାଙ୍କୁ ଶିକ୍ଷାର ପ୍ରାଥମିକ ସ୍ତରରେ ମାତୃଭାଷା ମାଧ୍ୟମରେ ଶିକ୍ଷା ଦାନର ସମସ୍ତ ଯୋଗାଇ ଦେବା ସମସ୍ତ ଦାୟିତ୍ୱ ସମସ୍ତ ରାଜ୍ୟ ଏବଂ ସ୍ଥାନୀୟ ଅଧିକାରୀ ମାନଙ୍କ ରହିଛି ୧୯୯୨ ର ରେ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ଏହା ହେଉଛି ପୁନରାବୃତ୍ତି ଯାହା ୧୯୮୫ ର ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ । ୨୦୦୫ ର ପିଲାଙ୍କ ଅଧିକାରରେ ମଧ୍ୟ ଦର୍ଶାଯାଇଛି ଯେ ପିଲାର ମାତୃଭାଷା ରେ ହିଁ ପ୍ରଥମିକ ଶିକ୍ଷା ସୁବିଧା ଯୋଗାଇ ଦିଆଯିବା ଉଚିତ୍ ।ଏମିତିକି ଏହା ପୂର୍ବରୁ ୧୯୪୯ ର ଶିକ୍ଷାମନ୍ତ୍ରୀ ଙ୍କ ସମ୍ମିଳନୀ ଏବଂ ୧୯୫୧ ର ମୁଖ୍ୟମନ୍ତ୍ର ଙ୍କ ସମ୍ମିଳନୀ ରେ ସ୍ଥିର କରାଯାଇଥିଲା ଯେ ଯେତେବେଳେ ଗୋଟିଏ ସ୍କୁଲରେ ୪୦ଟି ଛାତ୍ର କିମ୍ବା ଗୋଟିଏ ଶ୍ରେଣୀର ୧୦ଟି ଛାତ୍ର ସମାନ ପ୍ରକାର ମାତୃଭାଷା କହୁଥିବେ ଯାହା ଆଞ୍ଚଳିକ ବା ରାଜ୍ୟର ଭାଷା ଠାରୁ ଅଲଗା , ତେବେ ସେହି ପିଲାମାନଙ୍କୁ ତାଙ୍କ ମାତୃଭାଷାରେ ପଢାଯିବ ଅନ୍ତତଃ ଗୋଟିଏ ଶିକ୍ଷକକୁ ରଖାଯାଇ ।ସେ ଯାହା ହେଉ ଏହି ନିଷ୍ପତ୍ତିକୁ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇନାହିଁ ।

ପ୍ରାଥମିକ ସ୍ତରରେ ମାତୃଭାଷା ମାଧ୍ୟମରେ ଶିକ୍ଷା ଗୋଟିଏ ଅଧିକାର ନୁହେଁ ବରଂ ଗୋଟିଏ ଆବଶ୍ୟକ ହୋଇ ରହିଯାଇଛି । ପ୍ରାଥମିକ ସ୍ତରରେ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହୃତ ଭାଷା କିମ୍ବା ବିଷୟବସ୍ତୁକୁ ପଢାଇବା ଭାଷାର ସମସ୍ତ ନିଷ୍ପତ୍ତି

ସଂପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ଉପରେ । ଆମେ ପୂର୍ବରୁ ଜଣାଇଛୁ ଯେ ଭାରତରେ ପ୍ରାଥମିକ ସ୍ତରରେ ମାତ୍ର ୨୫ ଟି ଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଉଛି ।ଏସିଆର ଅନ୍ୟାନ୍ୟ ଦେଶଙ୍କ ତୁଳନାରେ ଏହି ଭାଷା ସଂଖ୍ୟା ସବୁଠୁ ଅଧିକ । ଭାରତରେ ପ୍ରାଥମିକ ସ୍ତରରେ ଏତେ ସଂଖ୍ୟକ ଭାଷାକୁ କାହିଁକି ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଉଛି ତାହାର ଅନେକ କାରର ରହିଛି ।ପାରଂପରିକ ଭାବେ ଇଂରେଜ ମାନେ ଭାରତକୁ ଆସିବାର ବହୁ ପୂର୍ବରୁ ,ସର୍ବନିମ୍ନ ଶିକ୍ଷା ସହ ଆଞ୍ଚଳିକ ଭାଷା ଯୋଡା ଯାଇଥିଲା ଯାହା ସ୍ଥାନୀୟ ଶିକ୍ଷା ସଂସ୍ଥାନ ଯଥା ପାଠଶାଳା ଏବଂ ମାକତବସ୍ ଗୁଡିକରେ ହେଉଥିଲା । ବିଭିନ୍ନ ସମୟରେ ସଂସ୍କୃତ, ପ୍ରାକୃତ ଏବଂ ଆରବିକ୍ ଭାଷାକୁ ଉଚ୍ଚଶିକ୍ଷାରେ ବ୍ୟବହାର କରାଯାଉଥିଲା ।ଭାରତୀୟ ସମ୍ବିଧାନ ପ୍ରତ୍ୟକ ରାଜ୍ୟକୁ ସେମାନଙ୍କ ସରକାରୀ ଭାଷା ବାଛିବାରେ ଅଧିକାର ଦେଇଛି ।୧୯୫୦ ରେ ହିଁ ଭାଷା ମାଧମରେ ରାଜ୍ୟ ଗୁଡିକୁ ପୁନଃଗଠନ କରାଗଲା ଏବଂ ୧୯୫୦ ରେ ଭାଷା ପରିଚୟ ଓ ଆଞ୍ଚଳିକ ଭାଷା ଗୁଡିକର ବିକାଶ ଓ ସଶକ୍ତ କରିବା ପାଇଁ ସୁଯୋଗ ଦିଆଗଲା । ଭରତୀୟ ସୌଜନ୍ୟତାର ସଂଘୀୟ ପ୍ରକୃତି ନିଶ୍ଚିନ୍ତ କରେ ଯେ ପ୍ରାଥମିକ ଶିକ୍ଷାର ସମସ୍ତ ଦାୟିତ୍ୱ ରାଜ୍ୟ ଉପରେ ଏବଂ ଶିକ୍ଷା ମାଧମ ରୂପେ ବ୍ୟବହୃତ ଭାଷା ଚୟନ କରିବାର ନିସ୍ପତ୍ତି ରାଜ୍ୟର ହିଁ ରହିଛି ।

ନିଜ ରଜ୍ୟର ସରକାରୀ ଭାଷା ସହିତ ଅନେକ ରାଜ୍ୟର ଅନ୍ୟାନ୍ୟ ଭାଷା ମାଧମର ସ୍କୁଲ ମଧ ରହିଛି । ୨୮ ଟି ରାଜ୍ୟ ମଧରୁ ୨୩ ଟି ରାଜ୍ୟରେ ତିନୋଟି ରୁ ଅଧିକ ଶିକ୍ଷାର ମାଧମ ରହିଛି ।ଏବଂ ସେଥିରୁ ୧୨ଟି ରାଜ୍ୟରେ ୫ଟିରୁ ଅଧିକ ଶିକ୍ଷାର ମାଧମ ରହିଛି । ସେ ଯାହା ହେଉ, ଅନ୍ତଃ ରାଜ୍ୟ ସୀମାରେ କିମ୍ବା ଦେଶାନ୍ତର ହେଉଥିବା ପରିବାରରେ ପିଲାଙ୍କ ପାଇଁ ସ୍କୁଲରେ ମାତୃଭାଷା ପ୍ରଚଳନର ଯଥେଷ୍ଟ ସୁବିଧା ନାହିଁ ଏହି ପିଲାଙ୍କ ଶିକ୍ଷା ପାଇଁ ଯେତେ ସଂଖ୍ୟକ ପ୍ରାଥମିକ ସ୍କୁଲ ସେମାନଙ୍କ ଭାଷାକୁ ମାଧମ ରୂପେ ବ୍ୟବହାର କରି ଶିକ୍ଷା ପ୍ରଦାନରେ ସୁବିଧା ଯୋଗାଉଛି । ସେମାନଙ୍କ ସଂଖ୍ୟା ଖୁବ୍ କମ୍ । ଯଦି କୌଣସି ଉଚ୍ଚ ପ୍ରାଥମିକ ଏବଂ ମାଧମିକ ସ୍କୁଲ ଏହି ସ୍ତରରେ ଶିକ୍ଷା ବ୍ୟବସ୍ଥା କରେ ତେବେ ସେହି ସ୍କୁଲ ଗୁଡିକୁ ଅବହେଳା କରାଯାଏ ଏବଂ ପିଲାଙ୍କ ଭାଷାକୁ ପଢାଇବା ପାଇଁ ଯଥେଷ୍ଟ ଶିକ୍ଷକ ମଧ ନ ଥାନ୍ତି ।ଏବଂ ପାଠ୍ୟ ପୁସ୍ତକ ଗୁଡିକ ସଠିକ୍ ସମୟରେ ଯୋଗାଇ ଦିଆଯାଏ ନାହିଁ । ଏହି ଭାଷା ଗୁଡିକ ସଂପୂର୍ଣ୍ଣ ବିକଶିତ ଏବଂ ଏହି ଭାଷା ଗୁଡିକ ଅନ୍ୟ ରାଜ୍ୟରେ ଶିକ୍ଷାର ମାଧମ ରୂପେ ବ୍ୟବହୃତ ହୋଇ ଆସୁଛି । ଅନ୍ୟ ସମସ୍ୟା ହେଉଛି ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରୟାସ ,ପାଠ୍ୟକ୍ରମର ମାନ ବୃଦ୍ଧି, ପାଠ୍ୟପୁସ୍ତକର ପୁନଃଗଠନ ଶିକ୍ଷକ ପ୍ରଶିକ୍ଷଣ ଏବଂ ଶିକ୍ଷକ ମାନଙ୍କୁ ବୌଦ୍ଧିକ ସହାୟତା ଇତ୍ୟାଦି କରାଯାଇଛି କିନ୍ତୁ ଏହି ସବୁ ଭାଷା ଗୁଡିକ ପାଇଁ (ଯାହା ରାଜ୍ୟ ବା ଆଞ୍ଚଳିକ ଭାଷା ନୁହେଁ ) କିନ୍ତୁ ପ୍ରୟାସ କରାଯାଉ ନାହିଁ । ରଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଯେଉଁ ସବୁ ପ୍ରୟାସ କରାଯାଉଛି ତାହାର ଦ୍ୱାରା ଏହି ସ୍କୁଲ ଗୁଡିକ ଉପକୃତ ହୋଇ ପାରି ନ ଥାନ୍ତି । ପାଠ୍ୟକ୍ରମ ର ପୁନଃ ମୂଲ୍ୟାୟନ ଏବଂ ଶିକ୍ଷକ ପ୍ରଶିକ୍ଷଣ ପାଇଁ ରଜ୍ୟ ସ୍ତରୀୟ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଏହି ଭାଷାର କୌଣସି କର୍ମଚାରୀ ନ ଥାନ୍ତି । ଗୋଟିଏ ଭାଷା ଯାହା ରୀତିମତ ବିଭିନ୍ନ ରାଜ୍ୟରେ ଅବହେଳିତ ହୋଇ ଆସୁଛି ତାହା ହେଉଛି ଉର୍ଦ୍ଦୁ । ଦେଶର ବିଭିନ୍ନ ସ୍ଥାନରେ ଉର୍ଦ୍ଦୁ ମାଧମ ସ୍କୁଲର ଖବ୍ ଅଭାବ ଅଛି । ଅନେକ ଗୁଡିଏ ସ୍କୁଲ ବନ୍ଦ ହେବାକୁ ବସିଲାଣି କାରଣ ଅନେକ ଦିନ ଧରି ଉର୍ଦ୍ଦୁ ଶିକ୍ଷକ ମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଉର୍ଦ୍ଦୁ ଶିକ୍ଷକ ମାନଙ୍କ ପ୍ରଶିକ୍ଷଣ ଏବଂ ସେହି ଭାଷାର ପାଠ୍ୟକ୍ରମକୁ ପୁନ ଗଠନ କରା ନ ଯିବା ଯୋଗୁଁ ବିଭିନ୍ନ ରାଜ୍ୟର ଉର୍ଦ୍ଦୁ ମାଧମ ସ୍କୁଲ ଗୁଡିକ ଅବହେଳିତ ହୋଇ ପଡିଛି ।

ସମଗ୍ର ଭାବେ ଆମେ ଆମ ଆଞ୍ଚଳିକ ଭାଷାକୁ ପ୍ରସାର ଓ ବିକାଶ ପାଇଁ ଚେଷ୍ଟା କରି ତାହାକୁ ଶିକ୍ଷାରେ ବ୍ୟବହାର କରିଛୁ । ଯଦିଓ ଅନ୍ୟ ଭାଷାକୁ ବ୍ୟବହାର କରିବା ଖୁବ୍ କମ୍ ।କେବଳ ଛଅଟି ଅଣସୂଚିତ ଭାଷାକୁ ଶିକ୍ଷାର ମାଧମ ରୂପେ ବ୍ୟବହାର କରାଯାଉଛି ଏବଂ ତାହା କେବଳ ଭାରତର ଉତ୍ତର ପୂର୍ବ ରାଜ୍ୟ ଗୁଡିକରେ । ବିଭିନ୍ନ ଆଞ୍ଚଳିକ ପରିଚୟର ଦାବି ,ରାଷ୍ଟ୍ରୀୟ ସ୍ତରରେ ଯୋଗାଯୋଗ ଭାଷା ରୂପେ ହିନ୍ଦୀ ଏବଂ ପ୍ରଗତି ଓ ଶକ୍ତିଶାଳୀ ଭାଷା ରୂପେ ଇଂରାଜୀ ଇତ୍ୟାଦିକୁ ନେଇ ତ୍ରୀଭାଷା ସୂତ୍ର ୧୯୫୮ ରେ ପ୍ରଚଳନ କରାଯାଇଥିଲା ।ଏହାକୁ ୧୯୫୮ ରେ ଶିକ୍ଷା ନୀତି ରୂପେ ବିକଶିତ କରାଗଲା ।

(କ) ପଢାଯାଇଥିବା ଭାଷା ପ୍ରଥମ ଭାଷା ନିହାତି ଭାବେ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷା ହୋଇଥିବ ।

(ଖ)ଦ୍ୱିତୀୟ ଭାଷା:ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଅନ୍ୟ କୌଣସି ଭାରତୀୟ ଭାଷା କିମ୍ବା ଇଂରାଜୀ ଏବଂ ଅଣହିନ୍ଦୀ ରାଜ୍ୟ ଗୁଡିକରେ ଦ୍ୱିତୀୟ ଭାଷା ଇଂରାଜୀ କିମ୍ବା ହିନ୍ଦୀ ହେବ ।

(ଗ)ହିନ୍ଦୀ ଭାଷା ଭାଷି ଅଞ୍ଚଳରେ ତୃତୀୟ ଭାଷା ଇଂରାଜୀ ଆଧୁନିକ ଭାଷା ଯାହା ଦ୍ୱିତୀୟ ଭାଷା ରୂପେ ଯାଉନାହିଁ ।

ଏହି ତ୍ରୀଭାଷୀ ସୂତ୍ର ନିଶ୍ଚିନ୍ତ କରଇ ଯେ ଭାରତର ପ୍ରତ୍ୟକ ଛାତ୍ର ମାଧମିକ ଶିକ୍ଷା ବେଳକୁ ସ୍କୁଲରେ ଅନ୍ତତଃ ତିନୋଟି ଭାଷା ଶିଖିଯାଇଥିବେ । ଯଦିଓ ଏହି ତ୍ରୀଭାଷୀ ସୂତ୍ର କଦାପି ଜାତୀୟ ନୀତି ନୁହେଁ କେବଳ ଗୋଟିଏ ସୁଜନ୍ତିତ ଯୋଜନା ଯାହା

ସଠିକ୍ ଭାବେ ଅଧିକାଂଶ ରାଜ୍ୟରେ ପ୍ରଚଳନ କରାଯାଇ ନାହିଁ ।ହିନ୍ଦୀ ଭାଷା ଭାଷୀ ଅଞ୍ଚଳରେ ତୃତୀୟ ଭାଷା ରୂପେ କୌଣସି ଆଧୁନିକ ଭାରତୀୟ ଭାଷା ପରିବର୍ତ୍ତେ ସଂସ୍କୃତ ପଢାଯାଉଛି ଏବଂ ଦକ୍ଷିଣ ଭାରତର ଦକ୍ଷିଣ ରାଜ୍ୟ ଗୁଡିକରେ ହିନ୍ଦୀ ପଢାଯାଉନାହିଁ ଏବଂ କେବଳ ଆଞ୍ଚଳିକ ଭାଷା ସହ ସସ୍କୃତ ପଢାହେଉଛି । ବେସରକାରୀ ସ୍କୁଲ ଗୁଡିକ କୌଣସି ନିୟମ ମାନୁ ନାହାନ୍ତି ଏବଂ ଅଧିକାଂଶ ସ୍କୁଲରେ ଇଂରାଜୀ ପ୍ରଥମ ଭାଷା ରୂପେ ପଢାଯାଉଛି । ସାଧାରଣତଃ ଶିକ୍ଷାର ମାଧମ ଆଞ୍ଚଳିକ ଭାଷା ହୋଇଥାଏ କିନ୍ତୁ ପିଲାର ମାତୃଭାଷା ନୁହେଁ । ଅଧିକାଂଶ ପିଲାଙ୍କ ପାଇଁପ୍ରାଥମିକ ସ୍ତରରେ ଆଞ୍ଚଳିକ ଭାଷା ଦ୍ୱିତୀୟ ଭାଷା ଏବଂ ତ୍ରିଭାଷୀ ସୂତ୍ର ଅନୁସାରେ ପିଲା ନିଜ ମାତୃଭାଷା ମାଧମରେ ପ୍ରାଥମିକ ଶିକ୍ଷା ଗ୍ରହଣ ଆବଶ୍ୟକ ନୁହେଁ ତେଣୁ କରି ,ଏହି ଯୋଜନା ପ୍ରକୃତରେ ମାତୃଭାଠା ଆଧାରରେ ବହୁଭାଷୀ ଶିକ୍ଷା ଯୋଜନା କୁ ସହାୟ କରିପାରୁ ନାହିଁ ।

୨୦୦୫ ର ଜାତୀୟ ପାଠ୍ୟକ୍ରମ ଖସଡା ଯାହା ଦ୍ୱାରା ପ୍ରସ୍ତୁତ ହୋଇଥିଲା ସେଥିରେ ପ୍ରାଥମିକ ସ୍ତରରେ ମାତୃଭାଷାର ପ୍ରଚଳନ କୁ ଦୃଢ ସମର୍ଥ କରାଯାଉଛି ଧିରେ ଧିରେ ଅନ୍ୟାନ୍ୟ ଭାଷା କୁ ସେଥିରେ ସାମିଲ କରିବା । ବହୁଭାଷୀତାର ମହତ୍ୱକୁ ଖୋଜି ବାହାର କରିଛି ଏବଂ ପିଲାଙ୍କ ଭାଷା ହିଁ ଶ୍ରେଣୀ କକ୍ଷର ସାଧନ ଭାବେ ବ୍ୟବହାର ସପକ୍ଷରେ ଦୁଭାଗ୍ୟବଶତଃ ଜାତୀୟ ପାଠ୍ୟକ୍ରମ ଖସଡା ଗୋଟିଏ ନୀତି ନୁହେଁ ।ଏହା ପ୍ରତିଟି ରାଜ୍ୟକୁ ବାନ୍ଧିରଖିଛି ଏବଂ ଏହା କରିବା ପାଇଁ ଉପଦେଶ ଦିଆଯାଇଛି ।ବହଚଭାଷୀତାକୁ ପ୍ରୟୋଗ କରିବାର ଉଦ୍ୟମ ରେ ବିଫଳ ହୋଇଛି ।

**ଇଂରାଜୀ ସମସ୍ୟା**

ସରକାରୀ ଶିକ୍ଷା ବ୍ୟବସ୍ଥା ଭିତରେ ପ୍ରକୃତରେ ଶିକ୍ଷାର ଭାଷା ପାଇଁ କୌଣସି ଜାତୀୟ ନୀତି ତିଆରି ହୋଇ ନାହିଁ । ବେସରକାରୀ ସ୍କୁଲ ଅବସ୍ଥା ଭିତରେ ଯେ କୌଣସି ଭାଷାକୁ ପ୍ରାଥମିକ ସ୍ତରରେ ବ୍ୟବହାର କରିବାର ସ୍ୱାଧିନତା ଦିଆଯାଇଛି । ଭାରତର ସହର ଗୁଡିକରେ ପ୍ରାଥମିକ ସ୍କୁଲ ଗୁଡିକ ଇଂରାଜୀ ଭାଷା ମାଧମ ସ୍କୁଲରେ ପରିଣତ କରିବାର ତରଙ୍ଗ ବହି ଚାଲିଛି ।ଏହି ସ୍କୁଲ ଗୁଡିକରେ ଅଧିକାଂଶ ଶିକ୍ଷକଙ୍କ ଉଚିତ୍ ଯୋଗ୍ୟତା କିମ୍ବା ତାଲିମ୍ ନାହିଁ କିନ୍ତୁ ସେଗୁଡିକ ତିଷ୍ଟିବାର ପ୍ରଧାନ କାରଣ ହେଉଛି ଇଂରାଜୀ ମାଧମ। ଇଂରାଜୀ ଭାଷାକୁ ଭାଷାର ଶକ୍ତି ଓ ଭାଷାର ଉତ୍ତମ ଚାକିରୀ ପାଇବାର ରାସ୍ତା ଭାବରେ ଭାବିନିଆଯାଇଛି । ଏମିତିକି ସହରର ଗରିବ ପିରିବାରର ପିଲାମାନଙ୍କୁ ମଧ ଏହି ଇଂରାଜୀ ମାଧମ ସ୍କୁଲରେ ପଢିବା ପାଇଁ ଉତ୍ସାହିତ କରାଯାଉଛି । ଏଠାରେ ସ୍କୁଲର ପ୍ରଥମ ଦିନରୁ ପିଲା ଇଂରାଜୀ ଭାଷା ମାଧମରେ ପାଠ ପଢେ । ସେମାନଙ୍କ ପିତାମାତା ଇଂରାଜୀ କହନ୍ତି ନାହିଁ ଏବଂ ଆଖ ପାଖରେ ଇଂରାଜୀ କହିବା ପରିବେଶ ମଧ ନଥାଏ । ଇଂରାଜୀକୁ ବିଷୟ ଭାବେ ପଢାଇବା ପାଇଁ ଶିକ୍ଷକର ଦକ୍ଷତା ମଧ ନଥାଏ । ଏହି ସବୁ କାରଣ ଯୋଗୁଁ ନିମ୍ନ ମାନ ପାଠପଢା ହୋଇଥାଏ ଏବଂ ଏହା ପିଲା ଉପରେ ବୋଝ ଭଳି ହୋଇଯାଇଥାଏ ।ଏହି ସବୁ ସ୍କୁଲ ଗୁଡିକ ଛତୁ ଫୁଟିବା ପରି ଚାରିଆଡେ ଖୋଲି ଚାଲିଛି, ଏମିତିକି ଗାଁ ଗୁଡିକରେ ମଧ ଖୁବ୍ କମ୍ ସଂଖ୍ୟକ ଉଚଧାରତାର ଅଧିକ ଫିସ୍ ଥିବା ଇଂରାଜା ମାଧମ ସ୍କୁଲ ରହିଛି ।

ସରକାରୀ ସ୍କୁଲ ଗୁଡିକରେ ଶିକ୍ଷାର ମାନ ଖୁବ୍ ନିମ୍ନ ଧରଣର ଏବଂ ଲୋକଙ୍କ ଆବଶ୍ୟକତା ଅନୁସାରେ ଇଂରାଜୀ ମାଧମରେ ଶିକ୍ଷା ଦେବା ପାଇଁ ଚେଷ୍ଟା କରାଯାଉଛି । ପ୍ରାୟତଃ ସମସ୍ତ ରାଜ୍ୟର ସ୍କୁଲରେ ଇଂରାଜୀକୁ ପ୍ରଥମ ଏବଂ ତୃତୀୟ ଶ୍ରେଣୀରୁ ବିଷୟ ରୂପେ ରଖାଯାଇଛି । କୌଣସି ପ୍ରାଥମିକ ସ୍କୁଲରେ ଇଂରାଜୀ ପଢାଇବା ପାଇଁ ଉପଯୁକ୍ତ ଶିକ୍ଷକ ନ ଥିବା ସତ୍ୱେ ମଧ ଏହି ବ୍ୟବସ୍ଥା ରଖାଯାଇଛି । ଦେଶର ବିଭିନ୍ନ ସ୍ଥାନରେ ପିଲାଙ୍କ ପାଇଁ ଇଂରାଜି କୁ ଚତୁର୍ଥ ଭାଷା ରୂପେ ରଖାଯାଇଛି ଏବଂ ସ୍କୁଲ ବାହାରେ ଏହି ଭାଷା ସହ କୌଣସି ଯୋଗାଯୋଗ ନାହିଁ। ଦଶବର୍ଷ ପୂର୍ବରୁ ଇଂରାଜୀକୁ ଉଚ୍ଚପ୍ରାଥମିକ ସ୍କୁଲରେ ଗୋଟିଏ ବିଷୟ ରୂପେ ପଢାଯାଉଥିଲା ଯାହା ପଞ୍ଚମ ଓ ଷଷ୍ଠ ଶ୍ରେଣୀରୁ ଆରମ୍ଭ ହେଉଥିଲା ।ଏହାର ସପକ୍ଷରେ ଯୁକ୍ତି ଦର୍ଶାଇ କୁହାଯାଇଥିଲା ଯେ ଖୁବ୍ ଶିଘ୍ର ଇଂରାଜୀକୁ ସ୍କୁଲରେ ପ୍ରଚଳନ ଫଳରେ ପିଲା ଭଲ ଇଂରାଜୀ ଶିଖି ପାରିବେ । ଅନ୍ୟ ଏକ ଯୁକ୍ତି ହେଲା ସରକାରୀ ସ୍କୁଲ ଗୁଡିକ ପିତାମାତାଙ୍କ ଚାହିଦାକୁ ପୂରା କରିବା ଉଚିତ୍ ଏବଂ ବେସରକାରୀ ସ୍କୁଲ ଗୁଡିକ ସହିତ ପ୍ରତିଯୋଗିତା କରି ପାରିବ। ପ୍ରଥମ ଶ୍ରେଣୀରୁ ଇଂରାଜୀ ଭାଷାର ପ୍ରଚଳନ ବିରୁଦ୍ଧରେ କିଛି ଶିକ୍ଷାବିତ୍ ମାନେ ବିଭିନ୍ନ ମତ ଦେଇଥିଲେ ଏବଂ କେନ୍ଦ୍ର ସରକାର ଏହାକୁ ରାଜ୍ୟ ସରକାରଙ୍କ ନିଜସ୍ୱ ମତ ବୋଲି ଛାଡି ଦେଇ ଏଥିରେ ହସ୍ତକ୍ଷେପ କରିପାରି ନ ଥିଲେ । ଭାଇସହାୟ ଲର୍ଡ କରଜନ୍ଙ୍କ ସମୟରେ ,୧୦୦ ବର୍ଷ ତଳେ ସମାନ ପ୍ରକାର ସରକାରୀ ମତାମତ ମିଳିଥିଲା ଯେ ଯାହା ଆବଶ୍ୟକ ତାହାକୁ ସରକାର ତାହାକୁ ପ୍ରୟୋଗ ଓ ନୀତି ଭିତରେ ଆଜି ରହିଛି । ସାଧାରଣ ନିୟମ ଅନୁସାରେ ଈରାଜୀକୁ ଭାଷା ରୂପେ ପଢିବା ପାଇଁ ଅନୁମତି ଦେବା ଉଚିତ୍ ନୁହେଁ ,ଯେତେବେଳ ପର୍ଯ୍ୟନ୍ତ ସେମାନେ ପ୍ରଥମିକ ସ୍ତରରେ ମାଧମ ରେ ଉନ୍ନତି କରିବେ ନାହିଁ ଏବଂ ନିଜ ମାତୃଭାଷାରେ ନିଜ ସ୍ଥିତିକୁ ଦୃଢ ନ କରିଛି ।ଏହା ମଧ ସମାନ ରୂପେ ଜରୁରୀ ଯେତେବେଳେ ଇଂରାଜୀ ପଢା ଆରମ୍ଭ ହୁଏ, ତାହାକୁ ହାଲୁକା ଭାବରେ ନେଇ ତାହାକୁ ଅନ୍ୟାନ୍ୟ ବିଷୟ ପଢାରେ ମାଧମ ରୂପେ ବ୍ୟବହାର କରିବା ଉଚିତ୍ ନୁହେଁ ।

**<u>ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ଶିକ୍ଷାରେ ଭାଷାଗତ ଉଦ୍ୟମ;</u>**

ଅଜଣା ଭାଷାକୁ ମାଧ୍ୟମ କରି ପଢିଥିବା ପିଲାମାନେ ସାମନା କରୁଥିବା ସମସ୍ୟାକୁ ନେଇ ଜାତୀୟ ଏବଂ ରାଜ୍ୟ ସ୍ତରରେ ଏହାର ସମାଧାନ କିଛି ଉଦ୍ୟମ କରାଯାଉଛି ।ଏସବୁ ମୁଖ୍ୟତଃ ସେହି ସ୍କୁଲ ଗୁଡିକୁ ନେଇ ଯେଉଁଠି ଏକଭାଷା ପରିସ୍ଥିତି ରହିଛି, ମୁଖ୍ୟତଃ ଆଦିବାସୀ ଅଧୁଷିତ ଅଞ୍ଚଳ , ଏବଂ ସେମାନେ ପଢୁଥିବା ଭାଷା ଅର୍ଥାତ୍ ଆଞ୍ଚଳିକ ଭାଷା ସେମାନଙ୍କ ପାଇଁ ସଂପୂର୍ଣ୍ଣ ଅଜଣା ଓ ଅପରିଚିତ ।

(କ) ବିଭିନ୍ନ ରାଜ୍ୟର ଘଉରଜଞ୍ଚ ଭାରତୀୟ ଭାଷା ସଂସ୍ଥାନ ଏବଂ ଆଦିବାସୀ ଗବେଷଣା ଅନୁଷ୍ଠାନ ଅନେକ ସଂଖ୍ୟାରେ ଆଦିବାସୀ ଭାଷାର ପ୍ରଥମ ପାଠ ପ୍ରାଥମିକ ସ୍ତର ପାଇଁ ତିଆରି କରିଛନ୍ତି । ଏହି ଗୁଡିକ ଦ୍ୱିଭାଷାରେ ତିଆରି ହୋଇଛି । ଯଦିଓ ପ୍ରଥମ ସ୍ତରର ସଂପୂର୍ଣ୍ଣ ରୂପେ ଆଦିବାସୀ ଭାଷାରେ ତିଆରି ଏବଂ ତା ପର ଆଦିବାସୀ ଭାଷାକୁ ଧିରେ ଧିରେ କମାଇ ଦିଆଯାଇଛି, ଏବଂ ଚତୁର୍ଥ ସ୍ତରର ଟି ସଂପୂର୍ଣ୍ଣ ରାଜ୍ୟ ଭାଷାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଏହି ପାଞ୍ଚଟି ରେ ଦୁଇ ଭାଷାର ମାତ୍ରା ଯଥାକ୍ରମେ ୯୦:୧୦,୭୦:୩୦,୫୦:୫୦,୨୦:୮୦ ଏବଂ ୦:୧୦୦ କ୍ରମରେ ରହିଥାଏ । ଯଦିଓ ଏହି ପଦକ୍ଷେପ ଗୁଡିକ ଅପରିପକ୍ୱ ଏବଂ ସାମାଜିକ ମଙ୍ଗଳ ଦୃଷ୍ଟି ନେଇ ଏହି ଗରିବ ଆଦିବାସୀ ପିଲାଙ୍କ ପାଇଁ କିଛି କରାଯାଉଛି କିନ୍ତୁ ଭାଷା କିମ୍ବା ସଂସ୍କୃତିର ବିକାଶ ଦୃଷ୍ଟି କୁ ନେଇ ନୁହେଁ । ଯଦିଓ ଏହି ବହି ଗୁଡିକ ରାଜ୍ୟ ଭାଷା ପୁସ୍ତକର ଅନୁବାଦମାତ୍ର ସେଗୁଡିକ ସ୍ଥାନୀୟ ଭାଷା କିମ୍ବା ଜ୍ଞାନକୁ ଆଧାର କରି ଲେଖାଯାଇନାହିଁ । ସେଗୁଡିକ ସଦାବେଳେ ଭାଷା ବିଷୟ ପାଇଁ ତିଆରି ହୋଇଥାଏ । ଯେଉଁଥିରେ ଅନ୍ୟାନ୍ୟ ବିଷୟର ପାଠ୍ୟକ୍ରମ ବୋଧଶକ୍ତି ହିନ ସମସ୍ୟାକୁ ଦର୍ଶାଯାଇ ନ ଥାଏ ଏହି ପାଠ୍ୟପୁସ୍ତକ ପ୍ରକାଶନର ପନ୍ଥା ପାଠକ ମଧ୍ୟରେ ସୀମିତ ।ଏଥିରେ ଶିକ୍ଷକ ପ୍ରଶିକ୍ଷଣ ,ନିୟମିତ ପାଠ୍ୟକ୍ରମର ଅନୁଧ୍ୟାନ ଏବଂ ମୂଲ୍ୟାୟନକୁ ସାମିଲ କରାଯାଇନ ଥାଏ। ଅନେକ ସ୍କୁଲ ଯେଉଁଠି ଏହି ପୁସ୍ତକ ଗୁଡିକ ପାଠ୍ୟକ୍ରମରେ ସାମିଲ ହୋଇଥାଏ ସେଠି ୧୦୦% ପ୍ରତିଶତ ଆଦିବାସୀ ପିଲାନଥାନ୍ତି ଯେଉଁମାନଙ୍କର ପ୍ରଥମ ଭାଷା ସମାନ । ଅଧିକାଂଶ ଏହି ସବୁ ସ୍କୁଲରେ ଦ୍ୱିଭାଷୀ ଶିକ୍ଷକ ନ ଥାନ୍ତି । ଦ୍ୱିତୀୟ ଭାଷା ଶିକ୍ଷାର ତାତ୍ୱିକ କାର୍ଯ୍ୟ ପ୍ରଣାଳୀ ଖୁବ୍ କମ୍ ପରିବେଶ ଅଛି । ଶିକ୍ଷକ ମଧ୍ୟ ବୁଝି ପାରେ ନାହିଁ କିପରି ପୁସ୍ତକ ଗୁଡିକ ଦୁଇ ଭାଷାରେ ବ୍ୟବହାର କରି ଛାତ୍ରକୁ ଦ୍ୱିତୀୟ ଭାଷା ଆଡକୁ ନିଆଯାଇପାରିବ । ଏହି ଛୋଟ ଛୋଟ ପ୍ରୟୋଗ ଗୁଡିକ ରାଜ୍ୟ ସରକାରଙ୍କ ପ୍ରୟୋଗ ନୀତିର ସାହାଯ୍ୟ ବା ସମର୍ଥନ ପାଏ ନାହିଁ ତେଣୁ ଧିରେ ଧିରେ ବନ୍ଦ ହୋଇଯାଏ। ଶେଷରେ ସେଗୁଡିକ ଅସଫଳ ଘୋଷିତ କରାଯାଏ ।ଏହା ଯୋଗୁ ପୁନ ଅଧିକ ବିସ୍ତୃତ ଦ୍ୱିଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଆରମ୍ଭ କରିବା ପଥରେ ପ୍ରତିବନ୍ଧ ହୋଇ ଠିଆ ହୋଇଥାଏ ।

(ଖ) ଋଋଇ କାର୍ଯ୍ୟକ୍ରମ ପାଇଁ କିଛି ରାଜ୍ୟର ସାମୁହିକ ପ୍ରୟାସ : ଅନେକ ରାଜ୍ୟ ଦୁଇ ପ୍ରକାର ପାଠ୍ୟ ଉପକରର ତିଆରି କରିଥାନ୍ତି ।(୧) କିଛି ଆଦିବାସୀ ଭାଷାର ଦ୍ୱିଭାଷୀ ଶବ୍ଦର ତାଲିକା କରାଇଥାନ୍ତି ଯାହା ଶିକ୍ଷକ କୁ ପିଲା ପ୍ରଥମିକ ସ୍ତରରେ କଣ କଲେ ତାହା ବୁଝିବା ପାଇଁ ସାହାଯ୍ୟ କରିଥାଏଏବଂ ସେଥି ମଧ୍ୟରୁ ପାଠ୍ୟପୁସ୍ତକ ପଢାଇଲା ବେଳେ ବିଷୟକୁ ବୁଝାଇବା ପାଇଁ କିଛି ଶବ୍ଦର ବ୍ୟବହାର କରିଥାନ୍ତି ଏବଂ (୨)ପିଲାର ଜଣାଶୁଣା ଶବ୍ଦକୁ ନେଇ କିଛି ଶିକ୍ଷା-ଶିକ୍ଷତା ଉପକରଣ ତିଆରି ହୋଇଥାଏ ଯାହା ପ୍ରଥମ ଶ୍ରେଣୀର ପ୍ରଥମ କିଛି ମାସରେ ବ୍ୟବହାର କରାଯାଏ । ଯେମିତିକି ଶବ୍ଦକାର୍ଡ, ଅକ୍ଷର କାର୍ଡ ଏବଂ ଚାର୍ଟ । ଏହି କିଛି ଶିକ୍ଷା ଉପକରଣ ଛ ମାସରେ ଆଞ୍ଚଳିକ ଆଦିବାସୀ ଭାଷାରୁ ରାଜ୍ୟ ଭାଷାକୁ ସ୍ଥାନାନ୍ତର ହେବାରେ ସାହାଯ୍ୟ କରିଥାଏ ।

(ଗ) ଆମୋଦଦାୟକ ପାଠପଢା ପାଇଁ ଟଘଓଉଋଋ ଅଧିନରେ ଉଦ୍ୟମ କରାଯାଇ କିଛି ରାଜ୍ୟ ଦ୍ୱାରା ପିଲାମାନଙ୍କ ମାତୃଭାଷା ରେ ପ୍ରଥମ ଶ୍ରେଣୀରେ ବ୍ୟବହାର ପାଇଁ ମିତ୍ରାକ୍ଷର କବିତା ,ପ୍ରହେଳିକା,ଲୋକଗୀତ ଆଦି ପ୍ରସ୍ତୁତ କରାଯାଇଛି ଯାହାକୁ ସ୍କୁଲରେ ପ୍ରଥମ ୩୦-୫୦ ଦିନରେ ବ୍ୟବହାର କରାଯାଏ ଯଦିଓ ତାହା ଅବାନ୍ତର ମନେ ହୁଏ ,ଯାହା ନିୟମିତ ଶିକ୍ଷା ଶିକ୍ଷତା ପ୍ରକ୍ରୀୟା ଠାରୁ ଭିନ୍ନ ଏବଂ ଏହାର ଉଦେଶ୍ୟ ହେଉଛି ପିଲାକୁ ସ୍କୁଲର ପ୍ରଥମ କିଛି ଦିନରେ ସହଜ କରିବା ପାଇଁ

(ଘ) ଭାଷା ବିଷୟ ଭାବେ ପିଲାର ଘର ଭାଷାକୁ ଦ୍ୱିତୀୟ କିମ୍ବା ତୃତୀୟ ଶ୍ରେଣୀ ପରଠାରୁ ପ୍ରଚଳନ କରିବା ଯାହା ସାଧାରଣତଃ ଉତ୍ତର ପୂର୍ବ ରାଜ୍ୟ ଗୁଡିକରେ ହୋଇଥାଏ କିଛି ଭାଷା ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏବଂ ସେମାନଙ୍କ ସାମାଜିକ ସାଂସ୍କୃତିକ ସଂଗଠନ ଯାହା କିଛି ରାଜନୈତିକ ସ୍ୱତନ୍ତ୍ରତା ଦାବି କରେ ଏହି ଉଦ୍ୟମ ଗୁଡିକ ପ୍ରଥମ ଶ୍ରେଣୀ କିମ୍ବା ଦ୍ୱିତୀୟ ଶ୍ରେଣୀରେ ରାଜ୍ୟ ଭାଷା ମାଧ୍ୟମରେ ପଢୁଥିବା ପିଲା କି ସମସ୍ୟାର ସମ୍ମୁଖିନ ହୁଏ ତାହାକୁ ବୁଝି ନଥାଏ ଏବଂ ସେହି ରୂପେ ତାହା ଶିକ୍ଷାର ମାଧ୍ୟମ ରୂପେ ପ୍ରଚଳିତ ହୋଇ ଚାଲିଥାଏ ।

(ଙ)ଆଦିବାସୀ ଭାଷାରେ ଶିକ୍ଷକର ତାଲିମ୍ : ଯଦିଓ ଦୁଇଟି ରାଜ୍ୟ ହିଁ ଅଣ ଆଦିବାସୀ ଶିକ୍ଷକଙ୍କୁ ଆଦିବାସୀ ଭାଷାରେ ତାଲିମ ଦେବାର ବ୍ୟବସ୍ଥା କରିଛି । ଯଦିଓ ଏହି ନୀତି ବିଶେଷ ଫଳପ୍ରଦହୋଇନାହିଁ ସଂପୂର୍ଣ୍ଣ ଭିନ୍ନ ଗୋଟିଏ ଭାଷାକୁ ଶିଖିବା ଶିକ୍ଷକ ପାଇଁ

ମଧ ସହଜ ନୁହେଁ ।ଅଧିକ ଜରୁରୀ ହେଉଛି ଏଥିପାଇଁ ଖୁବ୍ କମ୍ ପ୍ରସ୍ତାହନ ମିଳିଥାଏ । ସଦାବେଳେ ଅଣ ଆଦିବାସୀ ଶିକ୍ଷକ ଙ୍କର ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତି ଉଦାସିନ ଭାବ ରହିଥାଏ । ଏହି କ୍ଷେତ୍ରରେ ଓଡିଶାର ଶିକ୍ଷକ ମାନଙ୍କ ପାଇଁ ମନଭାବିକ ତାଲିମ୍ ଦିଆଯାଇଥାଏ ଯାହା ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତି ସେମାନଙ୍କ ମନରେ ସାକାରାତ୍ମକ ଭାବ ଉତ୍ପନ୍ନ କରିଥାଏ ।ଯାହା ଆଦିବାସୀ ପିଲାଙ୍କ ସହ ଉତ୍ତମ ଯୋଗାଯୋଗ ,ପାଠପଢା ଏବଂ ଅନୁକରଣର ଉନ୍ନତି ରେ ସାହାଯ୍ୟ କରିଥାଏ ।

ବିଭିନ୍ନ ସୀମାବଦ୍ଧତି ଯୋଗୁଁ ଏହି ସବୁ ଉଦ୍ୟମ ସମସ୍ୟାରେ ପଡିଥାଏ । ଏହି ଗୁଡିକ ସଂପୂର୍ଣ୍ଣ ଉତ୍ସାହ ସହିତ କରାନଯିବା ଯୋଗୁଁ ପିଲାମାନେ କିପରି ଉତ୍ତମ ରୂପେ ଦ୍ଵିତୀୟ ଭାଷା ଶିଖି ପାରିବେ ତାହାକୁ ନେଇ ଦୃଢ ଭିତ୍ତିପ୍ରସ୍ଥ ତିଆରି ହୋପାରେ ନାହିଁ ।ଏଗୁଡିକ ମଧ୍ୟରୁ କିଛି ଉପର ଠାଉରିଆ ପ୍ରକୃତିର, ଉଦାହରଣ ଶିକ୍ଷକଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ଦ୍ଵିଭାଷୀ ଶବ୍ଦ ବା ଅକ୍ଷର ତାଲିକା ଯାହା ପିଲାର ପ୍ରଥମ ଶ୍ରେଣୀର ପ୍ରଥମ କିଛି ମାସ ପାଇଁ ହୋଇଥାଏ । ଏହି ସବୁ ଉଦ୍ୟମ ଗୋଟିଏ ଉଦେଶ୍ୟ ହେଉଛି ପିଲାକୁ ତାର ଘର ବ୍ୟବହୃତ ଭାଷାରେ ଶିକ୍ଷିତ କରିବା ଏବଂ ଖୁବ୍ ଶିଘ୍ର ତାକୁ ସ୍କୁଲ ଭାଷାକୁ ସ୍ଥାନାନ୍ତରିତ କରି ଆଣିବା ।ଏଗୁଡିକ କିନ୍ତୁ ସାମୟିକ ଦ୍ଵିଭାଷୀ କାର୍ଯ୍ୟକ୍ରମର ଶୀଘ୍ର ପ୍ରତ୍ୟାବର୍ତ୍ତନ ହୋଇଥାଏ ।ଏଗୁଡିକ ମଧରୁ ଅଧିକାଂଶ ଉଦ୍ୟମ ରାଜ୍ୟର ନୀତିରେ ଆଧାରିତ ନୁହେଁ ତେଣୁ ଥରେ ଏଥିରେ ଯୋଡା ମୁଖ୍ୟ ଲୋକ ମାନେ ଏହି କାର୍ଯ୍ୟକ୍ରମକୁ ଓହରିଗଲେ ଏହା ଆପେ ଆପେ ବନ୍ଦ ହୋଇଯାଏ ।

କିଛି ବେସରକାରୀ ଅନୁଷ୍ଠାନ ଛୋଟ ଛୋଟ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଶିକ୍ଷା ଅନୁଷ୍ଠାନ ଏବଂ ଭିନ୍ନ ସ୍କୁଲ ରେ ପ୍ରଚଳନ କରିଛନ୍ତି ଯାହା ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରୁ ବାହାରେ ।ଏକଲବ୍ୟ ନାମକ ଗୋଟିଏ ବେସରକାରୀ ଅନୁଷ୍ଠାନ ପ୍ରଶୀକ୍ଷା ନାମକ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ କରି ,ଉତ୍ତମ ମାନର ଶିକ୍ଷା -ଶିକ୍ଷତା ଉପକରଣ ପ୍ରସ୍ତୁତ କରିଛନ୍ତି ଯାହା ସରକାରୀ ସ୍କୁଲର ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ଉଦ୍ଧିଷ୍ଟ ।

ବର୍ତ୍ତମାନ ଓଡିଶା ଓ ଆନ୍ଧ୍ର ପ୍ରଦେଶ ରେ ଆଠଟି ଏବଂ ଦଶଟି ଆଦିବାସୀ ଭାଷାକୁ ନେଇ ମାତୃଭାଷା ଶିକ୍ଷା କାର୍ଯ୍ୟକ୍ରମର ପ୍ରଚଳନ କରାଯାଇଛି । ଏହି ଦୁଇ ପ୍ରୟୋଗ ବୈଶିଷ୍ୟ ହେଲା (୧)ପଞ୍ଚମ ଶ୍ରେଣୀ ପଯ୍ୟନ୍ତ ମାତୃଭାଷାକୁ ଶିକ୍ଷା କ୍ଷେତ୍ରରେ ପ୍ରଚଳନ ଯଦିଓ ଚତୁର୍ଥ ଶ୍ରେଣୀ ପରେ ଅନ୍ୟାନ୍ୟ ବିଷୟ ପଢାଇବା ପାଇଁ ମାତୃଭାଷାକୁ ମାଧମ ରୂପେ ପ୍ରଚଳନ କରାଯିବ ନାହିଁ । (୨)ସମଗ୍ର ପ୍ରକ୍ରୀୟା ମାଧମରେ ସ୍ଥାନୀୟ ଗୋଷ୍ଠୀ ଙ୍କୁ ଉତ୍ସାହିତ କରାଯିବା ।(୩) ପାଠ୍ୟକ୍ରମରେ ପିଲାର ସଂସ୍କୃତି, ସ୍ଥାନୀୟ ଜ୍ଞାନ ଇତ୍ୟାଦିକୁ ଆଧାର କରି ପାଠ୍ୟ ଉପକରଣ ତିଆରି ହୋଇଛି ତେଣୁ ଏହା ପ୍ରକୃତ ଅର୍ଥରେ ଏହା ପିଲା- କୈନ୍ଦ୍ରିକ ।()ଏଗୁଡିକ ବିସ୍ତୃତ କୌଶଳରେ ତିଆରି ଯେଉଁଥିରେ ପାଠ୍ୟକ୍ରମର ବିକାଶ ,ଶିକ୍ଷକର ଉନ୍ନତି ,ଅତିରିକ୍ତ ପରିପୂରକ ପାଠ ଉପକରଣ ଇତ୍ୟାଦି ସାମିଲ ଅଛି । (୪) ଏହା ରାଜ୍ୟ ଦ୍ଵାରା ପରିଚାଳିତ ତେଣୁ ଏହା ଚାଲୁରହିବାର ସମ୍ଭାବନା ଅଛି ଏହି ଦୁଇ ବହୁଭାଷୀ ଶିକ୍ଷାଅନେକ ଆଶାକୁ ଧାରଣ କରିଛି ଏବଂ କିଛି ଜଟିଳ ସମସ୍ୟା ରହିଛି ଯାହାକୁ ଆଲୋଚନା କରାଯିବା କଥା ।ଏହି କାର୍ଯ୍ୟକ୍ରମ ଗୋଟିଏ ଅଂଶ ରୂପେ ଗବେଷଣା ଓ ମୂଲ୍ୟାୟନ କୁ ବିକାଶ କରିବା ଆବଶ୍ୟକ ।ରାଜ୍ୟ ଭାଷାକୁ ଏହାର ପରିସର ଭୁକ୍ତ କରିବା ତେଣୁ ସହଜସାଧ । ଏହି କାର୍ଯ୍ୟକ୍ରମର କାଯ୍ୟ ବିସ୍ତାର କରିବା ପାଇଁ ଗୋଷ୍ଠୀ ବା ଭାଷା ସମାଜର ଉଦ୍ୟମ ଓ ସଂଶ୍ଳିଷ୍ଟ ହେବା ନିହାତି ଆବଶ୍ୟକ ।ନିୟମିତ ସ୍କୁଲ ଗୁଡିକ ଯାଞ୍ଚ କରିବା ଆବଶ୍ୟକ ।ସରକାରଙ୍କ ସହାୟତା ରେ ଏହି କାର୍ଯ୍ୟକ୍ରମ ଚାଲୁଥିବା ଯୋଗୁଁ ଏହାର ବଞ୍ଚି ରହିବା ପାଇଁ ସରକାରଙ୍କର ହସ୍ତକ୍ଷେପ ଆବଶ୍ୟକ ନାହିଁ । ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ଵାରା ବିକାଶ ଓ ଅଭିବୃଦ୍ଧି ମୂଳକ ଗବେଷଣା କାଯ୍ୟ କରାଯିବା ଉଚିତ୍ କିନ୍ତୁ ଅସ୍ଥାୟୀ ପ୍ରକଳ୍ପ କାର୍ଯ୍ୟ ଦ୍ଵାରା ନୁହେଁ ।